# ଶିଷ୍ୟତା ସୁସମାଚାର ପ୍ରଚାରର ପୂର୍ଣ୍ଣ ପାଠ୍ୟକ୍ରମ

**(The Complete Discipleship Evangelism Course)**

**Combined 48 lessons - in 3 Levels**

## ପ୍ରଥମ ସ୍ତର
## (Level -1)
## 16 Lessons

ଲେଖକ: ଆନ୍ଦ୍ରିଉ ଓ୍ୱମାକ୍ ଓ ଡନ୍ କ୍ରୋ

**(By Andrew Wommack  and Don W. Krow)**

The Complete Discipleship Evangelism
48-Lesson Course © 2012
Level 1 (16 Lessons)

Copyright © 2012, Andrew Wommack
Permission is granted to duplicate or reproduce for discipleship purposes on the condition that it is distributed free of charge.

Andrew Wommack Ministries Inc.
P.O. Box 3333, Colorado Springs, CO 80934-3333
www.awmi.net

Andrew Wommack Ministries India
info@awmindia.net    www.awmindia.net

Item Code: OD417-1/3

Published and sold by Charis Initiatives Pvt. Ltd.

# ଶିଷ୍ୟତା ସୁସମାଚାର ପ୍ରଚାରର ପୂର୍ଣ୍ଣ ପାଠ୍ୟକ୍ରମ

## ପ୍ରଥମ ସ୍ତର

## Contents


| | | | |
|---|---|---|---|
| ୧. | ଅନନ୍ତ ଜୀବନ | ୫ | (5) |
| ୨. | ଅନୁଗ୍ରହ ଦ୍ୱାରା ପରିତ୍ରାଣ | ୧୧ | (11) |
| ୩. | ଅନୁଗ୍ରହ ଦ୍ୱାରା ଧାର୍ମିକତା | ୧୯ | (19) |
| ୪. | ଈଶ୍ୱରଙ୍କ ସହ ସଂପର୍କ | ୨୫ | (25) |
| ୫. | ପରମେଶ୍ୱରଙ୍କ ସ୍ୱଭାବ | ୩୩ | (33) |
| ୬. | ଅନୁତାପ | ୪୧ | (41) |
| ୭. | ପ୍ରତିଶ୍ରୁତିବଦ୍ଧ | ୫୧ | (51) |
| ୮. | ଜଳ ଦ୍ୱାରା ବାପ୍ତିସ୍ମ | ୫୮ | (58) |
| ୯. | ଖ୍ରୀଷ୍ଟଙ୍କ ଠାରେ ଆମ ପରିଚୟ – ଭାଗ – ୧ | ୬୪ | (64) |
| ୧୦. | ଖ୍ରୀଷ୍ଟଙ୍କ ଠାରେ ଆମ ପରିଚୟ – ଭାଗ -୨ | ୭୨ | (72) |
| ୧୧. | କ'ଣ ହୁଏ ଯେତେବେଳେ ଜଣେ ଖ୍ରୀଷ୍ଟିୟାନ ବ୍ୟକ୍ତି ପାପ କରେ ? | ୭୯ | (79) |
| ୧୨. | ପ୍ରଭୁଙ୍କ ବାକ୍ୟର ଅଖଣ୍ଡତା | ୮୭ | (87) |
| ୧୩. | ପରମେଶ୍ୱର ଦୋଷୀ ନୁହନ୍ତି | ୯୫ | (95) |
| ୧୪. | ଆତ୍ମାରେ ପରିପୂର୍ଣ୍ଣ ମଧ୍ୟ ଜୀବନର ଶକ୍ତି | ୧୦୨ | (102) |
| ୧୫. | ପବିତ୍ର ଆତ୍ମାଙ୍କୁ କିପରି ପ୍ରାପ୍ତ କରିବା ? | ୧୧୦ | (110) |
| ୧୬. | ପରଭାଷାରେ କଥା ହେବାର ଉପକାରିତା | ୧୧୮ | (118) |

## ଅଧ୍ୟାୟ - ୧

# ଅନନ୍ତ ଜୀବନ

### *ଲେଖକ - ଆନ୍ଡ୍ରିଉ ୱମାକ୍*

ପ୍ରଭୁଙ୍କ ବାକ୍ୟରୁ ଆମ୍ଭମାନଙ୍କର ଅତି ସୁପରିଚିତ ଶାସ୍ତ୍ରାଂଶ ହେଲା, ଯୋହନ ୩:୧୬ । ଆଉ ସେହି ଶାସ୍ତ୍ରାଂଶକୁ ଆମ୍ଭେ ସମସ୍ତେ ପ୍ରାୟ ଆମ୍ଭର ଅତି ବାଲ୍ୟକାଳରୁ ଜାଣିଅଛୁ । ତଥାପି ମୋତେ ଲାଗେ ସେହି ଶାସ୍ତ୍ରାଂଶଟି ଆମେ ଭୁଲ ବୁଝିଛୁ ଓ ଭୁଲ ଭାବେ ପ୍ରୟୋଗ କରିଛୁ । ଯୋହନ ୩:୧୬ କୁହେ "କାରଣ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରକୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।"

ଆଜି ପର୍ଯ୍ୟନ୍ତ ପାରମ୍ପରିକ ଭାବେ, ଏହି ଶାସ୍ତ୍ରାଂଶଟି ଏହିପରି ଶିକ୍ଷା ଦେବାରେ ବ୍ୟବହୃତ ହୋଇଅଛି ଯେ- ଯୀଶୁ ଆସିଲେ ଏବଂ ଆମ ପାପ ପାଇଁ ମୃତ୍ୟୁବରଣ କଲେ, ଯେପରି ଆମ୍ଭେ ବିନଷ୍ଟ ନ ହେଉ । ହଁ , ଏହି ଶାସ୍ତ୍ରାଂଶଟି ସତ୍ୟ ହିଁ କହୁଅଛି; ଯାହାକି ଯୀଶୁଙ୍କର ଏ ଜଗତକୁ ଆଗମନର ବାସ୍ତବ ଉଦ୍ଦେଶ୍ୟ ଓ ଆମ୍ଭମାନଙ୍କ ପାଇଁ ମୃତ୍ୟୁଭୋଗ କରିବା ଏବଂ ଯାହା ଦ୍ୱାରା କି ଆମ୍ଭେ ଅନନ୍ତ ଜୀବନ ପ୍ରାପ୍ତ କରବା । କିନ୍ତୁ କ୍ଷଣକ୍ରମେ ଏହିପରି ହେଲା, ଆମ୍ଭର ପାପ ସବୁ ଆମ୍ଭମାନଙ୍କ ମଧ୍ୟରେ ଓ ଅନନ୍ତ ଜୀବନ ପ୍ରାପ୍ତି ମଧ୍ୟରେ ପ୍ରତିବନ୍ଧକ ସ୍ୱରୁପ ହେଲା ।

ଏହା ସତ୍ୟ ଅଟେ ଯେ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ପାଇଁ ମୃତ୍ୟୁବରଣ କଲେ ଏବଂ ଏହା ମଧ୍ୟ ସତ୍ୟ ଅଟେ ଯେ ଆମ୍ଭେମାନେ ଯଦି ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରୁ , ତେବେ ଆମ୍ଭେ ବିନଷ୍ଟ ହେବା ନାହିଁ କିନ୍ତୁ ଏହି ଶାସ୍ତ୍ରାଂଶ ଓ ଏହି ସୁସମାଚାର ଠାରୁ ମଧ୍ୟ ଆହୁରି କିଛି ଅଧିକ ରହିଛି । ସୁସମାଚାରର ପ୍ରକୃତ ବାର୍ତ୍ତା ହେଲା - ପ୍ରଭୁ ଆପଣଙ୍କୁ ଅନନ୍ତ ଜୀବନ ଦେବାକୁ ଚାହାନ୍ତି । ବର୍ତ୍ତମାନ ମୁଁ ତାହା ବର୍ଣ୍ଣନା କରି ଆପଣମାନଙ୍କୁ କହିବାକୁ ଯାଉଛି ।

ଯୀଶୁ ଖ୍ରୀଷ୍ଟ କ୍ରୁଶାର୍ପିତ ହେବା ପୂର୍ବ ରାତ୍ରିରେ ପ୍ରାର୍ଥନାରେ ରତ ଥିଲେ ଏବଂ ସେ କହିଲେ, "ଆଉ ଏକ ମାତ୍ର ସତ୍ୟ ଈଶ୍ୱର ଯେ ତୁମ୍ଭେ, ତୁମ୍ଭକୁ ଓ ତୁମ୍ଭର ପ୍ରେରିତ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଜୀବନ ଅଟେ ।" ଯୋହନ ୧୭:୩ - ଏହି ଶାସ୍ତ୍ରାଂଶ ଏହିପରି ଆମ୍ଭମାନଙ୍କୁ କୁହେ, ଅନନ୍ତ ଜୀବନ ହେଲା ସଦାପ୍ରଭୁ ପିତା ପରମେଶ୍ୱରଙ୍କୁ ଜାଣିବା, ଯେ କି ଏକ ମାତ୍ର ସତ୍ୟ ଅଟନ୍ତି ଏବଂ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଯାହାଙ୍କୁ ସେ (ପିତା ପରମେଶ୍ୱର) ଆମ୍ଭମାନଙ୍କ ନିମନ୍ତେ ପ୍ରେରଣ କଲେ । ଆଉ ତାହାହିଁ ହେଉଛି "ଅନନ୍ତ ଜୀବନ" । ଅନେକ ଲୋକଙ୍କ

ଚିନ୍ତାଧାରା ଅନନ୍ତ ଜୀବନର ମାନେ ହେଉଛି ସବୁଦିନ ପାଇଁ ବଞ୍ଚିରହିବା । ହଁ.... ସମସ୍ତ ଲୋକ ସବୁଦିନ ପାଇଁ ବଞ୍ଚନ୍ତି । ଏହା ଗୋଟିଏ ଭ୍ରାନ୍ତ ଧାରଣା ଯେ, ଜଣେ ମନୁଷ୍ୟ ଯେତେବେଳେ ମୃତ୍ୟୁବରଣ କରେ ସେମାନେ ଏହି ଜଗତରେ ହିଁ ରୁହନ୍ତି । ଆଉ ସେମାନଙ୍କ ପ୍ରାଣ ଓ ଅତ୍ମା ପ୍ରଭୁଙ୍କ ପାଖକୁ ଯାଏ । ଶରୀର କବରରେ କ୍ଷୟ ହୋଇ ପଚିଯାଏ । ଆଉ ବାସ୍ତବିକ - ଯେ କୌଣସି ବ୍ୟକ୍ତି , ଯେ କେହି ଏ ମର୍ତ୍ତ୍ୟରେ ରହିଛି, ସେ ଅତ୍ମାର ରୂପ/ଆକାରରେ ରୁହେ । ତେଣୁ ସେ ଅନନ୍ତ ଜୀବନରେ ରହିବା ବା ସେହିପରି ସବୁଦିନ ପାଇଁ ବଞ୍ଚିବା ତାହା ସଂପୁର୍ଣ୍ଣ ସତ୍ୟ ନୁହେଁ – ସମସ୍ତେ ସବୁଦିନ ପାଇଁ ବଞ୍ଚନ୍ତି । ଏହି ଶାସ୍ତ୍ରାଂଶଟି ଅତି ପ୍ରାଞ୍ଜଳ ଭାବେ ଆମକୁ କୁହେ, ଯେ ପ୍ରଭୁଙ୍କ ସହ ଅନନ୍ତ ଜୀବନ ପ୍ରାପ୍ତି, ଏହିପରି ଏତେ ସହଜରେ ଓ ସକ୍ରିୟ ଭାବେ ସମସ୍ତଙ୍କୁ ଦିଆଯାଇନାହିଁ ।

ତା' ବ୍ୟତିତ କିଛି ଲୋକ କହନ୍ତି, "ଅନନ୍ତ ଜୀବନର ମାନେ ହେଲା ଚିରକାଳ ପାଇଁ (ବା) ସବୁଦିନ ପାଇଁ ସ୍ୱର୍ଗରେ ରହିବା (ବନାମ) ସବୁଦିନ ପାଇଁ ନରକରେ ରହିବା" କିନ୍ତୁ ଅନନ୍ତ ଜୀବନ ତାହା ଆଦୌ ନୁହେଁ । ଯୋହନ୧୭:୩ ରେ ଯୀଶୁ ଖ୍ରୀଷ୍ଟ ଯାହା କହିଲେ, ତାହା ହେଉଛି ଅନନ୍ତ ଜୀବନ । ଆଉ ସେ କହିଲେ, ପିତା ଇଶ୍ୱରଙ୍କୁ ଓ ତାଙ୍କ ପ୍ରେରିତ ଖ୍ରୀଷ୍ଟ ଯୀଶୁଙ୍କୁ ଜାଣିବା ହେଉଛି ଅନନ୍ତ ଜୀବନ । ଆଉ ଏହି ବିଷୟ ଜଣେ ବୁଦ୍ଧିଜୀବୀର ଜ୍ଞାତବ୍ୟ/ଜ୍ଞାନଠାରୁ ଅଧିକ ଅଟେ । ଏହି "ଜାଣିବା" ଶବ୍ଦଟି ଧର୍ମଶାସ୍ତ୍ର ବାଇବଲ୍‌ରେ ବହୁତ ଥର ଲେଖା ଯାଇଛି । ଆଉ ତାହା ଏଇଥି ପାଇଁ ଯେ, ସେହି ଘନିଷ୍ଠ, ବ୍ୟକ୍ତିଗତ ସଂପର୍କ ଆପଣ କିପରି ଆହୁରି ପାଇପାରିବେ ।

ପରିତ୍ରାଣର ପ୍ରକୃତ ଲକ୍ଷ୍ୟ ସ୍ୱର୍ଗରେ ସବୁଦିନ ପାଇଁ ରହିବା ନୁହେଁ । ମାତ୍ର ତା' ଠାରୁ ଆହୁରି ଅଧିକ ଅଟେ । ଆଉ ପ୍ରଭୁ ପରମେଶ୍ୱରଙ୍କ ସହ ଏକ ଘନିଷ୍ଠ ଓ ଅନ୍ତରଙ୍ଗ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରିବା ହେଲା ପରିତ୍ରାଣର ପ୍ରକୃତ ଲକ୍ଷ୍ୟ ଓ ଉଦେଶ୍ୟ । ଅଂସଖ୍ୟ ଲୋକ ଅଛନ୍ତି ,ଯେଉଁମାନେ ନିଜର ପାପ କ୍ଷମା ପାଇଁ ପ୍ରଭୁଙ୍କ ନିକଟରେ କ୍ରନ୍ଦନ କରନ୍ତି କିନ୍ତୁ ନିଜ ଜୀବନରେ ପ୍ରଭୁଙ୍କ ସହ ଏକ ଘନିଷ୍ଠ ସଂପର୍କ ରଖିବାର ଲକ୍ଷ୍ୟ(କି)ଇଛା ରଖିନାହାନ୍ତି ।

ଆମ୍ଭେମାନ ପରିତ୍ରାଣର ପ୍ରକୃତ ଲକ୍ଷ ଓ ଉଦେଶ୍ୟକୁ ଲୋକମାନଙ୍କୁ ନ କହି, ନ ବୁଝେଇ, ବର୍ଣ୍ଣନା ନ କରି, ଆମେ ସୁସମାଚାରର ଅନିଷ୍ଟ କରୁଅଛୁ । ଯେତେବେଳେ ଆମେ ଲୋକମାନଙ୍କୁ ପରିତ୍ରାଣ ବିଷୟ ଉପସ୍ଥାପନା କରୁ ଓ କଲାବେଳେ ଆମେ ସେମାନଙ୍କୁ କହୁ - ପରିତ୍ରାଣ ଏକ ବିଷୟ ଯାହା ଆପଣଙ୍କ ଆଧାତ୍ମିକତା ସହ ସଂଯୁକ୍ତ (ବା) ତାର ଏକ ଅଂଶ, ଯାହାକି ଆପଣଙ୍କୁ ଭବିଷ୍ୟତରେ ଆପଣଙ୍କର ଅନନ୍ତ ଜୀବନ ପ୍ରାପ୍ତିରେ ସାହାଯ୍ୟରେ ଆସିବ । ତେବେ ଆମେ ଲୋକମାନଙ୍କୁ ଏହା କହି ସାହାଯ୍ୟ କରୁନାହୁଁ । କାରଣ "ପରିତ୍ରାଣ"ତାହା ନୁହେଁ ।ଏହିପରି ମଧ କିଛି ଲୋକମାନେ ଅଛନ୍ତି,ଯେଉଁମାନେ ବର୍ତ୍ତମାନ ପୃଥବୀରେ ଆକ୍ଷରିକ ଭାବେ ନରକରେ ରହୁଛନ୍ତି । ଅନେକ ବିଷାଦ ଗ୍ରସ୍ତ ଅଛନ୍ତି, ଅନେକ ଦାରିଦ୍ର୍ୟତା ମଧରେ ଜୀବନ ଯାପନ କରୁଛନ୍ତି , ଅନେକ ସଘର୍ଷ କରୁଛନ୍ତି, ଅଗ୍ରାହ୍ୟତାରେ ଆଘାତ ପ୍ରାପ୍ତ ହୋଇ ଏବଂ ବଫଳ ବୈବାହିକ ଜୀବନ ମଧ୍ୟରେ ରହୁଛନ୍ତି । ନିଜର ଦୈନନ୍ଦିନ ଜୀବନରେ ଏହି ଲୋକମାନେ କେବଳ କେଉଁଭଳି ଭାବେ ଆମେ ଟିକିଏ ବଞ୍ଚିପାରିବୁ , ତାହା ପାଇଁ ଚେଷ୍ଟା କରୁଛନ୍ତି । ସେମାନେ ସେମାନଙ୍କମସ୍ତକ ପାଣୀଠାରୁ ଉପରକୁ ରଖିବାକୁ ଚାହୁଁଛନ୍ତି । ଅନେକ ଲୋକ ପରିତ୍ରାଣ କେବଳ ତାହାଙ୍କର ଭବିଷ୍ୟତରେ ସାହାଯ୍ୟରେ ଆସିବ ଭାବି, ନିଜର ଚିନ୍ତା ଓ ନିଷ୍ପତିକୁ ପଛରେ ପକାଇ ରଖନ୍ତି ଓ ଧାନ ଦିଅନ୍ତି ନାହିଁ । କେବଳ ଧାନ ଦିଅନ୍ତି ନିଜ ବର୍ତ୍ତମାନ ଜୀବନ ପାଇଁ ଏବଂ ବ୍ୟସ୍ତ ରୁହନ୍ତି କିଭଳି ସେମାନେ ଆଜିର ଦିନଟି ବଞ୍ଚିପାରିବେ ।

ପ୍ରକୃତ ସତ୍ୟ ହେଲା - ଯୀଶୁଖ୍ରୀଷ୍ଟ କେବଳ ଆମ୍ଭମାନଙ୍କ ଚିରନ୍ତନ ଥିବା ଭାଗ୍ୟ ବଦଳେଇବାକୁ ଆସି ନ ଥିଲେ, ଯାହାଦ୍ୱାରା ଆମ୍ଭେମାନେ ନରକ ଶାସ୍ତିରୁ ଓ ଅଭିଶାପରୁ ବଞ୍ଚି, ସବୁଦିନ ପାଇଁ ସ୍ୱର୍ଗରେ ଆର୍ଶିବାଦ ସହ ରହିବା । କିନ୍ତୁ ଯୀଶୁ ଆସିଥିଲେ, ଆମ୍ଭମାନଙ୍କୁ ବର୍ତ୍ତମାନ ଜଗତରୁ ଉଦ୍ଧାର କରିବା ପାଇଁ (ଗାଲାତୀୟ ୧:୪) । ଯୀଶୁ ଖ୍ରୀଷ୍ଟ ଆସିଲେ ଆପଣଙ୍କୁ ପିତା ଈଶ୍ୱରଙ୍କ ସହ ଏକ ଘନିଷ୍ଠ ଓ ବ୍ୟକ୍ତି ଗତ ସମ୍ପର୍କ ଦେବା ନିମନ୍ତେ ।

ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ପିତା ଈଶ୍ୱରଙ୍କ ସହ ଏକ ଅତ୍ୟନ୍ତ ଅନ୍ତରଙ୍ଗ ଘନିଷ୍ଠ ଓ ବ୍ୟକ୍ତିଗତ ସମ୍ପର୍କକୁ ନେଇଯିବାକୁ ଆସିଲେ । ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାକୁ ଚାହାଁନ୍ତି । ସେ ଆପଣଙ୍କୁ ଏକ ଉତ୍କର୍ଷ ସ୍ତରର ଜୀବନ ଦେବାକୁ ଚାହାଁନ୍ତି , ଯାହାକି ଅନ୍ୟ ସମସ୍ତ ବିଷୟ ଠାରୁ ଅତ୍ୟନ୍ତ ମହାନ ଓ ବଡ଼ଅଟେ ଏବଂ ଯାହାକୁକି ଆପଣ ଆଉ ଅନ୍ୟ କେଉଁ ମାଧମରୁ ପ୍ରାପ୍ତ କରିବା ମଧ ଅସମ୍ଭବ ଅଟେ ।

ଯୀଶୁଖ୍ରୀଷ୍ଟ ଏହିପରି ଭାବେ ଯୋହନ ୧୦:୧୦ ରେ କୁହନ୍ତି : "ଚୋର (ଏଠାରେ ସେ ଶୟତାନ ବିଷୟ କହୁଅଛନ୍ତି) କେବଳ ଚୋରି, ବଧ ଓ ବିନାଶ କରିବା ନିମନ୍ତେ ଆସେ:- ମୁଁ ଆସିଛି, ସେମାନେ ଯେପ ରି ଜୀବନ ପାଆନ୍ତି ଓ ପ୍ରଚୁର ଭାବେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଛି ।" ପ୍ରଭୁ ଆପଣଙ୍କୁ ଅନନ୍ତ ଜୀବନ ଦେ ବାକୁ ଚାହାଁନ୍ତି । ପ୍ରଭୁ ଆପଣଙ୍କୁ ପ୍ରଚୁର ଭାବେ ଦେବାକୁ ଚାହାଁନ୍ତି ଏବଂ ମୁଁ ବିଶ୍ୱାସ କରେ, ଆଜି ଏହି ବର୍ତ୍ତମାନ ସମୟରେ ଆପଣ ତାହା ଆବଶ୍ୟକ କରୁଛନ୍ତି । ଖ୍ରୀଷ୍ଟ ମୃତ୍ୟୁବରଣ କଲେ ଆମ ପାଇଁ, କେବଳ ଆମ ପାପ କ୍ଷମା ପାଇଁ ତାହାନୁହେଁ କିନ୍ତୁ ଆମ୍ଭମାନଙ୍କୁ ପିତା ଈଶ୍ୱରଙ୍କର ଆହୁରି ନିକଟବର୍ତ୍ତୀ କରିବା ପାଇଁ । ଆପଣ ଯଦି ପ୍ରଭୁଙ୍କୁ ଜାଣନ୍ତି ନାହିଁ , ତେବେ ସେହି ଉଦ୍ଦେଶ୍ୟରେ ଓ ତାହାଙ୍କୁ ଜାଣିବାର ଆବଶ୍ୟକତା ଆପଣଙ୍କର ଆଜି ରହିଛି । ଆପଣ ଯଦି ଈଶ୍ୱରଙ୍କୁ ଜାଣି ପୁନଃ-ଜନ୍ମିତ, ତେବେ ଆପଣ ନିଜ ପାପ କ୍ଷମା ହେବା ଏବଂ କେବଳ ତାହାଙ୍କ ନିକଟବର୍ତ୍ତୀ ହୋଇ ଅନନ୍ତ ଜୀବନ ମଧ୍ୟକୁ କିପରି ପ୍ରବେଶ କରିବା ତାହା ନ ଭାବି, ତାହା ଠାରୁ ଆହୁରି ଅଧିକ ଭାବିବାର ଅବଶ୍ୟକତା ଅଛି ।

## ଅନନ୍ତ ଜୀବନ ବିଷୟରେ କିଛି ସତ୍ୟତା

୧. ସୁସମାଚାରର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଅନନ୍ତ ଜୀବନ ଅଟେ (ଯୋହନ ୩:୧୬)

୨. ଅନନ୍ତ ଜୀବନ ହେଉଛି ପ୍ରଭୁ ପରମେଶ୍ୱରଙ୍କୁ ଜାଣିବା (ଯୋହନ ୧୭:୩)

୩. ପ୍ରଭୁଙ୍କୁ ଜାଣିବା ହେଉଛି-ଏକ ଘନିଷ୍ଠ ସଂପର୍କ ୧ମ କରନ୍ଥୀୟ ୬:୧୬-୧୭)

୪. ଅନନ୍ତ ଜୀବନ ବର୍ତ୍ତମାନ ପ୍ରାପ୍ତବ୍ୟ (୧ମ ଯୋହନ ୫:୧୨)

୫. ପ୍ରଭୁ ଆପଣଙ୍କୁ ସହ ଏକ ବ୍ୟକ୍ତିଗତ ସଂପର୍କ ଚାହାନ୍ତି (ପ୍ରକାଶିତ ବାକ୍ୟ ୩:୨୦)

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଏବଂ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରର କିଛି ଅଂଶ

୧. **(ଯୋହନ ୩:୧୬)** ଅଧ୍ୟୟନ କରନ୍ତୁ । ପିତା ପରମେଶ୍ୱରଙ୍କର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଜଗତକୁ ପ୍ରେରଣ କରିବାର ଉଦ୍ଦେଶ୍ୟ କ'ଣ ଥିଲା ?

***ଯୋହନ ୩:୧୬*** *– କାରଣ ଇଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।*

୨. ଏହି "ଜାଣିବା" ଶବ୍ଦଟି ଯେଉଁଭଳି ଭାବରେ ବ୍ୟବହୃତ ହୋଇଛି, ତାହାର ଅର୍ଥ ହେଲା ;ଏକ ବ୍ୟକ୍ତ ସହ ଘନିଷ୍ଠ, ଅନ୍ତରଙ୍ଗ ଓ ବ୍ୟକ୍ତିଗତ ସଂପର୍କ (ଆଦିପୁସ୍ତକ-୪:୧) । ଆପଣ (ଯୋହନ ୧୭:୩) ପଢ଼ନ୍ତୁ । ଯାହା କି ଚିରନ୍ତନ/ଚିରସ୍ଥାୟୀ ଜୀବନ ବିଷୟରେ କୁହେ ।

***ଆଦି ପୁସ୍ତକ ୪:୧*** *- ଅନନ୍ତର ଆଦମ ଅପଣା ଭାର୍ଯ୍ୟା ହବାଙ୍କର ସହବାସ କରନ୍ତେ, ସେ ଗର୍ଭବତୀ ହୋଇ କୟିନ ନାମକ ଗୋଟିଏ ପୁତ୍ର ପ୍ରସବ କରି କହିଲେ, ସଦାପ୍ରଭୁଙ୍କ ସାହାଯ୍ୟରେ ମୋହର ଏକ ନର ଲାଭ ହୋଇଅଛି ।*

***ଯୋହନ ୧୭:୩*** *- ଆଉ ଏକମାତ୍ର ସତ୍ୟ ଇଶ୍ୱର ଯେ ତୁମେ, ତୁମ୍ଭଙ୍କୁ ଓ ତୁମ୍ଭର ପ୍ରେରିତ ଯୀଶୁ ଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଜୀବନ ଅଟେ ।*

୩. **(୧ଯୋହନ ୫:୧୧-୧୨)** ପଢ଼ନ୍ତୁ; ଏହି ଶାସ୍ତ୍ରାଂଶ ଅନୁସାରେ ଆପଣ ଅନନ୍ତ ବା ଚିରନ୍ତନ ଜୀବନ କେତେବେଳେ ଆରମ୍ଭ ହୁଏ ? ତାହା ଜାଣିପାରିବେ ।

***୧ମ ଯୋହନ୫:୧୧-୧୨*** *– ସେହି ସାକ୍ଷ୍ୟ ଏହି ଯେ, ଇଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କ ଠାରେ ଅଛି । (୧୨)ଯେ ପୁତ୍ରଙ୍କୁ ପାଇଅଛି, ସେ ଜୀବନ ପାଇଅଛି, ଯେ ଇଶ୍ୱରଙ୍କ ପୁତ୍ରଙ୍କୁ ପାଇନାହିଁ, ସେ ଜୀବନ ପାଇନାହିଁ ।*

୪. (ଯୋହନ୧୦:୧୦)ପଢ଼ନ୍ତୁ, ଯୀଶୁ ଆମ୍ଭମାନଙ୍କୁ କେଉଁ ପ୍ରକାରର ଜୀବନ ଦେବାକୁ ଆସିଥିଲେ ?

***ଯୋହନ ୧୦:୧୦ -** ଚୋର କେବଳ ଚୋରି, ବଧ ଓ ବିନାଶ କରିବା ନିମନ୍ତେ ଆସେ; ସେମାନେ ଯେପରି ଅନନ୍ତ ଜୀବନ ପାଆନ୍ତି ଓ ପ୍ରଚୁର ଭାବେ ପାଆନ୍ତି ,ଏଥି ନିମନ୍ତେ ମୁଁ ଆସିଛି ।*

୫. ଆପଣଙ୍କ ନିଜ ଭାଷାରେ ଅନନ୍ତ ଜୀବନର ଗୁଣାବଳୀ/ଲକ୍ଷଣମାନ କ'ଣ ହୋଇପାରେ ବର୍ଣ୍ଣନା କରନ୍ତୁ ।

୬. ଆପଣ ବିଶ୍ୱାସ କରନ୍ତି କି ,ଯେ ଈଶ୍ୱର ଆପଣା ଏକମାତ୍ର ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ, ଜଗତର ପାପ ନିମନ୍ତେ ମୃତ୍ୟୁବରଣ କରିବା ପାଇଁ । ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।

୭. ବର୍ତ୍ତମାନ ଏହା କ'ଣ ଆପଣ ପ୍ରାଞ୍ଜଳ ଭାବେ ବୁଝିପାରିଲେ କି, ଚିରନ୍ତନ/ଅନନ୍ତ ଜୀବନର ମାନେ ନୁହେଁ ସମୟର ଲମ୍ବତା ବା ଏକ ଦୀର୍ଘ ସମୟ(ଅନନ୍ତକାଳ) କିନ୍ତୁ ଏହାର ଅର୍ଥ ଏକ ଉତ୍କର୍ଷ/ଉନ୍ନତ ମାନର ଜୀବନ ଅଟେ ।

## ଉତ୍ତର

୧. ଯୋହନ ୩:୧୬ ପଢ଼ନ୍ତୁ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତକୁ ପ୍ରେରଣ କରିବାର ଈଶ୍ୱରଙ୍କ ଉଦ୍ଦେଶ୍ୟ କ'ଣ ଥିଲା ?

***ଏହି ଜଗତକୁ ଉଦ୍ଧାର କରବା, ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କ ଉପରେ ବିଶ୍ୱାସ କରନ୍ତି ସେମାନଙ୍କୁ ସେମାନଙ୍କ ପାପର ଦଣ୍ଡ/ଶାସ୍ତିକୁ ଦୂରକରି , ଏକ ଅନନ୍ତ ଜୀବନ ଦେବାକୁ ଆସିଥିଲେ ।***

୨. "ଜାଣିବା" ଶବ୍ଦର ଅର୍ଥ ବାଇବେଲ ଅନୁଯାୟୀ , ଏକ ବ୍ୟକ୍ତି ସହ ଘନିଷ୍ଠ, ଅନ୍ତରଙ୍ଗ ଓ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରିବା ଅଟେ(ଆଦି ପୁସ୍ତକ୪:୧) । ଆପଣ ପଢନ୍ତୁ (ଯୋହନ୧୭:୩) ଯାହାକି ଏହି ଉପ ରୋକ୍ତ ଶାସ୍ତ୍ରାଂଶ ଅନୁସାରେ ଚିରନ୍ତନ/ଅନନ୍ତ ଜୀବନ କ'ଣ ? ତାହା ଦର୍ଶାଏ ।

***ଚିରନ୍ତନ ଜୀବନ ହେଲା ଏକମାତ୍ର ଈଶ୍ୱର ସତ୍ୟ ବୋଲି ଜାଣିବା ଏବଂ ତାଙ୍କ ପ୍ରେରିତ ଖ୍ରୀଷ୍ଟ ଯୀଶୁଙ୍କୁ ଜାଣିବା (ଶାରୀରିକ ଭାବେ ନୁହେଁ ମାତ୍ର ବ୍ୟକ୍ତଗତ ଭାବେ ଘନିଷ୍ଠତାର ସହ) ।***

୩. ୧ମ ଯୋହନ୫:୧୧-୧୨ ପଢ଼ନ୍ତୁ, ଏବଂ ଏହି ଶାସ୍ତ୍ରାଂଶ ଅନୁସାରେ, କେତେବେଳେ ଚିରନ୍ତନ/ଅନନ୍ତ ଜୀବନ ଆରମ୍ଭ ହୁଏ ?

*ଯେତେବେଳେ ଆମ୍ଭେ ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଆମ ଜୀବନରେ ଗ୍ରହଣ କରୁ ।*

୪. ଯୋହନ୧୦:୧୦ ପଢ଼ନ୍ତୁ କେଉଁ ପ୍ରକାରର ଜୀବନ ଯୀଶୁ ଆମ୍ଭମାନଙ୍କୁ ଦେବାକୁ ଆସି ଥିଲେ ।

*ପ୍ରଚୁର ଭାବେ ଜୀବନ ।*

୫. ଆପଣଙ୍କ ନିଜ ଭାଷାରେ/ଶବ୍ଦରେ ପ୍ରଚୁର ଭାବେ ଜୀବନ ପ୍ରାପ୍ତିର ଗୁଣାବଳୀ ବର୍ଣ୍ଣନା କରି କୁହନ୍ତୁ ।

*ଯୀଶୁ ଖ୍ରୀଷ୍ଟ ଚୋର(ଶୟତାନ) ଯାହା କରିବାକୁ ଆସେ ବୋଲି କହିଲେ ,ତାହାର ଠିକ୍ ବିପରୀତ ହୋଉଛି ପ୍ରଚୁର ଭାବେ ଜୀବନ ପ୍ରାପ୍ତି । (ଯାହା କେବଳ ଯୀଶୁ ଦେଇ ପାରନ୍ତି )*

୬. ଆପଣ କ'ଣ ବିଶ୍ୱାସ କରନ୍ତି, ଇଶ୍ୱର ଆପଣା ପୁତ୍ରକୁ ଏହି ଜଗତକୁ ପ୍ରେରଣ କଲେ,ଜଗତର ପାପ ନିମନ୍ତେ ମୃତ୍ୟୁବରଣ କରିବାକୁ । ଯେପରି, ଯେ କେହି ତାଙ୍କ ଠାରେ ବିଶ୍ୱାସ କରେ, ସେ ଚିରନ୍ତନ/ଅନନ୍ତ ଜୀବନ ପ୍ରାପ୍ତ କରିବ ?

*ହଁ/*

୭. ଏହା ବର୍ତ୍ତମାନ ସ୍ୱଷ୍ଟ ଯେ ଚିରନ୍ତନ/ଅନନ୍ତ ଜୀବନ କେବଳ ଏକ ଦୀର୍ଘ ସମୟ(ଅନନ୍ତ)କାଳ ଯାଏଁ ବଞ୍ଚିବା ନୁହେଁ କିନ୍ତୁ ଏକ ଉନ୍ନତ /ଉତ୍କର୍ଷ ମାନର ଓ ପରିମାଣର ଜୀବନ ବଞ୍ଚିବା ?

*ହଁ ।*

## ଅଧ୍ୟାୟ - ୨

# ଅନୁଗ୍ରହ ଦ୍ୱାରା ପରିତ୍ରାଣ

### *ଲେଖକ – ଡନ୍ କ୍ରୋ*

ଯୀଶୁ ଅନେକ ସମୟରେ ବିଭିନ୍ନ ନୀତିକଥା, ଦୃଷ୍ଟାନ୍ତ ମାଧମରେ ଲୋକଙ୍କୁ ଶିକ୍ଷା ଦେଉଥିଲେ, ଯାହାକି ଅନେକ ଆଧାତ୍ମିକ ସତ୍ୟତା ମାନର ଦୃଷ୍ଟାନ୍ତ ଅଟେ । (ଲୂକ ୧୮:୯-୧୪) ଏହିଭଳି ଆରମ୍ଭ ହୁଏ, *"ଆପଣା ଆପଣାକୁ ଧାର୍ମିକ ଜ୍ଞାନ କରି ଅନ୍ୟ ସମସ୍ତଙ୍କୁ ତୁଚ୍ଛଜ୍ଞାନ କରୁଥିବା କେତେକ ଆତ୍ମନିର୍ଭର ଶୀଳ ଲୋକଙ୍କୁ ସେ ଏହି ଦୃଷ୍ଟାନ୍ତ ଦେଇ କହିଲେ"* । ଯୀଶୁ ଏଠାରେ କିଛି ନିର୍ଦ୍ଦିଷ୍ଟ ଶ୍ରୋତାବର୍ଗଙ୍କୁ ଲକ୍ଷ୍ୟ କରି କହିଥିଲେ, ଯେଉଁ ମାନେ କି ଆପଣା ଆପଣାକୁ ଧାର୍ମିକ ଜ୍ଞାନ ମନେ କରୁଥିଲେ ଏବଂ ଅନ୍ୟ ମାନଙ୍କୁ ତୁଚ୍ଛଜ୍ଞାନ କରୁଥିଲେ । ସେ ଏହି, ନୀତି କଥା ସେହି ଲୋକମାନଙ୍କୁ କହିଥିଲେ ଯେଉଁମାନେ ନିଜ କରିଥିବା କାମ ଉପରେ ବିଶ୍ୱାସ କରି ନିଜକୁ ଧାର୍ମିକ ମନେ କରୁଥିଲେ । ଆମ୍ଭେ ସେମାନଙ୍କୁ ସ୍ୱୟଂ ଧର୍ମୀକ ଲୋକ ବୋଲି କହୁ । ଆଉ ଯୀଶୁ ଯେତେବେଳେ ଏହି ବିଷୟରେ କହିଲେ, ସେହି ଲୋକମାନେ ତଳକୁ ଅନେଇ ଅନ୍ୟ ଲୋକ ସମସ୍ତଙ୍କୁ ଦେଖି କହିଲେ, "ମୁଁ ତୁମ୍ଭଠାରୁ ଶ୍ରେଷ୍ଠ ଅଟେ । "

ସେହି ସମାନ ଶାସ୍ତ୍ରାଂଶର ୧୦ ପଦରେ ଯୀଶୁ କହିଲେ, *"ଦୁଇଜଣ ଲୋକ ପ୍ରାର୍ଥନା କରିବାକୁ ମନ୍ଦିରକୁ ଗଲେ, ଜଣେ ଫାରୁଶୀ ଓ ଅନ୍ୟଜଣକ କରଗ୍ରାହୀ ।"* ଆଧୂନିକ ଭାଷାରେ ଆମେ କହୁ, ଯେ ସେମାନେ ଦୁହେଁ ମନ୍ଦିରକୁ ଗଲେ ପ୍ରାର୍ଥନା କରିବା ନିମନ୍ତେ ଏବଂ ସେମାନଙ୍କ ମଧରେ ଜଣେ ଫାରୂଶୀ । ଆଉ ଫାରୂଶୀ ଅର୍ଥାତ୍ ଜଣେ ଅତ୍ୟଧିକ ଧାର୍ମିକ ବ୍ୟକ୍ତି । ଏହି ଶବ୍ଦ 'ଫାରୂଶୀ' ର ପ୍ରକୃତ ଅର୍ଥ "ପୃଥକ କରିବା" । ଜଣେ ଯେ, ଏତେ ଧାର୍ମିକ ଅଟନ୍ତି, ଆଉ ତାହାକୁ ଦେଖେଇ ସେମାନେ କୁହନ୍ତି, "ମୋତେ କଳୁଷିତ/ଅପବିତ୍ର କର ନାହିଁ ! ମୋର ଅତି ନିକଟତର ହୁଅ ନାହିଁ । ମୁଁ ଅନ୍ୟ ସାଧାରଣ ଲୋକଙ୍କ ଭଳି ନୁହେଁ ! ମୁଁ ଅନ୍ୟମାନଙ୍କ ଠାରୁ ଉତମ ଅଟେ ! " ଆଉ ଅନ୍ୟ ଜଣକ ବ୍ୟକ୍ତି ଯାହାଙ୍କ ବିଷୟରେ ଯୀଶୁ କହିଲେ, ସେ ହେଲେ ଜଣେ କରଗ୍ରାହୀ । କରଗ୍ରାହୀ ମାନେ ଥିଲେ ଟିକସ/କର ଆଦାୟ କାରୀ ଏବଂ ସେମାନେ ଅତ୍ୟନ୍ତ ଖଳ ପ୍ରକୃତିର, ପାପୀ ଭାବେ ଜ୍ଞାତ ଥିଲେ, ଯେଉଁମାନେ କି ଠକୀ ଏବଂ ବିଭିନ୍ନ ଭାବରେ ଲୋକଙ୍କୁ କର ନିମନ୍ତେ ପ୍ରତାରଣା କରୁଥିଲେ । ଯେଉଁ ଉପାୟରେ ହେଉ ନା କାହିଁକି.... ସେମାନେ ଲୋକଙ୍କଠାରୁ କର ଆଦାୟ କରୁଥିଲେ, ନିଜ ପାଖରେ ଅନେକ ଟଙ୍କା ରଖୁଥିଲେ ଏବଂ ସେଥିରୁ କିଛି ରୋମୀୟ ସରକାରଙ୍କୁ ଦେଉଥିଲେ, ଯାହା ଦ୍ୱାରା କି ସେମାନେ ଯେପରି ସରକାରଙ୍କ ଆଡୁ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ।

ଏହି କାହାଣୀ ଏହିପରି ଭାବେ ୧୧ ପଦରେ ଚାଲୁ ରୁହେ, *"ଫାରୂଶୀ ଦଣ୍ଡାୟମାନ ହୋଇ ଆପଣା ନିକଟରେ ଏହି ପ୍ରକାର ପ୍ରାର୍ଥନା କରିବାକୁ ଲାଗିଲା, ହେ ଈଶ୍ୱର, ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛି ଯେ, ମୁଁ ଅନ୍ୟ ସମସ୍ତ ଲୋକଙ୍କ ପରି ଅତ୍ୟାଚାରି, ଅଧାର୍ମିକ, ବ୍ୟଭିଚାରୀ କିମ୍ବା ଏହି କରଗ୍ରାହୀ ପରି ସୁଦ୍ଧା ନୁହେଁ।"* ମୁଁ ଚାହେଁ ଆପଣ ମାନେ ଏଠାରେ କିଛି ବିଷୟ ଉପରେ ଧାନ ଦେଇ ମନଯୋଗ କରନ୍ତୁ। ସେ କାହା ପାଖରେ ପ୍ରାର୍ଥନା କରୁଥିଲେ ? ବାସ୍ତବରେ ସେ ନିଜକୁ ହିଁ ପ୍ରାର୍ଥନା କରୁଥିଲେ ଯଦିବା ସେ "ପ୍ରଭୁ" ବୋଲି ଶବ୍ଦ ଉଚ୍ଚାରଣ କରୁଛନ୍ତି ଏବଂ ଅତ୍ୟନ୍ତ ସଠିକ୍ ଶବ୍ଦ ମାନ ବ୍ୟବହାର କରୁଛନ୍ତି। ପ୍ରଭୁ ତା'ର ପ୍ରାର୍ଥନା ସ୍ୱୀକାର କରୁନାହାନ୍ତି ଏବଂ ଏପରି କାହିଁକି ଆମ୍ଭେ ଏହା କିଛି ସମୟପରେ ଆଲୋଚନା କରିବା । ଏଠାରେ ଧ୍ୟାନ ଦିଅନ୍ତୁ, ଏହି ବାକ୍ୟ ପ୍ରତି ଯେ, ସେ ପ୍ରାର୍ଥନା କରୁଛନ୍ତି, " ପ୍ରଭୁ ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛି ଯେ, ମୁଁ ଅନ୍ୟମାନଙ୍କ ପରି ନୁହେଁ । " ଏହି ଫାରୂଶୀ ବ୍ୟକ୍ତି, ଯେ କି ଜଣେ ଅତ୍ୟନ୍ତ ଧାର୍ମିକ ବ୍ୟକ୍ତି ଅଟେ ସେ କହୁଛି, "ମୁଁ ଅନ୍ୟ ମାନଙ୍କ ପରି ନୁହେଁ , ମୁଁ ପାପୀ ନୁହେଁ ,ମୁଁ ଅତ୍ୟାଚାରୀ ନୁହେଁ , ଅନ୍ୟାୟୀ ନୁହେଁ, ବ୍ୟଭିଚାରୀ ନୁହେଁ ଏବଂ ମୁଁ ଏହି କରଗ୍ରାହୀ ପରି ନୁହେଁ, ଯିଏ ଏଠାକୁ ପ୍ରାର୍ଥନା କରିବାକୁ ଆସିଛି । " ଆପଣ ଦେଖନ୍ତୁ ଏଠାରେ ସେ ଅନ୍ୟମାନଙ୍କୁ ଘୃଣା ଓ ତୁଚ୍ଛ ମନେ କଲେ, କାରଣ ସେ ନିହାତି ଭାବେ ନିଜକୁ ସେମାନଙ୍କ ଠାରୁ ଉତ୍ତମ ଓ ଶ୍ରେଷ୍ଠ ମନେ କରୁଥିଲେ।

ପୁଣି ୧୨ ପଦରେ ଫାରୂଶୀ ଜଣଙ୍କ କହିଲେ, *"ମୁଁ ସପ୍ତାହରେ ଦୁଇଥର ଉପବାସ କରିଥାଏ ଓ ମୋହର ସମସ୍ତ ଆୟର ଦଶ ମାଂସ ଦାନ କିରିଥାଏ।"* ସେ କ'ଣ କହିଲେ, "ଦେଖ ମୁଁ କ'ଣ କରେ " ? ତୁମେ ଜାଣକି ଉପବାସ କରିବାର, ଅର୍ଥ କ'ଣ ? ତାହାର ଅର୍ଥ ହେଲା ବିନା ଖାଦ୍ୟରେ ରହିବା। ସେ ନିଜ ଟଙ୍କା ମନ୍ଦିରକୁ ମଧ୍ୟ ଦାନ କଲେ। ସେ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ଥିଲେ, ଯେଉଁ ମାନେ କୁହନ୍ତି "ମୋତେ ହଇରାଣ କର ନାହିଁ ! ମୁଁ ଏକ ଅତ୍ୟନ୍ତ ଉତମ ଜୀବନ ବଞ୍ଚେ! ମୁଁ ଦାନ ଦିଏ ! ମୁଁ ମନ୍ଦିରକୁ ଦାନ ଦିଏ !"

ଏହା ପରେ ଆମେ ୧୩ ପଦରେ କରଗ୍ରାହୀ ବିଷୟରେ ପଢୁ : *" କିନ୍ତୁ କରଗ୍ରାହୀ ଦୂରରେ ଠିଆ ହୋଇ ସ୍ୱର୍ଗଆଡ଼େ ଉର୍ଦ୍ଧ୍ୱ ଦୃଷ୍ଟି କରିବାକୁ ସୁଦ୍ଧା ସାହାସ କଲା ନାହିଁ କିନ୍ତୁ ଆପଣା ଛାତିରେ ମାରି ହୋଇ କହିବାକୁ ଲାଗିଲା, ହେ ଈଶ୍ୱର, ମୁଁ ପାପୀ ମୋତେ ଦୟାକର । "*ଆପଣ ଏଠାରେ କରଗ୍ରାହୀ ଜଣଙ୍କର ଠିଆ ହେବାର ସ୍ଥିତି ଦେଖନ୍ତୁ : *" ଯେ, କି ଦୂରରେ ଠିଆ ହୋଇ"*, ଏ ପରିକି ସେ ମନ୍ଦିର ମଧ୍ୟକୁ ମଧ୍ୟ ଗଲା ନାହିଁ। ସେ ନିଜ ଜୀବନ ନିମନ୍ତେ ଏବଂ ନିଜେ କରିଥିବା କାର୍ଯ୍ୟ ନିମନ୍ତେ ଏତେ ଲଜ୍ଜିତ ଅନୁଭବ କରୁଥିଲା ଯେ, ସେ ଦୂରରେ ଠିଆ ହେଲା ଏବଂ ସ୍ୱର୍ଗ ଆଡ଼େ ଉର୍ଦ୍ଧ୍ୱଦୃଷ୍ଟି ମଧ୍ୟ କରିପାରିଲା ନାହିଁ, କିନ୍ତୁ ଛାତି ମାରି ହୋଇ ପ୍ରାର୍ଥନା କରିବାକୁ ଲାଗିଲା । ଯେତେବେଳେ ପୂରାତନ ନିୟମରେ ଛାତି ମାରି ହୋଇ ପ୍ରାର୍ଥନା କରିବା ବିଷୟ କୁହାଯାଏ, ଅନେକ ସମୟରେ ଲୋକମାନେ ନିଜ ବସ୍ତ୍ର ଚିରି ପକାଉଥିଲେ, ଯାହାକି "ପ୍ରଭୁ ମୋତେ କ୍ଷମାକର, ମୁଁ ଯାହା କରିଛି " ! କହିବାର ଏକ ପଥ ଥିଲା। ତାହାଥିଲା ଅନୁତାପର ଲକ୍ଷଣ, ଏକ ଅନୁତପ୍ତ ହୃଦୟ, ଏବଂ ଭଗ୍ନ ଆତ୍ମା ଯାହାକୁ ପ୍ରଭୁ କେବେହେଁ ତୁଚ୍ଛ କରୁନଥିଲେ। ଆଉ ଏହି କରଗ୍ରାହୀ, ପାପୀ ବ୍ୟକ୍ତି, ପ୍ରଭୁଙ୍କ ନିକଟରେ କ୍ରନ୍ଦନ କଲା ଏବଂ ପ୍ରାର୍ଥନା କଲା , "ପ୍ରଭୁ ମୁଁ ପାପି ମୋତେ ଦୟାକର !"

ତାହାର ୧୪ ପଦ କୁହେ , " ମୁଁ ତୁମ୍ଭମାନଙ୍କୁ କହୁଅଛି, ସେ ଲୋକ ନୁହେଁ, ବରଂ ଏହି ଲୋକ ଧାର୍ମିକ ଗଣିତ ହୋଇ ଅପଣା ଗୃହକୁ ଚାଲିଗଲା ; କାରଣ ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାହାକୁ ନତ କରାଯିବ, କିନ୍ତୁ ଯେ ଆପଣାକୁ ନତ କରେ, ତାହାକୁ ଉନ୍ନତ କରାଯିବ।" ସେହି କରଗ୍ରାହୀ ପ୍ରଭୁଙ୍କ ନିକଟରେ

ନ୍ୟାୟବାନ, ଧାର୍ମିକ ଭାବେ ଘୋଷିତ ହୋଇ ନିଜ ଗୃହକୁ ଫେରିଗଲା, ପ୍ରଭୁଙ୍କସହ ନ୍ୟାୟସଂଗତ ହୋଇ କ୍ଷମାପ୍ରାପ୍ତ ହୋଇ ଫେରିଗଲା । ସେ କାହିଁକି କ୍ଷମା ପ୍ରାପ୍ତ ହେଲା ? ସେ କାହିଁକି ନ୍ୟାୟବାନ ଘୋଷିତ ହୋଇ ଘରକୁ ଗଲା,ମାତ୍ର ଧାର୍ମିକ ଫାରୂଶୀ ନୁହେଁ ? ଏହା, ଏଇଥିପାଇଁ କାରଣ ଫାରୂଶୀ ଜଣଙ୍କ ନିଜକୁ ହିଁ ପ୍ରଶଂସା ଓ ଗୌରବର ପାତ୍ର କରିଲା, କହିଲା " ମୁଁ ଅନ୍ୟ ଲୋକମାନଙ୍କ ଠାରୁ ଉତ୍ତମ ଅଟେ! ମୁଁ ପାପୀ ନୁହେଁ ! ମୁଁ ଅନ୍ୟ ପରି ନୁହେଁ," କିନ୍ତୁ କରଗ୍ରାହୀ ଜଣକ ଜାଣିଥିଲା ପ୍ରଭୁଙ୍କ ସମ୍ମୁଖରେ ତାର କୌଣସି ଯୋଗ୍ୟତା ନାହିଁ ଏବଂ ଯାହାକି ସେ ପ୍ରଭୁଙ୍କୁ ଦେଇ ପାରିବ । ସେ ଜଣେ ପାପୀ ଥିଲା । ପବିତ୍ର ବାଇବଲ କୁହେ, ପ୍ରଭୁ ଧାର୍ମିକ ମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଆସି ନଥିଲେ, କିନ୍ତୁ ପାପୀ ମାନଙ୍କ ମନ ପରିବର୍ତ୍ତନ ନିମନ୍ତେ ଆସିଥିଲେ । ଏବଂ ଆମେ ସମସ୍ତେ ପାପ କରିଛୁ ଏବଂ ପ୍ରଭୁଙ୍କୁ ଗୌରବରୁ ବଞ୍ଚିଂତ ହୋଇଅଛୁ । କିନ୍ତୁ ଏହି କରଗ୍ରାହୀ ଜଣକ ନିଜକୁ ନମ୍ର କଲା ଏବଂ ତେଣୁ ସେ କ୍ଷମା ପ୍ରାପ୍ତ ହେଲା ।

ଆମ୍ଭେମାନେ ଅନୁଗ୍ରହରେ ପରିତ୍ରାଣ ପାଇବା ବିଷୟ ବର୍ତ୍ତମାନ ଆଲୋଚନା କରୁଅଛୁ । "ଅନୁଗ୍ରହ" ଏକ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ସୁନ୍ଦର ଶବ୍ଦ ଅଟେ ଏବଂ ତାହାର ଏକ ଗ୍ରହଣ ଯୋଗ୍ୟ ସଂଜ୍ଞା ମୁଁ ଆପଣ ମାନଙ୍କୁ ଦେବାକୁ ଯାଉଛି । ପ୍ରକୃତରେ ଏହି ଶବ୍ଦର ଅର୍ଥ କ'ଣ, ଆମେ ଯେତିକି ବୁଝିଛୁ "ଅନୁଗ୍ରହ" ଶବ୍ଦର ଅର୍ଥ ତା'ଠାରୁ କାହିଁ କେତେ ଅଧିକ । ଗ୍ରୀକ୍ ଭାଷାରେ ଯାହାକି ନୂତନ ନିୟମରେ ଲେଖାଯାଇଥିଲା, ଅନୁଗ୍ରହ ହେଉଛି "କ୍ୟାରିସ୍" । ଏହି 'ଅନୁଗ୍ରହ' ଶବ୍ଦର ଏକ ଗ୍ରହଣ ଯୋଗ୍ୟ ଅର୍ଥ ହେଲା : ଏକ ସ୍ୱାଧିନ, ଅନୁପଯୁକ୍ତ (ପାଇବାର ଯୋଗ୍ୟ ନଥିବା) ଏକ ଉପକାର, ଯାହା ପ୍ରଭୁ ସେମାନଙ୍କ ଲୋକମାନଙ୍କୁ, ସେମାନେ ଯୋଗ୍ୟ ନ ଥିଲେ ମଧ ଦେଇଛନ୍ତି । ସେହି କରଗ୍ରାହୀ ଜଣକ ପ୍ରଭୁଙ୍କ ଠାରୁ କୌଣସି ପାଇବାର ଯୋଗ୍ୟ ନଥଲା କିନ୍ତୁ ସେ ପ୍ରଭୁଙ୍କ ଅନୁମୋଦନ ପାଇଲା, କାରଣ ସେ ନିଜକୁ ନମ୍ର କଲା । ଗ୍ରୀକ୍ ଭାଷାରେ ଆଉ ଗୋଟିଏ ଶବ୍ଦ ମଧ ରହିଛି, ତାହା ହେଲା କାରିସ୍ମା । ଯାହାକି କ୍ୟାରିସ୍ ଶବ୍ଦର ପ୍ରତ୍ୟୟ ଭାବେ ଶବ୍ଦ ଶେଷରେ 'ମା' ଲାଗିଛି । ତାହାର ଅର୍ଥ ହେଲା ଏହା ପ୍ରଭୁଙ୍କ ଅନୁଗ୍ରହର ଏକ ନିର୍ଦ୍ଦିଷ୍ଟ ଓ ସୁସ୍ପଷ୍ଟ ପରିଦୃଷ୍ଟ ରୂପ, ଏବଂ ଏହି କରଗ୍ରାହୀ ଜଣକ ସେହି ଯଥାର୍ଥତା, ପ୍ରଭୁଙ୍କ ସହ ନ୍ୟାୟ ସଙ୍ଗତ ହେବାର ଯୋଗ୍ୟତା, ଏକ ଉପହାର ଆଶୀର୍ବାଦ ସ୍ୱରୂପେ ପାଇଲା ।

ରୋମୀୟ ୫:୧୭ କୁହେ, "*ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।*" ପ୍ରଭୁ ଆପଣ ମାନଙ୍କୁ ଓ ମୋତେ ଏକ ଉପହାର ସ୍ୱରୂପ ତାହାଙ୍କ ସହ ନ୍ୟାୟରେ ସଙ୍ଗତ ହେବାର ଏକ ସୁଯୋଗ ଦେଉଅଛନ୍ତି ଏବଂ ଉପରୋକ୍ତ ଶାସ୍ତ୍ରାଂଶ ଅନୁଯାୟୀ, ସେହି କରଗ୍ରାହୀ ଜଣକ ଦାନ ସ୍ୱରୂପ ନ୍ୟାୟ ଏବଂ ଧାର୍ମିକତାର ଦାନ ପାଇଲେ, ଯାହାକି କେବଳ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମଧ ଦେଇ ଆସେ । ପବିତ୍ର ବାଇବଲ (ଯୋହନ ୧:୧୭) କୁହେ, " କାରଣ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ପ୍ରଦତ୍ତ ହେଲା, କିନ୍ତୁ ଅନୁଗ୍ରହ ଓ ସତ୍ୟ, ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଉପସ୍ଥିତ ହେଲା । " ଏହି ଅନୁଗ୍ରହ କେବଳ ସେହି ପ୍ରକାରର ଲୋକମାନଙ୍କୁ ପ୍ରଦତ୍ତ ହୁଏ, ଯେଉଁମାନେ ନିଜକୁ ନମ୍ର କରନ୍ତି ଏବଂ ପ୍ରଭୁଙ୍କୁ ସମ୍ମାନ କରନ୍ତି, ତାହାଙ୍କ ଠାରୁ ଦୟା ପାଇଁ କ୍ରନ୍ଦନ କରନ୍ତି, ସେହିପ୍ରକାର ଲୋକମାନେ ପ୍ରଭୁଙ୍କର ଦୟା, କୃପା ଓ କ୍ଷମା ପାଆନ୍ତି ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରର କିଛି ଅଂଶ

୧. ଆପଣ ଲୂକ ୧୮:୯-୧୨ ପଢ଼ନ୍ତୁ , ଆଉ ଯୀଶୁ କେଉଁ ନିତୀକଥା ବିଷୟ କହୁଥିଲେ ଜାଣନ୍ତୁ ।

***ଲୂକ ୧୮:୯-୧୨*** *- ଆଉ ସେ ଆପଣା ଆପଣଙ୍କୁ ଧାର୍ମିକ ଜ୍ଞାନ କରି ଅନ୍ୟ ସମସ୍ତଙ୍କୁ ତୁଚ୍ଛଜ୍ଞାନ କରୁଥିବା କେତେକ ଆତ୍ମ ନିର୍ଭରଶୀଳ ଲୋକଙ୍କୁ ସେ କହିଲେ । (୧୦ପଦ) ରେ ପୁଣି ସେ କହୁଛନ୍ତି, ଦୁଇ ଜଣ ଲୋକ ପ୍ରାର୍ଥନା କରିବା ନିମନ୍ତେ ମନ୍ଦିରକୁ ଗଲେ, ଜଣେ ଫାରୂଶୀ ଓ ଅନ୍ୟ ଜଣକ କରଗ୍ରାହୀ । (୧୧ ପଦ) ଫାରୂଶୀ ଦଣ୍ଡାୟମାନ ହୋଇ ଆପଣା ନିକଟରେ ଏହି ପ୍ରକାର ପ୍ରାର୍ଥନା କରିବାକୁ ଲାଗିଲା, ହେ ଈଶ୍ୱର, ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛି ଯେ ମୁଁ ଅନ୍ୟ ସମସ୍ତ ଲୋକଙ୍କ ପରି ଅତ୍ୟାଚାରୀ, ଅଧାର୍ମିକ, ବ୍ୟଭିଚାରି କିମ୍ବା ଏହି କରଗ୍ରାହୀ ପରି ସୁଧାନାହିଁ । (୧୨ ପଦ) ମୁଁ ସପ୍ତାହରେ ଦୁଇଥର ଉପବାସ କରିଥାଏ ଓ ମୋହର ସମସ୍ତ ଆୟର ଦଶମାଂସ ଦାନ କରିଥାଏ ।*

୨. ଲୂକ ୧୮:୯ ପଢ଼ନ୍ତୁ । ଏହି ନୀତିକଥା ଯୀଶୁ କାହାକୁ କହୁଥିଲେ ?

୩. ଲୂକ ୧୮:୯ ପଢ଼ନ୍ତୁ (ପଦର ଶେଷ ଭାଗ), ଲୋକମାନେ ଯେଉଁମାନେ ଆପଣଙ୍କୁ ଧାର୍ମିକ ଜ୍ଞାନକରି ଅନ୍ୟ ସମସ୍ତଙ୍କୁ ତୁଚ୍ଛ ଜ୍ଞାନ କରୁଥିବା କେତେକ ଆତ୍ମ ନିର୍ଭର ଶୀଳ ଲୋକଙ୍କୁ ।
ଲୂକ ୧୮:୯ ଅନୁସାରେ ସେ ମନୋଭାବଟି କ'ଣ ?

(କ) ସେମାନେ ଅନ୍ୟମାନଙ୍କୁ ପସନ୍ଦ କରନ୍ତି ।

(ଖ) ସେମାନେ ଅନ୍ୟକୁ ତୁଚ୍ଛ ଜ୍ଞାନ କରନ୍ତି ଏବଂ ନିମ୍ନ କରି ଦେଖନ୍ତି ।

(ଗ) ସେମାନେ ଅନ୍ୟମାନଙ୍କୁ ପ୍ରେମ କରନ୍ତି ।

୪. ଲୂକ ୧୮:୧୦ ପଢ଼ନ୍ତୁ । ଦୁଇ ଜଣ ଲୋକ ପ୍ରାର୍ଥନା କରିବାକୁ ଗଲେ; ଆଧୁନିକ ଭାଷାରେ ସେମାନେ କେଉଁଠାକୁ ପ୍ରାର୍ଥନା କରିବାକୁ ଗଲେ ?

୫. ଲୂକ ୧୮:୧୦ ପଢ଼ନ୍ତୁ । ଏହି ଲୋକମାନେ କିଏ ଥିଲେ ?

୬. ଲୂକ ୧୮:୧୧ ପଢ଼ନ୍ତୁ । ଫାରୂଶୀ ଜଣକର ପ୍ରାର୍ଥନା କ'ଣ ଥିଲା ?

୭. ଲୂକ ୧୮:୧୨ ପଢ଼ନ୍ତୁ । ଉପବାସର ଅର୍ଥ କ'ଣ ?

୮. ଲୂକ ୧୮:୧୨ ପଢ଼ନ୍ତୁ । ଦଶମାଂସ ଦେବାର ଅର୍ଥ କ'ଣ ?

୯. ଲୂକ ୧୮: ୧୩ ପଢ଼ନ୍ତୁ । ସେହି କରଗ୍ରାହୀ ଜଣଙ୍କ କେଉଁ ଠାରେ ଠିଆ ହୋଇଥିଲେ ? ଓ କାହିଁକି ?

**ଲୂକ ୧୮:୧୩-୧୪-** *କିନ୍ତୁ କରଗ୍ରହୀ ଦୂରରେ ଠିଆ ହୋଇ ସ୍ୱର୍ଗଆଡେ ଉର୍ଦ୍ଧ୍ୱ ଦୃଷ୍ଟି କରିବାକୁ ସୁଦ୍ଧା ସାହାସ କଲା ନାହିଁ କିନ୍ତୁ ଆପଣା ଛାତିରେ ମାରି ହୋଇ କହିବାକୁ ଲାଗିଲା, ହେ ଇଶ୍ୱର ମୁଁ ପାପୀ ମୋତେ ଦୟାକର । (୧୪-ପଦ)କୁହେ,ମୁଁ ତୁମ୍ଭ ମାନଙ୍କୁ କହୁଅଛି,ସେ ଲୋକ ନୁହେଁ ବରଂ ଏହିଲୋକ ଧାର୍ମିକ ଗଣୀତ ହୋଇ ଆପଣା ଗୃହକୁ ଚାଲିଗଲା , କାରଣ ଯେ କେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାହାକୁ ନତ କରାଯିବ କିନ୍ତୁ ଯେ ଆପଣାକୁ ନତ କରେ, ତାହାକୁ ଉନ୍ନତ କରାଯିବ ।*

୧୦. ଲୂକ ୧୮:୧୩ ପଢ଼ନ୍ତୁ । କାହିଁକି କରଗ୍ରାହୀ ଜଣକୁ ମୁଣ୍ଡ ତଳକୁ କରି ଠିଆ ହେଲା ଏବଂ ଉର୍ଦ୍ଧ ଆଡ଼କୁ ଦୃଷ୍ଟି କଲା ନାହିଁ ?

୧୧. ଲୂକ ୧୮:୧୩ ପଢ଼ନ୍ତୁ । ଏହି କରଗ୍ରାହୀ ଜଣଙ୍କର ପ୍ରାର୍ଥନା କ'ଣ ଥିଲା ?

୧୨. ଲୂକ ୧୮:୧୪ ପଢ଼ନ୍ତୁ । ଏହି ବ୍ୟକ୍ତି ମାନଙ୍କ ମଧ୍ୟରୁ କେଉଁ ବ୍ୟକ୍ତି ଜଣକ ପ୍ରଭୁଙ୍କ ଆଗରେ ଧାର୍ମିକ ଗଣିତ ହୋଇ ଆପଣା ଗୃହକୁ ଚାଲିଗଲା ?

୧୩. ଲୂକ ୧୮:୧୪ ପଢ଼ନ୍ତୁ । କାହିଁକି କରଗ୍ରାହୀ ଜଣକ ଧାର୍ମିକ ରୂପେ ଗଣିତ ହେଲା କିନ୍ତୁ ଫାରୂଶୀ ଜଣକ ନୁହେଁ ?

୧୪. ଲୂକ ୧୮:୧୪ ପଢ଼ନ୍ତୁ । ଇଶ୍ୱର କ'ଣ ଏହି କରଗ୍ରାହୀ ଜଣକୁ କ୍ଷମା ଦେଲେ ?

୧୫. ରୋମୀୟ ୧୦:୧୩ ପଢ଼ନ୍ତୁ । କୁହନ୍ତୁ - ଯଦି ଆପଣ ବର୍ତ୍ତମାନ ଆଣ୍ଠୁ ପାତିବେ ଏବଂ ପ୍ରଭୁଙ୍କ ପାଖରେ ଆପଣା ହୃଦୟରେ କ୍ରନ୍ଦନ କରି କହିବେ "ପ୍ରଭୁ ମୁଁ ପାପୀ, ମୋ ପ୍ରତି ଦୟା କର", ତେବେ କ'ଣ, ଈଶ୍ୱର ଯେପରି କରଗ୍ରାହୀ ଜଣକୁ ଯେପରି କ୍ଷମା ଦେଇଥିଲେ, ସେହି ସମାନ ଭାବେ ଆପଣଙ୍କୁ ମଧ କରିବେ ?

***ରୋମୀୟ ୧୦:୧୩*** *- କାରଣ ଯେ କେହି ପ୍ରଭୁଙ୍କ ନାମ ଧରି ପ୍ରାର୍ଥନା କରିବ, ସେ ପରିତ୍ରାଣ ପ୍ରାପ୍ତ ହେବ ।*

***୧ ମ ଯୋହନ ୧:୮-୯-*** *ଆମ୍ଭମାନଙ୍କଠାରେ ପାପ ନାହିଁ, ଏହା ଯଦି କହୁ , ତାହା ହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ, ପୁଣି ଆମ୍ଭଠାରେ ସତ୍ୟ ନାହିଁ । (୯ ପଦ) ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ ତେବେ ସେ ଆମ୍ଭମାନଙ୍କ ପାପା କ୍ଷମା କରିବାକୁ ଏବଂ ସମସ୍ତ ଅଧର୍ମରୁ ଆମ୍ଭକୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।*

## ଉତ୍ତର

୧. ଲୂକ ୧୮:୯ ପଢ଼ନ୍ତୁ । ନୀତିକଥା ମାନେ କ'ଣ ?

***ବାଇବଲ ନୀତିକଥା ହେଲା ଏକ କାହାଣୀ ଯାହାକି ଆତ୍ମିକ ସତ୍ୟତା ପ୍ରକାଶ କରେ ।***

୨. ଲୂକ ୧୮:୯ ପଢ଼ନ୍ତୁ । ଏହି ନୀତି କଥା ଯୀଶୁ କାହାକୁ ନିର୍ଦ୍ଦିଷ୍ଟ କରି କହୁଛନ୍ତି ?

***ସେମାନଙ୍କୁ କହୁଛନ୍ତି ଯେଉଁମାନେ ଆପଣାକୁ ଧାର୍ମିକ ଜ୍ଞାନ ମନେ କରନ୍ତି ।***

୩. ଲୂକ ୧୮:୯ ପଢ଼ନ୍ତୁ (ପଦର ଶେଷ ଭାଗ), ଯେଉଁ ଲୋକମାନେ ଧାର୍ମିକ ସେମାନେ ଅନ୍ୟମାନଙ୍କୁ ନେଇ ଏକ ମନୋଭାବ ରଖନ୍ତି । ଲୂକ ୧୮:୯ ଅନୁସାରେ ସେ ମନଭାବଟି କଣ ?

***(ଖ) ସେମାନେ ଅନ୍ୟ ମାନଙ୍କୁ ନିମ୍ନ ଓ ତୁଚ୍ଛ କରି ଦେଖନ୍ତି ।***

୪. ଲୂକ ୧୮:୧୦ ପଢନ୍ତୁ । ଦୁଇ ଜଣ ଲୋକ ପ୍ରାର୍ଥନା କରିବାକୁ ଗଲେ; ଆଧୁନିକ ଭାଷାରେ ସେମାନେ କେଉଁଠାକୁ ଗଲେ ?

***ମନ୍ଦିରକୁ/ଗିର୍ଜା/ଉପାସାନା ଗୃହ***

୫. ଲୂକ ୧୮:୧୦ ପଢ଼ନ୍ତୁ । ସେହି ଲୋକମାନେ କିଏ ଥିଲେ ?

***ଜଣେ ଥିଲେ ଫାରୂଶୀ ବ୍ୟକ୍ତି ଏବଂ ଅନ୍ୟ ଜଣକ କରଗ୍ରାହୀ ।***

୬. ଲୂକ ୧୮:୧୧ ପଢ଼ନ୍ତୁ । ଫାରୂଶୀ ବ୍ୟକ୍ତି ଜଣକ ପ୍ରାର୍ଥନା କ'ଣ ଥିଲା ?

***ହେ ଈଶ୍ୱର ମୁଁ ତୁମ୍ଭର ଧନ୍ୟବାଦ ଦେଉଅଛି ଯେ, ମୁଁ ଅନ୍ୟ ସମସ୍ତ ଲୋକଙ୍କ ପରି ଅତ୍ୟାଚାରୀ, ଅଧାର୍ମିକ, ବ୍ୟଭିଚାରି କିମ୍ବା ଏହି କରଗ୍ରାହୀ ପରି ସୁଧାନାହିଁ ।***

୭. ଲୂକ ୧୮:୧୨ ପଢ଼ନ୍ତୁ । ଉପବାସର ଅର୍ଥ କ'ଣ ?

***ଖାଦ୍ୟ ବିନା ରହିବା ହେଉଛି ଉପବାସ ।***

୮. ଲୂକ ୧୮:୧୨ ପଢ଼ନ୍ତୁ । ଦଶମାଂସ ଦେବାର ଅର୍ଥ କ'ଣ ?

***ଜଣଙ୍କର ଆୟର ଏକ ଦଶମାଂସ ଦେବା ।***

୯. ଲୂକ ୧୮:୧୩ ପଢ଼ନ୍ତୁ । କରଗ୍ରାହୀ ଜଣକ କେଉଁଠାରେ ଠିଆ ହୋଇଥିଲା ?

***ଦୂରରେ ଠିଆ ହୋଇଥିଲା ।***

କାହିଁକି ?

***ସେ ମନ୍ଦିର ମଧ୍ୟକୁ ଯିବାକୁ ଲଜ୍ଜିତ ଅନୁଭବ କଲା କାରଣ ସେ ଜଣେ ପାପୀ ଥିଲା, ତେଣୁ ସେ ବାହାରେ ହିଁ ରହିଲା ।***

୧୦. ଲୂକ ୧୮:୧୩ ପଢ଼ନ୍ତୁ । କାହିଁକି କରଗ୍ରାହୀ ଜଣକ ନିଜ ମସ୍ତକ ତଳକୁ କରି ଠିଆ ହେଲା ଓ ଉର୍ଦ୍ଧ ଆଡ଼କୁ ଦୃଷ୍ଟି କଲା ନାହିଁ ?

***ସେ ଲଜ୍ଜିତ ଥିଲା ।***

ଆପଣ କେବେ ଏହି ପରି କିଛି ଭୁଲ କରିଛନ୍ତି କି ? ଏବଂ ତାହାକୁ ନିଜ ଭୁଲ ଯୋଗୁଁ ସମ୍ମୁଖରେ ଦେଖି ପାରି ନାହାନ୍ତି ?

୧୧. ଲୂକ ୧୮:୧୩ ପଢ଼ନ୍ତୁ । ଏହି କରଗ୍ରାହୀ ଜଣଙ୍କର ପ୍ରାର୍ଥନା କ'ଣ ଥିଲା ?

***ଈଶ୍ୱର ମୋ ପ୍ରତି ଦୟାକର । ମୁଁ ପାପୀ !***

୧୨. ଲୂକ ୧୮:୧୪ ପଢ଼ନ୍ତୁ । କେଉଁ ବ୍ୟକ୍ତି ଜଣଙ୍କ ଧାର୍ମିକ ଗଣିତ ହେଲା ଈଶ୍ୱରଙ୍କ ଆଗରେ ଓ ତା ' ଗୃହକୁ ଫେରିଗଲା ?

*ସେହି କରଗ୍ରାହୀ ଜଣକ ।*

୧୩. ଲୂକ ୧୮:୧୪ ପଢ଼ନ୍ତୁ । ଏହି କରଗ୍ରାହୀ ଜଣକ କାହିଁକି ଧାର୍ମିକ ତାରେ ଘୋଷିତ ହେଲା । କିନ୍ତୁ ଫାରୂଶୀ ନୁହେଁ ?

*କାରଣ କରଗ୍ରାହୀ ଜଣକ ନିଜକୁ ନମ୍ର କରି ନତ କଲା ଈଶ୍ୱରଙ୍କ ଆଗରେ । ଆଉ ଫାରୂଶୀ ଜଣକ ଗର୍ବରେ ପୂର୍ଣ୍ଣ ଥିଲା ; ସେ ଭାବିଲା ନାହିଁ ଯେ, ତାହାକୁ ଏକ ଉଦ୍ଧାରକର୍ତା ଈଶ୍ୱରଙ୍କ ଆବଶ୍ୟକତା ଅଛି ।*

୧୪. ଲୂକ ୧୮:୧୪ ପଢ଼ନ୍ତୁ । ଈଶ୍ୱର କ'ଣ ଏହି କରଗ୍ରାହୀ ଜଣକୁ କ୍ଷମା ଦେଲେ ?

*ହଁ । ଦେଲେ ।*

୧୫. ରୋମୀୟ ୧୦:୧୩ ପଢନ୍ତୁ । ଆଉ କୁହନ୍ତୁ ଆପଣ ଯଦି ବର୍ତ୍ତମାନ ଆଣ୍ଠୁ ପାତିବେ ଓ ପ୍ରଭୁଙ୍କ ପାଖରେ ଆପଣା ହୃଦୟରେ କ୍ରନ୍ଦନ କରିବେ, କହିବେ "ପ୍ରଭୁ ମୁଁ ପାପୀ ମୋ ପ୍ରତି ଦୟାକର " । ତାହା ହେଲେ କ'ଣ ପ୍ରଭୁ ସେହି କରଗ୍ରାହୀର ପାପ କ୍ଷମା କଲା ଭଳି ଆପଣଙ୍କ ପାପ ମଧ କ୍ଷମା କରିବେ ?

*ହଁ ସେ କରିବେ । ସେ ମୋତେ କ୍ଷମା କରିବେ ଏବଂ ମୋର ସବୁ ଅଧାର୍ମିକତା ଠାରୁ ମୋତେ ଶୁଦ୍ଧ କରିବେ । (୧ ମ ଯୋହନ ୧:୮-୯) ଦେଖନ୍ତୁ ।*

## ଅଧ୍ୟାୟ - ୩

# ଅନୁଗ୍ରହ ଦ୍ୱାରା ଧାର୍ମିକତା

### *ଲେଖକ - ଡନ୍ କ୍ରୋ*

ଆଜି ଆମ୍ଭେମାନେ ଅନୁଗ୍ରହ ଦ୍ୱାରା ଧାର୍ମିକତା ବିଷୟ ଉପରେ ଆଲୋଚନା କରିବା (ରୋମୀୟ ୩:୨୧-୨୩) କୁହେ, *"କିନ୍ତୁ ଏବେ ବ୍ୟବସ୍ଥା ବ୍ୟତିତ ଈଶ୍ୱରଙ୍କର ଧାର୍ମିକତା ପ୍ରକାଶିତ ହୋଇଅଛି", ଆଉ ତାହା ବିଷୟରେ ବ୍ୟବସ୍ଥା ଓ ଭାବବାଦୀମାନଙ୍କ ଧର୍ମ ଶାସ୍ତ୍ର ସାକ୍ଷ୍ୟ ଦେଉଅଛି । ଅର୍ଥାତ ଈଶ୍ୱରଙ୍କର ଯେଉଁ ଧାର୍ମିକତା ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ସମସ୍ତ ବିଶ୍ୱାସୀଙ୍କ ପ୍ରତି ବର୍ତ୍ତେ, କାରଣ କୌଣସି ପ୍ରଭେଦ ନାହିଁ । ସମସ୍ତେ ତ ପାପ କରିଅଛନ୍ତି, ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇଅଛନ୍ତି ।*

ଏହି ଶାସ୍ତ୍ରାଶଂ କଣ କହୁଅଛି ତାହା ନିରିକ୍ଷଣ କରନ୍ତୁ, *"କିନ୍ତୁ ଏବେ ବ୍ୟବସ୍ଥା ବ୍ୟତିତ ଈଶ୍ୱରଙ୍କର ଧାର୍ମିକତା ପ୍ରକାଶିତ ହୋଇଅଛି ।"* ମୁଁ ଥରେ ଜଣେବ୍ୟକ୍ତିକୁ ପଚାରିଲି, "ସ୍ୱର୍ଗକୁ ଯିବାକୁ ହେଲେ ଆପଣଙ୍କୁ କ'ଣ କରିବାକୁ ହେବ ବୋଲି ଆପଣ ଭାବୁଛନ୍ତି ?"ସେ ଉତ୍ତର ଦେଲେ ଯେ, ସେଇଥିପାଇଁ ତାହାଙ୍କୁ ଈଶ୍ୱରଙ୍କ ଦଶ ଆଜ୍ଞା ମାନିବାକୁ ପଡ଼ିବ, ନିଜ ସ୍ତ୍ରୀ ପ୍ରତି ବିଶ୍ୱସ୍ତତା ଓ ତାହା ସହିତ ଆହୁରି ଅନେକ ଗୁଡ଼ିଏ ବିଷୟର ଆବଶ୍ୟକତା ଅଛି । ମୁଁ ପୁଣି ତାହାଙ୍କୁ କହିଲି, " ଆପଣ ଜାଣନ୍ତି କି ଆପଣଙ୍କୁ ସ୍ୱର୍ଗକୁ ଯିବାକୁ ହେଲେ, ପ୍ରଭୁଙ୍କ ଉପସ୍ଥିତି ଓ ସାନ୍ନିଧ୍ୟରେ ରହିବାକୁ (ବା) ତାହାଙ୍କ ରାଜ୍ୟରେ ଅଂଶୀ ହେବାକୁ ହେଲେ କ'ଣ କରିବାକୁ ପଡିବ ? ପୁଣି ମୁଁ ନିଜେ ଉତ୍ତର ଦେଇ କହିଲି , ଆପଣଙ୍କୁ ଧାର୍ମିକ ହେବାକୁ ପଡ଼ିବ ଯାହାକି ଈଶ୍ୱରଙ୍କ ଧାର୍ମିକତା ସାଦୃଶ୍ୟ ହେବ ।" ସେ କହିଲେ, କ୍ଷମା କରିବେ ? ଏହିପରି କେହି ନାହିଁ ଯିଏ ପ୍ରଭୁଙ୍କ ସମ ଧାର୍ମିକ ହୋଇପାରେ । ଆଉ କେବଳ ଜଣେ ବ୍ୟକ୍ତିଙ୍କର ସେହି ଧାର୍ମିକତା ଥିଲା, ସେ ହଉେଛନ୍ତି ଯୀଶୁଖ୍ରୀଷ୍ଟ!" ମୁଁ କହିଲି, "ହଁ ଆପଣ ଠିକ୍ କହୁଛନ୍ତି ! ସଂପୂର୍ଣ୍ଣ ଠିକ୍ ! ଆମ୍ଭମାନଙ୍କ ମଧ୍ୟରୁ କେହି ମଧ୍ୟ ଆମ୍ଭେମାନେ ଆମ ନିଜ ପରିଶ୍ରମରେ କେବେ ମଧ୍ୟ କୌଣସି ନିୟମ (ବା) ଆଜ୍ଞାକୁ ରଖି ପାରିନାହୁଁ, ତାହା ବାହ୍ୟ ଭାବେ ହେଉ ଅଥବା ଆମ୍ଭ ମଧ୍ୟରେ ହେଉ କିନ୍ତୁ ଆମ୍ଭେ ଈଶ୍ୱରଙ୍କ ସମ୍ମୁଖରେ ଗ୍ରହଣ ଯୋଗ୍ୟ ହେବାକୁ ହେଲେ, ଆମେ ସେହି ସମାନ ଧାର୍ମିକତାର ଆବଶ୍ୟକ କରୁ ଯାହା ଈଶ୍ୱରଙ୍କର ଅଛି ।"

ଆଉ ତାହା ହିଁ ଏହି ଶାସ୍ତ୍ରାଂଶର ୨୧ପଦ ଓ ୨୨ପଦରେ କୁହାଯାଇଛି, *"କିନ୍ତୁ ଏବେ ବ୍ୟବସ୍ଥା ବ୍ୟତିତ ଈଶ୍ୱରଙ୍କର ଧାର୍ମିକତା ପ୍ରକାଶିତ ହୋଇଅଛି ...ଅର୍ଥାତ ଈଶ୍ୱରଙ୍କର ଯେଉଁ ଧାର୍ମିକତା ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ସମସ୍ତ ବିଶ୍ୱାସୀଙ୍କ ପ୍ରତି ବର୍ତ୍ତେ ।"* ଯେଉଁ ପ୍ରକାରର ଧାର୍ମିକତା ଈଶ୍ୱର ଆପଣଙ୍କୁ ଓ ମୋତେ

ଦେବାକୁ ଚାହାନ୍ତି, ତାହା ହେଉଛି ସେହି ଧାର୍ମିକତା ,"ଯାହା ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା" ମିଳେ ଏବଂ ତାହା ସମସ୍ତ ବିଶ୍ୱାସୀଙ୍କ ପ୍ରତିବର୍ତ୍ତେ । ଧାର୍ମିକତା ଦୁଇ (୨) ପ୍ରକାରର-ବ୍ୟକ୍ତି ଧାର୍ମିକତା ଓ ଈଶ୍ୱରଙ୍କ ଧାର୍ମିକତା । ବ୍ୟକ୍ତିର ଧାର୍ମିକତା ହେଉଛି- ଜଣେ ବ୍ୟକ୍ତିର ସବୁଠାରୁ ଉତ୍ତମ ବ୍ୟବହାର ଏବଂ ସେହି ସମସ୍ତ ଉତ୍ତମ କାର୍ଯ୍ୟ ଯାହା ସେମାନେ କରନ୍ତି କିନ୍ତୁ ସେହି ଧାର୍ମିକତା ଆପଣଙ୍କୁ ଈଶ୍ୱରଙ୍କ ନିଟରେ ଗ୍ରହଣ ଯୋଗ୍ୟ କରାଏ ନାହିଁ । ଆପଣଙ୍କୁ ସେହି ଧାର୍ମିକତାର ଆବଶ୍ୟକତା ଅଛି, ଯାହା ଈଶ୍ୱରଙ୍କ ଧାର୍ମିକତା ସହ ସମାନ ଏବଂ ତାହା ସେ ଆପଣ ମାନଙ୍କୁ ଦେଉଅଛନ୍ତି - ତାହ ବ୍ୟବସ୍ଥା ବିନା ଈଶ୍ୱରଙ୍କ ଧାର୍ମିକତା ଅଟେ ।

ଗ୍ରୀକ୍‌ରେ ଏହିପରି କୌଣସି ଅନୁଚ୍ଛେଦ ନାହିଁ, ଯାହାର ଅର୍ଥ ହେଲା ଏହି ଅଂଶଟି ବାସ୍ତବରେ ଈଶ୍ୱର ଆପଣା ନିଜର ଧାର୍ମିକତା ବ୍ୟବସ୍ଥା ବିନା ଆମ୍ଭମାନଙ୍କୁ ଦେଉଅଛନ୍ତି ବୋଲି କୁହେ । ବ୍ୟବସ୍ଥା ଅନୁଯାୟୀ ଧାର୍ମିକତା ହେଉଛି, ଯେ କୌଣସି ବିଷୟ କରିବା, ଉପାର୍ଜନ କରିବା ଏବଂ ଈଶ୍ୱରଙ୍କ ଆଗରେ ଗ୍ରହଣ ଯୋଗ୍ୟ ହେବା ନିମନ୍ତେ ଅନେକ ବିଷୟ ହାସଲ କରିବା । "ସୁସମାଚାରର" ଅର୍ଥ ହେଲା ସୁ ସମ୍ବାଦ । ଏହି ସୁସମାଚାରର ସୁସମ୍ବାଦ ହେଲା ,ଈଶ୍ୱର ଆପଣାର ଧାର୍ମିକତା ଓ ଗ୍ରହଣ ଯୋଗ୍ୟତା ଆମ୍ଭମାନଙ୍କୁ ସମସ୍ତଙ୍କୁ ଦେବାକୁ ଚାହୁଁଛନ୍ତି, ମାତ୍ର ସେହି ମାନଙ୍କୁ ଦେବେ, ଯେଉଁମାନେ ଖ୍ରୀଷ୍ଟ ଯୀଶୁଙ୍କୁ ଯାହା ଦେଲେ, ତାହା ଉପରେ ବିଶ୍ୱାସ କରିବେ । ଆମ ପାପ ପାଇଁ କୃଶ କାଠରେ ତାହାଙ୍କର ମୃତ୍ୟୁ, ଆମ୍ଭମାନଙ୍କୁ ଧାର୍ମିକତାରେ ଗଣିତ କରୁଛି । ଯାହା କି ବ୍ୟବସ୍ଥା ସହ ସମାନ ଅଟେ । ଏହା ହେଉଛି ଈଶ୍ୱରଙ୍କ ଧାର୍ମିକତା ଯାହା ବ୍ୟବସ୍ଥା ବିନା ଅଟେ । ଆମ୍ଭର କୌଣସି କାର୍ଯ୍ୟ ନ କଲେ ମଧ, ଉପାର୍ଜନ ନ କଲେ ମଧ ଏବଂ ହାସଲ ନ କଲେ ମଧ ତାହା ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା ଆସେ ।

ଶାସ୍ତ୍ରାଂଶର ୨୨ ପଦରେ ଧାନ ଦିଅନ୍ତୁ, ଈଶ୍ୱରଙ୍କର ଯେଉଁ ଧାର୍ମିକତା ତାହା ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା, ସମସ୍ତ ବିଶ୍ୱାସୀଙ୍କ ପ୍ରତି ବର୍ତ୍ତେ । *"କାରଣ କୌଣସି ପ୍ରଭେଦ ନାହିଁ ; ସମସ୍ତେ ତ ପାପ କରିଅଛନ୍ତି; ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।"* ଆପଣ ପାପ କରିଛନ୍ତି, ମୁଁ କରିଛି ଏବଂ ପ୍ରଭୁଙ୍କ ସଂପୁର୍ଣ୍ଣତାରୁ ସମସ୍ତେ ବଞ୍ଚିତ ହୋଇଛୁ । ଆମ ପାପ ଯୋଗୁଁ , ସବୁଠାରୁ ଅତି ବୃହତ୍ତ ବିଷୟ ଯଦି ଆମେ କ'ଣ ଆବଶ୍ୟକ କରୁ, ତେବେ ତାହା ହେଲା, ଗ୍ରହଣ ଯୋଗ୍ୟତା, ଏକ ସଠିକ ସଂପର୍କ ଏବଂ ଈଶ୍ୱରଙ୍କ ସହ ନ୍ୟାୟ ସଂଗତ ହେବାର ଯୋଗ୍ୟତା ....ଏବଂ ଏହି ସମସ୍ତ ବିଷୟ ଈଶ୍ୱର ବ୍ୟବସ୍ଥା ଯୋଗୁଁ ଆମକୁ ଦେଇନାହାନ୍ତି କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ଦେଇଛନ୍ତି । ଈଶ୍ୱରଙ୍କ ଧାର୍ମିକତା ଆପଣଙ୍କର କୌଣସି ଉତ୍ତମ କାର୍ଯ୍ୟ ଯୋଗୁ ଆସେ ନାହିଁ , ଚେଷ୍ଟା ଦ୍ୱାରା ନୁହେଁ, ଉପାର୍ଜନ ଦ୍ୱାରା ନୁହେଁ(ବା) ହାସଲ କରିବା ପାଇଁ ଆପଣଙ୍କ କୌଣସି ଚେଷ୍ଟା ଦ୍ୱାରା ନୁହେଁ, ମାତ୍ର ତାହା ବିଶ୍ୱାସ- ନିର୍ଭରତା ଏବଂ ଖ୍ରୀଷ୍ଟ ଈଶ୍ୱରଙ୍କ ଉପରେ ଆସ୍ଥା ଦ୍ୱାରା ଆସେ ।

କିପରି ଭାବେ ଆବ୍ରାହମ(ଯିହୁଦି ପୂର୍ବପୁରଷ) ରକ୍ଷା ପାଇଥିଲେ ? ପବିତ୍ର ବାଇବଲ କୁହେ, ସେ ଈଶ୍ୱରଙ୍କ ଉପରେ ବିଶ୍ୱାସ କଲେ-ଈଶ୍ୱର ତାହାଙ୍କୁ ଯେଉଁ ପ୍ରତିଜ୍ଞା ଦେଇଥିଲେ ତାହା ଉପରେ ବିଶ୍ୱାସ କଲେ – ଏବଂ ସେହିପରି ଭାବେ ଧାର୍ମିକତା ତାହାଙ୍କୁ ମିଳିଥିଲା । ବାସ୍ତବ କଥା ହେଲା , ଅବ୍ରାହାମ ଈଶ୍ୱରଙ୍କ ସମ୍ମୁଖରେ ନିଜ ବିଶ୍ୱାସରେ ଧାର୍ମିକ ଭାବେ ଘୋଷିତ କେବଳ ନିଜପାଇଁ ହୋଇ ନ ଥିଲେ । ଆମ୍ଭେ ରୋମୀୟ ୩:୨୧- ୨୨ପଢୁ । ଯେ କୌଣସି ବ୍ୟକ୍ତି ନିଜର ଯୀଶୁଖ୍ରୀଷ୍ଟଙ୍କ ଠାରେ ଥିବା ବିଶ୍ୱାସ ଯୋଗୁଁ ଧାର୍ମିକ ବୋଲାନ୍ତି ।

ବାଇବଲ ଆହୁରି ମଧ୍ୟ କୁହେ, ଯେହେତୁ ଯୀଶୁଖ୍ରୀଷ୍ଟ ଆମ ପାପର ବେତନ କ୍ରୁଶରେ ଦେଲେ, ଆମ ପାପ ପାଇଁ ରକ୍ତ ବୁହାଇଲେ, ତେଣୁ ଯେଉଁମାନେ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରନ୍ତି, ସେମାନେ ଧାର୍ମିକତା ପ୍ରାପ୍ତ ହୁଅନ୍ତି ।

ରୋମୀୟ ୫:୧୭ କୁହେ, *" ଯଦି ଜଣଙ୍କର ଅପରାଧରେ ସେହି ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକରୂପେ ଜୀବନରେ ରାଜତ୍ୱ କରିବେ ।"* ଈଶ୍ୱର ଆପଣଙ୍କୁ ଧାର୍ମିକତାର ଦାନ ଦେବାକୁ ଚାହୁଁଛନ୍ତି , ପ୍ରଭୁଙ୍କ ସହ ନ୍ୟାୟ ସଂଗତ ହେବାର ଉପହାର ଦେବାକୁ ଚାହୁଁଛନ୍ତି । ଏହିପରି ଉପହାର ଯାହା ନିହାତି ଭାବେ ମୂଲ୍ୟ ତ ରହିଛି କିନ୍ତୁ ଯେଉଁ ବ୍ୟକ୍ତି ପ୍ରାପ୍ତ କରିବ, ସେହି ବ୍ୟକ୍ତିଠାରୁ ନୁହେଁ । ଆପଣ ଯଦି ମୋତେ ଗୋଟିଏ ଉପହାର ଦେଲେ ଏବଂ ସେହି ଉପହାର ପାଇଁ ତାର ମୂଲ୍ୟ ମାଗିଲେ ତେବେ ତାହା ଉପହାର ହୋଇ ପାରେ ନାହିଁ କିନ୍ତୁ ତାହାର ମୂଲ୍ୟ କିଛି ରହିଛି । ପ୍ରଭୁ ଆପଣଙ୍କ ପାଇଁ ଓ ମୋ ପାଇଁ ଧାର୍ମିକତା ପ୍ରାପ୍ତବ୍ୟ କରୁଅଛନ୍ତି ଏବଂ ତାହା ଏକ ଉପହାର ସଦୃଶ । ଏହି ଉପହାର ଯଥା- ଧାର୍ମିକତା, ଦୋଷମୁକ୍ତି ଏବଂ ଈଶ୍ୱରଙ୍କ ଠାରେ ନ୍ୟାୟ ସଂଗତ ଇତ୍ୟାଦି- ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସ କରିବା ଦ୍ୱାରା ଆସେ ।

## ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନ ମାନ ସହ
## ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରାଶଂରୁ କିଛି ଅଶଂ

୧. ଆପଣ ତୀତସ୍ ୩:୫ ପଢ଼ନ୍ତୁ । ଯେଉଁ ଧାର୍ମିକତାର ଆମେ ଆବଶ୍ୟକତା କରୁ ତାହା ଆମେ ଉପୁଜାଇ ପାରିବା କି ?

***ତୀତସ ୩:୫-*** *ସେ ଆମ୍ଭମାନଙ୍କ କୃତ ଧର୍ମ କର୍ମ ସକାଶେ ନୁହେଁ, ମାତ୍ର ଆପଣାର ଦୟାନୁସାରେ ପୁନର୍ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାର ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି ।*

୨. ଆପଣ ୨ୟ କରନ୍ଥୀୟ ୫:୨୧ ପଢ଼ନ୍ତୁ । କେଉଁ ପ୍ରକାରର ଧାର୍ମିକତା ଆମେ ଦରକାର କରୁ ?

***୨ୟ କରନ୍ଥୀୟ ୫:୨୧-*** *ଯାହାଙ୍କ ଠାରେ ପାପର ଲେଶମାତ୍ର ନ ଥିଲା, ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପ କଲେ, ଯେପରି ଆମ୍ଭେମାନେ ତାହଙ୍କ ଦ୍ୱାରା ଈଶ୍ୱରଙ୍କର ଧାର୍ମିକତା ସ୍ୱରୂପ ହେଉ ।*

୩. ଆପଣ ରୋମୀୟ ୩:୨୨ ପଢ଼ନ୍ତୁ । ଏହି ଧାର୍ମିକତା ଆମ୍ଭେମାନେ କିପରି ପାଇ ପାରିବା ?

***ରୋମୀୟ ୩:୨୨-*** *ଅର୍ଥାତ୍ ଈଶ୍ୱରଙ୍କର ଯେଉଁ ଧାର୍ମିକତା ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ସମସ୍ତ ବିଶ୍ୱାସୀଙ୍କ ପ୍ରତି ବର୍ତ୍ତେ, କାରଣ କୌଣସି ପ୍ରଭେଦ ନାହିଁ ।*

୪. ଆପଣ ପଢ଼ନ୍ତୁ ଫିଲୀପୀୟ ୩:୯ । ଏହି ବ୍ୟବସ୍ଥା ରୂପକ ଧାର୍ମିକତା କ'ଣ ?

***ଫିଲୀପୀୟ ୩:୯-*** *ପୁଣି, ବ୍ୟବସ୍ଥାପାଳନ ହେତୁ ନିଜର ଧାର୍ମିକତା ପ୍ରାପ୍ତ ନ ହୋଇ ବରଂ ଯେପରି ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଦ୍ୱାରା ଈଶ୍ୱର ଦତ୍ତ ବିଶ୍ୱାସ ମୂଳକ ଧାର୍ମିକତା ପ୍ରାପ୍ତ ହୁଏ ।*

୫. ଆପଣ ପଢ଼ନ୍ତୁ ଗାଲାତୀୟ ୨:୨୧ । ଆମ୍ଭେ କିପରି ଈଶ୍ୱରଙ୍କ ଅନୁଗ୍ରହକୁ ବ୍ୟର୍ଥ କରୁ ?

***ଗାଲାତୀୟ ୨:୨୧*** *- ମୁଁ ଈଶ୍ୱରଙ୍କ ଅନୁଗ୍ରହକୁ ବ୍ୟର୍ଥ କରୁନାହିଁ, କାରଣ ଯଦି ବ୍ୟବସ୍ଥା ଦ୍ୱାରା ଧାର୍ମିକତା ଲାଭ ହୁଏ, ତାହାହେଲେ ଖ୍ରୀଷ୍ଟଙ୍କ ମୃତ୍ୟୁ ଭୋଗ କରିବା ବୃଥା ।*

*୬.* ଆପଣ ପଢ଼ନ୍ତୁ ରୋମୀୟ ୫:୧୭- ଈଶ୍ୱରଙ୍କ ଧାର୍ମିକତା କିପରି ଆମେ ପ୍ରାପ୍ତ କରୁ ?

***ରୋମୀୟ ୫:୧୭*** *- ଯେଣୁ ଯଦି ଜଣଙ୍କର ଅପରାଧରେ ସେହି ଜଣଙ୍କ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।*

# ଉତ୍ତର

୧. ଆପଣ ତୀତସ୍ ୩:୫ ପଢ଼ନ୍ତୁ । ଯେଉଁ ଧାର୍ମିକତା ଆମେ ଆବଶ୍ୟକ କରୁ, ସେହି ଧାର୍ମକତା ଆମେ ଉପାର୍ଜନ/ଉପୁଜାଇ ପାରିବା କି ?

*ନାହିଁ ।*

୨. ଆପଣ ପଢ଼ନ୍ତ ୨ୟ କରନ୍ଥୀୟ ୫:୨୧ । କେଉଁ ପ୍ରକାରର ଧାର୍ମିକତା ଆମେ ଆବଶ୍ୟକ କରୁ ?

*ଈଶ୍ୱରଙ୍କର ଧାର୍ମିକତା (ଯାହା ଖ୍ରୀଷ୍ଟ ଯୀଶୁଙ୍କ ଠାରୁ ଆସେ)*

୩. ଆପଣ ରୋମୀୟ ୩:୨୨ ପଢ଼ନ୍ତୁ, ଆମେ କିପରି ଏହି ଧାର୍ମିକତା ପ୍ରାପ୍ତ କରିବା ?

*ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ।*

୪. ଆପଣ ପଢ଼ନ୍ତୁ ଫିଲୀପୀୟ ୩:୯ ବ୍ୟବସ୍ଥା ରୂପକ ଧାର୍ମିକତା କ'ଣ ?

*ଧାର୍ମିକତା ଯାହା ଆମ ଦେଇ ହୁଏ - ଧାର୍ମିକତାର କାର୍ଯ୍ୟମାନ ଯାହା ଆମେ ଉପାର୍ଜନ (ବା) ଉପୁଜାଇ ପାରୁ ।*

୫. ଆପଣ ପଢ଼ନ୍ତ ଗାଲାତୀୟ ୨:୨୧ । ଆମେ କିପରି ଈଶ୍ୱରଙ୍କ ଅନୁଗ୍ରହକୁ ବ୍ୟର୍ଥ କରୁ ?

*ଆମେ ଖ୍ରୀଷ୍ଟ ଯୀଶୁଙ୍କୁ ବିଶ୍ୱାସ କରିବା ପରିବର୍ତ୍ତେ ଓ ଆମ ପରିତ୍ରାଣ ନିମନ୍ତେ ତାଙ୍କର ମୃତ୍ୟୁ ହେଲା ତାହା ଜାଣିବା ପରିବର୍ତ୍ତେ, ଆମେ ନିଜେ ନିଜର ଉତ୍ତମ କାର୍ଯ୍ୟ ମାନ ଦ୍ୱାରା ପରିତ୍ରାଣ ପାଇବା ପାଇଁ ଚେଷ୍ଟା କରୁ । ଆଉ ସେହିପରି ଭାବେ ଆମେ ଅନୁଗ୍ରହକୁ ବ୍ୟର୍ଥ କରୁ ।*

୬. ଆପଣ ପଢ଼ନ୍ତୁ ରୋମୀ ୫:୧୭ । ଆମେ ଈଶ୍ୱରଙ୍କ ଧାର୍ମିକତା କିଭଳି ପ୍ରାପ୍ତ କରିଛୁ ?

*ଏକ ଉପହାର ସଦୃଶ ।*

## ଅଧ୍ୟାୟ - ୪

# ଈଶ୍ୱରଙ୍କ ସହ ସଂପର୍କ

### *ଲେଖକ - ଆଣ୍ଡ୍ରିଉ ୱମାକ୍*

ଗୋଟିଏ ସଂପର୍କ ସ୍ଥାପନରେ ସବୁଠାରୁ ମୁଖ୍ୟ ବିଷୟ ହେଲା, ଆପଣ ଯାହା ସହ ସଂପର୍କ ସ୍ଥାପନ (ବା) ତିଆରି (ବା) ଆରମ୍ଭ କରିବାକୁ ଯାଉଛନ୍ତି, ତାଙ୍କ ବିଷୟରେ ଉତ୍ତମ ଭାବେ ବୁଝିବା (ବା) ତାହାଙ୍କୁ ଜାଣିବା । ଆଉ ସେହି ବିଷୟ ଈଶ୍ୱରଙ୍କ ସହ ମଧ ଆବଶ୍ୟକ ଅଟେ । ଈଶ୍ୱରଙ୍କର ସହ ଏକ ସୁନ୍ଦର ସଂପର୍କ ସ୍ଥାପନ କରବାକୁ ହେଲେ ଆପଣଙ୍କୁ ଈଶ୍ୱରଙ୍କର ମୂଳ ସ୍ୱଭାବ ଓ ଚରିତ୍ର କିପରି ତାହା ବୁଝିବାକୁ ପଡ଼ିବ । ତାହାଙ୍କ (ଈଶ୍ୱରଙ୍କ) ସ୍ୱଭାବ ଓ ଚରିତ୍ର ବିଷୟ ଅନେକ ଲୋକଙ୍କର ଭୁଲ୍ ବୁଝିବା ଯୋଗୁଁ, ସେମାନେ ତାହାଙ୍କ ସହ ଏକ ସକରାତ୍ମକ ସଂପର୍କରେ ରହି ପାରନ୍ତି ନାହିଁ । ଆଉ ତାହା ହିଁ ,ଏଦନ ଉଦ୍ୟାନରେ ଘଟିଥିଲା । ଯେତେବେଳେ ଆଦମ ଓ ହବା ଶୟତାନ(ସର୍ପ) ଦ୍ୱାରା ପ୍ରଲୋଭିତ ହେଲେ । ସେମାନେ ପ୍ରଲୋଭନରେ ପ୍ରବେଶ କଲେ, ଈଶ୍ୱରଙ୍କୁ ଅବଜ୍ଞା କରି ଅବାଧ୍ୟ ହେଲେ ଏବଂ ସମସ୍ତ ମାନବ ଜାତିକୁ ପାପରେ ବୁଡ଼େଇଲେ । ଈଶ୍ୱରଙ୍କ ପ୍ରକୃତି ଓ ସ୍ୱଭାବକୁ ବୁଝିବାର ଅଭାବ ଯୋଗୁଁ ସେମାନେ ପ୍ରଲୋଭନରେ ପଡ଼ିଲେ ।

ଆଦିପୁସ୍ତକ ୩:୧-୫ ର କାହାଣୀ ସହ ଆପଣମାନେ ଭଲ ଭାବେ ପରିଚିତ । *"ସଦାପ୍ରଭୁ ପରମେଶ୍ୱରଙ୍କ ନିର୍ମିତ ଭୂଚର ପଶୁମାନଙ୍କ ମଧରେ ସର୍ପ ସର୍ବାପେକ୍ଷା ଖଳ ଥିଲା । ସେ ନାରୀଙ୍କି କହିଲା, ଆଗୋ, ଏ କି ସତ୍ୟ,ଉଦ ୍ୟାନରେ କୌଣସି ବୃକ୍ଷରଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି କି ? ନାରୀ ସର୍ପ କୁ କହିଲେ, ଆମ୍ଭେମାନେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ଖାଇପାରୁ; କେବଳ ଉଦ୍ୟାନର ମଧସ୍ଥିତ ବୃକ୍ଷର ଫଳ ବିଷୟରେ ପରମେଶ୍ୱର କହିଅଛନ୍ତି, ତୁମ୍ଭେମାନେ ତାହା ଖାଇବ ନାହିଁ ଓ ଛୁଇଁବ ନାହିଁ , ତାହାକଲେ ମରିବ । ସର୍ପ ନାରୀକି କହିଲା, ତୁମ୍ଭେମାନେ କୌଣସି ରୂପେ ମରିବ ନାହିଁ । ବରଞ୍ଚ ପରମେଶ୍ୱର ଜାଣନ୍ତି, ତୁମ୍ଭେମାନେ ଯେଉଁଦିନ ତାହା ଖାଇବ, ସେହି ଦିନ ତୁମ୍ଭମାନଙ୍କ ଚକ୍ଷୁ ପ୍ରସନ୍ନ ହେବ, ତହିଁରେ ତୁମ୍ଭେମାନେ ପରମେଶ୍ୱରଙ୍କ ପରି ଭଲ ଓ ମନ୍ଦର ଜ୍ଞାନ ପାଇବ ।"*

ଏଠାରେ ଶୟତାନ ଏକ ନିଗୂଢ଼ ଓ ରହସ୍ୟପୂର୍ଣ୍ଣ ବିବୃତି ଦେଉଅଛି  ଯେ, ପରମେଶ୍ୱର  ବାସ୍ତବରେ ଏକ ଉତ୍ତମ ପରମେଶ୍ୱର ନୁହଁନ୍ତି ... କାରଣ ସେ ଆଦାମ ଓ ହବା ଠାରୁ କିଛି ଲୁଚେଇ ରଖିଛନ୍ତି...ଆଉ ଈଶ୍ୱର ଚାହୁଁନାହାନ୍ତି ଯେ ,ସେମାନେ ନିଜର ସଂପୂର୍ଣ୍ଣ ସମ୍ଭାବ୍ୟକୁ ପହଞ୍ଚନ୍ତୁ... ସେ ଚାହୁଁନାହାନ୍ତି ଯେ ସେମାନେ ତାହାଙ୍କ(ଈଶ୍ୱର) ପରି ହୁଅନ୍ତୁ...ଏବଂ ସେଇଥିପାଇଁ ସେ ସେହି ସଦ୍‌ସତ୍ ଜ୍ଞାନ ଦାୟକ ବୃକ୍ଷର  ଫଳ ନ ଖାଇବାପାଇଁ ସେମାନଙ୍କ ଆଗରେ ଏକ ନିୟମ  ରଖିଛନ୍ତି । ଶୟତାନ ଯେତେବେଳେ ଛଳନା କରି ଆଦ-

ମକୁ କହିଲା ଯେ ପରମେଶ୍ୱର ତୁମ୍ଭ ପାଇଁ ଉତ୍ତମ ଚାହୁଁନାହାନ୍ତି, ସେ (ଶୟତାନ) ପରମେଶ୍ୱରଙ୍କର ପ୍ରକୃତ ସ୍ୱଭାବ, ପ୍ରକୃତ ଓ ଚରିତ୍ରର ବିପକ୍ଷରେ ଆସିଲା । ଆଉ ସେହି ସମାନ ବିଷୟ ଆଜିର ଏହି ସମୟରେ ଲୋକମାନଙ୍କ ସହ ହେଉଅଛି । ଶୟତାନ ସେମାନଙ୍କୁ କୁହେ, "ତୁମେ ଯଦି ଈଶ୍ୱରଙ୍କୁ ଅନୁଶରଣ କର ଏବଂ ତାହାଙ୍କ ବାକ୍ୟରେ ବିପରୀତ ଯାଇ ସମସ୍ତ ବିଷୟ ସବୁ ଯଦି ପରିକ୍ଷା ନକର ତେବେ, ତୁମେ କେବେହେଁ ବାସ୍ତବ ଖୁସି ଅନୁଭବ କରି ପାରିବନାହିଁ । ତୁମର ଜୀବନ ଅତ୍ୟନ୍ତ ନିରାଶାମୟ ହୋଇ ଯିବ ... ଏକ ମୃତ ସମାନ ।" ଦୁଃଖର ବିଷୟ ହେଲା ଲୋକେ ନିଶାସକ୍ତ (ଡ୍ରଗସ), ମଦ୍ୟପାନ, ବିଭିନ୍ନ ଯୌନ ସଂପର୍କ, ସଂଘର୍ଷ, ସ୍ୱ-ଉପଭୋଗ, କାର୍ଯ୍ୟକ୍ଷେତ୍ରରେ ସଫଳତା ଏବଂ ଅନ୍ୟାନ୍ୟ ଅନେକ ବିଷୟ ସବୁ କରି ଚେଷ୍ଟା କରିବା ପରେ ମଧ ସନ୍ତୋଷ ହୁଅନ୍ତି ନାହିଁ । ଆଉ ଯେଉଁ ସମୟରେ ସେମାନେ ଏହି ବିଷୟରେ ହୃଦ ୟଙ୍ଗମ କରନ୍ତି, ସେତେବେଳେ ସେମାନେ ନିଜର ଜୀବନ, ପରିବାର, ସଂପର୍କ ଏବଂ ସ୍ୱାସ୍ଥ୍ୟ ସମସ୍ତ କିଛି ଧ୍ୱଂସ , ବିଧ୍ୱଂସ ନିଜ ହାତରେ କରି ସାରିଥା'ନ୍ତି ।

ପ୍ରକୃତ ବାସ୍ତବ କଥା ହେଲା ପରମେଶ୍ୱର ହେଉଛନ୍ତି ଏକ ଉତ୍ତମ ପରମେଶ୍ୱର ଏବଂ ତାହାଙ୍କର ଇଚ୍ଛା ଆମ୍ଭମାନଙ୍କ ପାଇଁ ସର୍ବଦା ଉତ୍ତମ ଓ ଭଲ ଅଟେ । କିନ୍ତୁ ଶୟତାନ ଆଦାମ ଓ ହବାଙ୍କୁ ସେହି ଏଦନ ଉଦ ୍ୟାନରେ କରିଥିବା ସେହି ସମାନ ପ୍ରଲୋଭନ ଆଜି ଆମ୍ଭମାନଙ୍କ ପାଇଁ ବ୍ୟବହାର କରେ । ଆଉ ମୂଖ୍ୟତଃ ସେ ଏହା ହିଁ ଆକ୍ଷେପ ଓ ଇଙ୍ଗିତ କରି କୁହେ, ପରମେଶ୍ୱର ଜଣେ ଉତ୍ତମ ପରମେଶ୍ୱର ନୁହନ୍ତି । ଆଉ ଏହା ସେହି ଲୋକମାନେ ସ୍ୱିକାରିବେ , ଯେଉଁମାନଙ୍କର ବାଇବଲ ବିଷୟରେ ବୁଝିବା ଜ୍ଞାନ କମ୍ ଥାଏ । କାରଣ ଏହିପରି ନିର୍ଦ୍ଦିଷ୍ଟ ଘଟଣା ମାନ ଅଛି ପବିତ୍ର ବାକ୍ୟରେ ଯେଉଁଠି ସେ (ପରମେଶ୍ୱର) ଲୋକଙ୍କୁ କଠୋର ଭାବେ ଓ ନିଷ୍ଠୁର ଭାବେ ନିୟନ୍ତ୍ରଣ ଓ ଶାସନ କରିଛନ୍ତି । ଗଣନା ପୁସ୍ତକ ୧୫:୩୨-୩୬, ଜଣେ ମନୁଷ୍ୟ ବିଶ୍ରାମ ବାରରେ କାଠ ସାଉଣ୍ଟିଲା ଏବଂ ସେ ବିଶ୍ରାମବାର ପାଳନ କରିବାର ବିଫଳ ଯୋଗୁଁ ତାହାକୁ ପଥରରେ ମରାଗଲା । ତାହା ଅତ୍ୟନ୍ତ କଠୋର ବିଷୟ କିନ୍ତୁ ସେତେବେଳେ ସେହି ପ୍ରକାରର ଦଣ୍ଡ ଦେବାରେ କିଛି ଉଦ୍ଦେଶ୍ୟ ଓ ଅ ଭିପ୍ରାୟ ଥିଲା । ଯଦିବା ଏହା ଅନେକ ଲୋକ ଯେଉଁମାନେ ପ୍ରଥମ ଥର (ବା) ଆକସ୍ମିକ ଭାବେ ପଢୁଛନ୍ତି, ସେମାନଙ୍କ ପାଇଁ ଏହି ଶାସ୍ତ୍ରାଂଶ ଏତେ ସ୍ୱାଭାବିକ ହୋଇ ନ ପାରେ । ସତର୍କ ଭାବେ ପୁରାତନ ନିୟମ ପଢ଼ିବା ଦ୍ୱାରା ଆମେ ଜାଣିପାରିବା ଯେ ,ଆମେ କରିଥିବା ପାପ ସବୁ ଯେପରି ଅତିଶୟ ପାପ ମଧ୍ୟ ନହୁଏ ,ଏଇଥିପାଇଁ ପୁରାତନ ନିୟମରେ ଆଜ୍ଞା/ବ୍ୟବସ୍ଥା ଦିଆଯାଇଥିଲା । ଯେପରି ପାଉଲ ରୋମୀୟ (୭:୧୩) ରେ କୁହନ୍ତି । ତାହାର ଉଦ୍ଦେଶ୍ୟ ଥିଲା:- ଲୋକମାନଙ୍କୁ ଜଣେଇବା ଯେ, ସେମାନେ ଯାହା ହୃଦୟଙ୍ଗମ କରିପାରୁ ନ ଥିଲେ, ସେମାନଙ୍କର ବିଧିଲଂଘନ କେତେ ମାରାତ୍ମକ ଏବଂ ସେ ସମସ୍ତ ଈଶ୍ୱର ବିରୋଧୀ କାର୍ଯ୍ୟ । ସେମାନେ ନିଜ ମଧରେ ତୁଳନା କଲେ ଯାହା କି ଭୁଲ ଥିଲା ଏବଂ ଯାହା ଅନ୍ୟମାନେ କରୁଥିଲେ ତାହା ଦେଖି ସେମାନେ ନିଜ କାର୍ଯ୍ୟକୁ ମଧ ମାପୁଥିଲେ (ବା) ତୁଳନା କରୁଥିଲେ ।

ଯଦି ଜଣେ କେହି ପାପ କରେ ଏବଂ ଯଦି ମୃତ୍ୟୁର ପଡ଼େ ନାହିଁ ତେବେ, ସେମାନେ ଭାବନ୍ତି ପାପ ଏତେ ମଧ ଖରାପ ନୁହେଁ ଏବଂ ସେମାନେ ନିଜର ଭାବନା ଶକ୍ତିକୁ ପୁଣି କମେଇ ଦିଅନ୍ତି ଆଉ ସେମାନେ କେଉଁଟି ଠିକ୍ ଓ କେଉଁଟି ଭୁଲ୍ ତାହା ଜାଣିବାର ଠିକ୍ ପରିପ୍ରେକ୍ଷଣକୁ ହରାଇ ବସନ୍ତି । ଆଉ ଈଶ୍ୱରଙ୍କୁ ମାନବଜାତିକୁ ଏକ ସଠିକ୍ ଓ ଧାର୍ମିକ ସ୍ତରକୁ ଫେରେଇ ଆଣିବାର ଆବଶ୍ୟକତା ଥିଲା । ଯାହା ଦ୍ୱାରା କି ସେମାନେ ଖଳ ବା ମନ୍ଦ/ଶୟତାନକୁ ଅଗ୍ରାହ୍ୟ ଓ ପ୍ରତ୍ୟାଖ୍ୟାନ କରିପାରିବେ ଏବଂ ତା'ର ପ୍ରଲୋଭନକୁ ଚିହ୍ନି ପାରିବେ ଏବଂ ଜାଣିପାରିବେ ଯେ ଭୁଲ୍ ଚୟନର ଫଳାଫଳ କ'ଣ ହୋଇପାରେ । ଆଉ

ଯେତେବେଳେ ସେ ଏହା କଲେ, ତାହାଙ୍କୁ (ପରମେଶ୍ୱର) ନିଜେ ଦେଇଥିବା ଆଜ୍ଞା/ବ୍ୟବସ୍ଥା ବାଧତାମୂଳକ ଭାବେ କାର୍ଯ୍ୟକାରୀ କରିବାର ଥିଲା ।

ପରମେଶ୍ୱର ଏହି ଉଦ୍ଦେଶ୍ୟରେ ପୁରାତନ ନିୟମର ଆଜ୍ଞା ମାନ ଦେଲେ ନାହିଁ ଯେ, "ଯେତେବେଳେ ଯାଏଁ ତୁମ୍ଭେମାନେ ଏସମସ୍ତ ନ କର, ମୁଁ ସେତେବେଳେ ଯାଏଁ ତୁମ୍ଭଙ୍କୁ ଗ୍ରହଣ କରିବି ନାହିଁ କି ଅବା ପ୍ରେମ କରିବି ନାହିଁ।" ଏହା ତାଙ୍କର ପ୍ରକୃତି, ସ୍ୱଭାବ କିଅବା ଚରିତ୍ର ନୁହେଁ। ବରଂ, ସେ ସେମାନଙ୍କୁ ଭୁଲ୍ ଓ ଠିକ୍ କୁ ସଠିକ୍ ଭାବେ ଜାଣିବାର ଜ୍ଞାନ ଦେଲେ ଏବଂ ସେହି ସତ୍ୟକୁ ବୁଝେଇବାକୁ ଚାହିଁଲେ ଯେ, ଆମେ ଜଣେ ତ୍ରାଣକର୍ତ୍ତା ଈଶ୍ୱରଙ୍କର ଆବଶ୍ୟକ କରୁ । ସମସ୍ୟା ଏହା ଥିଲା ଯେ, ଲୋକମାନେ ଭାବିଲେ, ପରମେଶ୍ୱର ସେମାନଙ୍କୁ ଭଲ ପାଇବା ପୂର୍ବରୁ ସେମାନଙ୍କର ସର୍ବଶ୍ରେଷ୍ଠତା/ପରିପୂର୍ଣ୍ଣତା ଚାହାଁନ୍ତି । ଆଉ ଯାହାକି ସେମାନଙ୍କର ଏକ ମନୋଭାବ ହୋଇଗଲା ଯେ, ପରମେଶ୍ୱରଙ୍କର ପ୍ରେମ ସଂପୂର୍ଣ୍ଣ ଭାବେ କାର୍ଯ୍ୟ ପ୍ରଦର୍ଶନ ଉପରେ ନିର୍ଭର କରେ। ସେମାନେ ଭାବିଲେ ଯେତେବେଳେ ଯାଏଁ ସେମାନେ ସମସ୍ତ ବିଷୟ ସଠିକ୍ ଭାବରେ କରିବାକୁ ଚେଷ୍ଟା ନ କରନ୍ତି, ସେମାନେ ପରମେଶ୍ୱରଙ୍କ ଦ୍ୱାରା ଗ୍ରହଣଯୋଗ୍ୟ ହୋଇ ପାରିବେ ନାହିଁ ଏବଂ ତାହା ପବିତ୍ର ବାଇବଲ୍‌ର ସମ୍ବାଦ ନୁହେଁ।

ପରମେଶ୍ୱରଙ୍କର ହୃଦୟ ମାନବ ଜାତିକୁ ନିଜ ସହ ପୁନଃମିଳନ କରିବା ଅଟେ, ସେମାନଙ୍କୁ ବିଚାର କରିବା ନୁହେଁ... ସେମାନଙ୍କ ପାପ ପାଇଁ ଆରୋପ/ଆକ୍ଷେପ କରିବା ନୁହେଁ, ସେମାନଙ୍କ ପାପ ପାଇଁ ସେମାନଙ୍କ ବିରୋଧୀ ହେବା ନୁହେଁ। ଆଉ ତାହା ଥିଲା ଈଶ୍ୱରଙ୍କ ହୃଦୟ- ବାଇବଲ୍‌ରେ ଥିବା ଲୋକମାନଙ୍କ ପାଇଁ ଏବଂ ସେହି ସମାନ ହୃଦୟ ଆଜି ଆମ୍ଭମାନଙ୍କ ପାଇଁ । ଆପଣଙ୍କୁ ତାହାଙ୍କର ପ୍ରକୃତ ହୃଦୟକୁ ବୁଝିବାକୁ ପଡ଼ିବ ଯେ, "ଈଶ୍ୱର ପ୍ରେମ" (୧ମ ଯୋହନ ୪:୮) ସେ ଆପଣଙ୍କୁ ଆପଣଙ୍କର ପାପରୁ ଓ ସେ ସମସ୍ତ ବିଷୟ ଯାହା ଆପଣଙ୍କୁ ତାଙ୍କ (ଈଶ୍ୱର) ଠାରୁ ଅଲଗା କରେ, ତାକୁ ନେଇଯିବାକୁ ଚାହାନ୍ତି। ଆଉ ସେ ତାହା ନିଜ ପୁତ୍ର ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା କରିସାରିଛନ୍ତିଦ ଏବଂ ସେ ଆପଣଙ୍କୁ ଏକ ସୁନ୍ଦର ସଂପର୍କ ତାହାଙ୍କ ସହ ଆରମ୍ଭ କରିବାର ସୁଯୋଗ ଦେଉଛନ୍ତି, ଆପଣଙ୍କ କାର୍ଯ୍ୟର ପ୍ରଦର୍ଶନକୁ ଦେଖି ନୁହେଁ କିନ୍ତୁ ଖ୍ରୀଷ୍ଟ ଯୀଶୁଙ୍କ ଉପରେ ଆପଣଙ୍କ ବିଶ୍ୱାସ ଓ ଗ୍ରହଣ୍ୟଯୋଗ୍ୟ ମନୋଭାବକୁ ଦେଖି ।ଆଜି ଆପଣ ଆପଣଙ୍କର ଜୀବନର ଅସଫଳତା ସତ୍ତ୍ୱେ, ତାହାଙ୍କ ସହ ଏକ ସୁନ୍ଦର ସଂପର୍କ ଆରମ୍ଭ କରି ପାରିବେ । କେବଳ ସେ ଚାହୁଁଛନ୍ତି ଯେ, ଆପଣ ଆପଣଙ୍କର ବିଶ୍ୱାସ ଖ୍ରୀଷ୍ଟ ଯୀଶୁଙ୍କର ଉପରେ ରଖନ୍ତୁ ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ଆପଣ ଆଦି ପୁସ୍ତକ ୩:୧ ପଢ଼ନ୍ତୁ । କେଉଁ ପ୍ରଶ୍ନଟି ଶୟତାନ ହବାଙ୍କୁ ପଚାରିଲା ?

***ଆଦିପୁସ୍ତକ ୩:୧ -*** *ସଦାପ୍ରଭୁ ପରମେଶ୍ୱରଙ୍କ ନିର୍ମିତ ଭୂଚର ପଶୁମାନଙ୍କ ମଧ୍ୟରେ ସର୍ପ ସର୍ବାପେକ୍ଷା ଖଳ ଥିଲା । ଆଉ ସେ ନାରୀଙ୍କି କହିଲା, ଆଗୋ, ଏକ ସତ୍ୟ, ଉଦ୍ୟାନରେ କୌଣସି ବୃକ୍ଷର ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି ?*

୨. ଆପଣ ଆଦିପୁସ୍ତକ ୨:୧୭ ପଢ଼ନ୍ତୁ ଏବଂ ୩:୩ । କେଉଁ ଶବ୍ଦ ଓ ଶବ୍ଦମାନ ହବା ଆଦାମଙ୍କୁ କହିଲେ ଯାହା ବାସ୍ତବରେ ପରମେଶ୍ୱର ଆଦାମଙ୍କୁ କହିଲେ ?

***ଆଦି ପୁସ୍ତକ ୨:୧୭ -*** *ମାତ୍ର ସଦ୍‌ସତ୍ ଜ୍ଞାନ ଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ ଯେହେତୁ ଯେଉଁ ଦିନ ତାହା ଖାଇବ , ସେହିଦିନ ନିତାନ୍ତ ମରିବ ।*

***ଆଦିପୁସ୍ତକ ୩:୩ –*** *କେବଳ ଉଦ୍ୟାନର ମଧ୍ୟସ୍ଥିତ ବୃକ୍ଷର ଫଳ ବିଷୟରେ ପରମେଶ୍ୱର କହିଅଛନ୍ତି , ତୁମ୍ଭେମାନେ ତାହା ଖାଇବ ନାହିଁ ଓ ଛୁଇଁବ ନାହିଁ, ତାହା କଲେ ମରିବ ।*

୩. ଆପଣ ଆଦିପୁସ୍ତକର ୩:୬ ପଢ଼ନ୍ତୁ । ଥରେ ଶୟତାନ ପ୍ରଭୁଙ୍କ ବାକ୍ୟ ଅନୁସାରେ ହବାଙ୍କର ମନରେ ସନ୍ଦେହ ପ୍ରବେଶ କରେଇବାରେ ସମର୍ଥ ହେଲେ, ସେ ଏହି ପଦରେ କ'ଣ କଲେ ?

***ଆଦିପୁସ୍ତକ ୩:୬ –*** *ଏଥିରେ ନାରୀ ସେହି ବୃକ୍ଷକୁ ସୁଖାଦ୍ୟର ଉତ୍ପାଦକ ଓ ନୟନର ଲୋଭଜନକ ଓ ଜ୍ଞାନ ଦେବା ନିମିତ୍ତ ବାଞ୍ଛନୀୟ ଦେଖି ତହିଁରୁ ଫଳ ତୋଳି ଖାଇଲେ, ପୁଣି ଆପଣା ସଙ୍ଗସ୍ଥ ସ୍ୱାମୀଙ୍କୁ ଦିଅନ୍ତେ , ସେ ମଧ୍ୟ ଖାଇଲେ ।*

୪. ଆପଣ ପଢ଼ନ୍ତୁ ୩:୯-୧୦ । ଆଦାମ ଓ ହବା ପାପ କରିବା ପରେ, ପରମେଶ୍ୱର କ'ଣ ସେମାନଙ୍କ ସହ କଥା ହେଲେ କି ଓ ସଂପର୍କ ରଖିଲେ କି ?

***ଆଦିପୁସ୍ତକ ୩:୯-୧୦*** *- ତହିଁରେ, ସଦାପ୍ରଭୁ ପରମେଶ୍ୱର ଆଦାମଙ୍କୁ ଡାକି କହିଲେ, ତୁମ୍ଭେ କେଉଁଠାରେ ? ସେ ଉତ୍ତର କଲେ, ମୁଁ ଉଦ୍ୟାନ ମଧ୍ୟରେ ତୁମ୍ଭ ରବ ଶୁଣି ଆପଣା ଉଲଙ୍ଗତା ସକାଶେ ଭୀତ ହୋଇ ଲୁଚିଲି ।*

୫. ଆପଣ ଆଦିପୁସ୍ତକ ୩:୨୨-୨୪ ପଢ଼ନ୍ତୁ । ପରମେଶ୍ୱର କାହିଁକି ଆଦାମ ଓ ହବାଙ୍କୁ ଏଦନ ଉଦ୍ୟାନରୁ ବାହାର କରିଦେଲେ ?

***ଆଦିପୁସ୍ତକ ୩:୨୨-୨୪*** *- ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ ଦେଖ, ମନୁଷ୍ୟ ଭଲ ମନ୍ଦର ବୋଧ ପ୍ରାପ୍ତ ହୋଇ ଆମ୍ଭମାନଙ୍କ ପରି ଜଣେ ହୋଇଅଛି, ଆଉ ଏବେ ସେ ଯେପରି ହାତ ବଢ଼ାଇ ଅମୃତ ବୃକ୍ଷର ଫଳ ମଧ୍ୟ ତୋଳିଖାଇ ଅନନ୍ତଜୀବୀ ନ ହୁଅଇ,ଏଇଥିପାଇଁ ସଦାପ୍ରଭୁ ପରମେଶ୍ୱର ଏଦନ ଉଦ୍ୟାନରୁ ତାହାଙ୍କୁ ବାହାର କରିଦେଲେ ଓ ସେ ଯେଉଁ ମୃତ୍ତିକାରୁ ନୀତ ହୋଇଥିଲେ, ତହିଁରେ କୃଷିକର୍ମ କରିବାକୁ ତାଙ୍କୁ ନିଯୁକ୍ତ କଲେ । ଏହି ରୂପେ ସେ ଆଦମଙ୍କୁ ତଡ଼ି ଦେଲେ; ପୁଣି ଅମୃତ ବୃକ୍ଷର ଫଳ ରକ୍ଷା କରିବା ନିମିତ୍ତ ଏଦନ ଉଦ ୍ୟାନର ପୂର୍ବ ଦିଗରେ କିରୁବଗଣ ଓ ଚତୁର୍ଦ୍ଦିଗରେ ଘୂର୍ଣ୍ଣାୟମାନ ଓ ତେଜୋମୟ ଖଡ୍‌ଗ ସ୍ଥାପନ କଲେ ।*

୬. ଆପଣ ଦେଖିପାରୁଛନ୍ତି ,ଏହା ଶାସ୍ତି/ଦଣ୍ଡ ନ ଥିଲା ବରଂ ଏହା ପରମେଶ୍ୱରଙ୍କର ଦୟା ଓ କୃପା ଥିଲା ?

୭. ଆପଣ ରୋମୀୟ ୫:୧୭ ପଢ଼ନ୍ତୁ । ଆମ୍ଭେମାନେ କିପରି ପରମେଶ୍ୱରଙ୍କର ଅନୁଗ୍ରହର ପ୍ରଚୁରତା ଓ ଧାର୍ମିକତାର ଦାନ ସବୁ ପାଇବା ?

(କ) କିଣି
(ଖ) ଉପାର୍ଜନ କରି
(ଗ) ଗ୍ରହଣ କରି

***ରୋମୀୟ ୫:୧୭-*** *ଯେଣୁ ଯଦି ଜଣଙ୍କର ଅପରାଧରେ ସେହି ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।*

୮. ଆପଣ ପଢ଼ନ୍ତୁ ରୋମୀୟ ୬:୨୩ । ଆମେ ଯଦିପାପ କରୁ ତେବେ ବାସ୍ତବରେ ଆମେ କ'ଣ ପାଇବାର ଅଧିକାରୀ ?

***ରୋମୀୟ ୬:୨୩-*** *କାରଣ ପାପର ବେତନ ମୃତ୍ୟୁ କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।*

୯. ଅନୁଗ୍ରହରେ, ପ୍ରଭୁ ଆମକୁ କ'ଣ ଦିଅନ୍ତି ?

୧୦. ରୋମୀୟ ୧୦:୩ ପଢ଼ନ୍ତୁ । ଆମ୍ଭେ ଯଦି ପରମେଶ୍ୱରଙ୍କ ଆଗରେ ନିଜର ଧାର୍ମିକତା ସ୍ଥାପନା କରିବାକୁ ଚେଷ୍ଟା କରୁ, ତେବେ ଆମେ କ'ଣ କରିବାକୁ ଅସଫଳ ହେଉ ?

***ରୋମୀୟ ୧୦:୩ -*** *ଯେଣୁ ଈଶ୍ୱରଙ୍କ ଧାର୍ମିକତା ବିଷୟରେ ଅଜ୍ଞ ହୋଇ ଓ ଆପଣା ଆପଣା ଧାର୍ମିକତା ସ୍ଥାପନ କରିବାକୁ ଚେଷ୍ଟା କରି ସେମାନେ ଈଶ୍ୱର ଦତ୍ତ ଧାର୍ମିକତାର ବଶୀଭୂତ ହୋଇ ନାହାନ୍ତି ।*

୧୧. ଆପଣ ପଢ଼ନ୍ତୁ ୧ମ ଯୋହନ ୧:୯ ଏବଂ ରୋମୀୟ ୪:୩ । ଆମେ କେବଳ ବିଶ୍ୱାସ କଲେ, ପରମେଶ୍ୱର ଆମ ସମସ୍ତ ପାପ ଓ ଅନ୍ୟାୟତାକୁ କ'ଣ କରିବେ ବୋଲି ପ୍ରତିଜ୍ଞା କରନ୍ତି ?

***୧ମ ଯୋହନ ୧:୯ –*** *ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।*

***ରୋମୀୟ ୪:୩ -*** *କାରଣ ଶାସ୍ତ୍ର କଅଣ କୁହେ ? ଅବ୍ରାହମ୍ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ଆଉ ତାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା ।*

୧୨. ଏହି ସମସ୍ତ ବିଷୟ ଆପଣଙ୍କୁ ପରମେଶ୍ୱରଙ୍କ ସ୍ୱଭାବ ବିଷୟରେ କ'ଣ କୁହେ ?

# ଉତ୍ତର

୧. ଆଦିପୁସ୍ତକ ୩:୧ । ଶୟତାନ ହବାକୁ ପ୍ରଶ୍ନ ପଚାରିଲା ?

***"ଏହା କ'ଣ ସତ୍ୟ , ଉଦ୍ୟାନର କୌଣସି ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଛନ୍ତି ?"***

୨. ଆଦି ପୁସ୍ତକ ୨:୧୭ ପଢ଼ନ୍ତୁ ଏବଂ ଆଦିପୁସ୍ତକ ୩:୩ । କେଉଁ ଶବ୍ଦ ଓ ଶବ୍ଦମାନ ହବା ଆଦାମଙ୍କୁ କହିଲେ, ଯାହାକି ଈଶ୍ୱର ପ୍ରକୃତରେ ଆଦାମଙ୍କୁ କହିଲେ ।

***ତୁମ୍ଭେମାନେ ତାହାକୁ ଛୁଇଁବ ନାହିଁ ।***

୩. ଆଦି ପୁସ୍ତକ ୩:୬ ପଢ଼ନ୍ତୁ । ପ୍ରଭୁ କହିଥିବା ବାକ୍ୟକୁ ଶୟତାନ ଥରେ ହବାର ମନରେ ଦ୍ୱନ୍ଦ ଆଣିବାରେ ସମର୍ଥ ହେଲା, ହବା ଏହି ପଦରେ କ'ଣ କଲା ?

***ଫଳ ତୋଳି ଖାଇଲେ ।***

୪. ଆଦିପୁସ୍ତକ ୩:୯-୧୦ ପଢ଼ନ୍ତୁ । ଆଦମ ଓ ହବା ପାପକଲା ପରେ ମଧ ପରମେଶ୍ୱର ସେମାନଙ୍କ ସହ କଥାବାର୍ତ୍ତା ସଂପର୍କ ରଖିଲେ କି ?

***ହଁ ।***

୫. ଆଦିପୁସ୍ତକ ୩:୨୨-୨୪ ପଢ଼ନ୍ତୁ । ପରମେଶ୍ୱର କାହିଁକି ଆଦମ ଓ ହବାଙ୍କୁ ଏଦନ ଉଦ୍ୟାନରୁ ବାହାର କରିଦେଲେ ?

***ସେମାନେ ଯେପରି ଅମୃତ ବୃକ୍ଷର ଫଳ ମଧ୍ୟ ତୋଳି ଖାଇ ଅନନ୍ତଜୀବୀ ନ ହୁଅନ୍ତି ।***

୬. ଆପଣ ଦେଖିଲେ କି ଏହି କାର୍ଯ୍ୟକଳାପ ପରେ ବି ପରମେଶ୍ୱର ସେମାନଙ୍କୁ ଦଣ୍ଡ/ଶାସ୍ତି ଦେବା ପରିବର୍ତ୍ତେ, ଦୟା ଓ କୃପା କଲେ ?

***ହଁ ।***

୭. ରୋମୀୟ ୫:୧୭ ପଢ଼ନ୍ତୁ । ଆମ୍ଭେ କିପରି ପରମେଶ୍ୱରଙ୍କର ଅନୁଗ୍ରହର ପ୍ରାଚୁର୍ଯ୍ୟତା ଓ ଧାର୍ମିକତାର ଦାନ ପ୍ରାପ୍ତ କରିବା ?

*ତାହାକୁ ଗ୍ରହଣକରି/ସ୍ୱୀକାର କରି ।*

୮. ରୋମୀୟ ୬:୨୩ ପଢ଼ନ୍ତୁ । ଆମେ ଯଦି ପାପ କରୁ ତେବେ ଆମେ କାହାର ଅଧିକାରୀ ?

*ମୃତ୍ୟୁ ।*

୯. ଅନୁଗ୍ରହ ଦ୍ୱାରା ପରମେଶ୍ୱର ଆମ୍ଭମାନଙ୍କୁ କ'ଣ ଦେଇଅଛନ୍ତି ?

*ଯୀଶୁଙ୍କ ଠାରେ ଅନନ୍ତ ଜୀବନ ।*

୧୦. ରୋମୀୟ ୧୦:୩ ପଢ଼ନ୍ତୁ । ଯଦି ଆମେ ପ୍ରଭୁଙ୍କ ଆଗରେ ନିଜର ଧାର୍ମିକତା ତିଆରି କରିବାକୁ ଚାହୁଁ , ଆମେ କ'ଣ କରିବାରେ ଅସମର୍ଥ ହେଉ ?

*ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଆମ ଧାର୍ମିକତା*

୧୧. ୧ମ ଯୋହନ ୧:୯ ଓ ରୋମୀୟ ୪:୩ ପଢ଼ନ୍ତୁ । ପରମେଶ୍ୱର ଆମ ସବୁ ପାପ ଓ ଅନ୍ୟାୟର କ'ଣ କରିବାକୁ ପ୍ରତିଜ୍ଞା କରନ୍ତି, ଯଦି ଆମେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ବିଶ୍ୱାସ କରୁ ?

*ପାପ କ୍ଷମା କରିବାକୁ, ଭୁଲିବାକୁ ଏବଂ ପରିଷ୍କାର କରିବାକୁ ।*

୧୨. ଏହା ଆପଣଙ୍କୁ ଈଶ୍ୱରଙ୍କ ଚରିତ୍ର / ସ୍ୱଭାବ ବିଷୟରେ କ'ଣ କୁହେ ?

*ସେ ଦୟାବାନ ଓ ପ୍ରେମମୟ ।*

## ଅଧ୍ୟାୟ - ୪

# ପରମେଶ୍ୱରଙ୍କ – ସ୍ୱଭାବ

### *ଲେଖକ - ଆନ୍ଦ୍ରିଉ ଓ୍ୱମାକ୍*

ପରମେଶ୍ୱରଙ୍କ ସହ ଏକ ସୁନ୍ଦର ସକରାତ୍ମକ ସଂପର୍କ ରଖିବାକୁ ହେଲେ, ଆମକୁ ତାହାଙ୍କର ପ୍ରକୃତି ଏବଂ ତାହାଙ୍କର ପ୍ରକୃତ ସ୍ୱଭାବ/ଚରିତ୍ର ଜାଣିବା ନିହାତି ଆବଶ୍ୟକ । ସେ କ'ଣ ଆମ ପାପ ପାଇଁ ଆମ ଉପରେ କ୍ରୋଧିତ କି ? (ନା) ସେ ଜଣେ ଦୟାବାନ ଈଶ୍ୱର, ଯିଏ ଆମକୁ ତାହାଙ୍କର ଜୀବନ ଓ ଆର୍ଶୀବାଦ ଦେବାକୁ ଚାହାନ୍ତି ? ବାସ୍ତବରେ ଦେଖିବାକୁ ଗଲେ ପବିତ୍ର ବାଇବଲର ଶାସ୍ତ୍ରାଂଶ ମାନ ଆମକୁ ପରମେଶ୍ୱରଙ୍କ ବିଷୟରେ ଦୁଇ ଅଲଗା ମତ ଦେଉଛି । ଏପରି ନୁହେଁ ଯେ, ସେ ପରିବର୍ତ୍ତିତ ପରମେଶ୍ୱର (ବା) କିଛି ଅଲଗା କରିଛନ୍ତି ? ଏହିପରି କିଛି ସମୟ ଥିଲା, ପବିତ୍ର ବାଇବଲରେ ଏହି ବ୍ୟବହୃତ ଭାଷା, ପରମେଶ୍ୱର "ମନୁଷ୍ୟର ପାପ ସେମାନଙ୍କ ବିରୋଧରେ ରଖିଲେ ।"

ଏହି ବିଷୟଟି ବଢ଼ନ୍ତା ଛୁଆମାନଙ୍କ ସହ ତୁଳନା କରାଯାଇପାରେ । ଯେତେବେଳେ ସେମାନେ ବଢ଼ିବା ଅବସ୍ଥାରେ ଥାଆନ୍ତି ,ସେମାନଙ୍କ ସହ କୌଣସି ବିଷୟରେ କଥା ବାର୍ତ୍ତା (କି) ସେମାନଙ୍କୁ ଉପଦେଶ ଦେବା ବିଲ୍‌କୁଲ୍ ଅସମ୍ଭବ ହୋଇଥାଏ । ସେମାନଙ୍କୁ  କହି ହୁଏ ନାହିଁ ଯେ ସେମାନେ କାହିଁକି ଭଲଭାବରେ ସମସ୍ତ କାର୍ଯ୍ୟ କରିବା ଆବଶ୍ୟକ (ବା) ସେମାନେ ଲୋଭୀ ହେବା କାହିଁକି ଠିକ୍ ନୁହେଁ ଏବଂ ସେମାନେ ନିଜ ଛୋଟ ଭାଇ ଓ ଭଉଣୀ ଠାରୁ ଖେଳନା ଛଡ଼େଇ ନେବା କାହିଁକି ଠିକ୍ ନୁହେଁ । ସେମାନଙ୍କୁ କିଛି ନିୟମ କୁହାଯାଇଥାଏ, ଆଉ ଯଦି ସେମାନେ ସେହି ନିୟମ ଗୁଡ଼ିକର ଅବମାନନା କରନ୍ତି, ତେବେ ସେମାନଙ୍କୁ ଶୃଙ୍ଖଳିତ ହେବାକୁ ପଡ଼ିବ । ଯଦିଓ ସେମାନେ ଈଶ୍ୱରଙ୍କୁ ଏବଂ ଶୟତାନଙ୍କୁ ଜାଣି ନଥାନ୍ତି ,ସେମାନେ ଲୋଭୀ ହୋଇ ଅଜଣାତରେ ଶୟତାନକୁ ଜାଗା ଦେଉଅଛନ୍ତି, ତେବେ  ସେମାନଙ୍କ ଉପରେ ସେ ସମସ୍ତ ନିୟମ ବାଧ୍ୟତା ମୂଳକ କରାଯାଇଥାଏ । ହୋଇପାରେ ସେମାନେ ହୁଏତ ତା'ର ମର୍ମ ବୁଝି ନପାରନ୍ତି କିନ୍ତୁ ସେମାନେ ଏତିକି ବୁଝିପାରନ୍ତି ଯେ ,ସେମାନେ ଯଦି ଏହି କାର୍ଯ୍ୟ ପୁନଃର୍ବାର କରନ୍ତି ତେବେ ସେମାନେ ନିଶ୍ଚିତ ଭାବେ ଦଣ୍ଡର ପାତ୍ର ହେବେ ।

ଆଉ ସେହିପରି ଭାବେ ହିଁ, ପରମେଶ୍ୱର ପୁରାତନ ନିୟମରେ କଲେ । ପୂର୍ବେ ଲୋକମାନେ ଯେତେବେଳେ ନୂତନ ସ୍ୱଭାବରେ ଜନ୍ମ ହେଉଥିଲେ (ବା) ଖ୍ରୀଷ୍ଟରେ ପୁନଃଜୀବନ ପ୍ରାପ୍ତ କରୁଥିଲେ, ସେମାନଙ୍କର ଆଧାତ୍ମିକ ଦୃଷ୍ଟିକୋଣ ଅଲଗା ଥିଲା । ଯେପରି ଆମେ ଖ୍ରୀଷ୍ଟଙ୍କର ନୂତନ ନିୟମରେ ଅଛୁ.....

ସେହିପରି ନଥିଲା । ତେଣୁ ସେ ସେମାନଙ୍କୁ ବ୍ୟବସ୍ଥା ଦେବା ନିତାନ୍ତ ଆବଶ୍ୟକ ଥିଲା ଏବଂ ବାଧ୍ୟତା ମୂଳକ ଭାବେ ତାହାକୁ ମାନିବା ନଚେତ୍ ଦଣ୍ଡର ପାତ୍ର ହେବା । ସେମାନଙ୍କୁ ପାପରୁ ଦୂର କରିବା ପାଇଁ ,ବେଳେବେଳେ ମୃତ୍ୟୁର ମଧ ସମ୍ମୁଖୀନ ହେବାକୁ ପଡୁଥିଲା । କାରଣ ଶୟତାନ ଲୋକମାନଙ୍କୁ ପାପ ଦ୍ୱାରା ଧ୍ୱଂସ ଓ ବିନଷ୍ଟ କରୁଥିଲା, ତେଣୁ ପାପ ପାଇଁ ଅବରୋଧ କରିବାର ଆବଶ୍ୟକ ଥିଲା ଏବଂ ତାହା ବାଧ୍ୟତା ମୂଳକ ଥିଲା । ଯଦିଓ ଏହି ବିଷୟ ପରମେଶ୍ୱର ବିଷୟରେ ଏକ ଭୁଲ ଧାରଣା ଉପୁଜାଇଲା ଯେ ସେ ଆମ ପାପ ପାଇଁ ଆମକୁ ବାସ୍ତବରେ ଭଲ ପାଆନ୍ତି ନାହିଁ ବୋଲି କିନ୍ତୁ ପବିତ୍ର ବାକ୍ୟ ଆମକୁ ତାହା ଶିକ୍ଷା ଦିଏନାହିଁ । ରୋମୀୟ ୫:୧୩ କୁହେ, "କାରଣ ବ୍ୟବସ୍ଥା ପର୍ଯ୍ୟନ୍ତ ପାପ ଜଗତରେ ଥିଲା, କିନ୍ତୁ ବ୍ୟବସ୍ଥା ନ ଥିଲେ ପାପ ଗଣା ଯାଏ ନାହିଁ" । "ବ୍ୟବସ୍ଥା ପର୍ଯ୍ୟନ୍ତ" ଅର୍ଥାତ୍ ମୋଷାଙ୍କ ସମୟ ଯେତେବେଳ ପର୍ଯ୍ୟନ୍ତ,ପରମେଶ୍ୱର ତାହାଙ୍କୁ ୧୦ ଆଜ୍ଞା ଏବଂ ଆନ୍ୟାନ୍ୟ ବିଧି ସମତ ବ୍ୟବସ୍ଥା ମାନ ଯିହୁଦୀ ଦେଶ ମାନଙ୍କୁ ଦେଲେ । ସେହି ସମୟ ପର୍ଯ୍ୟନ୍ତ ପାପ ଜଗତରେ ଥିଲା କିନ୍ତୁ ତା'ର ଆରୋପଣ ନଥିଲା । ଏହି ଶବ୍ଦ "ଆରୋପଣ" ଟି ବ୍ୟବସାୟିକ କାରବାରରେ ନିୟମିତ ଶବ୍ଦ; ଉଦାହରଣ, ଆପଣ କିଛି କିଣିବାକୁ ଦୋକାନକୁ ଯାଆନ୍ତୁ ଏବଂ କୁହନ୍ତୁ, "ଏହା ମୋ ଟାବରେ ଭର୍ତି କରିଦିଅନ୍ତୁ" । ଯେତେବେଳେ ତାହା ଆପଣଙ୍କ ଟ୍ୟାବ୍‌ରେ ଭର୍ତି କରାଯାଏ ସେତେବେଳେ ତାହା ଆପଣଙ୍କ ହିସାବରେ ଅଭିଲିଖିତ ହୋଇଯାଏ ଏବଂ ସେହି କିଣାଟା ଆପଣଙ୍କ ନାମରେ ଆରୋପିତ ହୁଏ । ଯଦି ସେମାନେ ତାହା ଆରୋପିତ କରିବାରେ ଅସଫଳ ହୁଅନ୍ତି, ତେବେ ତାହା ଅଭିଲିଖିତ ହୋଇ ନାହିଁ ।

ଏହି ଶାସ୍ତ୍ରାଂଶର ପଦଟି ଏହା କହୁଛି, ଯେତେବେଳେ ଯାଏଁ ଦଶ ଆଜ୍ଞା ଆସି ନ ଥିଲା, ଲୋକମାନେ କରୁଥିବା ପାପକୁ ଧରା ଯାଉ ନ ଥିଲା । ଆଉ ସତରେ ତାହା ଏକ ବିସ୍ମୟକର ବିବରଣ । ଆପଣ ଆଦିପୁସ୍ତକ ୩ ଓ ୪ ଦେଖନ୍ତୁ । ଅନେକ ଲୋକଙ୍କର ଏହି ଧାରଣ ଅଛିଯେ, ଯେତେବେଳେ ଆଦାମ ଓ ହବା ପରମେଶ୍ୱରଙ୍କ ବିରୋଧରେ ପାପ କଲେ, ଯେହେତୁ ଆଦାମ ସେତେବେଳେ ପବିତ୍ର ଥିଲେ ଏବଂ ବର୍ତ୍ତମାନ ପାପରେ ପଡ଼ିଲେ, ତେଣୁ, ପାପି ମାନବ ଜାତି ସହ ତାହାଙ୍କର କୌଣସି ଦେବା ନେବା ନାହିଁ । ସେମାନେ ଭାବନ୍ତି ପରମେଶ୍ୱର ମନୁଷ୍ୟକୁ ଏଦନ ଉଦ୍ୟାନରୁ କାଢ଼ି ବାହାର କଲେ, ତାହାଙ୍କ ଉପସ୍ଥିତିରେ ରଖିଲେ ନାହିଁ କାରଣ ପବିତ୍ର ଈଶ୍ୱରଙ୍କର ଜଣେ ଅପବିତ୍ର ମନୁଷ୍ୟ ସହ କୌଣସି ସଂପର୍କ ନାହିଁ । ସେମାନେ ପୁଣି ଭାବନ୍ତି, ଯେତେବେଳ ଯାଏଁ ଆପଣ ଆପଣଙ୍କର କାର୍ଯ୍ୟ ସବୁ ସଠିକ ଭାବେ, କରି ତାହାକୁ ଠିକ୍ ସ୍ଥରକୁ ନ ଆଣନ୍ତି, ତେବେ ପୁଣିଥରେ ପରମେଶ୍ୱର ଆପଣଙ୍କ ସହ କୌଣସି ସଂପର୍କ ରଖିପାରିବେ ନାହିଁ । ଆଉ ଏହି ସମ୍ବାଦ, ଖ୍ରୀଷ୍ଟ ଯୀଶୁ ଆଣିଥିବା ସମ୍ବାଦ ଠାରୁ ସଂପୁର୍ଣ୍ଣ ଭିନ୍ନ ଅଟେ । ରୋମୀୟ ୫:୮ କୁହେ, ଖ୍ରୀଷ୍ଟ ଅପଣା ପ୍ରେମ ଦେଲେ ଏବଂ ଯେତେବେଳେ ଆମେ ପାପୀ ଥିଲୁ , ହେଲେ ମଧ ଖ୍ରୀଷ୍ଟ ଆମ ପାଇଁ ମୃତ୍ୟୁବରଣ କଲେ । ତେଣୁ ନୂତନ ନିୟମ ଆମକୁ ଶିକ୍ଷା ଦିଏ ଯେତେବେଳେ ଆମେ ପାପରେ ଥିଲୁ , ସେ ଆମ ପାଇଁ ନିଜ ପ୍ରେମ ସ ପ୍ରମାଣେ ଦେଲେ, ଆମ୍ଭେ କାର୍ଯ୍ୟ ସବୁ ଠିକ କରିବା ପରେ ନୁହେଁ । ସର୍ବଶ୍ରେଷ୍ଠ ସତ୍ୟ ସୁସମାଚାରର ସମ୍ବାଦ, ଯାହା ଆପଣଙ୍କ ଜୀବନକୁ ଅମୂଳଚୂଳ ଭାବେ ପରିବର୍ତ୍ତନ କରେଇ ପାରେ ତାହା ହେଲା :-ଆମ୍ଭେମାନେ ଏହା ଜାଣିବା ଯେ, ଆମ୍ଭେ ଯେପରି ଅଛୁ , ଈଶ୍ୱର ଆମ୍ଭଙ୍କୁ ସେହିପରି ହିଁ ଭଲ ପାଆନ୍ତି । ସେ ଆପଣଙ୍କୁ ଏତେ ପ୍ରେମ କରନ୍ତି ଯେ, ଆପଣ ଯଦି ତାହାଙ୍କ ପ୍ରେମକୁ ସ୍ୱୀକାର କରନ୍ତି , ତେବେ ଆପଣ ବର୍ତ୍ତମାନ ଯାଏ ଯେଉଁଭଳି ରହି ଆସୁଛନ୍ତି ସେହିଭଳି ରହିବାକୁ ଆଉ ଇଛା କରିବେ ନାହିଁ । ଆପଣ ପରିବର୍ତ୍ତିତ ହେବେ କିନ୍ତୁ ଆପଣ ଈଶ୍ୱରଙ୍କ ପ୍ରେମରୁ ଉତ୍ପନ ହୋଇ ପରିବର୍ତ୍ତିତ ହେବେ, ତାଙ୍କ ପ୍ରେମ ପାଇବା ପାଇଁ ନୁହେଁ ।

ଆଦି ପୁସ୍ତକ ୪ରେ ଆପଣ ଦେଖିପାରିବେ, ଆଦାମ ଓ ହବା ପାପ କଲା ପରେ ମଧ୍ୟ ପରମେଶ୍ୱର ସେମାନଙ୍କ ସହ ସଂପର୍କ ଓ କଥାବାର୍ତ୍ତା ହେଉଛନ୍ତି । ତା ପରେ ସେ କୟିନ ଓ ହେବଲ ସହ ମଧ୍ୟ କଥା ହେଲେ ଏବଂ ଯେତେବେଳେ ସେମାନେ ପରମେଶ୍ୱରଙ୍କ ନିକଟକୁ ବଳି ଦେବା ପାଇଁ ଆସିଲେ ସେ ସେମାନଙ୍କୁ ଏକ ଶୁଣନ୍ତା ସ୍ୱରରେ, ଜୋରରେ କଥା ହେଲେ । ସେମାନଙ୍କ କଥାବାର୍ତ୍ତାରେ ଆମେ ଦେଖିପାରୁ ଯେ, ସେମାନେ ଈଶ୍ୱରଙ୍କ ସ୍ୱର ଶୁଣିବରେ ଯେପରି ଅଭ୍ୟସ୍ତ ଥିଲେ ଏବଂ ସେମାନେ ତାହା ଶୁଣି ଭୟଭୀତ ହେଲେ ନାହିଁ । ଯେତେବେଳେ କୟିନ ତାର ଭାଇ ହେବଲରେ ହତ୍ୟା କଲା ଏବଂ ଏହି ଜଗତର ପ୍ରଥମ ନରହତ୍ୟାକାରୀ ହେଲା, ସେତେବେଳେ ମଧ୍ୟ ଈଶ୍ୱରଙ୍କ ସ୍ୱର ସ୍ୱର୍ଗରୁ ଆସିଲା: "ତୁମ ଭାଇ ହେବଲ କେଉଁଠାରେ ?" ଆଉ କୟିନ ଈଶ୍ୱରଙ୍କୁ ମିଛ କହିଲା, କୌଣସି ପଶ୍ଚାତାପ ସେଥିରେ ପ୍ରତୀୟମାନ ହେଉ ନ ଥିଲା । ଆଉ ତାହା କେବଳ ସେତେବେଳେ ହୋଇପାରେ ଯେତେବେଳେ ଜଣେ ବ୍ୟକ୍ତି ଈଶ୍ୱରଙ୍କ ସ୍ୱର ଶୁଣିବାରେ ପୂରାପୂରି ଭାବେ ଅଭ୍ୟସ୍ତ ଏବଂ ସେଥିପାଇଁ ସେମାନେ ତାହାକୁ ଗ୍ରହଣୀୟ ଭାବେ ନିଅନ୍ତି ଏବଂ ଆଦୌ ଭୟ କରନ୍ତି ନାହିଁ । ଏହି ସମସ୍ତ ବିଷୟ ଏହା ହିଁ ଆମ୍ଭମାନଙ୍କୁ କହୁଛି , ପରମେଶ୍ୱର ଯେତେ ଯାହା ହୋଇଗଲେ ମଧ୍ୟ ମନୁଷ୍ୟ ସହ ସଂପର୍କ ରଖିଥିଲେ ଏବଂ ସେ ସଂପର୍କ ଭାଙ୍ଗି ନଥିଲେ । ଆଉ ଏହା ସାଧାରଣ ଭାବେ ବିଶ୍ୱାସନୀୟ । ସେ ମନୁଷ୍ୟର ପାପକୁ ତା ଉପରେ ଅରୋପ କରୁ ନଥିଲେ । ତାହାର ମାନେ କ'ଣ ଏହା କି ଯେ ସେ ତାଙ୍କର ପାପ ସବୁ କ୍ଷମା ଦେଲେ (ବା) ସେମାନେ ଭୁଲ ନଥିଲେ ? ନାହିଁ , ଆଉ ତାହା ହିଁ ମୂର୍ଖ କାରଣ ଯୋଉଥିପାଇଁ ସେ ପରିଣାମତଃ ବ୍ୟବସ୍ଥା ଦେଲେ । ପରମେଶ୍ୱର ବ୍ୟବସ୍ଥା ଆବଶ୍ୟକ ଥିଲା, ଯାହା ଦ୍ୱାରା ମନୁଷ୍ୟକୁ ସେ ଠିକ ଜାଗାକୁ ଫେରେଇ ଆଣି ପାରିବେ । ପରମେଶ୍ୱର ମାନବ ଜାତିକୁ ଦେଖେଇବାକୁ ଚାହୁଁଥିଲେ ଯେ, ପରିତ୍ରାଣ ପାଇଁ ସେମାନେ ଜଣେ ତ୍ରାଣକର୍ତ୍ତାଙ୍କର ଆବଶ୍ୟକ କରୁଛନ୍ତି । ଆଉ ସେଇଥିପାଇଁ ତାହାକୁ ନିଜକୁ ନମ୍ର ଏବଂ କ୍ଷମା ଏକ ଦାନ/ଉପହାର ସଦୃଶ ଗ୍ରହଣ କରବାକୁ ହେବ । କିନ୍ତୁ ଦୁଃଖର କଥା ଯେ , ଧର୍ମରେ କାରସାଦି ହେଲା ଏବଂ ସମସ୍ତ ବିଷୟ ଏହି ପରି ଶିକ୍ଷା ଦେଇ ନିୟନ୍ତ୍ରଣ କଲା ଯେ , ବ୍ୟବସ୍ଥା ଅ ।ମକୁ ସେଇଥିପାଇଁ ଦିଆ ଯାଇଛି ଯେପରିକି ଆମେ ତାହାକୁ ସାଇତି କରି ରଖି ପାରୁ ଏବଂ ପରମେଶ୍ୱରଙ୍କ କ୍ଷମା ପାଇଁ, ଗ୍ରହଣ ପାଇଁ ଓ ଯୋଗ୍ୟତା ପାଇଁ ଆମକୁ ନିଜେ ପ୍ରଦର୍ଶନ ଓ ଉପାର୍ଜନ କରବାକୁ ପଡ଼ିବ ନାହିଁ !! ପୁରାତନ ନିୟମର ବ୍ୟବସ୍ଥାର ଉଦ୍ଦେଶ୍ୟ ଏହା ଥିଲା - ଆପଣଙ୍କ ପାପ ଏପରି ସ୍ତରକୁ ବିବର୍ଦ୍ଧିତ ହେବା ଦେଖି ଆପଣ ନିଜେ ନିଜକୁ ଉଦ୍ଧାର କରିବାରେ ନିରାଶ ଓ ହତାଶ ହୋଇଯିବେ ଏବଂ କହିବେ, "ହେ ପରମେଶ୍ୱର, ଏହା ଯଦି ଆପଣଙ୍କ ପବିତ୍ରତାର ମାନଦଣ୍ଡ , ତେବେ ମୁଁ କରିପାରିବି ନାହିଁ । ମୋତେ କ୍ଷମା କର, ମୋ ଉପରେ ଦୟାକର" । ସର୍ବଦା ସଦାକାଳ ପାଇଁ ପରମେଶ୍ୱରଙ୍କ ସ୍ୱଭାବ ପ୍ରେମ ହିଁ ଅଟେ ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବସାୟ ନିମନ୍ତେ ଧର୍ମଶାସ୍ତ୍ରର କିଛି ଅଂଶ

୧. ଆପଣ ରୋମୀୟ ୫:୧୩ ପଢ଼ନ୍ତୁ । ଏହି ଶବ୍ଦ "ଆରୋପ"କରିବାର ଅର୍ଥ କ'ଣ ?

***ରୋମୀୟ ୫:୧୩-*** *କାରଣ ବ୍ୟବସ୍ଥା ପର୍ଯ୍ୟନ୍ତ ପାପ ଜଗତରେ ଥିଲା କିନ୍ତୁ ବ୍ୟବସ୍ଥା ନ କଲେ ପାପ ଗଣା ଯାଏ ନାହିଁ ।*

୨. ଆପଣ ରୋମୀୟ ୭:୭ ପଢ଼ନ୍ତୁ । ବ୍ୟବସ୍ଥା ଦେବାର ଉଦ୍ଦେଶ୍ୟ କ'ଣ ଥିଲା ?

***ରୋମୀୟ ୭.୭-*** *ତେବେ ଅମ୍ଭେମାନେ କ'ଣ କହିବା ? ବ୍ୟବସ୍ଥା କ'ଣ ପାପ ? ତାହା କେବେବି ନ ହେଉ । ବରଂ ପାପ କଅଣ, ତାହା ବ୍ୟବସ୍ଥା ବିନା ମୁଁ ଜାଣି ନ ଥାନ୍ତି, କାରଣ ଲୋଭ କରନାହିଁ । ବ୍ୟବସ୍ଥା ଏହା କହି ନଥିଲେ ଲୋଭ କ'ଣ, ତାହା ମୁଁ ଜାଣି ନ ଥାଆନ୍ତି ।*

୩. ଆପଣ ଗାଲାତୀୟ ୩:୨୪ ପଢ଼ନ୍ତୁ । ଏହି ଶାସ୍ତ୍ରାଶଂର ପଦ ଅନୁସାରେ, ବ୍ୟବସ୍ଥାର ଉଦ୍ଦେଶ୍ୟ କ'ଣ ଥିଲା ?

***ଗାଲାତୀୟ ୩:୨୪-*** *ଏହି ପ୍ରକାରେ ବିଶ୍ୱାସ ହେତୁ ଆମ୍ଭମାନଙ୍କର ଧାର୍ମିକ ଗଣିତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ ବ୍ୟବସ୍ଥା ଆମ୍ଭମାନଙ୍କର ଶିକ୍ଷକ ସ୍ୱରୂପ ହୋଇଥିଲା ।*

୪. ଆପଣ ଯୋହନ ୮:୧-୧୧ ପଢ଼ନ୍ତୁ । ଯେଉଁ ସ୍ତ୍ରୀ ଲୋକଟି ବ୍ୟଭିଚାରରେ ଧରାଯାଇଥିଲା ,ତାହାକୁ କିପରି ବ୍ୟବହାର କଲେ ।

**ଯୋହନ ୮:୧-୧୧-** *କିନ୍ତୁ ଯୀଶୁ ଜୀତ ପର୍ବତକୁ ଗଲେ । (୨) ପ୍ରତ୍ୟୁଷରେ ସେ ପୁନର୍ବାର ମନ୍ଦିରକୁ ଆସିଲେ, ପୁଣି ସମସ୍ତ ଲୋକ ତାହାଙ୍କ ନିକଟକୁ ଆସନ୍ତେ, ସେ ଉପବେଶନ କରି ସେମାନଙ୍କୁ ଶିକ୍ଷା ଦେବାକୁ ଲାଗିଲେ । (୩) ଆଉ, ଶାସ୍ତ୍ରୀ ଓ ଫାରୂଶୀ ମାନେ ବ୍ୟଭିଚାର କର୍ମରେ ଧୃତା ଜଣେ ସ୍ତ୍ରୀ କୁ ଘେନିଆସି ତାହାକୁ ମଧ୍ୟ ସ୍ଥଳରେ ଠିଆ କରାଇ ତାହାଙ୍କୁ କହିଲେ,(୪) ହେ ଗୁରୁ ଏହି ସ୍ତ୍ରୀ ଲୋକଟି ବ୍ୟଭିଚାର କର୍ମ କରୁଥିବା ସମୟରେ ଧରାପଡ଼ିଅଛି । (୫) ଏହିପରି ପଥର ଫୋପାଡି ମାରିବାକୁ ଓ ମଶା ଆମ୍ଭମାନଙ୍କୁ ବ୍ୟବସ୍ଥାରେ ଆଜ୍ଞା ଦେଇଛନ୍ତି । ତେବେ ଆପଣ କ'ଣ କହୁଅଛନ୍ତି । (୬) ସେମାନେ ଯେପରି ତାଙ୍କ ବିରୁଦ୍ଧରେ*

*ଅଭିଯୋଗର କାରଣ ପାଇ ପାରନ୍ତି, ଏଥି ନିମନ୍ତେ ସେମାନେ ତାହାଙ୍କୁ ପରିକ୍ଷା କରିବା ଉଦ୍ଦେଶ୍ୟରେ ଏହା କହିଲେ କିନ୍ତୁ ଯୀଶୁ ଅଧୋମୁଖ ହୋଇ ଅଙ୍ଗୁଳି ଦ୍ୱାରା ଭୂମିରେ ଲେଖିବାକୁ ଲାଗିଲେ । (୭) ମାତ୍ର ସେମାନେ ତାହାଙ୍କୁ ପୁନଃ ପୁନଃ ପଚାରନ୍ତେ, ସେ ମସ୍ତକ ଉତୋଳନ କରି ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ମଧ୍ୟରେ ଯେ ନିଷ୍ପାପ, ସେ ପ୍ରଥମରେ ତାଙ୍କୁ ପଥର ଫୋପାଡୁ । (୮) ପୁନର୍ବାର, ସେ ଅଧୋମୁଖ ହୋଇ ଭୂମିରେ ଲେଖିବାକୁ ଲାଗିଲେ । (୯) ତାହାଶୁଣି ସେମାନେ ବଡ଼ ଠାରୁ ଆରମ୍ଭ କରି ଜଣ ଜଣ ହୋଇ ବାହାରି ଯିବାକୁ ଲାଗିଲେ, ଆଉ କେବଳ ଯୀଶୁ ଓ ମଧ୍ୟସ୍ଥଳରେ ସେହି ସ୍ତ୍ରୀ ଲୋକ ଅବଶିଷ୍ଟ ରହିଲେ । (୧୦) ପୁଣି , ଯୀଶୁ ମସ୍ତକ ଉତୋଳନ କରି ତାକୁ କହିଲେ, ଗୋ'ନାରୀ ସେମାନେ କାହାନ୍ତି ? କେହି କ'ଣ ତୁମକୁ ଦଣ୍ଡନୀୟ ବୋଲି ବିଚାର କଲେ ନାହିଁ? (୧୧) ସେ କହିଲା, କେହି ନାହିଁ ପ୍ରଭୋ । ସେଥିରେ ଯୀଶୁ କହିଲେ, ମୁଁ ମଧ୍ୟ ତୁମ୍ଭକୁ ଦଣ୍ଡନୀୟ ବୋଲି ବିଚାର କରୁନାହିଁ,ଯାଅ ଆଜି ଠାରୁ ଆଉ ପାପ କର ନାହିଁ ।*

୫. ଯୋହନ ୩:୩୪ ଦେଖନ୍ତୁ ଯୀଶୁଙ୍କର କଥା ଓ କାର୍ଯ୍ୟ ପରମେଶ୍ୱରଙ୍କର ପ୍ରକୃତ ସଭାବକୁ ପ୍ରତିଫଳନ କରାଉଛି କି ?

***ଯୋହନ ୩:୩୪*** *- କାରଣ ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି । ସେ ଈଶ୍ୱରଙ୍କ ବାକ୍ୟ କହନ୍ତି , ଯେଣୁ ସେ ପରିମିତ ଭାବରେ ଆତ୍ମା ପ୍ରଦାନ କରନ୍ତି ନାହିଁ ।*

୬. ଆପଣ ୧ମ ଯୋହନ ୪:୮ ପଢ଼ନ୍ତୁ । ଏହି ଶାସ୍ତ୍ରାଂଶର ପଦ ଅନୁସାରେ, ଈଶ୍ୱରଙ୍କର ପ୍ରକୃତ ସଭାବ କିପରି ?

***୧ମ ଯୋହନ ୪:୮*** *- ଯେ ପ୍ରେମ କରେ ନାହିଁ , ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ ।*

୭. ଆପଣ ରୋମୀୟ ୫:୬ ପଢ଼ନ୍ତୁ । ପରମେଶ୍ୱରଙ୍କର ପ୍ରେମ । ଆମ୍ଭମାନଙ୍କୁ ମିଳିଲା, ଯେତେବେଳେ ଆମେ କ'ଣ ଥିଲୁ ?

***ରୋମୀୟ ୫:୬*** *- କାରଣ ଯେତେବେଳେ ଆମେ ନିରୁପାୟ ଥିଲୁ , ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକ ମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ।*

୮. ଆପଣ ରୋମୀୟ ୫:୮ ପଢ଼ନ୍ତୁ । ପରମେଶ୍ୱର ଆମ୍ଭକୁ ପ୍ରେମ କଲେ, ଯେତେବେଳେ ଆମେ କିପରି ଥିଲୁ ?

***ରୋମୀୟ ୫:୮*** *– କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ।*

୯. ରୋମୀୟ ୫:୧୦ - ପ୍ରଭୁ ଆମ୍ଭକୁ ପ୍ରମକଲେ ଯେତେବେଳେ ଆମେ କ'ଣ ଥିଲୁ ?

***ରୋମୀୟ ୫:୧୦*** *- ଆମ୍ଭେମାନେ ଶତ୍ରୁ ଥିବା ସମୟରେ ଯଦି ଈଶ୍ୱରଙ୍କ ସହିତ ତାହାଙ୍କ ପୁତ୍ରଙ୍କ ମୃତ୍ୟୁ ଦ୍ୱାରା ମିଳିତ ହେଲୁ , ତାହା ହେଲେ ଏହା ଅଧିକ ସୁନିଶ୍ଚିତ ଯେ ଆମ୍ଭେମାନେ ମିଳିତ ହୋଇ ତାହାଙ୍କ ଜୀବନ ଦ୍ୱାରା ପରିତ୍ରାଣ ପାଇବା ।*

୧୦. ଆପଣ ଯଦି ଖ୍ରୀଷ୍ଟ ଯୀଶୁଙ୍କୁ କ୍ଷମା ମାଗୁଛନ୍ତି ଏବଂ ନିଜର ତ୍ରାଣକର୍ତ୍ତା ପ୍ରଭୁ କରିବାକୁ ଚାହୁଁଛନ୍ତି, ଆପଣଙ୍କ ପାପର ବେତନରେ ତାଙ୍କ ବଳି ହେବାରେ ବିଶ୍ୱାସ କରିବା ଦ୍ୱାରା , ପ୍ରଭୁ କ'ଣ ତାହାଙ୍କର ଦୟା ଓ ଅନୁଗ୍ରହ ଆପଣଙ୍କୁ ଦେଖେଇବେ ।

# ଉତ୍ତର

୧. ରୋମୀୟ ୫:୧୩ ପଢ଼ନ୍ତୁ । " ଆରୋପ ଶବ୍ଦର ଅର୍ଥ କ'ଣ ?

*ଜଣଙ୍କ ନିମନ୍ତେ ଜଣେ ଦୋଷୀ ହେବା ।*

୨. ରୋମୀୟ ୭:୭ ପଢ଼ନ୍ତୁ । ବ୍ୟବସ୍ଥାର ଉଦ୍ଦେଶ୍ୟ କ'ଣ ଥିଲା ?

*ପାପ ସମ୍ବନ୍ଧରେ ଭଲରେ ଜାଣିବା ।*

୩. ଗାଲାତୀୟ ୩:୨୪ ପଢ଼ନ୍ତୁ । ଏହି ଶାସ୍ତ୍ରାଂଶର ପଦ ଅନୁସାରେ, ବ୍ୟବସ୍ଥାର ଉଦ୍ଦେଶ୍ୟ କ'ଣ ଥିଲା ?

*ମାନବ ଜାତିକୁ ଜଣେ ତ୍ରାଣକର୍ତ୍ତା ପ୍ରଭୁ ଯେକି (ଯୀଶୁ ଖ୍ରୀଷ୍ଟ) ତାହାଙ୍କ ବିଷୟରେ ଜଣାଇବା ।*

୪. ଯୋହାନ ୮:୧-୧୧ ପଢ଼ନ୍ତୁ । ବ୍ୟଭିଚାରୀଣୀ ସ୍ତ୍ରୀ ସହ ଯୀଶୁ କିପରି ବ୍ୟବହାର କଲେ ?

*ଦୟା ଓ ଅନୁଗ୍ରହ ଦେଖେଇ ।*

୫. ଯୀଶୁଙ୍କର କଥା ଓ କାର୍ଯ୍ୟ କ'ଣ ପରମେଶ୍ୱରଙ୍କର ସ୍ୱଭାବକୁ ଦର୍ଶାଏ ?
(ଯୋହନ ୩:୩୪) ଦେଖନ୍ତୁ ।

*ହଁ ।*

୬. ୧ମ ଯୋହାନ ୪:୮ ପଢ଼ନ୍ତୁ । ଏହି ଶାସ୍ତ୍ରାଂଶର ପଦ ଅନୁସାରେ ପରମେଶ୍ୱରଙ୍କର ପ୍ରକୃତ ସ୍ୱଭାବ କ'ଣ ?

*ପ୍ରେମ ।*

୭. ରୋମୀୟ ୫:୬ ପଢ଼ନ୍ତୁ । ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କୁ ମିଳିଲା ଯେତେବେଳେ ଆମେ କ'ଣ ଥିଲୁ ?

*ବଳହୀନ, ନିରୁପାୟ ଏବଂ ଅଧାର୍ମିକ ।*

୮. ରୋମୀୟ ୫:୮ ପଢ଼ନ୍ତୁ । ଈଶ୍ୱର ଆମ୍ଭଙ୍କୁ ପ୍ରେମ କଲେ ଯେତେବେଳେ ଆମେ କଣ ଥିଲୁ ?

*ପାପୀ ।*

୯. ରୋମୀୟ ୫:୧୦ ପଢ଼ନ୍ତୁ । ଈଶ୍ୱର ଆମ୍ଭଙ୍କୁ ପ୍ରେମ କଲେ ଯେତେବେଳେ ଆମେ କ'ଣ ଥିଲୁ ?

*ଶତ୍ରୁ ।*

୧୦. ଯଦି ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ପଚାରିଲେ, ଆପଣଙ୍କୁ କ୍ଷମା ଦେବା ପାଇଁ ଓ ଆପଣଙ୍କ ତ୍ରାଣକର୍ତ୍ତା ଓ ପ୍ରଭୁ ହେବା ପାଇଁ ଆମ ପାପର ବେତନ ପାଇଁ ଯୀଶୁଙ୍କର ବଳି ଉପରେ ବିଶ୍ୱାସ କରି କ'ଣ ଯୀଶୁ ନିଜର ଦୟା ଓ ଅନୁଗ୍ରହ ସ୍ୱାଭାବ ଦେଖେଇବେ କି ?

*ହଁ ।*

## ଅଧ୍ୟାୟ - ୬

# ଅନୁତାପ

### *ଲେଖକ - ଡନ୍ କ୍ରୋ*

ଅନେକ ଲୋକ ଅନୁତାପ ଶବ୍ଦକୁ ନେଇ ବହୁତ ଭୁଲ୍ ବୁଝନ୍ତି । ଅନୁତାପ ମାନେ ପରିପୂର୍ଣ୍ଣତା ନୁହେଁ , ମାତ୍ର ଦିଗରେ /ପଥରେ ପରିବର୍ତ୍ତନ । ଆମ୍ଭେମାନେ ବର୍ତ୍ତମାନ ଅପବ୍ୟୟୀ ପୁତ୍ରର ନୀତିକଥା ବିଷୟରେ କଥା ହେବା । ଏଠାରେ ଯୀଶୁ ଗୋଟିଏ କାହାଣୀ କହୁଛନ୍ତି , ଯାହା ସଠିକ୍ ଭାବେ ଜଣେ ବ୍ୟକ୍ତିର ଅନୁତାପ କରିବାର ଅର୍ଥ କ'ଣ ତାହା ଚିତ୍ରଣ କରୁଛି । ( ଲୁକ୍ ୧୫:୧୧-୧୨ ) ରେ ଯୀଶୁ କହିଲେ, *"ଜଣେ ବ୍ୟକ୍ତିଙ୍କର ଦୁଇଟି ପୁତ୍ର ଥିଲେ । ସେମାନଙ୍କ ମଧ୍ୟରୁ ସାନପୁଅ ବାପାଙ୍କୁ କହିଲା, ବାପା ସମ୍ପତ୍ତିର ଯେଉଁ ଭାଗ ମୋ ବାଣ୍ଟରେ ପଡୁଛି, ତାହା ମୋତେ ଦେଇଦିଅ । ସେଥିରେ ସେ ଆପଣାର ସର୍ବସ୍ୱ ସେମାନଙ୍କୁ ବାଣ୍ଟିଦେଲେ ।"*

ସେହି ସାନପୁଅଟିଏ ତା'ର ବାପା ମୃତ୍ୟୁବରଣ କରିବା ପୂର୍ବରୁ ଉତ୍ତରାଧିକାରୀ ଚାହୁଁଥିଲା, ଯାହାକି ଅସାଧାରଣ ଅଟେ, କିନ୍ତୁ ତା'ର ବାପା ସେହି ଅନୁରୋଧକୁ ଗ୍ରହଣ କଲେ ଏବଂ ତାଙ୍କର ପୁଅ ମାନଙ୍କୁ ସମସ୍ତ ଉତ୍ତରାଧୀକାରୀ ଦେଇଦେଲେ । (ପଦ ୧୩) କୁହେ, *"ଅଳ୍ପଦିନ ଉତ୍ତାରେ ସାନପୁଅ ସବୁ ଏକାଠି କରି ଦୂର ଦେଶକୁ ଚାଲିଗଲେ, ଆଉ ସେଠାରେ କଦାଚାରରେ ଆପଣାର ସମ୍ପତି ଉଡ଼ାଇ ଦେଲା ।"* ସାନପୁଅ ଜଣକ ସମସ୍ତ ସମ୍ପତି ନେଇ ଗଲା, ତା' ଭାଗର ସମ୍ପତି ନେଇ ଅନ୍ୟ ଦେଶକୁ ଗଲା ଏବଂ ତାହା କଦାଚାରରେ ଉଡ଼େଇଦେଲା । ଆଉ ଗୋଟିଏ ଅନୁବାଦ କୁହେ," ଭୋଜି ବନ୍ଧୁମିଳନ ଏବଂ ବେଶ୍ୟା ମାନଙ୍କ ଠାରେ ସମସ୍ତ ଟଙ୍କା ଖର୍ଚ୍ଚ କଲା" ।

ଶାସ୍ତ୍ରାଂଶର ୧୪-୧୫ ପଦ କୁହେ, *" କିନ୍ତୁ ସମସ୍ତ ଅପବ୍ୟୟ କଲାପରେ ସେ ଦେଶରେ ମହା ଦୁର୍ଭିକ୍ଷ ପଡ଼ିବାରୁ ତାହାର ଅଭାବ ହେବାକୁ ଲାଗିଲା ।* (ଭୂମି ନିଃସ୍ୱ ହେବାକୁ ଲାଗିଲା ଓ ଲୋକ ଭୋକରେ ମରିବାକୁ ଲାଗିଲେ); *ସେଥିରେ ସେ ଯାଇ ସେହି ଦେଶର ଜଣେ ଲୋକଙ୍କର ଆଶ୍ରୟ ନେଲା, ଆଉ ସେ ତାହାକୁ ଘୁଷୁରୀ ଚରାଇବା ପାଇଁ ଆପଣା କ୍ଷେତକୁ ପଠାଇଲେ";* ସେ ଗୋଟିଏ ଲୋକ ପାଇଁ କାର୍ଯ୍ୟ କରିବାର କାମ ପାଇଲା ଏବଂ ଘୁଷୁରୀ ମାନଙ୍କୁ ଖୁଇବାକୁ ପଠାଗଲା । ୧୬ ପଦ କୁହେ, *"ପୁଣି ଘୁଷୁରି ମାନେ ଯେଉଁ ଶିମ ଖାଉଥିଲେ, ସେଥିରେ ସେ ଆପଣା ପେଟ ପୁରାଇବାକୁ ବାଞ୍ଛା କରୁଥିଲା । କିନ୍ତୁ କେହି ତାହାକୁ କିଛି ଦେଉ ନଥିଲେ ।"* ସେ ବହୁତ ଭୋକିଲା ଥିଲା , ଆଉ ସେହି ଦୁର୍ଭିକ୍ଷ ସମୟରେ ଏବଂ ସେ କହିଲା "ମୋତେ ସେହି ଘୁଷୁରୀର ଖାଦ୍ୟ ଦିଅ "- କିନ୍ତୁ କେହି ତାକୁ କିଛି ଦେଲେ ନାହିଁ । ସେ ନିଜର ସମ୍ପତ୍ତିର ସବୁ ବଦଖର୍ଚ୍ଚ କରି ଦେଇଥିଲା । ୧୭ପଦ କୁହେ, *"ମାତ୍ର ସେ ଚେତନାପାଇ କହିଲା, ମୋର*

*ବାପାଙ୍କ କେତେ ମୂଲିଆଙ୍କର ଖାଦ୍ୟ ଭଳି ପଡୁଅଛି, କିନ୍ତୁ ମୁଁ ଏଠାରେ ଭୋକରେ ମରୁଅଛି!"* ଆଉ ଗୋଟିଏ ଅନୁବାଦ କୁହେ, "ସେ ଯେତେବେଳେ ନିଜ ଚେତନା ଫେରି ପାଇଲା!" ଅନ୍ୟ ଶବ୍ଦରେ କହିବାକୁ ଗଲେ, ତା' ବାପାର ମୂଲିଆ ମାନଙ୍କର ମଧ ଦରକାର ଠାରୁ ଅଧିକ ଖାଦ୍ୟ ଅଛି, ଏବଂ ସେ ଏଠାରେ ଭୋକରେ ମରୁଅଛି ।

ସେ ଗୋଟିଏ ନିଷ୍ପତି ନେଲା- ସେ ଅନୁତାପ କଲା । ଅନୁତାପ ହେଉଛି ମନର ପରିବର୍ତ୍ତନ, ହୃଦୟର ପରିବର୍ତ୍ତନ ଯାହା ଗୋଟିଏ ମନୁଷ୍ୟକୁ ପଛକୁ ବୁଲି ଏକ ନୂଆ ପଥରେ ଓ ଦିଗରେ ଚାଲିବାକୁ ଦର୍ଶାଏ । ଏହି ଶାସ୍ତ୍ରାଂଶର ୧୮-୧୯ କୁହେ, ସେ (ପୁଅ) କହିଲା, *"ମୁଁ ଉଠି ମୋର ବାପାଙ୍କ ପାଖକୁ ଯିବି ଓ ତାହାଙ୍କୁ କହିବି, ବାପା ଈଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ ଦୃଷ୍ଟିରେ ମୁଁ ପାପ କଲି, ମୁଁ ତୁମ୍ଭର ପୁଅ ବୋଲି ଡାକିବାରୁ ଆଉ ଯୋଗ୍ୟ ନୁହେଁ; ମୋତେ ତୁମ୍ଭର ଜଣେ ମୂଲିଆ ପରି ରଖ ।"* ସେ କହିଲା "ମୋତେ ମୂଲିଆ ପରି ରଖ, ବାପା । ମୁଁ ତୁମ ବିରୁଦ୍ଧରେ ପାପ କରିଛି, ମୁଁ ତୁମର ସମ୍ପତ୍ତିକୁ ଅପବ୍ୟୟ କରିଛି ଏବଂ ପ୍ରଭୁଙ୍କ ବିରୁଦ୍ଧରେ ପାପ କରିଛି । ମୋତେ ଗୋଟିଏ ମୂଲିଆ କରି ରଖ ।" ଆଉ ତା'ପରେ ସେ ଉଠି ଆପଣା ପିତାଙ୍କ ନିକଟକୁ ଗଲା । ଅନୁତାପ ନିଜ ଭାବନାର ଚିନ୍ତାଧାରାକୁ ପରିବର୍ତ୍ତନ କରିବା ଠାରୁ ଅଧିକ ଅଟେ, ମନର ପରିବର୍ତ୍ତନ, ହୃଦୟର ପରିବର୍ତ୍ତନ; ଏହା ଜଣେ ବ୍ୟକ୍ତି ଯାହା ଉପରେ ବିଶ୍ୱାସ କରେ, ତା'କୁ ସେଇ ପଥରେ ନିଏ, ପୁଣି ପଛକୁ ଫେରିବା ଏବଂ ଏକ ନୂଆ ପଥରେ ଯିବା ଅଟେ । ଆମ୍ଭେମାନେ ସମସ୍ତେ ପ୍ରଭୁଙ୍କଠାରୁ, ଆମ୍ଭ ପିତାଙ୍କଠାରୁ ଏବଂ ସ୍ୱର୍ଗରୁ, ଆମ ଗୃହରୁ ବୁଲି ପଡ଼ିଛୁ । ପବିତ୍ର ବାଇବଲ କୁହେ (ଯିଶାୟ ୫୩:୬)ରେ, *"ଆମ୍ଭେମାନେ ସମସ୍ତେ ମେଷଗଣ ତୁଲ୍ୟ ବିପଥଗାମୀ ହୋଇଅଛୁ; ଆମ୍ଭେମାନେ ପ୍ରତ୍ୟେକେ ଆପଣା ଆପଣା ବାଟଆଡ଼େ ଫେରିଅଛୁ ।"* କିନ୍ତୁ ଈଶ୍ୱର ତାହାଙ୍କ ଦୟାରେ ଆମ ସମସ୍ତ ପାପ ନେଲେ ଏବଂ ଯୀଶୁଙ୍କ ଉପରେ ନ୍ୟସ୍ତ କଲେ ।

ଆଉ ତା'ପରେ ଏହିପରି ଭାବେ ୨୦-୨୪ ପଦ ଯାଏଁ କାହାଣୀ ଚାଲିଛି । "ଏବଂ ସେ ଉଠିଲା ଓ ଆପଣା ପିତାଙ୍କ ନିକଟକୁ ଆସିଲା" । ଗୋଟିଏ ରାତିରେ ଏହି ସମାନ କାହାଣୀ ଗୋଟିଏ ବ୍ୟକ୍ତିକୁ କହୁଥିଲି ଯିଏକି ଏହି କାହାଣୀ ପୂର୍ବରୁ କେବେ ଶୁଣି ନଥିଲା, ଆଉ ସେ କେବଳ ଜାଣିଥିଲା ଯେ, ପୁତ୍ର ଯେତେବେଳେ ଘରକୁ ଫେରିବ, ତା ପିତା କହିବେ, "ପୁଅ ଦେଖ ତୁ କ'ଣ କଲୁ । ତୁ ମୋର ସମସ୍ତ ସମ୍ପତି ଅପବ୍ୟୟ କଲୁ, ମୋର ଗୋଟିଏ ମୂଲିଆ ଭଳି ରହ" । ପ୍ରାୟତଃ ସମସ୍ତ ଜାଗତିକ ପିତାମାନେ ସମ୍ଭବତଃ ଏହି ପ୍ରକାରେ ରାଗି ଯିବେ ଏବଂ ସେହି ସମାନ ପ୍ରକାରର ମନୋଭାବ ରଖିବେ, କିନ୍ତୁ ଏଠାରେ ଆପଣ ଏହି ପିତା ଜଣକଙ୍କ ମନୋଭାବକୁ ମନୋଯୋଗ କରନ୍ତୁ : "କିନ୍ତୁ ସେ ଦୂରରେ ଥାଉ ଥାଉ ତାହାର ପିତା ତାହାକୁ ଦେଖିଲେ, ଏବଂ ଦୟାରେ ବିଗଳିତ ହେଲେ (ନିଜ ପୁଅ ପାଇଁ ସ୍ନେହ ତାହାଙ୍କ ହୃଦୟରୁ ବିଗଳିତ ହେଲା), ଏବଂ ସେ ଦୌଡ଼ି ଗଲେ ଏବଂ ତାହାକୁ ଆଲିଙ୍ଗନ କଲେ ଓ ଅତି ସ୍ନେହରେ ଚୁମ୍ବନ ଦେଲେ । ଆଉ ପୁତ୍ର ତାହାଙ୍କୁ କହିଲା, ବାପା ଈଶ୍ୱରଙ୍କ ବିରୁଦ୍ଧରେ, ସ୍ୱର୍ଗ ବିରୁଦ୍ଧରେ ଓ ମୁଁ ତୁମ୍ଭ ବିରୁଦ୍ଧରେ ପାପ କଲି ଏବଂ ମୁଁ ଆଉ ତୁମ୍ଭ ପୁଅ ବୋଲି ଡକା ଯିବାର ଯୋଗ୍ୟ ନୁହଁ । କିନ୍ତୁ ପିତା ଆପଣା ଦାସ ମାନଙ୍କୁ କହିଲେ, ସବୁଠାରୁ ଭଲ ଲୁଗା ଚଞ୍ଚଳ ଘେନିଆସି ଏହାକୁ ପିନ୍ଧାଅ, ଏହାର ହାତରେ ମୁଦି ଓ ପାଦରେ ପାଦୁକା ଦିଅ; ପୁଣି ହୃଷ୍ଟପୁଷ୍ଟ ବାଛୁରୀ ଆଣି ମାର; ଆସ ,ଆମ୍ଭେମାନେ ଭୋଜନ କରି ଉତ୍ସବ କରୁ: କାରଣ ମୋହର ଏହି ପୁଅ ମୃତ ହୋଇଥିଲା, ପୁନର୍ବାର ବଞ୍ଚିଲା ; ହଜିଯାଇଥିଲା ଏବଂ ସେ ମିଳିଲା । ଆଉ ସେଥିରେ ସେମାନେ ଉତ୍ସବ କରିବାକୁ ଲାଗିଲେ ।

ମୁଁ ଥରେ ଏହି ବିଷୟ ଜଣେ ବ୍ୟକ୍ତିକୁ କହିଲି, ଆଉ ସେ କହିଲେ , "ମୁଁ ଜାଣିଲି, ଯୀଶୁ ଏଠାରେ କ'ଣ କହୁଛନ୍ତି । ଯଦି ମୁଁ ସ୍ୱର୍ଗୀୟ ପିତାଙ୍କ ଆଡ଼କୁ ଦୟା ପାଇଁ ମୁହଁ କରିବି ଏବଂ କହିବି "ପିତା, ମୁଁ ତୁମ୍ଭ ବିରୁଦ୍ଧରେ ପାପ କରିଛି ଏବଂ ମୁଁ ତୁମର ପୁତ୍ର ହେବାର ଯୋଗ୍ୟ ନୁହେଁ, "ସେ ମୋତେ ସ୍ୱୀକାର କରି ଗ୍ରହଣ କରିବେ ।" ଆମ୍ଭର ସ୍ୱର୍ଗୀୟ ପିତା କରୁଣା ଓ ଅନୁକମ୍ପା ଦେଖେଇବେ ଏବଂ ସେ କେବେବି ଆମକୁ ଦାସ/ଚାକର କରେଇବେ ନାହିଁ । ସେ ନିଜର ପୁତ୍ର କରିବା ପାଇଁ ଆମକୁ ପୁଣିଥରେ ଉଦ୍ଧାର କରିବେ । ଆମ୍ଭମାନଙ୍କୁ ଆଜି ପ୍ରଭୁ ଅପେକ୍ଷା କରିଛନ୍ତି । ତେବେ ଆପଣ ଫେରିଲେ କି ? ଆପଣ କାହିଁକି ଆପଣଙ୍କର ପ୍ରଭୁ ପିତା ପରମେଶ୍ୱରଙ୍କ ନିକଟକୁ ଏବଂ ସ୍ୱର୍ଗକୁ, ଆପଣଙ୍କ ଗୃହକୁ ଆଜି ଫେରି ନାହାନ୍ତି ?

# ଶିଷ୍ୟତ୍ୱ ବଷୟଗତ କିଛି ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ଅନୁତାପ କ'ଣ ବର୍ଣ୍ଣନା କରନ୍ତୁ ।

୨. ଲୂକ ୧୩:୧-୫ ପଢ଼ନ୍ତୁ । ବିନଷ୍ଟ ନହେବା ପାଇଁ ଜଣେ କ'ଣ କରିବାର ଆବଶ୍ୟକତା ଅଛି ?

***ଲୂକ ୧୩:୧-୫-*** *(୧) ସେହି ସମୟରେ କେତେକ ଲୋକ ଆସି, ପୀଲାତ ଯେଉଁ ଗାଲୀଲୀୟ ମାନଙ୍କ ରକ୍ତ ସେମାନଙ୍କର ବଳି ସହିତ ମିଶ୍ରିତ କରିଥିଲେ,ସେମାନଙ୍କ ବିଷୟରେ ତାହାଙ୍କୁ ଜଣେଇଲେ । (୨) ସେଥିରେ ସେ ସେମାନଙ୍କୁ ଉତ୍ତର ଦେଲେ, ଏହା ସବୁ ଭୋଗ କରିବାରୁ ଏହି ଗାଲୀଲୀୟମାନେ ଅନ୍ୟ ସମସ୍ତ ଗାଲଲୀୟ ମାନଙ୍କ ଅପେକ୍ଷା ଅଧିକ ପାପୀ ବୋଲି କି ତୁମ୍ଭେମାନେ ମନେ କରୁଅଛ ? (୩) ମୁଁ ତୁମ୍ଭମାନଙ୍କୁ କହୁଅଛି, ନା- କିନ୍ତୁ ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରେ ବିନଷ୍ଟ ହେବ । (୪) କିମ୍ବା ଶୀଲୋହରେ ସେହି ଯେଉଁ ୧୮ ଜଣଙ୍କ ଉପରେ ପ୍ରହରୀ- ଗୃହ ପଡ଼ି ସେମାନଙ୍କର ପ୍ରାଣ ନାଶ କଲା, ସେମାନେ ସମସ୍ତେ ଯିରୁଶାଲମ ବାସୀଙ୍କ ଅପେକ୍ଷା ଅଧିକ ଅପରାଧୀ ବୋଲି କି ତୁମ୍ଭେମାନେ କହୁଅଛ ? (୫)ମୁଁ ତୁମ୍ଭ ମାନଙ୍କୁ କହୁଅଛି, ନା କିନ୍ତୁ ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହିପରି ବିନଷ୍ଟ ହେବ ।*

୩. ଆପଣ ପଢ଼ନ୍ତୁ ୨ୟ ପିତର ୩:୯ । ସମସ୍ତ ଲୋକ (ମାନବ ଜାତି) ପାଇଁ ପ୍ରଭୁଙ୍କର ଇଚ୍ଛା କ'ଣ ?

***୨ୟ ପିତର ୩:୯ -*** *ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେହି ପରି ବିଳମ୍ବ କରନ୍ତି ନାହିଁ; କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି । ଏହା ଇଚ୍ଛା କରି, ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘ ସହିଷ୍ଣୁ ଅଟନ୍ତି ।*

୪. ଆପଣ ଲୁକ ୧୬:୧୯-୩୧ ପଢ଼ନ୍ତୁ । କାହିଁକି ସେହି ଧନୀ ବ୍ୟକ୍ତି ଚାହୁଁଥିଲା ଯେ ମୃତ ମାନଙ୍କ ମଧ୍ୟରୁ ଜଣେ ସେମାନଙ୍କ ନିକଟକୁ ଯିବ ଏବଂ ତାର ଭାଇମାନଙ୍କ ସହ କଥା ହେବ ?

***ଲୁକ ୧୬:୧୯-୩୧ -*** *(୧୯)ଜଣେ ଧନୀ ଲୋକ ଥିଲା , ସେ ବହୁମୁଲ୍ୟ ବସ୍ତ୍ର ପିନ୍ଧି ମହା ଆଡମ୍ବରରେ ପ୍ରତିଦିନ ଆମୋଦ ଓ ପ୍ରମୋଦ କରୁଥିଲା । (୨୦) କିନ୍ତୁ ତାହାର ଫାଟକ ପାଖରେ ଲାଜାର ବୋଲି*

*ଜଣେ ଭିକାରୀ ପଡ଼ି ରହିଥିଲା, ତା'ର ଦେହଯାକ ଘା' ଭର୍ତ୍ତି ହୋଇଥିଲା, (୨୧) ସେ ସେହି ଧନୀ ଲୋକର ମେଜରୁ ପଡିବା ଅଇଣ୍ଠାରୁ କିଛି ଖାଇ ପେଟ ପୂରାଇବାକୁ ଆଶା କରୁଥିଲା, ଆଉ କୁକୁର ଗୁଡ଼ାକ ସୁଦ୍ଧା ଆସି ତାହାର ଘା' ସବୁ ଚାଟୁଥିଲେ । (୨୨) କାଳକ୍ରମେ ସେହ ଭିକାରୀଟି ମରିଗଲା ଓ ଦୂତ ମାନଙ୍କ ଦ୍ୱାରା ଅବ୍ରାହମଙ୍କ କୋଳକୁ ନିଆଗଲା; ପରେ ସେହି ଧନୀ ଲୋକ ମଧ୍ୟ ମରିଗଲା ଓ ସମାଧି ପାଇଲା । (୨୩) ଆଉ ସେ ନରକର ଯନ୍ତ୍ରଣାରେ କଲବଲ ହୋଇ, ଉପରକୁ ଚାହିଁ ଦୂରରେ ଅବ୍ରାହାମ ଓ ତାଙ୍କ କୋଳରେ ଲାଜାରକୁ ଦେଖିଲା । (୨୪) ସେଥିରେ ସେ ଡାକି କହିଲା , ହେ ପିତା ଆବ୍ରାହମ୍ , ମୋତେ ଦୟାକରି ଲାଜାରଙ୍କୁ ପଠାଇଦିଅନ୍ତୁ, ଯେପରି ସେ ପାଣିରେ ଆପଣା ଆଙ୍ଗୁଳିର ଟିପ ବୁଡ଼ାଇ ମୋ ଜିଭକୁ ଥଣ୍ଡା କରେ । କାରଣ ମୁଁ ଏହି ନିଆଁରେ କଲବଲ ହେଉଅଛି । (୨୫)କିନ୍ତୁ ଅବ୍ରାହମ କହିଲେ ପୁଅରେ ତୁ ତ ବଞ୍ଚିଥିବା ସମୟରେ ତୋର ଭଲ ବିଷୟ ସବୁ ପାଇଲୁ, ଆଉ ଲାଜାର ସେହିପରି ମନ୍ଦ ବିଷୟ ସବୁ ପାଇଲା, ଏହା ମନେ କର । କିନ୍ତୁ ଏବେ ସେ ଏହି ସ୍ଥାନରେ ସାନ୍ତ୍ୱନା ପାଉଅଛି, ଆଉ ତୁ କଲବଲ ହେଉଅଛୁ । (୨୬) ତାହା ଛଡ଼ା ତୁମ ଆମ ମଧ୍ୟରେ ବୃହତ୍ତ ବ୍ୟବଧାନ ଅବସ୍ଥିତ , ଯେପରି ଯେଉଁମାନେ ଏ ସ୍ଥାନରୁ ତୁମ୍ଭମାନଙ୍କ ନିକଟକୁ ଯିବା ପାଇଁ ଇଚ୍ଛା କରନ୍ତି, ସେମାନେ ଯାଇ ପାରନ୍ତି ନାହିଁ । ପୁଣି ସେ ସ୍ଥାନରୁ କେହି ଅ ।ମ୍ଭ ମାନଙ୍କ ନିକଟକୁ ପାର ହୋଇ ଆସି ପାରନ୍ତି ନାହିଁ। (୨୭) ସେଥିରେ ସେ କହିଲେ ହେ ପିତା ତାହା ହେଲେ ମୁଁ ଆପଣଙ୍କୁ ଅନୁରୋଧ କରୁଅଛି, ତାହାଙ୍କୁ ମୋର ପିତାଙ୍କ ଗୃହକ ପଠାନ୍ତୁ । (୨୮) କାରଣ ମୋହର ପାଚଂ ଭାଇ ଅଛନ୍ତି , ସେମାନେ ମଧ୍ୟ ଯେପରି ଏହି ଯନ୍ତ୍ରଣାମୟ ସ୍ଥାନକୁ ନ ଆସନ୍ତି, ସେଇଥିପାଇଁ ସେମାନଙ୍କ ନିକଟରେ ସାକ୍ଷ୍ୟ ଦେବା । (୨୯) କିନ୍ତୁ ଅବ୍ରାହମ କହିଲେ, ସେମାନଙ୍କ ନିକଟରେ ମୋଶା ଓ ଭାବବାଦୀ ମାନଙ୍କ ଧର୍ମଶାସ୍ତ୍ର ଅଛି,ସେମାନେ ସେମାନଙ୍କର କଥା ଶୁଣନ୍ତୁ । (୩୦) ସେଥିରେ ସେ କହିଲା ହେ ପିତା ଆବ୍ରାହମ,ତାହା ଯଥେଷ୍ଟ ନୁହେଁ, ମାତ୍ର ଯଦି ମୃତମାନଙ୍କ ପାଖରୁ ଜଣେ ସେମାନଙ୍କ ନିକଟକୁ ଯିବ, ତାହା ହେଲେ ସେମାନେ ମନ ପରିବର୍ତ୍ତନ କରିବେ ।*

୫. ଆପଣ ଲୁକ ୧୬:୩୦ ପଢ଼ନ୍ତୁ । ହେ ଭାଇମାନେ ସେହି ଯନ୍ତ୍ରଣାମୟ ସ୍ଥାନକୁ ନ ଯିବା ପାଇଁ କଣକରିବା ଆବଶ୍ୟକ ?

୬. ଆପଣ ପଢ଼ନ୍ତୁ ପ୍ରେରିତ ୨୬:୧୮ । ଯଦିଓ ଏହି ଶାସ୍ତ୍ରାଂଶରେ ପଦ ଅନୁତାପ ବିଷୟରେ କୁହେ ନାହିଁ । ଯେଉଁମାନେ ଅନୁତାପ କରନ୍ତି ସେମାନଙ୍କର କ'ଣ ହୁଏ ?

***ପ୍ରେରିତ ୨୬:୧୮*** *– ସେଥି ପାଇଁ ସେମାନଙ୍କ ଚକ୍ଷୁ ଉନ୍ମୋଚନ କରିବା ନିମନ୍ତେ ଆମ୍ଭେ ତୁମ୍ଭକୁ ସେମାନଙ୍କ ନିକଟକୁ ପଠାଉଅଛୁ, ଆଉ ଆମ୍ଭେ ତୁମ୍ଭକୁ ସେମାନଙ୍କ ଠାରୁ ରକ୍ଷା କରିବୁ ।*

୭. ଆପଣ ପ୍ରେରିତ ୨୬:୨୦ ଏହି ଶାସ୍ତ୍ରାଂଶ ପଦର ଶେଷ ପଦରେ, ୩ଟି ବିଷୟ କୁହାଯାଇଛି । ଯାହା ବିଜାତି ମାନେ କରିବା ଦରକାର ?

***ପ୍ରେରିତ ୨୬:୨୦*** *– କିନ୍ତୁ ପ୍ରଥମେ ଦମେସକର ଓ ଯିରୁଶାଲମର ଲୋକ ମାନଙ୍କ ନିକଟରେ, ପରେ ଯିହୁଦା ପ୍ରଦେଶରେ ସମସ୍ତ ଅଞ୍ଚଳରେ, ପୁଣି ବିଜାତି ମାନଙ୍କ ନିକଟରେ ମଧ୍ୟ ପ୍ରଚାର କରିବାକୁ ଲାଗିଲି, ଯେପରି ସେମାନେ ମନ ପରିବର୍ତ୍ତନ କରି ଈଶ୍ୱରଙ୍କ ପ୍ରତି ଫେରି ଆସନ୍ତି ଓ ମନ ପରିବର୍ତ୍ତନର ଉପଯୁକ୍ତ କାର୍ଯ୍ୟ କରନ୍ତି ।*

୮. ଆପଣ ପଢ଼ନ୍ତୁ ମାଥିଉ ୭:୨୧-୨୩ । ଯୀଶୁ କ'ଣ କହିଲେ , ଏହି ଲୋକମାନେ ଈଶ୍ୱରଙ୍କ ଇଚ୍ଛା ବିରୋଧରେ କ'ଣ କଲେ ?

***ମାଥିଉ ୭:୨୧-୨୩*** *– "ମୋତେ ପ୍ରଭୁ ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗ ରାଜ୍ୟରେ ପ୍ରବେଶ କରିବେ ନାହିଁ , ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । ସେଦିନ ଅନେକ ମୋତେ କହିବେ, ହେ ପ୍ରଭୁ , ହେ ପ୍ରଭୁ ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି, ତୁମ୍ଭ ନାମରେ କି ଭୂତ ମାନଙ୍କୁ ଛଡ଼ାଇଲୁ ନାହିଁ ? ଆଉ ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭ ମାନଙ୍କୁ କେବେ ହେଁ ଜାଣ ନାହିଁ, ହେ ଅଧର୍ମାଚାରୀମାନେ, ମୋ ପାଖରୁ ଦୂର ହୁଅ ।"*

୯. ଏହି ସମସ୍ତ ଉପରୋକ୍ତ ବିଷୟ ଆପଣଙ୍କୁ ଅନୁତାପ ବିଷୟରେ କ'ଣ କୁହେ ? ଏବଂ ପ୍ରଦର୍ଶନକାରୀ ପ୍ରେମ,ସେବା ବିଷୟରେ କ'ଣ କୁହେ ?

୧୦. ଆପଣ ଯିଶାୟ ୫୫:୭ ପଢ଼ନ୍ତୁ । ଦୁଷ୍ଟ କ'ଣ କରିବା ଆବଶ୍ୟକ ?

***ଯିଶାୟ ୫୫:୭*** *- ଦୁଷ୍ଟ ଆପଣାର ପଥ ଓ ଅଧାର୍ମିକ ଆପଣା ସଂକଳ୍ପ ପରିତ୍ୟାଗ କରୁ;ପୁଣି ସେ ସଦା ପ୍ରଭୁଙ୍କ ପ୍ରତି ଫେରୁ, ତହିଁରେ ସେ ତାହାକୁ ଦୟା କରିବେ; ଆଉ ସେ ଆମ୍ଭ ମାନଙ୍କର ପରମେଶ୍ୱରଙ୍କ ପ୍ରତି ଫେରୁ; କାରଣ ସେ ବହୁଳ ରୂପରେ କ୍ଷମା କରିବେ ।*

୧୧. ଅଧାର୍ମିକ କେଉଁ ଦୁଇଟି ବିଷୟ କରିବା ଉଚିତ ?

୧୨. ଉପରୋକ୍ତ ଦର୍ଶା ଯାଇଥିବା ବିଷୟ ସବୁ ଜଣେ ବ୍ୟକ୍ତି କଲେ, ପରମେଶ୍ୱର ତା' ପ୍ରତି କ'ଣ କରିବେ ।

୧୩. ଆପଣ ଲୁକ୍ ୧୫:୭ ପଢନ୍ତୁ । ଜଣେ ପାପୀ ଯଦି ଅନୁତାପ କରେ ତେବେ ସ୍ୱର୍ଗ କ'ଣ କରେ ?

***ଲୂକ ୧୫:୭ –*** *ମୁଁ ତୁମ୍ଭମାନଙ୍କୁ କହୁଅଛି, ସେହି ପ୍ରକାରେ ଯେଉଁ ମାନଙ୍କର ମନ ପରିବର୍ତ୍ତନ କରିବାର ପ୍ରୟୋଜନ ନାହିଁ; ଏପରି ଅନେଶ୍ୱତଧାର୍ମିକ ଲୋକମାନଙ୍କ ଅପେକ୍ଷା, ଯେ ମନ ପରିବର୍ତ୍ତନ କରେ, ଏପରି ଜଣେ ପାପୀର ନିମନ୍ତେ ସ୍ୱର୍ଗରେ ଅଧିକ ଆନନ୍ଦ ହେବ ।*

୧୪. ଆପଣ ପଢ଼ନ୍ତୁ ପ୍ରେରିତ ୩:୧୯ । ଆପଣ ଯଦି ଅନୁତାପ କଲେ ଓ ପରିବର୍ତ୍ତିତ ହେଲେ ତେବେ, ଆପଣଙ୍କ ପାପ ସବୁ କ'ଣ ହେବ ?

***ପ୍ରେରିତ ୩:୧୯ –*** *ଅତଏବ ଯେପରି ଆପଣଙ୍କର ପାପ ମୋଚନ ହୋଇପାରେ, ଏଥିନିମନ୍ତେ ମନ ପରିବର୍ତ୍ତନ କରି ଫେରି ଆସନ୍ତୁ ।*

# ଉତ୍ତର

୧. ଅନୁତାପ ବିଷୟରେ ବର୍ଣ୍ଣନା କରନ୍ତୁ ।

*(କ) ଏହା ଏକ ନୂତନ ପ୍ରତିଶ୍ରୁତି ଆଡ଼କୁ "ଫେରିବା'' ଅଟେ ।*

*(ଖ) ଏହା ଏକ ମନର ପରିବର୍ତ୍ତନ ଅଟେ ।*

*(ଗ) ଏହା ହୃଦୟର ପରିବର୍ତ୍ତନ ଅଟେ, ଯାହାକି ଜଣଙ୍କର ପ୍ରଭୁଙ୍କ ଆଡକୁଫେରିବା ଅଟେ । ନିଜର ପୁରାତନ ବିଷୟକୁ ଛାଡି, ଈଶ୍ୱରଙ୍କ ରାସ୍ତା କୁ ଆପଣାଇବା ଅଟେ ।*

*(ଘ) ଏହା ପଥର ପରିବର୍ତ୍ତନକୁ ବୁଝାଏ , ପରିପୂର୍ଣ୍ଣତା ନୁହେଁ ।*

*(ଙ) ଗୋଟିଏ ବିଷୟ ସ୍ଥିର କରିବା ଯାହାକି ଜଣଙ୍କର ସଂପୂର୍ଣ୍ଣ ପଥ ପରିବର୍ତ୍ତନ କରିଦେଇପାରେ ।*

*(ଚ) ପୁରାତନ ବିଷୟକୁ ତ୍ୟାଗ କରିବା ଓ ସଂପୂର୍ଣ୍ଣ ଭାବେ ଈଶ୍ୱର ଓ ତାଙ୍କ ଦେଖାଇଥିବା ପଥ ଆଡ଼କୁ ଫେରିବା ।*

*(ଛ) ଜଣେ ବ୍ୟକ୍ତିଙ୍କ ପାଖକୁ ଫେରିବା, ଯେ କି ଈଶ୍ୱର - ତାହା ଯୀଶୁ ଖ୍ରୀଷ୍ଟଙ୍କ ମଧଦେଇ ।*

୨. ଆପଣ ଲୁକ୍ ୧୩:୧-୫ ପଢ଼ନ୍ତୁ । ଜଣେ ବ୍ୟକ୍ତି ବିନଷ୍ଟ ନହେବା ପାଇଁ କ'ଣ କରିବା ଆବଶ୍ୟକ ?

*ଅନୁତାପ*

୩. ଆପଣ ୨ୟ ପିତର ୩:୯ ପଢ଼ନ୍ତୁ । ଈଶ୍ୱରଙ୍କ ଇଚ୍ଛା ସମସ୍ତ ମାନବ ଜାତି ପାଇଁ କ'ଣ

*ଯେପରି ସମସ୍ତେ ଅନୁତାପ କରନ୍ତି ।*

୪. ଆପଣ ଲୁକ୍ ୧୬:୧୯-୩୧ ପଢ଼ନ୍ତୁ । ଲୁକ ୧୬:୨୮, ସେ ଧନୀ ବ୍ୟକ୍ତି ଜଣକ କାହିଁକି ଚାହୁଁଥିଲେ ଯେ ମୃତ ମାନଙ୍କୁ ମଧ୍ୟରୁ କେହି ଜଣେ ଯାଉ ଏବଂ ତାହାଙ୍କ ଭାଇମାନଙ୍କ ସହ କଥା ହେଉ ?

*କାରଣ ସେହି ଧନୀ ବ୍ୟକ୍ତି ଜଣକ ଚାହୁଁଥିଲେ ଯେ, ସେମାନେ ଏହି ଯନ୍ତ୍ରଣା, କଷ୍ଟ ସ୍ଥାନ ବିଷୟରେ ଆଗରୁ ଜାଣିପାରି ସଚେତନ ହୋଇ ରୁହନ୍ତୁ ।*

୫. ଲୁକ୍ ୧୬:୩୦ ଆପଣ ପଢ଼ନ୍ତୁ । ଏହି ଧନୀ ବ୍ୟକ୍ତିଙ୍କ ଭାଇମାନେ କ'ଣ କରିବାର ଆବଶ୍ୟକତା ଅଛି, ଏହି ଯନ୍ତ୍ରଣା ଦାୟକ ସ୍ଥାନ (କବଳରୁ) ବର୍ତ୍ତିବା ନିମନ୍ତେ ?

*ସେମାନେ ଅନୁତାପ କରିବାର ଆବଶ୍ୟକ ।*

୬. ଆପଣ ପଢ଼ନ୍ତୁ ପ୍ରେରିତ ୨୬:୧୮ । ଯଦିଓ ଶାସ୍ତ୍ରାଂଶର ଏହି ପଦ ନିର୍ଦ୍ଦିଷ୍ଟ ଭାବେ ଏହା ଅନୁତାପ ବିଷୟରେ କୁହେ ନାହିଁ ମାତ୍ର ଯେଉଁମାନେ ଅନୁତାପ କରନ୍ତି ସେମାନଙ୍କର କ'ଣ ହୁଏ ?

*(କ) ଆଖି ଖୋଲିଯାଏ*

*(ଖ) ଅନ୍ଧକାରରୁ ଆଲୋକ ଆଡ଼କୁ ଫେରନ୍ତି*

*(ଗ) ଶୟତାନର ବଳକୁ ଭାଙ୍ଗି ପରମେଶ୍ୱରଙ୍କ ଆଡ଼କୁ ଫେରନ୍ତି*

*(ଘ) ନିଜ ପାପର କ୍ଷମା ପାଆନ୍ତି ।*

*(ଙ) ଉତରାଧିକାରୀ ହୁଅନ୍ତି ।*

୭. ଆପଣ ପଢ଼ନ୍ତୁ ପ୍ରେରିତ ୨୬:୨୦ । ଏହି ପଦର ଶେଷ ଆଡ଼କୁ, ବିଜାତି ମାନେ ତିନୋଟି ବିଷୟ କରିବାର ଆବଶ୍ୟକ ଅଛି ବୋଲି ଲେଖାଯାଇଛି । ତାହା କ'ଣ ?

*(କ) ଅନୁତାପ*

*(ଖ)ପରମେଶ୍ୱରଙ୍କ ଆଡ଼କୁ ଫେରିବା*

*(ଗ) ନିଜର କର୍ମ ଦ୍ୱାରା ସେମାନଙ୍କ ଅନୁତାପ କୁ ପ୍ରମାଣ କରିବା ।*

୮. ଆପଣ ମାଥିଉ ୭:୨୧-୨୩ - ପଢ଼ନ୍ତୁ । ଯୀଶୁ କ'ଣ କହିଲେ, ଏହି ଲୋକମାନେ ଈଶ୍ୱରଙ୍କ ଇଚ୍ଛା ସାଧନ ପରିବର୍ତ୍ତେ କ'ଣ କଲେ ?

*ନ୍ୟାୟ ବିରୁଦ୍ଧାଚରଣ ଓ ଅରାଜକତା ।*

୯. ଆପଣଙ୍କୁ ଏହା କ'ଣ ଦେଖାଉଅଛି । ସତ୍ୟ ଓ ପ୍ରକୃତ ଅନୁତାପର ପ୍ରାଧାନ୍ୟତା (ବନାମ) ପ୍ରଭୁଙ୍କୁ ପ୍ରଦର୍ଶନକାରୀ ସେବା ?

***ପରିତ୍ରାଣ ହୃଦୟରୁ ଆସେ, ପ୍ରଦର୍ଶନ କାରୀ କଥା / ସେବାରୁ ନୁହେଁ ।***

୧୦. ଯିଶାୟ ୫୫:୭ ଆପଣ ପଢ଼ନ୍ତୁ । ଜଣେ ଦୁଷ୍ଟ କ'ଣ କରିବା ଆବଶ୍ୟକ ?

***ଆପଣା ପଥରୁ ଫେରୁ ।***

୧୧. କେଉଁ ଦୁଇଟି ବିଷୟ ଅଧାର୍ମିକ କରିବା ଆବଶ୍ୟକ ?

***ନିଜର ସଂକଳ୍ପ ପରିତ୍ୟାଗ କରୁ ଓ ସଦାପ୍ରଭୁଙ୍କ ପ୍ରତି ଫେରୁ ।***

୧୨. ଯେଉଁ ବ୍ୟକ୍ତି ଉପରୋକ୍ତ ସୁଚିତ ବିଷୟ ସବୁ କଲେ, ପରମେଶ୍ୱର ତା'ପ୍ରତି କ'ଣ କରିବେ ?

***ସେ ତାହାଙ୍କୁ ଦୟା କରିବେ ଓ ବାହୁଲ୍ୟ ରୂପରେ କ୍ଷମା କରିବେ ।***

୧୩. ଆପଣ ଲୂକ ୧୫:୭ ପଢ଼ନ୍ତୁ । ଜଣେ ପାପୀ ଯଦି ଅନୁତାପ କରେ, ତେବେ ସ୍ୱର୍ଗ ତାହାର କି ପ୍ରକାର ଭାବେ ପ୍ରତିକ୍ରୀୟାକରେ ?

***ସ୍ୱର୍ଗ ଅଧିକ ଆନନ୍ଦିତ ହୁଏ ।***

୧୪. ଆପଣ ପ୍ରେରିତ ୩:୧୯ ପଢ଼ନ୍ତୁ । ଆପଣ ଯଦି ଅନୁତାପ କରନ୍ତି ଏବଂ ପରିବର୍ତ୍ତିତ ହୁଅନ୍ତି ଆପଣଙ୍କ ପାପ ସବୁର କଣ ହେବ ?

***ଆମ୍ଭର ପାପ ସବୁ ମୋଚନ ହେବ ।***

## ଅଧ୍ୟାୟ - ୭

# ପ୍ରତିଶ୍ରୁତି ବଦ୍ଧ

### *ଲେଖକ – ଡନ୍ କ୍ରୋ*

**ଲୂକ ୧୪:୨୫-୨୬ - ବହୁ ସଂଖ୍ୟକ ଲୋକ ତାହାଙ୍କ ସହ ଯାତ୍ରା କରୁଥିଲେ, ଆଉ ସେ ବୁଲିପଡ଼ି ସେମାନଙ୍କୁ କହିଲେ, କେହି ଯେବେ ମୋ ନିକଟକୁ ଆସି ଆପଣା, ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନ କରେ , ତେବେ ସେ ମୋହର ଶିଷ୍ୟ ହୋଇପାରେ ନାହିଁ ।**

*"ଆଉ ବହୁ ସଂଖ୍ୟକ ଲୋକ ତାହାଙ୍କ ସହ ଯାତ୍ରା କରୁଥିଲେ, ଆଉ ସେ ବୁଲି ପଡ଼ି, ସେମାନଙ୍କୁ କହିଲେ"* (ଲୂକ ୧୪:୨୫)। ଏହି ସମୟରେ ଯୀଶୁଙ୍କ ସେବାକାର୍ଯ୍ୟରେ, ବହୁ ସଂଖ୍ୟକ ଲୋକ ଥିଲେ ଯେଉଁମାନେ ଯୀଶୁଙ୍କୁ ଅନୁସରଣ କରୁଥିଲେ । ଇଂରାଜୀ ଭାଷାରେ ନୁହେଁ ମାତ୍ର ଗ୍ରୀକ୍‌ଭାଷାରେ ଏହା ଏକ ଅତିତ ଅଟେ । ଏହାର ଅର୍ଥ ଏହା ଯେ, ସେହି ସମୟରେ ବହୁ ସଂଖ୍ୟକ ଲୋକ ଅନବରତ ଯୀଶୁଙ୍କର ଅନୁସରଣ କରୁଥିଲେ । ବୋଧ ହୁଏ ଏହା ସେ କରୁଥିବା ଆଶ୍ଚର୍ଯ୍ୟ କର୍ମ ମାନ ଯୋଗୁଁ ଅବା ସେ ସେମାନଙ୍କୁ ଖାଇବାକୁ ଦେଉଥିଲେ ସେ ଯୋଗୁଁ, ଆମେ ତାହାର ପ୍ରକୃତ କାରଣ ଜାଣି ନାହୁଁ, କିନ୍ତୁ ଅଂସଖ୍ୟ ଅଂସଖ୍ୟ ଲୋକମାନେ ତାହାଙ୍କ ଅନୁସରଣ କରୁଥିଲେ । ଆଉ ସେହି ସମୟରେ ଯୀଶୁ ପଛକୁ ବୁଲି ପଡ଼ିଲେ ଏବଂ ସେ ଜାଣିଶୁଣି କିଛି କହିଲେ, ଯାହା ଦ୍ୱାରା ଅନେକ ଲୋକ ଆଉ ତାହାଙ୍କ ଅନୁସରଣ କଲେ ନାହିଁ ।

*"କେହି ଯେବେ ମୋ ନିକଟକୁ ଆସି ଆପଣା, ପିତା, ମାତା , ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀ ମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନ କରେ, ତେବେ ସେ ମୋହର ଶିଷ୍ୟ ହୋଇପାରେ ନାହିଁ ।"* (ଲୂକ ୧୪:୨୬) । ମୁଁ ଯେତେବେଳେ ଏହି ଶାସ୍ତ୍ରାଂଶକୁ ଦେଖିଲି, ମୁଁ ଭାବିଲି, *ପ୍ରଭୁ ତୁମେ ସେହିପରି କିପରି କହିପାର ? ଆଉ ସେହି ଶବ୍ଦ "ଅପ୍ରିୟ" ର ଅର୍ଥ କ'ଣ ? ବୋଧ ହୁଏ ତାହାର ମାନେ ହେଲା ସ୍ୱଳ୍ପ ଟିକେ ପ୍ରେମ କରିବା (ବା) ଭଲ ପାଇବା* ।ଆଉ ଯେତେବେଳେ ମୁଁ ଧ୍ୟାନ କରି ପଢ଼ିବାକୁ ଲାଗିଲି, ଯେମିତି ହେଲେ ମୁଁ ସେ ବିଷୟରେ ଜାଣିବାକୁ ପାଇଲି ଯେ ସେହି ଶବ୍ଦ ଆକ୍ଷରିକ ଭାବେ "ଅପ୍ରିୟ" ଜ୍ଞାନ କରିବା ।

ଯୀଶୁ ଏହି ବିଷୟକୁ ପ୍ରାଧାନ୍ୟ ଦେବା ନିମନ୍ତେ ଅତ୍ୟନ୍ତ ଶକ୍ତିଯୁକ୍ତ ଶବ୍ଦ ସମ୍ଭବତଃ ବ୍ୟବହାର କଲେ । ସେ କହିଲେ ଯେତେବେଳେ ଯାଏଁ ତୁମ୍ଭେ ଆପଣାର ପିତା, ମାତା, ଭଉଣୀ, ଭାଇ, ଏପରିକି ତୁମ୍ଭ ସ୍ତ୍ରୀକୁ ଅପ୍ରିୟ

ଜ୍ଞାନ କରିନାହଁ, ତେବେ ଯାଏଁ ସେ ତାହାଙ୍କର ଶିଷ୍ୟ ହୋଇ ପାରେ ନାହିଁ । ମୁଁ ଆପଣଙ୍କୁ କିଛି ପଚାରିବାକୁ ଚାହେଁ; ସବୁଠାରୁ ନିକଟତର ସଂପର୍କ ଏ ଜଗତରେ ଆପଣଙ୍କର କାହା ସହିତ ? ତାହା ଆପଣଙ୍କ ମାଁଙ୍କ ସହ ଏବଂ ବାପାଙ୍କ ସହ (ନା) ଆପଣଙ୍କ ପତି (ବା) ପତ୍ନୀ ସହ ନା ପିଲାମାନଙ୍କ ସହ ? କ'ଣ ହେବ ଯଦି ଆପଣଙ୍କ ସ୍ତ୍ରୀ ଆପଣଙ୍କ ବିରୋଧରେ ଯାଏ ଏବଂ ଆପଣଙ୍କୁ ଛାଡପତ୍ର ଦିଏ ଏବଂ ଆପଣଙ୍କ ବାପା ଅବା ମାଁ ମୃତ୍ୟୁଭୋଗ କରନ୍ତି ? ସେହି ସମୟରେ ଆପଣଙ୍କର କିଏ ରହିବ ? କ'ଣ ଆପଣଙ୍କ ଭାଇ ମାନେ ଓ ଭଉଣୀ ମାନେ !? ଯୀଶୁ କହିଲେ, ଯଦି ତୁମେ ସେମାନଙ୍କୁ ଅପ୍ରିୟଜ୍ଞାନ କରିନାହଁ ତେବେ ତୁମ୍ଭେ ତାହାଙ୍କ ଶିଷ୍ୟ ହୋଇ ପାରିବ ନାହିଁ । ସେ କ'ଣ କହୁଛନ୍ତି ?

ଯୀଶୁ ଏଠାରେ ସେ ନିକଟତ୍ତମ ସଂପର୍କମାନ ବିଷୟରେ କହୁଛନ୍ତି , ଯାହା ଆମେ କେବେ ଧରି ରଖିଥାଉ । ଆଉ ସେ ଆପଣଙ୍କୁ ସେଇଥିପାଇଁ ଆପଣଙ୍କଠାରୁ ଏକ ପ୍ରତିଶ୍ରୁତି ମାଗୁଛନ୍ତି , ଏକ ପ୍ରତିଶ୍ରୁତି ଯେଉଁଠି ଆଉ କିଏ ନୁହେଁ , ମାତ୍ର ତାହାଙ୍କର ପ୍ରାଧାନ୍ୟତା ଥିବ । ଆପଣଙ୍କ ଜୀବନରେ ସେ ପ୍ରଥମ ସ୍ଥାନରେ ଆସିବାକୁ ଚାହାଁନ୍ତି । ଆଉ ସେ ଆପଣଙ୍କ ଜୀବନରେ ଥିବା ସବୁଠାରୁ ନିକଟତର ସଂପର୍କ ମାନ ସହ, ତାହାଙ୍କର ନିଜର ସଂପର୍କ ତୁଳନା କରନ୍ତି । "ଅପ୍ରିୟ ଜ୍ଞାନ" କରିବା, ତାହା ହେଉଛି ଏକ ରୂପକ, ଗୋଟିଏ ଶବ୍ଦ ତୁଳନାତ୍ମକର ଏବଂ ଯୀଶୁ କହୁଛନ୍ତି,"ମୋ ସଂପର୍କ ତୁମ୍ଭମାନଙ୍କ ସହ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ମୁଁ ଏହି ଜାଗତିକ ସମସ୍ତ ବିଷୟ ଠାରୁ ତାହା ଉପରେ ହିଁ ଚାହୁଁଛି । " ଏହି ପରି ଜଣେ ହିଁ ବ୍ୟକ୍ତି ଅଛି ଯାହାକୁ ତୁମେ ତୁମ ସ୍ତ୍ରୀଠାରୁ, ଛୁଆ ଠାରୁ, ବାପା ଓ ମା' ଠାରୁ ଏବଂ ଭାଇ ଓ ଭଉଣୀ ଠାରୁ ଅଧିକ ଭଲ ପାଅ । ତୁମେ ଜାଣ କି ସେ କିଏ ? ସେ ଆଉ କେହି ନୁହେଁ ତୁମେ ନିଜେ । ସେ ପ୍ରଭୁ ନୁହନ୍ତି .... ମାତ୍ର ଆପଣ । ହଁ ଆପଣ ଆପଣଙ୍କ ନିକଟତର ସବୁ ସମ୍ପର୍କୀୟ ବ୍ୟକ୍ତି ମାନଙ୍କଠାରୁ ମଧ୍ୟ ଅଧିକ ନିଜକୁ ଭଲ ପାଆନ୍ତି ।

ପ୍ରାୟତଃ ଅନେକ ବିବାହ କାହିଁକି ଭାଙ୍ଗିଯାଏ ? ଲୋକମାନେ କାହିଁକି ଛାଡ଼ପତ୍ର ଦିଅନ୍ତି ଓ ଅଲଗା ହୁଅନ୍ତି ? କାରଣ ସେମାନେ ନିଜ ପତୀ (ବା) ପତ୍ନୀ ଠାରୁ ଅଧିକ ନିଜକୁ ଭଲ ପାଆନ୍ତି । " ମୁଁ ଯେମିତି ଚାହୁଁଛି ତୁମେ ସେହିପରି କରୁ ନାହଁ, ତେଣୁ ମୁଁ ତୁମଠାରୁ ଦୂରେଇବାକୁ / ଛୁଟକାରା ଚାହେଁ ।"

ଯୀଶୁ କହିଲେ ଏପରି ଗୋଟିଏ ସଂପର୍କ ଅଛି, ଆଉ ସେଥିରେ ମୁଁ ପ୍ରଥମ ସ୍ଥାନରେ ଆସିବାକୁ ଚାହେଁ , ତାହା ହେଉଛି ତୁମର ନିଜର ସ୍ୱାର୍ଥ ଜୀବନ । ଆଉ ଏହା ହିଁ ପ୍ରକୃତ ଶିଷ୍ୟତ୍ୱ । ସେ ଏଠାରେ ମୂଲ୍ୟହିନ ଶିଷ୍ୟତ୍ୱ ବିଷୟ କହୁନାହାନ୍ତି । ସେ ଆମ୍ଭଙ୍କୁ ତାହାଙ୍କର ଅନୁଶରଣ କରିବାକୁ କହୁଛନ୍ତି । ସେ ଆମ୍ଭମାନଙ୍କ ଜୀବନରେ ତାହାଙ୍କୁ (ଯୀଶୁ)ଙ୍କୁ ପ୍ରଥମ ସ୍ଥାନରେ ରଖିବାକୁ ଚାହୁଁଛନ୍ତି ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ଲୂକ ୯:୫୭-୬୨ । ଏହି ପଙ୍କ୍ତି ଯୀଶୁଙ୍କ ପଥ ଅନୁସରଣ କରିବା ବିଷୟରେ ଆମକୁ କେଉଁ ସ୍ତରର ପ୍ରତିଶ୍ରୁତି ବଦ୍ଧ ହେବାକୁ ଶିଖାଉ ଅଛି ?

***ଲୂକ ୯:୫୭-୬୨-*** *ସେମାନେ ବାଟରେ ଯିବା ସମୟରେ ଜଣେ ଲୋକ ତାହାକୁ କହିଲେ, ଆପଣ ଯେ କୌଣସି ସ୍ଥାନକୁ ଯିବେ, ମୁଁ ଆପଣଙ୍କ ଅନୁଗମନ କରିବି । (୫୮) ଯୀଶୁ ତାଙ୍କୁ କହିଲେ, କୋକିଶିଆଳିର ଗାତ ଅଛି, ଆକାଶ ପକ୍ଷୀର ବସା ଅଛି, ମାତ୍ର ମନୁଷ୍ୟପୁତ୍ରର ମୁଣ୍ଡ ଗୁଞ୍ଜିବାର ସ୍ଥାନ ନାହିଁ । (୫୯) ପୁଣି ସେ ଆଉ ଜଣକୁ କହିଲେ, ମୋହର ଅନୁଗମନ କର । କିନ୍ତୁ ସେ କହିଲେ, ପ୍ରଥମେ ଯାଇ ମୋହର ପିତାଙ୍କୁ ସମାଧି ଦେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । (୬୦) ମାତ୍ର ସେ ତାହାଙ୍କୁ କହିଲେ, ମୃତମାନଙ୍କୁ ଆପଣା ଆପଣା ମୃତ ଲୋକଙ୍କୁ ସମାଧି ଦେବା ପାଇଁ ଛାଡ଼ି ଦିଅ, କିନ୍ତୁ ତୁମ୍ଭେ ଯାଇ ଈଶ୍ୱରଙ୍କ ରାଜ୍ୟ ପ୍ରଚାର କର । (୬୧) ଆଉ ଜଣେ ମଧ୍ୟ କହିଲେ, ପ୍ରଭୋ ମୁଁ ଆପଣଙ୍କର ଅନୁଗମନ କରିବି, ମାତ୍ର ପ୍ରଥମେ ମୋହର, ଗୃହରେ ଥିବା ଲୋକମାନଙ୍କଠାରୁ ବିଦାୟ ନେବା ନିମନ୍ତେ ମୋତେ ଅନୁମତି ଦିଅନ୍ତୁ । (୬୨) କିନ୍ତୁ ଯୀଶୁ ତାହାଙ୍କୁ କହିଲେ, ଯେ ଲଙ୍ଗଳରେ ହାତ ଦେଇ ପଛକୁ ଚାହେଁ, ସେ ଈଶ୍ୱରଙ୍କ ରାଜ୍ୟର ଯୋଗ୍ୟ ନୁହେଁ ।*

୨. ଆପଣ ପଢ଼ନ୍ତୁ ଲୂକ ୮:୧୩-୧୪ । ନାହିଁକି କିଛି ଲୋକ ଖ୍ରୀଷ୍ଟିୟାନ ବିଶ୍ୱାସରୁ ବୁଲି ପଡ଼ନ୍ତି (ବା) ତାହାକୁ ଧରି ରଖିବାରେ ଅସଫଳ ହୁଅନ୍ତି ?

***ଲୂକ ୮:୧୩-୧୪-*** *ପୁଣି ଯେଉଁମାନେ ପଥର ଉପରେ ଅଛନ୍ତି, ସେମାନେ ବାକ୍ୟ ଶୁଣି ଆନନ୍ଦରେ ଗ୍ରହଣ କରନ୍ତି, କିନ୍ତୁ ସେମାନଙ୍କର ଚେର ନଥିବାରୁ ସେମାନେ ଅଳ୍ପ ବିଶ୍ୱାସ କରନ୍ତି ଓ ପରୀକ୍ଷା ସମୟରେ ଧର୍ମତ୍ୟାଗୀ ହୁଅନ୍ତି । (୧୦) ଆଉ, କଣ୍ଟାଗଛ ଗୁଡ଼ାକ ମଧ୍ୟରେ ଯାହା ପଡ଼ିଲା, ତାହା ଏହିପରି ଲୋକେ, ଯେଉଁମାନେ ଶୁଣି ସାଂସାରିକ ଚିନ୍ତା, ଧନ ଓ ସୁଖଭୋଗର ବଶ୍ୟବର୍ତ୍ତୀ ହୋଇ ଜୀବନ ଯାତ୍ରା କରୁ କରୁ ଚାପି ହୋଇଯାଆନ୍ତି, ପୁଣି ପରିପକ୍ୱ ଫଳ ଉତ୍ପନ୍ନ କରନ୍ତି ନାହିଁ ।*

୩. ଆପଣ ପଢ଼ନ୍ତୁ ଯିହିଜିକଲ ୧୬:୮ । ଏଠାରେ ପରମେଶ୍ୱର ଲୋକମାନଙ୍କ ସହ ତାହାଙ୍କର ସଂପର୍କକୁ ବୁଝାଇବାକୁ ଏକ ବିବାହ ଉଦାହରଣ ବ୍ୟବହାର କଲେ ?

***ଯିହିଜିକଲ ୧୬:୮*** *- ପୁଣି, ଆମ୍ଭେ ଯେତେବେଳେ ତୁମ୍ଭ ନିକଟ ଦେଇ ଗମନ କଲୁ ଓ ତୁମ୍ଭ ପ୍ରତି ଅନାଇଲୁ, ସେତେବେଳେ ଦେଖ, ତୁମ୍ଭର ସେ ସମୟ ତ ପ୍ରେମର ସମୟ; ତହୁଁ ଆମ୍ଭେ ତୁମ୍ଭ ଉପରେ ଆପଣା ବସ୍ତ୍ରାଞ୍ଚଳ ପ୍ରସାରିଲୁ ଓ ତୁମ୍ଭର ଉଲଙ୍ଗତା ଆଚ୍ଛାଦନ କଲୁ ; ହଁ, ସଦାପ୍ରଭୁ କହନ୍ତି, ଆମ୍ଭେ ଶପଥ କରି ତୁମ୍ଭ ସଙ୍ଗେ ନିୟମ ସ୍ଥିର କଲୁ , ତହିଁରେ ତୁମ୍ଭେ ଆମ୍ଭର ହେଲ ।*

୪. ଆପଣ ୧ମ କରନ୍ଥୀୟ ୬:୧୯ ପଢ଼ନ୍ତୁ । ଆପଣ କାହାର ଅନ୍ତର୍ଭୁକ୍ତ ଅଟନ୍ତି ?

***୧ମ କରନ୍ଥୀୟ ୬:୧୯-୨୦*** *- ଅବା ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କଠାରୁ ପ୍ରାପ୍ତ, ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ରଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ, ତୁମ୍ଭେମାନେ ନିଜ ନିଜର ନୁହଁ । (୨୦) କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣା ଯାଇଅଛ । ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।*

୫. ୧ମ କରନ୍ଥୀୟ ୬:୨୦ ଆପଣ ପଢ଼ନ୍ତୁ । ଆପଣଙ୍କ ଶରୀର ଓ ପ୍ରାଣ କାହାର ଅନ୍ତର୍ଭୁକ୍ତ ?

୬. ଆପଣ ଯାକୁବ ୪:୪ ପଢ଼ନ୍ତୁ । ଏହି ଅନୁସାରେ ଆପଣ କ'ଣ ଆଧାତ୍ମିକ ବ୍ୟଭିଚାର ପ୍ରଭୁଙ୍କ ବିରୋଧରେ କରିପାରିବ କି ?

***ଯାକୁବ ୪:୪*** *- ହେ ବ୍ୟଭିଚାରିଣୀ ମାନେ, ଜଗତର ମିତ୍ରତା ଈଶ୍ୱରଙ୍କର ଶତ୍ରୁତା, ଏହା କଣ ଜାଣ ନାହିଁ ? ଅତଏବ ଯେକେହି ଜଗତର ମିତ୍ର ହେବାକୁ ଇଚ୍ଛା କରେ ; ସେ ଆପଣାକୁ ଈଶ୍ୱରଙ୍କ ଶତ୍ରୁ ବୋଲି ପ୍ରତିପନ୍ନ କରେ ।*

୭. ରୋମୀୟ ୧:୨୫ ଅନୁସାରେ, ପ୍ରଭୁଙ୍କ ଆଖିରେ ବ୍ୟଭିଚାର ମାନେ କ'ଣ ?

**ରୋମୀୟ ୧:୨୫**- *କାରଣ ସେମାନେ ଈଶ୍ୱରଙ୍କ ସତ୍ୟ ପରିବର୍ତ୍ତେ ମିଥ୍ୟା ଗ୍ରହଣ କଲେ ଓ ସ୍ରଷ୍ଟାଙ୍କ ପରିବର୍ତ୍ତେ ସୃଷ୍ଟି ବସ୍ତୁର ପୂଜା ଓ ସେବା କଲେ, ସେ ଯୁଗେ ଯୁଗେ ଧନ୍ୟ । ଆମେନ୍ ।*

୮. ଆପଣ ପଢ଼ନ୍ତୁ ଯୋହନ ୨:୨୩-୨୫ । ଶାସ୍ତ୍ରାଂଶର ଏହି ପଦ ପ୍ରତିଶ୍ରୁତି ବଦ୍ଧ ହେବା ଏବଂ ବିଶ୍ୱାସ ବିଷୟରେ କ'ଣ କୁହେ ?

**ଯୋହନ ୨:୨୩-୨୫ -** *ନିସ୍ତାର ପର୍ବର ଉତ୍ସବର ସମୟରେ ସେ ଯିରୁଶାଲମରେ ଥିବାବେଳେ ଅନେକେ ତାହାଙ୍କ ସାଧିତ ଆଶ୍ଚର୍ଯ୍ୟ କର୍ମ ଗୁଡ଼ିକ ଦେଖି ତାହାଙ୍କ ନାମରେ ବିଶ୍ୱାସ କଲେ ।(୨୪) କିନ୍ତୁ ଯୀଶୁ ସେମାନଙ୍କୁ ବିଶ୍ୱାସ ନ କରି ସେମାନଙ୍କଠାରୁ ଆପଣାକୁ ପୃଥକ କରି ରଖିଲେ । କାରଣ ସେ ସମସ୍ତଙ୍କୁ ଜାଣିଥିଲେ । (୨୫) ପୁଣି, କେହି ଯେ ମନୁଷ୍ୟ ବିଷୟରେ ସାକ୍ଷ୍ୟ ହେବ, ଏହା ତାହାଙ୍କର ପ୍ରୟୋଜନ ନଥିଲା, ଯେଣୁ ମନୁଷ୍ୟ ଅନ୍ତରରେ କଅଣ ଅଛି, ତାହା ସେ ଆପେ ଜାଣୁ ଥିଲେ । (୯) ଆପଣ ପଢନ୍ତୁ ଲୂକ ୧୪:୨୮-୩୦ । ଆପଣ ଯୀଶୁଙ୍କୁ ଅନୁସରଣ କରିବା ମୂଲ୍ୟ ଗଣନା କରିଛନ୍ତି କି ? ଆପଣ ତାହାଙ୍କ ଅନୁସରଣ କରିବାକୁ ଚାହାଁନ୍ତି କି ? ଲୂକ ୧୪:୨୮-୩୦- କାରଣ ତୁମ୍ଭମାନଙ୍କ ମଧ୍ୟରୁ କିଏ ପ୍ରହରୀଗୃହ ନିର୍ମାଣ କରିବାକୁ ଇଚ୍ଛା କରି ତାହା ସଂପୂର୍ଣ୍ଣ କରିବା ନିମନ୍ତେ ତାହାର ଅର୍ଥବଳ ଅଛି କି ନାହିଁ, ଏହା ପ୍ରଥମେ ବସି ବ୍ୟୟ ହିସାବ ଦେଖିବ ନାହିଁ? (୨୯) କାଳେ ସେ ମୂଳଦୁଆ ବସାଇ ଶେଷ କରି ନ ପାରିଲେ, ଯେତେ ଲୋକ ତାହା ଦେଖିବେ, ସମସ୍ତେ ତାହାଙ୍କୁ ପରିହାସ କରି କହିବାକୁ ଲାଗିବେ (୩୦) ଏ ଲୋକଟା ତୋଳିବାକୁ ଆରମ୍ଭ କରି ଶେଷ କରି ପାରିଲା ନାହିଁ ।*

## ଉତ୍ତର

୧. ଆପଣ ପଢ଼ନ୍ତୁ ଲୂକ ୯:୫୭-୬୨। ଏହି ପଙ୍କ୍ତିଂ ଯୀଶୁ ଖ୍ରୀଷ୍ଟଙ୍କୁ ଅନୁସରଣ କରିବାର ପାଇଁ ପ୍ରତିଶ୍ରୁତି ବଦ୍ଧର କେଉଁ ସ୍ତର ବିଷୟରେ କହୁଛି ?

*ସଂପୂର୍ଣ୍ଣ ସମର୍ପଣ ।*

୨. ଆପଣ ପଢ଼ନ୍ତୁ ଲୂକ ୮:୧୩-୧୪ ଖ୍ରୀଷ୍ଟିୟ ବିଶ୍ୱାସରୁ କାହିଁକି କିଛି ଲୋକ ଅଙ୍ଗେ ନିଭେଇବାର ଅ ସଫଳ ହୁଅନ୍ତି ?

*ସେମାନେ ନିଜର ଜୀବନ ଚେରକୁ କେବେ ପ୍ରଭୁଙ୍କ ବାକ୍ୟରେ ରଖି ନ ଥାନ୍ତି । ତେଣୁ ଅତି ସହଜରେ ସେମାନେ ଜଗତର ସମସ୍ତ ସୁଖ, ଧନ ଓ ଧାନ୍ୟ ରେ ବୋହି ହୋଇ ଯାଆନ୍ତି ।*

୩. ଆପଣ ପଢ଼ନ୍ତୁ ଯିହିଜିକଲ ୧୬:୮ । ଏଠାରେ ପରମେଶ୍ୱର ନିଜର ସଂପର୍କ ଲୋକ ମାନଙ୍କ ସହ କିଭଳି ? ତାହା ବୁଝେଇବା ପାଇଁ ସେ ଏକ ବିବାହର ଉଦାହରଣ ଦେଇଅଛନ୍ତି । ଏହି ସଂପର୍କରେ କାହାର ବଶ ହେବାକୁ କୁହାଯାଇଅଛି ?

*ପରମେଶ୍ୱରଙ୍କର ।*

୪. ଆପଣ ୧ମ କରନ୍ଥୀୟ ୬:୧୯ ପଢ଼ନ୍ତୁ । ଆପଣ କାହାର ଅନ୍ତର୍ଭୁକ୍ତ ?

*ପରମେଶ୍ୱରଙ୍କ ।*

୫. ଆପଣ ପଢନ୍ତୁ ୧ମ କରନ୍ଥୀୟ ୬:୨୦ । ଆପଣଙ୍କ ଶରୀର ଓ ଆତ୍ମା କାହାର ଅନ୍ତର୍ଭୁକ୍ତ ?

*ପରମେଶ୍ୱରଙ୍କ ।*

୬. ଆପଣ ପଢନ୍ତୁ ଯାକୁବ ୪:୪ । ଆପଣ ପରମେଶ୍ୱରଙ୍କ ବିରୁଦ୍ଧରେ ଆତ୍ମିକ ବ୍ୟଭିଚାର କରିପାରିବେ କି ?

*ହଁ ।*

୭. ପରମେଶ୍ୱରଙ୍କ ଦୃଷ୍ଟିରେ ଆତ୍ମିକ ବ୍ୟଭିଚାର କଣ ଅଟେ ?

***ଏକ ହୃଦୟ ଯାହା ସତ୍ୟ ପରିବର୍ତ୍ତେ ମିଥ୍ୟା ଗ୍ରହଣ କରେ ଓ ସ୍ରଷ୍ଟାଙ୍କ ପରିବର୍ତ୍ତେ ସୃଷ୍ଟ ବସ୍ତୁର ପୂଜା ଓ ସେବା କରେ । (ରୋମୀୟ ୧:୨୫)***

୮. ଆପଣ ପଢ଼ନ୍ତୁ ଯୋହନ ୨:୨୩-୨୫ । ଶାସ୍ତ୍ରାଂଶର ଏହି ପଦରୁ ପ୍ରତିଶ୍ରୁତି ବଦ୍ଧ ଓ ବିଶ୍ୱାସ ବିଷୟରେ ଆମେ କ'ଣ ଶିଖୁ ?

***ଏହା ଯେ, ଯୀଶୁ ଆମ ସମସ୍ତ ହୃଦୟରୁ ପ୍ରତିଶ୍ରୁତି ବଦ୍ଧତା ଚାହାନ୍ତି ।***

୯. ଆପଣ ପଢ଼ନ୍ତୁ ଲୂକ ୧୪:୨୮-୩୦ । ଆପଣ ଯୀଶୁଙ୍କୁ ଅନୁସରଣ କରିବାର ମୂଲ୍ୟ ଜାଣିଛନ୍ତି କି ? ଆଉ ଆପଣ ତାହାଙ୍କୁ ଅନୁସରଣ କରିବାକୁ ଚାହାନ୍ତି କି ?

## ଅଧ୍ୟାୟ - ୮

# ଜଳଦ୍ୱାରା ବାପ୍ତିସ୍ମ

### *ଲେଖକ - ଡନ୍ କ୍ରୋ*

**ପ୍ରଶ୍ନ :-** "ମୋତେ ଜାଣିବାର ଜରୁରୀ ଅଛି, ମୋତେ ସ୍ୱର୍ଗକୁ ଯିବାକୁ ହେଲେ ବାପ୍ତିସ୍ମ ନେବାର ଆବଶ୍ୟକତା ଅଛି କି ? ମୁଁ ଈଶ୍ୱରଙ୍କୁ ଭଲ ପାଏ ଓ ମୁଁ ଯେତେବେଳେ ୭ ବର୍ଷ ବୟସର ଥିଲି,ସେତେବେଳେ ବାପ୍ତିସ୍ମ ନେଇଥିଲି । ଏବଂ ବର୍ତ୍ତମାନ ମୁଁ ୧୮ ବର୍ଷ ବୟସରେ । ମୋତେ ଜଣେ କୌଣସି ଧାର୍ମିକ ସମ୍ପ୍ରଦାୟର ଲୋକ କହିଲେ ,ଯେ ଏତେ ଯୁବା ଅବସ୍ଥାରେ କେହି ମଧ ପରିତ୍ରାଣ ପାଇବା ଓ ବାପ୍ତିସ୍ମ ପାଇବା ଅସମ୍ଭବ୍ ଏବଂ ମଧ ସେ କହିଲେ, ଆପଣଙ୍କୁ ସ୍ୱର୍ଗକୁ ଯିବାକୁ ହେଲେ, ବାପ୍ତିସ୍ମ ପାଇବାର ଆବଶ୍ୟକତା ଅଛି, କିନ୍ତୁ ମୋ ବାପ୍ଟିଷ୍ଟ ପରିବାର କହିଲେ, ନାହିଁ , ସେହିପରି ନୁହେଁ । ମାତ୍ର ମୁଁ କେବଳ ଚାହୁଁ ଥିଲି ଯେ, କିପରି ମୁଁ କେବଳ ସ୍ୱର୍ଗକୁ ଯାଏ । ମୁଁ ମୋ ପାରୁ ପର୍ଯ୍ୟନ୍ତ ଯେଉଁପରି ବି ହେଉ ନା କାହିଁକି ମୁଁ ପରମେଶ୍ୱରଙ୍କ ନିମନ୍ତେ ବଞ୍ଚୁଛି । କିନ୍ତୁ ମୁଁ ଜାଣିବାର ଆବଶ୍ୟକତା ଅଛି, ଯଦି ମୁଁ ବର୍ତ୍ତମାନ ପୁଣି ଥରେ ବାପ୍ତିସ୍ମ ନିଏ ତେବେ ମୁଁ ଏକ ନିର୍ଦ୍ଧିଷ୍ଟ ବୟସରେ ନେବାର ଆବଶ୍ୟକତା ଅଛି । ଯେତେ ଶୀଘ୍ର ସମ୍ଭବ ମୋତେ ସାହାଯ୍ୟ କରନ୍ତୁ । ପ୍ରଭୁ ଆର୍ଶୀବାଦ କରନ୍ତୁ ଏବଂ ଧନ୍ୟବାଦ" ।

**ଉତ୍ତର:-** ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣ ଓ ପାପରୁ କ୍ଷମା ମୁକ୍ତ ଭାବେ ଉପ ହାର ସ୍ୱରୁପ ଆସେ । ଯେପରି (ପ୍ରେରିତ ୧୦:୪୩) ରେ ଲେଖାଯାଏଁ; *"ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ, ଏହା ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି ।" (ନିଉ ଇଟଂରନ୍ୟାସ୍‌ନାଲ୍ ଭରସନ୍ )* / ବିଶ୍ୱାସରୁ ପରିତ୍ରାଣ ଆସେ ; ଆଉ ତାହା ହେଉଛି ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବା ଓ ତାଙ୍କ ଉପରେ ଭରସା ରଖିବା ଏବଂ ତାହାଙ୍କ ବୋହିଥିବା ରକ୍ତଧାର ଉପରେ, ଯାହା ଆମ୍ଭଙ୍କୁ ପରମେଶ୍ୱରଙ୍କ ସହ ନ୍ୟାୟରେ ଠିଆ ହେବାକୁ ଦିଏ । ପ୍ରେରିତ (୧୦:୪୪-୪୮) ପବିତ୍ର ଆତ୍ମା ବିଶ୍ୱାସୀଗଣଙ୍କୁ ଦିଆଗଲା । (ସେମାନଙ୍କ ପରିତ୍ରାଣକୁ ନିଶ୍ଚିତତା କରି ) ଆଉ ତାହା ମଧ ସେମାନେ ବାପ୍ତିସ୍ମ ହେବା ପୂର୍ବରୁ ।

ଯଦିଓ ଏହା ସତ୍ୟ ତେବେ ବେଳେ ବେଳେ ଲାଗେ ବାପ୍ତିସ୍ମ ନେଲାପରେ ଆମ ପାପ ସବୁ କ୍ଷମା ହୁଏ (ପ୍ରେରିତ ୨:୩୮) । ଏହା କେବଳ ଏଇଥି ପାଇଁ ଲାଗେ ଯେହେତୁ ଏହା ବିଶ୍ୱାସର ଅଭିବ୍ୟକ୍ତ/ପ୍ରକାଶନ କରିବାର ଜରିଆ ଅବା ଏକ କାର୍ଯ୍ୟ । ଯାହାକି, ସେତେବେଳେ ଲୋକ କରିଥାନ୍ତେ ଯେତେବେଳେ, ସେମାନେ ନିଜର ପାପର ଅନୁତାପ କରନ୍ତି । ଏବଂ ବିଶ୍ୱାସ କରି ଯୀଶୁଙ୍କ ଅନୁଗମନ

କରନ୍ତି । (ମାର୍କ ୧୬:୧୬ କୁହେ, *"ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ ମାତ୍ର ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ।"*) ଏହା ମଧ୍ୟ ଶୁଚୀ ବିବେକ ପାଇବା ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନାର ଏକ ଜରିଆ ଅଟେ । (ପ୍ରେରିତ ୨୨:୧୬ ଏବଂ ୧ମ ପିତର ୩:୨୧) ।

ଆପଣ ଯଦି ବାସ୍ତବରେ ଏତେ ଛୋଟ ବୟସ, ୭ବର୍ଷ ବୟସରେ ଯୀଶୁଙ୍କ ଆଡ଼କୁ ଆପଣା ହୃଦୟ ଆଣିଛନ୍ତି ଏବଂ ବାପ୍ତିଜିତ ହୋଇଛନ୍ତି,ତେବେ ପରମେଶ୍ୱର ଆପଣଙ୍କର ଛୋଟ ଶିଶୁର ସେହି ବିଶ୍ୱାସ ନିଷ୍ଚୟ ଗ୍ରହଣ କରନ୍ତି । ବାପ୍ତିସ୍ମ ପାଇଁ କିଛି ଜରୁରୀ ଆବଶ୍ୟକତା ମାନ ଥାଏ । ସେଥି ମଧ୍ୟରୁ ଗୋଟିଏ ହେଲା ଅନୁତାପ କରିବା । ଆପଣଙ୍କର ହୃଦୟର ପରିବର୍ତ୍ତନ ହୋଇଛି କି (ବା) ମନର ପରିବର୍ତ୍ତନ ଦେଇଛି କି ଯାହା ଆପଣଙ୍କୁ ପାପ ପୂର୍ଣ୍ଣ ଜୀବନରୁ ଓ ପାପ କ୍ଷମା ପାଇ ଯୀଶୁଙ୍କ ଆଡ଼କୁ ଫେରେଇ ଆଣିଛି । (ପ୍ରେରିତ ୨:୩୮,୨୦:୨୧ ଏବଂ ୧୭:୩୦)? ଆପଣ ଯୀଶୁଙ୍କ ଉପରେ ଆପଣାର ବିଶ୍ୱାସ ରଖିଛନ୍ତି କି ? ତାହାଙ୍କୁ ଆପଣାର ତ୍ରାଣକର୍ତ୍ତା ଓ ରକ୍ଷାକର୍ତ୍ତା ରୂପେ ମାନନ୍ତି କି ? (ମାର୍କ ୧୬: ୧୬ ଯୋହନ ୩:୧୬ ଏବଂ ରୋମୀୟ ୧୦:୯-୧୦) ? ଯଦି ନୁହେଁ , ତେବେ ଯୀଶୁଙ୍କ ଆଡ଼କୁ ଫେରନ୍ତୁ ବର୍ତ୍ତମାନ ହିଁ, ଆପଣା ପାପ ପାଇଁ ଅନୁତାପ କରନ୍ତୁ, ପାପ କ୍ଷମା ପାଇଁ ତାହାଙ୍କର ଅନୁଗ୍ରହ ଆଡ଼କୁ ଫେରନ୍ତୁ, ଏବଂ ସେ ସମସ୍ତ ନିଷ୍ପତିକୁ ଜାବୁଡ଼ି ରଖନ୍ତୁ । ଯେପରି କି ଆପଣ , ତାହାଙ୍କୁ ଜଳ ବାପ୍ତିସ୍ମ ଦ୍ୱାରା ଅନୁସରଣ କରିପାରିବେ ।

**ବାପ୍ତିସ୍ମ ହେଉଛି ଜଣଙ୍କର ବିଶ୍ୱାସ ପ୍ରକାଶନର/ ଅଭିବ୍ୟକ୍ତ କରିବାର କ୍ରିୟା ,ଯାହା ଯୀଶୁଙ୍କ ଠାରେ ଥିବା ତାହାର ବିଶ୍ୱାସକୁ ଦର୍ଶାଏ ।** ଆଉ ସେହି ବିଶ୍ୱାସ ବିନା, ସେହି କ୍ରିୟା/ କାର୍ଯ୍ୟର କୌଣସି ମୂଲ୍ୟ ନାହିଁ । ଯେଉଁ ଲୋକମାନେ ଯୀଶୁଙ୍କ ଆଡ଼କୁ ଫେରନ୍ତି, ତାହାଙ୍କ ଉପରେ ବିଶ୍ୱାସ କରି ତାହାଙ୍କୁ ପ୍ରଭୁ ଓ ରକ୍ଷା କର୍ତ୍ତା ଭାବେ ମାନନ୍ତି, ସେମାନେ ସର୍ବଦା ତାହାଙ୍କ ବିଶ୍ୱାସକୁ ଖୋଲା ଖୋଲି ଭାବେ ସମସ୍ତ ଜଗତ ଆଗରେ ସ୍ୱୀକାର କରନ୍ତି । ଯେଉଁ ଲୋକ ମାନେ ଯୀଶୁଙ୍କୁ "ନାହିଁ" କୁହନ୍ତି , ସେମାନଙ୍କର ବିଶ୍ୱାସ ମୃତ ଅଟେ । (ଯାକୁବ ୨:୧୮-୧୯) ରେ ଲେଖାଯାଏ ,**"ଲୋକମାନେ ଯେତେବେଳେ ବିଶ୍ୱାକୁ କର୍ମରେ ଅଭିବ୍ୟକ୍ତି କରିବାରେ ଅନିଚ୍ଛୁକ, ତେବେ ସେ ବିଶ୍ୱାସ ମୃତ"** । ବିଶ୍ୱାସ ଏକାକୀ ରକ୍ଷାକରେ, କିନ୍ତୁ ରକ୍ଷା କାରୀ ବିଶ୍ୱାସୀ କେବେ ହେଁ ଏକାକୀ ନୁହେଁ । ତାହା ସବୁବେଳେ ବିଶ୍ୱାସକୁ ଅଭିବ୍ୟକ୍ତ / ପ୍ରକାଶ କରିବାରେ ଆଗ୍ରହି ଥାଏ । **ବାପ୍ତିସ୍ମ ନେବାଦ୍ୱାରା ରକ୍ଷା ମିଳେ ନାହିଁ; ମାତ୍ର ତାହା ନିଜେ ଯୀଶୁଖ୍ରୀଷ୍ଟ ଅଟେ, ଜଳ ପାପକୁ ଧୁଏ ନାହିଁ; ତାହା ହେଉଛି ଖ୍ରୀଷ୍ଟଯୀଶୁଙ୍କର ଅମୂଲ୍ୟ ରକ୍ତ ।** କିନ୍ତୁ ବିଶ୍ୱାସରେ ଆପଣ ସେହି ତାହାଙ୍କ ଅମୂଲ୍ୟ ରକ୍ତ କୁ ଗ୍ରହଣ କରନ୍ତୁ ଏବଂ କିଛି ସମୟରେ ଏହି ସମାନ ବିଶ୍ୱାସରେ, ଯେତେବେଳେ ଜଣେ ବ୍ୟକ୍ତି ବାପ୍ତିଜିତ ହୁଏ, ସେତେବେଳେ ଅଭିବ୍ୟକ୍ତ ହୋଇଥାଏ (ପ୍ରେରିତ ୨୨:୧୬) । ମାତ୍ର ପ୍ରଶ୍ନ ହେଲା ଆପଣ ଅନୁତାପ କରିଛନ୍ତି କି ? ଆପଣ ଖ୍ରୀଷ୍ଟ ଯୀଶୁଙ୍କୁ ବିଶ୍ୱାସ କରନ୍ତି କି ! ଯଦି ହଁ, ତେବେ ଆପଣ କାହିଁକି ବିଳମ୍ବ କରୁଛନ୍ତି - ଉଠନ୍ତୁ ଏବଂ ବାପ୍ତିଜିତ ହୁଅନ୍ତୁ !

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ଏଠାରେ ସେହି ଯୁବକ ବ୍ୟକ୍ତି ଜଣକ କେଉଁ ପ୍ରଶ୍ନ ପଚାରୁ ଅଛନ୍ତି ?

୨. ପ୍ରେରିତ ୧୦:୪୩ ଅନୁଯାୟୀ, ଆମ୍ଭଙ୍କୁ ପରିତ୍ରାଣ କିପରି ମିଳେ ବା ଆସେ ?

***ପ୍ରେରିତ ୧୦:୪୩ -** ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ, ଏହା ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି ।*

୩. ବାପ୍ତିସ୍ମ ହେଉଛି ବିଶ୍ୱାସକୁ ଅଭିବ୍ୟକ୍ତ ପ୍ରକାଶନ କରିବାର ଏକ ଜରିଆ, ତାହା ସାଧାରଣତଃ ପରିତ୍ରାଣ ସମୟରେ ହୋଇଥାଏ । ଏହି ସତ୍ୟକୁ (ପ୍ରେରିତ ୨:୩୮) କିପରି ବର୍ଣ୍ଣନା କରେ ?

***ପ୍ରେରିତ ୨.୩୮ –** ତେଣୁ ପିତର ସେମାନଙ୍କୁ କହିଲେ, ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।*

୪. ମାର୍କ ୧୬:୧୬ ଏହି ସତ୍ୟକୁ କିପରି ପ୍ରକାଶ କରେ ?

***ମାର୍କ ୧୬:୧୬-** ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ;କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।*

୫. ବାପ୍ତିସ୍ମ ହେଉଛି ପରମେଶ୍ୱରଙ୍କୁ ଡାକିବାର ଏକ ଜରିଆ । ଏହାକୁ ପ୍ରେରିତ ୨୨:୧୬ କିପରି ଅ ଭିବ୍ୟକ୍ତ କରେ ?

***ପ୍ରେରିତ ୨୨:୧୬ -** ଆଉ, ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପ ସବୁ ଧୋଇ ପକାଅ ।*

୬. ବାପ୍ତିସ୍ମ ହେଉଛି ଈଶ୍ୱରଙ୍କ ଠାରୁ ଶୁଚୀ ବିବେକ ପାଇବା ନିମନ୍ତେ ପ୍ରାର୍ଥନା କରିବାର ଏକ ଜରିଆ । ଏହା ୧ମ ପିତର ୩:୨୧ କିପରି ଏହି ସତ୍ୟକୁ ସମର୍ଥନ କରେ ।

***୧ମ ପିତର ୩:୨୧ –*** *ସେଥିର ପ୍ରତିରୂପ ବାପ୍ତିସ୍ମ: ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ, କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା, ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍‌ଥାନ ଦ୍ୱାରା ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।*

୭. ବାପ୍ତିସ୍ମ ପାଇବା ନିମନ୍ତେ ଆବଶ୍ୟକୀୟ ବିଷୟ କ'ଣ (ପ୍ରେରିତ୨:୩୮) ? ଅନୁସାରେ ।

୮. ବାପ୍ତିସ୍ମ ପାଇବା ନିମନ୍ତେ ଆବଶ୍ୟକୀୟ ବିଷୟ କ'ଣ (ମାର୍କ ୧୬:୧୬) ? ଅନୁସାରେ ।

୯. କ'ଣ ଜଣେ ନବଜାତ ଶିଶୁ ଅନୁତାପ କରିପାରେ କି ?

୧୦.କ'ଣ ଜଣେ ନବଜାତ ଶିଶୁ ବିଶ୍ୱାସ କରିପାରେ କି ?

୧୧. ଆପଣ ପଢ଼ନ୍ତୁ ପ୍ରେରିତ ୧୦:୪୩-୪୮ । ଯୀଶୁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରିବା ପରେ ଜଣେ ବିଶ୍ୱାସୀର ପରବର୍ତ୍ତୀ ପଦକ୍ଷେପ କ'ଣ ହେବା ଆବଶ୍ୟକ ?

***ପ୍ରେରିତ ୧୦:୪୩-୪୮*** *– ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ, ଏହା ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ, ସାକ୍ଷ୍ୟ ଦିଅନ୍ତି । (୪୪) ପିତର ଏହିସବୁ କଥା କହୁଥିବା ସମୟରେ ଯେତେ ଲୋକ ବାକ୍ୟ ଶୁଣୁଥିଲେ,ସେହି ସମସ୍ତଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କଲେ । (୪୫) ସେଥିରେ ପିତରଙ୍କ ସହିତ ଆଗତ ସୁନ୍ନତି ବିଶ୍ୱାସୀ ମାନେ ସମସ୍ତେ ବିଜାତି ମାନଙ୍କ ଉପରେ ସୁଦ୍ଧା ପବିତ୍ର ଆତ୍ମାଙ୍କ ଦାନ ବୃଷ୍ଟି କରାଯିବା ଦେଖି ଆଚମ୍ଭିତ ହେଲେ । (୪୬) କାରଣ ସେମାନେ ସେମାନଙ୍କୁ ବିଭିନ୍ନ ଭାଷାରେ କଥା କହୁଥିବା ଓ ଈଶ୍ୱରଙ୍କ ପ୍ରଶଂସା କରୁଥିବା ଶୁଣୁଥିଲେ (୪୭) ସେତେବେଳେ ପିତର ଉତ୍ତର ଦେଲେ, ଏହି ଯେଉଁ ଲୋକମାନେ ଆମ୍ଭମାନଙ୍କ ପରି ପବିତ୍ର ଆତ୍ମା ପ୍ରାପ୍ତ ହୋଇ ଅଛନ୍ତି, ଏମାନେ ଯେପରି ବାପ୍ତିଜିତ ନହୁଅନ୍ତି, ସେଥି ନିମନ୍ତେ କି କେହି ଜଳ ନିଷେଧ କରିପାରେ । (୪୮) ପୁଣି,ସେ ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିସ୍ମ ଦେବା ନିମନ୍ତେ ଆଦେଶ ଦେଲେ । ପରେ ସେମାନେ କିଛି ଦିନ ରହିବା ପାଇଁ ତାହାଙ୍କୁ ଅନୁରୋଧ କଲେ ।*

## ଉତ୍ତର

୧. ସହି ଯୁବକ ଜଣକ କେଉଁ ପ୍ରଶ୍ନ ପଚାରୁଅଛନ୍ତି ?

***ସେ ସ୍ୱର୍ଗକୁ ଯିବାକୁ ହେଲେ ବାପ୍ତିସ୍ମ ନେବାର ଆବଶ୍ୟକତା ଅଛି କି !***

୨. ପ୍ରେରିତ ୧୦:୪୩ ଅନୁସାରେ, ଆମ୍ଭେ ପରିତ୍ରାଣ କିପରି ପ୍ରାପ୍ତ କରୁ ?

***ସ୍ୱାଧୀନ (ବା) ମୁକ୍ତ ଭାବେ, ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବା ଦ୍ୱାରା ଏକ ଉପହାର ସଦୃଶ ।***

୩. ବାପ୍ତିସ୍ମ ହେଉଛି ବିଶ୍ୱାସକୁ ପ୍ରକାଶ/ ଅଭିବ୍ୟକ୍ତି କରିବାର ଏକ ପ୍ରକ୍ରିୟା, ଯାହାକି ପରିତ୍ରାଣ ସମୟରେ ମିଳିଥାଏ । ଏହି ସତ୍ୟ ବିଷୟକୁ ପ୍ରେରିତ ୨:୩୮ କିପରି ଭାବବ୍ୟକ୍ତ କରେ ?

***ପିତର କହିଲେ "ଅନୁତାପ କର ଓ ବାପ୍ତିଜିତ ହୁଅ ।"***

୪. ମାର୍କ ୧୬:୧୬ ଏହି ସତ୍ୟକୁ କିପରି ପ୍ରକାଶ କରେ ?

***ଯୀଶୁ କହିଲେ, "ଯେ ବିଶ୍ୱାସୀ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, '' ତା'ମାନେ ସେହି ଏକା ସମୟରେ ହୁଏ ।***

୫. ବାପ୍ତିସ୍ମ ହେଉଛି ଈଶ୍ୱରଙ୍କୁ ଡାକିବା । ଏହା ପ୍ରେରିତ ୨୨:୧୬ କିପରି ବ୍ୟକ୍ତ କରେ ?

***ଧର୍ମଶାସ୍ତ୍ର କୁହେ, ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପ ସବୁ ଧୋଇ ପକାଅ । (ଲୁକ ୧୮:୧୩) କୁହେ ଈଶ୍ୱରଙ୍କୁ ଡାକିବା ଓ ପ୍ରାର୍ଥନା କରିବା ହେଉଛି ଔରସ ସମ୍ବନ୍ଧୀୟ (ବା) ବାପ୍ତିଜିତ ହେବା ଦ୍ୱାରା , ଯେପରିକି ଏହା ଧର୍ମଶାସ୍ତ୍ରରେ କୁହାଯାଏ ।***

୬. ବାପ୍ତିସ୍ମ ହେଉଛି ଶୁଚୀ ବିବେକ ପାଇବା ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରିବାର ଜରିଆ/ମାଧମ କ'ଣ ୧ମ ପିତର ୩:୩୧ ଏହାକୁ ସମର୍ଥ କରେ କି ?

***ହଁ ।***

୭. ବାପ୍ତିସ୍ମ ପାଇଁ ଆବଶ୍ୟକତା କ'ଣ ? ଏହି ପ୍ରେରିତ ୨:୩୮ ଅନୁସାରେ ?

***ଅନୁତାପ କରିବା ।***

୮. ମାର୍କ ୧୬:୧୬ ଅନୁସାରେ, ବାପ୍ତିସ୍ମ ପାଇଁ ଆବଶ୍ୟକୀୟ ବିଷୟ କ'ଣ ?

***ଜଣେ ବ୍ୟକ୍ତି ବିଶ୍ୱାସ କରିବା ଆବଶ୍ୟକ ।***

୯. କ'ଣ ଗୋଟିଏ ନବଜାତ ଶିଶୁ ଅନୁତାପ କରିପାରେ କି ?

***ନାହିଁ ।***

୧୦. କ'ଣ ଗୋଟିଏ ନବଜାତ ଶିଶୁ ବିଶ୍ୱାସ କରିପାରେ କି ?

***ନାହିଁ ।***

୧୧. ଆପଣ ପ୍ରେରିତ ୧୦:୪୩-୪୮ ପଢ଼ନ୍ତୁ । ଖ୍ରୀଷ୍ଟ ଯୀଶୁଙ୍କୁ ବିଶ୍ୱାସ କରିବା ପରେ ଜଣେ ବିଶ୍ୱାସୀର ପରବର୍ତ୍ତୀ ପଦକ୍ଷେପ କ'ଣ ହେବା ଉଚିତ୍ ?

***ଜଳରେ ବାପ୍ତିସ୍ମ ନେବା ।***

# ଅଧ୍ୟାୟ - ୯

# ଖ୍ରୀଷ୍ଟଙ୍କ ଠାରେ ଆମ ପରିଚୟ – ଭାଗ -୧

## *ଲେଖକ - ଆନ୍ଡ୍ରିଉ ଓ୍ୱମାକ୍*

୨ୟ କରନ୍ଥୀୟ ୫:୧୭ କୁହେ, *"ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି; ପୁରାତନ ବିଷୟରେ ସବୁ ଲୋପ ପାଇଅଛି , ଦେଖ, ନୂତନ ବିଷୟ ସବୁ ହୋଇଅଛି ।"* "*ଖ୍ରୀଷ୍ଟଙ୍କ ଠାରେ* "ଶବ୍ଦଟି ନୂତନ ନିୟମରେ ୩୦୦ ଠାରୁ ଅଧିକ ଥର ବ୍ୟବହୃତ ହୋଇ ଅଛି , ଯାହାକି ପ୍ରତ୍ୟୋକ ଥର ଗୋଟିଏ ପ୍ରାମୂଖ୍ୟ, ପରମେଶ୍ୱରଙ୍କ ସହ ଏକ ସଂଯୋଗ /ମିଳନର ସଂପର୍କକୁ କୁହେ । ଆଉ ଯଦି ଥରେ ସେହି ସଂପର୍କ (ବା) ମିଳନ ହୋଇଯାଏ, ତେବେ ଆପଣ ଏକ ନୂତନ ବ୍ୟକ୍ତି । କିଛି ଅନୁବାଦ ପ୍ରକୃତରେ କୁହେ "ଏକ ନୂତନ ସୃଷ୍ଟି "।

ଏହା ଏକ ଅତି ଜରୁରୀ ଆବଶ୍ୟକ ଓ ସମାଲୋଚନାତ୍ମକ ବିଷୟ ଅଟେ, ଯାହା ମୁଁ ମୋ ଖ୍ରୀଷ୍ଟଙ୍କ ଠାରେ ପ୍ରକୃତ ପରିଚୟ ବିଷୟରେ ବୁଝିବାର ଆବଶ୍ୟକ । ଏହା ଶାରୀରୀକ କ୍ଷେତ୍ରରେ ଘଟେ ନାହିଁ । ଏହା ଭୌତିକ ଶରୀର ବିଷୟରେ କୁହେ ନାହିଁ, ଯେ ତାହା ସଂପୁର୍ଣ୍ଣ ଭାବେ ବଦଳିଯିବ ଏବଂ ଆପଣ ଯେପରି ଦେଖାଯାଉଛନ୍ତି ବର୍ତ୍ତମାନ ତାହା ବଦଳି ଯିବ । ଯଦି ଜଣେ ବ୍ୟକ୍ତି ପରିତ୍ରାଣ ପାଇବା ପୂର୍ବରୁ ମୋଟା ଥିଲା ତେବେ ସେ ମୋଟା ହିଁ ରହିବ , ଯେତେବେଳେ ଯାଏଁ ସେ ନିଜ ଖାଦ୍ୟ- ପେୟର ପରିବର୍ତ୍ତନ ଆଣିନାହିଁ । ଏହା ମଧ୍ୟ ଆପଣଙ୍କ ମାନସିକ ଓ ଭାବନାତ୍ମକ ଚିନ୍ତା (ବା) ଭାବନା ପରିବର୍ତ୍ତନ ବିଷୟରେ କୁହେ ନାହିଁ । ଆପଣ ଯଦି ପରିତ୍ରାଣ ପାଇବା ପୂର୍ବରୁ ସେତେ ଚତୁର ନଥିଲେ, ତେବେ ତାହାପରେ ଆପଣ ଚତୁର ହୋଇଯିବେ ବୋଲି ଭାବନ୍ତୁ ନାହିଁ , କିନ୍ତୁ ଆପଣଙ୍କର ସେହି ସମାନ ଭାବନା ଓ ଚିନ୍ତା ହିଁ ରହିଥିବ ।

ଆହୁରି ମଧ୍ୟ ଗୋଟିଏ ତୃତୀୟ ଭାଗ ରହିଛି ଏବଂ ଧର୍ମଶାସ୍ତ୍ର ଅନୁସାରେ ନୀରାକରଣର ପ୍ରକ୍ରିୟାରେ, ଯାହା ପରିବର୍ତ୍ତନ ହୋଇଛି ତାହା ଆମର ଗୋଟିଏ ଅଂଶ ହୋଇଥିବା ଆବଶ୍ୟକ । – ତାହା ହେଉଛି ଆତ୍ମର ଆତ୍ମିକ ବ୍ୟକ୍ତି । ଆଉ ଧର୍ମଶାସ୍ତ୍ରର ଯେଉଁ ଅଂଶ ଏହି ସତ୍ୟତାର ପ୍ରମାଣ ଦିଏ ତାହା ହେଲା ୧ମ ଥେସଲନକୀୟ ୫:୨୩, ଯେଉଁଠାରେ କି ପାଉଲ ଥେସଲନୀୟ ମାନଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି , *"ଶାନ୍ତିଦାତା ଈଶ୍ୱର ସ୍ୱୟଂ ତୁମ୍ଭମାନଙ୍କୁ ସମ୍ପୂର୍ଣ୍ଣ ରୂପେ ପବିତ୍ର କରନ୍ତୁ , ପୁଣି ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ନିମନ୍ତେ ତୁମ୍ଭମାନଙ୍କ ଆତ୍ମା, ପ୍ରାଣ, ଶରୀର ସଂମ୍ପୂର୍ଣ୍ଣ ନିର୍ଦ୍ଦୋଷ ରୂପେ ରକ୍ଷିତ ହେଉ ।"*ଆଉ ସେହି ପଙ୍କ୍ତିଂ ଆମ୍ଭମାନଙ୍କୁ ଆମ୍ଭମାନଙ୍କ ମଧ୍ୟରେ ଏହି ଆତ୍ମା, ପ୍ରାଣ ଓ ଶରୀର ଥିବା ବିଷୟ କହୁଛି । ଶରୀର ତ ନିହାତି ଭାବେ ସୁସ୍ୱଷ୍ଟ । ଏହା ଆମର ଏକ ଅଂଶ, ଯାହା ସ୍ୱଷ୍ଟ ଭାବେ ଦେଖାଯାଏ, ଯାହାକି ଆତ୍ମର ବର୍ହିମୁଖି ବ୍ୟକ୍ତିତ୍ୱ ଅଟେ । ଆଉ

ତାହାଠାରୁ ମଧ୍ୟ ଅଧିକ ଆଉ ଗୋଟିଏ ଭାଗ ଆମ୍ଭମାନଙ୍କର ଅଛି, ତାହା ଆମ୍ଭେ ପ୍ରତ୍ୟେକେ ଜାଣିଛୁ । ଆଉ ତାହା ହେଲା ଆମ୍ଭର ଆବେଗ / ଭାବନାତ୍ମକ ଏବଂ ମାନସିକ ଭାଗ । ଯାହାକୁ ଧର୍ମଶାସ୍ତ୍ର ପ୍ରାଣ ବୋଲି ଦର୍ଶାଏ । ଆମ୍ଭେ ଜାଣୁ ଯଦି ଗୋଟିଏ ବ୍ୟକ୍ତି ଆପଣଙ୍କୁ ଶାରୀରୀକ ଭାବେ ସ୍ପର୍ଶ କରି ନ ପାରେ, ସେମାନେ ତାହାଙ୍କର ଶବ୍ଦ ଦ୍ୱାରା ଆପଣଙ୍କୁ ସ୍ପର୍ଶ କରିପାରନ୍ତି,ତେବେ ତାହା ସକରାତ୍ମକ (ବା) ନକରାତ୍ମକ ଭାବେ ହେଉ ନା କାହିଁକି ? ଅନେକ ଲୋକ ଶାରୀରୀକ ଓ ପ୍ରାଣ ବିଷୟରେ ଉତ୍ତମ ଭାବେ ପରିଚିତ କିନ୍ତୁ ଧର୍ମଶାସ୍ତ୍ର ଅନୁସାରେ, ଆଉ ଗୋଟିଏ ମଧ୍ୟ ଅଂଶ ରହିଛି, ଆଉ ତାହା ହେଉଛି ଆତ୍ମା ।

ଆତ୍ମା ହେଉଛି ଆମ୍ଭର ଶରୀରର ଏକ ଅଂଶ ଯାହା ପରିତ୍ରାଣ ପାଇବା ପରେ ପରିବର୍ତ୍ତିତ ହୁଏ । ତାହା ବାସ୍ତବରେ ଜୀବନ ଦାୟକ ଭାଗ ଅଟେ । ଯାକୁବ ୨:୨୬ କୁହେ, *"କାରଣ ଆତ୍ମା ବିନା ଶରୀର ଯେପରି ମୃତ, କର୍ମ ବିନା ବିଶ୍ୱାସ ସେପରି ମୃତ ।"* ଏହା ଆମ୍ଭମାନଙ୍କୁ ଦେଖାଉ ଅଛି ଯେ ବାସ୍ତବରେ ଆତ୍ମା ହେଉଛି ସେହି ଅଂଙ୍ଗ ଯାହା ପ୍ରକୃତରେ ଆମ୍ଭ ଭୌତିକ ଶରୀର ମଧ୍ୟକୁ ଜୀବନର ଶ୍ୱାସ ଦିଏ । ଆଉ ସେଥିରୁ ହିଁ ଆମ୍ଭ ଜୀବନ ଆସେ । ଆଦିପୁସ୍ତକ-୨ ରେ ଯେତେବେଳେ ପରମେଶ୍ୱର ଆଦାମ ଓ ହବାଙ୍କୁ ସୃଷ୍ଟି କଲେ, ଆଦାମଙ୍କର ଶରୀର ସଂପୂର୍ଣ୍ଣ ଥିଲା, କିନ୍ତୁ ପରମେଶ୍ୱର ତାହାଙ୍କ ମଧ୍ୟକୁ ଜୀବନର ଶ୍ୱାସ ଫୁଙ୍କିଲେ । ଏହି ଶବ୍ଦ "ଶ୍ୱାସ" ପୁରାତନ ନିୟମରେ ଯେଉଁଭଳି ଭାବେ ବ୍ୟବହୃତ ହୋଇଛି, ଏବ୍ରି ପୁସ୍ତକରେ ମଧ୍ୟ ତାହା ସମାନ ଭାବେ ସେହି ସମାନ ଶବ୍ଦଟି "ଆତ୍ମା" ଭାବେ ଅନ୍ୟ ସ୍ଥାନ ମାନଙ୍କରେ ଅନୁବାଦିତ ହୋଇଛି । ପରମେଶ୍ୱର ଏହି ଭୌତିକ ଶରୀରକୁ ଏବଂ ଆତ୍ମିକ ବ୍ୟକ୍ତିତ୍ୱ ଆଦାମକୁ ସୃଷ୍ଟି କଲେ, କିନ୍ତୁ ତା' ପରେ ସେ ତାହାଙ୍କ ମଧ୍ୟକୁ ଜୀବନ ରୂପ ଶ୍ୱାସ ଦେଲେ ଏବଂ ସେ ଜୀବନ୍ତ ପ୍ରାଣ ହେଲା । ଆତ୍ମା ହେଉଛି ଆମର ଏକ ପ୍ରମୁଖ୍ୟ ଅଂଶ ଯାହା ଆମକୁ ଜୀବନ ଦିଏ ।

ପରିତ୍ରାଣ ପୂର୍ବରୁ, ଜଣେ ବ୍ୟକ୍ତି ତା'ର ଜୀବନର ସଂପୂର୍ଣ୍ଣ ପ୍ରତିଶ୍ରୁତି କିରଥାଏ, ଯାହା ଦ୍ୱାରା । ପରମେଶ୍ୱର ତାହା ମଧ୍ୟକୁ ଆସନ୍ତି , ସେମାନଙ୍କର ମଧ୍ୟରେ ଥିବା ପ୍ରାଣଟି ମୃତ ଥିଲା । ଏଫିସୀୟ ୨:୧-୨ କୁହେ, *"ଏହି ସଂସାରର ଭାବଅନୁସାରେ,ପୁଣୀ ଆକାଶ ମଣ୍ଡଳ ରାଜ୍ୟର ଅଧିପତି, ଅର୍ଥାତ୍ ଯେଉଁ ଆତ୍ମା ଏବେହେଁ ଅନାଜ୍ଞାବହ ମାନଙ୍କ ଠାରେ କାର୍ଯ୍ୟ ସାଧନ କରୁଅଛି, ତାହାର ଇଛା ଅନୁସାରେ ତୁମେମାନେ ମଧ୍ୟ ପୂର୍ବରେ ଆଚରଣ କରି ଅପରାଧ ଓ ପାପରେ ମୃତ ଥିଲ ।"* ଆମେ ଜାଣୁ ଆମେ ପୁନଃ ଜୀବନ ପାଇବା ପୂର୍ବରୁ ଆମେ ବଞ୍ଚି ଥିଲୁ (ବା) ଜୀବନ ଥିଲା କିନ୍ତୁ ଏଠାରେ "ମୃତ" ଶବ୍ଦଟି ଆଧାତ୍ମିକତା ଭାବେ ମୃତକ ବୁଝାଉଅଛି । ମୃତର ଅର୍ଥ ପବିତ୍ର ବାଇବେଲ ଅନୁଯାୟୀ ବାସ୍ତବ ଜଗତରେ ନିଜର ଅସ୍ତିତ୍ୱ ନରହିବାକୁ ବୁଝାଏ ନାହିଁ, ଯେପରିକି ଆଜି କାଲି କିଛି ଲୋକ ସେହିପରି ଭାବନ୍ତି । ଏହାର ଆକ୍ଷରିକ ଅର୍ଥ ହେଲା "ପୃଥକ ହେବା" । ଯେତେବେଳେ ଜଣେ ବ୍ୟକ୍ତି ଶାରୀରୀକ ଭାବେ ମୃତ୍ୟୁବରଣ କରେ, ସେମାନଙ୍କର ଆଉ ଅସ୍ତିତ୍ୱ ନଥାଏ । ଆଉ ଏହା ଉପରେ ପବିତ୍ର ବାଇବଲ୍ କୁହେ ସେମାନେ ତୁରନ୍ତ ହିଁ ପ୍ରଭୁଙ୍କର ସାନ୍ନିଧ (ବା) ଉପସ୍ଥିତି କୁ ପଳେଇ ଯାନ୍ତି (ବା) ନରକକୁ ଯାଆନ୍ତି । ଆତ୍ମା ଓ ପ୍ରାଣ ସେମାନେ ସେହିଠାରେ ବଞ୍ଚନ୍ତି, କିନ୍ତୁ ଶାରୀରୀକ କ୍ଷେତ୍ରରୁ ସେମାନେ ପୃଥକୀକୃତ ହୁଅନ୍ତି, ଯାହା ମୃତ୍ୟୁଲାଭ କରେ ଓ କ୍ଷୟ ପାଏ ।

ଯେତେବେଳେ (ଆଦି ପୁସ୍ତକ ୨:୧୭) କୁହେ, *"ଯେଉଁ ଦିନ ସେ ଫଳ ଖାଇବ, ସେହି ଦିନ ନିତାନ୍ତ ମରିବ,"* ତାହାର ମାନେ ଏହା ନୁହେଁ ଯେ ସେମାନେ ଶାରୀରୀକ ଭାବେ ମୃତ୍ୟୁ ଭୋଗ କରିବେ କିନ୍ତୁ ଆଧାତ୍ମିକ ଭାବେ, ସେମାନେ ପରମେଶ୍ୱରଙ୍କ ଠାରୁ ପୃଥକୀକୃତ ହେବେ । ପ୍ରାଣ ହେଉଛି ତାହା, ଯାହା

ପରମେଶ୍ୱର ଆମ୍ଭ ମଧ୍ୟକୁ ଶ୍ୱାସଦେଇ ଫୁଙ୍କିଲେ, ଯାହା ପ୍ରକୃତରେ ଆମ୍ଭକୁ ଜୀବନ ଏବଂ ପ୍ରେରଣା ଦିଏ, ତାହା ପରମେଶ୍ୱର ଆଧାତ୍ମିକ ଜୀବନ ଠାରୁ ପୃଥକୀକୃତ ହେଲା... ତାହାଙ୍କ ପବିତ୍ର ଓ ସଂପୂର୍ଣ୍ଣ ଜୀବନରୁ ...ଯାହାକୁ କି ପବିତ୍ର ବାଇବେଲ କୁହେ ସଂପୂର୍ଣ୍ଣ ବା ପ୍ରଚୁରତା ପୂର୍ଣ୍ଣ ଜୀବନ । ଏବଂ ତାପରେ ମାନବ ନିଜର ସ୍ୱାଭାବିକ ଗୁଣ ନଷ୍ଟ କରିବାକୁ ଲାଗିଲା । ସେ କାର୍ଯ୍ୟ କରୁଥିଲା କିନ୍ତୁ ସ୍ୱାଧିନ ଭାବେ ପରମେଶ୍ୱରଙ୍କ ଠାରୁ ଅଲଗା ହୋଇ । ଆଉ ତାହା ହିଁ ପ୍ରକୃତରେ ଆମ ଜୀବନରେ ସବୁ ସମସ୍ୟ କରାଏ ।... ଆମ ସମସ୍ତଙ୍କର ଭାବନାତ୍ମକ ଚିନ୍ତା ।

ଯେତେବେଳେ ଜଣେ ବ୍ୟକ୍ତି ଈଶ୍ୱରଙ୍କ ପାଖକୁ ଆସେ, ସେମାନେ ଏକ ନୂତନ ପ୍ରାଣ ପ୍ରାପ୍ତ କରନ୍ତି ଏବଂ ପୁନଃ ଜୀବୀତ ହୁଅନ୍ତି, ଯାହାକି ଯୀଶୁ ଖ୍ରୀଷ୍ଟ ଶବ୍ଦ ମାଧମରେ (ଯୋହନ ୩:୫) ରେ ବ୍ୟବହାର କରି କହିଲେ । ସେହି ସମାନ ଭାବେ ମନୁଷ୍ୟ ଶାରୀରିକ ଭାବେ ଏକ ପ୍ରାଣ,ଆତ୍ମା ଓ ଶରୀର ଥାଇ ଜନ୍ମିତ । ଯେତେବେଳେ ସେ ନୂତନ ହେଲା /ପୁନଃଜୀବନ ପ୍ରାପ୍ତ କରେ, ସେ ଖ୍ରୀଷ୍ଟଙ୍କ ଆତ୍ମାକୁ ପ୍ରାପ୍ତ କରେ । (ଗାଲାତୀୟ ୪:୬) କୁହେ, *"ଆଉ ତୁମ୍ଭେମାନେ ପୁତ୍ର ଏଥି ସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ; ସେହି ଆତ୍ମା ଆବବା, ପିତଃ ବୋଲି ଡାକନ୍ତି । "* ପରମେଶ୍ୱର ଆକ୍ଷରିକ ଭାବେ ଆମ୍ଭ ମଧ୍ୟରେ ତାହାଙ୍କ ଆତ୍ମାକୁ ସ୍ଥାପନ କରନ୍ତି ଏବଂ ତେଣୁ ବର୍ତ୍ତମାନ ଜୀବନର ଏକ ନୂଆ ଗୁଣାବତା ଆମ୍ଭେ ପାଇଛୁ, ପାଇଛୁ ଏକ ନୂତନ ପରିଚୟ ଏବଂ ଆତ୍ମାରେ ଏକ ସଂପୂର୍ଣ୍ଣ ନୂତନ ବ୍ୟକ୍ତି ହୋଇଅଛୁ ।

ପରବର୍ତ୍ତୀ ଖ୍ରୀଷ୍ଟିୟ ଜୀବନ କେବଳ ଆତ୍ମିକ ଓ ମାନସିକ କ୍ଷେତ୍ରରେ ଏତିକି ଶିକ୍ଷା କରିବାର ଆବଶ୍ୟକତା ଅଛି, ଯାହା କି ଆମ ପ୍ରାଣରେ ଅଛି । ସତ୍ୟ ହେଲା, ଆମ୍ଭେ ଯେତେବେଳେ ଯୀଶୁ ଖ୍ରୀଷ୍ଟଙ୍କୁ ଆମ୍ଭ ପରିତ୍ରାଣ କର୍ତ୍ତା ଭାବେ ସ୍ୱୀକରା କଲୁ, ସେତେବେଳେ ହିଁ ଆମ୍ଭର ଏକ ତୃତୀୟାଂଶ ଭାଗ ପରିତ୍ରାଣ ପୂର୍ଣ୍ଣ ହୋଇ ଯାଇଛି । ଆପଣଙ୍କ ପ୍ରାଣ ସଂପୂର୍ଣ୍ଣ ଭାବେ ପରିବର୍ତ୍ତିତ ହୋଇଅଛି । ଆଉ ଏହି ପ୍ରାଣଟି ସେହି ସମାନ ପ୍ରାଣ ଯାହା ଚିରନ୍ତନ ପର୍ଯ୍ୟନ୍ତ ରହିବ । ଏହା ପ୍ରେମ, ଆନନ୍ଦ, ଶାନ୍ତି ଏବଂ ଈଶ୍ୱରଙ୍କ ପ୍ରକୃତ ସାନ୍ନିଧ୍ୟତା ପାଇ ସାରିଅଛି । ଏଥିରେ ଆଉ କୌଣସି ବିଷୟର ଅପ୍ରାଚୁର୍ଯ୍ୟତା ରହିଯାଇ ନାହିଁ , କିନ୍ତୁ ତାହାକୁ ଆପଣଙ୍କୁ ଉପଲବ୍ଧି କରିବାକୁ ପଡ଼ିବ, ଆଉ ସେହି କାରଣ ଯୋଗୁଁ ଆପଣଙ୍କୁ ଓ ଖ୍ରୀଷ୍ଟିୟାନ ଜୀବନରେ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବାର ଆବଶ୍ୟକ ନିତାନ୍ତ ଅଟେ । ଆପଣ ସଂପୁର୍ଣ୍ଣ ଭାବେ ନୂତନ ବ୍ୟକ୍ତି ଅଟନ୍ତି କିନ୍ତୁ ଯେତେବେଳେ ଯାଏଁ ଆପଣ ପ୍ରକୃତ ଜ୍ଞାନ ପାଇ ନାହାନ୍ତି, ଆପଣ ପରିବର୍ତ୍ତିତ ହୋଇ ପାରିବେ ନାହିଁ । ଖ୍ରୀଷ୍ଟିୟ ଜୀବନରେ ବିଜୟ ଆସେ, ଯେତେବେଳେ ଆପଣ ଈଶ୍ୱରଙ୍କ ବାକ୍ୟକୁ ଦେଖି ପାରନ୍ତି, ଆଉ ଯାହାକି ପ୍ରକୃତ ପ୍ରାଣ ଓ ଜୀବନ ଅଟେ, ଆଉ ସେଥିରେ ଆପଣ ଦେଖନ୍ତୁ ଆପଣ କିଏ ? ଈଶ୍ୱର ଆପଣଙ୍କ ପାଇଁ କ'ଣ କରିଅଛନ୍ତି ? ଏବଂ ତାହା ଉପରେ ବିଶ୍ୱାସ କରନ୍ତୁ ।

## ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୫:୧୭ । ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ସେମାନେ କଣ ?

***୨ୟ କରନ୍ଥୀୟ ୫:୧୭-*** *ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି, ପୁରାତନ ବିଷୟ ସବୁ ଲୋପ ପାଇଅଛି, ଦେଖ, ନୂତନ ବିଷୟ ସବୁ ହୋଇଅଛି ।*

୨. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୫:୧୭ । ପୁରାତନ ବିଷୟ ସବୁ କ'ଣ ହୋଇଅଛି ?

୩. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୫:୧୭ । କେଉଁ ବିଷୟ ସବୁ ନୂତନ ହୋଇଅଛି ?

୪. ଆପଣ ପଢ଼ନ୍ତୁ ଏଫିସୀୟ ୨:୧ । ଆପଣ ନୂତନ / ପୁନଃ ଜୀବୀତ ହେବା ପୂର୍ବରୁ ଆପଣଙ୍କ ଅବସ୍ଥା କ'ଣ ଥିଲା ?

***ଏଫିସୀୟ ୨:୧-୫ –*** *ଏହି ସଂସାରର ଭାବ ଅନୁସାରେ, ପୁଣି ଆକାଶମଣ୍ଡଳ ରାଜ୍ୟର ଅଧିପତି, (୨) ଅର୍ଥାତ୍, ଯେଉଁ ଆତ୍ମା ଏବେ ହେଁ ଅନାଜ୍ଞାବହ ସନ୍ତାନ ମାନଙ୍କଠାରେ କାର୍ଯ୍ୟ ସାଧନ କରୁଅଛି,ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ମଧ୍ୟ ପୂର୍ବରେ ଆଚରଣ କରି ଅପରାଧ ଓ ପାପରେ ମୃତ ଥିଲ (୩) ସେହି ଅନାଜ୍ଞାବହ ସନ୍ତାନ ମାନଙ୍କ ସହିତ ଆମ୍ଭେମାନେ ସମସ୍ତେ ମଧ୍ୟ ଏକ ସମୟରେ ଆମ୍ଭମାନଙ୍କ ଶାରୀରିକ ଅ ଭିଳାଷ ଅନୁସାରେ ଜୀବନ ଯାପନ କରି ଶାରୀରୀକ ଓ ମାନସିକ କାମନା ପୂର୍ଣ୍ଣ କରୁଥିଲୁ, ପୁଣି ଅନ୍ୟମାନଙ୍କ ପରି ସୁଦ୍ଧା ସ୍ୱଭାବତଃ କ୍ରୋଧର ପାତ୍ର ଥିଲୁ । (୪) ମାତ୍ର ଏପିର ଅପରାଧରେ ମୃତ ହେଲେ ହେଁ, ଦୟା ସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହା ପ୍ରେମରେ ପ୍ରେମ କଲେ (୫) ସେଥି ସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କରି ଅଛନ୍ତି-ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇଅଛ ।*

୫. ଆପଣ ଏଫିସୀୟ ପଢ଼ନ୍ତୁ ୨:୨ । ଆପଣ ଜଣେ ଅବିଶ୍ୱାସୀ ଭାବେ କିପରି ଚାଲନ୍ତି (ବା) ବଞ୍ଚନ୍ତି ?

୬. ଆପଣ ଏଫିସୀୟ ପଢ଼ନ୍ତୁ ୨:୩-୫ । ପରମେଶ୍ୱର କେଉଁଥିରେ ଧନୀ ?

୭.  ଆପଣ ଏଫିସୀୟ ପଢ଼ନ୍ତୁ ୨:୪ । ପରମେଶ୍ୱର କାହିଁକି ଏତେ ଦୟାବାନ ?

୮.  ଆପଣ ପଢ଼ନ୍ତୁ ଏଫିସୀୟ ୨:୫ । ଯେତେବେଳେ ଆମ୍ଭେ ମୃତ ଥିଲୁ ଏବଂ ପାପରେ ଥିଲୁ ସେତେବେଳେ ମଧ୍ୟ, ପରମେଶ୍ୱର ଆମ୍ଭମାନଙ୍କ ପାଇଁ କ'ଣ କଲେ ?

୯.  ଆପଣ ଏଫିସୀୟ ୨:୫ ପଢ଼ନ୍ତୁ । ପରମେଶ୍ୱର କିପରି ଆମ୍ଭଙ୍କୁ ରକ୍ଷା କଲେ ?

୧୦.  ଆପଣ ପଢ଼ନ୍ତୁ ୧ ମ କରନ୍ଥୀୟ ୬:୯-୧୦ । ଆପଣ ଏହି ଠାରେ ବର୍ଣ୍ଣିତ ଥିବା ବିଷୟ ସବୁକୁ ଏହା ସହିତ ଯୋଡ଼ି ପାରିବେକି ?

***୧ମ କରନ୍ଥୀୟ ୬:୯-୧୧*** *- ଅବା, ଅଧାର୍ମିକ ମାନେ ଯେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଭ୍ରାନ୍ତ ହୁଅ ନାହିଁ, ବ୍ୟଭିଚାରୀ କି ପ୍ରତିମା ପୂଜକ କି ତାର ବ୍ୟଭିଚାର କି ପ୍ରତିମା ପୂଜକ କି ପାରଦାରି କି ସ୍ତ୍ରୀବତ୍ ଆଚରୀ କି (୧୦) ପୁଂ ମୈଥୁନକାରୀ କି ଚୋର କି ଧନଲୋଭୀ କି ମତୁଆଲ କି ନିନ୍ଦକ କି ପରଦ୍ରବ୍ୟ ଲୁଣ୍ଠନକାରୀ, ଏମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ । (୧୧) ଆଉ, ତୁମ୍ଭମାନଙ୍କ ମଧ୍ୟରୁ କେହି କେହି ଏହି ପ୍ରକାର ଥିଲ, କିନ୍ତୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଓ ଆମ୍ଭମାନଙ୍କ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ତୁମ୍ଭେ ମାନେ ଧୌତ ହୋଇଅଛ, ପବିତ୍ରୀକୃତ ହୋଇଅଛ ଓ ଧାର୍ମିକ ବୋଲି ଗଣିତ ହୋଇଅଛ ।*

୧୧.  ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୬:୧୧ । ଏଠାରେ "ଥିଲା" ଶବ୍ଦଟି ଅତୀତ, ବର୍ତମାନ (ବା) ଭବିଷ୍ୟତର ପରିସ୍ଥିତି କୁ ବୁଝାଏ ?

୧୨.  ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୬:୧୧ । ଯେତେବେଳେ ଆପଣ "ନୂତନ ସ୍ୱଭାବରେଜନ୍ମ ଲାଭ କରନ୍ତି ", କେଉଁ ତିନୋଟି ବିଷୟ ଆପଣଙ୍କ ସହ ହୁଏ ?

୧୩.  ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୬:୧୧ । ତାହା ଅତୀତ, ବର୍ତ୍ତମାନ (ବା) ଭବିଷ୍ୟତ ପରିସ୍ତିତିକୁ ବୁଝାଏ ?

୧୪. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୬:୧୭ ।"ଯେ ପ୍ରଭୁଙ୍କ ସହ ସଂଯୁକ୍ତ ହୁଏ, ସେ ତାହାଙ୍କ ସହ......... ହୁଏ ।" ?

***୧ମ କରନ୍ଥୀୟ ୬:୧୭*** *– କିନ୍ତୁ ଯେ ପ୍ରଭୁଙ୍କ ସହିତ ସଂଯୁକ୍ତ ହୁଏ , ସେ ତାହାଙ୍କ ସହିତ ଏକ ଆତ୍ମା ହୁଏ ।*

# ଉତ୍ତର

୧. ଆପଣ ପଢ଼ନ୍ତୁ ୨ ୟ କରନ୍ଥୀୟ ୫:୧୭ । ଯଦି କେହି ଖ୍ରୀଷ୍ଟଙ୍କ ଠାରେ ରୁହେ, ସେମାନେ କ'ଣ ?

*ସେମାନେ ଏକ ନୂତନ ସୃଷ୍ଟି ।*

୨. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୫:୧୭ । ପୂରାତନ ବିଷୟ ସବୁ କ'ଣ ହୋଇ ଅଛି ?

*ସମସ୍ତ ଲୋପ ପାଇଅଛି ।*

୩. ଆପଣ ପଢ଼ନ୍ତୁ ୨ ୟ କରନ୍ଥୀୟ ୫:୧୭ । କେଉଁ ସବୁ ବିଷୟ ନୂତନ ହୋଇ ଅଛି ?

*ସମସ୍ତ ବିଷୟ ।*

୪. ଆପଣ ପଢ଼ନ୍ତୁ ଏଫିସୀୟ ୨:୧ । ଆପଣଙ୍କ ପରିସ୍ଥିତି କ'ଣ ଥିଲା ଆପଣ ନୂତନ ସ୍ୱଭାବରେ ଜନ୍ମ ହେଲା ପରେ (ବା) ପୂନଃ ଜନ୍ମ ହେଲା ପରେ ?

*ପାପରେ ମୃତ ଥିଲୁ ।*

୫. ଆପଣ ପଢ଼ନ୍ତୁ ଏଫିସୀୟ ୨:୨ । ଆପଣ ଜଣେ ଅବିଶ୍ୱାସୀ ଭାବେ, କିପରି ଚାଲନ୍ତି (ବା) ବଞ୍ଚନ୍ତି ?

*ମୁଁ ଏହି ଜାଗତିକ ବିଷୟକୁ ଅନୁକରଣ କଲି, ଶୟତାନର ଆଜ୍ଞାକାରୀ ହେଲି (ଯିଏକି ଶକ୍ତୀଶାଳୀ ବାୟୁର ରାଜ କୁମାର) ଓ ମୁଁ ଆତ୍ମା ବିରୋଧରେ ଜୀବନ ଯାପନ କଲି ।*

୬. ଆପଣ ପଢ଼ନ୍ତୁ ଏଫିସୀୟ ୨:୩-୫ । ପରମେଶ୍ୱର କେଉଁ ବିଷୟରେ ସଂମୃଦ୍ଧି ଥିଲେ ?

*ଦୟାରେ ।*

୭. ଆପଣ ପଢ଼ନ୍ତୁ ଏଫିସୀୟ ୨:୪ । ପରମେଶ୍ୱର କାହିଁକି ଏତେ ଦୟାମୟ ?

*ତାହାଙ୍କର ଆମ୍ଭମାନଙ୍କ ମହା ପ୍ରେମ ଯୋଗୁଁ ।*

୮. ଆପଣ ପଢ଼ନ୍ତୁ ଏଫିସୀୟ ୨:୫ । ପରମେଶ୍ୱର ଆମ୍ଭମାନଙ୍କ ପାଇଁ କ'ଣ କଲେ , ଯେତେବେଳେ ଆମେ ପାପରେ ମୃତ ହୋଇ ପଡ଼ିଥିଲୁ ?

***ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କଲେ ।***

୯. ଆପଣ ପଢ଼ନ୍ତୁ ଏଫିସୀୟ ୨:୫ । ପରମେଶ୍ୱର ଆମ୍ଭଙ୍କୁ କିପରି ରକ୍ଷା କଲେ ?

***ତାହାଙ୍କର ଅନୁଗ୍ରହରେ ।***

୧୦. ଆପଣ ପଢ଼ନ୍ତୁ ୧ ମ କରନ୍ଥୀୟ ୬:୯-୧୦ । ଏହି ତାଲିକାରୁ ଆପଣ ଏହି ବିବରଣୀରୁ କିଛି ବର୍ଣ୍ଣନା କରିପରିବେ କି ?

***ହଁ ।***

୧୧. ଆପଣ ପଢ଼ନ୍ତୁ ୧ ମ କରନ୍ଥୀୟ ୬:୧୧ । ଏଠାରେ "ଥିଲା" ଶବ୍ଦଟି ଅତୀତ, ବର୍ତମାନ (ନା) ଭବିଷ୍ୟତ ପରିସ୍ତିତି ?

***ଅତୀତ ।***

୧୨. ଆପଣ ପଢ଼ନ୍ତୁ ୧ ମ କରନ୍ଥୀୟ ୬:୧୧ । ଆପଣ ଯେତେବେଳେ "ପୁନ୍ନଜନ୍ମ " ଲାଭ କରନ୍ତି , କେଉଁ ୩ଟି ବିଷୟ ଆପଣଙ୍କ ସହ ହୁଏ ?

***ଆପଣ ଈଶ୍ୱରଙ୍କ ଆତ୍ମା ଦ୍ୱାରା ଧୌତ ହୋଇଯାଆନ୍ତି, ପବିତ୍ରୀକୃତ ହୁଅନ୍ତି ଏବଂ ଧାର୍ମିକ ବୋଲି ଗଣିତ ହୁଅନ୍ତି ।***

୧୩. ଆପଣ ପଢ଼ନ୍ତୁ ୧ମ କରନ୍ତୀୟ ୬:୧୧ । ଏହା ଅତୀତ, ବର୍ତମାନ (ବା) ଭବିଷ୍ୟତ ପରିସ୍ଥିତ ?

***ବର୍ତ୍ତମାନ ପରିସ୍ଥିତି ।***

୧୪. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୬:୧୭ ।

***ଯେ ପ୍ରଭୁଙ୍କ ସହିତ ସଂଯୁକ୍ତ ହୁଏ , ସେ ତାହାଙ୍କ ସହିତ ଏକ ହୁଏ ।ଏକ ଆତ୍ମା ହୁଏ ।***

## ଅଧ୍ୟାୟ - ୧୦

# ଖ୍ରୀଷ୍ଟଙ୍କ ଠାରେ ଆମ ପରିଚୟ - ଭାଗ - ୨

### *ଲେଖକ - ଆନ୍ଦ୍ରିଉ ଡ୍ୱମାକ୍*

ପୂର୍ବ ଅଧ୍ୟାୟରେ, ଆମ୍ଭେମାନେ ପୁନଃ ଜନ୍ମ ଲାଭ କରିବା (ବା) ନୂତନ ସ୍ୱଭାବରେ ଜନ୍ମ ଲାଭ କରିବାର ଅର୍ଥ କ'ଣ ତାହା ଆଲୋଚନା କଲୁ । ଯାହାକି ଆମ୍ଭ ଆତ୍ମାରେ କ'ଣ ଓ ଯେଉଁଥିରେ ଆମ୍ଭର ହୃଦୟ ପରିବର୍ତ୍ତିତ ହୁଏ । ଆମେ ଏହାକୁ ବୁଝିବା ପାଇଁ (୨ୟ କରନ୍ଥୀୟ ୫:୧୭)ର ବ୍ୟବହାର କଲୁ ଯାହାକୁହେ, *"ଏଣୁ ଯଦି କେହି ଖ୍ରୀଷ୍ଟଙ୍କ ଠାରେ ଅଛି, ତେବେ ସେ ନୂତନ ସୃଷ୍ଟି ହୋଇଅଛି ; ପୁରାତନ ବିଷୟ ସବୁ ଲୋପ ପାଇ ଅଛି, ଦେଖ ନୂତନ ବିଷୟ ସବୁ ହୋଇଅଛି ।"* ଆମେ ପୁନଃ ନୂତନ ଜନ୍ମ ଲାଭ କଲାପରେ ଦେଖୁ, ଆମ୍ଭମାନଙ୍କ ଆତ୍ମାରେ ଏକ ସଂପୂର୍ଣ୍ଣ ରୂପାନ୍ତରଣ ହୋଇଅଛି ଏବଂ ଆତ୍ମାର ପ୍ରାଣରେ କେଉଁ ବିଷୟ ରୂପାନ୍ତର ହୋଇ ପ୍ରକାଶ ପାଇଛି ତାହା କେବଳ ଗୋଟିଏ ବିଷୟ ଦେଇ ଆମେ ଜାଣିପାରିବା,ତାହା ହେଲା ପ୍ରଭୁଙ୍କ ବାକ୍ୟ । ଆମ୍ଭେ ତାହାକୁ ବାହାରର ବିଷୟମାନ ଦ୍ୱାରା ଉପଲବ୍ଧି କରିପାରିବା ନାହିଁ ଏବଂ ମଧ୍ୟ ଆମ୍ଭ ଭାବନାତ୍ମକ ଚିନ୍ତା ଦ୍ୱାରା ମଧ ଉପଲବ୍ଧି କରିପାରିବା ନାହିଁ, କାରଣ ତାହା କେବଳ ଆତ୍ମିକ କ୍ଷେତ୍ରରେ ସମ୍ଭବ ହୋଇପାରେ । କିନ୍ତୁ ଆମ୍ଭ ପ୍ରାଣରେ ସଂପୂର୍ଣ୍ଣ ରୂପାନ୍ତରଣ ହୋଇଥାଏ ।

ଆସନ୍ତୁ ମୁଁ ଆପଣଙ୍କୁ ଧର୍ମଶାସ୍ତ୍ରରୁ କିଛି ପ୍ରସଙ୍ଗ ଦେଖାଇବି, ଯାହାକି ଜଣେ ବ୍ୟକ୍ତି ଖ୍ରୀଷ୍ଟଙ୍କୁ ନିଜ ଜୀବରେ ଗ୍ରହଣ କଲା ପରେ ହୋଇଥାଏ । (ଏଫିସୀୟ ୪:୨୪) କୁହେ, *"ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତି ମୂର୍ତିର ଧର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟି ହୋଇଅଛି,ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ ।"* ଯେତେବେଳେ ଜଣେ ବ୍ୟକ୍ତି ପୁନଃ ନୂତନ ଭାବେ ଜନ୍ମ ଲାଭ କରେ, ତା'ର ପ୍ରାଣ ଧାର୍ମିକ ଓ ପ୍ରକୃତରେ ପବିତ୍ରତା ଲାଭ କରେ । ବାସ୍ତବରେ ପବିତ୍ର ବାଇବେଲ ଦୁଇ ପ୍ରକାରର ଧାର୍ମିକତା ବିଷୟରେ କୁହେ ।

ଗୋଟିଏ ପ୍ରକାରର ଧାର୍ମିକତା ହେଲା, ସେହି ଧାର୍ମିକତା ଯାହା ଆପଣ ନିଜେ ନିଜର କାର୍ଯ୍ୟ ପ୍ରଦର୍ଶନ ଦ୍ୱାରା ପାଆନ୍ତି ଏବଂ ପ୍ରାୟତଃ ସେହି ପ୍ରକାରର ଧାର୍ମିକତାରେ ଆପଣଙ୍କୁ ଅନ୍ୟ ଲୋକମାନଙ୍କ ସହ ଆପଣଙ୍କ ସଂପର୍କ ନିଭେଇବାକୁ ପଡ଼େ । ଆପଣ ଯଦି ସେହି ଧାର୍ମିକତାରେ ଠିକ୍‌ରେ ରୁହନ୍ତି ନାହିଁ (ବା) ଠିକ୍ ବିଷୟ କରନ୍ତି ନାହିଁ ,ଆପଣଙ୍କ ମୁଖ୍ୟ କାର୍ଯ୍ୟାଧିକାରି ଆପଣଙ୍କୁ କାର୍ଯ୍ୟରୁ ବାହାର କରି ଦେଇ ପାରନ୍ତି (ବା) ଆପଣଙ୍କ ପତି(ବା) ପତ୍ନୀ ଆପଣଙ୍କୁ ଛାଡ଼ପତ୍ର ଦେଇପାରନ୍ତି; ତେଣୁ ଆପଣଙ୍କର ନିଜର

ଧାର୍ମିକତା ରହିବାର ଆବଶ୍ୟକତା ରହିଛି । ସେ ଯାହାବି ହେଉ ପରମେଶ୍ୱର ବାହ୍ୟ ଧାର୍ମିକତ ଦେଖି ଆପଣଙ୍କୁ ଗ୍ରହଣ କରନ୍ତି ନାହିଁ । ଆକ୍ଷରିକ ଭାବେ ପରମେଶ୍ୱର ଆପଣଙ୍କୁ ତାହାଙ୍କ ନିଜର ଧାର୍ମିକତା ଦେଇଅଛନ୍ତି ।

(୨ୟ କରନ୍ଥୀୟ ୫:୨୧) କୁହେ, ପରମେଶ୍ୱର ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପ କଲେ , ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେଉ । ତେଣୁ ସେହି ଧାର୍ମିକତା ଆମ୍ଭ ବାହ୍ୟ ଧାର୍ମିକତା ଠାରୁ କାହିଁକେତେ ଅଧିକ ଅଟେ ଏବଂ ତାହା ପ୍ରଭୁ ଆମ୍ଭମାନଙ୍କ ପାଇଁ ଯାହା କଲେ ତାହା ଉପରେ ପର୍ଯ୍ୟବେଶିତ । ଆକ୍ଷରିକ ଭାବେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ଆମ୍ଭେ ବିଶ୍ୱାସ କରିବା ଦ୍ୱାରା ପରମେଶ୍ୱରଙ୍କର ଧାର୍ମିକତା ପ୍ରାପ୍ତ କରିଅଛୁ ଆମ୍ଭେ ଧାର୍ମିକତା ଓ ସତ୍ୟ ପବିତ୍ରାତାରେ ସୃଷ୍ଟ । ଆମ୍ଭେ ଧାର୍ମିକତାରେ ବଢୁ ନାହୁଁ , ମାତ୍ର ଆମ୍ଭେ ପୂର୍ବରୁ ହିଁ ଧାର୍ମିକତା ପାଇ ଅଛୁଁ (ବା) ହୋଇଅଛୁ । ଏହାର ସବୁଠାରୁ ସହଜ ସଂଜ୍ଞା ହେଲା ଆମ୍ଭେମାନେ ପୂର୍ବରୁ ହିଁ ପ୍ରଭୁଙ୍କ ଠାରେ ନ୍ୟାୟ ସଂଗତ ହୋଇଅଛୁଁ ।

ପରମେଶ୍ୱର ଖ୍ରୀଷ୍ଟଯୀଶୁଙ୍କୁ ଦେଖି ଓ ତାହାଙ୍କ ପାଇଁ ବୋଲି ଆମ୍ଭ ଉପରେ ସନ୍ତୁଷ୍ଟ ଅଟନ୍ତି, ଅନ୍ୟ କୌଣସି ବିଷୟ ଯୋଗୁଁ ନୁହେଁ । ଆମ୍ଭର ପ୍ରାଣ ହେଉଛି, ଯେଉଁଠାରେ ପରିବର୍ତ୍ତନ ଘଟେ । ଆମ୍ଭେମାନେ ପୂର୍ବରୁ ହିଁ ଧାର୍ମିକତାରେ ଏବଂ ପବିତ୍ରତାରେ ସୃଷ୍ଟ । ଏବଂ ସଂପୂର୍ଣ୍ଣ ଭାବେ ନୂତନ ସୃଷ୍ଟି । (ଏଫିସୀୟ ୨:୧୦) କୁହେ, *"କାରଣ ଆମ୍ଭେମାନେ ତାହାଙ୍କ ରଚନା, ଯେ ସମସ୍ତ ସତ୍‌କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହିସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କ ଠାରେ ସୃଷ୍ଟ ।"* ଆମ୍ଭେ ଆମ୍ଭ ପ୍ରାଣରେ, ସଂପୂର୍ଣ୍ଣ ଭାବେ ପୂର୍ଣ୍ଣ ଏବଂ ସଂପୂର୍ଣ୍ଣ । କୌଣସି ପାପ ସେଥିରେ ନାହିଁ(କି) କୌଣସି ଅଭାବ (ବା) ଅପ୍ରାଚୁର୍ଯ୍ୟତା ନାହିଁ । (ଏଫିସୀୟ ୧:୧୩) କୁହେ , *"ତୁମ୍ଭମାନଙ୍କ ପରିତ୍ରାଣର ସୁସମାଚାର ଶୁଣି ବିଶ୍ୱାସ କରି ପ୍ରତିଜ୍ଞାତ ପବିତ୍ର ଆତ୍ମାଙ୍କ ଦ୍ୱାରା ମଧ୍ୟ ମୁଦ୍ରାଙ୍କିତ ହୋଇଅଛୁ ।"*

ଆପଣ ମାନଙ୍କ ମଧ୍ୟରୁ କିଛି ଲୋକ ଭାବନ୍ତି, ଯେତେବେଳେ *ମୁଁ ପ୍ରଥମ କରି ପ୍ରଭୁଙ୍କ ଉପରେ ବିଶ୍ୱାସ କଲି, ସେହି ସମୟରେ ହିଁ ମୁଁ ମୋର ସମସ୍ତ ବିଷୟ ପାଇଁ ସଂପୂର୍ଣ୍ଣ କ୍ଷମା ପାଇଛି ଏବଂ ଧୌତ ହୋଇଅଛି ଏବଂ ସମସ୍ତ ବିଷୟ ହିଁ ଠିକ୍ ଥିଲା । କିନ୍ତୁ ସେହି ସମୟ ପରେ ମୁଁ ପାପ କଲି ଏବଂ ଈଶ୍ୱରଙ୍କୁ ପୁଣି ହତାସ କଲି ।* ଆପଣ ଯଦି ସେହିପରି କଲେ ତେବେ ଆପଣ ଆପଣଙ୍କ କାର୍ଯ୍ୟରେ ହତାଶ ହେଲେ ଏବଂ ଆପଣାର ମାନସିକ ଓ ଭାବନାତ୍ମକ କ୍ଷେତ୍ରରେ ହତାସ ହେଲେ କିନ୍ତୁ ଆପଣଙ୍କ ଆତ୍ମା ସେ ପାପ କରି ନାହିଁ । ତାହା ସଂପୂର୍ଣ୍ଣ ଭାବେ ମୁଦ୍ରାଙ୍କିତ ହେଲା, ଯେଉଁ ଭଳି ଭାବେ ଜଣେ ସ୍ତ୍ରୀ ଘରର ଫଳ ମୂଳ ସବୁ ଗୋଟିଏ ବୋତଲରେ ରଖି ତା' ଉପରେ ପାରାଫିନ୍ ରଖିଥାଏ, ତାହାକୁ ପବନ ନ ପଶିବା ପାଇଁ ଏବଂ ବାହାରର ସମସ୍ତ ପ୍ରଦୂଷିତ ବିଷୟରୁ ବଞ୍ଚେଇ ରଖିବା ପାଇଁ । ପରମେଶ୍ୱର ମଧ ଆପଣଙ୍କୁ ମୁଦ୍ରାଙ୍କିତ କରି ଅଛନ୍ତି, ତେଣୁ ଆପଣ ଯେତେବେଳେ ନୂତନ ସ୍ୱଭାବରେ ପୁନଃ ଜନ୍ମ ନେଲେ, ଆପଣ ଏକ ନୂତନ ଆତ୍ମା ପାଇଲେ ଏବଂ କୌଣସି ପ୍ରକାରର ପାପ ସେତେବେଳ ଆପଣଙ୍କ ଭିତରୁକୁ ପ୍ରବେଶ କରି ପାରେ ନାହିଁ । ଆପଣଙ୍କର ବର୍ତ୍ତମାନ ଏକ ନୂତନ ପରିଚୟ । ଆପଣଙ୍କୁ ପରମେଶ୍ୱରଙ୍କ ସହ ସଂପର୍କ ରଖିବାକୁ ହେଲେ, ଆପଣଙ୍କୁ ତାହାଙ୍କ ସହ ଏକ ବନ୍ଧୁତାପୂର୍ଣ୍ଣ ସଂପର୍କ ରଖିବାକୁ ହେବ ଏବଂ ଆପଣ ଆପଣଙ୍କ ଶରୀରରେ (ବା) ବାହ୍ୟ ଭାବେ ନକରି, ଆପଣାର ଆତ୍ମାରେ ଯେପରି, ସେହିପରି ଭାବେହିଁ ତାହାଙ୍କ ଉପାସନ କରିବାକୁ ହେବ ।

ଏହା ବାସ୍ତବରେ ଖ୍ରୀଷ୍ଟିୟାନ୍ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ରୂପାନ୍ତରଣ ଅଟେ, ଯାହାକି ଜଣେ ବ୍ୟକ୍ତି କୁ ନିଜର ପରିଚୟ ପରିବର୍ତ୍ତନ କରିବାକୁ ପଡ଼େ । ଆପଣଙ୍କୁ ଈଶ୍ୱରଙ୍କ ସହ ଆପଣାର ସଂପର୍କ ରଖିବାକୁ ପଡ଼ିବ, ନିଜର ଶାରୀରିକ କ୍ଷେତ୍ରରେ ଆପଣ କିପରି ତାହାକୁ ନେଇ ନୁହେଁ (ବା) ଆପଣ ଆପଣଙ୍କ ମନରେ କ'ଣ ଭାବନ୍ତି ତାହା ଦେଖି ମଧ ନୁହେଁ କିନ୍ତୁ ଆପଣ ଆତ୍ମାରେ କିଏ ଏବଂ ସେ ଆପଣଙ୍କ ପାଇଁ କ'ଣ କରନ୍ତି ତାହା ଦେଖି । ଏକ ସଂପୂର୍ଣ୍ଣ କାର୍ଯ୍ୟ, ଯାହାକି କେବେ ବୃଦ୍ଧି (ବା) ହ୍ରାସ, ଆଗ (ବା) ପଛ ହୁଏ ନାହିଁ । ଆପଣ ଧାର୍ମିକତାରେ ଏବଂ ପ୍ରକୃତ ପବିତ୍ରତାରେ ସୃଷ୍ଟ । ତାହାହିଁ ଆପଣଙ୍କର ଆତ୍ମିକ ଅଂଶ ଏବଂ ତାହାହିଁ ଈଶ୍ୱରଙ୍କ ସହ ଆପଣଙ୍କର ବନ୍ଧୁତା, ଆପଣ ତାହାଙ୍କୁ ସମସ୍ତ ଆତ୍ମରେ ଏବଂ ସତ୍ୟତାରେ ଆବଶ୍ୟକତା ଅଛି । ଆପଣ ଖ୍ରୀଷ୍ଟରେ କିଏ, ସେହି ପରିଚୟରେ ହିଁ ଆପଣଙ୍କ ଠିଆ ହେବାକୁ ପଡ଼ିବ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଏବଂ ପ୍ରଶ୍ନମାନ ନିମନ୍ତେ ବ୍ୟବହୃତ ଧର୍ମଶାସ୍ତ୍ରରୁ ଅଂଶ

୧. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୬:୧୭ ଗୋଟିଏ ମାତ୍ର ପନ୍ଥା ଯାହାଦେଇ ଆମେ ଜାଣିପାରିବା ଯେ ଆମର ସଂପୂର୍ଣ୍ଣ ଭାବେ ଆତ୍ମ ପ୍ରାଣରେ ରୂପାନ୍ତରଣ ହୋଇଅଛି ବୋଲି, ଆଉ ତାହା ହେଉଛି ପ୍ରଭୁଙ୍କ ବାକ୍ୟ । ଏହି ଶାସ୍ତ୍ରାଂଶ ଆତ୍ମ ମଧରେ କ'ଣ ହୋଇଅଛି ବୋଲି କୁହେ ?

***୧ମ କରନ୍ଥୀୟ ୬:୧୭*** *– କିନ୍ତୁ ଯେ ପ୍ରଭୁଙ୍କ ସହିତ ସଂଯୁକ୍ତ ହୁଏ, ସେ ତାହାଙ୍କ ସହିତ ଏକ ଆତ୍ମା ହୁଏ ।*

୨. ଆପଣ ପଢ଼ନ୍ତୁ ଏଫିସୀୟ ୩:୧୭ । ବର୍ତ୍ତମାନ ଖ୍ରୀଷ୍ଟ କେଉଁଠାରେ ରୁହନ୍ତି ?

***ଏଫିସୀୟ ୩:୧୭*** *- ପୁଣି ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ତୁମ୍ଭମାନଙ୍କ ମଧରେ ବାସ କରନ୍ତି, ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢ ରୂପେ ସ୍ଥାପିତ ।*

୩. ସେହି ଏଫିସୀୟ ୩:୧୭ ପଢ଼ନ୍ତୁ । ଏହା କିପରି ହୁଏ ?

୪. ଆପଣ ପଢ଼ନ୍ତୁ ୧ମ ଯୋହନ ୫:୧୨ । ଆମ୍ଭେ ପରିତ୍ରାଣ ପାଇବାକୁ ହେଲେ କାହାକୁ ପାଇବାର ଅଛି ?

***୧ମ ଯୋହନ ୫:୧୨*** *– ଯେ ପୁତ୍ରକୁ ପାଇଅଛି, ସେ ଜୀବନ ପାଇଅଛି, ଯେ ଈଶ୍ୱରଙ୍କ ପୁତ୍ରକୁ ପାଇ ନାହିଁ,ସେ ଜୀବନ ପାଇ ନାହିଁ ।*

୫. ଆପଣ ପଢ଼ନ୍ତୁ କଲସୀୟ ୧:୨୬-୨୭, କେଉଁ ନିଗୁଢ ତତ୍ୱ ପୂର୍ବ ଯୁଗ ଓ ପୂର୍ବ ପୁରୁଷ ମାନଙ୍କ ଠାରୁ ଗୁପ୍ତ ହୋଇ ରହିଥିଲା କିନ୍ତୁ ଏବେ ତାହା ପ୍ରକାଶିତ ହୋଇଅଛି ?

***କଲସୀୟ ୧:୨୬-୨୭*** *– ସେହି ନିଗୂଢ ତତ୍ତ୍ୱ ପୂର୍ବଯୁଗ ଓ ପୂର୍ବ ପୁରୁଷ ମାନଙ୍କ ଠାରୁ ଗୁପ୍ତ ହୋଇ ରହିଥିଲା, କିନ୍ତୁ ଏବେ ତାହାଙ୍କ ସାଧୁ ମାନଙ୍କ ନିକଟରେ ପ୍ରକାଶିତ ହୋଇଅଛି । (୨୭) ବିଜାତି ମାନଙ୍କ ମଧ୍ୟରେ ସେହି ନିଗୁଢ ତତ୍ତ୍ୱର ଗୌରବ ସ୍ୱରୂପ ଧନ ଯେ କଅଣ, ତାହା ଈଶ୍ୱର ଆପଣା ସାଧୁମାନଙ୍କ ନିକଟରେ ପ୍ରକାଶ କରିବାକୁ ଇଚ୍ଛା କଲେ । ସେହି ନିଗୂଢତତ୍ତ୍ୱ ଏହି ତୁମ୍ଭ ମାନଙ୍କ ମଧ୍ୟରେ ଖ୍ରୀଷ୍ଟ , ସେ ଗୌରବର ଭରସା ସ୍ୱରୂପ ।*

୬. ଆପଣ ପଢ଼ନ୍ତୁ ଏଫିସୀୟ ୪:୨୩-୨୪ । କେଉଁ ବିଷୟ ଧାର୍ମିକତା ଓ ସତ୍ୟର ପବିତ୍ରତାର ସୃଷ୍ଟ ହୋଇଅଛି ।

***ଏଫିସୀୟ ୪:୨୩-୨୪*** *- ପୁଣି ତୁମ୍ଭମାନଙ୍କ ମନରେ ନୂତନୀକୃତ ହୋଇ (୨୪)ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟ ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ ।*

୭. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୫:୨୧ । ଆମ୍ଭେମାନେ କାହାର ଧାର୍ମିକତା ପ୍ରାପ୍ତ ହୋଇଅଛୁ ?

***୨ୟ କରନ୍ଥୀୟ ୫:୨୧*** *- ଯାହାଙ୍କ ଠାରେ ପାପର ଲେଶ ମାତ୍ର ନଥିଲା, ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ ଧାର୍ମିକତା ସ୍ୱରୂପ ହେଉ ।*

୮. ଆପଣ ପଢ଼ନ୍ତୁ ଏଫିସୀୟ ୧:୪ । ପ୍ରଭୁ ପରମେଶ୍ୱରଙ୍କ ନିକଟରେ ଜଣେ ବିଶ୍ୱାସୀର ନ୍ୟାୟରେ ଠିଆ ।ହେବା ମାନେ କ'ଣ ?

***ଏଫିସୀୟ ୧:୪ -*** *ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ ।*

୯. ଆପଣ ପଢ଼ନ୍ତୁ ଏଫିସୀୟ ୧:୬ । ଆମ୍ଭେମାନେ କିପରି ଗ୍ରହଣୀୟ ହୋଇଅଛୁ ?

***ଏଫିସୀୟ ୧:୬*** *– ଏହା ତାହାଙ୍କ ଗୌରବର ପ୍ରଶଂସାର ଗୌରବ ନିମନ୍ତେ ହୋଇଅଛି , ସେହି ଅନୁଗ୍ରହ ସେ ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରିଛନ୍ତି ।*

# ଉତ୍ତର

୧. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୬:୧୭ । କେବଳ ଏକମାତ୍ର ପନ୍ଥା ଯାହା ଦ୍ୱାରାଆମ୍ଭେ ଜାଣି ପାରିବା ଯେ ଆମ୍ଭ ପ୍ରାଣରେ ସଂପୂର୍ଣ୍ଣ ରୂପାନ୍ତରଣ ଘଟି ଅଛି । ଆଉ ତାହା ହେଉଛି ପବିତ୍ର ପ୍ରଭୁଙ୍କ ବାକ୍ୟ। ଆମ୍ଭମାନଙ୍କର କ'ଣ ହୋଇଅଛି ବୋଲି ଏହି ଶାସ୍ତ୍ରାଂଶ କହୁଅଛି ?

*ଆମ୍ଭମାନଙ୍କ ଆତ୍ମା ପ୍ରଭୁଙ୍କ ସହ ସଂଯୁକ୍ତ ହୋଇଅଛି ।*

୨. ଆପଣ ପଢ଼ନ୍ତୁ ଏଫିସୀୟ ୩:୧୭ । ଖ୍ରୀଷ୍ଟ ଯୀଶୁ କେଉଁଠାରେ ରୁହନ୍ତି ?

*ଆମ୍ଭମାନଙ୍କ ହୃଦୟରେ ।*

୩. ଆପଣ ପଢ଼ନ୍ତୁ ଏଫିସୀୟ ୩:୧୭ । ଏହା କିପରି ଘଟେ ?

*ବିଶ୍ୱାସ ଦ୍ୱାରା*

୪. ଆପଣ ପଢ଼ନ୍ତୁ ୧ମ ଯୋହନ ୫:୧୨ । ପରିତ୍ରାଣ ପାଇବା ନିମନ୍ତେ ଆମେ କାହାକୁ ଗ୍ରହଣ କରିବା ଆବଶ୍ୟକ ?

*ପୁତ୍ର (ଯୀଶୁ ଖ୍ରୀଷ୍ଟ) ଙ୍କୁ ।*

୫. ଆପଣ ପଢ଼ନ୍ତୁ କଲସୀୟ ୧:୨୬-୨୭ । କେଉଁ ନିଗୂଢ଼ ତତ୍ତ୍ୱ ପୂର୍ବ ଯୁଗରୁ ଓ ପୂର୍ବ ପୁରୁଷ ମାନଙ୍କ ଠାରୁ ଗୁପ୍ତ ହୋଇ ରହିଥିଲା କିନ୍ତୁ ଏବେ ପ୍ରକାଶିତ ହୋଇଅଛି ?

*ଖ୍ରୀଷ୍ଟ ଆମ୍ଭମାନଙ୍କ ମଧ୍ୟରେ ସେ ଗୌରବର ଭରସା ସ୍ୱରୂପ ।*

୬. ଆପଣ ପଢ଼ନ୍ତୁ ଏଫିସୀୟ ୪:୨୩ -୨୪ । କେଉଁ ବିଷୟ ଧାର୍ମିକତା ଓ ସତ୍ୟର ପବିତ୍ରତା ରେ ସୃଷ୍ଟ ହୋଇଅଛି ?

*ଆମ୍ଭମାନଙ୍କର ମନର ନୂତନୀକୃତ (ଆମ୍ଭ ମାନଙ୍କର ନୂତନ ସ୍ୱଭାବ)*

୭. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୫:୨୧ । ଆମ୍ଭେମାନେ କାହାର ଧାର୍ମିକତାର ସ୍ୱରୂପ ?

*ଈଶ୍ୱରଙ୍କ ଧାର୍ମିକତା ଖ୍ରୀଷ୍ଟଙ୍କ ଠାରେ ।*

୮. ଆପଣ ପଢ଼ନ୍ତୁ ଏଫିସୀୟ ୧:୪ । ଜଣେ ବିଶ୍ୱାସୀର ପ୍ରଭୁଙ୍କ ସହ ନ୍ୟାୟରେ ଠିଆ ହେବା (ମନୋନୀତ ହେବା)

*ପବିତ୍ର ଓ ଅନିନ୍ଦନୀୟ ଭାବେ ।*

୯. ଆପଣ ପଢ଼ନ୍ତୁ ଏଫିସୀୟ ୧:୬ । ଆମ୍ଭେ କିପରି ଗ୍ରହଣୀୟ ହୋଇଅଛୁ ?

*ପ୍ରିୟତମ ପ୍ରଭୁଙ୍କ ଅନୁଗ୍ରହରେ (ଖ୍ରୀଷ୍ଟଯୀଶୁ)*

## ଅଧ୍ୟାୟ - ୧୧

# କ'ଣ ହୁଏ ଯେତେବେଳେ ଜଣେ ଖ୍ରୀଷ୍ଟିୟାନ୍ ବ୍ୟକ୍ତି ପାପ କରେ ?

### *ଲେଖକ – ଡନ୍ କ୍ରୋ*

ଆଜି ଆମ୍ଭେମାନେ ଦେଖିବା ସେହି ବିଷୟ ଉପରେ:-" ଯେ ଜଣେ ଖ୍ରୀଷ୍ଟଙ୍କୁ ଜାଣିଥିବା ବ୍ୟକ୍ତି (ବା) ଜଣେ ଖ୍ରୀଷ୍ଟିୟାନ୍ ଯଦି ପାପକରେ ତେବେ କ'ଣ ହୁଏ ? " ପବିତ୍ର ବାଇବେଲ ୧ମ ଯୋହନ ୧:୮-୯ କୁହେ, *"ଆମ୍ଭମାନଙ୍କର ପାପ ନାହିଁ, ଏହା ଯଦି ଆମ୍ଭେ କହୁ, ତାହା ହେଲେ ଆପଣା ଆପଣାକୁ ପ୍ରବଞ୍ଚନା କରୁ, ପୁଣି ଆମ୍ଭମାନଙ୍କ ଠାରେ ସତ୍ୟ ନାହିଁ । ଯଦି ଆମ୍ଭେମାନେ ଆପଣା ଆପଣା ପାପା ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।"* ପରିଣାମତଃ ଆମ୍ଭେ ଖ୍ରୀଷ୍ଟିୟାନ ହୋଇ ମଧ୍ୟ ଝୁଣ୍ଟିପଡୁ ଏବଂ ପରିଶେଷରେ ପାପ କରୁ । ଆମ୍ଭର ପରିବର୍ତ୍ତନ ପୂର୍ବରୁ ଆମ୍ଭେ ଯେପରି ଥିଲୁ ତାହା ଯଦି କିଛି ଆମକୁ ଅଲଗା କରୁଛି, ତେବେ ତାହା ହେଉଛି ଆମର ବର୍ତ୍ତମାନ ଆମ ପାଖେ ଥିବା ଏକ ନୂଆ ଚରିତ୍ର (ବା) ଗୁଣ । ତାହା ଆମ୍ଭ ପାପ ପାଇଁ ଆମ୍ଭ ମନରେ ଦୁଃଖ ଦିଏ । ଆମ୍ଭେ ପାପ କରିବାକୁ ଚାହୁଁନା; ଆମ୍ଭେ ଏକ ଧାର୍ମିକତା ପୂର୍ଣ୍ଣ ଜୀବନ ବିତାଇବାକୁ ଚାହୁଁ । କିନ୍ତୁ ଯଦି ଆମେ ପାପ କରୁ ତେବେ କ'ଣ ହୁଏ ? ତା'ପରେ କ'ଣ ଆମ୍ଭକୁ ପୁନର୍ବାର ପରିତ୍ରାଣ ପାଇବାର ଆବ୍ୟକତା ଅଛି କି ? ଆଉ ପବିତ୍ର ଧର୍ମଶାସ୍ତ୍ର ବାଇବେଲ କ'ଣ ତାହା ଶିକ୍ଷା ଦିଏ କି ? ସେ ବିଷୟରେ ଦେଖିବାକୁ ଗଲେ ଆମ୍ଭମାନଙ୍କର କୌଣସି ପ୍ରତିଭୂତି ନାହିଁ, ଆଉ କିଛି କ୍ଷେତ୍ରରେ ଆମ୍ଭେ ଜଗତଠାରୁ ମଧ୍ୟ ଆହୁରି କେତେ ଅଧିକ ମନ୍ଦତର ଅଟୁ । କିନ୍ତୁ ଜଗତ ସେହିପରି ବିବେକରେ ପାପବୋଦ୍ଧତା ଓ ନୈତିକତାରୁ ଯନ୍ତ୍ରଣାରେ ନାହିଁ । ଜଣେ ବିଶ୍ୱାସୀ ଭାବେ ପାପ ଆମ୍ଭର ସବୁ ବେଳେ ଚିନ୍ତା କରିବାର (ବା) ଭାବିବାର ବିଷୟ ନୁହେଁ । ଏବ୍ରି ୧୦:୨ ରେ ଲେଖାଯାଏ, ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ବଳିଦ୍ୱାରା ବିଶ୍ୱାସୀର କୌଣସି ପ୍ରକାରର ବିବେକରେ ପାପବୋଧତା ନ ଥାଏ । ଅଲଗା ଶବ୍ଦରେ କହିବାକୁ ଗଲେ, ପାପ ଆମ୍ଭମାନଙ୍କ ଚିନ୍ତାର କେନ୍ଦ୍ର ହେବା କଥା ନୁହେଁ । କେବଳ ପରମେଶ୍ୱର ଯେ ସୃଷ୍ଟିକର୍ତ୍ତା, ସେହିଁ ଆମ୍ଭର ମୂଳ କେନ୍ଦ୍ର ହେବା ଆବଶ୍ୟକ ।

ରୋମୀୟ ୪:୨ କୁହେ, *"କାରଣ ଅବ୍ରାହମ୍ ଯଦି କ୍ରିୟାକର୍ମ ଦ୍ୱାରା ଧାର୍ମିକ ଗଣିତ ହେଲେ, ତେବେ ତାହାଙ୍କ ଗର୍ବର କାରଣ ଅଛି କିନ୍ତୁ ଈଶ୍ୱରଙ୍କ ନିକଟରେ ନୁହେଁ ।"* ଯଦି ପରିତ୍ରାଣ ଆମ୍ଭମାନଙ୍କର ସଦ୍‌ଗୁଣ ଓ ଉତ୍ତମକର୍ମ ଉପରେ ପର୍ଯ୍ୟବେସିତ ହୋଇଥାନ୍ତା, ତେବେ ଆମ୍ଭେ ସତରେ କେତେ ଯେ ବୃଥା ଗର୍ବ

କରିଥାନ୍ତେ । ଆମ୍ଭେ କହିଥାନ୍ତେ , "ହେ ପ୍ରଭୁ ଆପଣ, ଆମ୍ଭମାନଙ୍କ ପାଇଁ କ୍ରୁଶରେ ଯାହା କଲେ, ସେଥିପାଇଁ ମୁଁ ସତ୍ୟରେ ପ୍ରଶଂସା କରେ କିନ୍ତୁ ମୁଁ ଯେଉଁ ଉତ୍ତମ କାର୍ଯ୍ୟମାନ କରିଛି ତାହା ଟିକିଏ ମନେ ପକାନ୍ତୁ !" ଆଉ ସେଇଥିପାଇଁ ଆମ୍ଭେ ଅନନ୍ତକାଳ ଯାଏ, ଯୀଶୁଙ୍କ ପିଠିରେ ଥାପୁଡ଼ାଇ ଏବଂ ଆମ୍ଭ ପିଠିରେ ଥାପୁଡ଼ାଇ, ଆମ୍ଭେ ଯାହା କରିଛୁ ତାହାକୁ ବାରମ୍ବାର କହିଥାନ୍ତୁ । କିନ୍ତୁ ନାହିଁ ! ପ୍ରଭୁ ପରମେଶ୍ୱର ପରିତ୍ରାଣକୁ ଏହିଭଳି ଭାବେ ରୂପାଙ୍କନ କରିଛନ୍ତି ଯେ ମନୁଷ୍ୟର ଭାଗରେ ବୃଥା ଗର୍ବ କି ଅହଙ୍କାର କରିବାର କୌଣସି ବିଷୟ ହିଁ ନାହିଁ । ସମସ୍ତ ଗର୍ବ ଏବଂ ପ୍ରଶଂସା କେବଳ ଖ୍ରୀଷ୍ଟ ଯୀଶୁଙ୍କର ଠାରେ (ରୋମୀୟ ୩:୨୭) । ବାସ୍ତବରେ ଅନନ୍ତ ଜୀବନର ଏହି ଉପହାର ଏକ ଅମୂଲ୍ୟ ଉପହାର ଏବଂ ତାହାକୁ କୌଣସି ମଧ୍ୟେ ଦେଇ କିଣାଯାଇ (ବା) ଉପାର୍ଜନ କରାଯାଇ ପାରେ ନାହିଁ । (ରୋମୀୟ ୬:୨୩) ।

ରୋମୀୟ ୪:୨ କୁହେ, କାରଣ ଅବ୍ରାହାମ୍ ଯଦି କ୍ରିୟାକର୍ମ ଦ୍ୱାରା ଧାର୍ମିକ ଗଣିତ ହେଲେ , ତେବେ ତାହାଙ୍କ ଗର୍ବର କାରଣ ଅଛି କିନ୍ତୁ ଈଶ୍ୱରଙ୍କ ନିକଟରେ ନୁହେଁ । ମନୁଷ୍ୟ କିପରି ପରିତ୍ରାଣ ପ୍ରାପ୍ତ ହୁଏ ବୋଲି ଧର୍ମଶାସ୍ତ୍ର କୁହେ ? କ'ଣ ନିଜ କ୍ରିୟା କର୍ମ ଦ୍ୱାରା କି ? ତା'ର ନିଜର କାର୍ଯ୍ୟକଳାପ ଯୋଗୁଁ କି ? ସେ ଯାହା କରେ ସେଇଥି ପାଇଁକି ? କେଉଁ ଭଳି ଭାବେ (ବା) କିପରି ଧାର୍ମିକ ଗଣିତ ହେଲେ ? କ'ଣ ସେ ଯାହା କଲେ (ବା) ନ କଲେ ସେଥି ଯୋଗୁଁ କି ? ନା କେବଳ ତାଙ୍କର ସେହି ସରଳ ବିଶ୍ୱାସ, ଭରସା ଏବଂ ଈଶ୍ୱରଙ୍କ ଠାରେ ନିର୍ଭର କରିବା ଯୋଗୁଁ ? ପବିତ୍ର ଧର୍ମଶାସ୍ତ୍ର ବାଇବଲ ରୋମୀୟ ୪:୩ ରେ କୁହେ, *"ଅବ୍ରାହାମ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ରୂପେ ଗଣିତ ହେଲା । "*

ମୁଁ ପାପ କଲେ ମଧ୍ୟ (ବା) ଅସଫଳ ହେଲେ ମଧ୍ୟ କେଉଁ ବିଷୟ ମୋତେ ଦୃଢ଼ କରି ଧରି ରଖେ ଏବଂ ବିନଷ୍ଟ ହେବାକ ଦିଏ ନାହିଁ ? କ'ଣ ଯୀଶୁ ମୋର ସମସ୍ତ ପାପର ଭାର କ୍ରୁଶରେ ନେଲେ ବୋଲି କି ଏବଂ ତାହାଙ୍କ ଉପରେ ବିଶ୍ୱାସ ରଖିବା ଯୋଗୁଁ (କିନ୍ତୁ ମୋର ନିଜର କାର୍ଯ୍ୟକଳାପ ଯୋଗୁଁ ନୁହେଁ), ମୁଁ ସେଇଥିପାଇଁ ନ୍ୟାୟ ସଙ୍ଗତ କି (ଧାର୍ମିକତା ଭାବେ ପ୍ରଭୁଙ୍କ ପାଖରେ ଗଣିତ ହୋଇ ନାହିଁ । )

ରୋମୀୟ ୪:୬ ରେ ଲେଖାଯାଏ, *"ଏହି ପ୍ରକାରେ ଯେଉଁ ଲୋକ ପକ୍ଷରେ ଈଶ୍ୱର କ୍ରିୟାକର୍ମ ବ୍ୟତିତ ଧାର୍ମିକତା ଗଣନା କରନ୍ତି, ଦାଉଦ ମଧ୍ୟ ତାହାଙ୍କୁ ଧନ୍ୟ ବୋଲି କୁହନ୍ତି ।"* ପୁରାତନ ନିୟମରେ ଦାଉଦ କୁହନ୍ତି, ନୂତନ ବ୍ୟବସ୍ଥାରୁ ଏକ ଦିନ ଏହିପରି ଆଗତ ହେବ, ଯେଉଁଥିରେ ଈଶ୍ୱର ମନୁଷ୍ୟର କୌଣସି କ୍ରିୟା କାର୍ଯ୍ୟ ବିନା ତାହାକୁ ଧାର୍ମିକତା ଓ ଈଶ୍ୱର ସହ ନ୍ୟାୟସଙ୍ଗତ ହୋଇ ଠିଆ ହେବାକୁ ଦେବେ । ଆଉ ତାହା ପରେ ସେ ୭ ପଦରେ କୁହନ୍ତି , *" ଯେଉଁ ମାନଙ୍କର ଅପରାଧ ସବୁ କ୍ଷମା ହୋଇ ଅଛି , ଆଉ ଯେଉଁ ମାନଙ୍କର ପାପ ସବୁ ଆଚ୍ଛାଦିତ ହୋଇଅଛି, ସେମାନେ ଧନ୍ୟ । "* ଆଉ ଏହା ନିଶ୍ଚିତ: *" ପ୍ରଭୁ ଯେଉଁ ଲୋକର ପାପ ଗଣନା କରିବେ ନାହିଁ ସେ ଧନ୍ୟ । "* ( ରୋମୀୟ ୪:୮ ) ଏହା କୁହେ ନାହିଁ ଯେ, ସେ ବୋଧେ ନ କରିପାରନ୍ତି (ବା) କିଛି ସମୟରେ ସେ କରିବେ (ଏବଂ) କିଛି ସମୟରେ କରିବେ ନାହିଁ । କିନ୍ତୁ ଏହା କୁହେ, " ପ୍ରଭୁ ଯେଉଁ ଲୋକର ପାପ ଗଣନା କରିବେ ନାହିଁ, ସେ ଧନ୍ୟ ।" ଗ୍ରୀକ୍‌ରେ ତାହାକୁ ଏକ ଦୃଢ ଭାବେ ନାସ୍ତିସୂଚକ (ବା) ନିଷେଧାର୍ଥକ କୁ ବୁଝାଏ । ତାହାର ମାନେ ହେଲା ସେ କେବେ ହେଁ ଆମ୍ଭମାନଙ୍କ ଭାଗରେ ପାପକୁ ରଖିବେ ନାହିଁ । ଏହା ହେଉଛି ଏକ ନୂତନ ବ୍ୟବସ୍ଥାର ସୁସମାଚାର । ଏବ୍ରି ୧୦:୧୬ କୁହେ, *"ସେହି ସମୟ ଉତ୍ତାରେ ଆମ୍ଭେ ସେମାନଙ୍କ ସହିତ ଯେଉଁ ନିୟମ ସ୍ଥାପନ କରିବା, ତାହ ଏହି, ଆମ୍ଭେ ସେମାନଙ୍କ ହୃଦୟରେ ଆପଣା ବ୍ୟବସ୍ଥା ଦେବା, ପୁଣି ସେମାନଙ୍କ ମନରେ ସେହିସବୁ ଲେଖିବା"*, ଏହା କହିଲା

ଉତ୍ତାରେ ସେ କୁହନ୍ତି, (୧୭) ପଦରେ – *"ସମୋନଙ୍କ ପାପ ଓ ଅପରାଧ ସବୁ ଆମ୍ଭେ ଆଉ ସ୍ମରଣ କରିବା ନାହିଁ। "*

ତାହା କେଉଁ ବିଷୟ ଯାହା ଆମ୍ଭଙ୍କୁ ଧାର୍ମିକତା ଭାବେ ଏବଂ ଈଶ୍ୱରଙ୍କ ପାଖେ ନ୍ୟାୟ ସଗଂତ ହୋଇ ଆମର ପାପ ସ୍ୱୀକାର ପାଇଁ ସମୟ ନଥିଲେ ମଧ ଆମ୍ଭଙ୍କୁ ଧରି ରଖେ ? ତାହା ହେଉଛି ଆପଣଙ୍କର ଆଉ ମୋର ବିଶ୍ୱାସ ସେହି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ, ଆଉ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରନ୍ତି । (ମାଥିଉ -୧:୨୧)

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଏବଂ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ରୋମୀୟ ୪:୫ । ପ୍ରଭୁ ପରମେଶ୍ୱର ସେହି ଲୋକମାନଙ୍କୁ ଧାର୍ମିକ ଗଣିତ କରନ୍ତି ଯେଉଁ ମାନେ .... ?

***ରୋମୀୟ ୪:୫ -୬*** *- କିନ୍ତୁ ଯେ କର୍ମ ଉପରେ ନିର୍ଭର କରେ ନାହିଁ ,ମାତ୍ର ଅଧାର୍ମିକକୁ ଧାର୍ମିକ ବୋଲି ଯେ ଗଣନା କରନ୍ତି, ତାହାଙ୍କଠାରେ ବିଶ୍ୱାସ କରେ, ତାହା ପକ୍ଷ୍ୟରେ ତାହାର ବିଶ୍ୱାସ ଧାର୍ମିକତା ବୋଲି ଗଣିତ ହୁଏ । (୬) ଏହି ପ୍ରକାରେ ଯେଉଁ ଲୋକ ପକ୍ଷରେ ଈଶ୍ୱର କ୍ରିୟାକର୍ମ ବ୍ୟତିତ ଧାର୍ମିକତା ଗଣନା କରନ୍ତି, ଦାଉଦ ମଧ ତାହାଙ୍କୁ ଧନ୍ୟ କୁହନ୍ତି ।*

୨. ଆପଣ ପଢ଼ନ୍ତୁ **ରୋମୀୟ ୪:୨-୩** । ଅବ୍ରାହାମ୍ (ଯେତେବେଳେ ବିଶ୍ୱାସ କଲେ ) ପରମେଶ୍ୱର ତାହାଙ୍କୁ କିଛି ବିଷୟ ଦେଲେ, ଯାହାକି ତା' ପୂର୍ବରୁ ତାହାଙ୍କ ପାଖେ ନଥିଲା । ଏହା କ'ଣ ଥିଲା ?

***ରୋମୀୟ ୪:୨-୩*** *– କାରଣ ଅବ୍ରାହମ ଯଦି କ୍ରିୟାକର୍ମ ଦ୍ୱାରା ଧାର୍ମିକ ଗଣିତ ହେଲେ, ତେବେ ତାହାଙ୍କ ଗର୍ବର କାରଣ ଅଛି; କିନ୍ତୁ ଈଶ୍ୱରଙ୍କ ନିକଟରେ ନୁହେଁ । (୩) କାରଣ ଶାସ୍ତ୍ର କଣ କୁହେ ? ଅବ୍ରାହାମ ଈଶ୍ୱରଙ୍କ ଠାରେ ବିଶ୍ୱାସ କଲେ, ଆଉ ତାହାଙ୍କ ପକ୍ଷରେ ତାହା ଧାର୍ମିକତା ବୋଲି ଗଣିତ ହେଲା ।*

୩. ଆପଣ ପଢ଼ନ୍ତୁ ରୋମୀୟ ୪:୨୨-୨୪ । ଆମ୍ଭେମାନେ ଯଦି ଆବ୍ରାହାମ୍ ବିଶ୍ୱାସ କଲା ଭଳି କରିବା ତେବେ ପରମେଶ୍ୱର ଆମ୍ଭଙ୍କୁ ମଧ କ'ଣ ଦେବେ ?

***ରୋମୀୟ ୪:୨୨-୨୪*** *- ଏଇଥିପାଇଁ ମଧ ଏହା ତାଙ୍କ ପକ୍ଷରେ ଧାର୍ମିକତା ବୋଲି ଗଣିତ ହେଲା; (୨୩) ତାଙ୍କ ପକ୍ଷରେ ଯେ ଗଣିତ ହେଲା, ଏହା କେବଳ ତାଙ୍କ ନିମନ୍ତେ ଲିଖିତ ହୋଇ ନାହିଁ । (୨୪) ମାତ୍ର ଆମ୍ଭମାନଙ୍କ ନିମନ୍ତେ ମଧ ଲେଖା ହୋଇଅଛି ; କାରଣ ଯେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କୁ ମୃତମାନଙ୍କ ମଧରେ ଉତ୍‌ଥାପନ କଲେ ତାହାଙ୍କ ଠାରେ ବିଶ୍ୱାସ କରୁଅଛୁ ଯେ ଆମ୍ଭେମାନେ, ଆମ୍ଭମାନଙ୍କ ପକ୍ଷରେ ମଧ ତାହା ଗଣିତ ହେବ ।*

୪. ଆପଣ ପଢ଼ନ୍ତୁ ରୋମୀୟ ୪:୬ । ପରମେଶ୍ୱର ଲୋକ ପକ୍ଷରେ ଧାର୍ମିକତା ଗଣନା କରନ୍ତି (ବା) (ଧନ୍ୟ) ମାନନ୍ତି :

କ. ସେମାନଙ୍କ କ୍ରିୟାକର୍ମ ଦ୍ୱାରା

ଖ. କ୍ରିୟାକର୍ମ ବ୍ୟତିତ

ଗ. ସେମାନେ କେତ ଭଲ ତାହା ଦେଖି

୫. ଆପଣ ପଢ଼ନ୍ତୁ ଏବ୍ରି ୧୦:୧୪ । କିପରି ଭାବେ ବିଶ୍ୱସୀ ପରମେଶ୍ୱରଙ୍କ ଆଗେ ପବିତ୍ରୀକୃତ ହୁଅନ୍ତି ?

***ଏବ୍ରି ୧୦:୧୪***- *କେବଳ ଏକ ବଳିର ଉତ୍ସର୍ଗ ଦ୍ୱାରା ସେ ପବିତ୍ରୀକୃତ ହୋଉଥିବା ଲୋକମାନଙ୍କୁ ଚିରକାଳ ପାଇଁ ସିଦ୍ଧ କରିଅଛନ୍ତି ।*

୬. ଆପଣ ପଢ଼ନ୍ତୁ ରୋମୀୟ ୫:୧୭ - ଧାର୍ମିକତା ପ୍ରାପ୍ତ ହୁଏ,

କ. ତାହାକୁ ଅର୍ଜନ କରି ।

ଖ. ଏକ ଉପହାର ଭାବେ ।

ଗ. ତାହା ପାଇଁ କାର୍ଯ୍ୟ କରି ।

***ରୋମୀୟ ୫:୧୭*** – *ଯେଣୁ ଯଦି ଜଣକ ଅପରାଧରେ ସେହି ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।*

୭. 'ଉପହାର' ଶବ୍ଦର ମାନେ କ'ଣ ?

୮. ଖ୍ରୀଷ୍ଟ ଯୀଶୁଙ୍କ ଉପରେ ନିଜର ବ୍ୟକ୍ତିଗତ ପରିତ୍ରାଣ କର୍ତ୍ତା ଭାବେ ବିଶ୍ୱାସ କରିବାକୁ ହେଲେ, ଆପଣ ତାହାଙ୍କୁ ପରିଶେଷରେ କେଉଁଠାକୁ ଯିବା ପାଇଁ ବିଶ୍ୱାସ ଓ ଭରସା ରଖିବେ ?

କ. ଗୀର୍ଜା /ଉପାସନା ଗୃହକୁ

ଖ. ସ୍ୱର୍ଗକୁ

ଗ. ରୁଷିଆକୁ

# ଉତ୍ତର

୧. ଆପଣ ପଢ଼ନ୍ତୁ ରୋମୀୟ ୪:୫ । ପରମେଶ୍ୱର..................ଲୋକଙ୍କୁ ଧାର୍ମିକତା କରାନ୍ତି ?

***ଅଧାର୍ମିକଙ୍କୁ***

୨. ଆପଣ ପଢ଼ନ୍ତୁ ରୋମୀୟ ୪:୨-୩- ପରମେଶ୍ୱର ଅବ୍ରାହମ୍ ତାହାଙ୍କ ଉପରେ ବିଶ୍ୱାସ କଲା ପରେ କିଛି ତାହାଙ୍କୁ ଦେଉଛନ୍ତି, ଯାହାକି ପୂର୍ବରୁ ତାହାଙ୍କ ପାଖେ ନଥିଲା ତାହା କ'ଣ ?

***ଧାର୍ମିକତା***

୩. ଆପଣ ପଢ଼ନ୍ତୁ ରୋମୀୟ ୪:୨୨-୨୪ । ଆମ୍ଭେ ଯଦି ଅବ୍ରାହମ୍ ଯାହା ବିଶ୍ୱାସ କଲେ ତାହା କରିବା ତେବେ ପରମେଶ୍ୱର ଆମ୍ଭଙ୍କୁ ମଧ କ'ଣ ଦେବେ ?

***ଧାର୍ମିକତା (ବା) ପରମେଶ୍ୱରଙ୍କ ସହ ନ୍ୟାୟ ସଙ୍ଗତ ହୋଇଠିଆ ହେବା ।***

୪. ଆପଣ ପଢ଼ନ୍ତୁ ରୋମୀୟ ୪:୬ । ପରମେଶ୍ୱର ଲୋକ ମାନଙ୍କ ପକ୍ଷରେ ଧାର୍ମିକତା ଦିଅନ୍ତି । କିଭଳି ?

***ସେମାନଙ୍କ କ୍ରିୟାକର୍ମକୁ ଛାଡ଼ି ଦେଇ ।***

୫. ଆପଣ ପଢ଼ନ୍ତୁ ଏବ୍ରି ୧୦:୧୪ । କେବେ ଯାଏଁ ପରମେଶ୍ୱରଙ୍କ ସମ୍ମୁଖରେ ବିଶ୍ୱାସୀ ମାନେ ଧନ୍ୟ ଗଣିତ ହୁଅନ୍ତି ?

***ସବୁଦିନ ପାଇଁ***

୬. ଆପଣ ପଢ଼ନ୍ତୁ ରୋମୀୟ ୫:୧୭ । ଧାର୍ମିକତା ପ୍ରାପ୍ତ ହୁଏ :

***ଖ- ଏକ ଉପହାର ଭାବେ ।***

୭. 'ଉପହାର' ଶବ୍ଦର ଅର୍ଥ କ'ଣ ଏଠାରେ ?

***ଯାହାକି ସ୍ୱାଧୀନ ଭାବେ ମିଳିଛି, ଯେଉଁ ଲୋକ ପ୍ରାପ୍ତ କରୁଛି ତାହାକୁ କିଛି ଦେବାକୁ ପଡ଼େ ନାହିଁ ।***

୮. ଯୀଶୁ ଖ୍ରୀଷ୍ଟଙ୍କୁ ନିଜ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବେ ବିଶ୍ୱାସ କରିବାର ଅର୍ଥ, ଆପଣ ତାହାଙ୍କୁ କେଉଁଠାରୁ ଯିବା ପାଇଁ ବିଶ୍ୱାସ କରିବାର ଆବଶ୍ୟକ ?

***ଖ- ସ୍ୱର୍ଗକୁ ।***

## ଅଧ୍ୟାୟ - ୧୨

# ପ୍ରଭୁଙ୍କ ବାକ୍ୟର ଅଖଣ୍ଡତା

### *ଲେଖକ - ଅନ୍ଦ୍ରିଉ ୱମାକ୍*

ମାର୍କ ଲିଖିତ ସୁସମାଚାର ପ୍ରଭୁଙ୍କ ବାକ୍ୟରେ ଅଖଣ୍ଡତା ବିଷୟରେ ଏକ ପ୍ରକାଣ୍ଡ ଅଧ୍ୟାୟ ଅଟେ । ସେହି ଅଧ୍ୟାୟରେ ଶକ୍ତି, ଚରିତ୍ର ଏବଂ ବିଶ୍ୱାସ ବିଷୟ ରହିଛି । ଏହି ଗୋଟିଏ ଦିନରେ ପ୍ରାୟ ଦଶ(୧୦)ଗୋଟି ନୀତୀବାଣୀର ଦୃଷ୍ଟାନ୍ତ ମାଧମରେ ଶିକ୍ଷା ଦିଆଯାଇଥିଲା । ଆଉ ସେହି ବିଷୟରେ ଗଭୀର ଭାବେ ଜାଣିବାକୁ ହେଲେ ଆପଣଙ୍କୁ ମାର୍କ -୪ ,ସହ ମାଥିଉ-୧୩ ଏବଂ ଲୁକ-୮ ସହ ତୁଳନା କରବାକୁ ପଡ଼ିବ । ଏହିପରି ଅନେକ ନୀତିବାଣୀ (ବା) ଦୃଷ୍ଟାନ୍ତ ମାନ ଥିଲା, ସେହି ମଧ୍ୟରୁ ଗୋଟିଏ ହେଲା ବୁଣାଳୀ ବିହନ ବୁଣୀବା । (ମାର୍କ ୪:୨୬) କୁହେ, *"ଇଶ୍ୱରଙ୍କ ରାଜ୍ୟ ଏହି ପ୍ରକାର ଯେପରି ଜଣେ ଲୋକ ଭୂମିରେ ବିହନ ବୁଣେ ।"* ମନେ ରଖନ୍ତୁ ଏହି ୧୪ ପଦରେ ଯେଉଁ ବୁଣାଳୀ ବୁଣିବା କଥା କୁହାଯାଇଛି , ତାହା ହେଲା ଈଶ୍ୱରଙ୍କ ବାକ୍ୟ । ଏଠାରେ ପ୍ରଭୁ ଆପଣଙ୍କୁ କିଭଳି ଜଣେ ଆପଣ ଚଷୀ ହେବେ ସେ ବିଷୟ ଶିକ୍ଷା ଦେଉନାହାନ୍ତି , କିନ୍ତୁ ଗୋଟିଏ ପ୍ରକୃତି ବିଷୟ ମଧ୍ୟ ଦେଇ ଆଧାତ୍ମିକ ସତ୍ୟତାକୁ ବୁଝେଇବାକୁ ଚାହିଁଛନ୍ତି । ପୁଣି ପଦ ୨୭ କୁହେ, *"ପୁଣି ରାତ୍ରିରେ ନିଦ୍ରା ଯାଏ ଓ ଦିବସରେ ଜାଗ୍ରତ ହୁଏ , ଆଉ ବିହନ କିପରି ଅଙ୍କୁରିତ ହୋଇ ବୃଦ୍ଧିପାଏ; ତାହା ସେ ଜାଣେନାହିଁ ।"* ବର୍ତ୍ତମାନ , ମୁଁ ବିଶ୍ୱାସ କରେ ତାହା ଅତ୍ୟନ୍ତ ଆବଶ୍ୟକ ଓ ପ୍ରାମୁଖ୍ୟ ବିଷୟ । ଏହା କୁହେ, ମନୁଷ୍ୟ ପ୍ରକୃତରେ ବୁଝିପାରେ ନାହିଁ। ସେ ବୁଝି ପାରେ ନାହିଁ ଏହା କିପରି ହୁଏ ?

କିନ୍ତୁ ଲୋକ କୁହନ୍ତି, "ମୁଁ ବୁଝିପାରୁ ନାହିଁ ଆପଣ କେଉଁ ବିଷୟରେ କଥା ହେଉଛନ୍ତି । କିପରି ପ୍ରଭୁଙ୍କ ବାକ୍ୟ ପଢ଼ିବା ଦ୍ୱାରା ମୋର ପରିବର୍ତ୍ତନ ହୋଇପାରେ ଏବଂ ତାହା ମୋ ମଧ୍ୟରେ ପ୍ରଭୁଙ୍କର ଜୀବନ ମୋ ମଧ୍ୟରେ ଜୀବନ୍ତ ହୋଇପାରେ ? ମୁଁ ସତରେ ଆଦୌ ବୁଝିପାରେ ନାହିଁ କିନ୍ତୁ ମୁଁ ଜାଣେ ସତରେ ଏହିପରି ହୋଇପାରେ । ମୁ ବୁଝିପାରେ ନାହିଁ ଆପଣ କିଭଳି ଗୋଟିଏ ଛୋଟ ଦାନା ସଦୃଶ ମଞ୍ଜି (ବା) ବିହନ ଭୂମିରେ ପକାନ୍ତି ଏବଂ ସେହି ଛୋଟ ମଞ୍ଜିରୁ କିଭଳି ସଂପୁର୍ଣ୍ଣ ମକା ରୂପ ଶସ୍ୟ ଆସେ ଏବଂ ପୁଣି ତାହା ଶହେ ଗୁଣ ଉତ୍ପନ କରେ । କେହି ମଧ୍ୟ ଏହି ବିଷୟକୁ ସଂପୁର୍ଣ୍ଣ ବୁଝି ପାରନ୍ତି ନାହିଁ କିନ୍ତୁ ବାସ୍ତବରେ ଏହି ପରି ହୁଏ , ଏବଂ ମୁଁ ପୁଣି କହୁଛି ଏହପରି ହିଁ ହୁଏ । ପ୍ରଭୁଙ୍କ ବାକ୍ୟ ପଢ଼ିବା ଏବଂ ସେହି ବାକ୍ୟକୁ ଆପଣଙ୍କ ମଧ୍ୟରେ କାର୍ଯ୍ୟ କରିବାକୁ ଦେବା ଦ୍ୱାରା ତାହା ଆପଣଙ୍କ ମନୋଭାବ/ମନୋବୃତ୍ତି, ଆପଣଙ୍କ ଅନୁଭୁତି -ଅଭିଜ୍ଞତା ଏବଂ ଆପଣଙ୍କ ଗୋଟିଏ ବିଷୟକୁ ଦେଖିବାର ଦୃଷ୍ଟିକୋଣକୁ ପରିବର୍ତ୍ତନ କରାଏ ।

ପଦ ୨୮ କୁହେ, *"ଭୂମି ଆପେ ଫଳ ଉତ୍ପନ୍ନ କରେ । "ଭୂମି ମଞ୍ଜି (ବା) ବିହନରେ ବୃଦ୍ଧି କରାଇବା ନିମନ୍ତେ ଏବଂ ତାହାକୁ ଅଙ୍କୁରିତ କରି ଜୀବନ ଦେବା ନିମନ୍ତେ ଅଟେ ।"* ସେହିପରି ଆପଣଙ୍କ ହୃଦୟ ମଧ କେବଳ ପ୍ରଭୁଙ୍କ ବାକ୍ୟ ନିମନ୍ତେ ତିଆରି ହୋଇଅଛି –ଏବଂ ତାହା ସତ୍ୟ । ପ୍ରଭୁଙ୍କ ବାକ୍ୟ କେବଳ ଏଇଥିପାଇଁ ସୃଷ୍ଟ ଯେ ତାହା ଯେପରି ଆପଣଙ୍କ ହୃଦୟରେ ରଖାଯାଇ ପାରେ ,କେବଳ ପବିତ୍ର ବାଇବେଲଟିକୁ ହାତରେ ଧରିବା, ନିଜର ଓ କଫି ଟେବୁଲ ପାଖରେ ରଖିବା (ବା) ଯେଉଁଆଡ଼େ ଗଲେ ବି ତାହାକୁ ସାଙ୍ଗରେ ଧରିଯିବା, ତାହାର କିଛି ମୂଲ୍ୟ ନାହିଁ । ତାହା ସବୁ ଆପଣଙ୍କ ଜୀବନର ଜୀବନ ପ୍ରବାହିତ କରେଇ ପାରେ ନାହିଁ । ଆପଣଙ୍କୁ ପ୍ରଭୁଙ୍କ ବାକ୍ୟ ନିଜ ହୃଦୟରେ ନେବାକୁ ପଡ଼ିବ, ତାହାକୁ ଏକ ବୀଜ ଭାବେ ବୁଣିବାକୁ ପଡ଼ିବ ଏବଂ ନିଜ ହୃଦୟରେ ତାହାକୁ ଲଗାଇ ବାକୁ ପଡ଼ିବ । ଆପଣ ଯେତେବେଳେ ତାହା କରିବେ, ଆପଣଙ୍କ ହୃଦୟ ଯେଉଁପରି ଭାବେ ରୂପାଙ୍କିତ ହୋଇଛି , ସେ ତାହାର ଫଳ ଦେବା ଆରମ୍ଭ କରିବ । ଯେଉଁପରି ଭାବେ ସମସ୍ତ ବିଷୟ ଆକଣଙ୍କ ଜୀବନରେ କାର୍ଯ୍ୟ କରେ , ତାହା ପରିବର୍ତ୍ତନ ହେବ; ସେ ସେହି ରାସ୍ତା ପରିବର୍ତ୍ତନ କରିବ । ଆଉ ସେହି ପଦ ଚାଲୁ ରୁହେ ଓ ଏହିପରିକୁହେ, *"ପ୍ରଥମରେ ପତ୍ର , ତାପରେ ଶିଂଷା, ତାହା ଶିଂଷାର ପୂର୍ଣ୍ଣ ଶସ୍ୟ"* । ଏହି ବିଷୟ ଏହା ଦର୍ଶାଏ ଯେ, ବୃଦ୍ଧି ହେବା ଏବଂ ପୂର୍ଷ୍ଣ ବିକଶାତ ହେବାର କିଛି ପାହାଚ ଓ ସୋପାନ ମାନ ରହିଛି । ଅନେକ ସମୟରେ ଲୋକମାନେ ମୋ ପାଖକୁ ଆସନ୍ତି ଏବଂ କୁହନ୍ତି, ସେମାନେ ପ୍ରଭୁଙ୍କ ଉପରେ ବିଶ୍ୱାସ କରନ୍ତି, ଯାହାକି ପ୍ରକୃତରେ ବହୁତ ଭଲ , ତାହା ଗୋଟିଏ ଧାର୍ମିକ ବିଷୟ , ଯେଉଁଥିରେ ମୁଁ ରାଜି ଅଟେ । କିନ୍ତୁ ଯଦି ସେମାନେ କେବେ ହେଁ କିଛି କରିନାହାଁନ୍ତି, ତେବେ କୌଣସି ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ବିଷୟ ଅବଗତ କିଆବା ନିକଟବର୍ତ୍ତି କରାଇ ନାହାନ୍ତି, ତେବେ ମୁଁ ଆପଣଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇ କହିପାରେ ଯେ , ସେମାନେ ଏହି ଆଗାମୀ କିଛି ସପ୍ତାହରେ ରେଡିଓ (କିଅବା) ଟେଲିଭିଜନ ସେବାକାର୍ଯ୍ୟ ମଧ କରିବା ସମ୍ଭବ ନୁହେଁ ।

ଆପଣଙ୍କୁ ଆପଣଙ୍କର ସମସ୍ତ ବିଷୟ କିଛି ସୋପାନ (ବା) ସ୍ତର ଦେଇ କରିବାକୁ ପଡ଼ିବ । କିଛି ସ୍ତର ରହିଛି, ଯେଉଁଠି ଆପଣ ପ୍ରଭୁଙ୍କ ଠାରୁ ପ୍ରାପ୍ତ କରିପାରିବେ ଏବଂ ସେହି ବିଷୟ ହିଁ ଉପରୋକ୍ତ ନୀତିବାଣୀ ଆମ୍ଭଙ୍କୁ କୁହେ । ପ୍ରଥମତଃ , ଆପଣଙ୍କୁ ପ୍ରାରମ୍ଭ କରିବାକୁ ପଡ଼ିବ , ତା ପରେ ଆସେ ଅଶା , ତାପରେ ଆସେ ବିଶ୍ୱାସ ଏବଂ ତା ପରେ ପରିଶେଷରେ ଆସେ ଫଳାଫଳ (ବା ) ପରିଣାମ । ବିଜୟ ପ୍ରାପ୍ତ ପାଇଁ ସବୁବେଳେ ତାର କିଛି ସ୍ତର ମାନ ଥାଏ । କେହି ମଧ ଏକା ଥରକରେ ଘଟଂାକୁ ଶୂନରୁ ଏକ ହଜାର ମାଇଲ ପର୍ଯ୍ୟନ୍ତ ଯାଇପାରେ ନାହିଁ । ଯଦିଓ ଏହା ପ୍ରଭୁଙ୍କର (ବା) ଧାର୍ମିକ ଇଚ୍ଛା, ତାହା ସେହିପରି ଭାବେ କାର୍ଯ୍ୟକାରୀ ହୋଇପାରେ ନାହିଁ । ଏହି ଉପରୋକ୍ତ ଶାସ୍ତାଶଂ ଏହାହିଁ କୁହେ, ଯେ ପ୍ରଭୂଙ୍କ ରାଜ୍ୟ ହେଉଛି ଏକ ବିହନ ବା ମଞ୍ଜି ସଦୃଶ୍ୟ । ପ୍ରଭୁଙ୍କ ବାକ୍ୟ ଆପଣଙ୍କ ହୃଦୟରେ ବପନ କରିବା ଆବାଶ୍ୟକ ଏବଂ ତାହାର ବୃଦ୍ଧି ସୋପାନ ମଧ ଆସେ । ପ୍ରଥମରେ ପତ୍ର, ତାପରେ ଶିଂଶା ଓ ତାପରେ ଶିଂଶାରେ ପୂର୍ଣ୍ଣ ଶସ୍ୟ । ତା ପରେ ତା'ର ପରବର୍ତ୍ତୀ ପଦ କୁହେ , "କିନ୍ତୁ ଶସ୍ୟ ପାଚିଲାକ୍ଷଣି ଫସଲ ସମୟ ଉପସ୍ଥିତ ହେବାରୁ ସେ ଦାଆ ଲଗାଏ ।" କିଛି ସ୍ତର ମାନ ଥାଏ , କିନ୍ତୁ ଧିରେ ଧିରେ ତାର ବିଶ୍ୱାସର ଏବଂ ପୂର୍ଣ୍ଣ ବିକାଶର ସମୟ ଆସେ ।

ତା' ପରେ (୩୫) ପଦରେ ଏକ ପ୍ରସଙ୍ଗ ଉଦ୍ଧୃତ ହେଲା, *" ସେହିଦିନ ସନ୍ଧ୍ୟା ହୁଅନ୍ତେ ସେ କହିଲେ ଆସ ଆର ପାରିକି ଯିବା ।"* ଆଉ ଯୀଶୁ ସେହି ଦିନ ସଂପୂର୍ଣ୍ଣ ଦିନ ମାନ ବାକ୍ୟର ଶକ୍ତି ବିଷୟରେ ଶିକ୍ଷା ଦେଇଥିଲେ, ଯେ କିପରି ବାକ୍ୟ ଏକ ମଞ୍ଜି (ବା) ବିହନ ସଦୃଶ ଅଟେ ଏବଂ ତାହା କିପରି ପ୍ରଭୁଙ୍କର ଜୀବନ ଆପଣଙ୍କ ଜୀବନ ମଧକୁ ଉନ୍ମୋଚନ କରେ । ଆଉ ଏହି ସମାନ ବିଷୟକୁ ସେ ଅତି କମ୍‌ରେ ୧୦ (ଦଶ)

ଗୋଟି ନୀତୀବାଣୀ ରେ ଦୃଷ୍ଟାନ୍ତ ଦେଇ ଶିକ୍ଷା ଦେଇଥିଲେ , ଆଉ ତେଣୁ ସେ ତା' ପରେ ଏକ ପରୀକ୍ଷା ଦେଲେ । ସେ ସେମାନଙ୍କୁ କହିଲେ, "ଠିକ୍ ଅଛ, ପରମେଶ୍ୱରଙ୍କ ବାକ୍ୟ ତୁମ୍ଭମାନଙ୍କ ପାଇଁ ଏହି କି –ଯେ ଆମ୍ଭେ ଆର ପାରିକି ଯିବା ।" ସେ କହିଲେ ନାହିଁ ଯେ ଚାଲ ନୌକା ମଧକୁ ଯିବା ଓ ସମୁଦ୍ରର ମଝିକୁ ଯିବା ଏବଂ ବୁଡ଼ିବା ।" ତା' ପରେ ସେ ନୌକାରେ ଗଲେ ଏବଂ ଶୋଇ ପଡ଼ିଲେ । ତା' ପରେ କାହାଣୀ ଆଗକୁ ବଢ଼େ, ଏବଂ କୁହେ ଏବଂ ପ୍ରବଳ ତୋଫାନ ହେଲା ଏବଂ ତରଙ୍ଗର ଆଘାତରେ ନୌକା ଜଳରେ ପୂର୍ଣ୍ଣ ହେବାକୁ ଲାଗିଲା । ଆପଣ ଏଠାରେ ମନେ ରଖିବାକୁ ପଡ଼ିବ ଯେ ଏହାକୌଣସି ବିରାଟ ଜାହାଜ ନଥିଲା, ଯେଉଁଠି ଉଚ୍ଚ ପ୍ରକୋଷ୍ଠ ବିଶିଷ୍ଟ କୌଣସି ଶୟନ ସ୍ଥାନ ଥିଲା, ତାହା ଏକ ଖୋଲା ନୌକା ଥିଲା ଏବଂ ଯୀଶୁ ଶୋଇ ପଡ଼ିଥିଲେ, ଚାରିପଟେ ପାଣିରେ ଘେରି ହୋଇ ଘୋର ନିଦରେ ଶୋଇଥିଲେ । ଏହାର କାରଣ ହେଲା, ସେ ଜାଣିଥିଲେ ତାହାଙ୍କ ଚାରିପାଖେ ଯାହା ହେଉଥିଲା , କିନ୍ତୁ ହେଲେ ବି ସେ ଶୋଇଥିଲେ । ଏହା ଦେଖି ଶିଷ୍ୟମାନେ ବିରକ୍ତି ଓ ଦୁଃଖ ପ୍ରକାଶ କଲେ , ତାହାଙ୍କ ପାଖକୁ ଆସିଲେ ଏବଂ କହିଲେ, "ହେ ଗୁରୁ , ଆମେ ମଲୁ, ଆପଣଙ୍କର କଣ କିଛି ଚିନ୍ତା ନାହିଁ ?" ଅନ୍ୟ ଶବ୍ଦରେ କହିବାକୁ ଗଲେ ସେମାନେ କହିବାକୁ ଚାହୁଁଥିଲେ , କିଛି କରନ୍ତୁ ! ଆପଣ ଆମକୁ ଏହି ବିପଦରୁ ମୁକ୍ତ କରନ୍ତୁ ! ଆପଣ କାହିଁକି କିଛି କରୁନାହାଁନ୍ତି !

ଅନେକ ସମୟରେ ଲେକମାନେ ଆଜି ମଧ ପରମେଶ୍ୱରଙ୍କ ସହ ଠିକ ସେହିପରି ହିଁ କରନ୍ତି ଏବଂ କହନ୍ତି, "ପ୍ରଭୁ, ତୁମେ କାହିଁକି କିଛି କଲ ନାହିଁ ?" ପରମେଶ୍ୱର ସମସ୍ତ କିଛି କରିଅଛନ୍ତି । ସେ ଆମ୍ଭମାନଙ୍କର ଯାହା ଆବଶ୍ୟକତା ଅଛି , ତାହା ସମସ୍ତ କିଛି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ମାଧମରେ ଯୋଗାଇ ଅଛନ୍ତି । ସେ ତାହାଙ୍କର କାବ୍ୟ ଉତ୍ପନ କଲେ ଏବଂ ସେହି ବୀଜ ଆମ୍ଭମାନଙ୍କୁ ଦେଲେ । ଆଉ ଏହା ଆମର କର୍ତ୍ତବ୍ୟ ଯେ, ଆମ୍ଭେ ତାହାକୁ ଆମ ହୃଦୟର ବୁଣିବା ! ସେ ଆମ୍ଭମାନଙ୍କୁ ପବିତ୍ର ଧର୍ମଶାସ୍ତ୍ର ଦେଇଅଛନ୍ତି ଏବଂ ଏହା ଆମ୍ଭର କର୍ତ୍ତବ୍ୟ ଯେ ସେହି ବୀଜକୁ ଆମେ କାଢ଼ିବା, ଆମ ହୃଦୟରେ ବପନ କରିବା ଏବଂ ତାହା ଆମ୍ଭ ମଧରେ ଜୀବନ୍ତ ନହେବା ଯାଏଁ ତାହାକୁ ଧାନ କରିବା । କିନ୍ତୁ ଶିଷ୍ୟମାନେ ଯୀଶୁଙ୍କୁ ଉଠାଇବାକୁ ଚହିଁଲେ ଏବଂ କହିଲେ, "ଆପଣ କାହିଁକି କିଛି କରୁନାହାଁନ୍ତି ?" ସେ ସେଥିରେ ଉଠିଲେ, ପବନକୁ ଧମକ ଦେଇ ସମୁଦ୍ର କୁ ଶାନ୍ତ କରେଇଲେ ଏବଂ ସେଥିରେ ତାହା ଶାନ୍ତ ହେଲା । ତା ପରେ ସେ ଶିଷ୍ୟ ମାନଙ୍କ ଆଡ଼କୁ ବୁଲି ପଡ଼ି କହିଲେ, " ତୁମ୍ଭେମାନେ କାହିଁକି ଏଡ଼େ ଭୀରୁ ? ତୁମ୍ଭମାନଙ୍କର ବିଶ୍ୱାସ ନାହିଁକି ?" ସେ ସେମାନଙ୍କୁ ମୋର ପ୍ରିୟ ମାନେ କ୍ଷମାକର ବୋଲି କହିଲେ ନାହିଁ । (କି) ହଁ ମୁ କିଛି କରିବା କଥା ବୋଲି କହିଲେ ନାହିଁ ।"ମାତ୍ର ତାଙ୍କର କାମ ଥିଲା ସେହି ଶିଷ୍ୟମାନଙ୍କୁ ବାକ୍ୟ ବିଷୟରେ ଶିକ୍ଷା ଦେବା ଏବଂ ସେମାନଙ୍କୁ ପ୍ରତିଜ୍ଞା ମାନ ଦେବା ଏବଂ ଶିଶ୍ୟ ମାନଙ୍କ କ୍ଷେତ୍ରରେ ସେହି ବାକ୍ୟକୁ ଗ୍ରହଣ କରିବା ଓ ସେ ଦେଉଥିବା ପ୍ରତିଜ୍ଞା ମାନ ଉପରେ ବିଶ୍ୱାସ କରିବା ,ସେମାନଙ୍କର କର୍ତ୍ତବ୍ୟ ଥିଲା । ପରମେଶ୍ୱର ସମସ୍ତ କିଛି ବିଷୟ ଖ୍ରୀଷ୍ଟ ଯୀଶୁଙ୍କ ମଧଦେଇ ପ୍ରଦାନ କରିଅଛନ୍ତି । ସେ ସମସ୍ତ କିଛି ଦେଇଛନ୍ତି , ଆପଣଙ୍କ ଜୀବନର ସମସ୍ତ କ୍ଷେତ୍ରରେ ସଫଳ ହେବା ପାଇଁ । ସେହି ବିହନ/ମଞ୍ଜି ଭାବେ ବାକ୍ୟର ସାଦୃଶ୍ୟରେ । ଆପଣଙ୍କୁ କେବଳ ଏତିକି କରିବାକୁ ପଡ଼ିବ ଯେ, ଆପଣଙ୍କୁ ସେହି ବାକ୍ୟ ରୂପ ବୀଜ/ବିହନ/ମଞ୍ଜିକୁ ଗ୍ରହଣ କରିବାକୁ ପଡ଼ିବ । ଏବଂ ତାହାକୁ ଆପଣା ହୃଦୟରେ ରୋପଣ କରବାକୁ ପଡ଼ିବ । ତାହାକୁ ଧାନ କରି , ଅଧ୍ୟୟନକରି, ତାହା ଉପରେ ଚିନ୍ତା କରି ଏବଂ ଆପଣଙ୍କ ମଧରେ ତାହାର ଚେର ମାଡ଼ି ଯିବାକୁ ତାହାକୁ ଦେବାକୁ ପଡ଼ିବ । ଯେତେବେଳେ ଆପଣ ସେହିପରି କରନ୍ତି , ଆପଣଙ୍କ ଜୀବନରେ ଯେତେ ଝଡ଼ ତୋଫାନ ଆସିଲେ ମଧ ଆପଣ ଠିଆ ହେବେ ଓ ବନ୍ଦ କରିବାକୁ ତାହାର ସମ୍ମୁଖୀନ କରିପାରିବେ ।

ମୁଁ ବିଶ୍ୱାସ କରେ ପ୍ରଭୁଙ୍କ ଉତ୍ତମ ବିଷୟ ଥିଲା ଏହି ଶିକ୍ଷା ଉପରେ ଯେ, ଯୀଶୁ ସେହିଦିନ ସେମାନଙ୍କୁ ଶିକ୍ଷା ଦେଇ କହିଲେ, "ଆମେ ଆର ପାରିକି ଯିବା ।" ସେମାନେ କହି ପାରିଥାନ୍ତେ, "ତାହାଙ୍କ ଶିକ୍ଷାନୁସାରେ ଯାହାକି ସେ ଆମକୁ ଆଜି ଶିକ୍ଷା ଦେଲେ , ତାହା ଏକ ପ୍ରତିଜ୍ଞା । ଏହି କଥା ଜଗତରେ ସୃଷ୍ଟିକର୍ତ୍ତାଙ୍କର ଥିଲା ଯିଏ କହିଲେ, ଚାଲ ଆର ପାରିକି ଯିବା, ସେ କହିଲେ ନାହିଁ ଯେ ଅଧା ରାସ୍ତା ଯିବା ଓ ବୁଡ଼ିବା । ସେମାନେ ସେହି ଶବ୍ଦ ମଧ୍ୟ ଗ୍ରହଣ (ବା) ନେଇ ପାରଥାନ୍ତେ , ବିଶ୍ୱାସ ସହ ମିଶି ଏବଂ ଝଡ଼ ଓ ତୋଫାନ ଶାନ୍ତ କରାଇଲେ କହିଥାନ୍ତେ । ତାହା ହିଁ ଯୀଶୁ କହିଲେ, " ହେ ଅଳ୍ପ ବିଶ୍ୱାସୀ ମାନେ , ତୁମ୍ଭେ କାହିଁକି ସନ୍ଦେହ କରୁଅଛ ?" ଆପଣ ଗୋଟିଏ ବିଷୟ ଜାଣନ୍ତି କି ? ଆମ୍ଭମାନଙ୍କର ପ୍ରଭୁଙ୍କ ବାକ୍ୟ ଉପରେ ବିଶ୍ୱାସ କରିବା ଓ ତା' ଉପରେ କାର୍ଯ୍ୟକାରୀ କରିବା ନିମନ୍ତେ ଚେଷ୍ଟା କରିବାର ଆବଶ୍ୟକତା ଅଛି ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଏବଂ ପ୍ରଶ୍ନମାନ ନିମନ୍ତେ ବ୍ୟବହୃତ ଧର୍ମଶାସ୍ତ୍ରରୁ ଅଂଶ

୧. ଆପଣ ପଢ଼ନ୍ତୁ ମାଥିଉ ୧୩:୧୯ । ଯଦି ଆମ୍ଭେ ଈଶ୍ୱରଙ୍କ ବାକ୍ୟ ହୃଦୟରେ ରୋପଣ/ଗ୍ରହଣ ନ କରୁ ତେବେ କ'ଣ ହେବ ?

***ମାଥିଉ ୧୩:୧୯***-*ଯେ କେହି ରାଜ୍ୟର ବାକ୍ୟ ଶୁଣି ନ ବୁଝେ, ପାପାତ୍ମା ଆସି ତାହାର ହୃଦୟରେ ଯାହା ବୁଣା ଯାଇଥିଲା , ତାହା ହରଣ କରିନିଏ । ସେ ଜଣକ ବୁଣା ଯାଇଥିବା ବାଟ ପାଖ ଭୂମି ସଦୃଶ ।*

୨. ଆପଣ ପଢ଼ନ୍ତୁ ଯିହୋଶୂୟ ୧:୮ । ଆମ୍ଭେ କେତେବେଳେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବା ଉଚିତ ?

***ଯିହୋଶୂୟ ୧:୮***- *ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖାନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର; ତାହା କଲେ, ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ ।*

୩. ଆପଣା ପଢ଼ନ୍ତୁ ଯୋହନ ୬:୬୩ । ଏହି ଶାସ୍ତ୍ରାଂଶ ପଦ ଅନୁସାରେ ପ୍ରଭୁଙ୍କ ବାକ୍ୟ ----- ?

***ଯୋହନ ୬:୬୩*** -*ଆତ୍ମା ଜୀବନ ଦାୟକ, ମାଂସ କୌଣସି ଉପକାର କରେ ନାହିଁ ,ମୁଁ ତୁମ୍ଭମାନଙ୍କୁ ଯେ ସମସ୍ତ ବାକ୍ୟ କହିଅଛି, ସେହି ସବୁ ଆତ୍ମା ଓ ଜୀବନ ଅଟେ ।*

୪. ଆପଣ ପଢ଼ନ୍ତୁ ମାଥିଉ୪:୪ । ମନୁଷ୍ୟ କେବଳ ରୋଟୀରେ ବଞ୍ଚେ ନାହିଁ , କିନ୍ତୁ .......... ରେ ବଞ୍ଚେ ?

***ମାଥିଉ ୪:୪***- *କିନ୍ତୁ ସେ ଉତ୍ତର ଦେଲେ , ଲେଖାଅଛି , ମନୁଷ୍ୟ କେବଳ ରୋଟିରରେ ବଞ୍ଚିବ ନାହିଁ ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।*

୫. ଆପଣ ପଢ଼ନ୍ତୁ ଏଫିସୀୟ ୬:୧୭ । ପ୍ରଭୁଙ୍କର ବାକ୍ୟ କେଉଁ ଅସ୍ତ୍ର ସମାନ ?

***ଏଫିସୀୟ ୬:୧୭*** *- ପୁଣି, ପରିତ୍ରାଣ ସ୍ୱରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍‌ଗ ଅର୍ଥାତ ଈଶ୍ୱରଙ୍କ ବାକ୍ୟ ଧାରଣ କର ।*

୬. କ'ଣ ଗୋଟିଏ ଖଣ୍ଡା ଶତ୍ରୁର କ୍ଷତି କରିପାରେ କି ?

୭. ଆପଣ ପଢ଼ନ୍ତୁ ରେମୀୟ ୮:୬ । ଯେତେବେଳେ ଆମେ ଇଶ୍ୱରଙ୍କ ବାକ୍ୟକୁ ଅମ୍ଭ ଜୀବନରେ ସଠିକ ସ୍ଥାନ ଦେଉ, ଆମେ ....... ପାଉ ?

***ରୋମୀୟ ୮:୬*** *- କାରଣ ଶାରିରୀକ ଭାବ ମୃତ୍ୟୁ ଜନକ, କିନ୍ତୁ ଆତ୍ମିକ ଭାବ ଜୀବନ ଓ ଶାନ୍ତି ଦାୟକ ।*

୮. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୩:୧୮ ଆମ୍ଭେ ଯେଉଁ ବିଷୟ ଉପରେ ମନଯୋଗକରୁ ,ସେହି ବିଷୟ ହିଁ ଆମ୍ଭେ ହେଉ । ତେଣୁ ଆମ୍ଭର କେନ୍ଦ୍ର କଣ ହେବା ଆବଶ୍ୟକ ?

***୨ୟ କରନ୍ଥୀୟ ୩:୧୮*** *- କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବାପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବ ଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ । ଚେ଼ଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହିସବୁ ହେଉଅଛି ।*

## ଉତ୍ତର

୧. ଆପଣ ପଢ଼ନ୍ତୁ ମାଥିଉ ୧୩:୧୯ । ଯଦି ଆମେ ଇଶ୍ୱରଙ୍କ ବାକ୍ୟ ହୃଦୟରେ ରୋପଣ ନ କରୁ ତେବେ ତାହାର କ'ଣ ହେବ ?

*ପାପାତ୍ମା ତାହା ହୃଦୟରୁ ତାହା ନେଇଯିବ, ଯାହାଦ୍ୱାରା ତାହା ଆମ୍ଭ ହୃଦୟରେ ଆଉ ବୃଦ୍ଧି ପାଇ ନପାରେ ।*

୨. ଆପର ଯିହୋଶୂୟ ୧:୮ ପଢ଼ନ୍ତୁ । ଆମ୍ଭେ ଇଶ୍ୱରଙ୍କ ବାକ୍ୟ କେତେବେଳେ ଧ୍ୟାନ କରିବା ଉଚିତ୍ ?

*ଦିବା ଓ ରାତ୍ର ।*

୩. ଆପଣ ପଢ଼ନ୍ତୁ ଯୋହନ ୬:୬୩ । ଏହି ଶାସ୍ତ୍ରାଂଶର ପଦ ଅନୁସାରେ, ପ୍ରଭୁଙ୍କର ବାକ୍ୟ ....... ?

*ଆତ୍ମା ଓ ଜୀବନ ।*

୪. ଆପଣ ପଢ଼ନ୍ତୁ ମାଥୁ ୪:୪ । ମନୁଷ୍ୟ କେବଳ ରୋଟୀରେ ବଞ୍ଚେ ନାହିଁ କିନ୍ତୁ ......ରେ ବଞ୍ଚେ ?

*ଇଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ।*

୫. ଆପଣ ପଢ଼ନ୍ତୁ ଏଫିସୀୟ ୬:୧୭ ପ୍ରଭୁଙ୍କ ବାକ୍ୟ କି ପ୍ରକାରର ଶସ୍ତ୍ର ?

*ଖଡ୍‌ଗ ସ୍ୱରୂପ*

୬. କ'ଣ ଗୋଟିଏ ଖଡ୍‌ଗ ଶତ୍ରୁର କ୍ଷତି କରିପାରେ ?

*ହଁ ।*

୭. ଆପଣ ପଢ଼ନ୍ତୁ ରୋମୀୟ ୮:୬ ।ଯେତେବେଳେ ଆମେ ପ୍ରଭୁଙ୍କର ବାକ୍ୟକୁ ଆମ ଜୀବନରେ ଏକ ସଠିକ ସ୍ଥାନଦେଉ , ଆମ୍ଭେ ...... ପାଉ ?

*ଜୀବନ ଓ ଶାନ୍ତି ।*

୮. ଆପଣ ପଢ଼ନ୍ତୁ ୨ୟ କରନ୍ଥୀୟ ୩:୧୮ । ଆମେ ଯେଉଁ ବିଷୟ ଉପରେ ମନୋଯୋଗ କରୁ ସେହି ବିଷୟ ହିଁ ହୁଏ । ତେଣୁ ଆମ୍ଭର କେନ୍ଦ୍ର କ'ଣ ହେବା ଆବଶ୍ୟକ ?

*ପ୍ରଭୁ ଓ ତାହାଙ୍କର ଗୌରବ ।*

# ଅଧ୍ୟାୟ - ୧୩

# ପରମେଶ୍ୱର ଦୋଷୀ ନୁହନ୍ତି

## *ଲେଖକ - ଆଣ୍ଡ୍ରିଉ ଓ୍ୱମାକ୍*

ଆଜି ମୁଁ ଆପଣ ମାନଙ୍କୁ ପରମେଶ୍ୱର ମୋ ଜୀବନରେ କରିଥିବା ଏକ ମହତ୍ୱପୂର୍ଣ୍ଣ ବିଷୟରେ କହିବାକୁ ଚାହେଁ । ଏହିପରି ଲାଗେ ଯେ, ଲୋକମାନଙ୍କ ଜୀବନରେ ଯାହା କିଛି ହେଲେ ବି, ଲୋକମାନେ ଭାବନ୍ତି ଯେ ତାହ ଈଶ୍ୱରଙ୍କଠାରୁ ହିଁ (ବା) ତାହାଙ୍କ ଇଚ୍ଛାରେ ହିଁ ହୋଇଅଛି । ଆଉ ସେମାନେ ସେହିପରି ହିଁ ବିଶ୍ୱାସ କରନ୍ତି , ଆଉ ସେ ହିଁ ସମସ୍ତ ବିଷୟ ନିୟନ୍ତ୍ରଣ କରୁଛନ୍ତି ବୋଲି । ଆଉ ଏହାର କାରଣ ହେଲା, ଯେହେତୁ ପରମେଶ୍ୱର ସର୍ବୋଚ୍ଚ ଓ ସର୍ବ ଶକ୍ତିମାନ ଅଟନ୍ତି ଏବଂ ସେଇଥି ପାଇଁ ସେମାନେ ପରମେଶ୍ୱର ହିଁ ତାହାଙ୍କ ଜୀବନରେ ହେଉଥିବା ସମସ୍ତ ବିଷୟକୁ ନିୟନ୍ତ୍ରଣ କରନ୍ତି ବୋଲି ସେମାନେ ଗ୍ରହଣ କରି ନିଅନ୍ତି । ଏପରିକି ଅବିଶ୍ୱାସୀ ମାନେ ମଧ ସେହିପରି ବିଶ୍ୱାସ କରନ୍ତି । ଆଉ ଏହିପରି ଅନେକ ଖ୍ରୀଷ୍ଟିୟାନ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏହି ଭୁଲ୍ ବିଷୟକୁ ଓ ଶିକ୍ଷାକୁ ପ୍ରଚାର କରନ୍ତି ଏବଂ ତାହା ସେମାନଙ୍କ ମଧରେ ଅନ୍ତର୍ନିହିତ ହୋଇ ସାରିଛି । ମୁଁ ବିଶ୍ୱାସ କରେ ତାହା ଉପରେ ଯାହା ପବିତ୍ର ଧର୍ମଶାସ୍ତ୍ର ଶିକ୍ଷାଦିଏ, ଯାହାକି ଉପରୋକ୍ତ ଭୁଲ ମତ (ବା) ଶିକ୍ଷାର ସଂପୁର୍ଣ୍ଣ ବୀପରୀତ ଅଟେ ଏବଂ ତେଣୁ ଏହା ଅତ୍ୟନ୍ତ ଆବଶ୍ୟକ ଅଟେ ଆପଣ ଏହି ବିଷୟ ଓ ଅଧ୍ୟାୟକୁ ଶିଖିବା ଓ ଜାଣିବା । ଯାକୁବ (୧:୧୩-୧୭) କୁହେ, *"କେହି ପରୀକ୍ଷିତ ହେଲେ , ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡୁ ବୋଲି ନ କହୁ , କାରଣ ଈଶ୍ୱର ମନ୍ଦରେ ପରୀକ୍ଷୀତ ହୋଇ ପାରନ୍ତି ନାହିଁ, ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ । କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୋଇ ପରୀକ୍ଷୀତ ହୁଏ । ତାହା ପରେ କାମନା ଗର୍ଭଧାରଣ କରି ପାପ ପ୍ରସବ କରେ ; ପୁଣି ପାପ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ । ହେ ମୋହର ପ୍ରିୟ ଭାଇମାନେ, ଭ୍ରାନ୍ତ ହୁଅ ନାହିଁ । ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଉର୍ଦ୍ଧ୍ୱରୁ, ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କଠାରୁ ଆସେ, ଯାହାଙ୍କଠାରେ କୌଣସି ପରିବର୍ତ୍ତନ (ବା) ଲେଶମାତ୍ର ବିକାର ନାହିଁ । "*

ଉପରୋକ୍ତ ଶାସ୍ତ୍ରାଂଶ  ଏହି ବିଷୟ ସ୍ପଷ୍ଟ କରେ ଯେ, ପରମେଶ୍ୱର ଉତ୍ତମ ବିଷୟର ସୃଷ୍ଟିକର୍ତ୍ତା ଅଟନ୍ତି । ଯୀଶୁ ଯୋହନ ୧୦:୧୦ ରେ କହିଲେ, *" ଚୋର କେବଳ ଚୋରି, ବଧ ଓ ବିନାଶ କରିବା ନିମନ୍ତେ ଆସେ;  ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଛି ।"* ଯଦି କୌଣସି ବିଷୟ ଉତ୍ତମ ତେବେ ତାହା ଉତ୍ତମ ଅଟେ କିନ୍ତୁ କୌଣସି ବିଷୟ ଯଦି ଖରାପ / ମନ୍ଦ ଅଟେ, ତେବେ ତାହା ଶୟତାନଠାରୁ, ତାହା ଅତ୍ୟନ୍ତ ହିଁ ସରଳ ବିଷୟ ବୁଝିବା ନିମନ୍ତେ ଯାହା ଧର୍ମଶାସ୍ତ୍ର କୁହେ । ଏହି ବିଷୟ

ଏତେ ସମାଲୋଚନାତ୍ମକ ହେବାର କାରଣ ଏହିକି ଯେ, କାରଣ ଯାକୁବ ୪-୭ କୁହେ, *"ତୁମ୍ଭେମାନେ ଈଶ୍ୱରଙ୍କ ବଶିଭୁତ ହୁଅ;ଶୟତାନକୁ ପ୍ରତିବାଧା କର, ତାହା ହେଲେ ସେ ତୁମ୍ଭ ମାନଙ୍କ ନିକଟରୁ ପଳାଇ ଯିବ"*। ଏହି ପଦ କୁହେ ଆମ୍ଭମାନଙ୍କୁ ବଶିଭୁତ ହୋବାକୁ ପଡ଼ିବ ଓ ଶୟତାନକୁ ପ୍ରତିରୋଧ କରିବାକୁ ପଡ଼ିବ ।ଏହି "ପ୍ରତିରୋଧ" ଶବ୍ଦର ଅର୍ଥ ହେଲା ତାହା ବିରୋଧରେ ଯୁଦ୍ଧ କରିବା ବା ତାହା ସହ ଲଢ଼ିବା।

ଯେତେବେଳେ ଲୋକମାନେ ନିଜ ଜୀବନରେ ହେଉଥିବା ସମସ୍ତ ବିଷୟ ଈଶ୍ୱରଙ୍କ ଠାରୁ ହୋଇଅଛି ବୋଲି ବିଶ୍ୱାସ କରନ୍ତି – ଯେପରିକି ରୋଗ, ବ୍ୟାଧି, ବିଫଳତା ନିଜ କାର୍ଯ୍ୟରେ, କାର୍ଯ୍ୟ ହରେଇବା, ଝଗଡ଼ା କରୁଥିବା ସନ୍ତାନ ଓ ସନ୍ତତି (ବା) ଛାଡ଼ପତ୍ର ଇତ୍ୟାଦି ତାହା ସବୁ ସେମାନଙ୍କୁ ନିଷ୍କ୍ରିୟ କରାଏ। ଯଦି ସେମାନେ ପ୍ରକୃତରେ ବିଶ୍ୱାସ କରନ୍ତି ଯେ ସେମାନେ ସମ୍ମୁଖୀନ ହେଉଥିବା ସମସ୍ତ ପରିସ୍ଥିତିର ସୃଷ୍ଟିକର୍ତ୍ତା ଈଶ୍ୱର ବୋଲି ଏବଂ ସେ ସେମାନଙ୍କୁ ପରିବର୍ତ୍ତନ କରିବା ପାଇଁ ସେମାନଙ୍କୁ ଶାସ୍ତି ଦେଉଛନ୍ତି, ତେବେ ସେମାନେ ତାହାଙ୍କ ବିରୋଧରେ ପ୍ରତିରୋଧ କରନ୍ତି। କିନ୍ତୁ ଯାକୁବ ୪:୭ କୁହେ, ଶୟତାନକୁ ପ୍ରତିରୋଧ କର ଓ ସେଥିରେ ସେ ଦୌଡ଼ି ପଳେଇବ। ଏହି ବିଷୟ ଏହା ଦର୍ଶାଏ ଯେ, କିଛି ନିର୍ଦ୍ଧିଷ୍ଟ ବିଷୟ ଈଶ୍ୱରଙ୍କ ଠାରୁ ଆସେ ଏବଂ କିଛି ବିଷୟ ଶୟତାନ ଠାରୁ। ଏହି ଜଗତରେ ଶୟତାନର ଶକ୍ତି ମଧ୍ୟ ଅଛି ଏବଂ ଆପଣଙ୍କ ଜୀବନରେ ଯାହା କିଛି ହୋଉଛି ତାହା ସମସ୍ତ କିଛି ଈଶ୍ୱରଙ୍କ ଠାରୁ ଆସେ ନାହିଁ । ଆପଣ ଯଦି ତାହା ବୁଝି ପାରୁନାହାନ୍ତି ,ତେବେ ଆପଣ ଶୟତାନ ଆଗରେ ହିଁ ପରିଶେଷରେ ସମର୍ପିତ ହେବେ ଓ ତା'ର ହିଁ ବଶୀଭୂତ ହେବେ ଏବଂ ସେହିପରି କରି ଆପଣ ଶୟତାନକୁ ହିଁ ଶକ୍ତିଯୁକ୍ତ (ବା) କ୍ଷମତା ଦେଉଛନ୍ତି।

ମୁଁ ଆପଣଙ୍କ ସମ୍ମୁଖକୁ ରୋମୀୟ ପୁସ୍ତକରେ ଲିଖିତ ଏକ ପରିଛେଦ ଆଣିବାକୁ ଚାହେଁ , ଯାହାକି ବହୁ ସମୟରେ ଭୁଲ୍ ଭାବେ ବ୍ୟବହୃତ ହୋଇଛି । ମୁଁ ଏହିପରି ବହୁତ ଅନ୍ତେଷ୍ଟିକ୍ରିୟା (ବା) ଶବ ସତ୍କାରକୁ ଯାଇଛି, ଯେଉଁଠାରେ ଲୋକମାନେ ଈଶ୍ୱରଙ୍କ ବିଷୟ କିଛି ଜାଣନ୍ତି ନାହିଁ, ସେମାନେ ଗୀର୍ଜା ଯାଆନ୍ତି ନାହିଁ, ଏବଂ ବୋଧହୁଏ କେହି ଗୋଟେ କେମିତି ଧର୍ମଶାସ୍ତ୍ର ବିଷୟରେ ଜାଣିଥିବ, କିନ୍ତୁ ସେମାନେ ଏହି ନିମ୍ନଲିଖିତ ବିଷୟ ଜାଣନ୍ତି। ଯାହାକି ରୋମୀୟ ୮:୨୮ କୁହେ, *"ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୁତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ।"* ଏହି ପଦ ଏହା ବ୍ୟାଖ୍ୟା କରି କୁହେ ଯେ, ଯାହା କିଛି ଆପଣଙ୍କ ଜୀବନରେ ହୁଏ, ତାହା ଈଶ୍ୱର କରନ୍ତି ଏବଂ କିଛି କ୍ଷେତ୍ରରେ ତାହା ମିଶି ଉତ୍ତମ ବିଷୟ ହେବା ପାଇଁ କାର୍ଯ୍ୟ କରେ। ମୁଁ ପ୍ରକୃତରେ ଗୋଟିଏ ପୁଅ ଓ ଝିଅର ଶବ ସତ୍କାର ସ୍ଥାନରେ ଥିଲି, ଯେଉଁମାନେ କି ମଦ ଓ ଡ୍ରଗ୍ସ୍ ଖାଇ କାର୍ ଚଳାଉଥିଲେ ଏବଂ ଅତିତୀବ୍ର ବେଗରେ ଏକ ନିପୂଣ ରାସ୍ତାରେ, ତାହା ରାସ୍ତାର କୋଣରେ ବାଜିଗଲା, ଗୋଟିଏ ଟେଲିଫୋନ ପୋଲରେ ବାଜିଲା ଏବଂ ଉଭୟ ହିଁ ମୃତ୍ୟୁବରଣ କଲେ। ପ୍ରଚାରକ ଜଣକ ଏହି ଶାସ୍ତ୍ରାଂଶ କହିଲେ, "ଆମ୍ଭେ ଜାଣୁ ସମସ୍ତ ବିଷୟ ଉତ୍ତମ ପାଇଁ ହିଁ ହୁଏ।" ଏବଂ ମଧ୍ୟ କହିଲେ ପ୍ରଭୁଙ୍କର ଏହି ବିଷୟ ପଛରେ ନିହାତି କିଛି ଯୋଜନା ହିଁ ଥିବ। ପରମେଶ୍ୱର ସେହି ପୁଅ ଓ ଝିଅଙ୍କୁ ମାରି ନାହାନ୍ତି ଏବଂ ଆଉ ଗୋଟିଏ ଭାଗରେ ଆପଣ ଏପରି ମଧ୍ୟ କହି ପାରିବେ ନାହିଁ ଯେ ଶୟତାନ ଏହିପରି କଲା। ମୁଁ ସଂପୂର୍ଣ୍ଣ ନିଶ୍ଚିତ ହୋଇ କହି ପାରିବି ଯେ, ନିଜ ବାପା ଓ ମାଁ ଶିକ୍ଷା ଦେଇଥିବା ବିଷୟକୁ ପ୍ରତିରୋଧ କରିବାକୁ ଶୟତାନ ହିଁ ପ୍ରଲୋଭିତ କରିଲା। କିନ୍ତୁ ଶେଷରେ ତାହା ସେହି ପୁଅ ଓ ଝିଅର ହିଁ ଚୟନ ଥିଲା। କାରଣ ସେହିମାନେ ହିଁ ନିଷା ଔଷଧ ଓ ମଦ ପିଇଥିଲେ ; ସେହିମାନଙ୍କ ଭୁଲ ଯୋଗୁଁ ହିଁ ଗାଡ଼ି ଯାଇ ଟେଲିଫୋନ୍ ପୋଲରେ ବାଜିଲା। ତାହ ଏକ ପ୍ରାକୃତିକ ଭାବେ ଘଠିଥିବା ବିଷୟ ଥିଲା ଏବଂ ଈଶ୍ୱର ସେଥିରେ ତାହାର ଉତ୍ସ ନୁହନ୍ତି।

*"ସମସ୍ତ ବିଷୟ ଭଲ ପାଇଁ ହୋଇଥାଏ"* ,ଏହାର ଅର୍ଥ କ'ଣ ଯେତେବେଳେ ଏହିପରି କୁହାଯାଏ ? ପ୍ରଥମତଃ ଏହା କୁହେ ନାହିଁ ଯେ ସମସ୍ତ ବିଷୟ ଈଶ୍ୱରଙ୍କଠାରୁ ଆସେ ଏବଂ ଭଲ ପାଇଁ ହିଁ ହୁଏ ବୋଲି । ମାତ୍ର ଏହା ଏହିପରି କୁହେ, ସମସ୍ତ ବିଷୟ ଭଲ ପାଇଁ ହୁଏ କିନ୍ତୁ ତାହାର କିଛି ଚୁକ୍ତି ସ୍ଥିତ ଥାଏ: "ସେମାନଙ୍କ ପାଇଁ ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି ।" ଏହି ଉପରୋକ୍ତ ଶାସ୍ତ୍ରାଂଶ ସେହି ବ୍ୟକ୍ତି ପାଇଁ କାର୍ଯ୍ୟ କରେ ନାହିଁ, ଯେ ଈଶ୍ୱରଙ୍କୁ ଭଲ ପାଏ ନାହିଁ । ଏହା ଅତ୍ୟନ୍ତ ସ୍ୱାଭାବିକ ଅଟେ ଯେ ଏହା ନକରି ମଧ ହେବା ଉଚିତ, କିନ୍ତୁ ଆଶ୍ଚର୍ଯ୍ୟର କଥା ପିଲାମାନେ କିପରି ମଦ ଓ ନିଷା ଦ୍ରବ୍ୟ ନେଇ ଈଶ୍ୱରଙ୍କ ବିରୋଧରେ ଓ ତାହାଙ୍କ ନୀତି ବିରୋଧରେ ପ୍ରତିରୋଧ କରନ୍ତି ଏବଂ ମୃତ୍ୟୁ ବରଣ କରନ୍ତି ଏବଂ ସେହି ବିଷୟକୁ ଲୋକମାନେ ଈଶ୍ୱରଙ୍କ ଇଛା କୁହନ୍ତି । ଏହା କହୁଛି ଯେ, ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି ସେମାନଙ୍କ ପାଇଁ ଭଲ ହୁଏ ଏବଂ ସେମାନଙ୍କ ପାଇଁ ଯେଉଁମାନେ ତାହାଙ୍କର ଯୋଜନା ଅନୁଯାୟୀ ଡକା ଯାଇଅଛନ୍ତି ।

୧ମ ଯୋହନ ୩:୮ କୁହେ, *" ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ, ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ । "*ପରମେଶ୍ୱର ନିଜେ ପରିଦୃଷ୍ଟ ହେଲେ ଶୟତାନର କାର୍ଯ୍ୟକୁ ବିନାଶ କରିବା ପାଇଁ । ଏହା ତାହାଙ୍କର ଯୋଜନା ଥିଲା ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି କେବଳ ସେହିମାନଙ୍କ ପାଇଁ ଏବଂ ତାହଙ୍କ ଯୋଜନା ଅନୁଯାୟୀ ଡକା ଯାଇଅଛନ୍ତି; ଡାକରା ଅନୁସାରେ ଚାଲୁଛନ୍ତି; ଶୟତାନକୁ ପ୍ରତିରୋଧ କରୁଛନ୍ତ ଏବଂ ଈଶ୍ୱରଙ୍କ ପାଇଁ ବଞ୍ଚୁଛନ୍ତି ଏବଂ ଯେଉଁମାନେ ଶୟତାନ ସେମାନଙ୍କ ଜୀବନରେ ଯେତେ ଯାହା କଲେ ମଧ, ଜାଣନ୍ତି ଯେ, ଈଶ୍ୱର ତାହାକୁ ଅଲଟାଇ ପରିବର୍ତ୍ତନ କରି ପାରିବେ ଏବଂ ଉତ୍ତମ ବିଷୟ ପାଇଁ ବ୍ୟବହାର କରିବେ ।

ଆମ୍ଭେମାନେ ଈଶ୍ୱର ଆମ ଜୀବନରେ ସମସ୍ତ ବିଷୟକୁ ନିୟନ୍ତ୍ରଣ କରନ୍ତି ନାହିଁ ବୋଲି ଭାବି ସୂକ୍ଷ୍ମଦ ର୍ଶୀ ଅଟୁ । କିନ୍ତୁ ଶତ୍ରୁ ଅଛି ଯିଏ ବଧ, ହତ୍ୟା ଓ ଧ୍ୱଂଶ କରିବାକୁ ଆସେ, କିନ୍ତୁ ଯୀଶୁ ଆମକୁ ଜୀବନ ଦେବାକୁ ଆସିଲେ । ଆମ୍ଭଙ୍କୁ ଏଥିନିମନ୍ତେ ଜୀବନକୁ ହିଁ ବାଛିବାକୁ ପଡ଼ିବ ଏବଂ ପ୍ରକୃତରେ ଜାଣିବାକୁ ପଡ଼ିବ ଯେ ଆମ ଜୀବନରେ ଯାହା କିଛି ବି ହେଉଛି, ସେଇଥିପାଇଁ ଈଶ୍ୱର ଦୋଷୀ ନୁହଁନ୍ତି ।

ଯଦି ଈଶ୍ୱର ଶାରୀରୀକ ଭାବରେ ଜଣେ ମନୁଷ୍ୟ ହୋଇଥାନ୍ତେ , ଯିଏ କି ନିମ୍ନଲିଖିତ ସମସ୍ତ ବିଷୟରେ ଅଭିଯୁକ୍ତ ହୋଇଥାନ୍ତେ, ଯେପରିକି କ୍ୟାନ୍‌ସାର ରୋଗ ସେ ଆଣୁଛନ୍ତି, ବିକଳାଙ୍ଗତା ସେହିଁ ଦେଉଛନ୍ତି, ଜୀବରେ ବିଷାଦ ମଧ ସେହିଁ ଦେଉଛନ୍ତି, ଦୁଃଖ ଏବଂ ଶୋକ ଲୋକମାନଙ୍କ ମଧରେ ସେ ଦେଉଛନ୍ତି, ତେବେ ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଇ କହୁଛି, ଏହି ପୃଥିବୀରେ ଏହିପରି ଏକ ସରକାର ନାହିଁ ଯିଏ ତାହାକୁ ଗିରଫ କରି ନ ଥାନ୍ତେ, ବନ୍ଦୀ କରି ନ ଥାନ୍ତେ (ବା) ତାହାଙ୍କୁ ଏସୁବ କରିବା ପାଇଁ ବନ୍ଦ କରି ନ ଥାନ୍ତେ । ମାତ୍ର, ଆମେ ଜାଣୁ ଈଶ୍ୱର ଯେ କୌଣସି ବ୍ୟକ୍ତି ଠାରୁ ମଧ ଅଧିକ ଦୟାବାନ ଅଟନ୍ତି । ବୋଧ ହୁଏ ସେହିପରି ଦୟାବାନ ବ୍ୟକ୍ତିଙ୍କୁ ଆମେ କେବେ ଆମ ଜୀବରେ ପରିକଳ୍ପନା କିଅବା ବୋଧେ ମିଶି ମଧ ପାରିବା ନାହିଁ... । ଏହି ଉପରୋକ୍ତ ବିଷୟ ସମସ୍ତ କିଛି ଶୟତାନ ଦ୍ୱାରା ଦତ୍ତ ଏବଂ ଆଉ କିଛି ଶରୀରରେ ଓ ଆମ ଜୀବନରେ ଆସିବା ପ୍ରାକୃତିକ ଭାବେ ସ୍ୱାଭାବିକ ଏବଂ ସମସ୍ତ ବିପତ୍ତି ଓ ଦୁର୍ଦ୍ଦଶା ପରମେଶ୍ୱର ନିର୍ଦ୍ଧିଷ୍ଟ କରନ୍ତି ନାହିଁ, କେବେ ବି ନୁହେଁ । ଇନ୍‌ସୁରାନ୍‌ସ କମ୍ପାନି ମାନ ତାହାଙ୍କର ପଲିସିରେ ଲେଖନ୍ତି, "ଈଶ୍ୱରଙ୍କ କାର୍ଯ୍ୟ : ଯେମିତିକି ଭୂମିକମ୍ପ ଏବଂ ମହାମାରୀ" ବୋଲି । କିନ୍ତୁ ନାହିଁ, ଈଶ୍ୱର ଏ ସମସ୍ତ ବିଷୟର ଲେଖକ (କି) ରଚୟିତା ନୁହନ୍ତି,ଆଦୌ ନୁହେଁ ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ଯାକୁବ ୧:୧୩ । କ'ଣ ପରମେଶ୍ୱର ମଧ ଶକ୍ତି ଦ୍ୱାରା ପ୍ରଲୋଭିତ ହେବାର କାରଣ ଅଟନ୍ତି ?

***ଯାକୁବ ୧:୧୩*** *- କେହି ପରୀକ୍ଷୀତ ହେଲେ ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡୁ ହେଉଅଛି ବୋଲି ନ କହୁ, କାରଣ ଈଶ୍ୱର ମନ୍ଦରେ ପରୀକ୍ଷିତ ହୋଇ ପାରନ୍ତି ନାହିଁ, ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ ।*

୨. ଆପଣ ପଢ଼ନ୍ତୁ ଯାକୁବ -୧:୧୭ । ଉତ୍ତମ ଉପହାର କେଉଁଠାରୁ ଆସେ ?

***ଯାକୁବ -୧:୧୭*** *- ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ କର ଉର୍ଦ୍ଧ୍ୱରୁ ଅର୍ଥାତ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କଠାରେ କୌଣସି ପରିବର୍ତ୍ତନ (ବା) ଲେଶମାତ୍ର ବିକାର ନାହିଁ ।*

୩. ଆପଣ ପଢ଼ନ୍ତୁ ଯୋହାନ ୧୦:୧୦ । ଚୋର କିଏ ?

***ଯୋହାନ ୧୦:୧୦*** *- ଚୋର କେବଳ ଚୋରୀ, ବଧ ଓ ବିନାଶ କରିବା ନିମନ୍ତେ ଆସେ; ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି ଏଥି ନିମନ୍ତେ ମୁଁ ଆସିଅଛି ।*

୪. ଆପଣ ପଢ଼ନ୍ତୁ ଯୋହାନ ୧୦:୧୦ । ତାହାର ଉଦ୍ଦେଶ୍ୟ (ବା) ଅଭିପ୍ରାୟ କ'ଣ ?

୫. ଆପଣ ପଢ଼ନ୍ତୁ ଯୋହନ ୧୦:୧୦ । ଯୀଶୁ ଆସିବାର କାରଣ କ'ଣ ଥିଲା ?

୬. ଆପଣ ପଢ଼ନ୍ତୁ ଯାକୁବ ୪:୭ । ଈଶ୍ୱରଙ୍କ ବଶୀଭୂତ ହେବା ଓ ଶୟତାନକୁ ପ୍ରତିରୋଧ କରିବାର ଫଳାଫଳ କ'ଣ ?

***ଯାକୁବ ୪:୭*** *- ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ ; ଶୟତାନ କୁ ପ୍ରତିବୋଧ କର, ତାହା ହେଲେ ସେ ତୁମ୍ଭ ମାନଙ୍କ ନିକଟରୁ ପଳେଇଯିବ ।*

୭. ଆପଣ ପଢ଼ନ୍ତୁ ରୋମୀୟ ୮:୨୮ । କ'ଣ ରୋମୀୟ ୮:୨୮ କୁହେ କି ଯେ, ସମସ୍ତ ବିଷୟ ଈଶ୍ୱରଙ୍କ ଠାରୁ ଆସେ ବୋଲି ?

***ରୋମୀୟ ୮:୨୮*** *- ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁଶାରେ ଆହୂତ ହୋଇ ଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି । ଏହା ଆମ୍ଭେମାନେ ଜାଣୁ ।*

୮. ଆପଣ ପଢ଼ନ୍ତୁ ପ୍ରେରିତ ୧୦:୩୮ । କ'ଣ ଅସୁସ୍ଥତା ଈଶ୍ୱରଙ୍କ ଠାରୁ ଆସେ ?

***ପ୍ରେରିତ ୧୦:୩୮*** *- ନାଜରିତୀୟ ଯୀଶୁଙ୍କ କଥା, କିପରି ଈଶ୍ୱର ତାହାଙ୍କୁ ପବିତ୍ର ଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ, ଆଉ ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ, କାରଣ ଈଶ୍ୱର ତାହଙ୍କ ସହବର୍ତ୍ତୀ ଥିଲେ ।*

୯. ଆପଣ ପଢ଼ନ୍ତୁ ୧ ମ ଯୋହନ ୩:୮ । ଈଶ୍ୱରଙ୍କ ପୁତ୍ର କାହିଁକି ଜଗତରେ ପ୍ରକାଶିତ ହେଲେ ?

***୧ ମ ଯୋହନ ୩:୮*** *- ଯେ ପାପ କରେ ସେ ଶୟତାନ୍ ଠାରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରି ଆସୁଅଛି । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ ।*

# ଉତ୍ତର

୧. ଆପଣ ପଢ଼ନ୍ତୁ ଯାକୁବ ୧:୧୩ । କ'ଣ ଈଶ୍ୱର ମନ୍ଦ ଶକ୍ତି ଦ୍ୱାରା ପ୍ରଲୋଭିତ ହେବାର କାରଣ ଅଟନ୍ତି କି ?

***ନାହିଁ ।***

୨. ଆପଣ ପଢ଼ନ୍ତୁ ଯାକୁବ ୧:୧୭ । ଉତମ ବିଷୟ କେଉଁଠାରୁ ଆସେ ?

***ଜ୍ୟୋତିର୍ଗଣର ପିତାଙ୍କ ଠାରୁ ।***

୩. ଆପଣ ପଢ଼ନ୍ତୁ ଯୋହାନ ୧୦:୧୦ । ଚୋର କିଏ ?

***ଶୟତାନ ।***

୪. ଆପଣ ପଢ଼ନ୍ତୁ ଯୋହାନ ୧୦:୧୦ । ତା'ହାର ଉଦ୍ଦେଶ୍ୟ କ'ଣ ?

***ଚୋରି, ବଧ ଏବଂ ବିନାଶ ।***

୫. ଆପଣ ପଢ଼ନ୍ତୁ ଯୋହାନ ୧୦:୧୦ । ଯୀଶୁ ଆସିବାର କାରଣ କ'ଣ ଥିଲା ?

***ଯେପରି ଆମ୍ଭେମାନେ ପ୍ରଚୁର ଭାବେ ଜୀବନ ପାଉ ।***

୬. ଆପଣ ପଢ଼ନ୍ତୁ ଯାକୁବ ୪:୭ । ପ୍ରଭୁଙ୍କ ବଶୀଭୂତ ହେବା ଓ ଶୟତାନକୁ ପ୍ରତିରୋଧ କରିବାର ଫଳାଫଳ କ'ଣ ?

***ସେ ଆମ୍ଭଠାରୁ ପଳେଇଯିବ ।***

୭. ଆପଣ ପଢ଼ନ୍ତୁ ରୋମୀୟ ୮:୨୮ । କ'ଣ ରୋମୀୟ ୮:୨୮ ସମସ୍ତ ବିଷୟ ଈଶ୍ୱରଙ୍କ ଠାରୁ ଆସେ ବୋଲି କୁହେ କି ?

*ନାହିଁ ।*

୮. ଆପଣ ପଢ଼ନ୍ତୁ ପ୍ରେରିତ ୧୦:୩୮ । କ'ଣ ଅସୁସ୍ଥତା ଈଶ୍ୱରଙ୍କ ଠାରୁ ଆସେ ?

*ନାହିଁ ।*

୯. ଆପଣ ପଢ଼ନ୍ତୁ ୧ ମ ଯୋହାନ ୩:୮ । ଈଶ୍ୱଙ୍କ ପୁତ୍ର ଜଗତରେ ପ୍ରକାଶିତ ହେବାର ଉଦ୍ଦେଶ୍ୟ କ'ଣ ଥିଲା ?

*ଶୟତାନର କାର୍ଯ୍ୟକୁ ବିନାଶ କରିବା ।*

## ଅଧ୍ୟାୟ - ୧୪

# ଆତ୍ମାରେ ପରିପୂର୍ଣ୍ଣ ମୟ ଜୀବନର ଶକ୍ତି

### *ଲେଖକ – ଡନ୍ କ୍ରୋ*

ମାର୍କ (୧୬:୧୫-୧୬) ବାଇବେଲର ଏକ ମହାନ ଆଦେଶ ଭାବେ ପରିଚିତ । ଏଠାରେ ଯୀଶୁ ତାହାଙ୍କ ଶିଷ୍ୟ ମାନଙ୍କୁ କହୁଛନ୍ତି, *"ତୁମ୍ଭେ ମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ପ୍ରଚାର କର । ଯେ କେହି ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।"* ପ୍ରେରିତ ୮ ଅଧ୍ୟାୟରେ, ୫ ପଦ ଓ ୧୨ ପଦରେ ଆମ୍ଭେ ଦେଖୁ କିଭଳି ଏହି ବିଷୟ ଫିଲ୍‌ପ୍‌ପଙ୍କ ପ୍ରଚାର ଶିମିରୋଣରେ କାର୍ଯ୍ୟ କରିଲା । *"ପୁଣି ଫିଲିପପ୍ ଶିମିରୋଣର ପ୍ରଧାନ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ଘୋଷଣା କରିବାକୁ ଲାଗିଲେ... (୧୨) କିନ୍ତୁ ଫିଲିପ୍‌ପ ଈଶ୍ୱରଙ୍କ ରାଜ୍ୟ ଓ ଯୀଶୁ ଖ୍ରୀଷ୍ଟଙ୍କ ନାମ ବିଷୟକ ସୁସମାଚାର ପ୍ରଚାର କରିବାରୁ ସେମାନେ ଯେତେବେଳେ ତାଙ୍କ କଥାର ବିଶ୍ୱାସ କଲେ, ସେତେବେଳେ ପୁରୁଷ ଓ ସ୍ତ୍ରୀ ଉଭୟ ବାପ୍ତିଜିତ ହେବାକୁ ଲାଗିଲେ ।"*

ଏଠାରେ ପ୍ରଶ୍ନ ହେଲା ମାର୍କ (୧୬:୧୫-୧୬) ଅନୁଯାୟୀ, କ'ଣ ଶିମିରୋଣର ଲୋକ ଖ୍ରୀଷ୍ଟିୟାନ ହେଲେ ? ହଁ, ସେମାନେ ହେଲେ । ଫିଲପପ୍ ଶିମିରୋଣର ପ୍ରଧାନ ନଗରକୁ ଗଲେ ଏବଂ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କର ଘୋଷଣା କଲେ ଏବଂ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ ଯୋଗୁଁ ସେମାନେ ବାପ୍ତିଜିତ ହେଲେ, ଉଭୟ ପୁରୁଷ ଓ ସ୍ତ୍ରୀ, ଏହି ମହାନ ଆଦେଶ ଅନୁଯାୟୀ , ଆମ୍ଭେ କହିପାରୁ ଯେ ସେମାନେ ପରିତ୍ରାଣ ପ୍ରାପ୍ତ ହେଲେ, କିନ୍ତୁ କ'ଣ ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେଲେ କି ?

ପବିତ୍ର ବାଇବେଲ୍ ଯୋହନ ଜଳରେ ବାପ୍ତିଷ୍ମ ଦେବା ବିଷୟ କୁହେ, କିନ୍ତୁ ପବିତ୍ର ଆତ୍ମାରେ ବାପ୍ତିଷ୍ମ କେବଳ ଯୀଶୁ ଖ୍ରୀଷ୍ଟ ଦେଇ ପାରନ୍ତି । ଶାସ୍ତ୍ରାଂଶ ଅନୁସାରେ ଲୋକମାନେ ବିଶ୍ୱାସ କଲେ, ପରିତ୍ରାଣ ପ୍ରାପ୍ତ ହେଲେ, ଏବଂ ଜଳରେ ବାପ୍ତିସ୍ମ ନେଲେ, କିନ୍ତୁ ସେମାନେ କେବେ ହେଁ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ପ୍ରାପ୍ତ କରିନଥିଲେ । (ପ୍ରେରିତ ୮:୧୪-୧୭) କୁହେ, *"ଶିମିରୋଣର ଲୋକମାନେ ଯେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରିଅଛନ୍ତି , ଏହା ଯେତେବେଳେ ଯିରୁଶାଲମ୍‌ରେ ଥିବା ପ୍ରେରିତ ମାନେ ଶୁଣିଲେ ସେତେବେଳେ ସେମାନେ ପିତର ଓ ଯୋହନଙ୍କୁ ସେମାନଙ୍କ ନିକଟକୁ ପଠେଇଲେ । ସେମାନେ ଯାଇ ସେହି ଲୋକମାନେ ଯେପରି ପବିତ୍ର ଆତ୍ମା ପ୍ରାପ୍ତ ହୁଅନ୍ତି , ଏଥି ନିମନ୍ତେ ସେ ପ୍ରାର୍ଥନା କଲେ । କାରଣ ଏ ପର୍ଯ୍ୟନ୍ତ ସେ ସେମାନଙ୍କ ମଧ୍ୟରୁ କାହାରି ଉପରେ ଅବତୀର୍ଣ୍ଣ ହୋଇ ନ ଥିଲେ, କେବଳ ସେମାନେ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ*

*ହୋଇଥିଲେ । ସେତେବେଳେ ସେମାନେ ସେ ମାନଙ୍କ ଉପରେ ହସ୍ତାର୍ପଣ କଲେ, ଆଉ ସେମାନେ ପବିତ୍ର ଆତ୍ମା ପ୍ରାପ୍ତ ହେଲେ। ।"*

ଶାସ୍ତ୍ରାଂଶରୁ ଆମ୍ଭେମାନେ ଦେଖିପାରିବା ଯଦି ଜଣେ ବ୍ୟକ୍ତି ବିଶ୍ୱାସ କଲା, ବାପ୍ତିଜିତ ହେଲା, ଏବଂ ପରିତ୍ରାଣ ପ୍ରାପ୍ତ ହେଲା, ତାହାର ମାନେ ନାହିଁ ଯେ, ସେ ପବିତ୍ରଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ପ୍ରାପ୍ତ କଲା । ପବିତ୍ର ଆତ୍ମା ସେମାନଙ୍କ ଜୀବନକୁ ଆସିଲେ, ସେମାନେ ତାହାଙ୍କୁ ପ୍ରାପ୍ତ କଲେ ଯୋହାନ ୨୦:୨୦ ରେ । ଆମ୍ଭେ ଏଠାରେ ଦେଖୁ ପବିତ୍ର ଆତ୍ମା ଶିଷ୍ୟ ମାନଙ୍କୁ ପୁନର୍ଜୀବୀତ କରେଇଲେ କିନ୍ତୁ ତାହା ସେମାନେ ପେଟିକଷ୍ଟ ଦିବସରେ ବାପ୍ତିଜିତ ହେଲେ ପବିତ୍ର ଆତ୍ମା ଦ୍ୱାରା ଏବଂ ଈଶ୍ୱରଙ୍କ ଦ୍ୱାରା କ୍ଷମତା ଓ ଶକ୍ତି ପ୍ରାପ୍ତ ହେଲେ । ପବିତ୍ର ଆତ୍ମାରେ ପରିତ୍ରାଣରେ ପରିତ୍ରାଣ ପାଇବା ଏବଂ ପବିତ୍ର ଆତ୍ମାରେ ବାପ୍ତିଜିତ ହେବା, ଏହି ଉଭୟ ମଧ୍ୟରେ ଏକ ପାର୍ଥକ୍ୟ ଅଛି । ଯଦିଏ ଜଣେ ବ୍ୟକ୍ତି ପରିତ୍ରାଣ ପ୍ରାପ୍ତ ହୋଇ ସାରିଛି, ତାହାର ମାନେ ନୁହେଁ ଯେ ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇଛନ୍ତି ।

ପ୍ରେରିତ ୧୯:୧-୨ କୁହେ, *"ଆପଲ୍ଲ କରିନ୍ଥରେ ଥିବା ସମୟରେ ପାଉଲ ପୂର୍ବ ଅଞ୍ଚଳ ଦେଇ ଯାତ୍ରା କରି ଏଫିସ୍ ନଗରକୁ ଆସି କେତେକ ଶିଷ୍ୟଙ୍କ ଦେଖା ପାଇଲେ । ସେ ସେମାନଙ୍କୁ ପଚାରିଲେ, ବିଶ୍ୱାସ କରିବା ସମୟରେ କ'ଣ ତୁମ୍ଭେମାନେ ପବିତ୍ର ଆତ୍ମାଙ୍କୁ ପାଇଥିଲ ? ସେମାନେ ତାଙ୍କୁ ଉତ୍ତର ଦେଲେ, ନା ପବିତ୍ର ଆତ୍ମା ଯେ ଦତ୍ତ ହୋଇ ଅଛନ୍ତି , ତାହା ସୁଦ୍ଧା ଆମ୍ଭେ ଶୁଣି ନାହୁଁ ।"* ସେଥିରେ ପାଉଲ କହିଲେ, "ତୁମ୍ଭେ ବିଶ୍ୱାସ କଲା ପରେ ତୁମ୍ଭେ କେବେ ପବିତ୍ର ଆତ୍ମା ପ୍ରାପ୍ତ ହୋଇଛ କି" ? ସେମାନେ କହିଲେ, " ଆମ୍ଭେ ପବିତ୍ର ଆତ୍ମା ବିଷୟରେ କିଛି ଜାଣି ନାହୁଁ ।" ପାଉଲ କହିଲେ, " ତୁମ୍ଭେମାନେ ଯଦି ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହୋଇ ନଥିଲ ଯେତେବେଳେ ତୁମ୍ଭେ ବିଶ୍ୱାସ କଲ, ତେବେ ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ ?" ସେମାନେ କହିଲେ , "ଯୋହନଙ୍କ ବାପ୍ତିସ୍ମରେ ।"ମୁ ବିଶ୍ୱାସ କରେ ପାଉଲ ଯୀଶୁ ହିଁ ଖ୍ରୀଷ୍ଟ ବୋଲି ଅତ୍ୟନ୍ତ ଭଲ ଭାବେ ସଂପୂର୍ଣ୍ଣ ରୂପେ ସେମାନଙ୍କୁ ବୁଝେଇଲେ ଏବଂ ଏହି ବିଶ୍ୱାସୀମାନେ ତା'ପରେ ଯୀଶୁଙ୍କୁ ଜଳ ବାପ୍ତିସ୍ମ ଦ୍ୱାରା ଚିହ୍ନଟ କଲେ । ପୁଣି ୬ ପଦ ଓ ୭ ପଦ କୁହେ, *" ଆଉ ପାଉଲ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ, ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କଲେ, ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଓ ଭାବବାଣୀ ମଧ୍ୟ କହିବାକୁ ଲାଗିଲେ । ସେମାନେ ସମସ୍ତେ ପ୍ରାୟ ବାର (୧୨) ଜଣ ପୁରୁଷ ଥିଲେ । "*

ଯଦିଓ ଏହି ଲୋକମାନେ ଶିଷ୍ୟ ଥିଲେ, ମସିହା ଜଣେ ଆସିବାର ଅଛି ବୋଲି ବିଶ୍ୱାସ କରୁଥିଲେ, ସେମାନେ ମଧ୍ୟ ପବିତ୍ର ଆତ୍ମାରେ ବାପ୍ତିଜିତ ହୋଇନଥିଲେ । ଜଣେ ବ୍ୟକ୍ତି ନୂତନ ସ୍ୱଭାବ/ପୁନଃ ଜନ୍ମ ନେଇ ପାରେ ଏବଂ ପବିତ୍ର ଆତ୍ମାରେ ବାପ୍ତିଜିତ ନ ହୋଇ ମଧ୍ୟ ଜଳରେ ବାପ୍ତିସ୍ମ ନେଇ ପାରେ । କିନ୍ତୁ ପବିତ୍ର ଆତ୍ମାରେ ବାପ୍ତିଜିତ ହେବା , ସଂପୂର୍ଣ୍ଣ ଭିନ୍ନ ଏବଂ ଏକ ଅଲଗା ଅନୁଭୂତି ଅଟେ ।

ଯଦିଓ ମୁଁ ଜଣେ ବ୍ୟକ୍ତିକୁ ଜଳରେ ବାପ୍ତିଜିତ କରି ପାରେ, କିନ୍ତୁ ମୁଁ ସେମାନଙ୍କୁ ପବିତ୍ର ଆତ୍ମାରେ ବାପ୍ତିଜିତ କରେଇ ପାରିବି ନାହିଁ ; ଆଉ ତାହା କେବଳ ଯୀଶୁ କରିପାରନ୍ତି । ଯଦି ଆପଣ ଏ ଯାଏଁ ଯୀଶୁଙ୍କୁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଦେବା ପାଇଁ କେବେ ପଚାରି ନାହାନ୍ତି, ତେବେ ଆପାଣ ବର୍ତ୍ତମାନ ହିଁ କାହିଁକି ପଚାରୁ ନାହାନ୍ତି ? ଲୂକ ୧୧:୧୩ କୁହେ, *"ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା*

*ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ପବିତ୍ର ଆତ୍ମା ଦେବେ । " ତେଣୁ ଆପଣ ବିଳମ୍ବ ନକରି ଆଜି ହିଁ ବର୍ତ୍ତମାନ କାହିଁକି ତାଙ୍କୁ ମାଗୁ ନାହାନ୍ତି ?*

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମ ଶାସ୍ତ୍ରରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ମାର୍କ ୧୬:୧୬ । ତା'ପରେ ପଢ଼ନ୍ତୁ ପ୍ରେରିତ ୮:୫ ଏବଂ ୧୨ । ପ୍ରେରିତ ୮:୧୨ ଯେଉଁ ଲୋକମାନଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି, ସେମାନେ ଖ୍ରୀଷ୍ଟିୟାନ ହେଲେ କି ?

***ମାର୍କ ୧୬:୧୬*** *- ପୁଣି ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମାଚାର ଘୋଷଣା କର ।*

***ପ୍ରେରିତ ୮:୫*** *- ପୁଣି, ଫିଲିପ୍ପ ଶିମିରୋଣର ପ୍ରଧାନ ନଗରକୁ ଯାଇ ଲୋକମାନଙ୍କ ନିକଟରେ ଖ୍ରୀଷ୍ଟଙ୍କୁ ଘୋଷଣା କରିବାକୁ ଲାଗିଲେ ।*

***ପ୍ରେରିତ ୮:୧୨*** *- କିନ୍ତୁ ଫିଲିପ୍ପ ଈଶ୍ୱରଙ୍କ ରାଜ୍ୟ ଓ ଯୀଶୁ ଖ୍ରୀଷ୍ଟଙ୍କ ନାମ ବିଷୟକ ସୁସମାଚାର ପ୍ରଚାର କରିବାରୁ ସେମାନେ ଯେତେବେଳେ ତାହାଙ୍କ କଥାରେ ବିଶ୍ୱାସ କଲେ, ସେତେବେଳେ ପୁରୁଷ ଓ ସ୍ତ୍ରୀ ଉଭୟ ବାପ୍ତିଜିତ ହେବାକୁ ଲାଗିଲେ ।*

୨. ଆପଣ ପଢ଼ନ୍ତୁ ପ୍ରେରିତ ୮:୧୪-୧୬ । କ'ଣ ଏହି ଲୋକମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ପ୍ରାପ୍ତ କରିଥିଲେ କି ?

***ପ୍ରେରିତ ୮:୧୪-୧୬*** *- ଶିମିରୋଣର ଲୋକମାନେ ଯେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରିଅଛନ୍ତି, ଏହା ଯେତେବେଳେ ଯିଶୁଶାଲମ୍‌ରେ ଥିବା ପ୍ରେରିତ ମାନେ ଶୁଣିଲେ, ସେତେବେଳେ ସେମାନେ ପିତର ଓ ଯୋହନଙ୍କୁ ସେମାନଙ୍କ ନିକଟକୁ ପଠାଇଲେ । (୧୫) ସେମାନେ ଯାଇ ସେହି ଲୋକମାନେ ଯେ ପରି ପବିତ୍ର ଆତ୍ମା ପ୍ରାପ୍ତ ହୁଅନ୍ତି ଏଥି ନିମନ୍ତେ ସେମାନଙ୍କ ପାଇଁ ପ୍ରାର୍ଥନା କଲେ । (୧୬) କାରଣ ଏ ପର୍ଯ୍ୟନ୍ତ ସେ ସେମାନଙ୍କ ମଧ୍ୟରୁ କାହାରି ଉପରେ ଅବତୀର୍ଣ୍ଣ ହୋଇନଥିଲେ , କେବଳ ସେମାନେ ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହୋଇଥିଲେ। ।(୧୭)(ସେତେବେଳେ ସେମାନେ ସେମାନଙ୍କ ଉପରେ ହସ୍ତାର୍ପଣ କଲେ, ଆଉ ସେମାନେ ପବିତ୍ର ଆତ୍ମା ପ୍ରାପ୍ତ ହେଲେ । )*

୩. ଆପଣ ପଢ଼ନ୍ତୁ ପ୍ରେରିତ ୧୯:୧-୫ । କ'ଣ ଏହି ସମସ୍ତ ଲୋକ ବିଶ୍ୱାସୀ ଥିଲେ କି ?

***ପ୍ରେରିତ ୧୯:୧-୫*** *- ଆପଲ୍ଲ କରିନ୍ଥରେ ଥିବା ସମୟରେ ପାଉଲ ପୂର୍ବ ଅଞ୍ଚଳ ଦେଇ ଯାତ୍ରା କରି ଏଫିସି ନଗରକୁ ଆସି କେତେକ ଶିଷ୍ୟଙ୍କ ଦେଖା ପାଇଲେ । (୨) ସେ ସେମାନଙ୍କୁ ପଚାରିଲେ ବିଶ୍ୱାସ କରିବା ସମୟରେ କଅଣ ତୁମ୍ଭେମାନେ ପବିତ୍ର ଆତ୍ମାଙ୍କୁ ପାଇଥିଲ ? ସେମାନେ ତାହାଙ୍କୁ ଉତ୍ତର ଦେଲେ, ନା ପବିତ୍ର ଆତ୍ମା ଯେ ଦତ୍ତ ହୋଇ ଅଛନ୍ତି, ତାହା ସୁଦ୍ଧା ଆମ୍ଭେ ଶୁଣି ନାହୁଁ । (୩) ତେଣୁ ସେ ପଚାରିଲେ, ତେବେ ତୁମ୍ଭେମାନେ କାହିଁରେ ବାପ୍ତିଜିତ ହୋଇଥିଲ ? ସେମାନେ କହିଲେ, ଯୋହନଙ୍କ ବାପ୍ତିସ୍ମରେ । (୪) ସେଥିରେ ପାଉଲ କହିଲେ, ଯୋହନ ମନ ପରିବର୍ତ୍ତନର ବାପ୍ତିସ୍ମରେ ବାପ୍ତିସ୍ମ ଦେଇ ତାଙ୍କ ପରେ ଯେ ଆସିବେ, ତାହାଙ୍କଠାରେ ଅର୍ଥାତ୍ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ହେବ ବୋଲି ଲୋକମାନଙ୍କୁ କହୁଥିଲେ (୫) ସେମାନେ ଏହା ଶୁଣି ପ୍ରଭୁ ଯୀଶୁଙ୍କ ନାମରେ ବାପ୍ତିଜିତ ହେଲେ ।*

୪. ଆପଣ ପଢ଼ନ୍ତୁ ପ୍ରେରିତ ୧୯:୬-୭ । ସେମାନେ କ'ଣ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିସ୍ମ ପ୍ରାପ୍ତ ହେଲେ କି ?

***ପ୍ରେରିତ ୧୯:୬-୭*** *- ଆଉ ପାଉଲ ସେମାନଙ୍କ ଉପରେ ହସ୍ତାର୍ପଣ କରନ୍ତେ, ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କଲେ, ପୁଣି ସେମାନେ ନାନା ଭାଷାରେ କଥା କହିବାକୁ ଓ ଭାବ ବାଣୀ ମଧ୍ୟ କରିବାକୁ ଲାଗିଲେ । (୭) ସେମାନେ ପ୍ରାୟ ବାରଜଣ ପୁରୁଷ ଥିଲେ ।*

୫. ଆପଣ ପଢ଼ନ୍ତୁ ଲୂକ ୧୧:୧୩ । ଏହି ଲୂକ ୧୧:୧୩, ଆମେ ପବିତ୍ର ଆତ୍ମା ପ୍ରାପ୍ତ କରିବାକୁ ହେଲେ କ'ଣ କରିବାକୁ ପଡ଼ିବ ବୋଲି କୁହେ ?

***ଲୂକ ୧୧:୧୩-*** *ଏଣୁ ତୁମ୍ଭେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ପବିତ୍ର ଆତ୍ମା ଦେବେ ?*

୬. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪:୨ । ଯେତେବେଳେ ଜଣେ ଲୋକ ପରଭାଷାରେ କଥା କୁହେ ସେମାନେ ପ୍ରକୃତରେ ସେତେବେଳେ କ'ଣ କରନ୍ତି ?

***୧ମ କରନ୍ଥୀୟ ୧୪:୨-*** *କାରଣ ଯେ ପରଭାଷାରେ କଥା କୁହେ, ସେ ମନୁଷ୍ୟଙ୍କୁ କଥା କୁହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କୁହେ, ଯେଣୁ ଯେ କେହି ତାହା ବୁଝେ ନାହିଁ, ମାତ୍ର ସେ ଆତ୍ମାଦ୍ୱାରା ନିଗୂଢ଼ ବିଷୟ କୁହେ ।*

୭. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪:୧୪ । ଯେତେବେଳେ ଜଣେ ଲୋକ ପରଭାଷାରେ କଥା କୁହେ, ସେମାନେ କ'ଣ କରୁଥାଆନ୍ତି ?

***୧ମ କରନ୍ଥୀୟ ୧୪:୧୪*** *- କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ, ତେବେ ମୋହର ଆତ୍ମା ପ୍ରାର୍ଥନା କରେ, କିନ୍ତୁ ମୋହର ବୁଦ୍ଧି ଫଳହୀନ ହୁଏ ।*

୮. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪:୧୬-୧୭ । ଯେତେବେଳେ ଜଣେ ଲୋକ ପରଭାଷାରେ କଥା କୁହେ, ସେମାନେ କ'ଣ କରନ୍ତି ?

***୧ମ କରନ୍ଥୀୟ ୧୪:୧୬-୧୭*** *- ତୁମ୍ଭେ ଯଦି ଆତ୍ମା ଦ୍ୱାରା ଧନ୍ୟବାଦ ଦିଅ, ତେବେ ସାଧାରଣ ଲୋକ ତୁମ୍ଭ କଥା ନ ବୁଝିବାରୁ କିପରି ତୁମ୍ଭ ଧନ୍ୟବାଦରେ ଆମେନ୍ କହିବ ? (୧୭) ଯେଣୁ ତୁମ୍ଭେ ଉତ୍ତମ ରୂପେ ଧନ୍ୟବାଦ ଦେଉଅଛ ସତ, କିନ୍ତୁ ସେହି ଅନ୍ୟ ଜଣର ନିଷ୍ଠା ହୁଏ ନାହିଁ ।*

୯. ଆପଣ ପଢ଼ନ୍ତୁ ପ୍ରେରିତ ୨:୪ । ଯେତେବେଳେ ଜଣେଲୋକ ପରଭାଷାରେ କଥା କୁହେ, ତାହା ପବିତ୍ର ଆତ୍ମା କଥା କହୁଛନ୍ତି ତା ମଧ ଦେଇ (ନା) ତାହା ତା'ର ନିଜର କଥା ?

***ପ୍ରେରିତ ୨:୪-*** *ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।*

୧୦. ଆପଣ ପଢ଼ନ୍ତୁ ପ୍ରେରିତ ୨:୪ । କଥା କହିବାକୁ (ବା) ସେ ସମସ୍ତ ବିଷୟ ଉଚ୍ଚାରଣ କରିବାକୁ କିଏ ଦେଉଛି ?

## ଉତ୍ତର

୧. ଆପଣ ପଢ଼ନ୍ତୁ ମାର୍କ ୧୬:୧୬ । ତା'ପରେ ପଢ଼ନ୍ତୁ ପ୍ରେରିତ ୮:୫-୧୨ । କ'ଣ ପ୍ରେରିତ ୮:୧୨ ରେ ବର୍ଣ୍ଣନା କରାଯାଇଥିବା ଲୋକମାନେ ଖ୍ରୀଷ୍ଟିୟାନ ହେଲେ କି ?

*ହଁ।*

୨. ଆପଣ ପଢ଼ନ୍ତୁ ପ୍ରେରିତ ୮:୧୪-୧୬ । କ'ଣ ଏହି ଲୋକମାନେ ପବିତ୍ର ଆତ୍ମାଙ୍କ ଦ୍ୱାର ବାପ୍ତିସ୍ମ ପ୍ରାପ୍ତ କଲେ ?

*ନାହିଁ।*

୩. ଆପଣ ପଢ଼ନ୍ତୁ ପ୍ରେରିତ ୧୯:୧-୫ । କ'ଣ ଏହି ସମସ୍ତ ଲୋକମାନେ ବିଶ୍ୱାସୀ ଥିଲେ ?

*ହଁ।*

୪. ଆପଣ ପଢ଼ନ୍ତୁ ପ୍ରେରିତ ୧୯:୬-୭ । ସେମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଷ୍ମ ପ୍ରାପ୍ତ ହେଲେ କି ?

*ନାହିଁ । ଉଲ୍ଲେଖ ଯୋଗ୍ୟ : ଏହି ଅନୁଭୁ ତି ପରିତ୍ରାଣ ପ୍ରାପ୍ତି ଠାରୁ ଭିନ୍ନ ଅଟେ ।*

୫. ଆପଣ ପଢ଼ନ୍ତୁ ଲୂକ ୧୧:୧୩ । ଏହି ଲୂକ ୧୧:୧୩, ଆମ୍ଭେ ପବିତ୍ର ଆତ୍ମା ପାଇବାକୁ ହେଲେ କ'ଣ କରିବାକୁ ହେବ ବୋଲି କୁହେ ?

*ଈଶ୍ୱରଙ୍କୁ ମାଗିବାକୁ ହେବ ।*

୬. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪:୨ । ଜଣେ ପରଭାଷାରେ କଥା ଯଦି ହୁଏ, ସେ କ'ଣ କରୁଥାଏ ?

*ସେ ଆତ୍ମାଦ୍ୱାରା ନିଗୁଢ଼ ବିଷୟ କୁହେ ।*

୭. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪:୧୪ । ଯେତେବେଳେ ଜଣେ ପରଭାଷାରେ କଥା କୁହେ ? ସେ କ'ଣ କରେ ?

***ସେମାନଙ୍କର ଆତ୍ମା ପ୍ରାର୍ଥନା କରୁଥାଏ ।***

୮. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪:୧୬-୧୭ । ଯଦି ଜଣେ ପରଭାଷାରେ କଥା କୁହେ । ତେବେ ସେମାନେ କ'ଣ କରୁଥାନ୍ତି ?

***ସେମାନେ ଈଶ୍ୱରଙ୍କୁ ଆତ୍ମାରେ ଓ ଉତ୍ତମ ରୂପେ ଧନ୍ୟବାଦ ଦେଉଥାନ୍ତି ।***

୯. ଆପଣ ପଢ଼ନ୍ତୁ ପ୍ରେରିତ ୨:୪ । ଯେତେବେଳେ ଜଣେ ପରଭାଷାରେ କଥା କୁହେ, ସେତେବେଳେ ପବିତ୍ର ଆତ୍ମା କଥା କହୁଛନ୍ତି (ନା) ସେ ନିଜେ ?

***ସେ ନିଜ କଥା କୁହେ ।***

୧୦. ଆପଣ ପଢ଼ନ୍ତୁ ପ୍ରେରିତ ୨:୪ । ସେପରି ଉଚ୍ଚାରଣ କରିବାକୁ ସେହି ବ୍ୟକ୍ତିଙ୍କୁ କିଏ ଦିଏ ?

***ପବିତ୍ରଆତ୍ମା ।***

## ଅଧ୍ୟାୟ - ୧୫

# ପବିତ୍ର ଆତ୍ମାଙ୍କୁ କିପରି ପ୍ରାପ୍ତ କରିବା ?

### *ଲେଖକ – ଡନ୍ କ୍ରୋ*

ଆଜି ଆମ୍ଭେମାନେ ପବିତ୍ର ଆତ୍ମାଙ୍କୁ କିପରି ପ୍ରାପ୍ତ କରିବା ? ସେହି ବିଷୟରେ କଥା ହେବାକୁ ଯାଉଅଛୁ । ପ୍ରେରିତ (୧୦:୧) କୁହେ , *"କାଇସରିଆ ନଗରରେ କର୍ଣ୍ଣେଲୀୟ ନାମକ ଜଣେ ବ୍ୟକ୍ତି ଥିଲେ, ସେ ଇତାଲିକ ନାମକ ସୈନ୍ୟ ଦଳରେ ଜଣେ ଶତ୍‌ସେନାପତି ଥିଲେ ।"* ଏହା ସେନା (ବା) ସାମରିକ ଦଳର ଏକ ଶ୍ରେଣୀ (ବା) ସ୍ତର ଥିଲା, ସମ୍ଭବତଃ ଏକ ସେନାଦଳର ସେନାପତି (ବା) ଅଧିନାୟକ । ତା' ପରେ ଦୁଇପଦ କୁହେ, *"ସେ ଜଣେ ଭକ୍ତ, ଆଉ ସପରିବାରରେ ଈଶ୍ୱରଙ୍କୁ ଭୟ କରୁଥିଲେ । ସେ ଲୋକ ମାନଙ୍କୁ ବହୁତ ଦାନ ଦେଉଥିଲେ , ଆଉ ସର୍ବଦା ଈଶ୍ୱରଙ୍କ ଛାମୁରେ ପ୍ରାର୍ଥନା କରୁଥିଲେ ।"* ସେ ଧାର୍ମିକ ଥିଲେ , ଯେଉଁ ବିଷୟ ଠିକ୍ ଥିଲା ସେହି ବିଷୟ କରୁଥିଲେ ,ଈଶ୍ୱର ଭୟାଳୁ ଥିଲେ , ଲୋକ ମାନଙ୍କୁ ନିଜର ଟଙ୍କା ଅନେକ ଭାବେ ଦେଇ ସାହାଯ୍ୟ କରିଥିଲେ ଏବଂ ବାଇବେଲ୍ କୁହେ ସେ ଈଶ୍ୱରଙ୍କ ନିକଟରେ ସର୍ବଦା ପ୍ରାର୍ଥନା କରୁଥିଲେ । କିନ୍ତୁ ଆଜି ଆମେ ଏଠାରେ ଖୋଜି ପାଇବା, ତାହା ଆମ୍ଭଙ୍କୁ ଆଶ୍ଚର୍ଯ୍ୟ ଚକିତ କରେଇବ ଯେ, ଯଦିବା ସେ ଯାହା ଠିକ୍ ତାହାହିଁ କରୁଥିଲେ , ଈଶ୍ୱରଙ୍କୁ ଭୟ କରୁଥିଲେ ଏବଂ ପ୍ରାର୍ଥନାମୟ ଜୀବନ ତାଙ୍କର ଥିଲା, କିନ୍ତୁ ହେଲେ ବି ତାହାଙ୍କର ଈଶ୍ୱରଙ୍କ ସହ ଯୀଶୁ ଖ୍ରୀଷ୍ଟଙ୍କ ମଧ୍ୟଦେଇ କୌଣସି ପ୍ରକାରର ବ୍ୟକ୍ତିଗତ ସଂପର୍କ ନଥିଲା ।

ପୁଣି ପଦ- ୩-୬ କୁହେ , *" ଦିନେ ଅପରାହ୍ନ ପ୍ରାୟ ତିନି ଘଣ୍ଟା ସମୟରେ ସେ ସ୍ପଷ୍ଟରୂପେ ଗୋଟିଏ ଦର୍ଶନ ପାଇଲେ,ଯେପରି ଈଶ୍ୱରଙ୍କର ଜଣେ ଦୂତ ତାଙ୍କ ନିକଟକୁ ଆସି କହୁଛନ୍ତି, ହେ କର୍ଣ୍ଣେଲୀୟ । ସେଥିରେ ସେ ତାଙ୍କ ପ୍ରତି ଏକ ଦୃଷ୍ଟିରେ ଚାହିଁ ଭୀତ ହୋଇ କହିଲେ, ହେ ପ୍ରଭୁ କ'ଣ ? ସେ କହିଲେ ତୁମ୍ଭର ପ୍ରାର୍ଥନା ଓ ଦାନରୂପ ସ୍ମରଣାର୍ଥକ ବଳି ସ୍ୱରୂପ ଉର୍ଦ୍ଧ୍ୱରେ ଈଶ୍ୱରଙ୍କ ଛାମୁରେ ଉଠିଅଛି । ଏବେ ତୁମ୍ଭେ ଯାଫୋକୁ ଲୋକ ପଠାଇ ଶିମୋନଙ୍କୁ ଡକାଇ ଆଣ,ତାଙ୍କ ଉପନାମ ପିତର । ସେ ଶିମୋନ ନାମକ ଜଣେ କର୍ମକାରିଙ୍କ ଅତିଥି ସ୍ୱରୂପ ବାସ କରୁଅଛନ୍ତି, ତାଙ୍କ ଘର ସମୁଦ୍ର କୂଳରେ ।"*

ଏହି ଲୋକ ଯଦିବା ପ୍ରଭୁ ଭୟାଳୁ ଥିଲେ, ସମସ୍ତ ବିଷୟ ସଠିକ୍ ରୂପେ କରି ଧାର୍ମିକ ଥିଲେ ଏବଂ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ମୟ ଜୀବନ ଥିଲା, ତଥାପି ଦୂତ ତାହାଙ୍କ ନିକଟକୁ ପ୍ରେରିତ ହୋଇ ଆସିଲେ ଏବଂ ଶିମୋନ ପିତରକୁ ଡକେଇବାକୁ କହିଲେ, ଯିଏ ତାହାଙ୍କୁ କହିବ ଯେ, ସେ କ'ଣ କରିବା ଉଚିତ୍ । ଆମ୍ଭେ ପ୍ରେରିତ ୧୦:୪୩ ପଦରେ ଦେଖୁ ଶିମୋନ ପିତର କହିବା ପାଇଁ କିପରି ଅନୁଦେଶ

ପାଇଲେ , *"ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ(ଯୀଶୁ ଖ୍ରୀଷ୍ଟଙ୍କନାମରେ) ପାପ କ୍ଷମା ପାଇବ, ଏହା ସମସ୍ତ ଭାବବାଦୀ ତାହାଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି ।"* ଏହା କେତେ ଆଶ୍ଚର୍ଯ୍ୟ ଜନକ ନୁହେଁକି ? ଏହି ବ୍ୟକ୍ତି ଜଣକ ପାଖରେ ସବୁକିଛି ଥିଲା କେବଳ ଗୋଟିଏ ବିଷୟକୁ ବାଦ୍ ଦେଇ, ଆଉ ତାହା ହେଲା ଖ୍ରୀଷ୍ଟ ଯୀଶୁଙ୍କ ମଧ ଦେଇ ଈଶ୍ୱରଙ୍କ ସହ ବ୍ୟକ୍ତିଗତ ସଂପର୍କ । ଈଶ୍ୱର କହିଲେ, "ଯେଉଁ ବିଷୟ ସବୁ ତୁମ୍ଭେ କରୁଅଛ ତାହା ଉତ୍ତମ, ତାହା ଅତି ଉତ୍ତମ ଏବଂ ତାହା ସବୁ ମୋ ଆଗରେ ସ୍ମରଣାର୍ଥକ ବଳି ସ୍ୱରୂପ, କିନ୍ତୁ ମୁଁ କ'ଣ କରିବାକୁ ଯାଉଛି ତାହା ମୁଁ ତୁମ୍ଭକୁ କୁହେ । ମୁଁ ମୋର ଜଣେ ଦୂତକୁ ପଠାଉଛି, ଯେ ତୁମ୍ଭଙ୍କୁ ପିତର ନାମ ଜଣେ ବ୍ୟକ୍ତିକୁ ଡାକିବାକୁ କହିବେ ଆଉ ସେ ତୁମ୍ଭଙ୍କୁ କହିବ ଯେ ତୁମ୍ଭେ କ'ଣ କରିବା ଉଚିତ୍ ।" ପ୍ରେରିତ ୧୦:୪୩ ପଦରେ, ଯେତେବେଳେ ପିତର କର୍ଣ୍ଣେଲୀୟଙ୍କ ଘରକୁ ଗଲେ, ସେ କହିଲେ, *"ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ (ଯୀଶୁଖ୍ରୀଷ୍ଟଙ୍କ ଠାରେ) ସେ ତାହାଙ୍କଠାରେ ପାପ କ୍ଷମା ପାଇବ ।"*

ବର୍ତ୍ତମାନ ଦେଖନ୍ତୁ ଏଠାରେ କ'ଣ ହେଲା, *"ପିତର ଏହିସବୁ କଥା କହୁଥିବା ସମୟରେ ଯେତେ ଲୋକ ବାକ୍ୟ ଶୁଣୁଥିଲେ, ସେ ସମସ୍ତଙ୍କ ଉପରେ ପବିତ୍ର ଆତ୍ମା ଅବତରଣ କଲେ"* (ପ୍ରେରତି -୧୦:୪୪) । ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ରଖିବା ବିଷୟ ଶୁଣି ସେ ତାହାକୁ ଗ୍ରହଣ କରୁଥିଲେ ଏବଂ ନିଜ ପାପର ପାପକ୍ଷମା ପାଇଁ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ରଖିଲେ । ସେ ଯେତେବେଳେ ଏହିପରି କଲେ, ତତ୍କ୍ଷଣାତ୍ ପବିତ୍ର ଆତ୍ମା ତାହାଙ୍କ ଉପରେ ଅବତରଣ କଲେ ଏବଂ ସେହି ଗୃହରେ ଥିବା ସମସ୍ତଙ୍କ ଉପରେ ମଧ । ଆଉ ଏହା (୪୫) ପଦରେ କୁହେ, *"ସେଥିରେ ପିତରଙ୍କ ସହିତ ଆଗତ ସୁନ୍ନତି ବିଶ୍ୱାସୀ ମାନେ ସମସ୍ତେ ବିଜାତି ମାନଙ୍କ ଉପରେ ସୁଦ୍ଧା ପବିତ୍ର ଆତ୍ମାଙ୍କ ଦାନ ବୃଷ୍ଟି କରାଯିବା ଦେଖି ଆଚମ୍ବିତ ହେଲେ ।" ସେମାନେ ଏହା କିପରି ଜାଣିଲେ ? "କାରଣ ସେମାନେ ସେମାନଙ୍କୁ ବିଭିନ୍ନ ଭାଷାରେ କଥା କହୁଥିବା ଓ ଈଶ୍ୱରଙ୍କ ପ୍ରଶଂସା କରୁଥିବା ଶୁଣିଲେ"* (ପଦ-୪୬) ।

ସମସ୍ତ ସମୟରେ ନୂତନ ନିୟମରେ ଯେକୌଣସ ବ୍ୟକ୍ତି ଉପରେ ପବିତ୍ର ଆତ୍ମା ଅବତରଣ କରୁଥିଲେ, ପବିତ୍ର ଆତ୍ମାଙ୍କ ଦାନ ସେମାନଙ୍କ ଉପରେ ପ୍ରକାଶିତ ହେଉଥିଲା ଏବଂ ପବିତ୍ର ଆତ୍ମାଙ୍କର ଖାଲିସ୍ଥାନ ସେମାନେ ପ୍ରାପ୍ତ କରିବା ପ୍ରମାଣ ଦିଏ । ନୂତନ ନିୟମରେ ସାଧାରଣତଃ ସେମାନେ, ପରଭାଷାରେ କଥାହେଲେ (ବା) ଭବିଷ୍ୟଦ୍‌ବାଣୀ ଦେଉଥିଲେ ।

ଗୋଟିଏ ଦିନ ସଂନ୍ଧ୍ୟାରେ ମୁଁ ଟେକ୍ସାସ୍‌ର ଡଲାସରେ, ଆଣ୍ଠୁ ମାଡିଲି ଏବଂ କହିଲି, "ପ୍ରଭୋ, ମୁଁ ଏ ସମସ୍ତ ପରଭାଷାରେ କଥା ହେବା ବିଷୟ ଜାଣେ ନାହିଁ ଏବଂ ପବିତ୍ର ଆତ୍ମାଙ୍କଦ୍ୱାରା ବାପ୍ତିଜିତ ହେବା ବିଷୟ ମଧ୍ୟ ଜାଣେ ନାହିଁ କିନ୍ତୁ ଯଦି ସେହିପରି କିଛି ପନ୍ଥା ଅଛି ତେବେ ମୁଁ ତୁମ୍ଭର ପ୍ରଶଂସା କରିବି, ମୁଁ ତୁମ୍ଭର ଗୌର କରିବି, ସେମିତ କିଛି ଯଦି ଅଛି ଯେଉଁ ପନ୍ଥାଦ୍ୱାରା ମୁଁ ମୋ ଇଂରାଜୀ ଭାଷାରୁ ବାହାରକୁ ବାହାରି ଆହୁରି ଏକ ଭାଷାରେ ତୁମ୍ଭର ପ୍ରଶଂସା କରିବି, ତେବେ ମୁଁ ସେହି ଜିନିଷ ଚାହେଁ । ମୁ ତା' ପରେ ଈଶ୍ୱରଙ୍କୁ ଆରାଧନା କରିବାକୁ ଲାଗିଲି, ଏବଂ ମୁଁ ଯେମିତି ଏହିପରି କରିବା ଆରମ୍ଭ କଲି, ପବିତ୍ର ଆତ୍ମା ମୋତେ ଗୋଟିଏ ଭାଷା ଦେଲେ, ଗୋଟିଏ ଏହି ପ୍ରକାର ଶବ୍ଦର ଉଚ୍ଚାରଣ ଯାହା ନା'ତ ମୁଁ କେବେ ଶିଖି ଥିଲି, ନା ଜାଣି ଥିଲି । ବାଇବେଲ ପ୍ରେରିତ ୨:୪ ରେ କୁହେ, *"ସେଥିରେ ସେମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା*

*କହିବାକୁ ଲାଗିଲେ ।"* ଯେଉଁମାନେ ସେହି ଭାଷା କହିଲେ, ସେମାନେ କହିଲେ କିଏ ସେମାନଙ୍କୁ ଏହି ଭାଷା ଉଚ୍ଚାରଣ କରିବାକୁ ଦେଲେ ? ତାହା ଆଉ କେହି ନୁହଁ ମାତ୍ର ପବିତ୍ର ଆତ୍ମା ।

ଲୁକ୍ ୧୧.୧୩ କୁହେ, *"ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ପବିତ୍ର ଆତ୍ମା ଦେବେ ।"* ବର୍ତ୍ତମାନ ଆପଣଙ୍କୁ ଯଦି କିଛି କରିବାକୁ ପଡ଼ିବ ତେବେ ତାହା ହେଲା – ତାହାଙ୍କୁ ପବିତ୍ର ଆତ୍ମା ପ୍ରାପ୍ତି ପାଇଁ ମାଗିବାକୁ ପଡ଼ିବ ,ତା' ପରେ ଆପଣ ତାହା ପ୍ରାପ୍ତ କଲେ ବୋଲି ବିଶ୍ୱାସ କରିବାକୁ ପଡ଼ିବ, ତା'ର ଫଳ ପାଇଁ ପ୍ରଭୁଙ୍କ ଉପରେ ନିର୍ଭର ରଖିବାକୁ ହେବ , ଈଶ୍ୱରଙ୍କୁ ଆରାଧନା କରିବାକୁ ଆରମ୍ଭ କରିବାକୁ ପଡ଼ିବ ଏବଂ ସେ ହିଁ ଆପଣଙ୍କୁ ଆରାଧନା ପାଇଁ ସେହି ଭାଷା ଉଚ୍ଚାରଣ କରିବାକୁ ଓ କହିବାକୁ ଦେବେ ଏବଂ ସେ ହିଁ ସେହି ଭାଷାରେ ତାହାଙ୍କର ପ୍ରଶଂସା କରିବାକୁ ଦେବେ, ଯାହାକି କେବେ ଆପଣ ଶିଖି ନାହାନ୍ତି ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଓ ସେହି ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଧର୍ମଶାସ୍ତ୍ରରୁ କିଛି ଅଂଶ

୧. ବାଇବେଲ୍‌ରେ ଲିଖିତ କିଛି ଶବ୍ଦମାନ ବିଷୟରେ ବର୍ଣ୍ଣନା କରନ୍ତୁ ଯାହା ପରିତ୍ରାଣ ପାଇଁ ବ୍ୟବହୃତ ହୋଇଛି ।

***ଯୋହନ ୩:୩ -*** *ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମ୍ଭଙ୍କୁ କହୁଅଛି , ପୁନର୍ବାର ଜନ୍ମ ନ ନେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖି ପାରେ ନାହିଁ ।*

***ପ୍ରେରିତ ୩:୧୯ -*** *ଅତଏବ , ଯେପରି ଆପଣ ମାନଙ୍କର ପାପ ମୋଚନ ହୋଇପାରେ, ଏଥିନିମନ୍ତେ ମନ ପରିବର୍ତ୍ତନ କରି ଫେରି ଆସନ୍ତୁ ।*

***ମାର୍କ ୧୬:୧୬ –*** *ଯେ ବିଶ୍ୱାସକରି ବାପ୍ତିଜିତ ହୁଏ ,ସେ ପରିତ୍ରାଣ ପାଇବ,କିନ୍ତୁ ଯେ ଅବିଶ୍ୱାସକରେ ସେ ଦଣ୍ଡାଜ୍ଞା ପାଇବ ।*

***କଲସୀୟ ୨:୧୩ -*** *ଅପରାଧରେ ଓ ଶରୀର ଅସୁନ୍ନତ ଅବସ୍ଥାରେ ମୃତ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ମଧ୍ୟ ଈଶ୍ୱର ତାହାଙ୍କ ସହିତ ସଜୀବ କରିଅଛନ୍ତି, ସେ ତ ଆମ୍ଭମାନଙ୍କର ସମସ୍ତ ଅପରାଧ କ୍ଷମା କରି ଅଛନ୍ତି ।*

***ରୋମୀୟ ୮:୯-*** *କିନ୍ତୁ , ଈଶ୍ୱରଙ୍କ ଆତ୍ମା ଯଦି ତୁମ୍ଭମାନଙ୍କ ଠାରେ ବାସ କରନ୍ତି, ତାହାହେଲେ ତୁମ୍ଭେମାନେ ଶରୀରର ବଶରେ ନାହଁ, ମାତ୍ର ଆତ୍ମାଙ୍କ ବଶର ଅଛ । ଯଦି କେହି ଖ୍ରୀଷ୍ଟଙ୍କ ଆତ୍ମା ପାଇ ନଥାଏ, ତେବେ ତାହାଙ୍କର ନୁହେଁ ।*

***ମାଥିଉ ୨୫:୪୬ -*** *ଆଉ, ଏମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକ ମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।*

୨. ଆପଣ ପଢ଼ନ୍ତୁ ପ୍ରେରିତ ୧୧:୧୫ ଏହି ପଦ କିଭଳି ଭାବେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବାର ଅନୁଭୂତି କୁ ବର୍ଣ୍ଣନା କରେ ?

***ପ୍ରେରିତ ୧୧:୧୫*** *- ପରେ ମୁଁ କଥା କହିବାକୁ ଆରମ୍ଭ କରିବା ସମୟରେ ପବିତ୍ର ଆତ୍ମା ପ୍ରଥମରେ ଆମ୍ଭମାନଙ୍କ ଉପରେ ଅବତରଣ କଲାପରି ସେମାନଙ୍କ ଉପରେ ସୁଦ୍ଧା ଅବତରଣ କଲେ ।*

୩. ଯୀଶୁଙ୍କର ଶିଷ୍ୟମାନେ ପବିତ୍ର ଆତ୍ମାଙ୍କୁ ପ୍ରାପ୍ତ କଲେ (ଯୋହନ ୨୦:୨୨), କିନ୍ତୁ କିଛି ଦିନ ପରେ ପୁଣି ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ । (ପ୍ରେରିତ ୨:୧-୪) । ଏହି ବିଷୟକୁ ଧ୍ୟାନ କରି ଦେଖନ୍ତୁ ଓ ସତ୍ୟତାକୁ ତୁଳନା କରନ୍ତୁ (ଯୋହନ ୨୦:୨୨ ଏବଂ ପ୍ରେରିତ ୨:୧-୪)

***ଯୋହନ ୨୦:୨୨*** *– ସେ ଏହା କହି ସେମାନଙ୍କ ଉପରେ ପ୍ରଶ୍ୱାସ ଛାଡ଼ି ସେମାନଙ୍କୁ କହିଲେ, ପବିତ୍ର ଆତ୍ମାଙ୍କୁ ଗ୍ରହଣ କର ।*

***ପ୍ରେରିତ ୨:୧-୪*** *- ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ, ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ । (୨) ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହରେ ସର୍ବତ୍ର ବ୍ୟାପିଗଲା (୩) ଆଉ ଅଗ୍ନି ସଦୃଶ ଜିହ୍ୱା ଗୁଡ଼ିକ ସେମାନଙ୍କ ଦୃଷ୍ଟିଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । (୪) ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।*

୪. ଆପଣ ପଢ଼ନ୍ତୁ ପ୍ରେରିତ ୧:୮ । ପବିତ୍ର ଆତ୍ମାରେ ବାପ୍ତିଜିତ ହେବାର ଉଦ୍ଦେଶ୍ୟ କ'ଣ ?

***ପ୍ରେରିତ ୧:୮*** *- ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ, ଆଉ ଯିରୂଶାଲମ୍ , ସମସ୍ତ ଯିହୁଦା ପ୍ରଦେଶ ଓ ଶିମିରୋଣ, ପୁଣି ପୃଥିବୀରେ ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ ।*

୫. ଆପଣ ପଢ଼ନ୍ତୁ ପ୍ରେରିତ ୨:୩୮-୩୯ ଏବଂ ୧ମ କରନ୍ଥୀୟ ୧:୭, ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବା ଆଜି କ'ଣ ଆମ୍ଭମାନଙ୍କ ପାଇଁ କି ?

***ପ୍ରେରିତ ୨:୩୮-୩୯*** *- ତେଣୁ ପିତର ସେମାନଙ୍କୁ କହିଲେ ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।(୩୯) କାରଣ ଏହି ପ୍ରତିଜ୍ଞା ଆପଣ*

*ମାନଙ୍କ ନିମନ୍ତେ , ଆପଣମାନଙ୍କର ସନ୍ତାନ ସନ୍ତତି ମାନଙ୍କ ନିମନ୍ତେ, ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତ ନିମନ୍ତେ ।*

***୧ମ କରନ୍ଥୀୟ ୧:୭ -** ଏଣୁ ତୁମ୍ଭେମାନେ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପ୍ରକାଶ ନିମନ୍ତେ ଅପେକ୍ଷାରେ ଥାଇ କୌଣସି ଅନୁଗ୍ରହ ଦାନରେ ଊଣା ପଡୁ ନାହିଁ ।*

୬. ଆପଣ ପଢ଼ନ୍ତୁ ଲୁକ୍ ୧୧:୧୩ । ଆପଣ ଯଦି ପବିତ୍ର ଆତ୍ମାରେ ବାପ୍ତିସ୍ମ ପ୍ରାପ୍ତ ହୋଇନାହାନ୍ତି ତେବେ, ଆପଣ କ'ଣ କରିବା ଆବଶ୍ୟକ ?

***ଲୂକ ୧୧:୧୩ -** ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ,ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ପବିତ୍ର ଆତ୍ମା ଦେବେ ?*

୭. ଆପଣ ପଢ଼ନ୍ତୁ ପ୍ରେରିତ ୨:୪ - ଈଶ୍ୱର ଆପଣଙ୍କୁ ଯେଉଁ ପ୍ରାର୍ଥନାର ଭାଷା ଦେବେ ସେଥି ପାଇଁ ଆପଣ ତାହାଙ୍କୁ ମାଗିବେ କି, ଆଉ ତାହା ପ୍ରାପ୍ତ କଲା ପରେ ତାହା କହିବେ/ଉଚ୍ଚାରଣ କରିବେ କି ? ତାହାଙ୍କୁ ସେହି ଭାଷାରେ ଆରାଧନା କରିବେ କି ?

***ପ୍ରେରିତ ୨:୪ -** ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକ ଲାଗିଲେ ।*

## ଉତ୍ତର

୧. ଆପଣ କିଛି ଶବ୍ଦ ବର୍ଣ୍ଣନା କରନ୍ତୁ, ଯାହାକି ବାଇବେଲ୍‌ରେ ପରିତ୍ରାଣ ବିଷୟ ବର୍ଣ୍ଣନା କରେ ?

*ନୂତନ ସ୍ୱଭାବରେ ଜନ୍ମ ନେବା/ପୁନଃଜନ୍ମ ହେବା (ଯୋହନ-୩:୩) ,ଧର୍ମାନ୍ତରଣ ପରିବର୍ତ୍ତନ (ପ୍ରେରିତ ୩:୧୯), ବିଶ୍ୱାସ କରିବା ଓ ବାପ୍ତିଜିତ ହେବା (ମାର୍କ ୧୬:୧୬), ପାପ କ୍ଷମା ହେବା (କଲସୀୟ-୨:୧୩), ଖ୍ରୀଷ୍ଟଙ୍କର ଆତ୍ମା ପ୍ରାପ୍ତ କରିବା (ରୋମୀୟ୮:୯) ଏବଂ ଅନନ୍ତ ଜୀବନ (ମାଥିଉ ୨୫:୪୬)*

୨. ଆପଣ ପଢ଼ନ୍ତୁ (ପ୍ରେରିତ ୧୧:୧୫), ଏହି ଶାସ୍ତ୍ରାଂଶ ପବିତ୍ର ଆତ୍ମାରେ ବାପ୍ତିସ୍ମ ହେବାର ଅନୁଭୂତିକୁ କିପରି ବର୍ଣ୍ଣନା କରେ ?

*ପବିତ୍ର ଆତ୍ମା ସେମାନଙ୍କ ଉପରେ ଅବତରଣ କଲେ ।*

୩. ଯୀଶୁଙ୍କର ଶିଷ୍ୟମାନେ ପବିତ୍ର ଆତ୍ମାରେ ପ୍ରାପ୍ତ କଲେ (ଯୋହନ ୨୦:୨୨),କନ୍ତୁ କିଛି ଦିନ ପରେ ସେମାନେ ପ୍ରକୃତରେ ପବିତ୍ର ଆତ୍ମାରେ ବାପ୍ତିଜିତ ହେଲେ (ପ୍ରେରିତ ୨:୧-୪) । ଆପଣ ଏହାକୁ ଦେଖନ୍ତୁ ଓ ତୁଳନା କରନ୍ତୁ ଏହି ସତ୍ୟତା ଉପରେ (ଯୋହନ ୨୦:୨୨ ଏବଂ ପ୍ରେରିତ ୨:୧-୪)

*ଯୋହନ ୨୦:୨୨ ରେ ଶିଷ୍ୟମାନେ ପବିତ୍ର ଆତ୍ମା ପ୍ରାପ୍ତ କଲେ । ପ୍ରେରିତ ୨:୧-୪ କୁହେ, ସେହି ସମାନ ଶିଷ୍ୟମାନେ ପୁଣି ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ ।(ଯାହାକି ଅନ୍ତର୍ମୁଖୀ ଓ ବହିର୍ମୁଖୀରେ ମଧ ପୂର୍ଣ୍ଣ ହୁଏ । (ଦେଖନ୍ତୁ ପ୍ରେରିତ ୧:୮)*

୪. ଆପଣ ପଢ଼ନ୍ତୁ ପ୍ରେରିତ ୧:୮ । ପବିତ୍ର ଆତ୍ମାରେ ବାପ୍ତିଜିତ ହେବା ଉଦ୍ଦେଶ୍ୟ କ'ଣ ?

*ପୃଥିବୀର ପ୍ରାନ୍ତ ଯାଏଁ ସାକ୍ଷୀ ହେବା ନିମନ୍ତେ, ଶକ୍ତିଯୁକ୍ତ ହେବା ।*

୫. ଆପଣ ପଢ଼ନ୍ତୁ ପ୍ରେରିତ ୨:୩୮-୩୯ ଏବଂ ୧ମକରନ୍ଥୀୟ ୧:୭ । ଆଜି କ'ଣ ଏହି ପବିତ୍ର ଆତ୍ମାରେ ବାପ୍ତିଜିତ ହେବା, ଆମପାଇଁ ?

*ହଁ ।*

୬. ଆପଣ ପଢ଼ନ୍ତୁ ଲୁକ୍ ୧୧:୧୩ । ଆପଣ ଯଦି ପବିତ୍ର ଆତ୍ମାରେ ବାପ୍ତିସ୍ମ ପ୍ରାପ୍ତ କରି ନାହାନ୍ତି, ତେବେ ଆପଣ ବର୍ତ୍ତମାନ କ'ଣ କରିବା ଆବଶ୍ୟକ ?

*ଈଶ୍ୱରଙ୍କୁ ମାଗିବା ଆବଶ୍ୟକ ।*

୭. ଆପଣ ପଢ଼ନ୍ତୁ ପ୍ରେରିତ ୨:୪ । ଆପଣ କ'ଣ ଈଶ୍ୱ ଦେଇଥିବା ପ୍ରାର୍ଥନା ଭାଷାରେ କଥା ହେବେ, ତାହାଙ୍କୁ ମାଗିବେ, ସେହି ଭାଷାରେ କଥା ହେବେ ଓ ତାହାଙ୍କୁ ଆରାଧନା କରିବେ କି ?

*ହଁ, ମୁଁ କଥା ହେବି, କିନ୍ତୁ ପବିତ୍ର ଆତ୍ମାମୋତେ ଉଚ୍ଚାରଣ କରିବା ପାଇଁ ସେ ଭାଷା ଦେବେ ।*

## ଅଧ୍ୟାୟ - ୧୭

# ପରଭାଷାରେ କଥା ହେବାର ଉପକାରିତା

### *ଲେଖକ - ଆନ୍ଦ୍ରିଉ ଓ୍ୱମାକ୍*

ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେଲା ପରେ ଗୋଟିଏ ବିଷୟ ହେଲା ସେଠାରେ ଯେଉଁ ଲୋକ ମାନେ ଥିଲେ ସେମାନେ ପରଭାଷାରେ କଥା ହେଲେ । (ପ୍ରେରିତ : ୨ : ୪) କୁହେ "ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ; ପୁଣି,ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ, ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗଲେ । ଆଉ ତାହା ପେଟିଂକଷ୍ଟ ଦିବସ ଥିଲା, ନିରନ୍ତର ଭାବେ ପ୍ରେରିତ ପୁସ୍ତକରେ, ଯେତେବେଳେ ଲୋକମାନେ ପବିତ୍ର ଅତ୍ମା ପ୍ରାପ୍ତିକଲେ , ସେତେବେଳେ ପ୍ରଭୁଙ୍କର ଉପସ୍ଥିତି ପ୍ରକାଶିତ ହୋଇଥିଲା" ।

ଅବଶ୍ୟ, ପରଭାଷାରେ କଥା କହିବା ବାଦେ ବି ଆହୁରି ଅନେକ ବିଷୟ ପବିତ୍ର ଆତ୍ମାଙ୍କ ବିଷୟ ରହିଛି, କିନ୍ତୁ ଏହା ସେମାନଙ୍କ ମଧ୍ୟରେ ମଧ୍ୟ ଏକ ମୁଖ୍ୟ ପ୍ରକାଶ ହେଲା ପରେ ପରିଦୃଷ୍ଟ ବିଷୟ ଅଟେ । ପ୍ରଥମ କରନ୍ଥୀୟ ୧୪:୧୩-୧୪ କୁହେ, *''ଅତଏବ'' ''ଯେ ପରଭାଷାରେ କଥା କୁହେ ସେ ଯେପରି ଅର୍ଥ କହିପାରେ, ଏଥି ନିମନ୍ତେ ପ୍ରାର୍ଥନା କରୁ । କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ । ତେବେ ମୋହର ଆତ୍ମା ପ୍ରାର୍ଥନା କରେ ମୋହର ବୃଦ୍ଧି ଫଳ ହୀନ ହୁଏ''* । ଯେତେବେଳେ ଆପଣ ପରଭାଷାରେ ପ୍ରାର୍ଥନା କରନ୍ତି ,ଆପଣଙ୍କ ଆତ୍ମା ପ୍ରର୍ଥନା କରେ । ଆପଣ ଯଦି ଥରେ ପରଭାରେ କଥାହେବା ଆରମ୍ଭ କରନ୍ତି, ତେବେ ଯେପରି ଆପଣ ତାହାର ଅର୍ଥ ଅନୁବାଦ କରି ପାରନ୍ତି । ସେଥିପାଇଁ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରନ୍ତୁ ଯାହା- ଦ୍ୱାରା ବୁଝି ଫଳ ପ୍ରଦ ହୋଇ ପାରିବ ।

ମୁଁ ଏହିଠାରେ ନିଜର ବ୍ୟକ୍ତିଗତ ସାକ୍ଷ୍ୟ ଦେଇ ପାରେ , ଯେତେବେଳେ ମୁଁ ପବିତ୍ର ଆତ୍ମା ପ୍ରାପ୍ତ କରିଲି ଏବଂ ପରଭାଷାରେ କଥା କହିବା ଆରମ୍ଭ କଲି, ତା'ପରେ ସେହି ବିଷୟ ମୋ ଜୀବନକୁ ଅମୂଳଚୁଳ ଭାବେ ପରିବର୍ତନ କରିବାରେ ସହାୟକ ହେଲା । ମୁଁ ବିଶ୍ୱାସ କରେ ମୁଁ ଯେତେବେଳେ ନୂତନ ସ୍ୱଭାବରେ ପୁନଃର୍ଜନ୍ମ ନେଲି , ଖ୍ରୀଷ୍ଟ ମୋ ମଧ୍ୟକୁ ଆସି ବାସ କରିଲେ ଏବଂ ମୋ ମଧ୍ୟରେ ସେ ସମସ୍ତ କିଛି ଦେଲେ , କିନ୍ତୁ ଯେତେବେଳେ ପବିତ୍ର ଆତ୍ମା ମୋ ମଧ୍ୟକୁ ଆସି ଅବତିର୍ଣ୍ଣ କଲା , ତାହ ମୋ ମଧ୍ୟରେ ଓ ମୋ ସହ ଅନ୍ୟ ଲୋକଙ୍କ ଆଗରେ ମଧ୍ୟ ପ୍ରକାଶ ହେବାକୁ ଲାଗିଲା । ଏହିପରି କିଛି ବିଷୟ ମାନ ଅଛି ଯାହାକି ଘଟିଥିଲା । ପ୍ରଥମ ବର୍ଷ ଯେତେବେଳେ ମୁ ପରଭାଷାରେ କଲି, ମୋ ମନ କହିଲା ତାହା ଗୋଟିଏ ପାଗଳାମୀ , ମୁଁ ଯାହାବି କରୁଥିଲି ସେ ସମସ୍ତ ସମୟର ନଷ୍ଟ । ଆଉ ତାହା ଠାରେ ଏକ ବିଶ୍ୱାସର ଆବଶ୍ୟକ ଥିଲା ମୋତେ ପରଭାଷାରେ ପ୍ରାର୍ଥନା

କରିବା ପାଇଁ, ଆଉ ଯେଉଁଥି ପାଇଁକି ଯିହୁଦା ପୁସ୍ତକ ୨୦ ପଦ କୁହେ, ତୁମ୍ଭେମାନେ ଆପଣା ମାନଙ୍କ ଆତି ପବିତ୍ର ବିଶ୍ୱାସ ଉପରେ ଆପଣ ମାନଙ୍କର ଧର୍ମ ଜୀବନ ରୂପ, ଗୃହ ନିର୍ମାଣ କର ପବିତ୍ର ଆତ୍ମାରେ ପ୍ରାର୍ଥନା କର । ଏହା ଆପଣଙ୍କ ସ୍ୱାଭାବିକ ଚିନ୍ତା ଓ ଭାବନାରୁ ଆପଣଙ୍କୁ କାଢ଼ିବ ଏବଂ ଯୁକ୍ତି ଯୁକ୍ତ ଆଲୋଚନା ମଧ୍ୟରୁ କାଢ଼ିବ ଏବଂ ଆପଣଙ୍କୁ ବିଶ୍ୱାସର ଏକ ଅଲୌକିକ କ୍ଷେତ୍ରରେ ଆପଣଙ୍କୁ ନେବ ।

ଅନ୍ୟ ଆଉ ଗୋଟିଏ ବିଷୟ ଯାହା ମୁଁ ଅନୁଭବ କଲି ତାହା ହେଲା, ଯେତେବେଳେ ମୁଁ ପରଭାଷାରେ ପ୍ରାର୍ଥନା କଲି ଯେଉଁ ଲୋକ ମାନଙ୍କୁ ମୁଁ ବର୍ଷ ବର୍ଷ ଧରି ମନେ ପକାଇନି, ଯେଉଁ ମାନଙ୍କ ବିଷୟରେ ଭୁଲିଯାଇଥିଲି ସେମାନେ ମୋ ସ୍ମୃତିକୁ ଆସିଲେ । ଆଉ ମୁଁ ସେମାନଙ୍କ ପାଇଁ ପ୍ରାର୍ଥନା କରିବା ଆରମ୍ଭ କଲି ଏବଂ ଗୋଟିଏ ଓ ଦୁଇ ଦିନ ମଧ୍ୟରେ, ସେମାନେ ମୋ ସମ୍ପର୍କକୁ ଆସିଲେ ଏବଂ ମୁ ଗୋଟିଏ ଅତି ଆଶ୍ଚର୍ଯ୍ୟ ବିଷୟ ହେବା ପାଇଲି । ଆଉ ଏହିପରି ଅନେକ ସମୟରେ ହେଲା ଓ ମୁଁ ପରିଶେଷରେ ଏ ସବୁ ବିଷୟକୁ ଏକାଠି କରିବା ଆରମ୍ଭ କଲି ଏବଂ ହୃଦୟଙ୍ଗମ କଲି ଯେ, ଯେତେବେଳେ ମୁଁ ପରଭାଷାରେ ପ୍ରାର୍ଥନା କରୁଥିଲି, ମୁଁ ମୋ ବିଜ୍ଞତାରେ ପ୍ରାର୍ଥନା କରୁଥିଲି ଯାହାକି ମୋ ମାନସିକ କ୍ଷମତାରୁ କାହିଁକେତେ ପରିମାଣରେ ଅଧିକ ଥିଲା ମୋର ଯେଉଁ ଆତ୍ମା ତାହା ସମସ୍ତ ବିଷୟ ଯେପରି ଆଗରୁ ଜାଣି ଥିଲା ଏବଂ ମୋ ମଧ୍ୟରେ ଥିବା ଖ୍ରୀଷ୍ଟ ଯୀଶୁଙ୍କର ମନ ଅନ୍ୟ ଲୋକ ମାନଙ୍କ ପାଇଁ ପ୍ରର୍ଥନା କରୁଥିଲା , ଯାହାକି ମୋ ନିଜ ବୁଝିବା ଶକ୍ତିରେ ମୁଁ କେବେ ମଧ୍ୟ କରି ପାରି ନଥାନ୍ତି ।

ଗୋଟିଏ ଦିନ ମୁଁ ଏହିପରି ହିଁ ପରଭାଷାରେ ପ୍ରାର୍ଥନା କରୁ ଥିଲି ଯେପରି ମୁଁ ପୂର୍ବରୁ ଆପଣ ମାନଙ୍କୁ କହିଲି ଯେ, ମୋପାଇଁ ଏକ ଦୃଢ଼ ବିଶ୍ୱାସର ଆବଶ୍ୟକ ଥିଲା, ପରଭାଷାରେ ପ୍ରାର୍ଥନା କରିବା ପାଇଁ ବୋଲି- ଏବଂ ମୁଁ କିଛି ଭାବନା ଗୁଡ଼ିକୁ ନେଇ ଦିନେ ସଂଘର୍ଷ କରୁଥିଲି ଯେପରିକି, ଆପଣ ଇଂରାଜୀରେ ଯଦି କଥା ହୋଇ ଥାନ୍ତେ ଏବଂ ବହୁତ ଭଲ କହିଥାନ୍ତେ ଏହି ଅସ୍ପଷ୍ଟ ଭାଷା (ବା) ଉଚାରଣ ପରିବର୍ତ୍ତେ ଏହିପ୍ରକାରର ଚିନ୍ତା ମାନ ମୋତେ ଆସିଲା, କିନ୍ତୁ ମୁଁ ତାକୁ ବାଦ୍ ଦେଇ ମୋର ଚେଷ୍ଟା ସେହି ପ୍ରକାରେ ପ୍ରାର୍ଥନା କରେଇବାରେ ଲଗେଇଲି । ତା' ପରେ ଜଣେ ଲୋକ ଯାହାକୁକି ମୁଁ ଗତ ଚାରିବର୍ଷ ମଧ୍ୟରେ କେବେ ଦେଖି ନ ଥଲି , ସେ ମୋ ଘର କବାଟ ପାଖେ ଠକ୍ ଠକ୍ କଲା ଆଉ ସେ ଭିତରକୁ ଆସିଲା , କୌଣସି ପ୍ରକାରର ଅଭୀବାଦନ (କି) ନମସ୍କାର କଛି ନାହିଁ , ସେ ସିଧା ସଳଖ ଚୌକିରେ ବସି ପଡ଼ିଲା, ଏବଂ କାନ୍ଦିବା ଆରମ୍ଭ କଲ । ଏବଂ ହୃଦୟ ଖୋଲି ତା ଅନ୍ତରର ଦୁଖଃ, କୋହ କାଢ଼ିଲା କାରଣ, ସେ ଅନେକ ଅସୁବିଧା ମଧ୍ୟରେ ଥିଲା । ମୁଁ ସେହିଠାରେ ତା' ପାଖେ ବସିଲି, ଏବଂ ଭାବି ଭାବି ଯେ ସେହିବ୍ୟକ୍ତି ପାଇଁ ଇଂରାଜୀରେ ପ୍ରାର୍ଥନା କରିବା ଉଚିତ୍ । ମୋର ପରବର୍ତ୍ତି ଚିନ୍ତାଥିଲା ମୁଁ କିପରି ଜାଣିବି ତା' ପାଇଁ କେଉଁ ବିଷୟ ପ୍ରାର୍ଥନା କରିବି ଯେବେକି ମୁଁତାହାକୁ ଏହି ୪ବର୍ଷ ମଧ୍ୟରେ କେବେହେଁ ଦେଖି ନାହିଁ ? ପରିଶେଷରେ,ମୁଁ ତା' ପାଇଁ ପ୍ରାର୍ଥନା କରିବା ପାଇଁ ପ୍ରସ୍ତୁତହେଲି ଏବଂ ପ୍ରଭୁ ମୋତେ ପ୍ରସ୍ତୁତ କରାଉ ଥିଲେ । ଆକସ୍ମିକ ଭାବେ,ଈଶ୍ୱରଙ୍କ ପ୍ରକଟିତ ସତ୍ୟ ବା ଜ୍ଞାନ ମୋ ଆଗରେ ପ୍ରକାଶିତ ହେଲା । ଏବଂ ମୁଁ ସେହି ବ୍ୟକ୍ତି କୁ କହିଲି '' ମୁଁ ତୁମର ସମସ୍ୟା କଣ ତାହା କହି ପାରିବି ।" ଆଉ ମୁଁ ତା'ର କାହାଣୀ ଶେଷ କଲି ଓ ତାହାକୁ ତା'ର ଉତର ଦେଲି ।

ଏଠାରେ ଆପଣଙ୍କୁ ଏହି ବିଷୟ ବୁଝିବାକୁ ପଡ଼ିବ ଯେ, ଏହି ବିଷୟ ସେତେବେଳେ ମୋ ସହ ହୋଇଥିଲା, ଯେତେବେଳେ ମୁଁ ଏକ ନିର୍ଦ୍ଧିଷ୍ଟ ଧାର୍ମିକ ସଂପ୍ରଦାୟର ଗିର୍ଜାରେ ଥିଲି (ବା) ଯାଉଥିଲି । ଆଉ ସେଠାରେ ସେ ଜାଣି ନଥିଲେ ମୋ ସହ କ'ଣ ହୋଇ ଥିଲା ଏବଂ ମୁଁ ମଧ୍ୟ ନିଶ୍ଚିତ ନ ଥିଲି ଯେ' ମୋ ସହ

କ'ଣ ହୋଇଥିଲା । ଏହା ଆମ୍ଭ ଉଭୟଙ୍କୁ ଭୟ ଭିତ କରାଇଲା । କିନ୍ତୁ ତାହା ଈଶ୍ୱରଙ୍କ ଶକ୍ତି ଥିଲା, ଯାହା ପ୍ରକାଶିତ ହୋଇଥିଲା, ଏବଂ ସେ ତାହାକୁ ଆଲୌକିକ ଭାବେ ବ୍ୟବହାର କଲେ । ତାହାର ଅର୍ଥ ହେଲା :- ଆପଣ ଯେତେବେଳେ ପରଭାଷାରେ ପ୍ରାର୍ଥନା କରନ୍ତି, ସେତେବେଳେ ଆପଣଙ୍କ ଆତ୍ମା ପ୍ରାର୍ଥନା କରେ । ଆପଣଙ୍କ ଆତ୍ମା ପୁନଃ ନୂତନ ସ୍ୱଭାବରେ ଜନ୍ମ ହୋଇଛି, ତାହାର ଖ୍ରୀଷ୍ଟଙ୍କ ଭଳି ମନ ଅଛି ଏବଂ ସେ ଜାଣେ ଯେ କ'ଣ କରାଯିବା ଉଚ୍ଛିତ୍ । ଏହା ଈଶ୍ୱରଙ୍କ ଠାରୁ ଏକ ପବିତ୍ରୀକରଣ ଆଶୀର୍ବାଦ, ଯୋଦ୍ୱାରା ଆପଣ ସମସ୍ତ ବିଷୟ ଜାଣି ପାରିବେ ଏବଂ ମଧ୍ୟ ଜାଣିପାରିବେ ଯେ, ଆପଣଙ୍କ ଆତ୍ମାରେ କୌଣସି ସିମା ବନ୍ଧନ ନାହିଁ ବୋଲି । ଆପଣ ଯଦି ଏବେ ସେହି ଆତ୍ମାର ଶକ୍ତି ଓ ପ୍ରକଟିତ ସତ୍ୟ ଜ୍ଞାନରେ ଚାଲିଥାନ୍ତେ, ତେବେ ତାହା ଆପଣଙ୍କ ଶାରୀରିକ ଜୀବନ କ୍ଷେତ୍ରରେ ରୂପାନ୍ତରିତ କରିଥାନ୍ତା । ଆଉ ସେହିବିଷୟ ବର୍ତ୍ତମାନ କରିବାର ଗୋଟିଏ ପନ୍ଥା ହେଲା, ଯଦିଓ ସେହି ପନ୍ଥା କେବଳ ଏକମାତ୍ର ତାହା ନୁହେଁ, ମାତ୍ର ଆପଣ ସେଥିପାଇଁ ପରଭାଷାରେ ପ୍ରାର୍ଥନା କରିବା ଆରମ୍ଭ କରନ୍ତୁ । ଆପଣ ସେହି ବିଷୟକୁ ଚିହ୍ନନ୍ତୁ , ଜାଣିବାକୁ ଚେଷ୍ଟା କରନ୍ତୁ ଏବଂ ତାହା ଉପରେ ବିଶ୍ୱାସ କରନ୍ତୁ , ଯେତେବେଳେ ଆପଣ ଏହିପରି କରନ୍ତି, ଆପଣମାନଙ୍କର ଅ ତି ପବିତ୍ର ବିଶ୍ୱାସ ଉପରେ ଧର୍ମଜୀବନ ରୂପ ଗୃହ ନିର୍ମାଣ ହୋଇଥାଏ । ଆପଣଙ୍କ ଆତ୍ମା ଈଶ୍ୱରଙ୍କ ପାଖରେ ଅ ନେକ ନିଗୁଢ଼ ବିଷୟ ପାଇଁ ପ୍ରାର୍ଥନା କରେ ଏବଂ ସେତେବେଳେ ଈଶ୍ୱରଙ୍କ ସଂପୂର୍ଣ୍ଣ ପ୍ରକୋଟିତ ସତ୍ୟ ଆପଣ ପ୍ରାପ୍ତ ହୁଅନ୍ତି । ତା'ପରେ ୧ମ କରନ୍ଥୀୟ ୧୪ :୧୩ ଅନୁଯାୟୀ, ଆପଣ ପ୍ରାର୍ଥନା କରନ୍ତୁ ଯେପରି ଆପଣ ତାଙ୍କର ତାହାର ଅର୍ଥ କହି ପାରବେ । ତା'ର ମାନେ ନାହିଁ ଯେ ଆପଣ ପରଭାଷାରେ ପ୍ରାର୍ଥନା କରିବା ବନ୍ଦ କରିଦେବେ । ଏବଂ ଇଂରାଜୀରେ ତାର ଅର୍ଥ ପାଇଁ ପ୍ରାର୍ଥନା କରିବେ ; ତା'ର ଅର୍ଥ କେବଳ ଏହା ଯେ ସେହିପରି କଲେ ଆପଣଙ୍କର ବୁଝିବା ଶକ୍ତି ମଧ୍ୟ ଫଳପ୍ରଦ ହୁଏ ।

ଆପଣ ଯଦି ଗୀର୍ଜାଘରେ ସୁସମାଚାର ପ୍ରଚାର ବେଳେ ପରଭାଷାରେ ପ୍ରଚାର କରିବେ, ତେବେ ଆପ ଣଙ୍କୁ ଅଧାରୁ ବନ୍ଦ କରି ଇଂରାଜୀରେ ଅର୍ଥ କହିବାକୁ ପଡ଼ିବ । ଯେତେବେଳେ ଆପଣ ନିଜେ ପ୍ରାର୍ଥନା କରୁଛନ୍ତି, ମୁଁ କ'ଣ କରେ ସେତେବେଳେ ସେହି ସମୟରେ ପରଭାଷାରେ ପ୍ରାର୍ଥନା କରେ ଏବଂ ବିଶ୍ୱାସ କରେ ଯେ ଈଶ୍ୱର ମୋତେ ପ୍ରକୋଟିତ ସତ୍ୟ ଜ୍ଞାନ ଦେଉ ଅଛନ୍ତି । ବେଳେ ବେଳେ ମୋର ଚିନ୍ତାଧାରା ମଧ୍ୟ ପରିବର୍ତ୍ତନ ହୁଏ । ମୁଁ ନିର୍ଦ୍ଧିଷ୍ଟ ଶବ୍ଦରେ କହି ପାରୁନି କିନ୍ତୁ ଆକସ୍ମାକ ଭାବେ ମୁଁ କିଛି ବିଷୟ ମାନ ସୁସ୍ପଷ୍ଟ ଦେଖିପାରେ ଏବଂ ଗୋଟିଏ ଆଲଗା ଦୃଷ୍ଟିକୋଣ ମୋତେ ମିଳେ । ଆଉ ତାହ ପୂର୍ଣ୍ଣ ପ୍ରକୋଟିତ ସତ୍ୟ ଜ୍ଞାନ ପାଇବାର ଗୋଟିଏ ସପ୍ତାହ ପୁର୍ବରୁ ହୁଏ, କିନ୍ତୁ ମୁଁ ବିଶ୍ୱାସ କରେ ଯେଉଁ ପରଭାଷାରେ ପ୍ରାର୍ଥନା ସମୟ ମୁଁ ବିତାଇଛି ଏବଂ ତା'ର ଅର୍ଥ ପାଇବାରେ ବିଶ୍ୱାସ କରିଛି, ଏହା ଉଭୟ ତାହାର ଅଂଶ ଅଟେ ।

ପରଭାଷାରେ କଥା ହେବା ବିଭିନ୍ନ କାରଣ ଯୋଗୁଁ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଓ ଆବଶ୍ୟକ ଅଟେ, ନିର୍ଦ୍ଧିଷ୍ଟ ଭାବେ ତାହାଠାରୁ ମଧ୍ୟ ଅଧିକ ଦରକାର ପବତ୍ରିଆତ୍ମା ପ୍ରାପ୍ତ କରିବା । ଆଉ ଏହା ପ୍ରତିଦିନର ଆମ ଦୈନନ୍ଦିନ ଜୀବନରେ ଏକ ଅଂଶ ହେବା ଆବଶ୍ୟକ । ଏହା ଏକପନ୍ଥା ଯାହାଦ୍ୱାରା ଆପଣ ଆପଙ୍କ ହୃଦୟର କଥା ପିତା ପରମେଶ୍ୱରଙ୍କୁ ଆପଣା ମସ୍ତିସ୍କର ଜ୍ଞାନ ଏବଂ ସମସ୍ତ ଭୟରୁ ବାହାରକୁ ବାହାରି ସିଧା ସଳଖ ଜଣାଇ ପାରିବେ । ଏହା ଆପଣଙ୍କର ପବିତ୍ର ବିଶ୍ୱାସ ଉପରେ ଧର୍ମ ଜୀବନରୂପ ଗୃହ ନିର୍ମାଣ କରେ ଏବଂ ଈଶ୍ୱରଙ୍କ ଠାରେ ଥିବା ନିଗୁଢ଼ ବିଷୟକୁ ପରିପ୍ରକାଶ କରେ । ମୁଁ ଏହି ସମୟରେ କେବଳ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରେ ଯେ, ଆପଣ ଏହି ସ୍ରୋତରେ ବହିବାରେ ଯେପରି ସମର୍ଥ ହୁଅନ୍ତି,ଆଉ ତେଣୁ ଆପଣାର ବିଶ୍ୱାସକୁ ବଢ଼ାନ୍ତୁ ଏବଂ ଏହି ପରଭାଷାରେ ପ୍ରାର୍ଥନାକ ରିବା ଓ କଥା କହିବାର ଉପକାରୀତାକୁ ଗ୍ରହଣ କରନ୍ତୁ ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଏବଂ ସେହି ପ୍ରଶ୍ନ ମାନସହ ବ୍ୟବହାର ନିମନ୍ତେ ଧର୍ମ ଶାସ୍ତ୍ରରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ଯିହୁଦା ୧ : ୨୦) ପବିତ୍ର ଆତ୍ମାରେ ପ୍ରାର୍ଥନା କରିବା ଦ୍ୱାରା କ'ଣ ଲାଭ(ବା) ଉପକାର ମିଳେ ?

***ଯିହୁଦା ୧:୨୦-*** *କିନ୍ତୁ ହେ ପ୍ରିୟ ମାନେ, ତୁମ୍ଭେ ମାନେ ଆପଣା ମାନଙ୍କ ଅତି ପବିତ୍ର ବିଶ୍ୱାସ ଉପରେ ଆପଣା* ମାନଙ୍କର ଧର୍ମଜୀବନ ରୂପ ଗୃହ ନିର୍ମାଣ କର, ପବିତ୍ର ଆତ୍ମାରେ ପ୍ରାଥନା କର ।

୨. ଆପଣ ପଢ଼ନ୍ତୁ (ପ୍ରେରିତ ୨ : ୪) କେତେଜଣ ବ୍ୟକ୍ତି ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ ?

***ପ୍ରରେିତ ୨: ୪ -*** *ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ ।*

୩. ଆପଣ ପଢ଼ନ୍ତୁ (ପ୍ରେରିତ ୨ : ୪) ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବା ପରେ ତା'ର ଫଳାଫଳ କ'ଣ ହେଲା ?

୪. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ-୧୪: ୧୪) ଅଜଣା ଭାଷାରେ ପ୍ରାର୍ଥନା କଲା ବେଳେ ଆପଣଙ୍କର ଶରୀରର କେଉଁ ଅଂଶ ପ୍ରାର୍ଥନା କରେ ?

***୧ମ କରନ୍ଥୀୟ-୧୪:୧୪-*** *କାରଣ ମୁଁ ଯଦି ପରଭାଷାରେ ପ୍ରାର୍ଥନା କରେ, ତେବେ ମୋହର ଆତ୍ମା ପ୍ରାର୍ଥନା କରେ , କିନ୍ତୁ ମୋହର ବୁଦ୍ଧି ଫଳ ହୀନ ହୁଏ ।*

୫. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ-୧୪: ୨) ଯେତେବେଳେ ଜଣେ ବ୍ୟକ୍ତି ଅଜାଣ ଭାଷାରେ କଥା କୁହେ, ସେ ମାନେ କାହାକୁ କଥା କୁହନ୍ତି ?

***୧ମ କରନ୍ଥୀୟ ୧୪: ୨-*** *ଯେ ପରଭାଷାରେ କଥା କୁହେ ସେ ମନୁଷ୍ୟକୁ କଥା କୁହେ ନାହିଁ, କିନ୍ତୁ ଈଶ୍ୱରଙ୍କୁ କହେ, ଯେଣୁ କେହି ତାହା ବୁଝେ ନାହିଁ, ମାତ୍ରସେ ଆତ୍ମା ଦ୍ୱାରା ନଗୂଢ଼ ବିଷୟ କହେ ।*

୬. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ-୧୪: ୨)ଯେତେବେଳେ ଜଣେ ବ୍ୟକ୍ତି ଅଜାଣା ଭାଷାରେ ପ୍ରାର୍ଥନା କରେ, ସେ ଲୋକଟି ଯାହା କହିଲେ, ତାହ କ'ଣ ଅନ୍ୟ ଲୋକମାନେ ବୁଝି ପାରନ୍ତି କି ?

୭. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ-୧୪: ୨) ଆପଣ ଯେତେବେଳେ ଅଜଣା ଭାଷାରେ ପ୍ରାର୍ଥନା କରନ୍ତି, ଆପଣଙ୍କ ଆତ୍ମା କ'ଣ କୁହେ ?

୮. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ-୧୪: ୪) ଆପଣ ଯେତେବେଳେ ପରଭାଷାରେ ପ୍ରାର୍ଥନା କରନ୍ତି, ଆପଣ ସେତେବେଳେ କ'ଣ କରନ୍ତି ?

***୧ମ କରନ୍ଥୀୟ-୧୪: ୪ –*** *ଯେ ପରଭାଷାରେ କଥା କୁହେ, ସେ ନିଜର ନିଷ୍ଠା ଜନ୍ମାଏ, କିନ୍ତୁ ଯେ ଭାବବାଣୀ କୁହେ, ସେ ମଣ୍ଡଳୀର ନିଷ୍ଠା ଜନ୍ମାଏ।*

୯. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪: ୧୬। ଆପଣ ଯେତେବେଳ ପରଭାଷାରେ ପ୍ରାର୍ଥନା କରନ୍ତି, ଆପଣ ସେତେବେଳେ କ'ଣ କରନ୍ତି ?

***୧ମ କରନ୍ଥୀୟ-୧୪: ୧୬ –*** *ନଚେତ୍ ତୁମ୍ଭେ ଯଦିବା ଆତ୍ମା ଦ୍ୱାରା ଧନ୍ୟବାଦ ଦିଅ, ତେବେ ସାଧାରଣ ଲୋକ ତୁମ୍ଭ କଥା ନ ବୁଝିବାରୁ କିପରି ତୁମ୍ଭ ଧନ୍ୟବାଦରେ ଆମେନ୍ କହିବ ?*

# ଉତ୍ତର

୧. ଆପଣ ପଢ଼ନ୍ତୁ (ଯିହୁଦା-୨୦) ପବିତ୍ର ଆତ୍ମାରେ ପ୍ରାର୍ଥନା କରିବା ଦ୍ୱାରା କ'ଣ ଉପକାର/ସୁବିଧା ମିଳେ ?

***ଯେତେବେଳେ ଅମ୍ଭେ ପବିତ୍ର ଆତ୍ମାରେ ପ୍ରାର୍ଥନା କରୁ ଆମ୍ଭମାନଙ୍କ ପବିତ୍ର ବିଶ୍ୱାସ ଉପରେ , ଧର୍ମ ଜୀବନ ରୂପ ଗୃହ ନିର୍ମିତ ହୁଏ ।***

୨. ଆପଣ ପଢ଼ନ୍ତୁ ପ୍ରେରିତ ୨ : ୪- କେତେ ଲୋକ ମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ ?

***ସମସ୍ତେ ।***

୩. ଆପଣ ପଢ଼ନ୍ତୁ ପ୍ରେରିତ ୨ : ୪ - ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବାର ଫଳ ସ୍ୱରୂପ ସେମାନେ କଣ କଲେ ?

***ସେମାନେ ପରଭାଷାରେ କଥ କହିଲେ ।***

୪. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ-୧୪: ୧୪) ଅଜଣା ଭାଷାରେ ପ୍ରାର୍ଥନା କଲା ବେଳେ ଆପଣଙ୍କର ଶରୀରର କେଉଁ ଅଂଶ ପ୍ରାର୍ଥନା କରେ ?

***ତେବେ ମୋହର ଆତ୍ମା ପ୍ରାର୍ଥନା କରେ***

୫. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪: ୨ - ଯେତେବେଳ ଜଣେ ବ୍ୟକ୍ତି ଅଜଣା ଭାଷାରେ, କୁହେ ,ତେବେ ସେ କାହାକୁ କଥା କୁହେ ?

***ଈଶ୍ୱରଙ୍କୁ ।***

୬. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪: ୨ - ଯେତେବେଳ ଜଣେ ବ୍ୟକ୍ତି ଅଜଣା ଭାଷାରେ କଥା କୁହେ ,ସେତେବେଳେ ସେ ଯାହା କୁହେ, ତାହା ଅନ୍ୟମାନେ ବୁଝି ପାରନ୍ତି କି ?

***ନାହିଁ ।***

୭. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪: ୨ । ଆପଣ ଯେତେବେଳ ଅଜଣା ଭାଷାରେ ପ୍ରାର୍ଥନା କରନ୍ତି, ଆପଣଙ୍କ ଆତ୍ମା କ'ଣ କଥା କୁହେ ?

*ଗୁପ୍ତ ବିଷୟ, ନିଗୁଢ଼ ବିଷୟ ମାନ କୁହନ୍ତି ( ମୋ ମଧ୍ୟରେ ଓ ପ୍ରଭୁଙ୍କ ମଧ୍ୟରେ ଗାଢ଼ ନିବିଡ଼ତା) ।*

୮. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪: ୪ । ଆପଣ ଯେତେବେଳ ପରଭାଷାରେ ପ୍ରାର୍ଥନା କରନ୍ତି, ଆପଣ ସେତେବେଳେ କ'ଣ କରନ୍ତି ?

*ସେ ନିଜର ନିଷ୍ଠା ଜନ୍ମାଏ ।*

୯. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୪: ୧୬ । ଆପଣ ଯେତେବେଳ ପରଭାଷାରେ ପ୍ରାର୍ଥନା କରନ୍ତି, ଆପଣ ସେତେବେଳେ କ'ଣ କରନ୍ତି ?

*ଆଶିର୍ବାଦ ଓ ଆତ୍ମାରେ ପ୍ରଭୁଙ୍କୁ ଧନ୍ୟ ବାଦ ।*

# CONTACT DETAILS

## INDIA

www.awmindia.net        info@awmindia.net

## Locations:

## Hyderabad

42-343/1/188, Near Flora Hotel, Maruthi Nagar
A S Rao Nagar, Hyderabad 500 040, INDIA.
Ph: (040) 4028 0718

## Chennai

72-D, Nandhini Mahal, I Floor, Velachery Main Road
Velachery, Chennai 600 042, INDIA.
Ph: (044) 4202 1820

## Mumbai

Bethel, Plot No 305/E, Mith Chowky, Near Girdhar Park
Malad (W), Mumbai 400 064, INDIA.
Ph: +91 8976549515

## Delhi

Phone: +91 9560591787

## USA

Andrew Wommack Ministries Inc.
PO Box 3333, Colorado Springs CO 80934-3333
www.awmi.net

## UK

Andrew Wommack Ministries - Europe
PO Box 4392, Walsall, WS1 9AR, ENGLAND
www.awme.net

# ଶିଷ୍ୟତା ସୁମାଚାର ପ୍ରଚାରର
# ପୂର୍ଣ୍ଣ ପାଠ୍ୟକ୍ରମ

**(DISCIPLESHIP EVANGELISM)**

## Level 2 - 16 Lessons

## ଦ୍ୱିତୀୟ ସ୍ତର - ୨

***ଲେଖକ - ଆଣ୍ଡ୍ରିଉ ଓମାକ୍***

***Andrew Wommack***

***and***

***ଡନ୍ କ୍ରୋ***

***Don Krow***

The Complete Discipleship Evangelism
48-Lesson Course © 2012
Level 2 (16 Lessons)

Copyright © 2012, Andrew Wommack
Permission is granted to duplicate or reproduce for discipleship purposes on the condition that it is distributed free of charge.

Andrew Wommack Ministries Inc.
P.O. Box 3333, Colorado Springs, CO 80934-3333
www.awmi.net

ISBN: 978-81-942520-4-7
© 2020 Andrew Wommack Ministries India
info@awmindia.net    www.awmindia.net

Item Code: OD 417-2/3

Published and sold by Charis Initiatives Pvt. Ltd.

# ଶିଷ୍ୟତା ସୁସମାଚାର ପ୍ରଚାରର ପୂର୍ଣ୍ଣ ପାଠ୍ୟକ୍ରମ

## ଦ୍ୱିତୀୟ ସ୍ତର - ୨


| | | | |
|---|---|---|---|
| ୧. | ଆତ୍ମ କେନ୍ଦ୍ରିୟ (ବା) ସ୍ୱାର୍ଥୀ ହେବା ସମସ୍ତ ଦୁଃଖର କାରଣ | ୫ | (5) |
| ୨. | ପ୍ରଭୁଙ୍କ ବାକ୍ୟ କିପରି ଧ୍ୟାନ କରିବା | ୧୨ | (12) |
| ୩. | ମନର ନୂତନୀକରଣ | ୧୭ | (17) |
| ୪. | ଖ୍ରୀଷ୍ଟଙ୍କ ଉପାସନା ଗୃହରୁ ପ୍ରାଧାନ୍ୟତା ଲେଖକ - ଡନ୍ କ୍ରୋ | ୨୪ | (24) |
| ୫. | ଉକ୍ତି (ବା) ଉଦ୍ଧାର | ୩୪ | (34) |
| ୬. | ଜଣେ ବିଶ୍ୱାସୀର ଅଧିକାର/କ୍ଷମତା କ'ଣ | ୪୧ | (41) |
| ୭. | ସୁସ୍ଥତା ପ୍ରାୟଶ୍ଚିତ ରେ ହିଁ ଅଛି | ୫୦ | (50) |
| ୮. | ସୁସ୍ଥତା ପ୍ରାପ୍ତରେ ପ୍ରିତବନ୍ଧକ | ୫୭ | (57) |
| ୯. | ଅନ୍ୟକୁ କ୍ଷମା ଦେବା | ୬୬ | (66) |
| ୧୦. | ବିବାହ - ଭାଗ ୧ | ୭୬ | (76) |
| ୧୧. | ବିବାହ - ଭାଗ ୨ | ୮୩ | (83) |
| ୧୨. | ଈଶ୍ୱରଙ୍କ ପ୍ରେମ - ଭାଗ ୧ | ୯୨ | (92) |
| ୧୩. | ଈଶ୍ୱରଙ୍କ ପ୍ରେମ - ଭାଗ ୨ | ୧୦୦ | (100) |
| ୧୪. | ଆର୍ଥିକ ପରିଚାଳନା - ଭାଗ ୧ | ୧୦୮ | (108) |
| ୧୫. | ଆର୍ଥିକ ପରିଚାଳନା - ଭାଗ ୨ | ୧୧୫ | (115) |
| ୧୬. | ପ୍ରାର୍ଥନାର ଉତ୍ତର ନ ମିଳିବା ତାରି ପ୍ରତୀତ ହେଲେ କ'ଣ କରିବା | ୧୨୦ | (120) |

### ପାଠ୍ୟକ୍ରମ ୧

# ଆତ୍ମ କେନ୍ଦ୍ରିୟ (ବା) ସ୍ୱାର୍ଥୀ ହେବା ସମସ୍ତ ଦୁଃଖର କାରଣ

## *ଲେଖକ - ଆନ୍ଦ୍ରିଉ ଓମାକ୍*

ଆତ୍ମ କେନ୍ଦ୍ରିୟ (ବା) କେବଳ ନିଜ ପାଇଁ ସ୍ୱାର୍ଥୀ ହେବା, ଆମେ ଅନୁଭବ କରୁଥିବା ବିଷୟ ଠାରୁ କାହିଁ କେତେ ଅଧିକ ଅଟେ । ହିତୋପଦେଶ ୧୩ ରେ ଏକ ପଦ ଅଛି, ଯାହା ବାସ୍ତବରେ ଆପଣଙ୍କୁ ଥରେ ଦେଖିବା ଦରକାର, କରାଣ ଆପଣ ଯଦି ତାହାକୁ ନିଜ ବାଇବେଲ୍‌ରେ ନିଜେ ଯେତେବେଳେ ଯାଏଁ ପଢ଼ି ନାହାନ୍ତି, ଆପଣ ତାହା ଉପରେ ବିଶ୍ୱାସ କରିବେ ନାହିଁ । ୧୦ ପଦ ଏପରି କୁହେ, *"ଅହଙ୍କାରରୁ କେବଳ କଳି ଉତ୍ପନ୍ନ ହୁଏ, ମାତ୍ର ସୁପରାମର୍ଶ ଦାତାଙ୍କ ଠାରେ ଜ୍ଞାନ ଅଛି । "*ପ୍ରଥମେ ପ୍ରଥମେ ଅନେକ ଲୋକ ଏହାକୁ ଏହି ପରିଭାବେ ନିଅନ୍ତି ଯେ, କେବଳ ଅହଙ୍କାର ସମସ୍ତ ଦୁଃଖ ଓ ବିଷାଦର କାରଣ ନୁହେଁ । ହିତୋପଦେଶ ୧୭:୧୪ କୁହେ "କଳିର ଆରମ୍ଭ କେହି (ବନ୍ଧକାଟି) କୁହନ୍ତି," " ଆପଣ ବୁଝିପାରୁନାହାନ୍ତି; ମୁଁ କେବଳ ଏହି ପ୍ରକାରର ଲୋକ ଆଉ କିଛି ନୁହେଁ । " କିନ୍ତୁ ନାହିଁ ଧର୍ମଶାସ୍ତ୍ର କୁହେ, କେବଳ ଅହଙ୍କାରରୁ ହିଁ ବାବିଦ ଜନ୍ମେ । ଏହା ଏକମାତ୍ର କେବଳ ମୁଖ୍ୟ କିଅବା ଗୁରୁତ୍ୱପୂର୍ଣ୍ଣ କାରଣ ନୁହେଁ, ମାତ୍ର ଏହାହିଁ ଏକମାତ୍ର କାରଣ । ପୁଣି ଆଉ କିଛି ଲୋକ ଆଉ କିଛି ବିଷୟକୁ ଧରି କୁହନ୍ତି, "ମୁଁ ସମସ୍ତ ପ୍ରକାରର ସମସ୍ୟା ପାଇଅଛି, କିନ୍ତୁ ଗର୍ବ (ବା) ଅହଙ୍କାରି ସେମାନଙ୍କ ମଧ୍ୟରୁ ଏକ ନୁହେଁ । ଯଦି କିଛି ଅଛି ତେବେ ତାହେ ଲେଲେ ଆତ୍ମ ସମ୍ମାନର ମୋ ମଧ୍ୟରେ କମ୍ ହେବା, ଆଉ ତାହା ବାବେ ଆଉ କୌଣସି ବିଷୟ ନାହିଁ, କି ଯେଉଁଥିପାଇଁ ମୋତେ କିଏ ଅଭିଯୋଗ କରିପାରିବ । "

ଅହଙ୍କାର (ବା) ଗର୍ବ ଜାଣିବା ପାଇଁ ଆମକୁ ତ'ର ପରଭାଷା ଜାଣିବାକୁ ପଡ଼ିବ । ଏହା କେବଳ ଏହି ଭାବନାରେ ନୁହେଁ ଯେ, ଆପଣ ଆଉ କାହାଠାରୁ ଅତି ଉତ୍ତମ ଅଟନ୍ତି, କିନ୍ତୁ ସହଜ ଶବ୍ଦରେ କହିବାକୁ ଗଲେ ଆପଣ ସମସ୍ତ ବିଷୟର କେନ୍ଦ୍ର ବୋଲି ମନେକରିବା । ଆତ୍ମ କୈନ୍ଦ୍ରିୟ ସତରେ ଗର୍ବ ଓ ଅହଙ୍କାର ର ମୂଳ ଅଟେ । ଗଣନା ପୁସ୍ତକ ୧୨:୨ରେ ଲେଖାଯାଏ ମୋଶାଙ୍କର ଭାଇ ଓ ଭଉଣୀ ମିରିୟମ ଓ ହାରୋଣଙ୍କ ଅନ୍ତରଜାତୀ ବିବାହ କରିବ ଯୋଗୁଁ ସେମାନେ ତାହାଙ୍କର ବିରୋଧୀ ହୋଇଯାଇଥିଲେ । ଆଉ ଏପରି କହିଲେ, *"ସଦା ପ୍ରଭୁ କି କେବଳ ମୋଶାଙ୍କ ସହିତ କହିଅଛନ୍ତି ? ସେ କି ଆମ୍ଭମାନଙ୍କ ସହିତ ମଧ୍ୟ କଥା କହି ନାହାନ୍ତି ? "* ଆଉ ଶାସ୍ତ୍ରାଂଶ ପୁଣି କହେ ୩ ପଦ ଉପବାକ୍ୟରେ, ମୋଶା ପୃଥ୍ୱୀବାସି ସମସ୍ତ ଲୋକଙ୍କଠାରୁ

ଅତି ନମ୍ର ଲୋକ ଥିଲେ । ସେମାନେ ଯାହା କହିଲେ, ଏହାର ପ୍ରତ୍ୟୁତ୍ତର (ବା) ପ୍ରତିକ୍ରିୟା କରିବା ପରିବର୍ତ୍ତେ, ସେ ସେମାନଙ୍କ ପାଇଁ ପ୍ରାର୍ଥନା ଓ ମଧ୍ୟସ୍ଥତା କରିବା ଆରମ୍ଭ କଲେ ।

ଏହା ଯେତେବେଳେ କୁହେ ଯେ, ମୋଶା ପୃଥିବିସ୍ଥ ସମସ୍ତ ଲୋକମାନଙ୍କ ମଧ୍ୟରେ ଅତିନମ୍ର ଥିଲେ, ତେବେ କିଛି ସମୟ ପାଇଁ ସ୍ଥିର ରୁହନ୍ତୁ ଓ ଚିନ୍ତା କରନ୍ତୁ । ଆମେ ଜାଣୁନା ଯେ କେତେ ଲୋକମାନେ ପୃଥିବୀରେ ଥିଲେ, କିନ୍ତୁ ନିଶ୍ଚିତ ଭାବେ ଲକ୍ଷ ଲକ୍ଷ ଥିବା, ଏବଂ ସେହିମାନଙ୍କ ମଧ୍ୟରେ ମୋଶା ହିଁ ଥିଲେ ଯେ ନମ୍ର । ସବୁଠାରୁ ବିସ୍ମୟଙ୍କର କଥା ହେଲା ଯେ, ସେ ହିଁ ସେହି ବ୍ୟକ୍ତି ଥିଲେ (ମୋଶା) ଯିଏ ନିଜେ ଏହି ବିଷୟ ଲେଖି ଥିଲେ । ଅନେକ ଲୋକ ଭାବନ୍ତି ଆପଣ ଯଦି ସତରେ ସେତିକି ନମ୍ର ଓ ଶାନ୍ତ ; ତେବେ ଆପଣ ନିଜେ ମଧ୍ୟ ହୁଏତ ସେ ବିଷୟରେ ଜାଣି ନଥାନ୍ତି । ମାତ୍ର ତାହା ଗର୍ବର ଏକ ଭ୍ରାନ୍ତ ଧାରଣା । ଗର୍ବ କେବଳ ଆପଣା ନିଜକୁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ ବୋଲି ମନେ କରିବା ନୁହେଁ – ଏହା ହେଉଚି ଆତ୍ମ କୈନ୍ଦ୍ରିକ । ଏହା ଏହିଭଳି ଯେ ଆପଣ ଗୋଟିଏ ପଟେ ଗର୍ବ ଧରିବା ଏବଂ ଅନ୍ୟପଟେ ନିଜର ଆତ୍ମ ସମ୍ମାନକୁ ଧରିବା । ଆଉ ଯେତେବେଳେ ତାହା ଉଭୟ ଗୋଟିଏ ବିଷୟର ସଂପୁର୍ଣ୍ଣ ବିରୋଧାତ୍ମକ ଅଟେ । କିନ୍ତୁ ସେ ଉଭୟ ଗୋଟିଏ ଠାରେ ଲାଗିରୁହନ୍ତି । ତାହା ହେଉଛି ଆତ୍ମ କୈନ୍ଦ୍ରିକ । ଆପଣ ନିଜକୁ ଅନ୍ୟମାନଙ୍କଟାରୁ ଶ୍ରେଷ୍ଠ ମନେ କରୁଛନ୍ତି (ବା) ଅନ୍ୟମାନଙ୍କ ଠାରୁ ନ୍ୟୁନ ମନେ କରୁଛନ୍ତି, ସେହି ଭାବନାରେ କିଛି ଫରକ୍ ପଡ଼େ ନାହିଁ, କେବଳ ଏତିକି ଯେ ଆପଣ ଆତ୍ମ କୌନ୍ଦ୍ରିକ ଅଟନ୍ତି । ସମସ୍ତ ବିଷୟ ସେତିକିରେ ହିଁ ଛାପି ହୋଇ ଆସେ । ଜଣେ ଭୀରୁ, ଲାଜୁଆ ଲୋକ ମଧ୍ୟ ଗର୍ବୀ ଏବଂ ଆତ୍ମ କୈନ୍ଦ୍ରିକ ହୋଇପାରେ, ଯିଏ କେବଳ ତାହା ନିଜ ବିଷୟରେ ହିଁ ଭାବେ ।

ମୁଁ ଏଠାରେ ଯେଉଁ ପ୍ରସଙ୍ଗ ଉପରେ ଆକ୍ଷେପ କରିବାକୁ ଚାହୁଁଛି ତାହା ହେଲା । ଆତ୍ମ କୈନ୍ଦ୍ରିକ ହେବା । ଏବଂ ତାହ ହିଁ ହେଉଛି ଗର୍ବର ମୂଳ (ବା) ଚେର । ଆପଣ ଯଦି (ହିତୋପଦେଶ ୧୩:୧୦) ଦେଖିବେ ଏହା କୁହେ, *"ଅହଙ୍କାରରୁ କେବଳି କଳି ଉତ୍ପନ୍ନ ହୁଏ । "* ଏହା ଏପରି କୁହେ ଯେ ଆମର ନିଜର ଆତ୍ମ କୈନ୍ଦ୍ରିକ ହେବା ହିଁ ଆମ୍ଭ ମଧ୍ୟରେ ରାଗ ଭାବ ଜନ୍ମାଏ, ଆଉ ତାହା ଅନ୍ୟ କେହି ଲୋକ କରନ୍ତି ନାହିଁ । ଏହା ଆମ୍ଭର ଆତ୍ମ କୈନ୍ଦ୍ରିକତା ଯାହା କି ଲୋକ ମାନେ ଆମକୁ ଯାହା କୁହନ୍ତି ତାହା ଉପରେ ପ୍ରତିକ୍ରିୟା କରିବାକୁ ପ୍ରକ୍ୱପିତ କରାଏ । ଆପଣଙ୍କୁ ଭୁଲ ଆକ୍ଷେପ କରି ଲୋକମାନେ ଯଦି କ'ଣ କହି ପ୍ରକୂପିତ କରେଇଲେ, ଆପଣ ତାହାକୁ ବନ୍ଦ କରିବାରେ କେବେହିଁ ସମର୍ଥ ହୋଇପାରିବେ ନାହିଁ । ତାହା କେବେ ହେଁ ହୋଇ ନ ପାରେ । ବିଶ୍ୱାସ ଆଉ କାହାକୁ ନିୟନ୍ତ୍ରଣ କରିବାର ଅର୍ଥ ନୁହେଁ କିନ୍ତୁ ନିଜକୁ ନିଜ ସହ ଉତ୍ତମ ଭାବେ ନିୟନ୍ତ୍ରିଣ କରିବା ଅଟେ ଏବଂ ନିଜ ଭିତରେ ଥିବା ବିଷୟ ସବୁକୁ ନିୟନ୍ତ୍ରଣ କରିବା ଅଟେ । ତେଣୁ ଲୋକମାନେ ଆପଣଙ୍କ ସହ କ'ଣ ଓ କିପରି ବ୍ୟବହାର କରନ୍ତି ... ତାହା ଉପରେ ଆପଣଙ୍କୁ ଫରକ୍ ପଡ଼ିବା ଉଚିତ୍ ନୁହେଁ ।

ଯେପରିକି ଯୀଶୁ କ୍ରୁଶାର୍ପିତ ହୋଇଥିଲେ, ଏବଂ ଯେଉଁ ଲୋକମାନେ ତାହାଙ୍କୁ କ୍ରୁଶବିଦ୍ଧ କରିଥିଲେ ସେମାନଙ୍କୁ ସେ କ୍ଷମା ଦେଇ କହିଥିଲେ, "ହେ ପିତାଃ ସେମାନଙ୍କୁ କ୍ଷମା କର ସେମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ ।" ସେ ସେହି ଲୋକମାନଙ୍କୁ ନିୟନ୍ତ୍ରଣ କଲେ ନାହିଁ, ମାତ୍ର ଏ ସମସ୍ତ ହେବା ସତ୍ତ୍ୱେ ମଧ୍ୟ ନିଜକୁ ଉପରେ ନିୟନ୍ତ୍ରଣ ରଖିଲେ । ଆତ୍ମ କୈନ୍ଦ୍ରିକତା ହିଁ, ଏକ ଏହିପରି ଗୁଣ ଯାହା ଆମକୁ କ୍ରୋଧିତ କରାଏ । ଯୀଶୁ

ଖ୍ରୀଷ୍ଟ ଜଗତକୁ ନିଜଙ୍କ ପାଇଁ ଆସି ନଥିଲେ, କିନ୍ତୁ ସେ ଜଗତକୁ ଏତେ ପ୍ରେମ କଲେ ଯେ ସେ ଆମ ପାଇଁ ଆସିଲେ । ସେ ଯେତେବେଳେ କ୍ରଶରେ ଥିଲେ, ସେ ନିଜ ମାତାଙ୍କ ପାଇଁ ଭାବିଲେ ଏବଂ ତାହାଙ୍କ ପାଇଁ , ସେ ନିଜ ଶିଷ୍ୟମାନଙ୍କୁ କହିଲେ ତାହାଙ୍କର ଯତ୍ନ ନେବାପାଇଁ । ଯୀଶୁ କ୍ଷମା ଦେବାରେ ସମର୍ଥ ହେଲେ ଏବଂ ପ୍ରେମରେ ସମସ୍ତ ବିଷୟକୁ କାର୍ଯ୍ୟକାରୀ କଲେ, କାରଣ ସେ ଆତ୍ମକୈନ୍ଦ୍ରିକ ନ ଥିଲେ । ମାନସିକ ଓ ଶାରୀରୀକ ଯନ୍ତ୍ରଣାର ଚରମ ସୀମାରେ ଥାଇ ମଧ୍ୟ,ଅନ୍ୟାୟ ଓ ଅବିଚାର ଏବଂ ସମସ୍ତ ପ୍ରକାରର ବିଷୟ ତାଙ୍କ ପଥରେ ଆସିଲେ ମଧ୍ୟ ସେ ସମସ୍ତ ବିଷୟକୁ ପ୍ରେମରେ ନିୟନ୍ତ୍ରଣ କରି କାର୍ଯ୍ୟକଲେ । ଏହା କରିପାରିବାର କରାଣ କେବଳ ଏକମାତ୍ର, ଯେ ସେ ଆତ୍ମ କୈନ୍ଦ୍ରିକ ନଥିଲେ ।

ଏହା ଆପଣଙ୍କର ନିଜର ସ୍ୱାର୍ଥପରତା ଯାହା ଆପଣଙ୍କୁ କ୍ରୋଧୀ କରାଏ, ଯେତେବେଳେ ଆମ୍ଭଙ୍କୁ ଶାସ୍ତ୍ରାଂଶ କୁହେ ଆମ୍ଭେମାନେ ନିଜପାଇଁ ମୃତ ହେବା ଉଚିତ୍ । ଯଦି ମୋ ସମ୍ମୁଖରେ ଗୋଟିଏ ମୃତ ଦେହ ଥିଲା, ମୁଁ ତାହାକୁ ଅପମାନ କରିପାରେ, ,ଗୋଇଠା ମାରିପାରେ, ଛେପ ପକାଇ ପାରେ ଏବଂ ତା'ର ଉପେକ୍ଷା କରିପାରେ, କିନ୍ତୁ ତାହା ଯଦି ସତରେ ମୃତ ଦେହ ତେବେ ତାହା ଆଦୌ କୌଣସି ବିଷୟର ପ୍ରତ୍ୟୁତ୍ତର ହେବ ନାହିଁ । ଆପଣଙ୍କ ଚାରିପାଖରେ ଥିବା ବିଷୟ ସବୁ ଏବଂ ହେଉଥିବା ସମସ୍ତ ବିଷୟକୁ ଆପଣ ଆପଣଙ୍କ ବାହ୍ୟବିଷୟ ଦେଖି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ, ମାତ୍ର ଆପଣ ଯେପରି ଓ ଆପଣଙ୍କ ମଧ୍ୟରେ ଯାହା ଅଛି ସେଥି ଯୋଗୁଁ ସେହି ବିଷୟ ଉପରେ ପ୍ରତିକ୍ରିୟା ପ୍ରକାଶ କରନ୍ତି । ଆପଣ ବିଶ୍ୱାସରେ କେବେ ଏତେ ଶକ୍ତି ଶାଳୀ ହୋଇ ନ ପାରନ୍ତି ଯେ, ଆପଣ ନିଜେ ସମସ୍ତ ପ୍ରତିବନ୍ଧକୁ ଏବଂ ଆପଣଙ୍କୁ ସମସ୍ୟାରେ ପକାଉଥିବା ସମସ୍ତ ସମସ୍ୟାକୁ ହଟେଇ ପାରିବେ(ବା)ବନ୍ଦ କରିପାରିବେ, କିନ୍ତୁ ତାହାକୁ ଆପଣଙ୍କ ମଧ୍ୟରେ ଥିବା ବିଷୟଦ୍ୱାରା ନିୟନ୍ତ୍ରଣ ନିଶ୍ଚିତ ଭାବେ କରିପାରିବେ । ଯେଉଁଠି , ଆପଣ ଖ୍ରୀଷ୍ଟ ଯୀଶୁଙ୍କୁ ଆପଣାର ଜୀବନର ସର୍ବସ କରିପାରିବେ, ତାହାଙ୍କୁ ଓ ତାହାଙ୍କ ରାଜ୍ୟକୁ ପ୍ରେମ କରିପାରିବେ । ଆଉ ଆପଣ ଯେତେବେଳେ ଏହିପରି କରିବେ ଏବଂ ନିଜକୁ ନିୟନ୍ତ୍ରଣ କରି ସମସ୍ତ ବିଷୟ କାର୍ଯ୍ୟକାରୀ କରିବେ ତେବେ, ଆପଣଙ୍କ ଜୀବନରେ ଥିବା ସମସ୍ତ ସଂଘର୍ଷ, ବିବାଦ ଓ କଳହର ଅନ୍ତ ହେବ ।

ଈଶ୍ୱର ଦେଇଥିବା ଉତ୍ତମ ବିଷୟ ମାନଙ୍କ ମଧ୍ୟରେ, ଆଉ ଏକ ପ୍ରଧାନ ଚାବିକାଠି ହେଲା, ଯେ ସେ ଚାହାନ୍ତି ଆମ୍ଭେ ଏହି ବିଷୟକୁ ହୃଦୟଙ୍ଗମ କରୁ ଯେ, ସେ ଆମ୍ଭଙ୍କୁ ତାହାଙ୍କ ରାଜ୍ୟ କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟ (ବା) ଅଭିପ୍ରାୟ ନିମନ୍ତେ ଦେଇ ନାହାନ୍ତି । ସେ ଏହି ସମସ୍ତ ବିଷୟ ଏଇଥିପାଇଁ କରିଲେ ନାହିଁ ଯେ, ଆମ୍ଭର ସମସ୍ତ ଆବଶକୀୟ ବିଷୟ କେବଳ ଯୋଗେଇବେ । ମାତ୍ର ଏଠାରେ ଆମ୍ଭଙ୍କୁ ଶିଖିବାକୁ ପଡ଼ିବ ନିଜକୁ ମନା କରିବା ଏବଂ ଜୀବନ ଯାହା ବୋଲି ଆମ୍ଭେମାନେ ଭାବି ବଞ୍ଚୁଛୁ, ତାହାକୁ ଛାଡ଼ିଦେବା । କାରଣ କଏହା କେବଳ ନିଜ କଥା ଭାବିନା ନୁହେଁ, ମାତ୍ର ଅନ୍ୟକୁ ପ୍ରେମ କରିବା ଏବଂ ଈଶ୍ୱରଙ୍କୁ ପ୍ରେମ କରିବା । ନିଜଠାରୁ ଅଧିକ ପ୍ରେମ କରିବା, ଆଉ ସେତେବେଳେ ଆପଣ ଆପଣଙ୍କ ମଧ୍ୟରେ ଥିବା ରାଗ, ରୋଷ, କ୍ରୋଧ ଓ ଯନ୍ତ୍ରଣା ସବୁକୁ ଶାନ୍ତ କରିବାରେ ସମର୍ଥ ହେବେ ।

ମୁଁ ଏହି ସମୟରେ ଈଶ୍ୱର ପାଖରେ ପ୍ରାର୍ଥନା କରେ, ମୁଁ ଯେଉଁ ଅଳ୍ପ ବିଷୟ ଆପଣମାନଙ୍କୁ କହିଲି ତାହା ଆପଣଙ୍କ ହୃଦୟରେ କାର୍ଯ୍ୟକରୁ ଏବଂ ଆପଣ ଏହା ହୃଦୟଙ୍ଗମ କରିବାରେ, ସାହାଯକ ହୁଅନ୍ତୁ ଯେ, ଆତ୍ମ କୌନ୍ଦ୍ରିକତା ହିଁ ଆପଣଙ୍କ ସମସ୍ତ ଦୁଃଖ, ଶୋକ ଓ ବିଷାଦର କାରଣ । ଆପଣ ଆଉ କାହା ଉପ

ରେ ତାହାର ଦୋଷ/ନିନ୍ଦା କରିବା ପରିବର୍ତ୍ତେ, ଆପଣ ନିଜେ ସେହି ଦାୟିତ୍ୱଭାର ଗ୍ରହଣ କରନ୍ତି, ତାହାର ସମ୍ମୁଖୀନ କରନ୍ତୁ, ଆପଣାକୁ ଈଶ୍ୱରଙ୍କ ସମ୍ମୁଖରେ ବିନମ୍ର କରନ୍ତୁ ଏବଂ ତାହାଙ୍କୁ ପ୍ରାର୍ଥନା କରି କୁହନ୍ତୁ ଯେ, ସେ (ଈଶ୍ୱର) ଆପଣଙ୍କ ମଧ୍ୟକୁ ଆସି ବିରାଜମାନ ହେଉନ୍ତୁ ଏବଂ ଆପଣଙ୍କ ଜୀବନରେ ଆଉ କେହି ନୁହେଁ, ମାତ୍ର ଈଶ୍ୱର ନିଜକୁ ବଡ଼ କରନ୍ତୁ । ଆଉ ବିଜୟ ପଥର ପଥିକ ହେବା ପାଇଁ ତାହାହିଁ ଆପଣଙ୍କର ଏକ ମାତ୍ର ପନ୍ଥା ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଏବଂ ସେହି ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ମାର୍କ ୯:୩୩-୩୪) । କଫର୍ନାହୂମକୁ ଯିବା ବାଟରେ ଶିଷ୍ୟମାନେ କେଉଁ ବିଷୟକୁ ନେଇ ଯୁକ୍ତିତର୍କ କରୁଥିଲେ ?

**ମାର୍କ ୯:୩୩-୩୪ -** *ପରେ ସେମାନେ କଫର୍ନାହୂମକୁ ଆସିଲେ । ସେ ଘରେ ପହଞ୍ଚି ସେମାନଙ୍କୁ ପଚାରିଲେ, ତୁମ୍ଭେମାନେ ବାଟରେ କ'ଣ ତର୍କବିତର୍କ କରୁଥିଲ ? (୩୪) କିନ୍ତୁ ସେମାନେ ନିରୁତ୍ତର ହୋଇ ରହିଲେ, କାରଣ କିଏ ଶ୍ରେଷ୍ଠ, ଏ ବିଷୟ ଘେନି ସେମାନେ ବାଟରେ ପରସ୍ପର ବାଦାନୁବାଦ କରୁଥିଲେ ।*

୨. ଏହା କ'ଣ ଆମ୍ଭ ସମସ୍ତଙ୍କ ମଧ୍ୟରେ ଥିବା ସ୍ୱାର୍ଥପରତାକୁ ଦର୍ଶାଏ କି ?

୩. ଆପଣ ପଢ଼ନ୍ତୁ (ମାର୍କ ୯:୩୫) । ଏହି ଶାସ୍ତ୍ରାଂଶ ଅନୁସାରେ, ଯଦି କେହି ପ୍ରଧାନ ହେବାକୁ ଚାହେଁ, ତେବେ ସେମାନେ କ'ଣ ହେବା ଉଚିତ୍ ?

୪. ଲୂକ ୨୨:୨୪-୨୭ରେ ଯୀଶୁ ଦେଇଥିବା ଶିକ୍ଷାକୁ ବର୍ଣ୍ଣନା କରନ୍ତୁ ?

**ଲୂକ ୨୨:୨୪-୨୭ -** *ପୁଣି ସେମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ବୋଲି ଗଣିତ, ସେ ବିଷୟରେ ସେମାନଙ୍କ ମଧ୍ୟରେ ବିବାଦ ଘଟିଲା । (୨୫) ସେଥିରେ ସେ ସେମାନଙ୍କୁ କହିଲେ, ବିଜାତିମାନଙ୍କ ରାଜାମାନେ ସେମାନଙ୍କ ଉପରେ ପ୍ରଭୁତ୍ୱ କରନ୍ତି, ଆଉ ଯେଉଁମାନେ ସେମାନଙ୍କ ଉପରେ କର୍ତ୍ତୃତ୍ୱ କରନ୍ତି, ସେମାନେ ଦେଶବନ୍ଧୁ ବୋଲି ଖ୍ୟାତ ହୁଅନ୍ତି । (୨୬) କିନ୍ତୁ ତୁମ୍ଭେମାନେ ସେହି ପ୍ରକାର ହୁଅ ନାହିଁ, ମାତ୍ର ତୁମ୍ଭମାନଙ୍କ ମଧ୍ୟରେ ଯେ ଜ୍ୟେଷ୍ଠ, ସେ କନିଷ୍ଠ ପରି ହେଉ, ପୁଣି ଯେ ନେତା, ସେ ସେବକ ପରି ହେଉ । (୨୭) କାରଣ କିଏ ଶ୍ରେଷ୍ଠ ? ଯେ ଭୋଜନୋପବିଷ୍ଟ, ନା ଯେ ସେବକ ? ଯେ ଭୋଜନୋପବିଷ୍ଟ, ସେ କି ଶ୍ରେଷ୍ଠ ନୁହନ୍ତି ? କିନ୍ତୁ ମୁଁ ତୁମ୍ଭମାନଙ୍କ ମଧ୍ୟରେ ସେବକ ପରି ଅଛି ।*

୫. ଆପଣ ପଢ଼ନ୍ତୁ (ହିତୋପଦେଶ ୧୩:୧୦) । ଆଉ କୁହନ୍ତୁ କେଉଁ ଗୋଟିଏ ବିଷୟ ଯୋଗୁଁ କଳହ (ବା) ବିବାଦ ଉପୁଜେ ?

**ହିତୋପଦେଶ ୧୩:୧୦-** *ଅହଙ୍କାରରୁ କେବଳ କଳି ଉତ୍ପନ୍ନ ହୁଏ ; ମାତ୍ର ସୁପରାମର୍ଶଗ୍ରାହକଠାରେ ଜ୍ଞାନ ଅଛି ।*

୬. ଆପଣ ପଢ଼ନ୍ତୁ (ଗାଲାତୀୟ ୨:୨୦) । ଆମ୍ଭେମାନେ ଆମ ଜୀବନ କିପରି ବଞ୍ଚିବାର ଆବଶ୍ୟକ ଅଛି ?

**ଗାଲାତୀୟ ୨:୨୦-** *ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହାତ ହୋଇଅଛି ; ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋଠାରେ ଜୀବିତ ଅଛନ୍ତି ; ପୁଣି ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନ ଯାପନ କରୁଅଛି, ତାହା*

*ବିଶ୍ୱାସରେ, ଅର୍ଥାତ୍ ଈଶ୍ୱରଙ୍କ ଯେଉଁ ପୁତ୍ର ମୋତେ ପ୍ରେମ କରି ମୋ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କଠାରେ ବିଶ୍ୱାସ କରି ଜୀବନ ଯାପନ କରୁଅଛି ।*

୭. ଆପଣ ପଢ଼ନ୍ତୁ (ମାଥିଉ ୭:୧୨) । ଆତ୍ମ କୌନ୍ଦ୍ରିକତାର ପରମ ଔଷଧ କ'ଣ ?

**ମାଥିଉ ୭:୧୨ -** *ଅତଏବ ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛାକର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର, କାରଣ ଏହା ହିଁ ବ୍ୟବସ୍ଥା ଓ ଭାବବାଦୀ ମାନଙ୍କ ଧର୍ମଶାସ୍ତ୍ରର ସାର ।*

## ଉତ୍ତର

୧. ଆପଣ ପଢ଼ନ୍ତୁ (ମାର୍କ ୯:୩୩-୩୪) । କଫର୍ନାହୁମକୁ ଯିବା ବାଟରେ ଶିଷ୍ୟମାନେ କେଉଁ ବିଷୟକୁ ନେଇ ତର୍କ ବିତର୍କ କରୁଥିଲେ ?

*ସେମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ବୋଲି, ନେଇ ।*

୨. ଏହା କ'ଣ ଆମ୍ଭମାନଙ୍କ ମଧ୍ୟରେ ସ୍ୱାର୍ଥପରତାକୁ ଦର୍ଶାଏ କି ?

*ହଁ ।*

୩. ଆପଣ ପଢ଼ନ୍ତୁ (ମାର୍କ ୯:୩୫) । ଏହି ଶାସ୍ତ୍ରାଂଶ ଅନୁସାରେ, ଯଦି କେହି ପ୍ରଧାନ ହେବାକୁ ଚାହେଁ, ସେମାନେ ପ୍ରଥମେ କ'ଣ ହେବା ଆବଶ୍ୟକ ?

*ପ୍ରଥମେ ସମସ୍ତଙ୍କର ସେବକ ହେବା ଆବଶ୍ୟକ ।*

୪. ଲୂକ ୨୨:୨୪-୨୭ରେ ଯୀଶୁ ଦେଇଥିବା ଶିକ୍ଷା ବିଷୟରେ ବର୍ଣ୍ଣନା କର ?

*"ପୁଣି, ସେମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ବୋଲି ଗଣିତ, ସେ ବିଷୟରେ ସେମାନଙ୍କ ମଧ୍ୟରେ ବିବାଦ ଘଟିଲା । ସେଥିରେ ସେ ସେମାନଙ୍କୁ କହିଲେ, ବିଜାତି ମାନଙ୍କ ରାଜାମାନେ ସେମାନଙ୍କ ଉପରେ ପ୍ରଭୁତ୍ୱ କରନ୍ତି, ଆଉ ଯେଉଁମାନେ ସେମାନଙ୍କ ଉପରେ କର୍ତ୍ତୃତ୍ୱ କରନ୍ତି, ସେମାନେ ଦେଶବନ୍ଧୁ ବୋଲି ଖ୍ୟାତ ହୁଅନ୍ତି । କିନ୍ତୁ, ତୁମ୍ଭେମାନେ ସେ ପ୍ରକାର ହୁଅ ନାହିଁ, ମାତ୍ର ତୁମ୍ଭମାନଙ୍କ ମଧ୍ୟରେ ଯେ ଜ୍ୟେଷ୍ଠ, ସେ କନିଷ୍ଠ ପରିହେଉ, ପୁଣି ଯେ ନେତା, ସେ ସେବକ ପରି ହେଉ । କାରଣ କିଏ ଶ୍ରେଷ୍ଠ ? ଯେ ଭୋଜନୋପବିଷ୍ଟ, ନା ଯେ ସେବକ ? ଯେ ଭୋଜନୋପବିଷ୍ଟ, ସେ କି ଶ୍ରେଷ୍ଠ ନୁହନ୍ତି ? କିନ୍ତୁ ମୁଁ ତୁମ୍ଭମାନଙ୍କ ମଧ୍ୟରେ ଜଣେ ସେବକ ପରି ଅଛି । "*

୫. ଆପଣ ପଢ଼ନ୍ତୁ (ହିତୋପଦେଶ ୧୩:୧୦)। କଳହ ଓ ବାଦ ବିବାଦର ଏକମାତ୍ର କାରଣ କ'ଣ ?

*ଗର୍ବ ।*

୬. ଆପଣ ପଢ଼ନ୍ତୁ (ଗାଲାତୀୟ ୨:୨୦)। ଆମେ ଆମର ଜୀବନ କିପରି ଯାପନ କରିବା ଉଚିତ୍ ?

*ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାକ କରି, ନିଜର ସାମର୍ଥ୍ୟତା (ବିଧବା) ଦୁର୍ବଳତା ଉପରେ କୈନ୍ଦ୍ରିକ ନ ହୋଇ ।*

୭. ଆପଣ ପଢ଼ନ୍ତୁ (ମାଥିଉ ୭:୧୨) । ଆତ୍ମ କୌନ୍ଦ୍ରିକତାର ପରମ ଔଷଧ କ'ଣ ?

*ଈଶ୍ୱର ଓ ଅନ୍ୟମାନଙ୍କ ବିଷୟରେ ଭାବିବା । ଆଉ ଆମେ ଅନ୍ୟମାନେ ଆମ ପ୍ରତି ଯାହାକୁ କରନ୍ତୁ ବୋଲି ଇଚ୍ଛା କରୁ, ସେହି ପରି ତାଙ୍କ ପ୍ରତି କରିବା ।*

### ପାଠ୍ୟକ୍ରମ ୭

# ପ୍ରଭୁଙ୍କ ବାକ୍ୟ କିପରି ଧାନ କରିବା

*ଲେଖକ - ଡନ୍ କ୍ରୋ*

ଏହି *"ଧାନ"* ଶବ୍ଦଟିର ଅର୍ଥ ହେଲା "ବିଚ୍ଚର କରିବା, ଚିନ୍ତା କରିବା, ଆପଣ ମନରେ ଯୋଜନା କରିବା, କିଛି ଅଭିଳାଷ, ଅଭିପ୍ରାୟ ଓ ଉଦ୍ଦେଶ୍ୟ ନେଇ ।" ଏହା ଗ୍ରୀକ୍ ଭାଷାରେ କୁହେ "ଆପଣା ମନରେ କୌଣସି ଏକ ବିଷୟରେ ନିରନ୍ତର ବି ର ଲଗି ରହିବା" ଏବଂ ମଧ କିଛି ନିର୍ଦ୍ଧିଷ୍ଟ ବିଷୟରେ କଳ୍ପନା କରିବା ।

ବାଇବେଲ୍ ଧାନ କରିବାର ଦୁଇଗୋଟି କାରଣ ହେଲା । "ସଠିକ୍ ଜ୍ଞାନ ଉପରେ ଚିନ୍ତା କରିବା ଏବଂ ମଧ ଆପଣା ମନର ନୂତନୀକରଣ କରିବା ଓ ସେହି ବାକ୍ୟ ପଛରେ ପ୍ରଭୁଙ୍କ ଉଦ୍ଦେଶ୍ୟକୁ ଜାଣିବାକୁ ଚେଷ୍ଟା କରିବା" ଆପଣାର ପ୍ରାର୍ଥନା ପ୍ରଶଂସା ଓ ଗୌରବ ଏବଂ ଧାନ ମାଧମରେ; ଆଉ ତାହାହେଲା ଈଶ୍ୱରଙ୍କ ବିଷୟରେ ବି ର କରିବା, ଚିନ୍ତା କରିବା ଏବଂ ନିରନ୍ତର ତାହାଙ୍କ ବିଷୟ ଭାବିବା ।

*ଏହି ଧାନ ପ୍ରାସଙ୍ଗିକ ଅଧ୍ୟୟନ* (ବା) କୌଣସି ଏକ ବିଷୟ/ପ୍ରସଙ୍ଗ ଉପରେ ଅଧ୍ୟୟନ ଦ୍ୱାରା ଓ ଯାହା ଉପରେ କି ଚିନ୍ତା କରାଯାଇପାରେ । ଉଦାହରଣ ସ୍ୱରୁପ :- ବାପ୍ତିସ୍ମ । ଏହି ଶବ୍ଦଟିକୁ ଗ୍ରୀକ ଓ ହିବ୍ରୁ ଭାଷାରେ କ'ଣ କୁହାଯାଏ, ତା'ର ଅର୍ଥ କ'ଣ (ବା) ଶବ୍ଦ କୋଷ କ'ଣ କୁହେ ? ତାହା ଜାଣିବାକୁ ଚେଷ୍ଟା କରନ୍ତୁ । ତାହାର ମୂଳ ଶବ୍ଦଟି କ'ଣ ଏବଂ ତାହା କେଉଁଠାରୁ ଅଣାଯାଇଅଛି (ବା) ଆଗତ ତାହା ଜାଣିବାକୁ ଚେଷ୍ଟା କରନ୍ତୁ । ସେହି ପ୍ରସଙ୍ଗର କୁହାଯାଇଥିବା ପଦ ଓ ପର୍ବ ଉପରେ ଅଧ୍ୟୟନ କରନ୍ତୁ, ନିଜେ ଏକ ନିର୍ଦ୍ଧିଷ୍ଟ ସିଦ୍ଧାନ୍ତକୁ ପହଞ୍ଚିବାକୁ ହେଲେ, ଯେପରିକି ମନପରିବର୍ତ୍ତନ (ପ୍ରେରିତ ୨:୩୮), ଅନୁତାପ (ପ୍ରେରିତ ୨:୩୮), ବିଶ୍ୱାସ (ମାର୍କ ୧୬:୧୬), ବିବେକ (୧ମ ପିତର ୩:୨୧), ତାହାଙ୍କ ନାମରେ ପ୍ରାର୍ଥନା କର (ପ୍ରେରିତ ୨୨:୧୬), ଇତ୍ୟାଦି ।

ଆପଣଙ୍କୁ ସେ ସମସ୍ତ ପ୍ରଶ୍ନମାନ ଉପରେ ବିଚ୍ଚର ଓ ଚିନ୍ତା କରିବାକୁ ପଡ଼ିବ ଯାହା ଆପଣଙ୍କ ମନରେ ଅଛି (ଅବା) ଧର୍ମଶାସ୍ତ୍ର କହୁଛି, ଯେପରିକି :- ବାପ୍ତିସ୍ମ ନେବା ପାଇଁ କ'ଣ କୌଣସି ପ୍ରକାରର ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ଅଛି କି ? ବାପ୍ତିସ୍ମ ନେବାର ଉଦ୍ଦେଶ୍ୟ(ବା)ଅଭିପ୍ରାୟ କ'ଣ ? ଏହା କେତେବେଳେ କରାଯାଏ ? କେଉଁ ସମୟକାଳ ମଧରେ କରାଯାଏ ?

*ଏହି "ଧ୍ୟାନ" ମଧ୍ୟ ବ୍ୟାଖ୍ୟାନ (ବା) ପ୍ରତିପାଦନ ଅଧ୍ୟୟନ ଦ୍ୱାରା କରାଯାଇ ପାରେ; ଯେପରିକି, ବାଇବେଲର ଗୋଟିଏ ପଦରୁ ଆଉ ଗୋଟିଏ ପଦକୁ ଅଧ୍ୟୟନ କରି ।* ଯାହା ଦ୍ୱାରା କି ଆପଣ ସେହି ପୁସ୍ତକର ପଦ ଓ ପର୍ବ ସହ ସୁପରିଚିତ ହୋଇପାରିବେ ଏବଂ ସେଥିରେ ଲେଖାଥିବା ବିଷୟ ସହ ମଧ୍ୟ ।

*ଏହି ଧ୍ୟାନ ମଧ୍ୟ "ଶବ୍ଦ"ର ଅଧ୍ୟୟନ ଦ୍ୱାରା କରାଯାଇ ପାରେ ।* କିଛି ନିର୍ଦ୍ଦିଷ୍ଟ ଶବ୍ଦ ମାନ ରହିଥାଏ, ଆଉ ସେହି ଶବ୍ଦର ଅର୍ଥ କ'ଣ କୁହେ ? ବିଶ୍ୱାସ ଶବ୍ଦର ଅର୍ଥ କ'ଣ ବୁଝାଏ ? ପ୍ରଭୁ / ଈଶ୍ୱର ଶବ୍ଦର ଅର୍ଥ କ'ଣ ? ଯୀଶୁ ଶବ୍ଦର ଅର୍ଥ କ'ଣ ? ଖ୍ରୀଷ୍ଟ ଶବ୍ଦର ଅର୍ଥ କ'ଣ ? ଯଥାର୍ଥତା / ଠିକ୍ ଶବ୍ଦର ଅର୍ଥ କ'ଣ, ଇତ୍ୟାଦି ।

*ଆପଣ ମଧ୍ୟ ବାଇବେଲ୍‌ରେ ଅନୁଚ୍ଛେଦ ମାନ ସବୁ ନେଇ ଧ୍ୟାନ କରିପାରିବେ । ଅନୁଚ୍ଛେଦ ହେଉଛି କିଛି ଭାବନାର ଏକକ : ଯାହାକି କିଛି ବାକ୍ୟ ମାନେ ନେଇ ଥାଏ ।* ଯେତେବେଳେ ଜଣେ ଲେଖକ ନିଜ ଲେଖିବାର ବିଷୟ ବସ୍ତୁକୁ ପରିବର୍ତ୍ତନ କରିବାକୁ ହେଁ । ତାହାର ଲେଖାରେ, ତାହା ସାଧାରଣତଃ ଏକ ନୂତନ ଅନୁଚ୍ଛେଦରେ ପ୍ରାରମ୍ଭ ହୁଏ ।

ଯେତେବେଳେ ଆପଣ ଶାସ୍ତ୍ରାଂଶ ଦେଇ ଧ୍ୟାନ କରନ୍ତି, ସେତେବେଳେ ଆପଣ ବିରାମଚିହ୍ନ ମାନ ଯେପରିକି, ପ୍ରଶ୍ନବାଚୀ ଚିହ୍ନ ଅଛି(କି)ନାହିଁ ଦେଖନ୍ତୁ । ଦେଖନ୍ତୁ ଯେ, ଏହି ପ୍ରଶ୍ନ କାହିଁକି ପଚାରା ଯାଇଅଛି ? ଏହି ପ୍ରଶ୍ନ କିପରି ସେହି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ସହ ଜଡ଼ିତ, ଇତ୍ୟାଦି ଓ ଇତ୍ୟାଦି ?

ବାଇବେଲ୍ ଧ୍ୟାନ କରିବା କେବଳ ଶବ୍ଦ ମାନକୁ ଦେଖିବା ନୁହେଁ, କିନ୍ତୁ ସେହି ଶବ୍ଦ ପଛରେ ଥିବା ଈଶ୍ୱରଙ୍କୁ ଜାଣିବା ଅଟେ ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଏବଂ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ପ୍ରସଙ୍ଗ

୧. ଏହି "ଧ୍ୟାନ" ଶବ୍ଦର ଅର୍ଥ କ'ଣ ?

୨. ବାଇବେଲ୍ ଧ୍ୟାନ କରିବାର ଦୁଇଗୋଟି କାରଣ କ'ଣ ?

୩. ଶାସ୍ତ୍ରାଂଶରେ ପ୍ରାସଙ୍ଗିକ ଅଧ୍ୟୟନ କରିବାର ଅର୍ଥ କ'ଣ ?

୪. ଶାସ୍ତ୍ରାଂଶରେ ବ୍ୟାଖ୍ୟାନ ଅଧ୍ୟୟନ କ'ଣ ?

୫. ଆପଣ ପଢ଼ନ୍ତୁ (ଲୂକ ୬:୪୬) । ଆପଣ ଏହି "ପ୍ରଭୁ" ଶବ୍ଦର ଅର୍ଥ କ'ଣ ?

**ଲୂକ ୬:୪୬-** *"ଆଉ ତୁମ୍ଭେମାନେ କାହିଁକି ମୋତେ ପ୍ରଭୁ, ପ୍ରଭୁ ବୋଲି ସମ୍ବୋଧନ କରୁଅଛ; ମାତ୍ର ମୋହର ବାକ୍ୟ ପାଳନ କରୁନାହିଁ ?"*

୬. ଆପଣ ପଢ଼ନ୍ତୁ (ମାଥିଉ ୧:୨୧) । ଏହି "ଯୀଶୁ" ଶବ୍ଦର ଅର୍ଥ କ'ଣ ବୋଲି ଆପଣ ଭାବୁଛନ୍ତି ?

**ମାଥିଉ ୧:୨୧-** *ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।*

୭. ଆପଣ ପଢ଼ନ୍ତୁ (ଲୂକ ୨୩:୧-୨) । ଏହି "ଖ୍ରୀଷ୍ଟ" ଶବ୍ଦର ଅର୍ଥ କ'ଣ ବୋଲି ଆପଣ ଭାବନ୍ତି ?

**ଲୂକ ୨୩:୧-୨-** *ପରେ ସଭାଟାଯାକ ସମସ୍ତେ ଉଠି ପୀଲାତଙ୍କ ନିକଟକୁ ତାହାଙ୍କୁ ଘେନିଗଲେ । (୨) ଆଉ ସେମାନେ ତାହାଙ୍କ ବିରୁଦ୍ଧରେ ଅଭିଯୋଗ କରି କହିବାକୁ ଲାଗିଲେ, ଆମ୍ଭେମାନେ ଦେଖିଲୁ, ଏ ଲୋକଟା ଆମ୍ଭମାନଙ୍କ ଜାତିକି ରାଜଦ୍ରୋହୀ କରାଉଅଛି ଏବଂ କାଇସରଙ୍କୁ କର ଦେବା ପାଇଁ ନିଷେଧ କରୁଅଛି ଓ ଆପଣାକୁ ଅଭିଷିକ୍ତ ଖ୍ରୀଷ୍ଟ ରାଜା ବୋଲି କହୁଅଛି ।*

୮. ଅନୁଚ୍ଛେଦ କ'ଣ ?

୯. ବାଇବେଲ୍ ଧ୍ୟାନ କେବଳ ଶବ୍ଦଙ୍କର ଧ୍ୟାନ ନୁହେଁ, କିନ୍ତୁ ଶବ୍ଦ ପଛରେ ଥିବା ଈଶ୍ୱରଙ୍କୁ ବାକ୍ୟ ଓ ଈଶ୍ୱରଙ୍କୁ ଜାଣିବା ଅଟେ ।

## ଉତ୍ତର

୧. ଏହି "ଧାନ" ଶବ୍ଦର ଅର୍ଥ କ'ଣ ?

*ବିଚାର କରିବା, ଚିନ୍ତା କରିବା, ଅନୁଧାନ କରିବା (ବା) କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟର ନିରନ୍ତର ଚିନ୍ତା କରିବା ।*

୨. ବାଇବେଲ୍ ଧାନ କରିବାର ଦୁଇଗୋଟି କାରଣ କ'ଣ ?

*ସଠିକ ଜ୍ଞାନ ଉପରେ (ବା) ସଠିକ୍ ଜ୍ଞାନ ପାଇଁ ଚିନ୍ତା କରିବା (ଆପଣା ମନ ନୂତନୀକରଣ କରି) ଏବଂ ସେହି ଶବ୍ଦମାନ ପଛରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା (ସେହି ବିଷୟରେ ଚିନ୍ତା କରି, ବିଚାରକରି ଏବଂ ପ୍ରଭୁଙ୍କ ବିଷୟରେ ଭାବି)*

୩. ପ୍ରାସଙ୍ଗିକ ଅଧ୍ୟୟନ କ'ଣ ?

*ବାଇବେଲରୁ ଏକ ପ୍ରସଙ୍ଗ ଚୟନ କରିବା ଓ ତାହା ବିଷୟ ଅଧ୍ୟୟନ ଓ ଚିନ୍ତା କରିବା ।*

୪. ଶାସ୍ତ୍ରାଂଶରେ ବ୍ୟାଖ୍ୟାନ ଅଧ୍ୟୟନ ଅର୍ଥ କ'ଣ ?

*ବାଇବେଲ୍‌ର ଯେ କୌଣସି ପୁସ୍ତକରୁ ପଦରୁ ଆଉ ଗୋଟିଏ ପଦ ନେଇ ଅଧ୍ୟୟନ କରିବା ।*

୫. ଆପଣ ପଢ଼ନ୍ତୁ (ଲୂକ ୬:୪୬) । ଆପଣ ଏହି "ପ୍ରଭୁ" ଶବ୍ଦର ଅର୍ଥ କ'ଣ ବୋଲି ମନେ କରନ୍ତି ?

*ଯାହାକୁ ଆମେ ମାନୁ (ଯେପରି ମାଲିକକୁ)*

୬. ଆପଣ ପଢ଼ନ୍ତୁ (ମାଥିଉ୧:୨୧) । ଆପଣ ଏହି "ଯୀଶୁ" ଶବ୍ଦର ଅର୍ଥ କ'ଣ ବୋଲି ମନେ କରନ୍ତି ?

*ଯେ ଲୋକମାନଙ୍କ ନିମନ୍ତେ ସେମାନଙ୍କ ପାପରୁ ପରିତ୍ରାଣ ଦିଅନ୍ତି ।*

୭. ଆପଣ ପଢ଼ନ୍ତୁ (ଲୂକ ୨୩:୧-୨) । ଆପଣ ଏହି "ଖ୍ରୀଷ୍ଟ" ଶବ୍ଦର ଅର୍ଥ କ'ଣ ବୋଲି ମନେ କରନ୍ତି ?

*ଯେ ରାଜା ହେବା ପାଇଁ ଅଭିଷିକ୍ତ ।*

୮. ଅନୁଚ୍ଛେଦ କ'ଣ ?

*ଲେଖାରେ ଅନେକ ଭାବନାର ଏକକ ହେଉଛି ଅନୁଚ୍ଛେଦ ।*

୯. ବାଇବେଲ୍ ଧ୍ୟାନ କେବଳ ଶବ୍ଦର ଧ୍ୟାନ ନୁହେଁ, କିନ୍ତୁ ଶବ୍ଦ ପଛରେ ଥିବା ଈଶ୍ୱରଙ୍କୁ ବାକ୍ୟ ଓ ଈଶ୍ୱରଙ୍କୁ ଜାଣିବା ଅଟେ ।

*ବାକ୍ୟ ଦ୍ୱାରା ସଦାପ୍ରଭୁଙ୍କ ସହ ସମ୍ପର୍କ*

### ପାଠ୍ୟକ୍ରମ ୩

# ମନର ନୂତନୀକରଣ

### *ଲେଖକ - ଡନ୍ କ୍ରୋ*

ଆଜି ଆମ୍ଭେମାନେ ମନର ନୂତନୀକରଣ ବିଷୟ କଥା ହେବା । ଆଉ ମୁଁ ଏଥି ନିମନ୍ତେ ଦୁଇଗୋଟି ଅଂଶ ବାଇବେଲ୍‌ରୁ ପଢ଼ିବାକୁ ହେଁ । ପ୍ରଥମଟି(ଫିଲିପ୍ପୀୟ ୪:୮)ରୁ, ଏହା ଏପରି କୁହେ, *"ଅବଶେଷରେ ହେ ଭ୍ରାତୃଗଣ ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ , ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରୀତିଭୋଜନ, ଯାହା ଯାହା ସୁଖ୍ୟାତିଯୁକ୍ତ, ଯେକୌଣସି ସଦ୍‌ଗୁଣ ଓ ପ୍ରଶଂସାର ବିଷୟ ଥାଏ, ସେହି ସମସ୍ତ ବିଷୟ ଚିନ୍ତା କର ।"* ଏଠାରେ ପ୍ରେରିତ ପାଉଲ ଆମ୍ଭମାନଙ୍କୁ କହୁଛନ୍ତି ନିଶ୍ଚିତ ସ୍ୱାଭାବିକ ଭାବେ ଅନେକ ବିଷୟ ଅଛି ଯାହା ଆମେ ଭାବିବା ଉଚିତ୍ । ଅନ୍ୟ ଶବ୍ଦରେ କହିବାକୁ ଗଲେ, ଆମେ ଆମ ଭାବନା କ'ଣ ଭାବିବ ତାହା ନିଜେ ବାଛିପାରିବା । ମୁଁ ଏଠା ଜାଣେ ଯେ ଆମ୍ଭମାନଙ୍କର ଏହିପରି ମଧ କିଛି ଭାବନ ଅଛି ଯାହା ଅନେକ ସମୟରେ ପ୍ରଭୁଙ୍କ ବାକ୍ୟର ସଂପୂର୍ଣ୍ଣ ବିପରୀତ ଆସେ, ରୋମୀୟ ୯.୭ପଦ, ୨୨ଓ୨୩ ପଦ ଅନୁସାରେ ଆମର ମନ ବ୍ୟବସ୍ଥା ବିପକ୍ଷଷରେ ଯୁଦ୍ଧ କରେ । କିନ୍ତୁ ଫିଲ୍ଲୀପୀୟରେ ବାଇବେଲ୍ ଆମ୍ଭମାନଙ୍କୁ କୁହେ, ସେଇଥିପାଇଁ ଆମ୍ଭମାନଙ୍କୁ ସେହି କଥା ଧରି ବସିବା ଆବଶ୍ୟକ ନାହିଁ ଏବଂ ସେହି ବିଷୟକୁ ନେଇ ଆମ ଭାବନାରେ ବସା ବାନ୍ଧିବାକୁ ଦେବା ଆବଶ୍ୟକ ନାହିଁ ମାତ୍ର ଆମେ କ'ଣ ଭାବିବା, ତାହା ଆମ ନିଜ ଉପରେ । ଆହୁରି ମଧ (ହିତୋପଦେଶ ୨୩-୨୭)ରେ ପବିତ୍ର ବାଇବେଲ୍ କୁହେ, କାରଣ ଯେ ରୂପ ମନରେ ନିଜେ ଭାବେ, ସେ ସେ ରୂପ ଅଟେ । ତେଣୁ ଏହା ବାସ୍ତବରେ ଅତି ଗୁରୁତ୍ୱପୂର୍ଣ୍ଣ ଯେ ଆମେ କେଉଁ ବିଷୟରେ ଭାବୁଅଛୁ ।

ରୋମୀୟ ୧୨:୧ଓ୨,ରେ ପବିତ୍ର ବାଇବେଲ୍ କୁହେ, *"ଅତଏବ ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ସ୍ୱରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, ମାତ୍ର ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।"* ବାଇବେଲ୍ କୁହେ ଆମ୍ଭେମାନେ ଆପଣା ଆପଣା ମନର ନୂତନୀକରଣ କରି ପରିବର୍ତ୍ତିତ ହୋଇ ପାରିବା । ଆପଣ ଜାଣନ୍ତି କି ଆପାଲୋ ଅନ୍ତରୀକ୍ଷ ଯାନ ଯେତେବେଳେ ଅନ୍ତରୀକ୍ଷକୁ ପଠାଯାଇଥିଲା, ସେମାନଙ୍କୁ ପ୍ରତ୍ୟେକ ଦଶ(୧୦) ମିନିଟ୍‌କୁ ଥରେ ସୁଧାର କାର୍ଯ୍ୟକ୍ରମ କରିବାକୁ ପଡ଼ିଥିଲା ? ସେମାନେ ଏକ ବକ୍ର ଭାବରେ ଚନ୍ଦ୍ର ପୃଷ୍ଠକୁ ଗଲେ । ଏବଂ ଯେତେବେଳେ ସେମାନେ ସେଠାରେ ପାଦ ଦେଲେ,

ସେମାନେ ନିର୍ଦ୍ଦିଷ୍ଟ ହୋଇଥିବା ଅବତରଣ ସହ ମଣ୍ଡଳର ୫୦୦ (ପାଞ୍ଚଶହ) ମାଇଲ୍‌ରେ କଲେ, ଏବଂ ତାହା ସେମାନେ ସେହି ମହୀମଣ୍ଡଳର ମାତ୍ର କିଛି ଫୁଟ୍ ଦୂରରେ ଅବତରଣ କରିବାରେ ସକ୍ଷମ ହେଲେ । ଆଉ ତାହା ସଫଳ ଥିଲା । ସେହିପରି ଆମକୁ ମଧ୍ଯ କିଛି ତିଆରି କରିବାକୁ ହେବ । ଖ୍ରୀଷ୍ଟ ଯୀଶୁଙ୍କ ଆଗରେ ଏକ ସୁଗ୍ରାହ୍ୟ ବଳି ସ୍ୱରୂପ ହେବା ନିମନ୍ତେ ସମସ୍ୟା ବେଳେବେଳେ ଆସେ, ମାତ୍ର ଆମକୁ ଆମର ସମସ୍ତ କିଛି ଈଶ୍ୱରଙ୍କ ନିକଟରେ ସ୍ଥିର କରିବାକୁ ପଡ଼ିବ । ଆମର ଏହିପରି ହୃଦୟ ରହିବା ଆବଶ୍ୟକ ଯାହା ସବୁବେଳେ କହିବ, "ପ୍ରଭୁ, ମୁଁ କେବଳ ତୁମ୍ଭଙ୍କୁ ଚାହେଁ ଏବଂ ତୁମ୍ଭର ପଥରେ ଚାଲିବାକୁ ଚାହେଁ ।"

କେବଳ ଆମକୁ ସଂପୂର୍ଣ୍ଣ ପ୍ରତିଶୃତି ନେବାକୁ ହେବ, ତାହା ନୁହେଁ, ମାତ୍ର ଖ୍ରୀଷ୍ଟିୟାନ ଜୀବନରେ ଏକ ବିଜୟୀ ରୂପକ ଜୀବନ ପାଇଁ ତା'ର ପରବର୍ତ୍ତୀ ପଦକ୍ଷେପ, ଯାହାକି ମନର ନୂତନୀକରଣ ତାହା ମଧ୍ଯ ଆମକୁ କରିବାକୁ ପଡ଼ିବ । ଯଦି ଆମେ ଜଗତରୂପୀ ଫଳାଫଳ ଯେପରିକି (ଫିଲିପ୍ପୀୟ ୪: ୮) ରେ ଆମେ ପଢୁ , ଯେ ଆମେ କ'ଣ ଭାବିବା/ କେଉଁ ବିଷୟ ଉପରେ ଚିନ୍ତା କରିବା ତାହା ଆମ ଉପରେ (ବା) ତାହା ଆମେ ଚୟନ କରିପାରିବା । ଯାହା ଆଦରଣୀୟ, ଯଥାର୍ଥ, ବିଶୁଦ୍ଧ, ପ୍ରୀତିଭୋଜନ, ସୁଖ୍ୟାତିଯୁକ୍ତି, ସେହି ସବୁ ବିଷୟ ଉପରେ ଚିନ୍ତା କରିବା ଆବଶ୍ୟକ । କିନ୍ତୁ ପୁରାତନ ନିୟମରେ ସେମାନେ କ'ଣ କଲେ, ପ୍ରଭୁଙ୍କର ବାକ୍ୟକୁ ନିଜ ନିଜ ଦ୍ୱାର ସମ୍ମୁଖରେ ଏବଂ ନିଜେ ପରିଧାନ କରି ରଖିଲେ । ଯାହାକି ସର୍ବଦା ସେମାନଙ୍କ ସମ୍ମୁଖରେ ଥିଲା । ଈଶ୍ୱର ସେମାନଙ୍କୁ ଅନବରତ ଭାବେ ଦିବା ଓ ରାତ୍ର ପ୍ରଭୁଙ୍କ ବାକ୍ୟ କଥା ହେବାକୁ ଓ ସେହି ବାକ୍ୟ କ'ଣ ବାସ୍ତବରେ କହୁଛି, ତାହା ଅନୁଭବ କରିବାକୁ ଅନୁଦେଶ ଦେଇ କହିଲେ । ଏବଂ ମଧ୍ଯ ଏହି ସମସ୍ତ ବିଷୟରେ ନିଜ ସନ୍ତାନ ଓ ସନ୍ତତିମାନଙ୍କୁ କହିବାକୁ ମଧ୍ଯ ଅନୁଦେଶ ଦେଲେ । ଆମେ କ'ଣ ଚିନ୍ତା କରୁଛୁ, ତାହା ବାସ୍ତବରେ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ଆମେ ଆମଜୀବନରେ ବିଜୟ ଲାଭ ନିମନ୍ତେ ପ୍ରଭୁଙ୍କ ବାକ୍ୟକୁ ସର୍ବଦା ସମ୍ମୁଖ ରେ ରଖିବା ଆବଶ୍ୟକ । ଯାହା ଆଦରଣୀୟ, ଯଥାର୍ଥ, ବିଶୁଦ୍ଧ, ପ୍ରୀତିଭୋଜନ, ସୁଖ୍ୟାତି ଯୁକ୍ତ,ତା'ର ବିପରୀତ ହେଲା ଯାହା ଈଶ୍ୱରଙ୍କ ଓ ଆତ୍ମିକ ବିଷୟ ତାହା ନ ଭାବିବା । (ରୋମୀ ୮:୬)ରେ ଲେଖାଯାଏ, *"ଶାରୀରିକ ଭାବ ମୃତ୍ୟୁଜନକ, କିନ୍ତୁ ତାର ପରବର୍ତ୍ତୀ ପଦ କୁହେ, ଆତ୍ମିକ ଭାବ ଜୀବନ ଓ ଶାନ୍ତି ଦାୟକ ।"* ଆତ୍ମିକ ଶାନ୍ତି ବିଷୟରେ ଚିନ୍ତା କରିବା ହେଉଛି ଜୀବନ ଏବଂ ପ୍ରକୃତ ଶାନ୍ତି । କିନ୍ତୁ ଆମେ ଯଦି ବ୍ୟଭିଚାର ବିଷୟ ଚିନ୍ତା କରିବା ଆରମ୍ଭ କରୁ, ଜାଗତିକ ବିଷୟ ଚିନ୍ତା କରିବା, ଆରମ୍ଭ କରୁ, ଟଙ୍କା ଓ ପଇସା ଲୋଭ ଓ ଇତ୍ୟାଦି ବିଷୟ ଯଦି ଚିନ୍ତା କରୁ ଆପଣ ଜାଣନ୍ତି କି ଆମ ଜୀବନ ସବୁ କ'ଣ ହେବ ? କାରଣ ମନୁଷ୍ୟ ନିଜ ହୃଦୟରେ ଯାହା ଭାବେ, ସେ ସେହିପରି । ଆଉ ଆମେ ତେଣୁ ତା'ପରେ ସେ ସମସ୍ତ ବିଷୟ ଉପରେ କାର୍ଯ୍ୟ କରିବାକୁ ଆରମ୍ଭ କରିବା । ତା' ସହିତ ଖେଳିବା ଏବଂ ଯାହାକି ଆମ ଜୀବନକୁ ବିନଷ୍ଟ କରିଦେବ । ବାସ୍ତବ ଆତ୍ମିକ ଯୁଦ୍ଧ ଆପଣ ଦେଖନ୍ତୁ ସବୁବେଳେ ଶୟତାନକୁ ପ୍ରତିରୋଧ କରିବା ନୁହେଁ, ହଁ ମାତ୍ର ଏହାର ମଧ୍ଯ ନିହାତି ଆବଶ୍ୟକତା ଅଛି କିଛି ସମୟରେ । କିନ୍ତୁ ଆତ୍ମିକ ଯୁଦ୍ଧ ହେଲା ଆମେ କ'ଣ ଓ କେଉଁ ବିଷୟରେ ଚିନ୍ତା କରୁଛୁ ଏବଂ କାହାର ଆବାସରେ ଅଛୁ ।

ପବିତ୍ର ବାଇବେଲ୍ (ଯିଶାୟ ୨୬:୩) କୁହେ, ଯାହାର ମନ ତାହାଙ୍କଠାରେ ସ୍ଥିର ଥାଏ, ତାହାକୁ ସେ ଶାନ୍ତିରେ ରଖିବେ, କାରଣ ସେ ତାହାଙ୍କ ଠାରେ ନିର୍ଭର ରଖେ । ଦିନ ତମାମ ମଧ୍ଯରେ ଏହିପରି କିଛି ସମୟ ଥାଏ, ଯେଉଁଠାରେ ଆମେ କିଛି ବିଷୟ ବ୍ୟବସ୍ଥିତ କରିବାର ଆବଶ୍ୟକତା ଥାଏ, ଯେପରିକି ରୋମୀୟ ୧୨

କୁହେ । ଆମକୁ କହିବାକୁ ପଡ଼ିବ, "ପ୍ରଭୁ, ଯେଉଁ ସବୁ ବିଷୟ ଭୁଲ୍(ବା) ଦୋଷ ଅଟେ, ସେହି ସବୁ ବିଷୟରୁ ମୁଁ ମନ ଫେରିବାକୁ ଚାହେଁ ଏବଂ ମୋ ମନକୁ ନୂତନୀକରଣ କରି ଯେଉଁ ସବୁ ବିଷୟ ଆଚରଣୀୟ, ଯଥାର୍ଥ , ବିଶୁଦ୍ଧ, ପ୍ରୀତଭୋଜନ ଓ ସୁଖ୍ୟାତି ଯୁକ୍ତ, ସେହି ବିଷୟରେ ଚିନ୍ତା କରିବାକୁ ଚାହେଁ ।

ଯଦି ଆପଣଙ୍କୁ ଏହିପରି କିଛି ତୀବ୍ର ଓ ବିଶିଷ୍ଟ ଶକ୍ତି ଧାରଣା ଆସିଲା ଯେ, ଆପଣ କୌଣସି ବନ୍ଧନରେ ଅଛନ୍ତି, ଯାହାକି ଆପଣା ଭାବିବା କଥା ନୁହେଁ, ମାତ୍ର ଭାବୁଛନ୍ତି, ତେବେ ଯଥା ଶୀଘ୍ର ଆପଣଙ୍କୁ ସେ ବିଷୟରେ କିଛି କରିବାକୁ ପଡ଼ିବ । ବାଇବେଲ୍ କୁହେ, ଯଦି ଆମେ ଈଶ୍ୱରଙ୍କ ସୀମପ ହେବା । ସେ ମଧ ଆମ ସମୀପ ଆସିବେ । ଯଦି ଆମେ ଶୟତାନର ବିରୋଧ କରିବା ତେବେ, ସେ ଆମ ଆଗରୁ ଡ଼ରି ପଳେଇବ । ଏହିପରି ମୋ ଜୀବନରେ ମଧ କିଛି ସମୟରେ ମୁଁ ଏହି ପ୍ରକାରର ବିଷୟରେ ଖସିପଡ଼ି ମୋ ଜୀବନରେ ବିଶାଦ ଓ ଦୁଃଖକୁ ନିମନ୍ତ୍ରଣ କରିଛି । ଆଉ ସେହି ସମୟରେ, ବାଇବେଲ୍ କାଢ଼ିବା, ଅଧ୍ୟୟନ ପାଇଁ ବସିବା ଏବଂ ଏକ ଅଂଶ ତା'ର ଧାନକରି ପ୍ରଭୁଙ୍କୁ କହିବା "ଯେ ପ୍ରଭୁ, ତୁମେ ମୋର ବଳ" ବୋଲି, ତାହା ଅତ୍ୟନ୍ତ କଷ୍ଟକର । ଆପଣ ଜାଣନ୍ତି ବି ଆପଣଙ୍କର ବିଜୟ ମଧ ସେତିକି ହିଁ ସହଜ ଓ ସରଳ ? କେବଳ ଆପଣଙ୍କ କହିବାର ଆବଶ୍ୟକତା ଅଛି, "ବର୍ତ୍ତମାନ ମୋ ସହିତ ଶୟତାନ ଯାହା କରୁଅଛି ପ୍ରଭୋ, ମୁଁ ତାହାକୁ ବିରୋଧ କରୁଛି । ମୁଁ ବର୍ତ୍ତମାନ ହିଁ ବସିବି, ମୋ ବାଇବେଲ୍ କାଢ଼ିବ ଓ କିଛି ଅଂଶ ଏହି ପବିତ୍ର ଶାସ୍ତ୍ରର ପଢ଼ି ଧାନ କରିବି ଏବଂ କେବଳ ପଢ଼ିବି ନାହିଁ କିନ୍ତୁ ସେହି ବାକ୍ୟଦେଇ ପ୍ରଭୁ ମୋତେ କ'ଣ କହିବାକୁ ହୁଁଛନ୍ତି , ତାହା ପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରିବି । ଆଉ ମୁଁ ମୋର ମନକୁ କେବଳ ପ୍ରଭୁଙ୍କ ଉପରେ ସ୍ଥିର କରିବି । ଏବଂ, ପ୍ରଭ ତୁମେ ଏହାହିଁ ମୋତେ କହୁଅଛ । ତୁମେ କହୁଅଛ ଯେ, ମୋର ପାପ ସମସ୍ତ କ୍ଷମା ପ୍ରାପ୍ତ ହୋଇଅଛି । ତୁମେ କହୁଅଛ ମୁଁ ସଂପୂର୍ଣ୍ଣ ଭାବେ ପରିଷ୍କୃତ । ଆଉ ତୁମେ କହୁଅଛ ଯେ, କୌଣସି ବିଷୟ ତୁମଠାରୁ ମୋତେ ଅଲଗା କରି ନ ପାରେ ।" ଆଉ ଆପଣ ଯେତେବେଳେ ବସିବେ ଏବଂ ଏହିପରି ଉତ୍ତମ ବିଷୟମାନ ବିଷୟରେ ଚିନ୍ତା କରିବେ । ଯାହାକି ପ୍ରଭୁ ଆପଣଙ୍କ ପାଇଁ କେବଳ କରିଛନ୍ତି, କିଛ କ୍ଷଣ ମଧରେ ଆପଣ ଆପଣଙ୍କ ଜୀବନର ଅନ୍ୟାନ୍ୟ ବିଷୟମାନ ସମସ୍ତ ଭୁଲି ଯିବେ ।

ଏଠାରେ ମୁଁ ଗୋଟିଏ ଉଦାହରଣ ଦେବି, ମୁଁ ଥରେ ଗୋଟିଏ ବ୍ୟକ୍ତିକୁ ଏହା କହିବା ଶୁଣିଲି, "ବର୍ତ୍ତମାନ ମୁଁ ଆପଣଙ୍କୁ ଏହା କହୁଛି ଯେ ଆପଣମାନେ ପରବର୍ତ୍ତୀ ଦଶ(୧୦)ମିନିଟ୍ ଯାଏ ଗୁଲାବୀ ରଙ୍ଗର ହାତୀ ବିଷରେ ଭାବନ୍ତୁ ନାହିଁ ।" ଆପଣ ଜାଣନ୍ତି କି ତା'ପରେ କ'ଣ ହେଲା ? ପରବର୍ତ୍ତୀ ୧୦ ମିନିଟ୍ ଯାଏ ଆମେ ସମସ୍ତେ ସେହି ଗୁଲାବୀ ରଙ୍ଗ ହାତୀ ବିଷୟରେ ହିଁ ଭାବିଲୁ । ତା'ପରେ ସେ ବ୍ୟକ୍ତି ଜଣକ ପ ଋଲେ, "ଷ୍ଟାଚ୍ୟୁ ଅଫ୍ ଲିବ୍ରର୍ଟି ପ୍ରତିମା ଯାହାକି ଆମେରିକାରେ ଅଛି ତା'ର ରଙ୍ଗ କ'ଣ ?" କିଏ ଜଣେ କହିଲେ ସବୁଜ । ଏବଂ ସେ କହିଲେ "କେଉଁ ବାହୁ/ହାତରେ ଏହି ଷ୍ଟାଚ୍ୟୁ ଅଫ୍ ଲିବର୍ଟି ପ୍ରତିମାଟି ଧରିଛି ?" ଏବଂ କେହି ଜଣେ କହିଲେ ଡ଼ାହାଣ ହାତରେ । ତା'ପରେ ସେ ପଚାରିଲେ, "କ'ଣ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ହାତରେ ଧରିଛି ?" ଏବଂ କେହିଜଣେ କହିଲେ ଏକ ଟର୍ଚ୍ଚ । ତା'ପରେ ସେହି ବ୍ୟକ୍ତି ଜଣ କହିଲେ, "ଆପଣ ମାନଙ୍କର ଗୁଲାବୀ ରଙ୍ଗ ହାତୀ ବିଷୟରେ ଯେଉଁ ଚିନ୍ତା/ ଭାବନା ଥିଲା ତାହା କ'ଣ ହେଲା ?" ତାହା ପଳେଇଲା । ଆପଣ ଏଠାରେ ଦେଖନ୍ତୁ, "ଏଠାରେ କହିବାର କୌଣସି ତାତ୍ପର୍ଯ୍ୟ ନାହିଁ "ବର୍ତ୍ତମାନ କ'ଣ ଆପଣମାନେ ଏହି ଭାବନା ବିଷୟରେ ଭାବୁନାହାନ୍ତି," କାରଣ ଆପଣ' ଜାଣନ୍ତି, ଆପଣ ସେହି ଭାବନା ବିଷୟରେ ହିଁ ଭାବିବେ । ବାସ୍ତବରେ ଶାସ୍ତାଂଶ ଆମକୁ କହୁଛି ଯେ, ସେହି

ଅଦରକାରୀ ଭାବନା ସ୍ଥାନରେ ଆମେ ଈଶ୍ୱରଙ୍କ ବିଷୟ ଭାବିବା ଉଚିତ୍, ଏବଂ ଆମେ ଯେତେବେଳେ ଦେଖୁଛୁ ଏହି ସମସ୍ତ ବିଷୟ ଆମ ବିରୋଧରେ ଆସୁଛି, ଏବଂ ଆମେ ଭାବୁଛୁ ଯେ ଆମଙ୍କୁ ଏହି ବିଷୟରେ ଭାବିବାର ନାହିଁ। ଆମେ ଆମ ନୂତନୀକରଣ ହୋଇଥିବା ମନ ପରିଚୟକୁ ତୁରନ୍ତ ବ୍ୟବହାର କରିବା ଉଚିତ୍। ଆଉ ଆମେ ତୁରନ୍ତ ଈଶ୍ୱରଙ୍କ ଆଡ଼କୁ ମୁହେଁଇବା ଉଚିତ୍, ତାହାଙ୍କ ସହ ସଂପର୍କ ସ୍ଥାପନ ପାଇଁ, କେବଳ ଶାସ୍ତ୍ରାଂଶର ବାକ୍ୟ ପଢ଼ି ନୁହେଁ, ମାତ୍ର ସେହି ବାକ୍ୟ ଦେଇ ପ୍ରଭୁ କ'ଣ କହୁଛନ୍ତ ତାହାକୁ ବୁଝି। ଏବଂ ବାଇବେଲ୍ ରୋମୀୟ ୮:୬ରେ ଏପରି କୁହେ, "ଶାରୀରିକ ଭାବ ମୃତ୍ୟୁ ଜନକ, କିନ୍ତୁ ଆତ୍ମିକ ଭାବ ଜୀବନ ଓ ଶାନ୍ତି ଦାୟକ। ଯେଉଁମାନେ ଆତ୍ମିକ ମନା ସେମାନେ ଆତ୍ମିକ ବିଷୟରେ ମନୋଯୋଗ କରନ୍ତି। ମୋର ପ୍ରିୟ ଭାଇମାନେ ଏହି ବିଷୟମାନ ବିଷୟରେ ଭାବନ୍ତୁ, ଏବଂ ଖ୍ରୀଷ୍ଟ କିଣି ଦେଇଥିବା ସେହି ସ୍ୱାଧିନତାରେ ଆଜି ଚାଲନ୍ତୁ।

# ଶିଷ୍ୟତ୍ୱ ବିଷୟଗତ କିଛି ପ୍ରଶ୍ନ ଏବଂ ପ୍ରଶ୍ନ ମନର ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ ।

୧. ଆପଣ ପଢ଼ନ୍ତୁ (ରୋମୀୟ ୧୨:୧) । ଆମେ ଆମ ଶରୀର ସହ କ'ଣ କରିବା ଆବଶ୍ୟକ ।

**ରୋମୀୟ ୧୨:୧-୨-** *ଅତଏବ ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା । (୨)ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ ଅର୍ଥାତ, ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣିପାର, ଏଥି ନିମନ୍ତେ ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ ।*

୨. ଆପଣ ପଢ଼ନ୍ତୁ (ରୋମୀୟ୧୨:୧) । ଏଠାରେ ଶାସ୍ତ୍ରାଂଶ କହୁଛି ଆମକୁ ଯେ, ଆମ୍ଭେମାନେ ଈ-ପପପପଭିନ୍ନ ଦେବା ଉଚିତ୍ _______________________

୩. ଆପଣ ପଢ଼ନ୍ତୁ (ପ୍ରେରିତ ୧୭:୧୧) । ଆମେ ଆମର ଚିନ୍ତାଧାରା ଦୌବ୍ୟ ପରି କରିବା ?

**ପ୍ରେରିତ୧୭:୧୧-** *ଥେସଲୀନକୀରେ ଥିବା ଯିହୁଦୀମାନଙ୍କଠାରୁ ଏମାନେ ସୁଶୀଳ ଥିଲେ । ଏମାନେ ପୂର୍ଣ୍ଣ ଆସବାରେ ବାକ୍ୟ ଗ୍ରହଣ କଲେ, ପୁଣି ଏହି ସମସ୍ତ ସତ୍ୟ କିନା, ତାହା ଜାଣିବା ନିମନ୍ତେ ପ୍ରତିଦିନ ଶାସ୍ତ୍ର ଅନୁସନ୍ଧାନ କରୁଥିଲେ ।*

୪. ଆପଣ ପଢ଼ନ୍ତ (ରୋମୀୟ ୮:୫-୬) । ଯେଉଁମାନେ ଆତ୍ମିକ ମନା ସେମାନେ _______________

**ରୋମୀୟ ୮:୫-୬-** *କାରଣ ଯେଉଁମାନେ ଶାରୀରିକ ମନା, ସେମାନେ ଶାରୀରିକ ବିଷୟରେ ମନୋଯୋଗ କରନ୍ତି, କିନ୍ତୁ ଯେଉଁମାନେ ଆତ୍ମିକ ମନା, ସେମାନେ ଆତ୍ମିକ ବିଷୟରେ ମନୋଯୋଗ କରନ୍ତି (୬) । କାରଣ ଶାରୀରିକ ଭାବ ମୃତ୍ୟୁଜନକ, କିନ୍ତୁ ଆତ୍ମିକ ଭାବ ଜୀବନ ଓ ଶାନ୍ତି ଦାୟକ ।*

୫. ଆପଣ ପଢ଼ନ୍ତୁ (ରୋମୀୟ ୧୨:୧-୨) । କେଉଁ ଦୁଇଟି ବିଷୟ ଆମେ କରିବା ଆବଶ୍ୟକ, ଏହି ପଦ ଅନୁସାରେ ?

୬. ଆପଣ ପଢ଼ନ୍ତୁ (ଯିଶାୟ ୨୬:୩) । ଆମେ କିଭଳି ପ୍ରକୃତ ଶାନ୍ତିରେ ରହିପାରିବା ?

**ଯିଶାୟ ୨୬:୩-** *ଯାହାର ମନ ତୁମ୍ଭଠାରେ ସ୍ଥିର ଥାଏ, ତାହାକୁ ତୁମ୍ଭେ ସମ୍ପୂର୍ଣ୍ଣ ଶାନ୍ତରେ ରଖିବ କାରଣ ସେ ତୁମ୍ଭଠାରେ ନିର୍ଭର ରଖେ । (୪)ତୁମ୍ଭେମାନେ ସଦାଜ୍ଞାନ ସଦାପ୍ରଭୁଙ୍କଠାରେ ନିର୍ଭର ରଖ, କାରଣ ସଦାପ୍ରଭୁ ଯିହୋବାଙ୍କଠାରେ ଅନନ୍ତକାଳ ସ୍ଥାୟୀ ଶୈଳ ଅଛି ।*

୭. ଆପଣ ପଢ଼ନ୍ତୁ (ଯିଶାୟ୨୬:୩) I ଯେଉଁ କିଛି ରାସ୍ତା/ଉପାୟ ମାନ ଅଛ ତାହା କ'ଣ ଯାହା ଦ୍ୱାରା ଆମ୍ଭେମାନେ ଆମର ମନ ସଦାପ୍ରଭୁଙ୍କ ଉପରେ ସ୍ଥିର ରଖି ପାରିବା I

## ଉତ୍ତର

୧. ଆପଣ ପଢ଼ନ୍ତୁ (ରୋମୀୟ ୧୨:୧) । ଆମେ ଆମ ଶରୀରରେ କ'ଣ କରିବା ଆବଶ୍ୟକ ।

***ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ।***

୨. ଆପଣ ପଢ଼ନ୍ତୁ (ରୋମୀୟ ୧୨:୨) । ଏହି ଶାସ୍ତ୍ରାଂଶ କହୁଛି ଆମକୁ ଆମ୍ଭେମାନେ ମାନଙ୍କ ଠାରୁ ଭିନ୍ନ /ଅଲଗା ହେବା ଉଚିତ୍ ______________________

***ଜଗତଠାରୁ ଭିନ୍ନ/ଅଲଗା ହେବା ଉଚିତ୍ ।***

୩. ଆପଣ ପଢ଼ନ୍ତୁ (ପ୍ରେରିତ ୧୭:୧୧) । ଆମେ ଆମ ଚିନ୍ତା ଧାରା କିପରି / କାବ୍ୟ ସହ ମିଶେଇବା ଆବଶ୍ୟକ ।

***ଶାସ୍ତ୍ରାଂଶ ସହ, ପ୍ରଭୁଙ୍କ ବାକ୍ୟ ସହ ।***

୪. ଆପଣ ପଢ଼ନ୍ତୁ (ରୋମୀୟ ୮:୫-୬) । ଆତ୍ମିକ ମନା ହେବ ______________________

***ଜୀବନ ଓ ଶାନ୍ତି ଦାୟକ ।***

୫. ଆପଣ ପଢ଼ନ୍ତୁ (ରୋମୀୟ ୧୨:୧-୨) । କେଉଁ ଦୁଇଟି ବିଷୟ ଆମେ କରିବ ଆବଶ୍ୟକ ଏହି ଶାସ୍ତ୍ରାଂଶର ପଦ ଅନୁସାରେ ?

***ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କରିବା ଏବଂ ନିଜ ମନର ନୂତନୀକରଣ କରିବ ।***

୬. ଆପଣ ପଢ଼ନ୍ତୁ (ଯିଶାୟ ୨୬:୩) । କିଭଳି ଆମେ ପ୍ରକୃତ ଶକ୍ତିରେ ରହିବା ?

***ଆପଣା ଆପଣା ମନକୁ ଈଶ୍ୱରଙ୍କ ପାଖେ ସ୍ଥିର ରଖି ।***

୭. ଆପଣ ପଢ଼ନ୍ତୁ (ଯିଶାୟ ୨୬:୩-୪) । କେଉଁ ସବୁ ଉପାୟରେ ଆମେ ଆପଣା ଆପଣା ମନକୁ ପ୍ରଭୁଙ୍କ ପାଖେ ସ୍ଥିର ରଖିପାରିବା ?

***ପ୍ରାର୍ଥନା, ପ୍ରଶଂସା, ବାକ୍ୟର ଧ୍ୟାନକରି, ଏବଂ ପ୍ରଭୁଙ୍କୁ ଧନ୍ୟବାଦ ଦେଇ ଇତ୍ୟାଦି ।***

## ପାଠ୍ୟକ୍ରମ ୪

# ଖ୍ରୀଷ୍ଟଙ୍କ ଉପାସନା ଗୃହରୁ ପ୍ରାଧାନ୍ୟତା
# ଲେଖକ - ଡନ୍ କ୍ରୋ

***ଲେଖକ - ଡନ୍ କ୍ରୋ***

ଆଜି ଆମ୍ଭେମାନେ ଖ୍ରୀଷ୍ଟଙ୍କ ଉପାସନା ଗୃହର ପ୍ରାଧାନ୍ୟତା ବିଷୟରେ କଥା ହେଉଅଛୁ । ଆଉ ମୁଁ (ଏବ୍ରି୧୦:୨୫)ରୁ ଏକ ଶାସ୍ତ୍ରାଂଶ ପଢ଼ିବାକୁ ଯାଉଅଛି, *"ଆଉ କେହିକେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାନ୍ତି, ଆମ୍ଭେମାନେ ସେପରି ନକରୁ, ବରଂ ପରସ୍ପରକୁ ଉତ୍ସାହ ଦେଇ ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇଆସୁଅଛି ବୋଲି ଦେଖୁଅଛ ।"* ଯେପରିକି ଆଜି ଖ୍ରୀଷ୍ଟୀୟ ଉପାସନ ଗୃହର ପ୍ରାଧ୍ୟାନତା ଉପରେ ଆଲୋଚନା କରୁଅଛୁ ମୋର ପ୍ରଶ୍ନହେଲା, "ଉପାସନା ଗୃହ କ'ଣ ?"

କୋଲୋରାଡ଼ୋର ଏକ ସ୍ଥାନୀୟ ଉପସନାଗୃହ/ଗୀର୍ଜାରେ ମୁଁ ଶିଷ୍ୟତ୍ୱ ସୁସମାଚାର ପ୍ରଚାର ବିଷୟରେ ଏକ କାର୍ଯ୍ୟକ୍ରମରେ ଶିକ୍ଷା ଦେବା ପାଇଁ ଯାଇଥିଲି । ଆଉ ସେଠାରେ ଆମେ ତାହା କିପରି କରାଯିବ (ଏହି ଶିଷ୍ୟତ୍ୱ ଓ ସୁସମା ର) ସେ ବିଷୟରେ ତାଲିମ୍ ଦେଲୁ । ଏହି ସେହ ଉପାସନା ଗୃହର ଶାଖା ଗୀର୍ଜାଘର ଗୁଡ଼ିକରେ ମଧ କିପରି ବ୍ୟବହାର କରାଯିବ ତାହା କାର୍ଯ୍ୟକାରୀ କରି ଦେଖେଇଲୁ । ଦୀର୍ଘ ଛଅ ସପ୍ତାହ ଧ ରି କାର୍ଯ୍ୟକରିବା ମଧରେ, ଏହି ସ୍ଥାନୀୟ ଉପାସନାଗୃହ ସହ ମିଶି ଆମ୍ଭେମାନେ କୋଡ଼ିଏ ଗୋଟି ସମୂହ ବର୍ଗ ବାଇବେଲ୍ ଅଧ୍ୟୟନ ନିମନ୍ତେ ତିଆରି କରିଥିଲୁ । ଆଉ ମାସ ମାସ ଧରି ଏହି ଦଳ/ ବର୍ଗ ସହ ଆମେ କାମ କରିଥିଲୁ । ଆଉ ଗୋଟିଏ ଦିନ ସେହି ଉପାସନାଗୃହ ପାଇଁ ଯେଉଁ ପ୍ରଭୁଙ୍କ ଦାସ କାର୍ଯ୍ୟ କରୁଥିଲେ, ସେ ମୋତେ ଏହା ପଚାରି ଦ୍ୱନ୍ଦରେ ପକେଇଦେଲେ, ଯେ "ଆପଣ ଜାଣନ୍ତି କି, ବାଇବେଲ୍ କୁହେ ଯେ, ଉପାସନାଗୃହ ଆମ ଦୈନନ୍ଦିନ ଜୀବନରେ ଗୋଟିଏ ଅଂଶ ହେବା ଆବଶ୍ୟକ ଯାହାଦ୍ୱାରା କି ଆମେ ପରିତ୍ରାଣ ପାଇପାରିବା । ଆମ୍ଭେ ଏହି ବାଇବେଲ୍ ଦଳ/ବର୍ଗରେ ଯେଉଁ ଲୋକମାନଙ୍କୁ ଦେଖୁଛୁ, ସେମାନେ କାହିଁକି ଗୀର୍ଜାକୁ ଆସୁନାହାନ୍ତି ?"

ଯେତେବେଳେ ଶାଖାଗ୍ରାମରେ ବାହାରେ ସେହି ଲୋକଙ୍କୁ ସେବା କାର୍ଯ୍ୟ ଓ ପ୍ରଭୁଙ୍କ ବିଷୟ ଶିକ୍ଷା ଦେଉଛୁ, ସେତେବେଳେ ସେମାନେ ପରିତ୍ରାଣ ପ୍ରାପ୍ତ ହେଉଛନ୍ତି ଏବଂ ଶିଷ୍ୟତ୍ୱ ମଧ ନଉଛନ୍ତି । କିନ୍ତୁ ପ୍ରକୃତରେ

ସେହି ପ୍ରଭୁଙ୍କ ଦାସ ଜଣଙ୍କ ଯାହା ହୁଁଥିଲେ, ତାହା ହେଲା, "ସେହି ଲୋକମାନେ କାହିଁକି ରବିବାର ଦିନ ସକାଳେ ଉପାସନାଗୃହକୁ ଆସୁନାହାନ୍ତି ?" ମୋର ମଧ ଉପାସନାଗୃହକୁ ନେଇ ଚିନ୍ତାଧାରା ଟିକିଏ ଅଲଗା ଥିଲା । ଆଉ ସେହିପ୍ରଭୁଙ୍କ ଦାସ ଜଣଙ୍କ ଯାହା କହିଲେ ତାହା ବାସ୍ତବରେ ମୋତେ ମଧ ଟିକିଏ ବ୍ୟତିବ୍ୟସ୍ତ କରେଇଲା ଏବଂ ପ୍ରକୃତରେ ଜାଣିପାରିଲି *ନାହିଁ କ'ଣ କରାଯିବ ? ମୁଁ ଭାବିଲି, ଏହି ଶିଷ୍ୟତ୍ୱ ବିଷୟଗତ ସୁସମାଚର ପ୍ରଚାର କାର୍ଯ୍ୟକ୍ରମ ସତରେ କାର୍ଯ୍ୟ କରୁଅଛି ନା ନାହିଁ ?* ଆମେ କ'ଣ ଏହି କାର୍ଯ୍ୟକ୍ରମ ମାଧମରେ ପ୍ରକୃତରେ ଲୋକଙ୍କ ଜୀବନରେ ପ୍ରଭାବ ପକେଇବାରେ ସଫଳ ହେଉଅଛୁ କି ? ଆଉ ମୁଁ ଜାଣିଥିଲି ଆମେ ଅନେକ ଅନେକ ଲୋକଙ୍କ ନିକଟକୁ ପହଁଞ୍ଚି ପାରିଥିଲୁ କିନ୍ତୁ ମୋତେ ଯାହା ଦ୍ୱନ୍ଦରେ ପକେଇଲା ତାହା ହେଲା ସେମାନେ ରବିବାର ଦିନ ହେଉଥିବା ଉପାସନାରେ ଯୋଗଦେବା ପାଇଁ ଉପାସନାଗୃହକୁ କାହିଁକି ଆସୁନାହାନ୍ତି ?

ଆଉ ମୁଁ ଏହି ଶବ୍ଦ "ଉପାସନା ଗୃହ" କ'ଣ ? ସେ ବିଷୟରେ ଅଧ୍ୟୟନ କରିବା ଆରମ୍ଭ କରିବା ଆରମ୍ଭ କଲି । ଆଉ ଏହି ପାଠ୍ୟକ୍ରମରେ (ଉପାସନା ଗୃହର ପ୍ରାଧାନ୍ୟତା)ଆପଣ ଯାହା ପାଇବେ, ତାହା ମୋର ଅନୁସଂନ୍ଧାନ ଓ ଅଧ୍ୟୟନ ଅଟେ । ରୋମୀୟ ୧୬:୩, ୧ମ କରନ୍ଥୀୟ୧୬:୧୯, କଲସୀୟ ୪:୧୫, ଫିଲିପମାନ୨, ପ୍ରେରିତ୫:୪ଏବଂ ପ୍ରେରିତ ୨୦:୨୦, ରେ ବାଇବେଲ୍, ମୁଖ୍ୟତଃ ସମୟର ନୂତନ ନିୟମରେ ଲିଖିତ ଉପାସନା ଗୃହମାନ ବିଷୟରେ କୁହେ, ଯାହାକି କେଉଁ ଏକ ବ୍ୟକ୍ତିର ଘରେ ଲୋକମାନେ ଉପାସନା ନିମନ୍ତେ ଏକତ୍ରିତ ହେଉଥିଲେ । ମୁଁ ଜାଣେ ଅନେକ ପ୍ରକାରର ଗୀର୍ଜା(ବା) ଉପାସନା ଗୃହମାନ ଅଛ । କିଛି ଉପାସନା ଗୃହ ଅଛି, ଯେଉଁଠାରେ ଲୋକେ କାହାର ଏକ ଘରେ ଏକତ୍ରିତ ହୁଅନ୍ତି, କେଉଁ ଉପାସନାରେ ବିଶ୍ୱାସୀ ମାନଙ୍କ ସଂଖ୍ୟା ଟିକିଏ କମ୍ ତ କେଉଁଠାରେ ଅଧିକ ଏବଂ କେଉଁଠାରେ ପୁଣି ଅତି ବୃହତ୍ତର । ଗୋଟିଏ ବିଷୟ ମୋର ଅନୁସନ୍ଧାନ କରିବାର ପ୍ରକ୍ରିୟା ମଧରେ, ମୋତେ ଧ୍ୟାନ ଟାଣିଥିଲା, ଆଉ ତାହ ହେଲା, ଶାସ୍ତ୍ରାଂଶରେ ନୂତନ ନିୟମର ଉପାସନା ଗୃହ ମାନ କମ୍ ସଂଖ୍ୟକ ଲୋକ/ ବିଶ୍ୱାସୀ ମାନଙ୍କୁ ନେଇ ଗଠିତ ଥିଲା ଏବଂ ତାହା ମଧ ଲୋକଙ୍କ ଘର ମାନଙ୍କରେ ।

ଲରେନ୍ସ୍ ଓ ରିଚାଡିଙ୍କ ଦ୍ୱାରା ଲିଖିତ *"ଦି ଏକ୍ସ୍ ପସିଟୋରୀ ଡିକ୍ସନାରୀ ଅଫ୍ ବାଇବେଲ୍ ୱର୍ଡ୍ସ୍"* ଅର୍ଥାତ୍ ବାଇବେଲ୍ ସମ୍ବନ୍ଧୀୟ ଶବ୍ଦ ମାନଙ୍କର ଅର୍ଥପ୍ରକାଶକ ନିମନ୍ତେ ଶବ୍ଦକୋଷର (ପୃଷ୍ଠା ୧୬୪) ରେ ଲେଖାଯାଏ, " ଯେ କୌଣସି ବ୍ୟକ୍ତି ଏହି ଶବ୍ଦ 'ଚର୍ଚ୍ଚ'(ବା)ଉପାସନା ଗୃହକୁ ନେଇ ଦ୍ୱନ୍ଦରେ ଟିକିଏ ପଡ଼ିପାରେ, ଆମେ ଏହି ଶବ୍ଦ ଚର୍ଚ୍ଚ- ଉପାସନା ଗୃହକୁ ବିଭିନ୍ନ ଭାବରେ କଥାରେ/ଅର୍ଥରେ ବ୍ୟବହାର କରୁ । ଏହାର ମାନେ ଏକ ବିଶେଷ ପ୍ରସାଦ/ ଘର ଏକ ବର୍ଗ (ଆମେରିକାର ରିଫର୍ମିତ ଚର୍ଚ୍ଚ-ଉପାସନା ଗୃହ), (ବାପିଷ୍ଟ ଚର୍ଚ୍ଚ), ଏବଂ ରବିବାର ବୈଠକ (ଉଦା:ଆଜି ଆପଣ ଗୀର୍ଜାଯାଇଥିଲେ କି) । ଏହି ଉପରୋକ୍ତ ସମସ୍ତ କୌଣସି ମଧ ବିଶେଷ ଉପରେ ବାଇବେଲର ଲେଖାଯାଏ ନାହିଁ (କି) ବାଇବେଲ କୁହେ ନାହିଁ ।" *ଆଉ ତେଣୁ ମୋତେ ଭାବିବାକୁ ପଡିଲା, ଏହାର ଅର୍ଥ ପ୍ରକୃତରେ କ'ଣ ?* ଏହି ଶବ୍ଦ ଚର୍ଚ୍ଚ-ଉପାସନା ଗୃହର ଅର୍ଥ ବାସ୍ତବରେ କ'ଣ ? ମୁଁ ପୁଣି ଥରେ କହିବାକୁ ଚାହେଁ । ଏହା କୁହେ, "ଯେହେତୁ ଅନେକ ଲେକ ଭାବନ୍ତ ଯେ ଉପାସନା ଗୃହର ଅର୍ଥ ହେଲା ଏକ ପ୍ରାସାଦ ଯେଉଁଠାରେ ଧାର୍ମିକ ଉପାସନା କରାଯାଏ ।" ଗ୍ରୀକ ଭାଷାରେ ଏହି "ଚର୍ଚ୍ଚ" ଶବ୍ଦର ହେଲା *"ଏକଲେସିଆ"* ଏବଂ ଏହାର ଆକ୍ଷରିକ ଅର୍ଥ ହେଲା:- କିଛି ସଂଖ୍ୟକ ଲୋକ ଏକ ସ୍ଥାନରେ ଏକତ୍ରିତ ହେବା ଇଶ୍ୱରଙ୍କୁ ପ୍ରାର୍ଥନା, ପ୍ରଂଶସା ଓ ଗୌରବ କରିବା ନିମନ୍ତେ । ଆଉ

ଏଠାରେ ଆପଣଙ୍କ ନିମନ୍ତେ ଆଉ କିଛି ବିଷୟ ଅଧ୍ୟୟନ କରିବାକୁ ଯାଉଛି । ଏହା କୁହେ "ଏକଲେସିଆ ନୂତନ ନିୟମରେ ବିଶ୍ୱାସୀ ମାନଙ୍କର ଯେତେ କମ୍ (କି) ବେଶୀ ସଂଖ୍ୟାକୁ ନେଇ ଥିଲା ତାହା ଛୋଟ ଛୋଟ ସମୂହ ମଧ୍ଯ ଥିଲା, ଯେଉଁମାନେ କି ଘର ମାନଙ୍କରେ ଏକତ୍ରିତ ହୋଇଥିଲେ(ରୋମୀୟ ୧୬:୫) ଏବଂ ବଡ ସହରରେ ଥିବା ବିଶ୍ୱାସୀ ମାନଙ୍କୁ ନେଇ ମଧ୍ଯ ହେଉଥିଲା (ପ୍ରେରିତ ୧୧:୨୨)(ବା) ଏକ ଭୌଗଳିକ ଜିଲ୍ଲାକୁ ନେଇ, ଯେପରିକି ଏସିଆ (ବା) ଗାଲାତୀୟ ।" ଆଉ ତାହା ଏପରି ନୁହେ "ପ୍ରକୃତରେ ସେମାନେ ବାହାର ଗୋଟିଏ ଘରେ ଏକତ୍ରିତ ହେଉଥିଲା । ଯେତେବେଳେ ସେହି ସଂଖ୍ୟକ ଲୋକମାନେ ମିଶୁଥିଲେ, ସେମାନେ କିଛି ଈଶ୍ୱରଙ୍କ ସ୍ତୁତି ଗୀତ ଗାଉଥିଲେ, ବାକ୍ୟର ଅନୁଦେଶ, ଈଶ୍ୱରଙ୍କ ପ୍ରକଟିତ ସତ୍ୟ, ପରଭାଷାରେ ପ୍ରାର୍ଥନା ଓ ତାର ବାଖ୍ୟା (୧ମ କରନ୍ଥୀୟ ୧୪:୨୬) କରି ଉପାସନା କରୁଥିଲେ । (୧ମ କରନ୍ଥୀୟ୧୪:୨୬) କିଛି ଲୋକ ବାକ୍ୟ (ବା) ଭାବବାଣୀ କହୁଥିଲେ, ଅନ୍ୟମାନେ ଯତ୍ନପୂର୍ବକ ବିଚାର କରୁଥିଲେ । ଆଉ ସେହି ବିଷୟ ସମସ୍ତ ଉପାସନା ଗୃହରେ ଏକ ବିଶ୍ୱାସ ଗୃହିତ ହେଉଥିଲା । ପ୍ରତ୍ୟେକ ବ୍ୟକ୍ତି ସେ ପ୍ରାପ୍ତ କରିଥିବା ଆତ୍ମିକ ଦାନକୁ ବ୍ୟବହାର କରି ଅନ୍ୟକୁ ସାହାର୍ଯ୍ୟ କରିବା ପାଇଁ ଆଶା କରାଯାଉଥିଲା ।

ଏବ୍ରି ୧୦:୨୫ କୁହେ, *"କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାନ୍ତି, ଆମ୍ଭେମାନେ ସେପରି ନ କରୁ ।"* ଉପାସନା ଗୃହ ହେଉଛି ଯୀଶୁଖ୍ରୀଷ୍ଟଙ୍କ ଉଦ୍ଦେଶରେ ଏକତ୍ରୀ କରଣ, ପ୍ରଭୁଙ୍କ ପ୍ରଶଂସା କରିବା ପାଇଁ ପ୍ରଭୁଙ୍କ ଠାରୁ ଜୀବନ ନିଦେଶ ପାଇବା ପାଇଁ ଏବଂ ସେହି ନିର୍ଦ୍ଦେଶକୁ ଅନୁସରଣ କରିବା ପାଇଁ ପ୍ରଧାନ ଅଭିପ୍ରାୟ ଏହି ନୂତନ ନିୟମରେ ଲିଖିତ ଉପାସନା ଗୃହର ଏହା ଥିଲା ଯେ, କିଛି ଅନୁଦେଶ, ସଂଶୋଧନ ଓ ନୈତିକ ଉନ୍ନତି କରିବା । ସେମାନେ ଏହି ଉପାସନା ଗୃହରେ ପରସ୍ପର ସହ ବିଶ୍ୱାସରେ ଏକତ୍ରିତ ହେଉଥିଲେ ।

ପୂର୍ବେ ଥିବା ଉପାସନା ଗୃହ ଗୁଡିକ ମୂଖ୍ୟତଃ ସୁସମାଚାର ପ୍ରଚାର ନିମନ୍ତେ ଥିଲା । ଲୋକମାନେ ରିଆଡେ ବ୍ୟାପି, ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ନିମନ୍ତେ ପ୍ରଚାର କରୁଥିଲେ ଏବଂ ସେମାନେ ଯେପରି ଏହା କଲେ, ପ୍ରଭୁ ଉପାସନା ଗୃହ ଭାବେ ଯୋଗ କଲେ – ମାତ୍ର ପ୍ରାସାଦ/କୋଠାଘର ନୁହେଁ –କିନ୍ତୁ ଯେଉଁ ପ୍ରଭୁଙ୍କ ଲୋକମାନେ ଅନୁତାପ ଏବଂ ବିଶ୍ୱାସ କଲେ ସେମାନେ ଯୋଗ କରାଗଲେ । ତା'ପରେ ସେମାନେ ପରସ୍ପରକୁ ପ୍ରେତ୍ସାହନ କରବା ନିମନ୍ତେ ମିଶିବାକୁ ଲାଗିଲେ , ସେମାନଙ୍କର ଆତ୍ମିକ ଦାନର ବ୍ୟବହାର କରିବା ନିମନ୍ତେ ମିଶିଲେ, ପରସ୍ପରକୁ ସେବା କରିବା ଏବଂ କିଛି ଖାଦ୍ୟ ବ୍ୟବସ୍ଥାକରି ସାହଚାର୍ଯ୍ୟ ନିମନ୍ତେ ମିଶିଲେ। ଯେତେବେଳେ ସେମାନେ ମିଶୁଥିଲେ (ବା) ଏକତ୍ରିତ ହୋଉଥିଲେ ସେମାନେ ପ୍ରାପ୍ତ ହେଇଥିବା ଅତ୍ମିକ ଦାନ ଦ୍ୱାରା ପରସ୍ପର ନୈତିକ ଉନ୍ନତି ନିମନ୍ତେ ଅନୁଦୋ ଦେଉଥିଲେ । ପୁଣି ସେମାନେ ବାହାରକୁ ଯାଇଁ ଅନ୍ୟାନ୍ୟ ସ୍ଥାନମାନଙ୍କରେ ପ୍ରଭୁଙ୍କର ବାକ୍ୟ ପ୍ରଚାର କରୁଥିଲେ, ଏବଂ ପୁଣି ସେହିପରି ଭାବେ ସେହି ବିଷୟ ପୁଣି ପୁନରାବର୍ତ୍ତନ ହେଉଥିଲା । ସେମାନେ ଯୀଶୁଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରୁଥିଲେ। ଏବଂ ସେମାନେ ଏକତ୍ରିତ ହେଉଥିଲେ । କେଉଁଠାରେ ଏକତ୍ରିତ ହେବେ, ତାହା ଗୁରୁତ୍ୱପୂର୍ଣ୍ଣ ନ ଥିଲା । ସେମାନେ ଯେଉଁଠାରେ ମଧ୍ଯ ଏକତ୍ରିତ ହେବ ତାହା ଗୁରୁତ୍ୱପୂର୍ଣ୍ଣ ଥିଲା । ତାହା ଯେ କୌଣସି ପ୍ରାସାଦ (ବା) କାହାର ଗୋଟିଏ ଘର ମଧ୍ଯ ହୋଇପାରେ । ସେମାନେ ଅତି ଦୃଢ ସଂଖ୍ୟାରେ ଲୋକ ହୁଅନ୍ତି (ବା) କମ୍ ସଂଖ୍ୟକ ଲୋକ ହୁଅନ୍ତୁ, ସେମାନେ କାହାର ଜଣଙ୍କର ଘରେ ଏକତ୍ରିତ ହେଉଥିଲେ । ସେମାନେ ପ୍ରଭୁଙ୍କ ନାମରେ, ପ୍ରାପ୍ତ ହୋଇଥିବା ଦାନର ବ୍ୟବହାର ନିମନ୍ତେ, ପରସ୍ପରର ପ୍ରୋତ୍ସାହନ ନିମନ୍ତେ ଏବଂ ସାହଚର୍ଯ୍ୟ ନିମନ୍ତେ ମିଶୁଥିଲେ । ତେଣୁ

ଏହା ବ୍ୟତିତ ଅନ୍ୟ କୌଣସି ବିଷୟ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା । ଆଉ ପରିଶେଷର ଉପରୋକ୍ତ ବିଷୟ ସବୁ ପରସ୍ପରର ନୈତିକ ଉନ୍ନତିରେ ଅନୁଦେଶ ଦେଇ, ପରସ୍ପରକୁ ଗଠନ କରିବା ମୂଖ୍ୟ ଉଦ୍ଦେଶ୍ୟ ଥିଲା ।

ମୁଁ ତା'ପରେ ଦେଖିଲି ଆମ୍ଭେମାନେ ମଧ ଯେଉଁ ଶିଷ୍ୟତ୍ୱ ବିଷୟଗତ ସୁସମାଚାର ପ୍ରଚାର କାର୍ଯ୍ୟ କରୁଥିଲୁ ସେହି ସ୍ଥାନୀୟ ଗୀର୍ଜାର ସାହାୟତାରେ ଯାହାକି ଏହା ପୂର୍ବରୁ ମଧ ମୁଁ କହିଛି, ଆମେ ସହରର ବୀଭିନ୍ନ ଅଲଗା ଅଲଗା ଗୀର୍ଜାରେ କୋଡ଼ିଏଟି ସ୍ଥାନରେ ବାଇବେଲ୍ ଅଧ୍ୟୟନ କରୁଥିଲୁ । ଆଜି ଆମ୍ଭେମାନେ ଯାହାକୁ ଗୀର୍ଜାଘର ବୋଲି କହୁଛୁ , ସେତେବେଳେ ସେହିପରି ନଥିଲା, କିନ୍ତୁ ଆମେ "ଉପାସନା ଗୃହ" ବୋଲି ଭାବି ଏକତ୍ରିତ ହୋଉଥିଲୁ । ଆମ୍ଭେମାନେ ଗୋଟିଏ ସପ୍ତାହରେ କୋଡିଏ ଥର ମିଶୁଥିଲୁ । ଆମ୍ଭେମାନେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ମିଶୁଥିଲୁ । ପରସ୍ପରକୁ ପ୍ରୋତ୍ସାହନ କରିବା ନିମନ୍ତେ, ପ୍ରଭୁଙ୍କୁ ପ୍ରାର୍ଥନା କରିବା ନିମନ୍ତେ, ପ୍ରଭୁଙ୍କ ବାକ୍ୟରୁ ଉପଦେଶ ପାଇବା ନିମନ୍ତେ ଏବଂ ପରିଶେଷରେ ଆତ୍ମମାନଙ୍କର ଆତ୍ମିକ ଦାନର ବ୍ୟବହାର ନିମନ୍ତେ ।

ଆପଣ କେଉଁ ଗୀର୍ଜା/ଉପାସନା ଗୃହକୁ ଯାଉଛନ୍ତ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ଆପଣ ଏକ ନିର୍ଦ୍ଦିଷ୍ଟ ଧାର୍ମିକ ସମ୍ପ୍ରଦାୟର ଯୁକ୍ତ ଗୀର୍ଜାକୁ ଯାଉଛନ୍ତି (ନା) କୌଣସି ନାମ ନଥିବା ଧାର୍ମିକ ସମ୍ପ୍ରଦାୟ ଯୁକ୍ତ ଗୀର୍ଜା ଯାଉଛନ୍ତି ତାହା ମଧ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଆପଣ ଏକ ବଡ଼ ବୃହତ ଗୀର୍ଜା ଯାଉଛନ୍ତି (ନା) ଛୋଟ ଏକ କାହାର ଘରେ ହେଇଥିବା ଉପାସନାକୁ ଯାଉଛନ୍ତ ତାହା ମଧ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଶାସ୍ତ୍ରାଂଶ ଆମ୍ଭକୁ କୁହେ ଯେପରି ଦିନ ପାଖେଇ ଆସୁଛି ଏବଂ ପାପ ପରିପୂର୍ଣ୍ଣ ହୋଇଛି, ପ୍ରଭୁଙ୍କର ଅନୁଗ୍ରହ ମଧ ପରଚୁର ଅଛି । ଆଉ ସେହି ଅନୁଗ୍ରହ ପ୍ରଭୁଙ୍କର ଏହି ଲୋକମାନଙ୍କ ମଧରେ ପରିପୂର୍ଣ୍ଣ ହେବ । ଉପାସନା ଗୃହରେ ପ୍ରତ୍ୟେକ ବିଶ୍ୱାସୀ ଯୀଶୁଖ୍ରୀଷ୍ଟଙ୍କ ସେବା କାର୍ଯ୍ୟର ଅଂଶୀ ଅଟନ୍ତି । ଆପଣ ପରସ୍ପର ପରସ୍ପରକୁ ସେବା କାର୍ଯ୍ୟ ଦେଇ ପାରିବେ, ଉତ୍ସାହିତ ଏବଂ ପ୍ରାତ୍ସାହଦି କରି ପାରିବେ, ଯେପରିକି ଆପଣଙ୍କୁ ଆତ୍ମିକ ଦାନ କାର୍ଯ୍ୟକାରୀ ହୋଇପାରିବ ।

ଆଉ ଏହିଭଳି ଭାବେ ଆସେ ବିଶ୍ୱାସୀ ମାନଙ୍କର ଏକ ସମୂହ/ ବର୍ଗକୁ ମିଶି ପରସ୍ପର ପାଇଁ ଉପକାରର କାରଣ ହେଇପାରିବା । ଯଦିବା ତାହା ଦୁଇ(କି ଅବା) ତିନି ଲୋକ ହୋଇଅଛନ୍ତି, ଏବଂ ସେମାନେ ପ୍ରଭୁଯୀଶୁଙ୍କ ନାମରେ ମିଶୁଛନ୍ତି, ତେବେ ସେମାନେ ନିୟମିତ ଭାବେ ମିଶିବା ଦରକାର । ଏହା ସର୍ବଦା ଉତ୍ତମ ଅଟେ । ପରସ୍ପର ସହ ମିଶି ଆପଣା ଆତ୍ମିକ ଦାନର ବ୍ୟବହାର କରିବା, ପ୍ରେତ୍ସାହନ ପରସ୍ପରକୁ କରିବା, ଉତ୍ସାହିତ କରିବା ଏବଂ ସମସ୍ତେ ମିଶି ପ୍ରଭୁ ଯୀଶୁଙ୍କୁ ପ୍ରର୍ଥନା କରିବା ଏବଂ ପରସ୍ପର ପାଇଁ ପ୍ରାର୍ଥନା କରିବା । ଏହିପରି ଅନେକ ବିଷୟ ଅଛି ଯାହା ଆସେ ଉପାସନା ଗୃହ ଗିର୍ଜା ବିଷୟରେ କହିପାରିବା । ଆମେ ଆମ ବୈଜ୍ୟୋଷ୍ଠ ମାନଙ୍କ ପାଇଁ କଥା ହୋଇପାରିବା , ତତ୍ତ୍ୱାବଧାରକ ମାନଙ୍କ ପାଇଁ , ପ୍ରଭୁଙ୍କୁ ଦାସ ମାନଙ୍କ ପାଇଁ ଏବଂ ଗୀର୍ଜାର କାର୍ଯ୍ୟ ସଂଚାଳକ ମାନଙ୍କ ପାଇଁ । କିନ୍ତୁ ଏହି କାର୍ଯ୍ୟରେ ଆମେ ଶିକ୍ଷାର ଉଦ୍ଦେଶ୍ୟ ତାହା ନୁହେଁ । ଏହି ଶିକ୍ଷାର ଅଭିପ୍ରାୟେ ଏହିକି ଯେ ଆସେ ଗୀର୍ଜା ଘରର ଉଦ୍ଦେଶ୍ୟ କ' ଣ ତାହା ଜାଣିବା ଏବଂ ଏହା ମଧ ଜାଣିବା ଯେ :- ଆମକୁ ପୃଥକ(ବା) କାହାଠାରୁ ବିଛିନ୍ନ ହୋଇ କୌଣସି ଏକ ଦ୍ୱୀପରେ ରହିବା ଭଳି ଆବଶ୍ୟକ ନାହିଁ । ଆସେ ସେହିଭଳି ଭବେ ବଞ୍ଚି ପାରିବା ନାହିଁ – ଯେତେବେଳେ ଆମେ ପରିତ୍ରାଣ ପ୍ରାପ୍ତ ହେଲୁ, ପ୍ରଭୁ ପରମେଶ୍ୱର ଆମ୍ଭକୁ ଖ୍ରୀଷ୍ଟଙ୍କ ଶରୀରରେ ସ୍ଥାପିତ କଲେ- ଯାହାକି ସମସ୍ତ ବିଶ୍ୱାସୀ ମାନଙ୍କର

ଅଟେ । ଆମେ ପରସ୍ପରକୁ ଆବଶ୍ୟକ କରୁ, ଏବଂ ଆମକୁ ପ୍ରଭୁ ଦେଇଥିବା ଆତ୍ମିକ ଦାନ ସହ ଆମେ ସମସ୍ତେ ପ୍ରଭୁଙ୍କର ଏକ ଉପାସନା ଗୃହ ସଦୃଶ ପରସ୍ପର ସହ ମିଶିବା ଆବଶ୍ୟକ କରୁ ଏବଂ ସର୍ବଦା ଆମେ ପରସ୍ପରକୁ ପ୍ରୋତ୍ସାହନ ଓ ସେବାକାର୍ଯ୍ୟରେ ସାହାଯ୍ୟ କରିବା ଆବଶ୍ୟକ। ମୁଁ ତେଣୁ ଆପଣ ସମସ୍ତଙ୍କୁ ସେହି ସମସ୍ତ ପ୍ରଭୁଙ୍କ ଲୋକମାନଙ୍କ ସହ ମିଶିବା ପାଇଁ ପ୍ରୋତ୍ସହିତ କରିବାକୁ  ଚାହେଁ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛିପ୍ରଶ୍ନ ଏବଂ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ଏବ୍ରି ୧୦:୨୫ । ଆମ୍ଭେ କ'ଣ ପରିତ୍ୟାଗ ନ କରୁ ।

**ଏବ୍ରି ୧୦:୨୫ -** *କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥା'ନ୍ତି, ଆମ୍ଭେମାନେ ସେହିପରି ନକରୁ, ବରଂ ପରସ୍ପରକୁ ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ ।*

୨. ଆପଣ ପଢ଼ନ୍ତୁ ପ୍ରେରିତ ୫:୪୨ । ପ୍ରତ୍ୟେକ ଦିନ ମନ୍ଦିରରେ ଏବଂ ପ୍ରତ୍ୟେକ ଘରେ ଯୀଶୁ ଥିଲେ ।

**ପ୍ରେରିତ ୫:୪୨ -** *ଆଉ, ସେମାନେ ପ୍ରତିଦିନ ମନ୍ଦିରରେ ଓ ଘରେ ଘରେ ଶିକ୍ଷା ଦେବାରୁ ଓ ଯୀଶୁ ଯେ ଖ୍ରୀଷ୍ଟ, ଏହି ସୁସମାଚାର ପ୍ରଚାର କରିବାରୁ କ୍ଷାନ୍ତ ହେଲେ ନାହିଁ ।*

୩. ଆପଣ ପଢ଼ନ୍ତୁ ପ୍ରେରିତ ୨:୪୨ । ପ୍ରାତଃ, ଉପାସନା ଗୃହ କେଉଁ ବିଷୟ କରିବା ପାଇଁ କହିଥିଲା ?

**ପ୍ରେରିତ ୨:୪୨ -** *ସେମାନେ ପ୍ରେରିତମାନଙ୍କର ଶିକ୍ଷାରେ, ସହଭାଗିତାରେ, ରୋଟୀ ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ ।*

୪. ଆପଣ ପଢ଼ନ୍ତୁ ପ୍ରେରିତ (୨:୪୪-୪୫ ) । ଭୁଲ(ନା)ଠିକ । ପ୍ରାତଃ ଉପାସନା ଗୃହ ମାନଙ୍କରେ ଗୀର୍ଜାରେ ଗାଡି ରଖିବାର ତିଆରି ପାଇଁ ପଇସା ଦେଉଥିଲା ।

**ପ୍ରେରିତ ୨:୪୪-୪୫ -** *ମାତ୍ର ଯେଉଁମାନେ ବିଶ୍ୱାସ କଲେ, ସେମାନେ ସମସ୍ତେ ଏକତ୍ର ରହି ସବୁ ପ୍ରଦାର୍ଥ ସାଧାରଣ ସମ୍ପତ୍ତି ବୋଲି ଜ୍ଞାନ କରୁଥିଲେ । (୪୫) ପୁଣି ସେମାନେ ଆପଣା ଆପଣା ସ୍ଥାବର ଅସ୍ଥାବର ସମ୍ପତ୍ତି ବିକ୍ରୟ କରି, ଯାହାର ଯେପରି ପ୍ରୟୋଜନ, ସେହି ଅନୁସାରେ ସମସ୍ତଙ୍କୁ ବାଣ୍ଟି ଦେବାକୁ ଲାଗିଲେ ।*

୫. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୨:୨୮) । ପରମେଶ୍ୱର ଆପଣା ଗୃହରେ ଯେଉଁ ଆଠଗୋଟି ଦାନ ଦେଇଛନ୍ତୁ ତାହାର ଏକ ତାଲିକା ବନାନ୍ତୁ ।

**୧ମ କରନ୍ଥୀୟ ୧୨:୨୮-** *ପୁଣି ଈଶ୍ୱର ମଣ୍ଡଳୀରେ ପ୍ରଥମରେ ପ୍ରେରିତ, ଦ୍ୱିତିୟରେ ଭାବବାଦୀ ତୃତୀୟରେ ଶିକ୍ଷକ, ଏହିପରି ବିଭିନ୍ନ ବ୍ୟକ୍ତିଙ୍କୁ ନିଯୁକ୍ତ କରିଅଛନ୍ତି, ପରେ ଶକ୍ତିର କାର୍ଯ୍ୟ ତପ୍ତରେ ଆରୋଗ୍ୟ କରାର ଶକ୍ତି, ପରୋପକାରିତା, ପରିଚାଳନାର କ୍ଷମତା ଓ ବିଭିନ୍ନ ପରୀକ୍ଷା ଦାନ କରିଛନ୍ତି ।*

୬. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୪:୨୬) । ଯେତେବେଳେ ପ୍ରଭୁଙ୍କୁ ଲୋକମାନେ ଉପାସନା ଗୃହରେ ଏକତ୍ରିତ ହେଉଥିଲେ, ସେତେବେଳେ ସେମାନେ ପାଉଥିବା ଆତ୍ମିକ ଦାନକୁ ପ୍ରକାଶ କରିବାର ସ୍ୱାଧିନତା ସେମାନଙ୍କର ଥିଲା । ସେମାନେ ଯେତେବେଳେ ଏକତ୍ରିତ ହେଉଥିଲେ ସେତେବେଳେ ହେଉଥିବା ପାଞ୍ଚୋଟି ବିଷୟରେ ବର୍ଣ୍ଣନା କରନ୍ତୁ ।

**୧ମ କରନ୍ଥୀୟ ୧୪:୨୬ -** *ହେ ଭାଇମାନେ, ତେବେ କର୍ତ୍ତବ୍ୟ କଅଣ ? ତୁମ୍ଭେମାନେ ସମବେତ ହେବା ସମୟରେ ଗୀତ, ବା ଶିକ୍ଷା ବା ପ୍ରକାଶିତ ବାକ୍ୟ, ବା ପରଭାଷା ବା ଭାଷାର ଅର୍ଥ ଏପରି ପ୍ରତ୍ୟେକର କିଛି ନା କିଛି ଅଛି । ସମସ୍ତ ବିଷୟ ନିଷ୍ଠା ନିମନ୍ତେ କରାଯାଉ ।*

୭. ଆପଣ ପଢ଼ନ୍ତୁ (ପ୍ରେରିତ ୬:୧) । ପ୍ରାତଃ ନୂତନ ନିୟମର ଉପାସନା ଗୃହ ମାନ ପ୍ରତ୍ୟେକ ଦିନ ଖାଦ୍ୟ ସେମାନଙ୍କ ସହ ବାଣ୍ଟୁ ଥିଲେ ।

**ପ୍ରେରିତ ୬:୧ -** *ଏହି ସମୟରେ, ଯେତେବେଳେ ଶିଷ୍ୟମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିଲା ସେତେବେଳେ ଗ୍ରୀକ୍ ଭାଷାବାଦୀ ଯିହୁଦୀମାନେ ଏବ୍ରିୟମାନଙ୍କ ବିଷୟରେ ବଚସା କରିବାକୁ ଲାଗିଲେ, କାରଣ ଦୈନିକ ପରିଚର୍ଯ୍ୟାରେ ସେମାନଙ୍କର ବିଧବାମାନଙ୍କୁ ଉପେକ୍ଷା କରାଯାଉଥିଲା ।*

୮. ଆପଣ ପଢ଼ନ୍ତୁ (ଯାକୁବ ୧:୨୩) । ପ୍ରକୃତ ଧର୍ମ ଯାହା ପ୍ରଭୁ ଭାବନ୍ତ ତାହା ହେଲା ।

**ଯାକୁବ ୧:୨୩ -** *ଅନାଥ ଓ ବିଧବା ମାନଙ୍କୁ ସେମାନଙ୍କ ଦୁଃଖ ଅବସ୍ଥାରେ ସଂଖୋଳିବା ପୁଣି ସଂସାରରୁ ଆପଣଙ୍କୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଅମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମ ପରାୟଣତା ଅଟେ ।*

୯. ଆପଣ ପଢ଼ନ୍ତୁ (୧ମ ତିମଥି ୫:୯-୧୧) । ପ୍ରାତଃ ନୂତନ ନିୟମରେ ଉପାସନା ଗୃହ ମାନଙ୍କରେ ଯେଉଁ ବିଧବାମାନେ ସାହାର୍ଯ୍ୟ ପାଉଥିଲେ ସେମାନଙ୍କର କିଛି ମାନଦଣ୍ଡ ଥିଲା କି ?

**୧ମ ତିମଥି ୫:୯-୧୧ -** *ଯେଉଁ ବିଧବାର ବୟସ ଷାଠିଏ ବର୍ଷରୁ ଊଣା ନୁହେଁ । (୧୦) ଆଉ ଯେ ଏକ ସ୍ୱାମୀର ସ୍ତ୍ରୀ ଓ ସତକର୍ମ ହେତୁ ସୁଖ୍ୟାତି ପ୍ରାପ୍ତ ଅର୍ଥାତ , ସେ ଯଦି ସନ୍ତାନମାନଙ୍କୁ ପ୍ରତିପାଳନ, ଆତିଥ୍ୟ ସତ୍କାର, ସାଧୁମାନଙ୍କ ପାଦପ୍ରକ୍ଷାଳନ, ଦୁଃଖୀର ଦୁଃଖମୋଚନ କରଥାଏ, ପୁଣି ସମସ୍ତ ସତକର୍ମରେ ଉଦ୍‌ଯୋଗୀ ହୋଇଥାଏ, ତେବେ ତାହାର ନାମ ବିଧବା ତାଲିକାରେ ଲେଖାଯାଉ । (୧୧) କିନ୍ତୁ ଯୁବତୀ ବିଧବା ମାନଙ୍କୁ ଅଗ୍ରାହ୍ୟ କର, କାରଣ ସେମାନେ କାମାଭିଳାଷରେ ଆସକ୍ତ ହୋଇ ଖ୍ରୀଷ୍ଟଙ୍କଠାରୁ ବିମୁଖ ହେଲେ ବିବାହ କରିବାକୁ ଇଚ୍ଛା କରନ୍ତି ।*

୧୦. ଆପର ପଢ଼ନ୍ତୁ (୧ମ କରନ୍ଥୀୟ ୯:୧୪) । ବିଧବା, ଅନାଥ ଏବଂ ଦରିଦ୍ର ଲୋକମାଙ୍କୁ ସାହାର୍ଯ୍ୟ କରିବା ବ୍ୟତୀତ, ଏହା ଆଉ କାହାକୁ ମଧ ସାହାର୍ଯ୍ୟ କରୁଥିଲା ?।

**୧ମ କରନ୍ଥୀୟ ୯:୧୪ -** *ସେହି ପ୍ରକାରେ ଯେଉଁମାନେ ସୁସମାଚାର ପ୍ରଚାର କରନ୍ତି , ସେମାନେ ଯେ ସୁସମାଚାର ଦ୍ୱାରା ଜୀବିକା ନିର୍ବାହ ହେବେ, ଏହା ପ୍ରଭୁ ଆଦେଶ ଦେଉଅଛନ୍ତି ।*

୧୧. ଆପଣ ପଢ଼ନ୍ତୁ (ମାଥିଉ୨୫:୩୫-୪୦) । କାହିଁକି ଲୋକମାନେ ଭାବନ୍ତ ଯେ ପ୍ରଭୁଙ୍କୁ ଦାନ ଥାଳିରେ ଦେବା ହିଁ ପ୍ରକୃତରେ ପ୍ରଭୁଙ୍କୁ ଦେବ ।

**ମାଥିଉ୨୫:୩୫-୪୦ -** *କାରଣ ମୁଁ କ୍ଷୁଧିତ ଥିଲି, ତୁମ୍ଭେମାନେ ମୋତେ ଭୋଜନ କରିବାକୁ ଦେଲ ତୃଷିତ ଥିଲି, ମୋତେ ପାନ କରବାକୁ ଦେଲ, ପ୍ରବାସୀଥିଲି, ମୋତେ ଆଶ୍ରୟ ଦେଲ । (୩୬) ଉଲଙ୍ଗଥିଲି, ମୋତେ ବସ୍ତ୍ର ପରିଧାନ କରାଇଲ, ପୀଡିତ ଥିଲି, ମୋତେ ସଂଖୋଳିଲ, କାରାଗାରରେ ଥିଲି, ମୋ ନିକଟକୁ ଆସିଲ । (୩୭) ସେଥିକରେ ଧାର୍ମିକମାନେ ତାହାଙ୍କୁ ଉତ୍ତର ଦେବେ, ହେ ପ୍ରଭୁ, କେବେ ଆମ୍ଭେମାନେ ଆପଣଙ୍କୁ କ୍ଷୁଧିତ ଦେଖି ଆହାର ଦେଲୁ ? ଅବା ତୃଷିତ ଦେଖି ପାନ କରିବାକୁ ଦେଲୁ ? (୩୮) ଆଉ, କେବେ ଆପଣଙ୍କୁ ପ୍ରବାସୀ ଦେଖି ଆଶ୍ରୟ ଦେଲୁ ?କିମ୍ବା ଉଲଙ୍ଗ ଦେଖି ବସ୍ତ୍ର ପରିଧାନ କରାଇଲୁ ? (୩୯) ଆଉ କେବେ ଆପଣଙ୍କୁ ପୀଡିତ ଅବା କାରାଗାରସ୍ଥ ଦେଖି ଆପଣଙ୍କ ନିକଟକୁ ଗଲୁ ? (୪୦) ପୁଣି, ରାଜା ସେମାନଙ୍କୁ ଉତ୍ତର ଦେବେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛ. ତୁମ୍ଭେମାନେ ମୋହର ଏହି କ୍ଷୁଦ୍ରତମ ଭ୍ରାତୃବୃନ୍ଦଙ୍କ ମଧ୍ୟରୁ ଜଣକ ପ୍ରତି ଏହା କରିଥିବାରୁ ମୋ ପ୍ରତି ହିଁ ତାହା କରିଅଛି ।*

୧୨. ଆପଣ ପଢ଼ନ୍ତୁ (ପ୍ରେରିତ ୪:୩୨-୩୫), ଏବଂ (ହିତୋପଦେଶ ୩:୯-୧୦) । ପଇସାପତ୍ର ସହ ପ୍ରାତଃ ମଣ୍ଡଳୀର ବୈଜ୍ୟୋଷ୍ଟ ଓ ପ୍ରଭୁଙ୍କ ଦାସ ମାନେ କ'ଣ କଲେ ?

**ପ୍ରେରିତ ୪:୩୨-୩୫ -** *ବିଶ୍ୱାସକାରୀ ଲେକ ସମୂହ ଏକତ୍ରିତ ଓ ଏକପ୍ରାଣ ଥିଲେ, ସେମାନଙ୍କ ମଧ୍ୟରୁ କେହି ହେଲେ ଆପଣା ସମ୍ପତ୍ତି ମଧ୍ୟରୁ କିଛି ନିଜର ବୋଲି କହୁ ନଥିଲେ, କିନ୍ତୁ ସେମାନଙ୍କର ସମସ୍ତ ବିଷୟ ସାଧାରଣ ଥିଲା । (୩୩) ପ୍ରେରିତ ମାନେ ମହା ଶକ୍ତି ସହିତ ପ୍ରଭୁଯୀଶୁଙ୍କ ପୁନରୁତଥାନ୍ ବିଷୟରେ ସାକ୍ଷ୍ୟ ଦେବାକୁ ଲାଗିଲେ, ପୁଣି ସମସ୍ତଙ୍କ ଉପରେ ମହା ଅନୁଗ୍ରହ ଥିଲା (୩୪) ଯେଣୁ ସେମାନଙ୍କ ମଧ୍ୟରେ କାହାରି ଅଭାବ ନଥିଲା, କାରଣ ଯେତେ ଲୋକଙ୍କର ଭୂମି ବା ଗୃହ ଥିଲା, ସେମାନେ ତାହା ବିକ୍ରୟ କରି ବିକ୍ରୀତ ସମ୍ପତ୍ତିର ମୂଲ୍ୟ ଆଣି ପ୍ରେରିତ ମାନଙ୍କ ପାଦତଳେ ଥୋଉଥିଲେ । (୩୫) ଆଉ ପ୍ରତ୍ୟକ ଜଣକୁ ତା'ର ଅଭାବ ଅନୁସାରେ ବଣ୍ଟନ କରାଯାଉଥିଲା ।*

**ହିତେପଦେଶ ୩:୯-୧୦ -** *ତୁମ୍ଭେ ଆପଣା ଧନରେ ଓ ସମସ୍ତ ଆୟର ପ୍ରଥମ ଫଳରେ ସଦାପ୍ରଭୁଙ୍କର ସମାଦର କର । (୧୦) ତହିଁରେ ତୁମ୍ଭର ଭଣ୍ଡାର ବହୁ ଧନରେ ପରିପୂର୍ଣ୍ଣ ହେବ ଓ ତୁମ୍ଭ ମଣ୍ଡରେ ନୂତନ ଦ୍ରାକ୍ଷାରସ ଉଛୁଳି ପଡ଼ିବ ।*

## ଉତ୍ତର

୧. ଆପଣ ପଢ଼ନ୍ତୁ ଏବ୍ରି ୧୦:୨୫ I ଆମ୍ଭେମାନେ କ'ଣ ପରିତ୍ୟାଗ ନକରୁ ?

*ଆମ୍ଭମାନଙ୍କ ମଣ୍ଡଳୀ ପରିତ୍ୟାଗ ନକରୁ I*

୨. ଆପଣ ପଢ଼ନ୍ତୁ ପ୍ରେରିତ ୫:୪୨ I ପ୍ରତ୍ୟେକ ଦିନ ମନ୍ଦିରରେ ଏବଂ ଘରେ ଘରେ, ଯୀଶୁଙ୍କ ବିଷୟ କଲେ I

*ଶିକ୍ଷା ଏବଂ ସୁସମାଚର ପ୍ରଚାର I*

୩. ଆପଣ ପଢ଼ନ୍ତୁ ପ୍ରେରିତ ୨:୪୨ I କେଉଁ ଚାରୋଟି ବିଷୟ ପ୍ରାତଃ ମଣ୍ଡଳୀ କରୁଥିଲା I

*ପ୍ରେରିତ ମାନଙ୍କ ଶିକ୍ଷା, ସହଭାଗିତା, ରୋଟୀ ଭାଙ୍ଗିବା ଓ ପ୍ରାର୍ଥନା କରିବା I*

୪. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୨:୪୪-୪୫ I ଠିକ (କି) ଭୁଲ ପ୍ରାତଃ ମଣ୍ଡଳୀ ଉପାସନା ଗୃହର ଗାଡ଼ି ରଖିବାର ତିଆରି ପାଇଁ ପଇସା ଦେଉଥିଲା ?

*ଭୁଲ୍ I*

୫. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୨:୨୮ I ଈଶ୍ୱର ତାଙ୍କ ମଣ୍ଡଳୀର ଆଠଟି ବିଭିନ୍ନ ଦାନ ଦେଇଛନ୍ତି, ତାହା କ'ଣ ?

*ପ୍ରେରିତ, ଭାବବାଦୀ, ଶିକ୍ଷକ, ଶକ୍ତିର କାର୍ଯ୍ୟ, ଆରୋପ କରିବାର ଶକ୍ତି, ପରୋପକାରିତା, ପରିଚାଳନାର କ୍ଷମତା ଓ ବିଭିନ୍ନ ପରିଭାଷା ଦାନ କରିଛନ୍ତି I*

୬. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ୧୪:୨୬ I ଯେତେବେଳେ ପ୍ରଭୁଙ୍କର ଲୋକମାନେ ଉପାସନା ଗୃହରେ ଏକତ୍ରିତ ହେଉଥିଲେ, ସେମାନଙ୍କ ପାଇଥିବା ଦାନକୁ ପ୍ରକାଶ କରିବାର ସ୍ୱାଧିନତା ଥିଲା ତନ୍ମଧ୍ୟରୁ ପାଞ୍ଚଗୋଟି ବିଷୟ କୁହନ୍ତୁ, ଯାହା ସେମାନେ ଏକତ୍ରିତ ହେଲାପରେ ଘଟୁଥିଲା ?

*ସେମାନେ ଗୀତ(ବା)ଶିକ୍ଷା(ବା) ପ୍ରକାଶିତ ବାକ୍ୟ, (ବା) ପରଭାଷା, (ବା) ପରଭାଷାର ଅର୍ଥ ଏହି ପାଞ୍ଚୋଟି ବିଷୟ ହେଉଥିଲା I*

୭. ଆପଣ ପଢ଼ନ୍ତୁ ପ୍ରେରିତ୬:୧ I ପ୍ରାତଃ ମଣ୍ଡଳୀ ତା'ର ପ୍ରତ୍ୟେକ ଦିନ ନିଜର ଖାଦ୍ୟ ସହ ଜାଣୁଥିଲ I

*ବିଧବା ମାନଙ୍କ ସହ I*

୮. ଆପଣ ପଢ଼ନ୍ତୁ ଯାକୁବ ୧:୨୭ । ଗୋଟିଏ ମାତ୍ର ଧର୍ମ, ଯେଉଁ ଧର୍ମ ବିଷୟରେ ପ୍ରଭୁ ଯତ୍ନବାନ ଅଟନ୍ତି ତାହା ହେଲା ।

*ଅନାଥ ଓ ବିଧବା ମାନଙ୍କୁ ତାହାଙ୍କ ଦୁଃଖ ସମୟରେ ସଙ୍ଗୋଳିବା ।*

୯. ଆପଣ ପଢ଼ନ୍ତୁ ୧ମ ତିମଥି ୫:୯ -୧୧ । ଯେଉଁ ବିଧବା ମାନେ ପ୍ରାତଃ ମଣ୍ଡଳୀ ଦ୍ୱାରା ସହଯୋଗ ପ୍ରାପ୍ତ ହେଉଥିଲେ, ସେଇଥିପାଇଁ ତାଙ୍କର କିଛି ମାନ ଦଣ୍ଡ ଥିଲା କି ?

*"ଯେଉଁ ବିଧବାର ବୟସ ଷାଠିଏ ବର୍ଷରୁ ଊଣା ନୁହେଁ । ଆଉ ଯେ କି ଏକ ସ୍ୱାମୀର ସ୍ତ୍ରୀ ଓ ସତ୍‌କର୍ମ ହେତୁ ସୁଖ୍ୟାତି ପ୍ରାପ୍ତ, ଅର୍ଥାତ୍ ସେ ଯଦି ସନ୍ତାନ ମାନଙ୍କୁ ପ୍ରତିପାଳନ ଆତିମ୍ୟ ସତ୍କାର, ସାଧୁମାନଙ୍କ ପାଦ ପ୍ରକ୍ଷାଳନ, ଦୁଃଖୀର ଦୁଃଖ ମୋଚନ କରିଥାଏ, ପୁଣି ସମସ୍ତ ସତ୍‌କର୍ମରେ ଉଦ୍‌ଯୋଗୀ ହୋଇଥାଏ, ତେବେ ତାହାର ନାମ ବିଧବା ତାଲିକାରେ ଲେଖାଯାଉ । କିନ୍ତୁ ଯୁବତୀ ବିଧବା ମାନଙ୍କୁ ଆଗ୍ରାହ୍ୟ କର, କାରଣ ସେମାନେ କାମାଭିଳାଷରେ ଆସକ୍ତ ହୋଇ ଖ୍ରୀଷ୍ଟଙ୍କଠାରୁ ବିମୁଖ ହେଲେ ବିବାହ କରିବାକୁ ଇଚ୍ଛା କରନ୍ତି ।*

୧୦. ଆପଣ ପଢ଼ନ୍ତୁ ୧ମ କରନ୍ତୀୟ୯:୧୪ । ମଣ୍ଡଳୀ ବିଧବା, ଅନାଥ ଏବଂ ଗରିବ ମାନଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ, ଆଉ ପାପୀମାନଙ୍କୁ ସାହାଯ୍ୟ କରୁଥିଲା ?

*ଯେଉଁମାନେ ସୁସମାଚାର ପ୍ରଚାର କରିଥିଲେ, ସେମାନଙ୍କୁ ।*

୧୧. ଆପଣ ପଢ଼ନ୍ତୁ ମାଥିଉ ୨୫:୩୫-୪୦ । କାହିଁକି ଲୋକମାନେ ଭାବନ୍ତି ଯେ ଦାନ ଥାଳିରେ ଦାନ ଦେବାହିଁ ପ୍ରକୃତରେ ଈଶ୍ୱରଙ୍କ ଦାନ ଦେବା ଅଟେ ବୋଲି ?

*କାରଣ ତାହାହିଁ ସେମାନଙ୍କୁ ଶିକ୍ଷା ଦିଆଯାଇ ଅଛି ।*

୧୨. ଆପଣ ପଢ଼ନ୍ତୁ ପ୍ରେରିତ ୪:୩୨-୩୫ । ଏବଂ ହିତୋପଦେଶ ୩:୯-୧୦ । ପ୍ରାତଃ ମଣ୍ଡଳୀର ବୈଜ୍ୟେଷ୍ଠ ଓ ପ୍ରଭୁଙ୍କ ଦାସମାନେ ଟଙ୍କା ଓ ପଇସାର କ'ଣ କରୁଥିଲେ ?

*ଯେଉଁମାନେ ଅଭାବରେ ଥିଲେ । ସେମାନଙ୍କ ଅଭାବ ଅନୁସାରେ ଦେଉଥିଲେ, ଏବଂ ତାହା ଦେଇ ପ୍ରଭୁଙ୍କ ଗୌରବ କରୁଥିଲେ ।*

## ପାଠ୍ୟକ୍ରମ ୫

# ଭୁକ୍ତି (ବା) ଉଦ୍ଧାର

### *ଲେଖକ - ଡ଼ନ୍ କ୍ରୋ*

ଆଜି ଆମ୍ଭେମାନେ ପ୍ରେତାଭୂତ ବିଶ୍ୱାସର ଅଧ୍ୟୟନ (ବା) ଆଲୋଚନା କରିବା । ଯୀଶୁ ଖ୍ରୀଷ୍ଟ ଏହି ଜଗତରେ ନିଜର ସେବା କାର୍ଯ୍ୟ ମାଧରେ କେତେ ପ୍ରେତ ଆତ୍ମକୁ ବାହାର କରିଛନ୍ତି, ରୋଗୀକୁ ସୁସ୍ଥ କରିଛନ୍ତି, ମୃତ ମାନଙ୍କୁ ଉଠେଇଛନ୍ତି ଏବଂ କେତେ ଆଶ୍ଚର୍ଯ୍ୟକର୍ମ ମାନ କରି ତାହାଙ୍କ ସେବାକାର୍ଯ୍ୟ ପ୍ରାୟ ଏକ ଚତୁର୍ଥାଂଶ ମନ୍ଦ ଆତ୍ମାକୁ ଲୋକଙ୍କଠାରୁ ବାହାର କରିବାରେ ହିଁ ଯାଇଥିଲା । ବାଇବେଲ୍ ଆମକୁ (ପ୍ରେରିତ ୧୦:୩୮) ରେ କୁହେ, *"ଅର୍ଥାତ୍ ନାଜରିତୀୟ ଯୀଶୁଙ୍କ କଥା, କିପରି ଈଶ୍ୱର ତାହାଙ୍କୁ ପବିତ୍ର ଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ, ଆଉ ସେ ମଙ୍ଗଳ ସାଧନ କରୁ କରୁ ଓ ଶୟତାନ କର୍ତ୍ତୃକ ପ୍ରପୀଡ଼ିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁକରୁ ସବିତ୍ର ଭ୍ରମଣ କଲେ, କାରଣ ଈଶ୍ୱର ତାହାଙ୍କ ସହବର୍ତ୍ତୀ ଥିଲେ ।"* ପୁଣି (୧ମ ଯୋହନ ୩:୮)କୁହେ, *"ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେ ହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ ।"* ପ୍ରେତ ଆତ୍ମା/ଭୂତ ବିଶ୍ୱାସ ବିଷୟରେ ମୋର ନିଜର ଏକ ଅନ୍ୟ ପ୍ରକାରର ଧାରଣା ଥିଲା- ଯେ ଏହି ପ୍ରେତ, ଭୂତ, ମନ୍ଦ ଆତ୍ମା, ଅସ୍ୱଚ୍ଛ ଆତ୍ମା, ଶୟତାନ ଯାହା ଆପଣ ଜାଣିଛନ୍ତି (ବା) ଯେଉଁ ନାମରେ ଜାଣିଛନ୍ତି, ତାହା କେବଳ ଭାରତ(ବା)ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାରେ ଦେଖିବାକୁ ମିଳେ ଯେଉଁଠାରେ କି ଲୋକମାନେ ସତ୍ୟ ଓ ଜୀବନ୍ତ ଈଶ୍ୱରଙ୍କୁ ପୂଜା କରୁନାହାନ୍ତି, ଜାଣିନାହାନ୍ତି ମାତ୍ର ପ୍ରତିମା ପୂଜା କରୁଛନ୍ତି । କିନ୍ତୁ ମୁଁ ଭୁଲ ଥିଲି ।

ମୁଁ କିଛି ବର୍ଷ ପୂର୍ବେ ଟେକ୍ସାସ୍‌ର ଡ଼େଲାସ୍‌ର ଏକ ଗୀର୍ଜାଗୃହରେ ପାଇଥିବା ଏକ ଅନୁଭୂତି ବିଷୟରେ କହିବି । ଯେତେବେଳେ ଉପାସନା ଗୃହରେ ସମସ୍ତେ ଗୀତ ଗାଉଥିଲେ, ହଠାତ୍ ଗୋଟିଏ ଝିଅ ଚଟାଣରେ ପଡ଼ିଗଲା । ଏହିପରି ଜଣା ପଡୁଥିଲା ଯେ ସେ କୌଣସି ଗୋଟିଏ ରୋଗର ଝଟ୍‌କା ଥିଲା । ସେଠାରେ ଜଣେ ଡଃ ରାଇସ୍ ନାମକ ଜଣେ ଡାକ୍ତର ଉପସ୍ଥିତ ଥିଲେ । ସେଠାରେ କିଛି ଲୋକ ଥିଲେ ଯାହାଙ୍କର ଘର ଗୀର୍ଜାଘର ଠାରୁ ପାଖରେ ଥିଲା ଏବଂ ସେହି ଡ଼ାକ୍ତର କହିଲେ ସେହି ଲୋକମାନଙ୍କୁ ସେହି ପାଖ ଘରକୁ ନେଇଯିବା ଏବଂ କ'ଣ ହୋଇଛି ବୋଲି ପରୀକ୍ଷା କରିବା । ଯେତେବେଳେ ଆମେ ସେ ଝିଅଟିକୁ ସେମାନଙ୍କ ଘରକୁ ନେଇଗଲୁ, ସେ ଝିଅଟି ଗୋଟି ହିଂସ୍ର ବିଲେଇ ଭଳି ବ୍ୟବହାର କରୁଥିଲା । ତାହାର ଆଖି ଗୁଡ଼ିକ ବଡ଼ ବଡ଼ ହୋଇଥିଲା ଏବଂ ସେହି ତରୁଣ ଯୁବତୀର ଗଳାରୁ ଏକ ଦୃଢ଼ ପୁରୁଷର ସ୍ୱର କଥା ବାହାରିବାକୁ ଲାଗିଲା, ଯାହାର ଓଜନ ପଞ୍ଚ ଲିଶି କେଜିରୁ ବି କମ୍ ଥିବ । ଆଉ ସେହି ସମୟରେ

ହଠାତ୍ ମୋତେ ତାହା ଯେବେକି ମୌଖିକ ଭାବରେ ଆକ୍ରମଣ କରିବାକୁ ଲାଗିଲା, ଆଉ କହିଲା, "ତୁମେ ନରକକୁ ଯିବ !" ମୁଁ କହିଲି, "ନାହିଁ, ମୁଁ ଯିବି ନୁହେଁ ।" ମୁଁ ଭୟଭୀତ ହେଲି, କାରଣ ତା' ପୂର୍ବରୁ ମୁଁ ଏହିପରି କେବେ ମଧ ଦେଖିନଥିଲି । କହିଲା, "ହଁ, ତୁମେ ନରକକୁ ଯିବ," ଏବଂ ମୁଁ କହିଲି,"କହଲି, "ନାହିଁ ମୁଁ ଯିବି ନାହିଁ । ମୁଁ ନରକ ଯିବି ନାହିଁ ।" ଏହିପରି ପ୍ରତୀତ ହେଉଥିଲା ଯେ ସେ ମୋ ଉପରେ ଏକ ଶକ୍ତି ଓ ଅଧିକାରରେ ରଖିଛି ଏବଂ ମୁଁ ଜାଣି ପାରିଲି ନାହିଁ ମୁଁ କ'ଣ କରିବି ? ଏହାକୁ କିପରି ନିୟନ୍ତ୍ରଣ କରିବି ? ଯାହାକି ଏହି ଝିଅ ମଧରେ ଥିଲା ।

ମୋ ସହ ମୋର ଗୋଟିଏ ବହୁତ ଭଲ ବନ୍ଧୁ ଥିଲେ, ଯିଏକି ଏହା ଦେଖି ସେତେବେଳେ ହିଁ ସେହି ସ୍ଥାନରୁ ପଳେଇଲେ । ତେଣୁ ମୁଁ ହିଁ ରହିଗଲି । ମୁଁ ଭାବିଲି, *ଏହିପରି କ'ଣ ଅଛି ପୃଥିବୀରେ ଯାହା ମୁଁ କରିପାରିବି ?* ସେହି ଝିଅର ଯେପରି ଏକ ଆଲୌକିକ ବଳ ଥିଲା ଏବଂ ସେ ଏହିପରି କଥା ଦେଉଥିଲା, ଯେପରିକି ତାହା ଜର୍ମାନ୍ ଭାଷାଥିଲା; ଆଉ ଯାହାକି ସେ କେବେ ଶିଖି ନଥିଲା । ସମସ୍ତ ପ୍ରକାରର କର୍ବରତା/ ହସ୍ରେ ବ୍ୟବହାର କଥାବାର୍ତ୍ତା ତା ମଧ ଦେଇ ପ୍ରକାଶ ହେବାକୁ (ବା) ବାହାରକୁ ଆସିବାକୁ ଲାଗିଲା । ସେ ପ୍ରେତ ଆତ୍ମ ଦ୍ୱାରା ଆବିଷ୍ଟ ଥିଲା, ଏବଂ ଯଦିଓ କ'ଣ କରାଯିବ ମୁଁ ଜାଣିନଥିଲି କିନ୍ତୁ ବିଶ୍ୱାସ ମୋର ଥିଲା ଯେ, ପବିତ୍ର ବାଇବେଲ୍ର ନିଶ୍ଚିତ ରୂପେ ଶକ୍ତି ଅଛି । ଏହା ସେହିପରି ଯେପରି, ଆପଣ ଛୋଟ ଥିଲା ବେଳେ କୌଣସି ଏକ ଭୂତ ଫିଲ୍ମ ଦେଖୁଛନ୍ତି । (ଡ୍ରାକୁଲାର) ଏବଂ ପିଶାଚଟି ଲୋକ ପାଖକୁ ଆସିଲା ବେଳେ ହଠାତ୍ ଲୋକଟି କ୍ରୁଶଟିକୁ କାଢ଼ି ତାହାକୁ ଦେଖେଇଦେଲେ, ସେହି ପିଶାଚ "ଡ଼ରି-ଉଭେଇ ପଳାଏ !" ଆଉ ସେହି ପ୍ରକାରେ ହିଁ ମୁଁ ମଧ ପବିତ୍ର ବାଇବେଲ୍ ବିଷୟରେ ଭାବୁଥିଲି । ମୁଁ ଜାଣିଥିଲି ତାହାର ଅସୀମ ଶକ୍ତି ଅଛି । କିନ୍ତୁ ସେ ପବିତ୍ର ବାଇବେଲ୍ରୁ କିପରି ସେହି ଅସୀମ ଶକ୍ତି କାଢିବି ତାହା ମୁଁ ଜାଣିନଥିଲି । କିନ୍ତୁ ପ୍ରଭୁଙ୍କ ଅନୁଗ୍ରହ ମୋତେ ସାହାଯ୍ୟ କଲା, କାରଣ ତା' ପୂର୍ବରୁ ମୁଁ ଏହିପରି କେବେ ଅନୁଭବ କରିନଥିଲି । ମୁଁ ମୋ ବାଇବେଲ୍ ଖୋଲିଲି ଏବଂ ନୂତନ ନିୟମରୁ ଫିଲିପ୍ପୀୟ ପୁସ୍ତକରୁ (୨ୟ ଅଧ୍ୟାୟ ୮-୧୧) ପଢ଼ିବାକୁ ଆରମ୍ଭ କରି । *"ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହିଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ଏହା କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ । ପୁଣି, ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ ।"*

ଆଉ ସେଥିରେ ତାହା ଶୁଣି ସେହି ପ୍ରେତ ଆତ୍ମାଟି କହିଲା, "ସେହିପରି କୁହ ନାହିଁ! ମୁଁ ତାହା ଶୁଣି ପାରିବି ନାହିଁ! କହ ନାହିଁ!" ମୁଁ ଭାବିଲି, ବାପ୍ରେ ଏକି ପ୍ରତିକ୍ରିୟା ! ତେଣୁ ମୁଁ କହିଲି, "ଠିକ୍ ଅଛି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସମସ୍ତ ଜାନୁ ନତ ହେବ ସମସ୍ତ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।" ସେ ପୁଣି କହିଲା ସେହିପରି କହ ନାହିଁ, ସେହି ଶବ୍ଦ ମାନ ଉଚ୍ଚାରଣ କରେ ନାହିଁ । ସେ ଚିତ୍କାର କରି ତାହା କହିବାକୁ ଲାଗିଲା । ମୁଁ ଭାବିଲି ଏଡି ମନ୍ଦ ଆତ୍ମାଟି ଏହି ଝିଅର ଶରୀର ମଧରେ ପାଗଳ ଭଳି ହେବାକୁ ଲାଗୁଛି ଏବଂ ମୁଁ କେବଳ ପ୍ରଭୁଙ୍କ ବାକ୍ୟ ପଢି ଅଛି ! ତେଣୁ ମୁଁ ଭାବିଲି, *ମୁଁ ସେହି ବାକ୍ୟ ପୁଣି ଥରେ ପଢ଼େ । "ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହିଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣଙ୍କୁ ଅବନତ କଲେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି । ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ*

*ନତ ହେବ । ପୁଣି, ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁ ଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ ।"* ଆଉ ତାହା ପରେ ମଧ ସେହି ସମାନ ପ୍ରତକ୍ରିୟା ମୁଁ ଦେଖିବାକୁ ପାଇଲି; ସେ କହିଲା, ସେହିପରି କହନାହିଁ, କହନାହିଁ ।" ତା'ପରେ ସେହି ମନ୍ଦ ଆତ୍ମା ଝିଅଟିକୁ ହଠାତ୍ ଧରି ନେଇ କାନରେ କହିଲା ସେହିପରି କହ ନାହିଁ! ମୁଁ ସେହି ଶବ୍ଦ ମାନ ଶୁଣି ପାରିବି ନାହିଁ । ଆଉ କହ ନାହିଁ ।" ସେହି ମନ୍ଦ ଆତ୍ମା ସେ ଝିଅ ଟିକୁ ମୋ ଆଗରେ ଫିଙ୍ଗି ଦେଲା ଏବଂ ଯୀଶୁଖ୍ରୀଷ୍ଟଙ୍କ ନାମରେ ନତ ହେଲା ଏବଂ ମୁଁ କହିଲି," ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ ।"

କିଛି ସମୟ ପୂର୍ବରୁ ହିଁ ସେହି ଶୟତାନର କେତେ କର୍ତ୍ତୃତ୍ୱ ଶକ୍ତି ଓ ଅଧିକାର ଥିଲା ମୋ ଉପରେ । ମୁଁ ଭାବିଲି ସେ ମୋତେ ମାରିବ, ସେହି ସ୍ଥାନରୁ ଫିଙ୍ଗି ପକେଇବ- ମୁଁ ଜାଣିନଥିଲି! କେବଳ ମୁଁ ଏତିକି ଜାଣିଥିଲି ପବିତ୍ର ବାଇବେଲ୍ (ଏଫିସୀୟ ୬:୧୭)ରେ କୁହେ, *"ପୁଣି ପରିତ୍ରାଣରୂପ ଶିରସ୍ତ୍ରାଣ ପରିଧାନ କର ଓ ଆତ୍ମାଙ୍କ ଖଡ୍‌ଗ ଈଶ୍ୱରଙ୍କ ବାକ୍ୟ ଧାରଣ କର ।"* ଆପଣ ଦେଖନ୍ତୁ, ଏହିପରି ମଧ ଏକ ଶସ୍ତ୍ର ଅଛି ଯାହା ସମାନ ଶତ୍ରୁକୁ ଆଘାତ ଓ କାଟି ଦେଇପାରେ । ଆଉ ତାହା ହେଲା ଆତ୍ମାଙ୍କ ଅସ୍ତ୍ର/ ଖଡ୍‌ଗ୍ ପ୍ରଭୁଙ୍କର ବାକ୍ୟ । ଆପଣଙ୍କର ମନେ ଅଛି ଯୀଶୁ କେତେବେଳେ ପ୍ରଲୋଭିତ ହୋଇଥିଲେ ? ଶୟତାନ ତାହାଙ୍କ ପାଖକୁ ଆସିଲା ଏବଂ କହିଲା "ଯଦି ତୁମ୍ଭେ ଆମ୍ଭଙ୍କୁ ଭୂମିଷ୍ଠ ପ୍ରଣାମ କରିବ, ତେବେ ଆମ୍ଭେ ଏହି ସମସ୍ତ ତୁମ୍ଭଙ୍କୁ ଦେବା ।"ସେଥିରେ ଯୀଶୁ କହିଲେ, *"ଦୂର ହ, ଶୟତାନ, କାରଣ ଲେଖାଅଛି, ତୁମ୍ଭେ ଆପଣା । ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କ ଉପାସନା କରିବା "* (ମାଥିଉ ୪:୧୦) । ତା'ପରେ ପୁଣି ଶୟତାନ ତାଙ୍କୁ ପ୍ରଲୋଭିତ କଲା ଏବଂ ଆହୁରି କଲା ଏବଂ ସେଥିରେ ଯୀଶୁ କହିଲେ, "ଲେଖାଅଛି , ଶୟତାନ .... ଲେଖାଅଛି," ଏବଂ ତା'ପରେ ପ୍ରଭୁଙ୍କ ବାକ୍ୟରେ ଯାହା ଲେଖାଅଛି ତାହା କହିଲେ । ସେ ସେଠାରେ ଆତ୍ମାର ଖଡ୍‌ଗ ବ୍ୟବହାର କଲେ ଏବଂ ବାଇବେଲ୍ କୁହେ, ଶୟତାନ୍ ତାହାଙ୍କୁ ଛାଡ଼ି ଚାଲିଗଲା ଏବଂ ଆଉ ଦେଖାଦେଲା ନାହିଁ ।

ଗୋଟିଏ ମାତ୍ର ଅସ୍ତ୍ର ଯାହାଦ୍ୱାରା ଆମ୍ଭେମାନେ ଶତ୍ରୁକୁ ହରେଇ ପାରିବା ତାହା ହେଲା ଆତ୍ମାର ଖଡ୍‌ଗ, ଆଉ ତାହା ହିଁ ଅଟେ ପ୍ରଭୁଙ୍କ ବାକ୍ୟ । ଆପଣ ଜାଣନ୍ତି କି ମୁଁ ତାହାଠାରୁ କ'ଣ ଶିଖିଲି ? ମୁଁ ଏହା ଶିଖିଲି ଯେ, ମୁଁ ପ୍ରତିଥର ଯେତେବେଳେ ବାକ୍ୟ ପଢ଼ିବାକୁ ଚାହେଁ, ମୁଁ ଭାବେ ମୋତେ କେତେ ଭୋକ ହେଉଛି ଏବଂ ମୋତେ ଯାଇ କିଛି ଖାଇବାକୁ ପଡ଼ିବ, (ବା) ମୁଁ ସେ ସମସ୍ତ ବିଷୟରେ ଭାବେ ଯାହା ମୁଁ ସେହି ଦିନ କରି ନଥାଏ । ମୁଁ ଜାଣେ ଏ ସମସ୍ତ ଶିଷ୍ୟତ୍ୱ ଶ୍ରେଣୀରେ ଏହା ଗୋଟିଏ ଗୋଟିଏ ବାହାନା । ଆଉ ପରିଶେଷରେ ମୁଁ ଜାଣିପାରିଲି ଯେ ଏହା କାହିଁକି ହୁଏ ? ପବିତ୍ର ବାଇବେଲ୍ ରେ ଏପରି କିଛି ଅଛି, ଯାହାକି ପ୍ରଭୁ ଚାହାନ୍ତି ଆମେ ସେ ବିଷୟରେ ଜାଣୁ କିନ୍ତୁ ଶୟତାନ ଚାହେଁନା ଯେ ଆମେ ସେ ବିଷୟରେ ଜାଣୁ । । ତେଣୁ ପ୍ରତ୍ୟେକଥର ଆପଣ ଯେତେବେଳେ ପ୍ରଭୁଙ୍କ ବାକ୍ୟ ପଢିବାକୁ ବସନ୍ତି (ବା) ଚାହାନ୍ତି (ବା) ଶିଷ୍ୟତ୍ୱ ଶିକ୍ଷା କରିବାକୁ ଚାହାନ୍ତି, ବାକ୍ୟରେ ଏମିତି କିଛି ବିଷୟ ଅଛି ଯାହା ଶୟତାନ ଚାହେଁ ନାହିଁ ଯେ ଆପଣ ଜାଣନ୍ତୁ- ସେହି ବାକ୍ୟ ପଛରେ ଥିବା ଜୀବନ୍ତ ଈଶ୍ୱରଙ୍କୁ ଆପଣ ଜାଣନ୍ତୁ ବୋଲି ।

ଗୋଟିଏ ଅନ୍ଧକାରର ରାଜ୍ୟ ମଧ ଅଛି । ଆଉ ଗୋଟିଏ ଈଶ୍ୱରଙ୍କ ପୁତ୍ରଙ୍କର ରାଜ୍ୟ ମଧ ଅଛି । କଲସୀୟ ୧:୧୩ କୁହେ, *"ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମ*

*ପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି ।"* ଆପଣ କେଉଁ ରାଜ୍ୟରେ ଅଛନ୍ତି ? ରାଜ୍ୟ ହେଉଛି ତାହା ଯେଉଁଠାରେ କାହାର ଜଣଙ୍କର ରାଜତ୍ୱ ଓ ଅଧିକାର ଥାଏ । ଯୀଶୁ ଖ୍ରୀଷ୍ଟ ହେଉଛନ୍ତି ରାଜା । ଆପଣ କେବେ ଆପଣଙ୍କର ଜୀବନ ତାହାଙ୍କୁ ଦେଇଛନ୍ତି କି ? ଆପଣ ଆଜି ତାହାଙ୍କ ଅନୁସରଣ କରୁଛନ୍ତି କି, (ବା) ଜୀବନରେ ଥିବା ଅନ୍ୟାନ୍ୟ ବିଷୟକୁ ପ୍ରାଧାନ୍ୟତା ଦେଇ, ତାହାଙ୍କୁ ଚିହ୍ନି ପାରି ନାହାନ୍ତି ? ଯୀଶୁ ଖ୍ରୀଷ୍ଟ (ଲୁକ୍ ୬:୪୬) ରେ କହିଲେ, *"ଆଉ ତୁମ୍ଭେ କାହିଁକି ମୋତେ ପ୍ରଭୁ ପ୍ରଭୁ ବୋଲି ସମ୍ବୋଧନ କରୁଅଛ, ମାତ୍ର ମୋହର ବାକ୍ୟ ପାଳନ କରୁ ନାହିଁ ?"* ସେ ଆମ୍ଭମାନଙ୍କ ଜୀବନରେ ପ୍ରଧାନ ହେବାକୁ ଚାହାନ୍ତି ପ୍ରଥମ ସ୍ଥାନରେ ରହିବାକୁ ଚାହାନ୍ତି । ଆଉ ଯେଉଁ ଅନ୍ଧକାରର ରାଜ୍ୟ ଅଛି, ତାହା ତାହାଙ୍କୁ ଆମ ଜୀବନରେ ପ୍ରଧାନ ସ୍ଥାନ ଦେବାରେ ଦୂରରେ ରଖୁଛି । ଆଉ ତାହାର କାରଣ ହେଲା, ଶତ୍ରୁ ଶୟତାନ ଚାହୁଁଛି ଈଶ୍ୱରଙ୍କ ସେହି ସ୍ଥାନ ସେ ନେବ । ଆଜି ଆପଣ ନିଜ ଜୀବନକୁ ପ୍ରଭୁ ଯୀଶୁଙ୍କ ଆଡ଼କୁ ପରିବର୍ତ୍ତିତ କରନ୍ତୁ, ଆପଣା ହୃଦ ୟକୁ ତାହାଙ୍କ ଆଡ଼େ ଡ଼ାକନ୍ତୁ ଏବଂ ଜାଣନ୍ତୁ ଯେ ଜଣେ ଶତ୍ରୁ ଅନେଇ ବସିଛି । ଆଉ ତାହାର ନାମ ହେଲା ଶୟତାନ ଏବଂ ତାର କର୍ତ୍ତୃତ୍ୱ ଅଧିକାର ସାବ୍ୟସ୍ତ କରି ଜୋର କରିବାର ବଳ ଅଛି କିନ୍ତୁ ପବିତ୍ର ବାଇବେଲ୍ କୁହେ ତାହା ଉପରେ କର୍ତ୍ତୃତ୍ୱ କରିବାର ବଳ ଓ ଅଧିକାର ଆମର ଅଛି ।

ଯୀଶୁ (ମାଥିଉ ୧୦:୮) ରେ କହିଲେ, *"ପୀଡ଼ିତ ମାନଙ୍କୁ ସୁସ୍ଥ କର, ମୃତ ମାନଙ୍କୁ ଉଠାଅ, କୁଷ୍ଠୀ ମାନଙ୍କୁ ସୂଚି କର ଭୂତ ମାନଙ୍କୁ ଛଡ଼ାଅ । ତୁମ୍ଭେମାନେ ବିନା ମୂଲ୍ୟରେ ପାଇଅଛ ବିନା ମୂଲ୍ୟରେ ଦାନ କର ।"* ପ୍ରଭୁଙ୍କ ରାଜ୍ୟର ସୁସମା ର ପ୍ର ର କର, ଏବଂ ତୁମ୍ଭେ ଯେତେବେଳେ ଏହା କର, ଶତ୍ରୁ ଶୟତାନ ଉପରେ ତୁମ୍ଭର ଅଧିକାର ଆସିବ । ଆପଣ ଜୀବନରେ ପ୍ରଭୁ ଯାହା ରଖିଛନ୍ତି; ତାହାକୁ ଶୟତାନ ଦ୍ୱାରା ଦୂର ହେବାକୁ ଆଉ ଆପଣ ଦିଅନ୍ତୁ ନାହିଁ । ଯୀଶୁ ଖ୍ରୀଷ୍ଟଙ୍କୁ ଆପଣା ଜୀବନରେ ପ୍ରଥମ ସ୍ଥାନରେ ରଖନ୍ତୁ ଓ ତାହାଙ୍କୁ ନିଜର ପ୍ରଭୁ ଓ ପ୍ରାଣକର୍ତ୍ତା ରୂପେ ଗ୍ରହଣ କରନ୍ତୁ । ଆଉ ମୁଁ କହୁଛି, ଆପଣ ତାହା କରି କେବେ ଦୁଃଖିତ (କି) ଅନୁତାପ କରିବେ ନାହିଁ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ଏଫିସୀୟ ୬:୧୨) । ଏହି ଶାସ୍ତ୍ରାଂଶରର ପଦଟି କିଭଳି ଭାବେ ଶୟତାନ ସହ ଆତ୍ମିକ ଯୁଦ୍ଧ କରେ ବୋଲି ବର୍ଣ୍ଣନା କରେ ?

**ଏଫିସୀୟ ୬:୧୨ -** *କାରଣ ଆମ୍ଭମାନଙ୍କ ଯୁଦ୍ଧ ମଉଜ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତପିତାମାନଙ୍କ ବିରୁଦ୍ଧରେ ପୁଣି ଆକଶ ମଣ୍ଡଳିର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ ।*

୨. ଆପଣ ପଢ଼ନ୍ତୁ (ମାର୍କ ୧୬:୧୭) । ବିଶ୍ୱାସର ଅଧିକାର ବିଷୟରେ ଏହି ଶାସ୍ତ୍ରାଂଶ ପଦ ଆମକୁ କ'ଣ ଶିକ୍ଷା ଦିଏ ?

**ମାର୍କ ୧୬:୧୭ -** *ଆଉ ବିଶ୍ୱାସୀ ମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ, ସେମାନେ ମୋ ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ ।*

୩. ଆପଣ ପଢ଼ନ୍ତୁ (ଯାକୁବ- ୪:୭) । ଶୟତାନ ଠାରୁ ମୁକ୍ତି / ଉଦ୍ଧାର ପାଇବା ପାଇଁ ଜଣେ ବ୍ୟକ୍ତି କ'ଣ କରିବା ଆବଶ୍ୟକ ?

**ଯାକୁବ – ୪:୭ -** *ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କ ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇଯିବ ।*

୪. ଆପଣ ପଢ଼ନ୍ତୁ (ଯାକୁବ ୧:୧୪) । ଶୟତାନ୍ ଆମକୁ ମନ୍ଦ ବିଷୟକୁ ବାଛିବାରେ ଠକେ କି ?

**ଯାକୁବ ୧:୧୪ -** *କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୋଇ ପରୀକ୍ଷିତ ହୁଏ ।*

୫. ଆପଣ ପଢ଼ନ୍ତ (ରୋମୀୟ ୬:୧୩) । ଯଦି ଜଣେ ବ୍ୟକ୍ତି ତା'ର ଜୀବନ ଖ୍ରୀଷ୍ଟଙ୍କ ବିଷୟ ସବୁରେ ପରିପୂର୍ଣ୍ଣ କରାଏ, ତେବେ ମନ୍ଦ ଆତ୍ମା ବିରକ୍ତ ହୁଏ ଏବଂ ଛାଡିଯାଏ । ଏହି ଶାସ୍ତ୍ରାଂଶର ପଦଟି ଆମକୁ କ'ଣ କରିବାକୁ କୁହେ ?

**(ରୋମୀୟ ୬:୧୩) -** *ଆପଣା ଆପଣାର ଅଙ୍ଗ ପ୍ରତ୍ୟେଙ୍ଗକୁ ଅଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ପାପ ନିକଟରେ ସମର୍ପଣ କର ନାହିଁ, କିନ୍ତୁ ମୃତମାନଙ୍କ ମଧ୍ୟରୁ ଜୀବିତ ହେଲା ପରି ଆପଣା ଆପଣା ଅଙ୍ଗ ପ୍ରତ୍ୟଙ୍ଗକୁ ଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ଈଶ୍ୱରଙ୍କ ନିକଟରେ ସମର୍ପଣ କର ।*

୬. ଆପଣ ପଢ଼ନ୍ତୁ (ରୋମୀୟ ୧୩:୧୪) । ଶୟତାନ ଶରୀରର ଅଭିଳାଷ ରଖେ, ତେଣୁ ସେମାନଙ୍କୁ ଭୋକିଲା ରଖ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ରତାରେ ଲି । ଆମ୍ଭେମାନେ ଶରୀରର ପପପପପପନକରୁ ।

**ରୋମୀୟ ୧୩:୧୪ -** *ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତୁମ୍ଭେମାନେ ବସ୍ତ୍ର ରୂପେ ପରିଧାନ କର, ଆଉ କୁଅଭିଳାଷ ଉଦ୍ରେକ କରିବା ସକାଶେ ଶରୀର ନିମନ୍ତେ ଆୟୋଜନ କରନାହିଁ ।*

୭. ଆପଣ ପଢନ୍ତୁ (ଲୂକ୧୦:୧୭-୧୯) । ଯୀଶୁ ଆମକୁ କେବେ କହିନାହାଁନ୍ତି ଯେ ମନ୍ଦଆତ୍ମାକୁ ହାଟେଇବା/ଦୂରକରିବାକୁ ତାହାଙ୍କ ଠାରେ ପ୍ରାର୍ଥନା କରିବାକୁ । ମାତ୍ର ସେ ଆମକୁ ସେ ସମାନ ଅଧିକାର ହେଇଛନ୍ତି । ଏହି ଶାସ୍ତ୍ରାଶର ପଦଯି କୁହେ ଯେ ଆମ୍ଭମାନଙ୍କର ଶକ୍ତି ଓ ଅଧିକାର ପପପପପଉପରେ ଅଛି ।

**ଲୁକ(୧୦:୧୭-୧୯) -** *ଏଥି ଉତ୍ତାରେ ସତୁରୀ ଜଣ ବାହୁଡି ଆସି ଅନନ୍ଦରେ କହିଲେ, ପ୍ରଭୁ ଭୂତମାନେ ସୁଦ୍ଧା ଆପଣଙ୍କ ନାମରେ ଆମ୍ଭମାନଙ୍କ ବଶୀଭୁତ ଅଟନ୍ତି ।(୧୮) କିନ୍ତୁ ସେ ସେମାନଙ୍କୁ କହିଲେ, ବିଜୁଳି ପରି ସ୍ୱର୍ଗରୁ ଶୟତାନକୁ ପଡିବା ମୁଁ ଦେଖୁଥିଲି ।(୧୯) ଦେଖ, ମୁଁ ତୁମ୍ଭମାଙ୍କୁ ସାପ ଓ ବିଛା ଉପରେ ଚାଲିବାକୁ କ୍ଷମତା ଦେଇଅଛି, ପୁରି ଶତ୍ରୁର ସମସ୍ତ ଶକ୍ତି ଉପରେ ମଧ୍ୟ କ୍ଷମତା ଦେଇଅଛି । ଆଉ କିଛି ହିଁ କୌଣସି ପ୍ରକାରେ ତୁମ୍ଭମାନଙ୍କର କ୍ଷତି କରିବ ନାହିଁ ।*

## ଉତ୍ତର

୧. ଆପଣ ପଢନ୍ତୁ ଏଫିସିୟ ୬:୧୨ । ଶୟତାନ (ବ) ମନ୍ଦ ଆତ୍ମା ସହ ଆମ୍ଭର ଆତ୍ମିକ ଯୁଦ୍ଧକୁ ଏହି ଶାସ୍ତ୍ରାଂଶର ପଦଟି କିପରି ବର୍ଣ୍ଣନା କରେ ?

*ଏହା ଏକ କୁସ୍ତି(ବା) ମଲ୍ଲଯୁଦ୍ଧ ରୂପେ ବର୍ଣ୍ଣନା କରେ ।*

୨. ଆପଣ ପଢନ୍ତୁ ମାର୍କ ୧୬:୧୭ । ବିଶ୍ୱାସୀର ଅଧିକାର ବିଷୟରେ ଏହି ଶାସ୍ତ୍ରାଂଶ ପଦଟି ଆମକୁ କ'ଣ ଶିକ୍ଷା ଦିଏ ?

*ଆମ୍ଭମାନଙ୍କ ଯୀଶୁଖ୍ରୀଷ୍ଟଙ୍କ ନାମରେ, ଭୂତ ଛଡେଇବାର ଅଧିକାର ଅଛି ।*

୩. ଆପଣ ପଢନ୍ତୁ ଯାକୁବ ୪:୭– ଶୟତାନରୁ ଦୂର କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ କ'ଣ କରିବା ଆବଶ୍ୟକ

*ଇଶ୍ୱରଙ୍କ ବଶୀଭୂତ ହୋଇ, ଶୟତାନକୁ ପ୍ରତିବାଧା କରିବା ।*

୪. ଆପଣ ପଢନ୍ତୁ ଯାକୁବ ୧:୧୪ । ଶୟତାନ ଆମକୁ କିପରି, ମନ୍ଦ ବିଷୟକୁ ବାଛିବାରେ ଠକେ ?

*ସେ ଆମର କାମନା ଦ୍ୱାରା ଆକର୍ଷିତ ଓ ପ୍ରବର୍ତ୍ତିତ କରାଏ ।*

୫. ଆପଣ ପଢନ୍ତୁ ରୋମୀୟ ୬:୧୭। ଯଦି ଜଣେ ବ୍ୟକ୍ତି ତା'ର ଜୀବନ ଖ୍ରୀଷ୍ଟଙ୍କ ବିଷୟରେ ପରିପୂର୍ଣ୍ଣ କରାଏ, ତାହା ଶୟତାନ (ବା) ମନ୍ଦ ଆତ୍ମାକୁ ବିରକ୍ତ କରାଏ ଏବଂ ଛାଡ଼ି ଚାଲିଯାଏ । ଏହି ଶାସ୍ତ୍ରାଂଶର ପଦଟି ଆମକୁ କ'ଣ କୁହେ ?

*ପାପ ନିକଟରେ ଆପଣା ଆପଣାକୁ ସମର୍ପଣ କରନାହିଁ । କିନ୍ତୁ ଆପଣା ଆପଣାକୁ ଇଶ୍ୱରଙ୍କ ନିକଟରେ ସମର୍ପଣ କର ।*

୬. ଆପଣ ପଢନ୍ତୁ ରୋମୀୟ ୧୩:୧୪ । ଶୟତାନ ଶରୀରର ଅଭୀଳାଷୀ(ବା) ଭୋକିଲା ଅଟେ । ତେଣୁ ପ୍ରଭୁଙ୍କ ପ୍ରେମ ଓ ପବିତ୍ରତାରେ ଚାଲି ତାହାକୁ ଭୋକିଲା ରହିବାକୁ ଦିଅ । ଆମ୍ଭେମାନେ ଶରୀରକୁ ପାପ ନ କରୁ ।

*ଉଦ୍ରେକ ନିମନ୍ତେ ଆୟେଜନ ନକରୁ ।*

୭. ଆପଣ ପଢନ୍ତୁ ଲୁକ ୧୦:୧୭-୧୯ । ଯୀଶୁ ଆମକୁ କେବେ କହି ନାହାଁନ୍ତି ଯେ ଭୂତ ଛଡେଇବାକୁ ତାହାଙ୍କ ନିକଟରେ ପ୍ରାର୍ଥନା କରିବାକୁ । ମାତ୍ର ତାହା କରିବା ସେ ଆମ୍ଭକୁ ଅଧିକାର ଦେଇଛନ୍ତି । ଏହି ଶାସ୍ତ୍ରାଂଶ ପଦଟି ଆମ୍ଭମାନଙ୍କୁ କୁହେ ଆମ୍ଭମାନଙ୍କରପପପଉପରେ ଆମର ଶକ୍ତି ଓ ଅଧିକାର ଅଛି ।

*ଶତ୍ରୁ ଶୟତାନ ଉପରେ ।*

## ପାଠ୍ୟକ୍ରମ ୬

# ଜଣେ ବିଶ୍ୱାସୀର ଅଧିକାର/କ୍ଷମତା

### *ଲେଖକ - ଆନ୍ଦ୍ରଉ ୱମାକ୍*

ଇଶ୍ୱର ଆମ୍ଭକୁ ବିଶ୍ୱାସୀ ଭାବରେ ଅଧିକାର/କ୍ଷମତା ଦେଇଛନ୍ତି । ଆଉ ଏହା ପାଇଁ, କେବଳ ଯେ ଆମକୁ ଆମ ପାଖରେ ଥିବା ଅଧିକାରର ଉପଯୋଗ କରିବାକୁ ପଡିବ ତା ନୁହେଁ ମାତ୍ର ଶୟତାନର ମଧ । ସେ ସେହି ସମାନପାତ୍ରରୁ ବାହାରକୁ ଫୋପଡା ଯାଇଅଛି । ଖ୍ରୀଷ୍ଟିୟାନ ମାନଙ୍କୁ ଏହିପରି କହି ଦିଆଯାଉଅଛି ଯେ ସେମାନେ ଲହିପରି ଜଣେ ବ୍ୟକ୍ତି ସହ ଯୁଦ୍ଧ କରୁଛନ୍ତି, ଯାହାର ବଳ କି ଆମ୍ଭମାନଙ୍କ ଠାରୁ ଅଧିକ ଅଟେ, ଏବଂ ତା' ସହ ଲଢିବାରେ ସମର୍ଥ ହେବା ଅତ୍ୟନ୍ତ କଷ୍ଟକର ଅଟେ । କିନ୍ତୁ ତାହା ଆଦୌ ନୁହେଁ, ଆମକୁ ଶାସ୍ତ୍ରାଂଶ ତାହା ଶିକ୍ଷା ଦିଏ ନାହିଁ । ମାତ୍ର ଏହା କୁହେ(ଏଫିସୀୟ ୬:୧୨)ରେ *"କାରଣ ଆମ୍ଭମାନଙ୍କର ଯୁଦ୍ଧ ମଉଜ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶ ମଣ୍ଡଳର ଦୁଷ୍ଟାତ୍ମା ମାନଙ୍କ ବିରୁଦ୍ଧରେ ।"* ତେଣୁ ହଁ ଶୟତାନ ହିଁ ତାର ଉତ୍ପାଦକ, ସେ ଏଠାରେ ଅଛି । ତାହାର ସ୍ତର ଅନୁସାରେ ରାଜ୍ୟ ଓ ରାଜକତା ଅଛି ଏବଂ ଯାହାର ଶକ୍ତି ସହ ଆମେ କରବାର କରୁଛୁ , କିନ୍ତୁ ତା'ର ପୂର୍ବ ଶାସ୍ତ୍ରାଂଶର ପଦରେ, ଏହା ଲେକା ଅଛି ଶୟତାନର ଚାତୁର୍ଯ୍ୟ ବିରୋଧରେ ଠିଆ ହେବାକୁ ପଡ଼ିବ । ଆମ ବିରୋଧରେ ଶୟତାନର କେବଳ ମାତ୍ର ଶକ୍ତି ହେଲା ଆମକୁ ଠକାମୀ ଓ ପ୍ରତାରଣାରେ ପକେଇବା । ତା'ର ଆମ ଉପରେ ବିନୟ ପ୍ରାପ୍ତିର ଶକ୍ତି ନାହିଁ ।

ଆଦି ପୁସ୍ତକ ୩ ପର୍ବରେ ଆମେ ଦେଖୁ, ଯେତେବେଳେ ପ୍ରଥମ ପ୍ରଲୋଭନ ଓ ହବାଙ୍କ ନିକଟକୁ ଆସିଲା, ଶୟତାନ ଭୟଙ୍କର ଏକ ଶକ୍ତି ବେଳରେ ଆସି ନଥିଲା । ଯେପରିକ, ସୁବିଶାଳ ପ୍ରକାଣ୍ଡ ଲେମଶ ହସ୍ତୀ (ବା)ହାତୀ ରୂପରେ ଏବଂ ଆଦାମର ମୁଣ୍ଡ ଉପରେ ପାଦରଖି, ତାହାକୁ ଭୟଭୀତ କରାଇଲା ନାହି ଯେ, "ମୋର ସେବା କର ନ ହେଲେ," ମାତ୍ର ସେ ଗୋଟିଏ ଅଧୁଷିତ ସର୍ପ ରୂପରେ ଆସିଲା, ଯାହାକୁ କି ଇଶ୍ୱର ନିଖୁତ ଭାବେ ସୃଷ୍ଟି କରିଥିଲେ । ଏଠାରେ ଏହି ଶବ୍ଦ "ନିଖୁତ"ର ଅର୍ଥ ଅଛି "ଧୂର୍ତ୍ତ, ଭ୍ରାନ୍ତିକର, ଓ ଲାକ" ଅଟେ । ଶୟତାନ ଏକ ସର୍ପ ରୂପରେ ଆଦାମ ଓ ହବାଙ୍କ ନିକଟକୁ ଆସିବାର କାରଣ ହେଲା, ଯେ ତାର ଆଦାମ ଓ ହବାକୁ କୌଣସି ବିଷୟ କରିବା ପାଇଁ କହିବାକୁ ତା'ର ବଳ ନଥିଲା , ସେ କେବଳ ଠକି କାର୍ଯ୍ୟ କରପାରେ । ସେ ଇଶ୍ୱରଙ୍କ ବିରୋଧରେ ଏବଂ ତାହାଙ୍କ ସ୍ୱଭାବ ବିରେଧରେ ଆସିବା ଏବଂ ଇଶ୍ୱରଙ୍କୁ ସମାଲେଚନା କରି କହିବାକୁ ଲାଗିଲା । "ପ୍ରଭୁ ତୁମ୍ଭଙ୍କୁ ବାସ୍ତବରେ ପ୍ରେମ କରୁ ନାହାନ୍ତି-କିଛି ବିଷୟ ସେ ତୁମ୍ଭମାନଙ୍କ ଠାରୁ ଲୁଚେଇ ରଖୁଛନ୍ତି ।" ଆଉ ସର୍ପ ଠକି/ପ୍ରତାରଣା କରି ଆଦାମ ଓ ହବାକୁ ଇଶ୍ୱରଙ୍କ ବିରେଧରେ ପ୍ରଲେଭିତ

କଲା । ମାତ୍ର ସେମାନେ (ଆଦାମ ଓ ହବା)ହିଁ ଥିଲେ, ଯେଉଁ ମାନଙ୍କ ହାତରେ ସମସ୍ତ କ୍ଷମତା ଓ ଅଧିକାର ଥିଲା ଏବଂ ଶୟତାନ ଏହିପରି ଓ ଏହି ଉପାୟରେ ଆଦାମ୍ ଓ ହବାକୁ ପ୍ରଲେଭନ କରିବାର କାରଣ ହେଲା ଯେ, ସେ ଜାଣିଥିଲା ତା'ର ଇଶ୍ୱର ବିରୋଧରେ ଆସିବାର କୌଣସି ପ୍ରକାରର ବଳ ନାହିଁ ।

ଏହିପରି ବହୁତ ବିଷୟ ଅଛି କହିବାକୁ ଓ ଆପଣ ମାନଙ୍କୁ ଜଣେଇବାକୁ , ମାତ୍ର ମୋ ପାଖରେ ସେତିକି ଯଥେଷ୍ଟ ସମୟ ନାହିଁ । କିନ୍ତୁ ଏହି ଜଣେ ବିଶ୍ୱାସୀର କ୍ଷମତା(ବା) ଅଧିକାରର ଶକ୍ତି ବିଷୟରେ କହିବାକୁ ଗଲେ, ମୁଁ ଗୋଟିଏ ବିଷୟ ଉପରେ ଆଲୋକପାତ  କରବାକୁ ନିହାତି ଭାବେ ହିଁବି । ଆଉ ତାହା ହେଲା, ମାତ୍ର ଆପଣ ମାନଙ୍କୁ ଜାଣିବାକୁ ପଡ଼ିବ ଯେ, ଶୟତାନର ଆପଣ ମାନଙ୍କ ଉପରେ ଶୂନ୍ୟମାତ୍ର ବଳ ଓ କ୍ଷମତା ଅଟେ । କାରଣ ଆପଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବିଶ୍ୱାସୀ ଅଟନ୍ତି । ଯଦି ଆପଣଙ୍କ ଜୀବନ ନଷ୍ଟ ହୋଇଯାଇଛି, ତେବେ ଆପଣ କହିପାରିବେ "ଯେ ଶୟତାନ ହେଉଛି ସେ ବ୍ୟକ୍ତି ଯିଏ ମୋ ଜୀବନରେ ଏ ସମସ୍ତ ବିଷୟ କରୁଛି  ଓ ସେହି ଗୋଳାବର୍ଷଣ ଓ ନିଆଁ ଲଗାଉଛି ।" ମାତ୍ର ମୁଁ ଏଠାରେ କହି ରଖେ ଆପଣ ନିଜେ ହେଉଛନ୍ତି ସେ ବ୍ୟକ୍ତି ଯିଏକି ତାହାକୁ ଗୋଳା ଓ ବାରୁଦ ଯୋଗାଉଛନ୍ତି । ଆପଣ ହିଁ ତାହାକୁ ସେ ସୁଯୋଗ ଆପଣଙ୍କ ଜୀବନରେ ଦେଇଛନ୍ତି, ଠକାମି ଓ ପ୍ରତାରଣା କରିବା ପାଇଁ । ଯଦି ଆପଣ ଶୟତାନକୁ ତାହା ଦେଇ ନଥାନ୍ତେ, ତା'ର କୌଣସି ଅନଧିକାର ଆପଣଙ୍କ ଜୀନରେ ପ୍ରବେଶ କରବାର ଶକ୍ତି ନାହି । (୨ୟ କରନ୍ଥୀୟ ୧୦:୩-୫) କୁହେ *"କାରଣ ଆମ୍ଭେମାନେ ଶରୀରରେ ଆଚରଣ କରୁଅଛୁ ସତ୍ୟ, କିନ୍ତୁ ଆମ୍ଭେମାନେ ଶାରୀରିକ ଭାବରେ ଯୁଦ୍ଧ କରୁନାହୁଁ । ଯେଣୁ ଆମ୍ଭମାନଙ୍କ ଯୁଦ୍ଧର ଅସ୍ତ୍ରଶସ୍ତ୍ର ଶାରୀରାକ ନୁହେଁ, ମାତ୍ର ଦୃଢଗଡ ଭୂମି ସାତ କରିବା ନିମନ୍ତେ ଇଶ୍ୱରଙ୍କ ଦୃଷ୍ଟରେ ସେହି ସବୁ ଶକ୍ତିଯୁକ୍ତ ଅଟେ । ଆମ୍ଭେମାନେ  ତର୍କ ବିତର୍କ ସବୁ  ଓ  ଈଶ୍ୱରଙ୍କ  ଜ୍ଞାନ ବିରୁଦ୍ଧରେ ଉତ୍‌ଥିତ ସମସ୍ତ  ଉଚ୍ଚ  ବିଷୟ ଭୂମିସାତ୍  କରୁ । ପୁଣି ପ୍ରତ୍ୟେକ  କଳ୍ପନାକୁ  ଖ୍ରୀଷ୍ଟଙ୍କ ବାଧ୍ୟ ହେବା ନିମନ୍ତେ ବନ୍ଦୀ କରୁ ।"*ଏହି ଉପରୋକ୍ତ ଶାସ୍ତାଂଶ ମାନ ଆପଣଙ୍କର ଯୁଦ୍ଧର ଅସ୍ତ୍ରଶସ୍ତ୍ର ବିଷୟରେ କୁହେ,ଏବଂଯେଉଁ ସବୁ ଅସ୍ତ୍ର ଶସ୍ତ୍ର ଏଠାରେ ଉଲ୍ଲେଖ କରାଯାଇଛି । ତାହା ଆପଣଙ୍କ ମନକୁ ସୂ    ଏ ଏବଂ ଆପଣଙ୍କ ଚିନ୍ତାଧାରା ସହ କାର୍ଯ୍ୟକରେ ।  ଶୟତାନର କୌଣସି ଶକ୍ତି (କି) କ୍ଷମତା ନାହିଁ ଆପଣଙ୍କୁ କିଛି କରିପାରିବା ପାଇଁ ।  କେବଳ ଠକି(ବା) ପ୍ରତାରଣ କରିବା ବ୍ୟତିତ ।

ଅତିଶୀଘ୍ର  ମୁଁ କିଛି  ବିଷୟ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଦେବାକୁ ଚାହେଁ । ପ୍ରାରମ୍ଭରେ ସ୍ୱାଭାବିକ ଭାବେ ପରମେଶ୍ୱରଙ୍କ  ସମସ୍ତ କ୍ଷମତା ଓ ଅଧିକାର ଥିଲ । ସମସ୍ତ ଶକ୍ତି ଓ କ୍ଷମତା  ଇଶ୍ୱରଙ୍କ ଠାରୁ ହିଁ ବର୍ହିଗତ ହେବାର, କାରଣ ସେହି ଏକମାତ୍ର ଯାହାଙ୍କ ଠାରେ ସମସ୍ତ ଶକ୍ତି  ଓ କ୍ଷମତା ଅଛି । ସମସ୍ତ କିଛି ତାହାଙ୍କ ଠାରୁ  ହିଁ ଅଧିକାର ଅର୍ପିତ । ଯେତେବେଳେ ସେ ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ । ତାହାଙ୍କ ଠାରେ ସମସ୍ତ ଶକ୍ତି ଓ ଅଧିକାର ତଥା କ୍ଷମତା ଥିଲା । ତା'ପରେ (ଆଦି ପୁସ୍ତକରେ ୧:୨୬), ଯେତେବେଳେ ପରମେଶ୍ୱର ଆଦାମ  ଓ ହଜାଙ୍କୁ ସୃଷ୍ଟି କଲେ, ସେ କହିଲେ, *" ତୁମେ ଏ ସମସ୍ତ   ପୃଥିବୀ ........ଉପରେ କର୍ତ୍ତୃତ୍ୱ କର ।"* ତାହାକୁ   ଗୀତ ସହିଂତା୧୧୫:୧୬ ସହ ମିଶାନ୍ତୁ , *"ଯାହାକି କୁହେ, ସ୍ୱର୍ଗ ସଦାପ୍ରଭୁଙ୍କ ସ୍ୱର୍ଣ୍ଣ, ମାତ୍ର ସେ ମନୁଷ୍ୟ ସନ୍ତାନ ଗଣଙ୍କୁ  ପୃଥିବୀ ଦେଇଛନ୍ତି ।"*ସମସ୍ତ  ବିଷୟର ସୃଷ୍ଟିଠାରୁ ନାହିଁ, ମାଲିକ, ସଦାପ୍ରଭୁ ପରମେଶ୍ୱର ଅଟନ୍ତି, କିନ୍ତୁ ସେ କର୍ତ୍ତୃତ୍ୱ  ପଣ ଦେଇଦେଲେ ଏହି ମନୁଷ୍ୟ ଗଣଙ୍କୁ ଏ ସାରା ପୃଥିବୀ ଉପରେ ।  ଶୟତାନର କେବେହେଁ କୌଣସି ବିଷୟରେ ଏ ପୃଥିବୀରେ କ୍ଷମତା କି ଅଧିକାର ନଥିଲା ।

ସେ ମନୁଷ୍ୟକୁ ପାପ ଦ୍ୱାରା ଠକି ତାହା ନେଇଗଲା । ପରମେଶ୍ୱର ସେ ଶକ୍ତି କ୍ଷମତା ମନୁଷ୍ୟକୁ ଦେଲେ, ଏବଂ ଯେତେବେଳେ ମନୁଷ୍ୟ ଅସଫଳ ହେଲା, ସେହି ପ୍ରଭୁଙ୍କ ଦତ୍ତ ଶକ୍ତି କ୍ଷମତା, ଓ ଅଧିକାର ପରିଣାମ ସ୍ୱରୂପ ଶୟତାନ ନେଲା । ଈଶ୍ୱର କେବେହେଁ ଶୟତାନକୁ ସେ ଶକ୍ତି ଓ କ୍ଷମତା ଦେଇ ନଥିଲେ, ଯେ ସେ ମନୁଷ୍ୟକୁ ଦାସ କରି ରଖୁ ଓ ତା' ଉପରେ ରାଜତ୍ୱ କରୁ ବୋଲି, କଦାପି ନୁହେଁ !

ଶାସ୍ତ୍ର କୁହେ ଶୟତାନ ହେଉଛି ଏ ପୃଥିବୀର ପ୍ରଭୁ, କିନ୍ତୁ ପରମେଶ୍ୱର ତାହାକୁ ଏ ପୃଥିବୀର ପ୍ରଭୁ କରି ନାହାନ୍ତି । ମାନବ ଜାତି ଠାରୁ ଉଚ୍ଚରେ କେବେହେଁ ପ୍ରଭୁ ପରମେଶ୍ୱ ଶୟତାନକୁ ରଖି ନାହାନ୍ତି । ମାତ୍ର ସେ ମାନବ ଜାତିକୁ ଏ ପୃଥିବୀ ଉପରେ ଅଧିକାର ଓ କର୍ତ୍ତୃତ୍ୱ କରିବାର ଅଧିକାର ଦେଇଛନ୍ତି । ଶୟତାନ ମନୁଷ୍ୟ ଉପରେ କର୍ତ୍ତୃତ୍ୱ କରିପାରୁଛି, ତାହାକୁ ବାସ ବନେଇ ପାରୁଛି ଏବଂ ସମସ୍ତ ପ୍ରକାରର ସମସ୍ୟା ତା' ପାଇଁ ସୃଷ୍ଟି କରିପାରୁଛି କାରଣ, ମନୁଷ୍ୟ ନିଜେ ଶୟତାନକୁ ତାହା କରିବାକୁ (ବା) ପରମେଶ୍ୱରଙ୍କ ଦତ୍ତ କ୍ଷମତା ଓ ଅଧିକାରକୁ ତାହାକୁ ଦେଇ ଦେଇଛି । ଆଉ ଏହା ବାସ୍ତବରେ ପରମେଶ୍ୱରଙ୍କ ପାଇଁ ଏକ ସମସ୍ୟା ଉତ୍ପନ୍ନ କଲା, କାରଣ ସେ ଆତ୍ମା ଅଟନ୍ତି ଏବଂ ସେ ସମସ୍ତ ପୃଥିବୀ ଉପରେ କ୍ଷମତା ଓ କର୍ତ୍ତୃତ୍ୱ କରିବାକୁ ମନୁଷ୍ୟକୁ ଅଧିକାର ନେଲେ । କାରଣ କେବଳ ମନୁଷ୍ୟ ହିଁ ଏକ ଯେ, ଏ ପୃଥିବୀକୁ ନିଜ କ୍ଷମତା ଓ ଶକ୍ତିରେ ଶାସନ କରି ତା'ର ପ୍ରଭାବ ପକାଇ ପାରେ । ଆଉ ଶୟତାନ ଆମ୍ଭ ମାନଙ୍କ ପାଖକୁ ଆସିବା ବା ଉଚିତ୍ ଆମଠାରୁ କିଛି ଶକ୍ତି ପାଇବା ପାଇଁ । ଆଉ ସେଇଥିପାଇଁ ହିଁ ସେ ଆମ ଶରୀରରେ ଘର କହିବାକୁ / ରହିବାକୁ ଚାହେଁ । ଶାସ୍ତ୍ରାଂଶ କୁହେ, ମନ୍ଦ ଆତ୍ମା ଶରୀର ଦଖଲ /ଆବିଷ୍ଟ କରିବାରୁ ଆବଶ୍ୟକ କରେ, କାରଣ ସେ ମନୁଷ୍ୟ ଭୌତିକ ଶରୀର ବ୍ୟବହାର ବିନା କିଛି କରିପାରେ ନାହିଁ । କାରଣ ପରମେଶ୍ୱର ଆତ୍ମା ଅଟନ୍ତି ଏବଂ ସେ ତାହାଙ୍କର କ୍ଷମତା ମନୁଷ୍ୟକୁ ଦେଇଛନ୍ତି, ଗୋଟିଏ ଅର୍ଥରେ ଦେଖିବାକୁ ଗଲେ, ତା'ପରେ ସେ କିଛି ଆଉ କରିବାକୁ ଚାହୁଁ ନାହାନ୍ତି । ଏହା ଏଇଥିପାଇଁ ନୁହେଁ ଯେ, ପରମେଶ୍ୱରଙ୍କ ଶକ୍ତି ଓ କ୍ଷମତା ନାହିଁ କିନ୍ତୁ ନିଜର ଅଖଣ୍ଡତା ଓ ସଚ୍ଚୋଟତା ଯୋଗୁଁ ସେ ହୁନାହାଁନ୍ତି ସେ ଅଧିକାର, ଶକ୍ତି ଓ କ୍ଷମତା ମନୁଷ୍ୟକୁ ଦେଲେ, ଏବଂସତ୍ୟ କହିବାକୁ ଗଲେ, ସେ ନିଜ ବାକ୍ୟରେ ସତ୍ୟ ଅଟନ୍ତି, ସେ ତାହାକୁ ଫେରେଇ ନେବେ ନାହିଁ ଏବଂ କହିବେ ନାହିଁ ଯେ, "ଏହା ଠିକ ନୁହେଁ, ମୁଁ ଯେପରି ଚାହୁଁଥିଲି ସେହିପରି ନୁହେଁ; ବହୁତ ହେଲା ବାସ୍ ଥାଉ, ଆଉ ଏହାକୁ ପଣି ଥରେ ଦେଖିବା" ନାହିଁ, ପରମେଶ୍ୱର ନିଜେ କହିଥିବା ଶବ୍ଦରେ ବନ୍ଧା ଓ ସଚ୍ଚୋଟ । ସଂପୂର୍ଣ୍ଣ ଇତିହାସ ଦେଖିଲେ ଜାଣିପାରିବା ଯେ,ସେ ଜଣେ ଏହିପରି କାହାକୁ ଖୋଜୁଥିଲେ ଯିଏ, ତାହାଙ୍କ ଦ୍ୱାରା ପ୍ରବାହିତ ହୋଇପାରିବ, କିନ୍ତୁ ସମସ୍ୟା ଏହା ହେଲା ଯେ ସମସ୍ତ ମାନବ ଜାତି ଭ୍ରଷ୍ଟ ହେଲେ ଏବଂ ଶୟତାନର ବସ ହେଲେ । ସେଥିରେ ସେ ଆଉ କ'ଣ କରିଥାନ୍ତେ ?

ପରିଶେଷରେ ପରମେଶ୍ୱର କ'ଣ କଲେ ସେ ନିଜେ ମନୁଷ୍ୟ ରୂପରେ ଜଗତକୁ ଆସିଲେ । ଆଉ ଏହା ସତରେ ଅତ୍ୟନ୍ତ ଆଶ୍ଚର୍ଯ୍ୟକର ବିଷୟ ଅଟେ ଯେତେବେଳେ ଆପଣ ଏହାକୁ ବୁଝିବେ,କାରଣ ବର୍ତ୍ତମାନ ଶୟତାନ ନିଜେ ବଡ଼ ଭୟଙ୍କର ସମସ୍ୟାରେ ପଡ଼ିଛି । ସେ ମନୁଷ୍ୟ କ୍ଷମତା ଓ ଅଧିକାର ବ୍ୟବହାର କରୁଛି ଏବଂ ଏହି ସମସ୍ୟା ମାନଙ୍କୁ ସମାଧାନ କରିବା ପାଇଁ ପରମେଶ୍ୱର ସିଧାସଳକ ହସ୍ତକ୍ଷେପ କଲେ ନାହିଁ କାରଣ, ମନୁଷ୍ୟ ସ୍ୱଇଚ୍ଛାରେ, ଜାଣିଶୁଣି ଈଶ୍ୱରଙ୍କ ଦତ୍ତ କ୍ଷମତାକୁ ନିଜେ ଶୟତାନ୍‌କୁ ଦେଇଦେଲା । ଶୟତାନ ଯାହା କଲା ତାହା ସଂପୂର୍ଣ୍ଣ ଭୁଲ୍, ମାତ୍ର ମନୁଷ୍ୟ ନିଜେ ତାହାର ନଜର ଶକ୍ତି, କ୍ଷମତା ଓ ଅଧିକାର ଥିଲା ତାହାକୁ ଦେଇଦେଲା । କିନ୍ତୁ ବର୍ତ୍ତମାନ ଈଶ୍ୱର ନିଜେ ଆସିଲେ, ଏବଂ ସେ ଏଥର ଆଉ ଆତ୍ମା

ରୂପରେ ନୁହେଁ କିନ୍ତୁ ଏକ ମନୁଷ ରୂପରେ ଆସିଲେ । ଆଉ ଏହାହିଁ ଶୟତାନକୁ ବିରାଟ ବଡ଼ ଅସୁବିଧା ପରିସ୍ଥିତିରେ ପକେଇଲା, କାରଣ ପରମେଶ୍ୱରଙ୍କର କେବଳ ସ୍ୱର୍ଗ ଉପରେ ଅଧିକାର ଅଛି ତାହା ନୁହେଁ, କିନ୍ତୁ ମନୁଷ ରୂପରେ ଆସିବା ପରେ ଏ ପୃଥିବୀ ଉପରେ ମଧ ତାହାଙ୍କ ଅଧିକାର ହେଲା । ଯୀଶୁ(ଯୋହନ ୫:୨୬.୨୭) ରେ କହିଲେ, *"କାରଣ ପିତା ଯେପରି ସ୍ୱୟଂଜୀବୀ, ସେହିପରି ସେ ପୁତ୍ରଙ୍କୁ ମଧ ସ୍ୱୟଂଜୀବୀ ହେବାକୁ ଦେଇଛନ୍ତି । (୨୭) ଆଉ ସେ ମନୁଷ୍ୟ ପୁତ୍ର ହେବାରୁ ନମ୍ର ତାହାଙ୍କୁ ବିଚାର କରିବାର ଅଧିକାର ମଧ ଦେଲେ ।"* ଆଉ ଏଠାରେ ସେ ତାହାଙ୍କ ଭୌତିକ ଶରୀର ବିଷୟରେ କହୁଥିଲେ ।

ଯୀଶୁ ଜଗତକୁ ଆସିଲେ ଏବଂ ପରମେଶ୍ୱର ଦେଇଥିବା କ୍ଷମତାକୁ କାର୍ଯ୍ୟକାରୀ କଲେ । ଶୟତାନ ତାହାଙ୍କୁ ପ୍ରଲୋଭନ କଲା, କିନ୍ତୁ ଯୀଶୁ କେବେ ତାହା ଆଗରେ ସମର୍ପିତ ହେଲେ ନାହିଁ । ସମସ୍ତ ଯୁଦ୍ଧରେ ସେ ଯୀଶୁଙ୍କ ସହ, ସେ ହିଁ ହାରିଗଲା । ଆଉ ଯୀଶୁ ଆମ ସମସ୍ତଙ୍କର ପାପ ଆପଣା ଉପରକୁ ନେଲେ, ଆମ ପାଇଁ ମୃତ୍ୟୁ ଭୋଗ କଲେ ଆଉ ପୁନରୁତ୍ଥିତ ହେଲେ ଏବଂ (ମାଥିଉ ୨୮:୧୮)ରେ ଏପରି କହିଲେ, *"ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଛି ।"*ପରମେଶ୍ୱର ମନୁଷ୍ୟଙ୍କୁ ଦେଇଥିବା ଅଧିକାର ସେ (ଯୀଶୁ) ନିଜେ ପୁଣି ଥରେ ପ୍ରାପ୍ତ କଲେ, ଯାହାକି ମନୁଷ୍ୟ ଅପବ୍ୟବହାରକରିଥିଲା, ଏବଂମନୁଷ୍ୟରୂପ ରେ ଜଗତକୁ ଆସିବା ପରେ ଯୀଶୁ ଏ ସମସ୍ତ ସ୍ୱର୍ଗ ଓ ପୃଥିବୀର ଅଧିକାର ନିଜେ ନେଲେ । ତା'ର ପରବର୍ତ୍ତୀ ପଦରେ ସେ ପୁଣି କହିଲେ "ତୁମ୍ଭେ ମାନେ ଯାଅ ଏବଂ ଏହିପରି କର ।" ସେ ଏଠାରେ ଏହିପରି କହୁଥିଲେ ଯେ, "ବର୍ତ୍ତମାନ ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋର, ଏବଂ ମୁଁ ତାହା ତୁମ୍ଭମାନଙ୍କ ସହ ବାଣ୍ଟୁଅଛି (ବା) ତୁମ୍ଭମାନଙ୍କୁ ମଧ ଦେଉଅଛି ।" ଏହିଥର ସେହି ଅଧିକାର ଟିକିଏ ଅଲଗା ଫରକ୍ ଥିଲା, ଯାହାକି ଆମ୍ଭ ବିଶ୍ୱାସୀ ମାନଙ୍କୁ ଯୀଶୁ ଦେଲେ । ଏହା ଏକ ସଂଯୁକ୍ତ ଅଧିକାର ଆମ ବିଶ୍ୱାସୀ ଓ ଖ୍ରୀଷ୍ଟ ଯୀଶୁଙ୍କ ମଧରେ ଥିଲା । ଯେପର ଆଦାମ ଓ ହବାଙ୍କୁ ସଂପୂର୍ଣ୍ଣ ଭାବେ ଦିଆଯାଇଥିଲା, ସେହିପରି ନୁହେଁ । ଯାହାଦ୍ୱାରା କି ସେମାନେ ସେହି କ୍ଷମତ ଶୟତାନକୁ ଦେଲେ, ତା'ର ଦାସତ୍ୱ ହୋଇ ରହିଲେ ଏବଂ ଆଶାହୀନ ହେଲେ କିନ୍ତୁ ଆଜି ଆମର ସେହି ଅଧିକାର ଯୀଶୁ ଖ୍ରୀଷ୍ଟଙ୍କ ସହ ସଂଯୁକ୍ତ । ଏହା ସେହିପର ଯେପରି – ବ୍ୟାଙ୍କରେ ଟଙ୍କା (ବା) ଚେକ୍ ପାଇବାକୁ ହେଲେ, ଯଦ ସଂଯୁକ୍ତ ବ୍ୟାଙ୍କ୍ ଖାତା ଥାଏ, ତେବେ ଦୁଇ ଜଣଙ୍କର ସନ୍ତକର ଆବଶ୍ୟକତା ପଡ଼ିଥାଏ ଆମ୍ଭମାନଙ୍କ ଅଧିକାର ଖ୍ରୀଷ୍ଟ ଯୀଶୁଙ୍କ ସହ ସଂଯୁକ୍ତ ଏବଂ ତାହାଙ୍କର ଅଧିକାର ମଣ୍ଡଳୀ ସହ ସଂଯୁକ୍ତ ।

ଯଦିଓ ଆମେ ବିଫଳ ହେଉ, ପରମେଶ୍ୱର କେବେବି ଏହି ଅଧିକାର ଶୟତାନକୁ ଆଉ ଦେବେନାହିଁ । ଶୟତାନ ସଂପୂର୍ଣ୍ଣ ଭାବେ ଶକ୍ତି ଓ ବଳହୀନ । ଆପଣଙ୍କ ଜୀବନରେ ସେ କିଛି କରିପାରେ ନାହିଁ । କେବଳ ଆପଣଙ୍କୁ ଠକିବା ବ୍ୟତିତ ଏବଂ ଆପଣ ଯଦି ତା' ଆଗରେ ସମର୍ପିତ ହୁଅନ୍ତି ତାହା ବ୍ୟତିତ । ଆପଣ ତାହାକୁ ଆପଣଙ୍କ ଜୀବନର କ୍ଷମତା/ ଅଧିକାର ଦେଇପାରନ୍ତି, ମାତ୍ର ବ୍ୟକ୍ତିଗତ ଭାବେ ସେଇଥିପାଇଁ ଆପଣ ହିଁ ତାହା ଭୋଗିବେ, କିନ୍ତୁ ପ୍ରଭୁ ଦେଇଥିବା ସେହି ଅଧିକାର ଯାହା ମନୁଷ୍ୟକୁ ଦିଆଯାଇଛ, ତାହା ଶୟତାନ କେବେବ ପାଇବ ନାହିଁ । କାରଣ ତାହା ବର୍ତ୍ତମାନ ଆମ୍ଭ ଭିତରେ ଓ ଯୀଶୁ ଖ୍ରୀଷ୍ଟଙ୍କ ସହ ସଂଯୁକ୍ତ, ଏବଂ ସେ ସର୍ବଦା ବିଶ୍ୱସ୍ତ ଅଟନ୍ତି । କିନ୍ତୁ ଆପଣଙ୍କୁ ଜାଣିବାକୁ ପଡ଼ିବ ଯେ, ଆପଣଙ୍କ ପାଖରେ ସେହି କ୍ଷମତା ଓ ଅଧିକାର ଅଛି । ଶୟତାନ ଆପଣଙ୍କ ସହ ଯୁଦ୍ଧ କରୁଛି, ଆପଣଙ୍କ ଚିନ୍ତା ଓ ଭାବନ ସହ ଏବଂ ଆପଣଙ୍କ ଭାବନାର ଖଡ଼୍ଗ ଏହିପରି ଯେ, ତାହା ଆପଣଙ୍କୁ ବନ୍ଦୀ କରିପାରେ । ମାତ୍ର ଆପଣଙ୍କୁ ଏହା ଜାଣିବାକୁ ପଡ଼ିବ

ଶୟତାନ ଆପଣଙ୍କୁ ଓ ଆପଣଙ୍କ ଅତ୍ୟା ର ଓ ଦାସତ୍ୱ କରି ରଖିବା ହେଉଛି ଭୁଲ୍ ଏବଂ ଆପଣ ଖୋଜନ୍ତୁ ସୁସ୍ଥତା ବିଷୟରେ ଶାସ୍ତ୍ର କ'ଣ କୁହେ । (ଯୋହନ ୮:୩୨)ରେ ଲେଖାଯାଏ, *"ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ, ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତକରିବ ।"* ଆପଣ ହିଁ ସେହି ଯାହା ପାଖରେ ଶକ୍ତି, କ୍ଷମତା ଓ ଅଧିକାର ଅଛି । ପ୍ରଭୁ ଆପଣଙ୍କୁ ତାହା ଦେଇଛନ୍ତି, ଏବଂ ତାହା ଆପଣଙ୍କୁ କାର୍ଯ୍ୟକାରୀ କରିବାରେ ରୋକୁଛି କାରଣ ଆପଣ ଆପଣଙ୍କ ଚିନ୍ତାଧାର ଓ ଭାବନାକୁ ନିଜ ଅକ୍ତିଆରକୁ ଆଣିନାହାନ୍ତି । ଆପଣ ଆପଣଙ୍କ ସେହି ଆତ୍ମିକ ଖଡ୍ଗ୍ (ପ୍ରଭୁଙ୍କ ବାକ୍ୟକୁ) କୁ ଆପଣଙ୍କ ମନର ନୂତନୀକରଣ କରିବା ପାଇଁ ଏ ଯାଏଁ ବ୍ୟବହାର କରିନାହାନ୍ତି । ଏବଂ ଆପଣ ହୃଦୟଙ୍ଗମ ଏ ଯାଏଁ କରିପାରନାହାନ୍ତି ଯେ, ଆପଣଙ୍କ ପାଖରେ କ'ଣ ଅଛି ଏହା ସତରେ କେତେ ଖୁସିର ବିଷୟ ଯେ, ସେହ ଶକ୍ତି, କ୍ଷମତା ଓ ଅଧିକାର ଆମ୍ଭ ମଧ୍ୟରେ ହିଁ ଅଛି ।

ମୁଁ ଆଜି ଆପଣଙ୍କ ପାଇଁ ପ୍ରାର୍ଥନା ଏତେବେଳେ କରେ ଯେ, ଆପଣ ମାନେ ଏହି ଅଧିକାର ପ୍ରାପ୍ତ କରନ୍ତୁ, ତା' ଉପରେ ଧ୍ୟାନ କରନ୍ତୁ ଏବଂ ପ୍ରଭୁ ହିଁ ଆପଣଙ୍କୁ ତାହା ପ୍ରକାଶ କରିବେ, ଆପଣଙ୍କୁ ଦେଖି କିପରି ଶୟତାନ ଭୟ କରେ । କିନ୍ତୁ ଆପଣ ଶୟତାନ ଉପରେ ଭୟଭୀତ ହୁଅନ୍ତୁ ନାହିଁ, କାରଣ ଆପଣ ହିଁ ଜଣେ ଯାହାକୁ ପରମେଶ୍ୱର ଶକ୍ତି, କ୍ଷମତା ଓ ଅଧିକାର ଦେଇଛନ୍ତି । ଆପଣ ଯଦି ଶୟତାନର ପ୍ରତିରୋଧ କରିବେ, ତେବେ ସେ ଆପଣଙ୍କ ଠାରୁ ଦୌଡ଼ି ପଳେଇବ । (ଯାକୁବ ୪:୭) ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ଆଦି ପୁସ୍ତକ ୩:୧) । ଶୟତାନ ପ୍ରକୃତର ତା'ର କୌଣସି ଅସ୍ତିତ୍ୱ ନାହିଁ, ମାତ୍ର ଆମ୍ଭମାନଙ୍କ ଠକିବା / ପ୍ରତାରଣା ପାଇଁ ତା'ର ଶକ୍ତି ଅଛି । ଏଠାରେ ଶୟତାନ (ସର୍ପ)ହବାକୁ କ'ଣ ପ୍ରଶ୍ନକରି ପ୍ରଲୋଭନ ଦେଖାଉଛି ?

**ଆଦିପୁସ୍ତକ ୩:୧ -** *ସଦାପ୍ରଭୁ ପରମେଶ୍ୱରଙ୍କ ନିର୍ମିତ ଭୂଚର ପଶୁମାନଙ୍କ ମଧ୍ୟରେ ସର୍ପ ସର୍ବପେକ୍ଷା ଖଳ ଥିଲା । ସେ ନାରୀକି କହିବା, ଆଗୋ, ଏ କି ସତ୍ୟ, ଉଦ୍ୟାନରେ କୌଣସି ବୃକ୍ଷର ଫଳ ଖାଇବାକୁ ପରମେଶ୍ୱର ତୁମ୍ଭମାନଙ୍କୁ ନିଷେଧ କରିଅଛନ୍ତି ?*

୨. ଆପଣ ପଢ଼ନ୍ତୁ (ଆଦି ପୁସ୍ତକ ୩:୧) । ଆପଣ କାହିଁକି ଭାବୁଛନ୍ତି ଯେ ଶୟତାନ ପ୍ରଲୋଭନ କରେ ?

୩. ଆପଣ ପଢ଼ନ୍ତୁ (ଆଦି ପୁସ୍ତକ ୧:୨୬,୨୮) । ମନୁଷ୍ୟକୁ କିଏ ଅଧିକାର ଦେଲା ?

**ଆଦି ପୁସ୍ତକ ୧:୨୬ -** *ଏଥି ଉତ୍ତାରେ ପରମେଶ୍ୱର କହିଲେ ଆମ୍ଭେମାନେ ଆପଣା ପ୍ରତିମୂର୍ତ୍ତିରେ ଆପଣା ସାଦୃଶ୍ୟରେ ମନୁଷ୍ୟର ନିର୍ମାଣ କରୁ । ସେମାନେ ଜଳଚର ମତ୍ସ୍ୟଗଣ ଦଳଖେଚର ପକ୍ଷୀଗଣ ଓ ପଶୁଗଣ ଓ ସମସ୍ତ ପୃଥିବୀ ଓ ଭୂମିରେ ଗମନଶୀଳ ସବୁ ଉରେଗାମୀ ଜନ୍ତୁ ଉପରେ କର୍ତ୍ତୃତ୍ୱ କରିବେ ।*

***ଆଦି ପୁସ୍ତକ ୧:୨୮ -*** *ଆଉ ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କଲେ, ପୁଣି ପରମେଶ୍ୱର ସେମାନଙ୍କୁ କହିଲେ, ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି ପୃଥିବୀକି ପରିପୂର୍ଣ୍ଣ କରି ବଶୀଭୂତ ହୁଅ, ଆଉ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ଭୂଚର ଉରୋଗାମୀ ଜାନ୍ତୁମତୀ ଉପରେ କର୍ତ୍ତୃତ୍ୱ କର ।*

୪. ଆପଣ ପଢ଼ନ୍ତୁ ଗୀତ ସଂହିତ ୮:୪-୮ । କିପରି ସଦାପ୍ରଭୁ ମନୁଷ୍ୟକୁ ଗଢ଼ିଲେ ?

**ଗୀତ ସଂହିତା ୮:୪-୮ -** *ଞ୍ଜ ମନୁଷ୍ୟ କିଏ ଯେ, ତୁମ୍ଭେ ତାହା ବିଷୟରେ ମନଯୋଗୀ ହେଉଅଛି ? ମନୁଷ୍ୟର ସନ୍ତାନ କିଏ ଯେ, ତୁମ୍ଭେ ତାହାର ତତ୍ତ୍ୱାବଧାନ କରୁଅଛ ? (୫) ପୁଣି, ତୁମ୍ଭେ ତାହାକୁ ଦୂତଗଣ ଅପେକ୍ଷା ଅଳ୍ପମାତ୍ର ନ୍ୟୁନ କରିଅଛ, ଆଉ ଗୌରବ ଓ ସମ୍ଭ୍ରବ ମୁକୁଟରେ ତାହାକୁ ଭୂଷିତ କରୁଅଛ । (୬) ତୁମ୍ଭେ ଆପଣା ହସ୍ତକୃତ ସକଳ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ହେଉଅଛି, ତୁମ୍ଭେ ତାହାର ପାଦ ତଳେ ସମୁଦାୟ ବିଷୟ ରଖିଅଛ । (୭) ଗୋମେଷାଦି ସକଳ, ହିଁ ବନ୍ୟ ପଶୁଗଣ । (୮) ଆକାଶର ପକ୍ଷୀ ଗଣ କି ସମୁଦ୍ରର ମତ୍ସ୍ୟଗଣ, ସମୁଦ୍ର ପୁଅଗାମୀ ସକଳ ହିଁ ରଖିଅଛ ।*

୫. ଆପଣ ପଢ଼ନ୍ତୁ (୨ୟ କରନ୍ଥୀୟ ୪:୪) । ଏହି ଶାସ୍ତ୍ରାଂଶ କ'ଣ ହେଲା ବୋଲି ସୂଚାଏ ?

**୨ୟ କରନ୍ଥୀୟ ୪:୪ -** *ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ ତାହାଙ୍କ ଗୌରବମୟ ସୁସମାଚାର ଆଲୋକ ଯେପରି ଏହି ପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନହୁଏ, ଏଥି ନିମନ୍ତେ ଏହି ଜଗତପତି ଅବିଶ୍ୱାସୀ ମାନଙ୍କର ଜ୍ଞାନ ଚକ୍ଷୁ ଅନ୍ଧ କରିଅଛି ।"*

୬. ଆପଣ ପଢ଼ନ୍ତୁ (ମାଥିଉ ୪:୮-୯) । ଏହି ଶାସ୍ତ୍ରାଂଶର ପଦମାନ କ'ଣ ଏହି ବିଷୟକୁ ଶକ୍ତି ଦର୍ଶାଏ କି ?

***ମାଥିଉ ୪:୮-୯ -*** *ପୁନଶ୍ଚ ଶୟତାନ ତାହାଙ୍କୁ ଗୋଟିଏ ଅତି ଉଚ୍ଚ ପର୍ବତ ଉପରକୁ ଘେନି ଯାଇ ଜଗତର ସମସ୍ତ ରାଜ୍ୟ ଓ ସେ ସବୁର ଐଶ୍ୱର୍ଯ୍ୟ ଦେଖାଇ କହିଲା (୯) ତୁମ୍ଭେ ଯେବେ ଆମ୍ଭକୁ ଭୂମିଷ୍ଠ ପ୍ରଣାମ କରିବ, ତେବେ ଆମ୍ଭେ ଏହି ସମସ୍ତ ତୁମ୍ଭଙ୍କୁ ଦେବ ।*

୭-ଆପଣ ପଢ଼ନ୍ତୁ (ମାଥିଉ ୨୮:୧୮) ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ପରେ ବର୍ତ୍ତମାନ ସ୍ୱର୍ଗ ପୃଥିବୀର ଅଧିକାର କାହା ଉପରେ ?

**ମାଥିଉ ୨୮:୧୮ -** *ପୁଣି ଯୀଶ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ, ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି ! (୧୯) ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ ।*

୮. ଆପଣ ପଢ଼ନ୍ତୁ(ମାଥିଉ୨୮:୧୮-୧୯) । ଏହି ପଦ ଅନୁସାରେ ଅଧିକାର ସମସ୍ତ କାହାକୁ ମିଳିଲା ?

୯. ଆପଣ ପଢ଼ନ୍ତୁ (ଏଫିସୀୟ ୧:୧୯) । ପ୍ରଭୁଙ୍କର ମହାନ୍ ଶକ୍ତି କାହା ପାଇଁ ।

**ଏଫିସୀୟ ୧:୧୯ -** *ପୁଣି ବିଶ୍ୱାସୀ ଯେ ଆମ୍ଭେମାନେ, ତାହାଙ୍କ ଶକ୍ତିର କାର୍ଯ୍ୟସାଧକ ପରାକ୍ରମ ଅନୁସାରେ ଆମ୍ଭମାନଙ୍କ ପ୍ରତି ତାହାଙ୍କ ଶକ୍ତିର ଅତ୍ୟଧିକ ମହତ୍ତ୍ୱ କ'ଣ, ଏହିସବୁ ଜାଣିପାର ।*

# ଉତ୍ତର

୧. ଆପଣ ପଢ଼ନ୍ତୁ (ଆଦି ପୁସ୍ତକ ୩:୧) । ଶୟତାନର ଉପସ୍ଥିତି ଓ ଅସ୍ତିତ୍ୱ ଅଛି, କିନ୍ତୁ ତା'ର ପ୍ରକୃତ ବଳ ଆମ୍ଭକୁ ଠକିବା ଓ ପ୍ରତାରଣା ଦେବାରେ ଅଛି । ଏଠାରେ ସର୍ପ (ଶୟତାନ) ହାବାଙ୍କୁ କ'ଣ ପଚାରୁଅଛି ?

*କ'ଣ ସତରେ ଈଶ୍ୱର ଏହା କହିଛନ୍ତି ?*

୨. ଆପଣ ପଢ଼ନ୍ତୁ (ଆଦି ପୁସ୍ତକ ୩:୧) । ଆପଣ କାହିଁକି ଭାବୁଛନ୍ତି ଯେ, ଶୟତାନ ଠକାମିର ସାହାରା ନିଏ ?

*କାରଣ ସେ ଜୋର୍ ଲଗାଇ (ବା) ତା'ର ବଳ ଲଗାଇ ମଧ୍ୟ, ସେମାନଙ୍କ ଅବଜ୍ଞା ହେବା ପାଇଁ କରି ପାରିନଥାନ୍ତା । ତେଣୁ ସେ ସେମାନଙ୍କ ଅଧିକାର ତାହାକୁ ଦେବା ପାଇଁ ଠକାମୀର ସାହାରା ନେଲା ।*

୩. ଆପଣ ପଢ଼ନ୍ତୁ (ଆଦି ପୁସ୍ତକ ୧:୨୬,୨୮) । ମନୁଷ୍ୟଙ୍କୁ କିଏ ଅଧିକାର ଦେଲା ?

*ପରମେଶ୍ୱର ।*

୪. ଆପଣ ପଢ଼ନ୍ତୁ (ଗୀତ ସଂହିତା ୮:୪-୮) । କିପରି ମନୁଷ୍ୟକୁ ପରମେଶ୍ୱର ସୃଷ୍ଟି କଲେ ?

*ଆପଣା ହସ୍ତକୃତ ସକଳ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ଦେଇ ।*

୫. ଆପଣ ପଢ଼ନ୍ତୁ (୨ୟ କରନ୍ଥୀୟ ୪:୪) । ଏଠାରେ କ'ଣ ହେଲା ବୋଲି ଶାସ୍ତ୍ର କୁହେ ?

*ଶୟତାନ ମନୁଷ୍ୟର ଅଧିକାର ନେଲା ଏବଂ ଜଗତର ପ୍ରଭୁ ହେଲା ।*

୬. ଆପଣ ପଢ଼ନ୍ତୁ (ମାଥିଉ ୪:୮-୯) । କ'ଣ ଏହି ଶାସ୍ତ୍ରାଂଶ ବାଦ ଏହି ବିଷୟକୁ ଶକ୍ତ କରେ କି ?

*ହଁ ।*

୭. ଆପଣ ପଢ଼ନ୍ତୁ (ମାଥିଉ ୨୮:୧୮) । ଯୀଶୁଙ୍କ ମୃତ୍ୟୁ ଓ ପୁନରୁତ୍‌ଥାନ ପରେ, ସ୍ୱର୍ଗ ଓ ପୃଥିବୀର ଅଧିକାର ବର୍ତ୍ତମାନ କାହା ଉପରେ ?

*ଯୀଶୁଙ୍କର ଉପରେ ହିଁ ।*

୮. ଆପଣ ପଢ଼ନ୍ତୁ (ମାଥିଉ ୨୮:୧୮-୧୯) । ଏହି ଅଧିକାର ଏହି ଶାସ୍ତ୍ରାଂଶ ଅନୁସାରେ ତା'ପରେ ମିଳିଲା କାହାକୁ ?

*ବିଶ୍ୱାସୀ ମାନଙ୍କୁ ।*

୯. ଆପଣ ପଢ଼ନ୍ତୁ (ଏଫିସୀୟ ୧:୧୯) । ପ୍ରଭୁଙ୍କର ମହାନ ବ୍ୟକ୍ତି କାହାପାଇଁ ?

*ଆମପାଇଁ ଯେଉଁମାନେ ବିଶ୍ୱାସ କରନ୍ତି ତାହାଙ୍କ ଉପରେ ।*

## ପାଠ୍ୟକ୍ରମ ୭

# ସୁସ୍ଥତା ପ୍ରାୟଶ୍ଚିତ ରେ ହିଁ ଅଛି

### *ଲେଖକ - ଆଣ୍ଡ୍ରିଭ ମୋକ୍*

ଯୀଶୁ ଖ୍ରୀଷ୍ଟ ଆମ୍ଭମାନଙ୍କ ପାଇଁ ସୁସ୍ଥତା କିଣି ସାରିଛନ୍ତି । (ମାର୍କ୨)ଏବଂଲୁକ୍ (୫)ରେ, ଯେତେବେଳେ ଯୀଶୁ ଗୋଟିଏ ଘରେ ଶିକ୍ଷା ଦେଉଥିଲେ, ସେଠାରେ ଅତ୍ୟନ୍ତ ଭିଡ଼ ଥିଲା । ଆଉ ସେହି ପକ୍ଷାଘାତ ରୋଗୀକୁ କେତେଜଣ ଲୋକ ଖଟିଆରେ ଆଣି ଭିଡ଼ ହେତୁ ବାଟନ ପାଇବାରୁ ଘରର ଛାତ ଭିତରେ ଦେଇ ଖଟିଆକୁ ଯୀଶୁ ସମ୍ମୁଖରେ ମଧ୍ୟ ସ୍ଥାନରେ ଓହ୍ଲାଇ ଦେଲେ । ଆଉ ଆଶ୍ଚର୍ଯ୍ୟ ଭାବେ ଯୀଶୁ ତାହାକୁ ସୁସ୍ଥ କଲେ । (ମାଥିଉ ୮:୧୪-୧୬) ରେ ଲେଖାଯାଏ, ଯୀଶୁ ସୁସ୍ଥ କଲା ପରେ, ବାଇବେଲ୍ କୁହେ, *"ଯୀଶୁ ପିତରଙ୍କ ଗୃହକୁ ଆସି ତାଙ୍କ ଶାଶୁଙ୍କୁ ଦୂରରେ ଶର୍ଯ୍ୟାବାତା ଥିବା ଦେଖିଲେ । ସେ ସେଥିରେ ତାହାଙ୍କ ହାତ ସ୍ପର୍ଶକଲେ, ଆଉ ତାହାଙ୍କୁ ଜ୍ୱର ଛାଡ଼ିଗଲା, ପୁଣି ସେ ଉଠି ତାହାଙ୍କର ସେବା କରିବାକୁ ଲାଗିଲେ । ସନ୍ଧ୍ୟା ହୁଅନ୍ତେ ଲୋକମାନେ ଅନେକ ଭୂତଗ୍ରସ୍ତ ଲୋକମାନଙ୍କୁ ତାହାଙ୍କ ନିକଟକୁ ଆଣିଲେ ସେଥିରେ ସେ କଥା ମାତ୍ରକେ ଭୂତାଣ୍ଡୁାକ ଛାଡ଼ି ପଳେଇଲେ ଏବଂସମସ୍ତ ପୀଡ଼ିତ ଲୋକଙ୍କୁ ସୁସ୍ଥ କଲେ ।"* ଆଉ ତା'ପରେ ତା ପରବର୍ତ୍ତୀ ପଦ ଏହା ହେବାର କାରଣ ଦର୍ଶାଇ କୁହେ ; *"ଯେପରି ଯିଶାଇୟ । ଭାବବାଦୀଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ ସଫଳ ହୁଏ, ସେ ନିଜେ ଆମ୍ଭମାନଙ୍କ ଦୁର୍ବଳତା ସବୁ ଗ୍ରହଣ କଲେ ଓ ବ୍ୟାଧିସବୁ ବହନ କଲେ ।"* ଏହି ସମୟରେ ଯୀଶୁ ଅନେକ ଲୋକଙ୍କ ସୁସ୍ଥ କରୁଥିଲେ, ଏବଂ ତାହା ବିଶେଷତଃ (ଯିଶୟ ୫୩:୩-୫) ରେ ଲେଖାଥିବା ବିଷୟକୁ ପ୍ରମାଣିତ କରୁଥିଲା: *"ସେ ଅବଜ୍ଞାତ ତ ମନୁଷ୍ୟର ତ୍ୟକ୍ତ;* (ଏହା ଯୀଶୁ ଖ୍ରୀଷ୍ଟ ବିଷୟରେ ଭାବବାଣୀ ଥିଲା); *ପୁଣି ମନୁଷ୍ୟ ମାନେ ଯାହାଠାରୁ ମୁଖ ଆଚ୍ଛାଦନ କରନ୍ତି, ଏପରି ଲୋକ ତୁଲ୍ୟ ସେ ଅବଜ୍ଞାତ ହେଲେ; ଆଉ ଆମ୍ଭେମାନେ ତାହାଙ୍କୁ ମାନ୍ୟ କଲୁ ନାହିଁ ; ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନା ସବୁ ଧାରଣା କରି ଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବହିଅଛନ୍ତି ; ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ । ; ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତ ବିକ୍ଷତ ହେଲେ ଓ ଆମ୍ଭମାନଙ୍କ ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ । "*

ଏହି ସମୟ ଶାସ୍ତ୍ରାଂଶ ଅତ୍ୟନ୍ତ ଶକ୍ତିଯୁକ୍ତ ଅଂଶ ଅଟେ । କିଛି ଲୋକ ଏହାକୁ ଏହିପରି ଭାବେ ନିଅନ୍ତି ଆଉ କୁହନ୍ତି, "ଏହା ଆଧାତ୍ମିକ ଅର୍ଥରେ ବୁଝାଉଅଛି ।" ମୁଁ ଯେଉଁ ଗୀର୍ଜାରେ ବର୍ତିଲି ତାହା ଶାରୀରୀକ ସୁସ୍ଥତା

ଉପରେ ବିଶ୍ୱାସ କରେ ନାହିଁ । ସେମାନେ ଶାସ୍ତ୍ରାଂଶର କୌଣସି ଗୋଟିଏ ଅଂଶ ନିଅନ୍ତି, ଆଉ ତାହାକୁ ଆଧାତ୍ମିକ ଢଙ୍ଗର ଅର୍ଥରେ ଢ଼ାଳି କୁହନ୍ତି - ଆମ୍ଭେମାନେ ମନରେ ଆଘାତ ପ୍ରାପ୍ତ ହୋଇଛି ଏବଂ ଆମେ ଯେତେବେଳେ ଆମ ଜୀବନ ପ୍ରଭୁଙ୍କୁ ସମର୍ପିତ କରିବା, ସେ ଆମକୁ ସୁସ୍ଥ କରିବେ । କିନ୍ତୁ ଯେଉଁ ଶାସ୍ତ୍ରାଂଶର ଅଂଶ ଆମେ ଆରମ୍ଭ କରିଥିଲୁ, ତାହା ସହ ଯଦି, ଏହି ଅଂଶ ମିଶେଇବା ତାହାହେଲେ, ଏହି ଅଂଶର ଉପ ସଂହାର ହୋଇଯାଉଛି । ଏହା ସତ୍ୟ ଯେ ଯୀଶୁ ଆପଣଙ୍କୁ ଆବେଗପୂର୍ଣ୍ଣ ଭାବନାରେ ଆପଣଙ୍କର ସୁସ୍ଥତା ଦେବେ ମାତ୍ର ଏହି ଉପରୋକ୍ତ ଶାସ୍ତ୍ରାଂଶ ଶାରୀରୀକ କ୍ଷେତ୍ରରେ ସୁସ୍ଥତା ବିଷୟରେ କହୁଛି । ଆପଣ ତାହା ଦେଖପାରିବେ କାରଣ (ମାଥିଉ ୮:୧୭) କୁହେ, ଏହି ସୁସ୍ଥତା ମାନ ସବୁ ଯିଶାୟ ଭବିଷ୍ୟତ ବକ୍ତାଙ୍କ ଦ୍ୱାରା ଦେଇଥିବା ଭାବବାଣୀ ଅନୁସ୍ଥାରେ ଘଟୁଛି । ଯାହା କୁହେ, *"ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ / "* ଏହା କୁହେ ସେ ଆମ୍ଭମାନଙ୍କର ଯାତନ ସବୁ ଧାରଣ କରେ ଓ ଆମ୍ଭମାନଙ୍କ ବ୍ୟଥା ସବୁ ସହିଲେ । ଆଉ ଏଠାରେ ଏହା ଶାରୀରୀକ ଅସୁସ୍ଥତା, ଆଘାତ ଏବଂ ଯନ୍ତ୍ରଣା ବିଷୟରେ କହୁଅଛି । ଯୀଶୁ ଲୋକମାନଙ୍କୁ ଶାରୀରୀକ ଭାବରେ ସୁସ୍ଥ କଲେ ସେହି ଶାସ୍ତ୍ରାଂଶର ଲେଖାକୁ ସଂପୁର୍ଣ୍ଣ କରିବା ପାଇଁ ଯେ ତାହାଙ୍କ ପ୍ରହାର ଆମେ ସୁସ୍ଥତା ଲାଭ କଲୁ ।

ପୁଣି ବାଇବେଲ (୧ମ ପିତର ୨:୨୪)ରେ କୁହେ, *"ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନ ଯାପନ କରୁ, ଏଥି ନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ; ତାହାଙ୍କ ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହେଲ / "* ଏହା ଅତୀତ କାଳରେ ଲେଖାଯାଇଛି । ଯୀଶୁ ଆସିଲେ ଏବଂ ସେ ଆସିବାର କାରଣ ହେଲା ଯେ ସେ ଆମର ଭୌତିକ ଶରୀରକୁ ସୁସ୍ଥ କରିବେ । ମୁଁ ଏହି ବିଷୟକୁ ମନା କରୁନି (କି) କମ୍ କରି କହୁନାହିଁ ଯେ, ସେ ଆଗ ପାପ ରୁ ଆମକୁ କ୍ଷମା ଦେବା ପାଇଁ ଆସିଲେ । ତାହା ଗୁରୁତ୍ୱ ପୂର୍ଣ୍ଣ, ଏବଂ ପାପର କ୍ଷମା ଏକ ପ୍ରବେଶ ଦ୍ୱାର ସଦୃଶ, ସମସ୍ତ ଉତ୍ତମ ବିଷୟର ପ୍ରବେଶ, ମାତ୍ର ସେ କେବଳ ଆମ ପାପ କ୍ଷମା କରିବାକୁ ଆସିନଥିଲେ । ଆମ ଶରୀରକୁ ମଧ୍ୟ ସୁସ୍ଥକରିବାକୁ ଆସିଲେ, ଗ୍ରୀକ ଭାଷାରେ 'ପରିତ୍ରାଣ' ଶବ୍ଦଟି ନୂତନ ନିୟମରେ ସୋଜୋ ବୋଲି ବ୍ୟବହୃତ ହୋଇଛି । ମାତ୍ର ଆପଣଯଦି ଦେଖିବେ ତାହା ଅନେକ ଅନ୍ୟାନ୍ୟ ବିଷୟ ଦ୍ୱାରା ସେହି ଶବ୍ଦଟି ଘେରି ରହିଛି । ମାତ୍ର ଯଦି ଆପଣ ଦେଖିବେ ତାହା "ମୁ ସୁତା" ଭାବେ ମଧ୍ୟ ଅନୁବାଦିତ ହୋଇଛି । ଯାକୁବ ୫:୧୪ କୁହେ : *"ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ପୀଡୀତ ? ସେ ମଣ୍ଡଳୀର ପ୍ରାଚୀନ ମାନଙ୍କୁ ଡ଼ାକାଇ; ସେମାନେ ପ୍ରଭୁଙ୍କ ନାମରେ ତୈଳ ମଖାଇ ତାହା ନିମନ୍ତେ ପ୍ରାର୍ଥନା କରନ୍ତୁ /"* ଏହି ଶବ୍ଦ *"ପରିତ୍ରାଣ"* ର ଗ୍ରୀକ ଶବ୍ଦ ସେଜେ, ଏବଂ ଏହା ସେହି ଅସୁସ୍ଥ / ପୀଡୀତ ଲୋକଙ୍କ ବିଷୟର କହୁଛି, ଯେଉଁ ମାନଙ୍କର ଭୌତିକ ଶରୀର ସୁସ୍ଥତା ଲାଭ କଲା । ଏହି ସମାନ ଶବ୍ଦ ନୂତନ ନିୟମରେ ଶହେଥର ଖଣ୍ଡେ ପାପର କ୍ଷମା ସୁସ୍ଥତା ଭାବେ ବ୍ୟବହୃତ ହୋଇଛି ।

ମାଥିଉ ୧୦ ରେ ଯେତେବେଳେ ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ବାହାରକୁ ପଠେଇଲେ, ସେ ଯେଉଁ ଆଜ୍ଞା ସେମାନଙ୍କୁ ଦେଲେ, ତାହା ହେଲା ପୀଡୀତକୁ ସୁସ୍ଥ କରି ମୃତମାନଙ୍କୁ ଉଠାଅ, କୁଷ୍ଠୀମାନଙ୍କୁ ଶୁଚୀ କର, ଭୂତ ଛଡ଼ାଅ ଓ ସୁସମା ର ପ୍ର ର କର । ଆଉ ସେହି ଏକାଥରେ ଏକ ନିଶ୍ୱାସରେ ସେମାନଙ୍କୁ କହିଲେ ସୁସମା ର ପ୍ର ରକର, ପୀଡ଼ୀତମାନଙ୍କୁ ସୁସ୍ଥ କରିବାକୁ, କୁଷ୍ଠୀମାନଙ୍କୁ ଶୁଚୀ କରିବାକୁ ଏବଂ ଭୂତ ମାନଙ୍କୁ

ଛଡ଼େଇବାକୁ। ସୁସ୍ଥତା ହେଉଛି ଯୀଶୁ ଆପଣମାନଙ୍କ ଜୀବନରେ ଆସି ଆପଣଙ୍କ ସମସ୍ତ ପାପର କ୍ଷମା ଦେବା ।

ପ୍ରଭୁ କେବେ ଚାହାନ୍ତି ନାହିଁ ଯେ ଆପଣ କୌଣସି ପ୍ରାକରର ପାପ କରନ୍ତୁ ଆଉ ତାହା ଦେଇ ପ୍ରଭୁ ଆପଣଙ୍କୁ କିଛି ଶିକ୍ଷାଦେବେ । ପ୍ରଭୁ କେବେ ଆପଣା ଅସୁସ୍ଥ ରୁହନ୍ତୁ ବୋଲି ଚାହାନ୍ତି ନାହିଁ । ଆପଣଙ୍କ ଜୀବନରେ ଅସୁସ୍ଥତା ଲେଖକ ପରମେଶ୍ୱର ନୁହନ୍ତି । ଅନେକ ସମୟରେ ଲୋକେ ଏପରି କୁହନ୍ତି, "ଯେ ଏହି ଅସୁସ୍ଥତା ସତରେ ପ୍ରଭୁ ଦେଲେ, କାରଣ ଏହାହିଁ ମୋ ଜୀବନ ପରିବର୍ତ୍ତନ କଲା । " ଏହା ସତ୍ୟ ଯେ ବିପଦ (ବା) ସଂକଟ ଆସିବା ଦ୍ୱାରା ସେହି ପରିସ୍ଥିତିର ସମ୍ମୁଖୀନ କରି ଲୋକେ ପରିବର୍ତ୍ତିତ ହୁଅନ୍ତି, କିନ୍ତୁ ପ୍ରଭୁ କୌଣସି ବିଷୟ ଶିଖେଇବାକୁ ଅସୁସ୍ଥ (ବା) ବିପଦକୁ ଆପଣ ପାଖକୁ ପଠାନ୍ତି ନାହିଁ । ଆପଣ କ'ଣ ଯଦି ବ୍ୟଭିଚାର (କିଅବା) ସମଲିଙ୍ଗି ସମ୍ଭୋଗରେ ରହିବେ, ଆଉ ତା'ପରେ କୌଣସି ରୋଗର ଶିକାର ହେବେ ଆପଣ କ'ମ ସେ ଜୀବନ ଶୈଳୀରେ ରହିବା (କି) ବଞ୍ଚିବା ପାଇଁ ପରମେଶ୍ୱର ଆପଣଙ୍କୁ କହି ନାହାନ୍ତି (କି) ଦେଇ ନାହାଁନ୍ତି । ପାପର ବୀଜ ସେ ଆପଣଙ୍କ ଜୀବନରେ ବୋପନ କରି ନାହାନ୍ତି । କିନ୍ତୁ ହେଲେ ବି ଆପଣ ଶିଖିପାରିବେ । ଆପଣ ଆପଣାର ମସ୍ତକ କାନ୍ଥରେ ମାରି ମଧ ଶିଖି ପାରିବେ ଯେ, ଏହା କରିବା ଠିକ୍ ନୁହେଁ। କିନ୍ତୁ କାନ୍ଥରେ ମୁଣ୍ଡଟା ନମାରି ମଧ ଆପଣ ତାହା ଶିଖି ପାରିବେ । ଆପଣ ବିନା କୌଣସି ଶକ୍ତ ମାଡ଼ ନ ନେଇ ମଧ ଶିଖି ପାରିବେ । ଆପଣଙ୍କୁ ବିନମ୍ର ଓ କୌଣସି ବିଷୟ ଶିଖେଇବା ପାଇଁ ବୋଲି ପ୍ରଭୁ କେବେ ଆପଣଙ୍କୁ ଅସୁସ୍ଥତା ଦିଅନ୍ତି ନାହିଁ । ପ୍ରଭୁ ମୃତ୍ୟୁ ବରଣ କଲେ ଆପଣଙ୍କ ପାଇଁ ଆପଣଙ୍କୁ ଆପଣଙ୍କର ପାପରୁ କ୍ଷମା ଦେବା ପାଇଁ ଏବଂ ଆପଣଙ୍କୁ ସମସ୍ତ ଅସୁସ୍ଥତାରୁ ସୁସ୍ଥତା ଦେବା ପାଇଁ । ସେ ଆପଣଙ୍କ ପାପ ପାଇଁ ଆପଣା ଶରୀରରେ ଆଘାତ ନେଲେ ଏବଂ ତାହାଙ୍କ ପ୍ରହାରରେ ଆପଣ ସୁସ୍ତ ହେଲେ ।

ପରମେଶ୍ୱରଙ୍କର ଆଲୌକିକ ସୁସ୍ଥତା ଆମ ସମସ୍ତଙ୍କ ପାଇଁ ପ୍ରାପ୍ତବ୍ୟ ଏବଂ ତା'ର କ୍ଷତିପୂରଣ ପାଇଁ ହିଁ ଯୀଶୁ ମୃତ୍ୟୁଭୋଗ କଲେ । ଯଦି ଆପଣ ଆପଣଙ୍କର ସୁସ୍ଥତା ପ୍ରାପ୍ତ କରୁ ନାହାନ୍ତି, ସୁସ୍ଥତା ପ୍ରାପ୍ତ କରିବାକୁ ପଡ଼ିବ ବୋଲି ମାନେ ନାହିଁ । ଆପଣ ତାହାଙ୍କୁ ଆପଣା ସମସ୍ତ ହୃଦୟରେ ପ୍ରେମ କରିପାରିବେ । ସୁସ୍ଥତା ହେଲେ କେବେଳ ବୋଲି ବିଶ୍ୱାସ କରି ନୁହେଁ ଏବଂ ତା' ବାଦେ ବି ସ୍ୱର୍ଗ ଯାଇପାରିବେ । ବାସ୍ତବରେ ଆପଣ ଶୀଘ୍ର ଯାଇପାରିବେ କାରଣ ସୁସ୍ଥତାରେ ଲିବା ଆପଣ ଜାଣ ନାଆନ୍ତି । କିନ୍ତୁ ଆପଣ ଜାଣନ୍ତି କି - ଏହା ଆପଣଙ୍କ ପାଇଁ ପ୍ରାପ୍ତବ୍ୟ (ବା) ଆପଣ ପ୍ରାପ୍ତ କରିପାରିବେ । ଆଉ ତାହା ଆପଣ ପ୍ରାପ୍ତ କରିବା ପାଇଁ ବୋଲି ଯୀଶୁ ଗଲେ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ( ମାଥିଉ ୮:୧୬-୧୭) । କେତେ ଲୋକମାନଙ୍କୁ ଯୀଶୁ ସୁସ୍ଥ କଲେ ?

**ମାଥିଉ ୮:୧୬-୧୭ -** *ସନ୍ଧ୍ୟା ହୁଅନ୍ତେ, ଲୋକମାନେ ଅନେକ ଭୂତଗ୍ରସ୍ତ ଲୋକଙ୍କୁ ତାହାଙ୍କ ନିକଟକୁ ଆଣିଲେ, ସେଥିରେ ସେ କଥା ମାତ୍ରକେ ଭୂତ ଗୁଡ଼ାକୁ ଛଡ଼ାଇଲେ ଏବଂ ସମସ୍ତ ପୀଡ଼ୀତ ଲୋକଙ୍କୁ ସୁସ୍ଥ କଲେ । (୧୭) ଯେପରି ଯିଶାଇୟ ଭାବବାଦୀଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ ସଫଳ ହୁଏ, ସେ ନିଜେ ଆମ୍ଭମାନଙ୍କର ଦୁର୍ବଳତା ସବୁ ଗ୍ରହଣ କଲେ ଓ ବ୍ୟାଧିସବୁ ବହନ କଲେ । ?*

୨. ଆପଣ ପଢ଼ନ୍ତୁ (ଯିଶାଇୟ ୫୩:୩-୫) । ଏହି ଶାସ୍ତ୍ରାଂଶର ପଦମାନ କେଉଁ ପ୍ରକାରର ସୁସ୍ଥତା ବିଷୟରେ କହୁଅଛି । ?

**ଯିଶାଇୟ ୫୩:୩-୫ -** *ସେ ଅବଜ୍ଞାତ ଓ ମନୁଷ୍ୟର ତ୍ୟକ୍ତ, ଦୁଃଖୀ ଲୋକ ଓ ଶୋକ ପରିଚିତ, ପୁଣି ମନୁଷ୍ୟମାନେ ଯାହାଠାରୁ ମୁଖ ଆଚ୍ଛାଦନ କରନ୍ତି, ଏପିର ଲୋକ ତୁଲ୍ୟ ସେ ଅବଜ୍ଞାତ ହେଲେ, ଆଉ ଆମ୍ଭେମାନେ ତାହାଙ୍କୁ ମାନ୍ୟ କଲୁ ନାହିଁ । (୪) ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନା ସବୁ ଧାରଣ କରି ଅଛିନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବହି ଅଛନ୍ତି । ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ । (୫) ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତ ବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ ।*

୩. ଆପଣ ପଢ଼ନ୍ତୁ (ମାଥିଉ ୮:୧୭) । ଆମ୍ଭମାନଙ୍କର ବ୍ୟାଧି ସବୁ ଓ ଦୁର୍ବଳତାର କ'ଣ ହେଲା ?

**ମାଥିଉ ୮:୧୭ -** *ଆମର ଦୁର୍ବଳତା ସବୁ ସେ ଗ୍ରହଣ କଲେ ଓ ବ୍ୟାଧି ସବୁ ବହନ କଲେ ।*

୪. ଆପଣ ପଢ଼ନ୍ତୁ (୧ମ ପିତର ୨:୨୪) । ଯୀଶୁ କେଉଁ ଦୁଇଟି ବିଷୟ ଆମ୍ଭମାନଙ୍କ ପାଇଁ କଲେ ବୋଲି ଏହି ଶାସ୍ତ୍ରାଂଶର ପଦ କୁହେ ?

**୧ମ ପିତର ୨:୨୪ -** *ଙ୍କ ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ନ ହୋଇ ଧାର୍ମିକତା ନିମନ୍ତେ ଜୀବନ ଯାପନ କରୁ, ଏଥି ନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ; ତାହାଙ୍କ ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହୋଇଅଛ ।*

୫. ଆପଣ ପଢ଼ନ୍ତୁ (ଯାକୁବ ୫:୧୪-୧୫) । ୧୫ପଦରେ "ପରିତ୍ରାଣ" ଶବ୍ଦଟି ଗ୍ରୀକ ଭାଷାରେ ସୋଜୋ ଭାବେ ଅନୁବାଦିତ ହୋଇଛି ଯାହାର ମାନେ "ସୁରକ୍ଷା, ସୁସ୍ଥତା, ସଂରକ୍ଷିତ, ସଂପୂର୍ଣ୍ଣତା " ତାହା ସେହି

ସମାନ ଶବ୍ଦ ଯାହା ବାଇବେଲ୍ କୁହେ “ପରିତ୍ରାଣ” ଏହି ଉପରୋକ୍ତ ଶାସ୍ତ୍ରାଂଶ ଅନୁସାରେ ଏବଂ ଗ୍ରୀକ୍ ଭାଷାରେ ପରିତ୍ରାଣ ଶବ୍ଦର ସଂଜ୍ଞା କ'ଣ ? ଏଥିରେ କ'ମ ଯୋଗ ହୋଇଛି ?

**ଯାକୁବ ୫:୧୪-୧୫ -** *ତୁମ୍ଭମାନଙ୍କ ମଧ୍ୟରେ କଅଣ କେହି ପୀଡ଼ୀତ ? ସେ ମଣ୍ଡଳୀର ପ୍ରାଚୀନ ମାନଙ୍କୁ ଡ଼କାଉ, ସେମାନେ ପ୍ରଭୁଙ୍କ ନାମରେ ତୈଳ ମିଶାଇ ତାହା ନିମନ୍ତେ ପ୍ରାର୍ଥନା କରନ୍ତୁ । (୧୫) ବିଶ୍ୱାସଯୁକ୍ତ ପ୍ରାର୍ଥନା ସେହି ରୋଗୀକୁ ରକ୍ଷା କରିବ ପୁଣି ପ୍ରଭୁ ତାହାଙ୍କୁ ଉଠାଇବେ; ଆଉ ଯଦି ସେ ପାପ କରିଥାଏ, ତାହହେଲେ ତାହାକୁ କ୍ଷମା ଦିଆଯିବ ।*

୬. ଆପଣ ପଢ଼ନ୍ତୁ (ମାଥିଉ ୧୦:୭) । ଯେତେବେଳେ ଯୀଶୁ ଶିଷ୍ୟମାନଙ୍କୁ ବାହାରକୁ ପ୍ରେରଣ କଲେ, ସେ ସେମାନଙ୍କୁ କ'ଣ କହିବାକୁ କହିଲେ ?

**ମାଥିଉ ୧୦:୭-୮ -** *ପୁଣି ଯାଉ ଯାଉ ସ୍ୱର୍ଗ ରାଜ୍ୟ ସନ୍ନିକଟ ଏହା ଘୋଷଣା କର । (୮) ପୀଡୀତ ମାନଙ୍କୁ ସୁସ୍ଥକର, ମୃତମାନଙ୍କୁ ଉଠଅ, କୁଷ୍ଠୀମାନଙ୍କୁ ନାଶ କର, ଭୂତମାନଙ୍କୁ ଛଡାଅ ତୁମ୍ଭେମାନେ ବିନା ମୂଲ୍ୟରେ ପାଉଅଛ, ବିନା ମୂଲ୍ୟରେ ଦାନ କର ।*

୭. ଆପଣ ପଢ଼ନ୍ତୁ (ମାଥିଉ ୧୦:୮) ଯୀଶୁଙ୍କ ସେମାନଙ୍କୁ କ'ଣ କରିବାକୁ କହିଲେ ?

୮. ଆପଣ ପଢ଼ନ୍ତୁ(ମାର୍କ ୧୬:୧୫-୧୮) । ଯୀଶୁ ଶିଷ୍ୟମାନଙ୍କୁ କ'ଣ କରିବାକୁ କହିଲେ ?

**ମାର୍କ ୧୬:୧୫-୧୮ -** *ପୁଣି, ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ସମୁଦାୟ ଜଗତକୁ ଯାଇ ସମସ୍ତ ମାନବଜାତି ନିକଟରେ ସୁସମା ର ଘୋଷଣାକର । (୧୬) ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପ ରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ । (୧୭) ଆଉ ବିଶ୍ୱାସୀ ମାନଙ୍କର ଏହିସବୁ ଚିହ୍ନ ଅନୁବର୍ତ୍ତୀ ହେବ, ସେମାନେ ମୋ ନାମରେ ଭୂତ ଛଡ଼ାଇବେ ନୂତନ ନୂତନ ଭାଷାରେ କଥା କହିବେ । (୧୮) ହସ୍ତରେ ସର୍ପ ଧରିବେ, ପୁଣି ପ୍ରାଣ ନାମକ କୌଣସି ପଦାର୍ଥ ପାନ କଲେ ସେମାନଙ୍କର କିଛି କ୍ଷତି ହେବ ନାହିଁ । ସେମାନେ ପୀଡ଼ୀତ ମାନଙ୍କ ଉପରେ ହସ୍ତ ଥୋଇଲେ ସେମାନେ ସୁସ୍ଥ ହେବେ ।*

୯. ଆପଣ ପଢ଼ନ୍ତୁ (ମାର୍କ ୧୬:୧୬) । ଯେଉଁମାନେ ସୁସମାଚ୍ଚର ବିଶ୍ୱାସ କରିବେ ସେମାନେ କ'ଣ କରିବେ ?

୧୦. ଆପଣ ପଢ଼ନ୍ତୁ (ମାର୍କ ୧୬:୧୭) । କେଉଁ ସବୁ ଚିହ୍ନ ବିଶ୍ୱାସୀ ମାନଙ୍କର ଅର୍ନ୍ନୁବର୍ତ୍ତୀ ହେବ ?

୧୧. ଆପଣ ପଢ଼ନ୍ତୁ (ମାର୍କ ୧୬:୧୮) । ଆଉ କେଉଁ ସବୁ ଅନ୍ୟାନ୍ୟ ଚିହ୍ନ ବିଶ୍ୱାସୀମାନଙ୍କର ଅନୁବର୍ତ୍ତୀ ହେବ ?

## ଉତ୍ତର

୧. ଆପଣ ପଢ଼ନ୍ତୁ (ମାଥିଉ ୨୮:୧୬-୧୭) । କେତେ ଲୋକଙ୍କୁ ଯୀଶୁ ସୁସ୍ଥ କଲେ ?

*ଯେତେ ଲୋକ ତାହାଙ୍କ ପାଖକୁ ଆସିଲେ ?*

୨. ଆପଣ ପଢ଼ନ୍ତୁ (ଯିଶାଇୟ ୫୩:୩-୫) । ଏହି ଶାସ୍ତ୍ରାଂଶ କେଉଁ ପ୍ରକାରର ସୁସ୍ଥତା ବିଷୟରେ କହୁଛି ?

*ସମସ୍ତ ପ୍ରକାରର ସୁସ୍ଥତା (ଶାରୀରୀକକୁ ନେଇ)*

୩. ଆପଣ ପଢ଼ନ୍ତୁ (ମାଥିଉ ୮:୧୭) । ଆମ୍ଭମାନଙ୍କର ବ୍ୟାଧି ଓ ଦୁର୍ବଳତା ସବୁକୁ କ'ଣ କଲେ ?

*ଯୀଶୁ ବହନ କଲେ ।*

୪. ଆପଣ ପଢ଼ନ୍ତୁ (୧ମ ପିତର ୨:୨୪) । କେଉଁ ଦୁଇଟି ବିଷୟ ଯୀଶୁ କଲେ ବୋଲି ଏହି ଶାସ୍ତ୍ରାଂଶର ପଦ କୁହେ ?

*ଆମ୍ଭମାନଙ୍କର ପାପ ନିଜ ଶରୀରରେ କ୍ରୁସ ଭାଷରେ ବହନ କଲେ ଓ ତାହାଙ୍କ ସହଚରେ ଆମ୍ଭମାନଙ୍କୁ ସୁସ୍ଥ କରେଇଲେ ।*

୫. ଆପଣ ପଢ଼ନ୍ତୁ (ଯାକୁବ ୫:୧୪-୧୫) । ଏଠାରେ "ପରିତ୍ରାଣ" ଶବ୍ଦ ୧୫ ପଦରେ ଗ୍ରୀକ୍ ଭାଷାରେ ସୋଜୋ ଭାବେ ଅନୁବାଦିତ ହୋଇଛି ଯାହାକି "ସୁରକ୍ଷା, ସୁସ୍ଥତା, ସଂରକ୍ଷିତ, ସଂପୂର୍ଣ୍ଣତା"କୁ ବୁଝାଏ । ଏହା ସେହି ସମାନ ଶବ୍ଦ ଯାହା ବାଇବେଲ୍‌ରେ ପରିତ୍ରାଣ ରୂପେ ଲେଖା ଯାଇଛି । ଏହି ଶାସ୍ତ୍ରାଂଶ ଅନୁସାରେ ଓ ଗ୍ରୀକ୍ ଭାଷାରେ ପରିତ୍ରାଣର ସଂଜ୍ଞାନୁସାରେ ଏଠାରେ କ'ଣ ଯୋଗଦେଇଛି ?

*ସୁସ୍ଥତା*

୬. ଆପଣ ପଢ଼ନ୍ତୁ (ମାଥିଉ ୧୦:୭) । ଯେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ପ୍ରେରଣ କଲେ, ସେ ସେମାନଙ୍କୁ କ'ଣ କହିବାକୁ କହିଲେ ?

*ସ୍ୱର୍ଗରାଜ୍ୟ ସନ୍ନିକଟ ।*

୭. ଆପଣ ପଢ଼ନ୍ତୁ (ମାଥିଉ୧୦:୮) । ଯୀଶୁ ସେମାନଙ୍କୁ କ'ଣ କରିବାକୁ କହିଲେ ?

*ପୀଢ଼ୀତ ମାନଙ୍କୁ ସୁସ୍ଥ, ମୃତ ମାନଙ୍କୁ ଉଠେଇବାକୁ ଏବଂ ଭୂତ ଛଡ଼େଇବାକୁ ।*

୮. ଆପଣ ପଢ଼ନ୍ତୁ (ମାର୍କ ୧୬:୧୫) ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ କ'ଣ କରିବାକୁ କହିଲେ ?

***ସମୁଦାୟ ଜଗତକୁ ଯାଇ ସମସ୍ତ ମାନବ ଜାତି ନିକଟରେ ସୁସମାଚାର ଘୋଷଣା କରିବାକୁ କହିଲେ ।***

୯. ଆପଣ ପଢ଼ନ୍ତ (ମାର୍କ ୧୬:୧୬) । ଯେଉଁମାନେ ସୁସମାଚାର ଗ୍ରହଣ କଲେ ସେମାନଙ୍କର କ'ଣ ହେବ ?

***ସେମାନେ ବିଶ୍ୱାସ କରିବେ ଓ ବାପ୍ତିଜିତ ହେବେ ।***

୧୦. ଆପଣ ପଢ଼ନ୍ତୁ (ମାର୍କ ୧୬:୧୭) । ବିଶ୍ୱାସୀ ମାନେ କେଉଁ ଚିହ୍ନର ଅନୁବର୍ତ୍ତୀ ହେବେ ?

***ସେମାନେ ଭୂତ ଛଡ଼େଇବେ ଓ ନୂତନ ନୂତନ ଭାଷାରେ କଥା କହିବେ ।***

୧୧. ଆପଣ ପଢ଼ନ୍ତୁ (ମାର୍କ ୧୬:୧୮) । କେଉଁ ଚିହ୍ନ ବିଶ୍ୱାସୀଙ୍କର ଅନୁବର୍ତ୍ତନ ହେବେ ?

***ସେମାନେ ପୀଡ଼ୀତ ମାନଙ୍କ ଉପରେ ହସ୍ତ ଥୋଇଲେ, ସେମାନେ ସୁସ୍ଥ ହେବେ ।***

## ପାଠ୍ୟକ୍ରମ ୮

# ସୁସ୍ଥତା ପ୍ରାପ୍ତରେ ପ୍ରତିବନ୍ଧକ

### *ଲେଖକ - ଆନ୍ଦଉ ଓମାକ୍*

ପୂର୍ବ ପାଠ୍ୟକ୍ରମରେ, ମୁଁ ଆପଣ ମାନଙ୍କୁ କହିଲି ଯେ ଆମେ ସୁସ୍ଥ ରହିବା ହେଉଛି ଈଶ୍ୱରଙ୍କ ଇଚ୍ଛା ଏବଂ ଏହି ସୁସ୍ଥତା ପ୍ରାୟଶ୍ଚିତର ଏକ ଅଂଶ । ଆହୁରି ଅଧିକ କୁହାଯାଇପାରେ, କାରଣ ଯଦିବା ଆପଣ ଏହାଙ୍କୁ ଗ୍ରହଣ କରୁଛନ୍ତି ଏବଂ ଏହା ବିଷୟରେ ଶାସ୍ତ୍ରାଂଶରେ ଦେଖିଛନ୍ତି, ଏହା ଅନେକ ପ୍ରଶ୍ନ ଆମ ସମ୍ମୁଖରେ ଉଠାଏ ଯେପରିକି, "ଯଦି ଏହା ଈଶ୍ୱରଙ୍କ ଇଚ୍ଛା ଯେ ଆମ୍ଭେ ସୁସ୍ଥରହୁ, ତେବେ ସମସ୍ତେ କାହିଁକି ସୁସ୍ଥତା ଲାଭ କରୁନାହାନ୍ତି ?" ତାହାର ଅନେକ କରାଣ ଅଛି, ଏବଂ ମୁଁ ଯାହା ଜାଣିଛି ମୁଁ କେବଳ କହିବି । ଏହିପରି ଅନେକ ସୂଚନା ଏହି ବିଷୟ ଉପରେ ଅଛି , କିନ୍ତୁ ତାହା ଏଠାରେ ଆପଣଙ୍କୁ ଜଣେଇବାରେ ସମର୍ଥ ନୁହେଁ, କିନ୍ତୁ ଯଦି ଏହା ଈଶ୍ୱରଙ୍କ ଇଚ୍ଛା ଯେ ସୁସ୍ଥତା ରହିବା/ ଲାଭ କରିବା, ତେବେ ଲୋକମାନେ ଯେଉଁମାନେ ସୁସ୍ଥତା ଲାଭ କରିପାରୁନାହାନ୍ତି, ତାହାର ବିଷୟରେ କିଛି କହିବି । ସେହି କାରଣ ମାନଙ୍କ ମଧ୍ୟରୁ ଗୋଟିଏ ହେଲା ଅଜ୍ଞତା । ଆପଣ ଯେଉଁ ବିଷୟ ଜାଣିନାହାନ୍ତି (କି) ବୁଝି ନାହାନ୍ତି ତାହା ଆପଣକାର୍ଯ୍ୟରେ ଲଗେଇ ପାରିବେ ନାହିଁ । ଏବଂ ମୋର ଜିନ ଜାବନରେ ମଧ ତାହା ନିଶ୍ଚିତରୂପେ ସତ୍ୟ ହୋଇଛି ।

ଊଁ ଏହିପରି ଭାବେ ଶିକ୍ଷା (ବା)ତାଲିମ ପାଇଥିଲି ମୁଁ ଜାଣିଥିଲି ଯେ ପ୍ରଭୁଙ୍କ ଇଚ୍ଛା ଆପେ ଆପେ ଆମ ଜାବନରେ ହଏ, ତା'ଉପରେ ମୋର କୌଣସି ଅଧିକାର, ଶକ୍ତି (କି) ସେହିପରି କହିପାରିବ ନାହିଁ । ତେଣୁ ସେହି ଅଜ୍ଞତା ଯୋଗୁଁ ମୋଜୀବନରେ ଅନେକ କିଛି ବିଷୟ ହୋଇଗଲା । ମୁଁ ଯେ ତେବେଳେ ୧୨ ବର୍ଷ ବୟସର ଥିଲି ମୋ ବାପାଙ୍କର ମୃତ୍ୟୁ ଘଟିଲା ଏବଂ ଆହୁରି ମଧ ଦୁଇ/ତିନ ଲୋକ ମୋର ଉପସ୍ଥିତିରେ ମୋର ଏକୋଇଶି ବର୍ଷ ମଧରେ ସେମାନଙ୍କ ମଧ ମୃତ୍ୟୁ ଘଟିଲା । ମୁଁ ସେମାନଙ୍କ ପାଇଁ ପ୍ରଦାନ କରୁଥିଲି, ସେମାନଙ୍କ ସୁସ୍ଥତା ପାଇଁ, କିନ୍ତୁ ମୁଁ ସୁସ୍ଥତା ଦେଖି ପାରିଲି ନାହିଁ, କାରଣ ଏହା ନୁହେଁ ଯେ, ପ୍ରଭୁଙ୍କ ଇଚ୍ଛା ନଥିଲା । ସୁସ୍ଥତା ସେହି ଲୋକମାନଙ୍କୁ ଦେବା ପାଇଁ, କିନ୍ତୁ ମୋ ଆଡ଼ରୁ ହିଁ ଅଜ୍ଞତା ଥିଲା । ସେହି ସୁସ୍ଥତା ବିଷୟ ନେଇ । ଅଜ୍ଞତା କୌଣସି ବିଷୟ ନ ହୋବାର କାରଣ ହୋଇପାରେ ମାତ୍ର ତାହା ବାହାନା ନୁହେଁ । ତାହା ଏହିପରି ଯେ ଜଣେ ଲୋକ ମାଧକର୍ଷଣ ଶକ୍ତି ପାଇଁ କହିପାରେ, "ମୁଁ ଜାଣି ପାରିଲିନି ଯେ ମୁଁ ଯଦି ଦଶ ମହଲା ଘରକୁ ରିବି ତାହା ସମତେ ଗରିବା । " ସେହି ନିୟମଟି (ମାଧକର୍ଷଣ) ଫଳାଫଳ ପରେ ହିଁ ଆପଣ ବୁଝିପାରିବେ; ସେହିପରି ନୁହେଁ । ଲୋକମାନେ ଈଶ୍ୱରଙ୍କ ନିୟମ ବିଷୟରେ ଅଜ୍ଞ ଅଟନ୍ତି । ପ୍ରଭୁଙ୍କ ସୁସ୍ଥତା କିଭଳି କାର୍ଯ୍ୟକରେ ସେମାନେ ଜାଣନ୍ତି ନାହିଁ । ତେଣୁ ଅଜ୍ଞତା ହିଁ ଅନେକ ଲୋକଙ୍କୁ

ଅନ୍ୟ ବିଷୟ ଯାହା ଆମକୁ ସୁସ୍ଥତା ପ୍ରାପ୍ତିରେ ପ୍ରତିବନ୍ଧକ ହୋଇପାରେ ତାହା ହେଲା ଆମର ପାପ ! ଏହିପରି ଯେତେବେଳେ ଲୋକମାନଙ୍କୁ କୁହାଯାଏ, ସେମାନେ ମନ ଦୁଃଖ କରନ୍ତି, କାରଣ ସେମାନେ ବୁଝନ୍ତି ସମସ୍ତ ଅସୁସ୍ଥତା ସେହି ପାଦର ଫଳ, ଆଶା ନିଜର ଯାହାକି – ସତ୍ୟ ନୁହେଁ । ମୁଁ କିନ୍ତୁ ତାହା କହୁ ନାହିଁ । (ଯୋଗାନ ୯)ରେ ଗୋଟିଏ ଦୃଷ୍ଟନ୍ତ ଅଛି, ଯେଉଁଥିରେ ଯୀଶୁ ମନ୍ଦିରରୁ ବାହାରକୁ ଆସିଲେ ଆଉ ସେହି ସମୟରେ ତାହାଙ୍କ ଶିଷ୍ୟମାନେ ଜଣେ ଲୋକଙ୍କ ଯିଏକି ଜନ୍ମରୁ ଅନ୍ଧ ଥିଲା ତାହାକୁ ଦେଖେଇଲେ । (ଯୋହନ ୯:୨) ରେ ତାହାଙ୍କ ଶିଷ୍ୟମାନେ କହୁଛନ୍ତି, *"ହେ ଗୁରୁ , କିଏ ପାପ କରିବାରୁ ଏ ଅନ୍ଧ ହୋଇଜନ୍ମ ହେଲା ? ନିଜେ ନା ଏହାର ବାପ ମା ? "*ଅନ୍ୟ ଭାଷାରେ କହିବାକୁ ଗଲେ ସେମାନେ ସେହି ବ୍ୟକ୍ତିର ଅସୁସ୍ଥତାକୁ ତା'ର ପାପ ସହ ସଂଯୁକ୍ତ କରିବାକୁ ଚେଷ୍ଟା କରୁଥିଲେ । ଏବଂ ମଧ ଏହା ପ ରି ଯେ, ଏହିପରି ତା' ନିଜ ଯୋଗୁଁ ହେଲା ନା, ତା ବାପା-ମା ପପ କରିବାରୁ ହେଲା । ଯୀଶୁ ଏଥିରେ ଉତ୍ତର ଦେଲେ ସେମାନଙ୍କ ମଧ୍ୟରୁ କାହାର ଯୋଗୁଁ ମଧନୁହେଁ, ତାହା ତାହାକୁ ଅନ୍ଧ କରେଇଲା । ଏହା କହିବା ଅସତ୍ୟ ଯେ, ସମସ୍ତ ଅସୁସ୍ଥତା ପାପ ଯୋଗୁଁ ଆସେ, କିନ୍ତୁ ଏହା ମଧ କୁହେଁ ଯେ ପାପା ତା'ର କାରଣ ନାହିଁ ବୋଲି ।

(ଯୋହନ -୫) ରେ ଗୋଟିଏ ଦୃଷ୍ଟାନ୍ତ ଅଛି, ଯେଉଁଠାରେ ଯୀଶୁ ଯିରୁଶାଲମ୍‌ର ଏକ ଶେଷ ଦ୍ୱାର ଯେଉଁଠାରେ ଗୋଟିଏ ପୁଷ୍କରଣୀ ଥିଲା । (ଏବ୍ରି ଭାଷାରେ ତାହାକୁ ବେଥେସବା) ବୋଲି କହନ୍ତି । ଏବଂ ଯୀଶୁ ସେଠାରେ ଗୋଟିଏ ବ୍ୟକ୍ତିକୁ ଆଲୌକିକ ଭାବେ ସୁସ୍ଥକଲେ । ଏଠାରେ ଅନେକ ଲୋକମାନେ ଥିଲେ; ଏବଂ କେବଳ ଜଣେ ବ୍ୟକ୍ତି ହିଁ ସୁସ୍ଥ ହେଲେ । ପରବର୍ତ୍ତିନ ସମୟରେ ସେହି ଅଧ୍ୟାୟ ଏହା ଦେଖାଉଛି ଯେ, ଯେଉଁ ଲୋକଟି ସୁସ୍ଥ ହେଲା, ତାହାକୁ କିଏ ସୁସ୍ଥ କଲା । ଯେତେବେଳେ ଯିହୂଦି ମାନେ ୧୨ ପଦରେ ତାହାକୁ ପଚାରୁଛନ୍ତି, *"ସେମାନେ ତାକୁ ପ ରିଲେ, ତୁମ୍ଭର ଖଟିା ଘେନି ଚାଲି ବୋଲି ଯେ ତୁମ୍ଭକୁ କହିଲା, ସେ ଲୋକ କିଏ ?"* ପଦ ୧୩-୧୪ ଏହିପରି କୁହେ, *"କିନ୍ତୁ ସେ କିଏ, ତାହା ସେହି ସୁସ୍ଥ ହୋଇଥିବା ଲୋକ ଜାଣି ନଥିଲା, କାରଣ ସେ ସ୍ଥାନରେ ବହୁତ ଲୋକ ଥିବାରୁ ଯୀଶୁ ଅଗୋଚରରେ ଲିଯାଇଥିଲେ । (୧୪) ଏହାପରେ ଯୀଶୁ ମନ୍ଦିରରେ ତାହାର ଦେଖା ପାଇ ତାକୁ କହିଲେ, ଦେଖ, ତୁମ୍ଭେ ସୁସ୍ତ ହୋଇଅଛ, ଆଉ ପାପ କର ନାହିଁ, ଯେପରି ତୁମ୍ଭ ପ୍ରତି ଅଧିକ ଦୁର୍ଦ୍ଦଶା ନ ଘଟେ । "* ଏଠାରେ ଯୀଶୁ କହିଲେ ପାପ ପକ୍ଷାଗାତ ଠାରୁ ମଧ ଅଧିକ କିଛି ସୃଷ୍ଟି କରାଏ । ସେ ଏଠାରେ ପାପର ପରିଣାମ ଅସୁସ୍ଥତା ସହ ମଧ ସଂଯୁକ୍ତ କରୁଛନ୍ତି । ସେ ମଧ ଯୋହନ-୯ରେ କହିଲେ, ଏହା କାହାର ପାପ ଯୋଗୁଁ ନୁହେଁ, ଯେ ଏହି ଲୋକଟି ଅନ୍ଧ ହୋଇ ଜନ୍ମ ଦେଲା ।

କିଛି ବିଷୟ ସ୍ୱଭାବତଃ ହୋଇଯାଏ, କିନ୍ତୁ କିଛି ସମୟରେ ଏହି ଅସୁସ୍ଥତା ରୋଗ, ଓ ସମସ୍ୟା ସବୁ ପାପର ପରିଣାମ ଅଟେ । ସେହି କ୍ଷେତ୍ରରେ, ଏପରି ନୁହଁ ଯେ ଈଶ୍ୱର ତାହା ଆମ୍ଭମାନଙ୍କ ପ୍ରତି କରାଉଅଛନ୍ତି । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଯେକି ସମଲିଙ୍ଗୀ ଯୌନ ସଂପର୍କରେ ତା' ଜୀବନରେ ରହୁଛି, ଯାହାକି ପ୍ରକୃତିର ଏକ ବିକୃତି ସ୍ୱରୂପ ଅଟେ । ମନୁଷ୍ୟ ଶରୀର ସେହିପରି ବଞ୍ଚିବା ନିମନ୍ତେ ହୋଇନାହିଁ । ଯୌନଗତ ରୋଗ ସେହି ପ୍ରକାରର ଜାବନଶୈଳୀ ଯୋଗୁଁ ଆସେ । ଆଉ ଈଶ୍ୱର ଏହି ସମସ୍ତ ରୋଗର ଲେଖକ ନୁହନ୍ତି । ଏହା ପ୍ରକୃତି ବିଷୟତ ଓ ବିଦ୍ରୋହ କରିବା ସମ । କାରଣ ସେହିଭଳି ବଞ୍ଚିବା ପାଇଁ ଆମେ ସୃଷ୍ଟ ନୁହେଁ । ଯେପରିକି, ଆପଣ ବାହାରକୁ ଯାଇ ବାହାର ଭୁଲା ଖାଦ୍ୟ ଯଦି ଖାଆନ୍ତି, ତେବେ ଆପଣ ଶରୀର, ପାଇଁ ତାହା ଠିକ୍ ନୁହେଁ

ବୋଲି, ନିଜେ ଶରୀର ହିଁ ଦେଖାଏ । ଏଠାରେ କିଛି ପ୍ରାକୃତିକ ନିୟମ, ପ୍ରାକୃତିକ କାରଣ ମାନ ରହିଛି । ତେଣୁ ପାପ ସୁସ୍ଥତା ନ ଆସିବାର ଗୋଟିଏ କାରଣ ହୋଇପାରେ ।

ଆପଣ ଯଦି ଜାଣୁଛନ୍ତି, ଆପଣଙ୍କ ଜୀବନରେ ଏହିପରି କିଛି ପାପ ଅଛି ଯାହା ଆପଣ କରୁଛନ୍ତି/ କରିଛନ୍ତି ଏବଂ ବିଶ୍ୱାସ କରୁଛନ୍ତି ପ୍ରଭୁଙ୍କ ଉପରେ ଯେ ସେ ଆପଣଙ୍କୁ ସୁସ୍ଥତା ଦେବେ, ତେବେ ଆପଣ ସେ ପାପ କରିବାରୁ ନିବୃତ ହୁଅନ୍ତୁ, କାରଣ ସେହି ପାପରେ ଲିପ୍ତ ରହି ଆପଣ ଶୟତାନକୁ ଆପଣଙ୍କ ଜୀବନରେ ଇଶ୍ୱର କରିବାକୁ ଥିବା କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । (ରୋମୀୟ ୬:୧୬)କୁହେ, *"ଯାହା ନିକଟରେ ତୁମ୍ଭେମାନେ ଆଜ୍ଞାବହ ହେବା ନିମନ୍ତେ ଆପଣା ଆପଣାକୁ ଦାସ ରୂପେ ସମର୍ପଣରେ ଯାହାର ଆଜ୍ଞା ପାଳନ କର ତାହାର ତୁମ୍ଭେମାନେ ଦାସ ଅଟ ଏବଂ ତୁମ୍ଭେମାନେ ଜାଣ ନାହିଁ କି ?"*ତା' ମାନେ ଏହା କହୁନାହିଁ ଯେ, ଶୟତାନର ଆପଣ ଦାସର ଅର୍ଥ ହେଲା, ଆପଣ ଆପଣଙ୍କର ପରିତ୍ରାଣ ହରେଇବେ ଓ ନରକକୁ ଯିବେ, କିନ୍ତୁ ତାହାର ଅର୍ଥ ହେଲା, ଆପଣ ଖ୍ରୀଷ୍ଟିୟାନ ହୁଅନ୍ତୁ (କି) ନ ହୁଅନ୍ତୁ-ଆପଣ ଯଦି ପାପାରେ ପଡି ରହିଛନ୍ତି-ଆପଣ ଶୟତାନ ପାଇଁ ଆପଣଙ୍କ ଜୀବନରେ ରାସ୍ତା ଖୋଲି ଦେଉଛନ୍ତି । (ଯୋହନ ୧୦-୧୦) କୁହେ-ଚ ର କେବଳ ଚ ରି, ବଧ ଓ ବିନାଶ କରିବା ନିମନ୍ତେ ଆସେ, କିନ୍ତୁ ଯୀଶୁ ଆସିଲେ ଯେପରି ଆପଣ ଜୀବନ ପାଆନ୍ତି ଓ ପ୍ରଚୁର ଭବେ ପାଆନ୍ତି । ତେଣୁ ଆପଣ ଆପଣଙ୍କ ଜୀବନରେ ଯୀଶୁଙ୍କୁ ପାଇଛନ୍ତି, ଯେ ଆପଣଙ୍କୁ ଜୀବନ, ଭଲ ସ୍ୱାସ୍ଥ୍ୟ ଓ ସୁସ୍ଥତା ଦିଅନ୍ତି କିନ୍ତୁ ଶୟତାନ ମଧ ଆପଣଙ୍କ ଜୀବନରେ ଅଛି ଯିଏ ସବୁବେଳେ ଆପଣଙ୍କୁ ରୋଗ, ବ୍ୟାଧିରେ ଦେଖିବାକୁ ହେଁ । ଯଦି ପାପ ଦ୍ୱାରା ଆପଣ ଶୟତାନର ବଶବର୍ତ୍ତୀ ହୁଅନ୍ତି ତେବେ ଆପଣ ତାହାକୁ ଶକ୍ତି ହେଉଛନ୍ତି ଏବଂ ଆପଣଙ୍କ ଜୀବନରେ ପ୍ରବେଶ କରିବା ପାଇଁ ସୁଯୋଗ ଅନୁମତି ହେଉଛନ୍ତି । ଆପଣ ଇଶ୍ୱରଙ୍କୁ ପ୍ରାର୍ଥନା କରି, ଆପଣ ସୁସ୍ତତା ଚାହୁଁଛନ୍ତି ତାହା ଆପଣ ପାଇ ପାରିବେ, କିନ୍ତୁ ଆପଣଙ୍କ କର୍ମ ଶୟତାନକୁ ନିମନ୍ତ୍ରଣ କରୁଛି ଏବଂ ତାହା ହିଁ ଅସୁସ୍ତତା ଆପଣଙ୍କ ଜୀବନରେ ଆଣୁଛି । ତେଣୁ ଯଦି ଆପଣ ପାପରେ ଅଛନ୍ତି, ତେବେ ସେଥିରୁ ଆପଣଙ୍କୁ ନିବୃତ୍ତ ହେବାକୁ ପଡ଼ିବ ।

ମୁଁ କହିବାକୁ ଚାହେଁ ଏଠାରେ ଆପଣ ଏତେ ଅତ୍ମବିଶ୍ୱାସୀ ହୋଇ ପାରନ୍ତି ଯେ, ଆପଣ କହିବେ, ମୁଁ ସର୍ବଦା ଯାହା ହୋଇ ପାରିବି, ତାଠାରୁ ଟିକିଏ କମ୍" ଏବଂ ଯଦିବା ଆପଣ ବିଶ୍ୱାସ କରନ୍ତି ଯେ ଇଶ୍ୱର ଆପଣଙ୍କୁ ସୁସ୍ଥ କରିବେ, କିନ୍ତୁ ଆପଣ ଏହା ବି ବିଶ୍ୱାସ କରନ୍ତି ଯେ, ଆପଣ ତାହା ପାଇବାର ଯୋଗ୍ୟ ନୁହଁନ୍ତି। କିନ୍ତୁ ଏହା ଭାବିବା ନିଶ୍ଚିତ ଭାବେ ଭୁଲ ଅଟେ । ଆମ ମଧରୁ କେହି ବି ଆମ୍ଭେମାନେ ସୁସ୍ଥତା ଏଇଥିପାଇଁ ପ୍ରାପ୍ତ କରୁନାହିଁ ଯେ, ଆମେ ତାହା ପାଇବାର ଯୋଗ୍ୟ ବୋଲି । ପରମେଶ୍ୱର ତା ପାଇଁ ଏଯାଏଁ କିଛି ଶିକ୍ଷାଗତ ଯୋଗ୍ୟତା ରଖି ନାହାନ୍ତି । ତେଣୁ ଆପଣ ଭାବିନ୍ତୁ ନାହିଁ ଯେ, ପରମେଶ୍ୱର ଆପଣଙ୍କ କାର୍ଯ୍ୟ ପ୍ରଦର୍ଶନ ଓ ପବିତ୍ରତା ଦେଖି ଆପଣଙ୍କ ଜୀବନରେ କାର୍ଯ୍ୟ କରନ୍ତି ବୋଲି । ମାତ୍ର ଯୀଶୁ ଆପଣଙ୍କ ପାଇଁ ଯାହା କେଲ ଏହା ତା'ହା ଉପରେ ପର୍ଯ୍ୟ ବେଶିତ ଏବଂ ତାହାଙ୍କ ଉପରେ ଥିବା ଆପଣଙ୍କ ବିଶ୍ୱାସ କିନ୍ତୁ, ସେହି ଏକା ସମୟରେ ଆପଣ ଆପଣଙ୍କ କାର୍ଯ୍ୟକଳାପକୁ ଆପଣ ଅବହେଳା କରିପାରିବେ ନାହିଁ ଏବଂ ଶୟତାନକୁ କୌଣସି ବିଷୟ ଆପଣଙ୍କ ଜୀବନରେ ଉପୁଜେଇବାକୁ ଦେବେ ନାହିଁ ଯାହାକି ପ୍ରତିବନ୍ଧକ ସାଧିବ । ଆପଣ ଦେଖିବେ ଏହି ସୁସ୍ଥତାର କାର୍ଯ୍ୟ ଅତି ସହଜ ହେବ, ଅଦି ଉତ୍ତମ ରୂପେ କାର୍ଯ୍ୟ କରିବ ଯେତେବେଳେ ଆପଣ ପାପର ଅନୁତାପ କରିବେ ଏବଂ ସେହି ସମସ୍ତ ବିଷୟରୁ ନିବୃତ୍ତ ହେବେ, ଯେଉଁଥି ପାଇଁ ଶୟତାନ ଆପଣଙ୍କ ଜୀବନରେ ପ୍ରବେଶ କରିପାରିଥା'ନ୍ତି ।

ଆଉ ଗୋଟିଏ ବିଷୟ ଯାହାକି ସୁସ୍ଥତା ଆଣିନପାରିବାରେ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ, ତାହା ହେଲା, ଲୋକମାନେ ଯେଉଁ ଅବିଶ୍ୱାସତା ଓ ନକରାତ୍ମକ କଥା କୁହନ୍ତି ତାହା ନିଜ ଉପରେ ପ୍ରଭାବ ପକାଇବାକୁ ଦେବା । ଏହାର ସବୁଠାରୁ ଉତ୍ତମ ଉଦାହରଣ ହେଲା :- (ମାର୍କ-୬) । ଯେଉଁଠାରେ କି ଯୀଶୁ ନିଜ ସହରରେ ଥିଲେ ଏବଂ ସେହି ଲୋକମାନେ ଯୀଶୁଙ୍କୁ ସମ୍ମାନ କଲେ ନହିଁ, କାରଣ ସେମାନେ ଯୀଶୁଙ୍କୁ ଛୋଟ ବାଳକ/ପିଲା ହିସାବରେ ହିଁ ମନେ ପକାଉଥିଲେ । ସେମାନେ ଯୀଶୁଙ୍କ ବାପା, ମା, ଭାଇ ଓ ଭଉଣୀକୁ ଜାଣିଥିଲେ ଏବଂ ତାହାଙ୍କୁ ସମ୍ମାନ ଦେଲେ ନାହିଁ । ଭାବିଲେ ଏ ସେହି ଛୋଟ ବାଳକ ମାତ୍ର । ଆୁ ସେମାନେ ତାହାକୁ ସମାଲୋଚନା କଲେ ଓ ବିରୋଧୀ ହେଲେ । (ମାର୍କ୬:୪-୬) କୁହେ, *"ନିଜ ପୈତୃକ ନଗର, ସଙ୍ଗାତ ଓ ସପରିବାର ବିନା ଭାବବାଦୀ ଅନ୍ୟ କୌଣସିଠାରେ ଉପଦର ହୁଅନ୍ତ ନାହିଁ । ପୁଣି, ଅଳ୍ପକେତେକ ରୋଗୀ ଲୋକଙ୍କ ଉପରେ ହାତ ଥୋଇ ସେମାନଙ୍କୁ ସୁସ୍ଥ କରିବା ବିନା ସେ ସ୍ଥାନରେ ସେ ଆଉ କୌଣସି ଶକ୍ତିର କାର୍ଯ୍ୟକରିପାରିଲେ ନାହିଁ । ସେ ସେମାନଙ୍କ ଅବିଶ୍ୱାସ ହେତୁ ଚମତ୍କୃତ ହେଲେ । "* ଏହା କହୁନାହିଁ, ଯେ ଯୀଶୁ କୌଣସି ଶକ୍ତିଯୁକ୍ତ କାର୍ଯ୍ୟ କରି ପାରି ନାହିଁ, କିନ୍ତୁ ସେ କହେ ନାହିଁ । ଯୀଶୁ, ପରମେଶ୍ୱରଙ୍କ ପୁତ୍ର, ଯିଏ କି ଜଗତକୁ ମନୁଷ୍ୟ ରୂପରେ ଆସିଲେ, ଯାହାଙ୍କ ବିଶ୍ୱାସ ତିଳେ ହେଁ କମ୍ ନଥିଲା । ଯାହାଙ୍କ ଜାବନରେ ପାପର ଲେଶ ମାତ୍ର ନଥିଲା । ହେଲେ ବି, ସେ ଯାହା କରି ପାରିଥାନ୍ତେ ତାହା ସୀମୀତରେ କଲେ, ଆଉ ତାହା ଏଇଥିପାଇଁ କାରଣ ଲୋକଙ୍କ ଅବିଶ୍ୱାସ ଥିଲା । (ମାଥିଉ ୧୩:୫୮) କୁହେ, *"ଆଉ ସେ ସେମାନଙ୍କର ଅବିଶ୍ୱାସ ହେତୁ ସେଠାରେ ଅନେକ ଶକ୍ତିର କାର୍ଯ୍ୟକଲେ ନାହିଁ । "* ଏବଂ ଆମ୍ଭେ ଦେଖୁଅଛୁ ଯେ, ଯାହାଙ୍କର କୌଣସି ସୀମା ନଥିଲା ଏବଂ ନିଶ୍ଚିତ ଭାବେ ଯାହାଙ୍କ ଜୀବନରେ ପାପର ନାମ ମାତ୍ର ନଥିଲା, ଯେଉଁଥି ପାଇଁ କି ଶୟତାନ ତାହାଙ୍କୁ ଗ୍ରାସ କରିଥାନ୍ତା, ତଥାପି ସେ ଯାହା କରିପାରିଥାନ୍ତେ, ସେଥିରେ ସୀମୀତ ହେଲେ, ତାହାର କାରଣ ଏକ ମାତ୍ର ଆଉ, ତାହା ହେଲା ତାହାଙ୍କ ରିପାଖ ଭାବା ଲୋକ ଓ ସେମାନଙ୍କର ଅ ବିଶ୍ୱାସ ।

ଏହା ସତରେ ବୁଝିବା ଅତି ଗୁରୁତ୍ୱ ପୂର୍ଣ୍ଣ ଅଟେ । ସବୁ ସମୟରେ ସମସ୍ତଙ୍କୁ ସୁସ୍ଥତା ଦେବା, ଏହା ଈଶ୍ୱରଙ୍କ ଇଚ୍ଛା । ଆପଣ ଯଦି ତାହା ବିଶ୍ୱାସ କରନ୍ତି, ଆପଣ ଡାକ୍ତର ଖାନା ଯାଇଁ ଏହା କରି ଦେଖି ପାରନ୍ତି, ସମସ୍ତ ଅସୁସ୍ଥା ଲୋକଙ୍କୁ ନେଇ କାରଣ ଆପଣ ବିଶ୍ୱାସ କରନ୍ତି ଯେ, ଏହା ସମସ୍ତ ସୁସ୍ଥତା ହେଉଛି ଈଶ୍ୱରଙ୍କ ଇଚ୍ଛା । ଏହା ଈଶ୍ୱରଙ୍କ ଇଚ୍ଛା ଯେ ସେମାନେ ସୁସ୍ଥତା ଲାଭ କରନ୍ତୁ, କିନ୍ତୁ ସେମାନଙ୍କ ଇଚ୍ଛା ବିନା ସେ ତାହା କରିବେ ନାହିଁ । ସେମାନେ ଯଦି ହାନ୍ତି ପୀଡ଼ୀତ ହୋଇ ରହିବା ଓ ସୁସ୍ଥ ନ ହେବା ପାଇଁ ତେବେ ପ୍ରଭୁ କିଛି କରିବେ ନାହିଁ । କିଏ ତାଙ୍କୁ ସୁସ୍ଥ ହେବା ପାଇଁ ଜବରଦସ୍ତି କରିପାରିବ ନାହିଁ ଏବଂ ଆଉ କାହାର ବିଶ୍ୱାସରେ ସେମାନେ ସୁସ୍ଥ ହୋଇ ପାରିବେ ନାହିଁ । ସେମାନେ ଯଦି ତା' ସହ ସଂଘର୍ଷ କରୁଛନ୍ତି, ତେବେ ଆଉ କାହାର ବିଶ୍ୱାସ ସେମାନଙ୍କୁ ସାହାର୍ଯ୍ୟ କରିପାରେ, କିନ୍ତୁ କେହି କରିପାରିବେ ନାହିଁ ତାହା ପ୍ରାପ୍ତ କରିବାରେ । ଆପଣ ଗୋଟିଏ କାର୍‌କୁ ନ୍ୟୁଟ୍ରଲ୍ ଅବସ୍ଥାରେ ଥିବାବେଳେ ଠେଲି ପାରିବେ କିନ୍ତୁ ଗେର୍ ଅବସ୍ଥାରେ ଥିଲା ବେଳେ କରିପାରିବେ ନାହିଁ । ଯଦି ଜଣେ ବ୍ୟକ୍ତି ସୁସ୍ଥତାର ବିରୋଧୀ ହୋଇ ରହିଯାଇଛି, ଆପଣ ତା' ପାଇଁ କିଛି କରିପାରିବେ ନାହିଁ । କାରଣ, ଏହା ପାଇଁ ଆପଣ କୌଣସି ଡାକ୍ତରଖାନା ଗଲେ ମଧ କିଛି ହେବ ନାହିଁ (ବା) ସୁସ୍ଥତା ପାଇବେ ନାହିଁ (କି) ପ୍ରାର୍ଥନା ଓ ଉପାସନା କି ଗୀର୍ଜା ଗଲେ ମଧ ସୁସ୍ଥତା ପ୍ରାପ୍ତ କରିବେ ନାହିଁ । କାରଣ ସୁସ୍ଥତା ପାଇଁ ଆପଣଙ୍କର ସହଯୋଗ ଦରକାର । ଆପଣଙ୍କ ସହଯୋଗ ବିନା କିଛି ହୋଇ ପାରିବ ନାହିଁ । ଏ ବିଷୟକୁ ନେଇ ଅନେକ ବିଷୟ ଆଲୋଚନା / କୁହାଯାଇ ପାରିବ । ଯେତେବେଳେ ଯୀଶୁ ଲୋକଙ୍କୁ

ସୁସ୍ଥ କଲେ, ମୃତ ମାନଙ୍କୁ ଉଠେଇଲେ, ସେ କହା ପାଖକୁ ଗୋଟେ ଯାଇ ପାରି ପାରି ଥାନ୍ତେ ଓ କହିଥା'ନ୍ତେ, "ରୋଦନ କରି ନାହିଁ । " ସେ ତା'ର ମା ମନଙ୍କୁ କହିପାରିଥାନ୍ତେ, ନ କାନ୍ଦିବା ପାଇଁ ଏବଂ ତା' ପରେ ତାଙ୍କ ପୁତ୍ରକୁ ମୃତ୍ୟୁରୁ ଉଠେଇ ପରିଥାନ୍ତେ । ତେଣୁ କାହାର ଜଣଙ୍କର ବିଶ୍ୱାସ କେଉଁଠି ଗୋଟେ ଉପଯୋଗ ହେବା ଆବଶ୍ୟକ ଆଗର ମଧ ବିଶ୍ୱାସ ଥିବା ଆବଶ୍ୟକ ଏବଂ ଏହିପରି ଅନେକ ଅନେକ ବିଷୟ ଅଛିତ, ଯାହାକି ସୁସ୍ଥତା ସହ ସଂଶ୍ଳିଷ୍ଟ । ଆଉ କିଛି ମାତ୍ର, ମୁଁ ଏଠାରେ ଆପଣଙ୍କ ସହ ଆଲୋଚନା କଲି, ଏବଂ ଆଶା କରୁଛି ତାହା ଆପଣମାନଙ୍କୁ ସାହାର୍ଯ୍ୟ କରିବ, କିନ୍ତୁ ଆପଣଙ୍କୁ ଗୋଟିଏ ବିଷୟ ଭଲ କରି ଜାଣିବାକୁ ପଡ଼ିବ ଯେ, ଈଶ୍ୱର ବିଶ୍ୱାସଯୋଗ୍ୟ । ଏହା ଆପଣଙ୍କ ପାଇଁ ତାହାଙ୍କର ଇଚ୍ଛା ଯେ, ଆପଣ ସୁସ୍ଥ ରୁହନ୍ତୁ, କିନ୍ତୁ ତାହାଙ୍କ ସହ ଆପଣଙ୍କୁ ସହଯୋଗ କରିବାକୁ ପଡ଼ିବ । ସେ କେବଳ ନିଜେ, ଆପଣଙ୍କ ପାଇଁ ତାହାକରି ପାରିବେ ନାହିଁ ; ସେ ଆପଣଙ୍କ ମଧ ଦେଇ ତାହା କରିବେ । ତାହା ଆପଣଙ୍କ ମଧରୁ / ଅନ୍ତରରୁ ଆସିବା ଆବଶ୍ୟକ ।

ମୁଁ ପ୍ରାର୍ଥନା କରେ କି, ଏହି ଉପରୋକ୍ତ ସମସ୍ତ ବିଷୟ ଆପଣଙ୍କୁ ଆପଣଙ୍କ ମଧରେ ଈଶ୍ୱରଙ୍କ ଶକ୍ତିକୁ ପ୍ରବାହିତ ହେବାରେ ଏବଂ ତାହାଙ୍କ ଆଲୌକିକ ସୁସ୍ଥତାରେ ଲିବାରେ ଆପଣଙ୍କୁ ସାହଯ୍ୟ କରୁ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ( ମାଥିଉ ୮ : ୧୭) । ଆମ ପାଇଁ ସୁସ୍ଥତା ପାଇବା ପାଇଁ ଯୀଶୁ କ'ଣ କଲେ ?

**ମାଥିଉ ୮ : ୧୭ -** *ଯେପରି ଯିଶାଇୟ ଭାବବାଦୀଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ ସଫଳ ହୁଏ , ସେ ନିଜେ ଆମ୍ଭମାନଙ୍କର ଦୁର୍ବଳତା ସବୁ ଗ୍ରହଣ କଲେ ଓ ବ୍ୟାଧି ସବୁ ବହନ କଲେ ।*

୨. ଆପଣ ପଢ଼ନ୍ତୁ (ହୋଶେୟ ୪:୬) । କିଛି ଲୋକ ସୁସ୍ଥତା ଲାଭ କରନ୍ତି ନାହିଁ କାରଣ :-

୧. ଅଜ୍ଞତା (ଜ୍ଞାନର ଅଭାବ ଯୋଗୁଁ )
୨. ସେମାନେ ଗୀର୍ଜାକୁ ଯାଆନ୍ତି ନାହିଁ ।
୩. ସେମାନେ ଉତ୍ତମ ବ୍ୟକ୍ତି ନୁହନ୍ତି ।

**ହୋଶେୟ ୪:୬ -** *ଆମ୍ଭର ଲୋକମାନେ ଜ୍ଞାନର ଅଭାବ ଯୋଗୁଁ ବିନିଷ୍ଟ ହୋଇଅଛନ୍ତି, କାରଣ ତୁମ୍ଭେ ଜ୍ଞାନ ଅଗ୍ରାହ୍ୟ କରିଅଛ, ଆମ୍ଭେ ମଧ୍ୟ ତୁମ୍ଭଙ୍କୁ ଅଗ୍ରାହ୍ୟ କରିବା, ତହିଁରେ ତୁମ୍ଭେ ଆମ୍ଭର ଯାଜକ ହେବ ନାହିଁ; ତୁମ୍ଭେ ଆପଣା ପରମେଶ୍ୱରଙ୍କ ବ୍ୟବସ୍ଥା ପାସୋରିବାରୁ ଆମ୍ଭେ ମଧ୍ୟ ତୁମ୍ଭ ସନ୍ତାନଗଣକୁ ପାସୋରି ପକାଇବା ।*

୩. ଆପଣ ପଢ଼ନ୍ତୁ (ଯୋହାନ ୯:୧-୩) । ଶିଷ୍ୟ ମାନେ ସେହି ଲୋକର ଅନ୍ଧ ହେବାର କାରଣ କ'ଣ ବୋଲି ଭାବିଲେ ?

କ'ଣ ତାହାଙ୍କ ଚିନ୍ତାଧାର ଠିକ୍ ଥିଲା କି ?

**ଯୋହାନ ୯:୧-୩ -** *ସେ ଯାଉଥିବା ସମୟରେ ଜଣେ ଜନ୍ମାନ୍ଧକୁ ଦେଖିଲେ, (୨) ଆଉ ତାହାଙ୍କ ଶିଷ୍ୟ ମାନେ ତାହାଙ୍କୁ ପଚାରିଲେ, ହେ ଗୁରୁ କିଏ ପାପ କରିବାରୁ ଏ ଅନ୍ଧ ହୋଇ ଜନ୍ମ ହେଲା ? ନିଜେ ନା ଏହାର ବାପା ମା' (୩) ଯୀଶୁ କହିଲେ, ଏ କିମ୍ବା ଏହାର ବାପାମା ପାପ କଲେ ନାହିଁ, ଈଶ୍ୱରଙ୍କ କର୍ମ ଯେପରି ଏହାଠାରେ ପ୍ରକାଶିତ ହୁଏ ଏହିନିମନ୍ତେ ଏହା ଘଟିଅଛି ।*

୪. ଆପଣ ପଢ଼ନ୍ତୁ (ଯୋହନ ୫:୧୪) । ପାପ ଅସୁସ୍ଥତ ପାଇଁ କ'ଣଟାଏ ଖୋଲେ କିନ୍ତୁ ସବୁବେଳେ ନୁହେଁ । ତାହା ବ୍ୟତିତ ଆଉ କ'ଣ ପାପ ଜଣେ ବ୍ୟକ୍ତି ମଧ୍ୟରେ ଉତ୍ପନ୍ନ କରେ ?

**ଯୋହନ ୫:୧୪ -** *ଏହା ପରେ ଯୀଶୁ ମନ୍ଦିରରେ ତାହାର ଦେଖା ପାଇ ତାକୁ କହିଲେ, ଦେଖ ତୁମ୍ଭ ସୁସ୍ଥ ହୋଇଅଛ, ଆଉ ପାପ କର ନାହିଁ, ଯେପରି ତୁମ୍ଭ ପ୍ରତ ଅଧିକ ଦୁର୍ଦ୍ଦଶା ନ ଘଟେ ।*

୫. ଆପଣ ପଢ଼ନ୍ତୁ (ରୋମୀୟ ୫:୧୨-୧୪)) । ଯଦି ପାପ ସର୍ବଦା ଅସୁସ୍ଥତାର କାରଣ ନୁହେଁ ଆଉ ଅନ୍ୟଟି କ'ଣ ଅଟେ ?

**ରୋମୀୟ ୫:୧୨-୧୪ -** *ଅତଏବ ଜଣେ ଲୋକ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା । ଆଉ ସେହି ପ୍ରକାରେ ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲ, ଯେଣୁ ସମସ୍ତେ ତ ପାପ କଲେ । (୧୩) କାରଣ ବ୍ୟବସ୍ଥା ପର୍ଯ୍ୟନ୍ତ ପାପ ଜଗତରେ ଥିଲା, କିନ୍ତୁ ମୋଶାଙ୍କ ପର୍ଯ୍ୟନ୍ତ ସେମାନଙ୍କ ଉପରେ ସୁଦ୍ଧା ମୃତ୍ୟୁ ରାଜତ୍ୱ କରିଥିଲା । ଯାହାଙ୍କ ଆଗମନର କଥା ଥିଲା , ଆଦାମ ତାହାଙ୍କ ପ୍ରତିରୂପ ।*

୬. ଆପଣ ପଢ଼ନ୍ତୁ (ପ୍ରେରିତ ୧୦:୩୮) । ଅସୁସ୍ଥତା ଦେଇପାରେ କେଉଁ ଯୋଗୁଁ ?

**ପ୍ରେରିତ ୧୦: ୩୮ -** *ନାଜରିତୀୟ ଯୀଶୁଙ୍କ କଥା, କିପରି ଈଶ୍ୱର ତାହାଙ୍କୁ ପବିତ୍ର ଆତ୍ମା ଓ ଶକ୍ତିରେ ଅଭିଷିକ୍ତ କଲେ, ଆଉ ସେ ମଙ୍ଗଳ ସାଧନ କରୁ କରୁ ଶୟତାନ ଗୁଡିକ ପ୍ରପିଡିତ ସମସ୍ତ ଲୋକଙ୍କୁ ସୁସ୍ଥ କରୁ କରୁ ସର୍ବତ୍ର ଭ୍ରମଣ କଲେ, କାରଣ ଈଶ୍ୱର ତାହାଙ୍କ ସହବର୍ତ୍ତୀ ଥିଲେ ।*

୭. ଆପଣ ପଢ଼ନ୍ତୁ (ମାଥିଉ ୧୩-୫୮) । ସୁସ୍ଥତା ଆସିବାରେ କ'ଣ ପ୍ରତିବନ୍ଧ ହୋଇପାରେ ?

**ମାଥିଉ ୧୩:୫୮ -** *ଆଉ ସେମାନଙ୍କର ଅବିଶ୍ୱାସ ହେତୁ ସେଠାରେ ଅନେକ ଶକ୍ତିର କାର୍ଯ୍ୟ କରେ ନାହିଁ ।*

୮. ଆପଣ ପଢ଼ନ୍ତୁ (ଯାକୁବ ୫:୧୫) । ରୋଗୀକୁ କ'ଣ ରକ୍ଷା କରିବ ?

**ଯାକୁବ ୫:୧୫ -** *ବିଶ୍ୱାସ ଯୁକ୍ତ ପ୍ରାର୍ଥନା ସେହି ରୋଗୀକୁ ରକ୍ଷା କରିବ, ପୁଣି ପ୍ରଭୁ ତାହାକୁ ଉଠାଇବେ ଆଉ ଯଦି ସେ ପାପ କରିଥାଏ, ତାହାହେଲେ ତାହାକୁ କ୍ଷମା ଦିଆଯିବ ।*

## ଉତ୍ତର

୧. ଆପଣ ପଢ଼ନ୍ତୁ (ମାଥିଉ ୮:୧୭), ଆମ୍ଭମାନଙ୍କ ନିମନ୍ତେ ସୁସ୍ଥତା ଆଣିଦେବା ପାଇଁ ଯୀଶୁ କ'ଣ କଲେ ?

*ଆମ୍ଭମାନଙ୍କ ଦୁର୍ବଳତା ସବୁ ଗ୍ରହଣ । କଲେ ଓ ବ୍ୟାଧି ସବୁ ବହନ କଲେ ।*

୨. ଆପଣ ପଢ଼ନ୍ତୁ (ହୋଶେୟ ୪:୬) । କିଛି ଲୋକ ଆରୋଗ୍ୟ ପ୍ରାପ୍ତ କରନ୍ତି ନାହିଁ କାରଣ

*୧. ଅଜ୍ଞତା (ଜ୍ଞାନର ଅଭାବ ଯୋଗୁଁ)*

୩. ଆପଣ ପଢ଼ନ୍ତୁ (ଯୋହନ ୯:୧-୩) । ଶିଷ୍ୟ ମାନେ ସେହି ଲୋକ ଅନ୍ଧବେକାର କାରଣ କାହାକୁ ଭାବିଲେ ?

*ପାପ*

କ'ଣ ତାହାଙ୍କ ଚିନ୍ତାଧାର ଠିକ୍ ଥିଲା କି ?

*ନାହିଁ*

୪. ଆପଣ ପଢ଼ନ୍ତୁ (ଯୋହନ ୫:୧୪) । ପାପ ଅସୁସ୍ଥତା ପାଇଁ ଦ୍ୱାର ଖୋଲେ କିନ୍ତୁ ସର୍ବଦା ନୁହେ ତେବେ ଅସୁସ୍ଥା ବ୍ୟତିତ, ଆଉ କ'ଣ ପାପ ଉପୁଜାଏ ?

*ଅସୁସ୍ଥତ ଠାରୁ ମଧ ଅଧିକ କିଛି, ଏପରିକି ମୃତ୍ୟୁ (ରୋମୀୟ ୬:୨୩)*

୫. ଆପଣ ପଢ଼ନ୍ତୁ (ରୋମୀୟ ୫:୧୨-୧୪) । ଯଦି ପାପ ସର୍ବଦା ଅସୁସ୍ଥତାର କାରଣ ନୁହେଁ, ତେବେ ଅନ୍ୟ କାରଣ କ'ଣ ହୋଇପାରେ ?

*ଜଣେ ଲୋକ ଦ୍ୱାରରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା । ଆଦାମଙ୍କ ଆଜ୍ଞା ଲଂଘନ ସକାଶୁ ପାପ ଓ ଅସୁସ୍ଥତ ସମସ୍ତ ମାନବ ଜଗତକୁ ପ୍ରବେଶ କଲା ।*

୬. ଆପଣ ପଢ଼ନ୍ତୁ (ପ୍ରେରିତ ୧୦:୩୮) । ଏହି ଶାସ୍ତ୍ରାଂଶ ଅନୁସାରେ, ଅସୁସ୍ଥତା କ'ଣ ଯୋଗୁଁ ହୋଇପାରେ ?

*ଶୟତାନ ଦାସ ହେବା ଦ୍ୱାରା ।*

୭. ଆପଣ ପଢ଼ନ୍ତୁ (ମାଥିଉ ୧୩:୫୮) । ସୁସ୍ଥତାର ପ୍ରତିବନ୍ଧକ କ'ଣ ହୋଇପାରେ ?

*ଅବିଶ୍ୱାସ ।*

୮. ଆପଣ ପଢ଼ନ୍ତୁ (ଯାକୁବ ୫:୧୫) ରୋଗୀକୁ କ'ଣ ରକ୍ଷା କରିପାରେ ?

*ବିଶ୍ୱାସରେ ପ୍ରାର୍ଥନା ।*

## ପାଠ୍ୟକ୍ରମ ୯

# ଅନ୍ୟକୁ କ୍ଷମା ଦେବା

### *ଲେଖକ - ଡନ୍ କ୍ରୋ*

(ମାଥିଉ ୧୮:୨୧-୨୨) କୁହେ, *"ସେତେବେଳେ ପିତର ତାହାଙ୍କ (ଯୀଶୁ) ତାହାକୁ ଆସି ପଚାରିଲେ, ହେ ପ୍ରଭୁ , କେତେଥର ମୋହର ଭାଇ ମୋ ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି ? (୨୨) ସାତଥର ପର୍ଯ୍ୟନ୍ତ ? ଯୀଶୁ ତାହାଙ୍କୁ କହିଲେ, ତୁମ୍ଭଙ୍କୁ କେବଳ ସାତଥର ପର୍ଯ୍ୟନ୍ତ । କହୁନାହିଁ, ମାତ୍ର ସତୁରିଗୁଣ ସାତ ଥର ପର୍ଯ୍ୟନ୍ତ ।"* ମୁଁ ଭାବୁଛି ପିତର ବିରୋଦ୍ଧରେ ପାପ କରେ, କେତେଥର କ୍ଷମା ଦେଇ ହେବ ? ବୋଲି ପଚାରି ନିଜକୁ ମିତ ଉଦାର ମନା ବୋଲି ଭାବୁଥିଲେ, " ଦିନକୁ ସାତଥର ଆପଣ ଭାବନ୍ତି କି ?ଯୀଶୁ କହିଲେ, "ପିତର ସାତଥର ନୁହେଁ, କିନ୍ତୁ ସାତଗୁଣ ସାତଥର ।" ତାହା ହେଲା ୪୯୦ ଥର, କିନ୍ତୁ ତାହାର ମାନେ ନାହିଁ ଯେ ୪୯୦ ଥର ହୋଇଗଲା ପରେ ଆପଣ ଆଉ ତାହାକୁ କ୍ଷମା ଦେବାକୁ ପଡିବ ନାହିଁ (କି) ଦେବେ ନାହିଁ । ଏଠାରେ ଯୀଶୁ ଯାହା କହିଲେ ତାହାର ଅର୍ଥ ହେଲା, ଯଦି ଜଣେ ଅଗଣିତ ଥର ବି ଭୁଲ୍ କରେ ଦିନକୁ , କ୍ଷମା ଦେବାର କାର୍ଯ୍ୟ ଚାଲୁ ରଖିବା ଦରକାର , କ୍ଷମା ଦେବା ଓ ଦେବା ହିଁ ଦରକାର । ଜଣେ ଖ୍ରୀଷ୍ଟିୟାନ୍ ବ୍ୟକ୍ତିର କ୍ଷମା ଦେବା ଏକ ମନୋଭାଭବ ରହିବା ନିହାତି ଆବଶ୍ୟକ । ତାହା ଜୀବନ ଶୈଳୀର ଗୋଟିଏ ଅଂଶ ହେବା ଦରକାର । ଯୀଶୁ (ଲୁକ୍ ୨୩:୩୪)ରେ କହିଲେ, *"ପିତଃ, ଏମାନଙ୍କ କ୍ଷମା କରୁ, କାରଣ ଏମାନେ କ'ଣ କରୁଅଛନ୍ତି, ତାହା ଜାଣନ୍ତି ନାହିଁ ।"* ଏବଂ ମଧ ସ୍ତିଫାନ୍ (ଯାତନାଭୋଗୀ), ସେ(ପ୍ରେରିତ ୭:୬୦) *"ରେ କହିଲେ, ଏହି ପାପ ଏମାନଙ୍କ ବିରୁଦ୍ଧରେ ଗଣନା କର ନାହିଁ ।"* ସମସ୍ତ ଲୋକ କ୍ଷମା ପ୍ରାପ୍ତ କରନ୍ତି ନାହିଁ, କିନ୍ତୁ ଜଣେ ଖ୍ରୀଷ୍ଟିୟ ବ୍ୟକ୍ତିର ହୃଦୟରେ ଏହି କ୍ଷମାଦେବାର ଗୁଣ ସର୍ବଦା ରହିବା ଆବଶ୍ୟକ ।

ଯୀଶୁ କ୍ଷମା ଦେବାର ଏକ ନୀତିକଥା ଦୃଷ୍ଟାନ୍ତ ହେଲା (ମାଥିଉ ୧୮:୨୩) ପଦରେ କହିଲେ *"ଅତଏ, ସ୍ୱର୍ଗରାଜ ଆପଣା ଦାସ ମାନଙ୍କ ସହିତ ହିସାବ କରିବାକୁ ଇଚ୍ଛୁକ ଜଣେ ରାଜାଙ୍କ ସଦୃଶ । ଯେ ହିସାବ କରନ୍ତେ, ତିନି କୋଟି ଟଙ୍କା ଋଣ କରିଥିବ । ଜଣେ ଦାସ ତାହାଙ୍କ ଛାମୁକୁ ଅଣାଗଲା । କିନ୍ତୁ ପଦ୍ୟର ପରିଶୋଧ କରିବାକୁ କିଛି ନଥିବାରୁ ତାହାର ପ୍ରଭ ତାହାକୁ ଏବଂ ତାହାର ସ୍ତ୍ରୀ ପିଲାପିଲ ଓ ସର୍ବସ୍ୱ ବିକ୍ରୟ କରି ପରିଶୋଧ ନେବାକୁ ଆଜ୍ଞା ଦେଲେ । ତେଣୁ ସେହି ଦାସ ତାଙ୍କୁ ଭୂମିଷ୍ଠ ପ୍ରଣାମ କରି କହିବାକୁ ଲାଗିଲା, ଆପଣ ମୋ ବିଷୟରେ ଧୈର୍ଯ୍ୟ ଧରନ୍ତୁ, ମୁଁ ଆପଣଙ୍କୁ ସବୁ ପରିଶୋଧ କରିଦେବି ।"* ବର୍ତ୍ତମାନ, ଏଠାରେ ଏକ ପରିସ୍ଥିତି ଜଣେ ଲେ ତା' ମାଲିକ ଠାରୁ ତିନି କୋଟି ଟଙ୍କା ଋଣ

ନେଇଛି । ଆଉ ସେ ତାହା ପରିଶୋଧା କରି ପାରିଲା ଭଳି ପରିସ୍ଥିତିରେ ମଧ ନାହିଁ - ଆଉ ଏହା ସେ ବ୍ୟକ୍ତି ମଧ ଜାଣିଛି ଓ ମାଲିକ ମଧ । ସେହି ଦିନ ମାନଙ୍କରେ , ଆଜିର ସଂଯୁକ୍ତ ରାଜ୍ୟ ଆମେରିକାରେ ଋଣ ପରିଶୋଧ ପାଇଁ ଅକ୍ଷମ ବ୍ୟକ୍ତିକୁ ଯେପରି କରାଯାଏ ସେହିପରି ନଥିଲା । - ସେତେବେଳେ ସେମାନେ ଆପଣଙ୍କୁ ବିକ୍ରୟ କରିବେ, ଆପଣଙ୍କ ସ୍ତ୍ରୀ ପିଲା-ଛୁଆ ଏବଂ ଯାହା ଆପଣଙ୍କ ପାଖରେ ଥିବ ଏବଂ ଆପଣଙ୍କୁ ଦାସତ୍ୱ/ ଗୋଲାମି କରିବାକୁ ପଡିବ ସେହିପରି ଥିଲା । ଆପଣଙ୍କୁ ବନ୍ଦୀ ଗୃହ କାରାଗାରକୁ ପଠାଯିବ , ଯେତେବେଳେ ଯିଏଁ ଆପଣ ସମସ୍ତ କିଛି ପରିଶୋଧ ନକରିଦିଅନ୍ତ. ଏବଂ ଯଦି ସେହିପରି ନହୋଇପାରେ ତେବେ ଜୀବନ କାଳ ଯାଏଁ ବନ୍ଦୀ ଗୃହରେ । ଆଉ ଏହି ବ୍ୟକ୍ତି ଜଣକ କେବଳ ଗୋଟିଏ ବିଷୟ ଯାହା ସେ ଜାଣିଥିଲା ତାହା କଲା :- ସେ ଆଣ୍ଠପାଡି ତାହାଙ୍କୁ (ମାଲିକଙ୍କୁ) ଆପଣଙ୍କୁ ସବୁ ପରିଶୋଧ କରିଦେବି । ଟିକିଏ ଧର୍ଯ୍ୟଧର । ଦୟାକରି !" ତା'ପରେ ୨୩ ପଦରେ ମୁକ୍ତ କରିଦେଲେ ଓ ତାହାର ଋଣ କ୍ଷମା କଲେ ।

ଆମ୍ଭର ମଧ ଋଣ ଅଛି ଏବଂ ଆମ୍ଭେ ପରିଶୋଧ କରିପାରିନାହୁଁ । ବାଇବେଲ୍ କୁହେ (ରୋମୀୟ ୬:୨୩)ରେ ପାପର ବେତନ ମୃତ୍ୟୁ - ପରମେଶ୍ୱରଙ୍କ ଠାରୁ ଅନନ୍ତକାଳ ଯାଏଁ ପୃଥକ - ପୃଥିବୀର କୌଣସି ସୁନା ଓ ରୂପା ଆଗର ମୋଚନ କାରିପାରିବ ନାହିଁ । ତେଣୁ ପରମେଶ୍ୱର ଆପଣ ଦୟା ଏବଂ ତାହାଙ୍କ ଅନୁଗ୍ରହରେ ନିଜର ଏକମାତ୍ର ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ପ୍ରେରଣ କଲେ ଏହି ଜଗତକ । ଆମ ସମସ୍ତଙ୍କର ଋଣ ପରିଶୋଧ କରିବା ପାଇଁ ଯାହା କାରିପାରିନଥା'ନ୍ତେ । ପ୍ରଭୁ ଆମ୍ଭଙ୍କୁ ତାହାଙ୍କର ଦୟା ଏବଂ କୃପାରେ ଦେଖିଲେ ଏବଂ କହିଲେ, "ମୁଁ ସେ ଋଣ ପରିଶୋଧ ପାଇଁ କ୍ଷମା ଦେଉଛି ।"

ଏହି ବ୍ୟକ୍ତି ଜଗତକ ଯିଏକି ତିନିକୋଟି ଟଙ୍କା ଋଣ ପରିଶୋଧରୁ କ୍ଷମା ପ୍ରାପ୍ତ କରିଥିଲା, ସେହି ବ୍ୟକ୍ତି ତା'ର ସହ ଦାସକୁ ପ ଶ ଟଙ୍କା ଋଣ ର ଦେଇଥିଲା । ଆଉ ତୋହା ପାଖକୁ ଯାଇଁ କହିଲା, "ମୁଁ ତିନି କୋଟ ଟଙ୍କା ଋଣ ପରିଶୋଧରୁ କ୍ଷମା ପାଇଲି, ଏବଂ ମୋ ପାଇଁ ସେ ପ ଶ ଟଙ୍କା କ'ଣ ? ମୁଁ ଯେପରି ଟଙ୍କା ପରିଶୋଧରୁ ମୁକ୍ତ ହେଲି, ତୋତେ ମଧ ମୁକ୍ତ କରୁଛି । ତାହାକୁ ଯିବାକୁ ଦେ ! ଯେହେତୁ ମୁଁ ମଧ ତିନିକୋଟି ଟଙ୍କା ଋଣ ପରିଶୋଧରୁ କ୍ଷମା ପ୍ରାପ୍ତ ହୋଇ ମୁକ୍ତ ନେଲି !" ଏହା ବାସ୍ତବରେ କ'ଣ ହେଲା (୨୮-୩୧) ପଦରେ । *"ତେବେ କିନ୍ତୁ ସେହି ଦାସ ବାହାରି ଯାଇ ତାହାଠାରୁ ପଚାଶ ଟଙ୍କା ଋଣ କରିଥିବା ଜଣେ ସହଦାସର ଦେଖା ପାଇ ତାହାକୁ ଧରି ତାହାର ଗଳା ଚିପି କହିବାକୁ ଲାଗିଲା , ତୁ ଯାହା ଧାରୁ , ଶୁଝିବେ । ତେଣୁ ତାହାର ସହଦାସ ଭୂମିଷ୍ଠ ହୋଇ ତାହାକୁ ବିନତି କରି କହିବାକୁ ଲାଗିଲା, ମାତ୍ର ସେ ସମ୍ମତ ହେଲା ନାହିଁ । କିନ୍ତୁ ଯାଇ ଋଣ ପରିଶୋଧ ନହେବା ଯାଏ ତାହାକୁ କାରାଗାରରେ ପକାଇ ଦେଲା । ତେଣୁ ତାହାର ସହ ଦାସ ମାନେ ଏହି ଘଟଣା ଦେଖି ଅତ୍ୟନ୍ତ ଦୁଃଖୀ ହେଲେ ଓ ଯାଇ ସେମାନଙ୍କ ପ୍ରଭୁଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରି କହିଲେ ।"* ଆଉ ସେଥିରେ ସେ (ପ୍ରଭୁ ତାହାକୁ କାରାଗାରାରେ ପକେଇ ଦେଲେ । ଯାହାକୁ ତିନିକୋଟି ଟଙ୍କାର ଋଣ ପରିଶୋଧରୁ କ୍ଷମା ମିଳିଥିଲା, ସେ ପଚାଶ ଟଙ୍କା ପାଇଁ କାରାଗାରରେ ଯନ୍ତ୍ରଣା ଭୋଗିଲା ! ଆପଣ ତାହା ବର୍ଣ୍ଣନା କରିପାରିବେ କି ?

ପୁଣି (୩୨-୩୪) ପଦ କୁହେ, *" ସେଥିରେ ତାହାର ପ୍ରଭୁ ତାହାକୁ ପାଖକୁ ଡକାଇ କହିଲେ , ହେ ଦୁଷ୍ଟ ଦାସ , ତୁ ମୋତେ ବିନତି କରିବାକୁ ମୁଁ ତୋର ସେହି ସମସ୍ତ ଋଣ କ୍ଷମା କଲି । ମୁଁ ଯେ*

*ରୂପେ ତୋତେ ଦୟା କଲି, ସେ ରୂପେ ମଧ୍ଯ ଆପଣା ସହଦାସକ ଦୟା କରିବା କି ତୋର କର୍ତ୍ତବ୍ୟ ନଥିଲା ? ଆଉ, ତାହାର ପ୍ରଭୁ କ୍ରୁଦ୍ଧ ହୋଇ ସମସ୍ତ ଋଣ ପରିଶୋଧ ନକରିବ ପର୍ଯ୍ୟନ୍ତ ତାହାକୁ ଯନ୍ତ୍ରଣା ଦେବା ଲୋକମାନଙ୍କ ହସ୍ତରେ ସମର୍ପିତା କଲେ ।"* ଆଉ ତା'ପରେ ଏହି ଲୋକଟି କାରଗାରକୁ ପଠାଗଲା, କାରଣ ସେ ଯେପରି ତାହାର ସହଦା ସହ ବ୍ୟବହାର କଲା, ଏବ ଏହିପରି ସେ ତା'ର ପ୍ରକୃତ କ୍ଷମା ହରେଇଲା । ଯୀଶ ୩୫ ପଦରେ କହିଲେ, *"ତୁମ୍ଭେମାନେ ପ୍ରତ୍ୟେକ ଜଣ ଯଦି ଅନ୍ତର ସହ ଆପଣା ଆପଣା ଭାଇକି କ୍ଷମା ନକର, ତାହା ହେଲେ ମୋହର ସ୍ଵର୍ଗସ୍ଥ ପିତା ହିଁ ତୁମ୍ଭମାନଙ୍କ ପ୍ରତି ସେହି ପ୍ରକାର କରିବେ । ଏହା କ'ଣ ମୂର୍ଖତା ନୁହେଁ କି, ଆମ ନିଜର ସମସ୍ତ ପାପ ପାଇଁ କ୍ଷମା ପ୍ରାପ୍ତ କରି- ଯାହାର ଫଳ ମୃତ୍ୟୁ ଓ ପ୍ରଭୁଙ୍କଠାରୁ ବିଛେଦ ମୋତେ କ୍ଷମ କରିଦିଅ ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୋ ଉପରେ ଦୟାକର, "*ତା'ପରେ କ୍ଷମା ପାଇବା ପରେ, ଆଉ ଜଣେ ବ୍ୟକ୍ତିକୁ ଯେତେବେଳେ କ୍ଷମା ଦେବାର ପାଳି ଆସିବ,ଗୋଟିଏ ଛୋଟ ବିଷୟ ପାଇଁ, ଯାହାକି ଆମେ ଭାବୁ ବିରାଟ ବଡ ବୋଲି ତାହାକୁ କ୍ଷମା ନଦେବା । ଯେତେବେଳେ ଆମେ କ୍ଷମା ପ୍ରାପ୍ତ କଲୁ ଈଶ୍ଵରଙ୍କ ଠାରୁ ଆମ ସମସ୍ତ ବିଷୟ ପାଇଁ – ମାତ୍ର ଆଉ କାହାକୁ ଆଡ଼ େ କ୍ଷମା ଦେଇପାର ନାହୁଁ । ତେବେ ତାହାକୁ ଈଶ୍ଵ କହନ୍ତି ଦୁଷ୍ଟାମି ।

କିଛି ସମୟ ତଳେ ମୁଁ ଗୋଟି ଗୀର୍ଜାରେ ସେବା କାର୍ଯ୍ୟ କରୁଥିଲି, ଏବଂ ସେଠାରେ ଗୋଟିଏ ଯୁବା ସ୍ତ୍ରୀ ଲୋକ ଥିଲେ, ଯିଏକି ଭବିଷ୍ୟତରେ ହେବାକୁ ଥିବା ବିଷୟକୁ ଦେଖି ପାରୁଥିଲେ । ଗୋଟିଏ ଦିନ ସେ ମୋ ପାଖକୁ ଆସିଲେ ଓ କହିଲେ, "ଏହା କ'ଣ ପବିତ୍ର ଆତ୍ମା କି ଯିଏ ମୋ ପାଖକୁ ଆସୁଛନ୍ତି ଓ କେତେବେଳେ ମୃତ୍ୟୁବରଣ କରିବେ ? ଏବଂ ଯେତେବେଳେ କାହାର ଯଦି ଗାଡି ଦୁର୍ଘଟଣା ଘଟେ, ଏବଂ ସେହିପରି କିଛି ବିଷୟ ।" ସେଥି ମୁଁ ସେହି ଯୁବତୀକୁ କହିଲି, "ମୁଁ ଯେଉଁ ଉତ୍ତର ତୁମ୍ଭକୁ ଦେ ବି ତୁମ୍ଭେ ତାହା ପସ କରିବ ନାହିଁ, କିନ୍ତୁ ମୁଁ ବିଶ୍ଵାସ କରେ ନାହିଁ ଯେ, ତାହା ପବିତ୍ର ଆତ୍ମା ତୁମ୍ଭଙ୍କୁ ଜଣାଉଅଛି । ମୁଁ ଭାବୁଛି ତାହା ଭବିଷ୍ୟ କଥନ କହିପାରିବାର ଶକ୍ତି ଯାହାକି ପ୍ରେରିତ ପାଉଲଙ୍କର ମଧ୍ଯ ଥିଲା ପ୍ରେରିତ ୧୬ ରେ । ସେ ପରିଶେଷ ରେ ସେହି ବିଷୟକୁ ଆଦେଶ ଦେଇ ଭାଙ୍ଗିଲେ ସେହି ଯୁବତୀ ମଧ୍ଯରୁ କାହାରି ଆସିବାକୁ କହିଲେ ଏବଂ ସେ ତା'ପରେ ଭବିଷ୍ୟ (କ) ମନୁଷ୍ୟ ଆକସ୍ମିକ ଘଟଣା(କି) ଭାଗ୍ୟ ବିଷୟରେ କହିବା କ୍ଷମତା ଦୂରେଇଲା (ବା) ମନ୍ଦ ହେଲା । ମୁଁ ତାହାକୁ କହିଲି ମୁଁ ଈଶ୍ଵର ନୁହେଁ, । ଏବଂ କରିଲି, " ମୁଁ ହୁଁଛି ତୁମ୍ଭେ ଯାଅ ଏବଂ ଯୀଶୁଙ୍କୁ ପଚାର , "ପ୍ରଭୁ,କେଉଁ ବିଷୟ ମୋତେ ଭବିଷ୍ୟ ସଂପର୍କୀୟ ବାର୍ତ୍ତା / ଖବର ଦେଉଛି ଏହା କ'ଣ ତୁମର ପ ବିତ୍ର ଆତ୍ମା କି (ନା) ଆଉ କିଛି ?" ଆଉ କିଛିଦିନ ପରେସେ ମୋ ପାଖକୁ ପୁଣି ଆସିଲା," କହିଲା ମୁଁ ଏହି ବିଷୟରେ ପ୍ରଭୁ ସହ କଥା ହେଲି, ଏବଂ ମୁଁ ଭାବୁଛି ସବୁ ଠିକ୍ ଅଛି ।" ସେଥିରେ ମୁଁ (ଲେଖକ) କହିଲେ, " ଯାହା ଈଶ୍ଵର କହନ୍ତି, ତାହା ସର୍ବଦା ଠିକ୍- ମୁଁ ଏତେ ବଡ଼ ଶିଷ୍ୟ/ ମେଷପାଳନ ନୁହେଁ ।"

ଏହି ଘଟଣା ଟି ୧୯୮୬ ମସିହାର କଥା ଏବଂ ଆପଣ ଜାଣନ୍ତିକି ୧୯୮୬ ରେ କ'ଣ ହୋଇଥିଲା ଆମର ଗୋଟିଏ ଆନ୍ତରୀକ୍ଷଣ ସଟ୍‌ଲ ଯାହାର ନାମ ଲେର ଥିଲା, ତାହା ଅନ୍ତରୀକ୍ଷଣକୁ ପ୍ରେରଣ କରାଯିବାର ଥିଲା, ଏବଂ ଆଠ ଜଣ ଲୋକ ସେଥିରେ ଉପରକୁ ଗଲେ । ସେମାନଙ୍କ ମଧ୍ଯରୁ ଜଣେ ସ୍କୁଲ ଶିକ୍ଷୟତ୍ରୀ ଥିଲେ । ଏହି ଯୁବତୀ ଯେତେବେଳେ ଟେଲିଭିଜନ ଦେଖୁଥିଲେ , ସେ ଜଣେ ସ୍ତ୍ରୀ କୁ କହିବା ଶୁଣିଲେ, "ମୁଁ ଆସନ୍ତା କାଲିକି ଚାଲେଞ୍ଜର ନାମକ ଅନ୍ତରୀକ୍ଷ ସଟ୍‌ଲରେ

ଯାଉଛି," ଏବଂ ତା' ବିଷୟରେ କଥା ଆଲୋଚନା ହେଉଥିଲେ । ଏକ ଆତ୍ମା ତାହାକୁ କଥା କହିଲା, "ସେ ମୃତ୍ୟୁବରଣ କରିବାକୁ ଯାଉଛି, ମୃତ୍ୟୁବରଣ କରିବାକୁ ଯାଉଛି ।" ପରବର୍ତ୍ତୀ ଦିନ ଯେତେବେଳେ ଲେଞ୍ଜରଟି ଯେତେବେଳେ କ୍ଷେପଣ କରାଗଲା, ସାରା ପୃଥିବୀ ଦେଖୁ ଦେଖୁ ତାହା ବିସ୍ଫୋଟ ହେଲ ଏବଂ ସମସ୍ତ କର୍ମ୍ମୀ ନାଶ/ ଧ୍ୱଂସ ହୋଇଗଲେ । ସେହି ଯୁବତୀ ଜଣକ ମୋ ପାଖକୁ ଆସିଲେ ଏବଂ କହିଲେ, "ଭାଇ ଡନ୍, ମୁଁ ଭାବୁଛି ମୋତେ ଯିଏ କଥା କହୁଛି (କ) ମୁଁ ଯେଉଁଠାରୁ ଏହି ସବୁ ବିଷୟ ଜାଣିବାକୁ ପାଉଛି ତାହା ପବିତ୍ର ଆତ୍ମା ନୁହେଁ । ଆପଣ ମୋ ପାଇଁ ଟିକିଏ ପ୍ରାର୍ଥନା କରିବେ କି ?" ସେହି ଦିନ ରାତ୍ରିରେ , ସମସ୍ତେ ପ୍ରାର୍ଥନା ପରେ ଗଲାପରେ, ମୁଁ ତାର ହାତ ଧରି ଏବଂ କହିଲି, "ତୁ ଭବିଷ୍ୟତ କଥନର ଅଶୁଦ୍ଧ ଆତ୍ମା ତା' ମଧ୍ୟରୁ ବାହାରି ଆସେ!" ମାତ୍ର ଏହିପର କହିଲା ପରେ କିଛି ହେଲା ନାହିଁ । ଗୋଟିଏ ଥର ଯୀଶୁଙ୍କ ଶିଷ୍ୟ ମାନେ ଏକ ବିଶୁଦ୍ଧ ଆତ୍ମାକୁ ଛଡ଼େଇଲା ବେଳେ, ସେମାନେ ମଧ କରିପାରିନଥିଲେ । ଯୀଶୁ କହିଲେ, "ସେହି ସ୍ତ୍ରୀ ଲୋକଟିକୁ ମୋ ପାଖକୁ ଆଣ ।" ତେଣୁ ମୁଁ କହିଲି, "ପ୍ରଭୁ, ମୁଁ ଭାବିଲି ଏଠାରେ କ'ଣ ହେଉଅଛି ମୁଁ ଜାଣିଛି, କିନ୍ତୁ ମୁଁ ବର୍ତ୍ତମାନ ଏହି ସ୍ତ୍ରୀକୁ ତୁମ୍ଭ ନିକଟକୁ ଆସୁଛି । ଆମ୍ଭଙ୍କୁ ତୁମ୍ଭେ ହିଁ ଦେଖାଅ କ'ଣ ହେଉଅଛି ତା'ମଧ୍ୟରେ ?" ଆଉ ସେତେବେଳେ ମୋ ସ୍ତ୍ରୀ ମୋ ଆମ ସହ ପ୍ରାର୍ଥନା କରୁଥିଲେ ଏବଂ ପ୍ରଭୁ ତାହାଙ୍କୁ ବାକ୍ୟରୁ ଏକ ଜ୍ଞାନ ଦେଲେ । ମୋ ସ୍ତ୍ରୀ କହିଲେ, "ଏହା ସେହି ଯୁବତୀର ମା'ଙ୍କ ସହ ସଂଶ୍ଳିଷ୍ଟ ।" ସେହି ମୁଁ ଏହି କଥା ସେହି ଯୁବତୀକୁ କହିଲି, "ତୁମ୍ଭେ ତୁମ୍ଭ ମାଙ୍କୁ କ୍ଷମା ଦେବ କି ?" ସେହି କ୍ଷଣୀ ମୁଁ ଏହିପରି କହିବା ମାତ୍ରେ, ଏକ ଉଚ୍ଚ ବିକା ସ୍ୱର ତା' ମଧ୍ୟରୁ କ୍ଷଣ ମୁଁ ଏହିପରି କହିବା ମାତ୍ରେ, ଏକ ଉଚ୍ଚ ବିକାଶ ସ୍ୱର ତା' ମଧ୍ୟରୁ ଚିତ୍କାର କରିବାକୁ ଲାଗିଲା, ନାହିଁ ସେ ମୋତେ ଦେଇ ପାରିବ ନାହିଁ । ତା'ପରେ ସେ ତାହାଙ୍କ ମାଙ୍କୁ କ୍ଷମା ଦେଲେ ଏବଂ ମୁକ୍ତ କଲେ ଏବଂ ପ୍ରଭୁ ଅନୁଗ୍ରହରେ ତାଙ୍କ ମା'ଙ୍କ ଆତ୍ମା ଛାଡ ପଳେଇଲା । ସେ ଏହିପର କରିବାରେ ସମର୍ଥ ହେଲେ କାରଣ ସେ କ୍ଷମା ଦେବାର ନିଷ୍ପତ୍ତି ନେଲେ, ଏବଂ ତା'ପରେ ସେ ଉଦ୍ଧାର ମୁକ୍ତି ପ୍ରାପ୍ତ କଲେ ।

ଯେପରିକି ଯୀଶୁ (ମାଥିଉ-୧୮) ରେ ଦେଇଥିବା ନୀତିବାଣୀରେ କହିଲେ ଆମ୍ଭମାନଙ୍କର ସ୍ୱର୍ଗୀୟ ପିତାଙ୍କ ଠାରୁ ଏତେ ବଡ ବିରାଟ ଋଣ ପରିଶୋଧରୁ କ୍ଷମା ପାଇ ଯଦି ଆମେ ଆମ ହୃଦୟରୁ ଅନ୍ୟକୁ କ୍ଷମା ନକରୁ,ତେବେ ଆମ୍ଭେମାନେ ଯାତନାକାରୀଙ୍କ ହସ୍ତରେ ପଡିବ । ଯାତନା କାରୀ କ'ଣ / କେଉଁମାନେ ? ସେମାନେ ସମସ୍ତ ପ୍ରକାର ବିଷୟ ହୋଇପାରନ୍ତି - ପୈଶାଚିକ ଗଡ, ଦାସତ୍ୱ , ଅସୁସ୍ଥତା, ବିଷାଦତା, ରୋଗ, ବ୍ୟାଧି ଏବଂ ଏହିପରି ଅନେକ ବିଷୟ । ଏବଂ ଏ ସମସ୍ତରେ ମୂଳ ହେଲା କ୍ଷମା ନଦେଇ ପାରିବା । ଆମେ କ୍ଷମା ପ୍ରାପ୍ତ କଲା ପରେ କାହାକୁ କ୍ଷମା ନଦେବା ଦ୍ୱାରା ଶୟତାନକୁ ଆମେ ଆମ ଜୀବନକୁ ଆସିବାକୁ ନିମନ୍ତ୍ରଣ ଦେଉ । ବାଇବେଲ୍ କୁହେ ଆମ୍ଭମାନଙ୍କୁ କ୍ଷମା ଦେବାର ନିଷ୍ପତ୍ତି ରହିବା ଆବଶ୍ୟକ । ପ୍ରଭୁଙ୍କ ପ୍ରାର୍ଥନା (ମାଥିଉ ୬:୯-୧୧)ରେ ଯୀଶୁ କହିଲେ, ଆମ୍ଭେ ଯେପରି କ୍ଷମା କରିଅଛୁ , ସେହିପରି ଆମ୍ଭମାନଙ୍କୁ କ୍ଷମା କର ।

(ମାର୍କ ୧୧:୨୫-୨୬) କୁହେ, ଯେତେବେ ଆମେ ପ୍ରାର୍ଥନା କରୁ, ଯଦି କାହା ବିରୁଦ୍ଧରେ ଆମର କୌଣସି ଭାବନା ଥାଏ, ତାହା ଆମ୍ଭ ମାନଙ୍କୁ କ୍ଷମା ଦେବାକୁ ପଡ଼ିବ ଏହାର ଅର୍ଥ କ'ଣ ? କ୍ଷମା ନଦେଇ ପାରିବା କେତେ କାଳ ଯାଏଁ ଆମ ହୃଦୟରେ ରହିବ ? ସେତେବେଳେ ଯାଏଁ

ଯେତେବେଳେ ପର୍ଯ୍ୟନ୍ତ ଆମେ ତାହାକୁ ଈଶ୍ୱରଙ୍କ ନିକଟକୁ ନେଇକି ନଯାଉ । ଯଦି ଆମେ କାହା ବିରୁଦ୍ଧରେ ତିଳେ ହେଁ କୌଣସି ବିଷୟକୁ ଯୋଗୁଁ କ୍ଷମା ଦେଇନାହୁଁ, ତେବେ ଆମେ ତାହାକୁ କ୍ଷମା ଦେଇ କହିବା କଥା, "ପ୍ରଭୁ ମୁଁ ଆଜି ସେମାନଙ୍କୁ କ୍ଷମା ଦେଇ ଛାଡ଼ି ଦେଇଛି । ମୁଁ କ୍ଷମା ଦେଉଛି । ମୁଁ ଏହି ନିଷ୍ପତ୍ତି ନେଉଛି କାରଣ ତୁମ୍ଭେ ମୋତେ ଏତେ ବଡ ବିରାଟ ଋଣ ପରିଶୋଧର କ୍ଷମା ଦେଇଅଛ ।"

*"ପ୍ରଭୁ , ମୁଁ ସେ ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରୁଛି, ଯିଏ ବର୍ତ୍ତମାନ ଏହି ପାଠ୍ୟକ୍ରମ ଶିକ୍ଷାକୁ ପଢୁଅଛନ୍ତି । ଏବଂ ଯଦି ତାହାଙ୍କ ଜୀବନରେ ଯଦି କିଛି ବିଷୟ ଥାଏ, କ୍ଷମା ଦେଇ ପାରି ନାହାନ୍ତି , ତେବେ ତାହାଙ୍କୁ ଏହି ମୂହୁର୍ତ୍ତରେ ଏହି ନିଷ୍ପତ୍ତି ନେବାରେ ସାହାଯ୍ୟ କର, ଯାହାଦ୍ୱାରା ସେ ସେହି (ବଞ୍ଚିଥିବା/ ମୃତ) ଲୋକଙ୍କୁ କ୍ଷମା ଦେଇ ପାରନ୍ତି । ମୁଁ ପ୍ରାର୍ଥନା କରୁଛି ସେମାନେ ତାହା କରିପାରନ୍ତୁ ଏବଂ ସେମାନଙ୍କ ହୃଦୟ ତୁମର ଶକ୍ତି ଓ ଅନୁଗ୍ରହରେ ସୁସ୍ଥତା ଲାଭ କରୁ, ପ୍ରଭୁ । ମୁଁ ତୁମର ଧନ୍ୟବାଦ କରେ, ଯୀଶୁଙ୍କ ନାମରେ ମାଗୁଛି । ଆମେନ୍ ।"*

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢନ୍ତୁ ମାଥିଉ ୧୮:୨୧ । ପିତରଙ୍କୁ କେତେଥର କ୍ଷମା ଦେବାକୁ କୁହାଗଲା ?

**ମାଥିଉ ୧୮:୨୧-୨୭ -** *ସେତେବେଳେ ପିତର ତାହା ପାଖକୁ ଆସି ପ ରିଲେ, ହେ ପ୍ରଭୁ କେତେଥର ମୋହର ଭାଇ ମୋ ବିରୁଦ୍ଧ ପାପ କଲେ ମୁଁ କ୍ଷମା କରିବି ? (୨୨) କି ସାତଥର ପର୍ଯ୍ୟନ୍ତ ? ଯୀଶୁ ତାହାଙ୍କୁ କହିଲେ, ତୁମ୍ଭକୁ କେବଳ ସାତଥ ପର୍ଯ୍ୟନ୍ତ କହୁ ନାହିଁ, ମାତ୍ର ସତୁରି ଗୁଣ ସାତଥର ପର୍ଯ୍ୟ । (୨୩) ଅତଏବ, ସ୍ୱର୍ଗ ରାଜ୍ୟ ଆପଣା ଦାସ ମାନଙ୍କ ସହିତ ହିସାବ କରିବାକ ଇଚ୍ଛୁକ ଜଣେ ରାଜା ସଦୃଶ । (୨୮) ସେ ହିସାବ ଆରମ୍ଭ କରନ୍ତେ, ତିନିକୋଟି ଟଙ୍କା ଋଣ କରିଥିବା ଜଣେ ଦାସ ତାହାଙ୍କ ଛାମୁକୁ ଅଣାଗଲା । (୨୫) କିନ୍ତୁ ତାହାର ଋଣ ପରିଶୋଧ କରିବାକୁ କିଛି ନଥିବାରୁ ତାହା ପ୍ରଭୁ ତାହାକୁ ଏବଂ ତାହାର ସ୍ତ୍ରୀ, ପିଲାପିଲି ଓ ଓ ସର୍ବସ୍ୱ ବିକ୍ରୟ କରି ପରିଶୋଧ ନେବାକୁ ଆଜ୍ଞାଦେଲେ । (୨୬) ତେଣୁ ସେହି ଦାସ ତାଙ୍କୁ ଭୂମିଷ୍ଠ ପ୍ରଣାମ କରି କହିବାକୁ ଲାଗିଲା, ଆପଣ ମୋ ବିଷୟରେ ଧୈର୍ଯ୍ୟ ଧରନ୍ତୁ, ମୁଁ ଆପଣଙ୍କୁ ସବୁ ପରିଶୋଧ କରିଦେବି । (୨୭) ସେଥିରେ ସେହି ବାସର ପ୍ରଭୁ ସଦୟ ହୋଇ ତାହାକୁ ମୁକ୍ତ କରିଦେଲେ ଓ ତାହାର ଋଣ କ୍ଷମା କଲେ ।*

୨. ଆପଣ ପଢନ୍ତୁ ମାଥିଉ ୨୮:୨୨ । ଯୀଶୁ କେତେ ଥର ଆମ୍ଭେମାନେ କ୍ଷମା ଦେବା ଆବଶ୍ୟକ ବୋଲି କହିଲେ ?

୩. ଆପଣ ପଢ଼ନ୍ତୁ ମାଥି ୧୮:୨୩-୨୪ ।କେତେଟଙ୍କା ।ସେହି ଦାସ ଆପଣ ପ୍ରଭୁରୁ ଋଣ ନେଇଥିଲେ ?

୪. ଆପଣ ପଢ଼ନ୍ତୁ ମାଥି ୧୮:୨୫ ।ଯେହେତ ଏହି ବ୍ୟକ୍ତି ଜଣକ ବ୍ୟାଙ୍କ୍‌ରେ ଆଉ କିଛି କରି ପାରିନଥିଲେ, କଣ ହେଲା ?

୫. ଆପଣ ପଢ଼ନ୍ତୁ ମାଥିଉ ୧୮:୨୬ । ଦାସର ଅନୁରୋଧ କ'ଣ ଥିଲା ?

ସେ ତାର ଋଣ ପରିଶୋଧ ଦେଇ ପାରିଲ କି ?

୬. ଆପଣ ପଢ଼ନ୍ତୁ ମାଥିଉ ୧୮:୨୭ ସେହି ଦାସକୁ ପ୍ରଭୁ କେଉଁ ପ୍ରକାରର ବ୍ୟବହାର ଦେଖେଇଲେ ?

ପରମେଶ୍ୱର ଆମ୍ଭମାନଙ୍କ ପ୍ରତି / ଆମ୍ଭମାନଙ୍କ ଋଣ ପ୍ରତି କେଉଁ ପ୍ରକାରର ବ୍ୟବହାର ଦେଖେଇଲେ ?

୭. ଆପଣ ପଢନ୍ତୁ ମାଥିଉ ୧୮:୨୮ । ଯେଉଁ ଦାସକୁ ତା'ର ଋଣ ପରିଶୋଧ ପାଇଁ କ୍ଷମା ଦିଆଗଲା, ସେହି ଦାସ ଜଣକ ନିଜର ସହ ଦାସକୁ କେତେ ଋଣ ଦେଇଥିଲା ?

**ମାଥିଉ ୧୮:୨୮-୩ -** *କିନ୍ତୁ ସେହି ଦାସ ବାହାରିଯାଇ ତାହାଠାରୁ ପ ଶ ଟଙ୍କା ଋଣ କରିଥିବା ଜଣେ ସହଦାସର ଦେଖାପାଇ ତାହାଙ୍କୁ ଧରି ତାହାର ଗଳା ଚିପି କହିବାକୁ ଲାଗିଲା, ତୁ ଯାହା ଧାରୁ ସୁଝିବେ । (୨୯) ତେଣୁ ତାହାର ସହଦା ଭୂମିଷ୍ଠ ହୋଇ ତାହାକୁ ବିନତି କରି କହିବାକୁ ଲାଗିଲା, ଆପଣ ମୋ ବିଷୟରେ ଧୈର୍ଯ୍ୟ ଧରନ୍ତୁ, ମୁଁ ଆପଣଙ୍କୁ ପରିଶୋଧ କରିଦେବି ।(୩୦) ମାତ୍ର ସେ ସମ୍ମତ ହେଲା ନାହିଁ, କିନ୍ତ ଯାଇ ଋଣ ପରିଶୋଧ ନ କରିବା ଯାଏ ତାହାକୁ କାରାଗାରରେ ପକାଇ ଦେଲା । (୩୧) ତେଣୁ ତାହାର ସହଦାସ ମାନେ ଏହି ଘଟଣା ଦେଖି ଅତ୍ୟନ୍ତ ଦୁଃଖିତ ହେଲେ ଓ ଯାଇ ସେମାନଙ୍କ ପ୍ରଭୁଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରି ଜଣାଇଲେ ।(୩୨) ସେଥିରେ ତାହାର ପ୍ରଭୁ ତାହାକୁ ପାଖକ ଡକା କହିଲେ, ରେ ଦୁଷ୍ଟ ଦାସ, ତୁ ମୋତେ ବିନ କରିବାରୁ ମୁଁ ତୋର ସେହି ସମସ୍ତ ଋଣ କ୍ଷମା କଲି । (୩୩) ମୁଁ ଯେ ରୂପେ ତୋତେ ଦୟା କଲି, ସେ ରୂପେ ମଧ୍ୟ ଆପଣାର ସହ ଦାସକୁ ଦୟା କରିବା କି ତୋର କର୍ତ୍ତବ୍ୟ ନଥିଲା ? (୩୪) ଆଉ ତାହାର ପ୍ରଭୁ କ୍ରୁଦ୍ଧ ହୋଇ ସମସ୍ତ ଋଣ ପରିଶୋଧ ନ କରିବା ପର୍ଯ୍ୟନ୍ତ ତାହାକୁ ଯନ୍ତ୍ରଣା ଦେବା ଲୋକ ମାନଙ୍କ ହସ୍ତରେ ସମର୍ପିତା କଲେ । (୩୫) ତୁମ୍ଭେମାନେ ପ୍ରତ୍ୟେକ ଜଣ ଯଦି ଅନ୍ତର ସହ ଆପଣା ଆପଣା ଭାଇକି କ୍ଷମା ନକର, ତାହାହେଲେ, ମୋ ସ୍ୱର୍ଗସ୍ଥ ପିତା ହିଁ ତୁମ୍ଭମାନଙ୍କ ପ୍ରତି ସେହି ପ୍ରକାର କରିବେ ।*

୮. ଆପଣ ପଢ଼ନ୍ତୁ ମାଥିଉ ୧୮:୨୮ ଏହି ଦାସ ବ୍ୟବହାର ନିଜ ସହ ଦାସ ପ୍ରତି କିପରି ଥିଲା ?

୯. ଆପଣ ପଢ଼ନ୍ତୁ ମାଥି ୧୮:୨୯-୩୦ ଏହି ଦାସ ଜଣକ ତା'ର ସହ ଦାସ ସହ କ'ଣ କଲା ?

୧୦. ଆପଣ ପଢ଼ନ୍ତୁ ମାଥିଉ ୧୮:୩୧-୩୩ । ପ୍ରଭୁ ତା'ର କ୍ଷମାପ୍ରାପ୍ତ କରିପାରିଥିବା ଦାସକୁ କ'ଣ ବୋଲି ଡାକିଲେ ?

୧୧. ଆପଣ ପଢ଼ନ୍ତୁ ମାଥିଉ ୧୮:୩୩ । ପ୍ରଭୁ ତା'ର ଦାସକୁ ସେ କ'ଣ କରିବା ଉଚିତ ବୋଲି କହିଲେ ?

୧୨. ଆପଣ ପଢ଼ନ୍ତୁ ମାଥିଉ ୧୮:୩୪ । ଯେତେବେଳେ ପ୍ରଭୁ ଜାଣିବାକୁ ପାଇଲେ ଯେ, କ'ଣ ଘଟଣା ଘଟିଛି ବୋଲି, ଏହା ତାହାଙ୍କ ମନୋଭାବକୁ କିପରି କଲା ?

୧୩. ଆପଣ ପଢନ୍ତୁ ମାଥିଉ ୧୮:୩୪ । ଏହି କ୍ଷମା ଦେଇ ପାରି ନଥିବା ଦାସ ଜଣକ ନିଜ କର୍ମ/ ନିଷ୍ପତ୍ତି ଦ୍ୱାରା, ନିଜେ ପ୍ରକୃତରେ ପାଇଥିବା କ୍ଷମା କ'ଣ କରେଇଲା କି ?

୧୪. ଆପଣ ପଢ଼ନ୍ତୁ ମାଥିଉ ୧୮:୩୫ । ଏହି ନୀତିବାଣୀର ମୁଖ୍ୟ ବିଷୟ କ'ଣ ?

## ଉତ୍ତର

୧. ଆପଣ ପଢ଼ନ୍ତୁ ମାଥିଉ ୧୮:୨୧ । କେତେଥର କ୍ଷମା ଦବା ପାଇଁ ପିତର କହିଲା ?

*୭ ଥର ।*

୨. ଆପଣ ପଢ଼ନ୍ତୁ ମାଥିଉ ୧୮:୨୨ କେତେଥର କ୍ଷମା ଦେବାକୁ ଆମ୍ଭମାନଙ୍କୁ କହିଲେ ?

*ଚାରିଶହ ନବେ ଥର (ଅନବିରତ ଭାବେ)*

୩. ଆପଣ ପଢ଼ନ୍ତୁ ମାଥିଉ ୧୮:୨୩-୨୪ ଏହି ଦାସ ଜଣକ ତା'ର ପ୍ରଭୁ ଠାରୁ କେତେ ଋଣ ନେଇଥିଲା ?

*ତିନିକୋଟି ଟଙ୍କା । (ଏତିକିଟଙ୍କା, ଯାହାକି କେବେ ପରିଶୋଧ ହୋଇ ପାରିନଥା'ନ୍ତା)*

୪. ଆପଣ ପଢ଼ନ୍ତୁ ମାଥିଉ ୧୮:୨୫ । ଯେହେତୁ ଏହି ଦାସ ଜଣ ବ୍ୟାଙ୍କ୍‌ରେ କିଛି କରି ପାରିନଥା'ନ୍ତା ।, କ'ଣ ହେବାକୁ ଥିଲା ?

***ସେହି ଋଣର ପରିଶୋଧ ପାଇଁ ସେ, ତା'ର ସ୍ତ୍ରୀ ପିଲାମାନେ ଏବଂ ତାର ସମସ୍ତ ସମ୍ପତ୍ତି ବଜାରରେ ବିକ୍ରୟ କରି ସମସ୍ତ ଋଣ ପରିଶୋଧ ହୋଇଥିଲା ।***

୫. ଆପଣ ପଢ଼ନ୍ତୁ ମାଥଉ୍ ୧୮:୨୬ । ଦାସ ଜଣଙ୍କର କ'ଣ ଅନୁରୋଧ ଥିଲା ?

***ତା'ର ପ୍ରଭୁ ତା'ପ୍ରତି ଟିକିଏ ଧାର୍ଯ୍ୟ ଧରନ୍ତୁ ଏବଂସେ ସମସ୍ତ ଋଣ ପରିଶୋ କରିଦେବ ।***

ସେ ତାର ଋଣ ପରିଶୋଧ ଦେଇ ପାରିଲ କି ?

**ହୁଏତ ନାହିଁ**

୬. ଆପଣ ପଢ଼ନ୍ତୁ ମାଥିଉ ୧୮:୨୭ । ପ୍ରଭୁ ତାପ୍ରଭୁ ତା'ର ଦାସ ପ୍ରତି କେଉଁ ପ୍ରକାର ବ୍ୟବହାର କଲେ ?

*ତା' ଉପରେ ଦୟା କଲେ ଓ କ୍ଷମା ଦେଲେ ।*

ପରମେଶ୍ୱର ଆମ୍ଭମାନଙ୍କ ପ୍ରତି / ଆମ୍ଭମାନଙ୍କ ଋଣ ପ୍ରତି କେଉଁ ପ୍ରକାରର ବ୍ୟବହାର ଦେଖେଇଲେ ?

*ତା' ଉପରେ ଦୟା କଲେ ଓ କ୍ଷମା ଦେଲେ ।*

୭. ଆପଣ ପଢ଼ନ୍ତୁ ମାଥିଉ ୧୮:୨୮ । ସେହି ଦାସ ଜଣଙ୍କଠାରୁ ତାର ସହ ଦାସୀ କେତେ ଋଣୀ ଥିଲା ?

*ପଚାଶ ଟଙ୍କା (ଗୋଟିଏ ଦିନର ମଜୁରୀ*

୮. ଆପଣ ପଢ଼ନ୍ତୁ ମାଥିଉ ୧୮:୨୮ । ସେହିଦାସର ତା' ସହ ଦାସ ପ୍ରତି କ'ଣ ବ୍ୟବହାର ଥିଲା ?

*ଅଧର୍ଯ୍ୟ,ଅହିଂସା ଏବ କ୍ଷମା ନଦେଇ ପାରିବା ।*

୯. ଆପଣ ପଢ଼ନ୍ତୁ ମାଥିଉ ୧୮:୨୯ -୩୦ । ଏହି ଦାସ ତା' ସହ ଦାସ ସହ କ'ଣ କଲା ?

*ତାହାକୁ କାରାଗାରରେ ପକେଇଲା, ଯେତେବେଳେ ଯାଏଁ ଏହି ଛୋଟ ଋଣ ସେ ଶୁଝୁନି ।*

୧୦. ଆପଣ ପଢ଼ନ୍ତୁ ମାଥିଉ ୧୮:୩୧-୩୩ । ଏହି କ୍ଷମା ନଦେଇ ପାରିଥିବ ଦାସକୁ ତା'ର ପ୍ରଭୁ କ'ଣ ବୋଲି ଡାକିଲେ ?

*ଦୁଷ୍ଟ ଦାସ ।*

୧୧. ଆପଣ ପଢ଼ନ୍ତୁ ମାଥିଉ ୧୮:୩୩ । ଦାସର ପ୍ରଭୁ ଜଣକ ଦାସକୁ କ'ଣ କରିବା ଉଚିତ୍ ବୋଲି କହିଲେ ?

*ସେ ସେହି ଦାସକୁ ଯେପରି ଦୟା । କଲେ, ସେ ରୂପେ ସେହି ଦାସ ମଧ୍ୟ ଆପଣା । ସହଦାସକୁ ଦୟା କରିବା ତାର କର୍ତ୍ତବ୍ୟ ଥିଲା ବୋଲି କହିଲେ । ସେ ତାହାକୁ ଛାଡିବାର ଥିଲା ଓ କ୍ଷମା ଦେବାର ଥିଲା ।*

୧୨. ଆପଣ ପଢ଼ନ୍ତୁ ମାଥିଉ ୧୮:୩୪- । ଦାସର ପ୍ରଭୁ ଜଣ ଯେତେବେଳେ ଘଟଣା ବିଷୟରେ ଜାଣିବା ପାଇଲେ, ଏହା ତାହାଙ୍କୁ କିପରି ଆଘାତ ଦେଲା ?

*ସେ ରାଗିଗଲେ ।*

୧୩. ଆପଣ ପଢ଼ନ୍ତୁ ମାଥିଉ ୧୮:୩୪ । କ'ଣ ଏହି କ୍ଷମା ନଦେଇ ପାରିଥିବା ଦାସ ଜଣକ ନିଜର କାର୍ଯ୍ୟ/ନିଷ୍ପତ୍ତି ଦ୍ୱାରା, ନିଜେ ପାଇଥିବା ପ୍ରକୃ କ୍ଷମାକୁ ହରେଇଲା କି ?

*ହଁ ।*

୧୪. ଆପଣ ପଢ଼ନ୍ତୁ ମାଥିଉ ୧୮:୩୫ । ଏହ ନୀତିବାଣୀର ବିଷୟ ବସ୍ତୁ କ'ଣ ?

*ଯଦି କେହି ଆପଣଙ୍କୁ କ୍ଷମା ମାଗେ, ଆଉ ଆପଣମାନେ ଯଦି ପ୍ରତ୍ୟେକ୍ୟାଓଳକ ତାହାଙ୍କୁ ବିନା ସର୍ତ୍ତରେ କ୍ଷମା ଦେଇ ପାରୁନାହାନ୍ତି ତେବେ, ସ୍ୱର୍ଗସ୍ଥ ପିତା ମଧ୍ୟ ଆଇତା ମାନଙ୍କ ପ୍ରତି ସେହି ପ୍ରକାରେ କରିବେ । (ମାଥିଉ ୧୮:୩୫) । ଏହି ସମ୍ବାଦ ।*

## ପାଠ୍ୟକ୍ରମ ୧୦

# ବିବାହ - ଭାଗ ୧

### *ଲେଖକ - ଡନ୍ କ୍ରୋ*

ଆଜି ଆମ୍ଭେମାନେ ବିବାହ ବିଷୟରେ ଆଲୋଚନା କରିବା । ପ୍ରଥମତଃ, ମୁଁ ଆପଣମାନଙ୍କୁ କିଛି ପରି ସଂଖ୍ୟାନ ଦେବାକୁ ଚାହେଁ । ୭୫ ଶତକଡ଼ା ପରିବାର ଆଜି ବିବାହ ପରାମର୍ଶ ଦାତାଙ୍କୁ ଆବଶ୍ୟକ କରନ୍ତି । ଦୁଇଟି ବିବାହରୁ ଗୋଟିଏ ବିବାହ ଛାଡ଼ପତ୍ରରେ ଶେଷ ହୋଇଯାଏ । ୫୦ ଶତକଡା ବିବାହରେ, ପ୍ରଥମ ପାଞ୍ଚବର୍ଷ ମଧରେ ଉଭୟଙ୍କ ମଧରୁ କେହି ଜଣେ ସାଥୀ ନିଜ ସଂପର୍କରେ ଅବିଶ୍ୱସ୍ତତା ଦେଖାନ୍ତି । ଏପରିକି ଖ୍ରୀଷ୍ଟିୟାନ କ୍ଷେତ୍ରରେ, ୩୦ ଶତକଡ଼ା ସେବାକାର୍ଯ୍ୟ କରଥିବା ବ୍ୟକ୍ତିମାନେ ନିଜ ଗୀର୍ଜା-ମର୍ଡଳୀରେ ଥିବା କାହା ସହ ଗୋଟିଏ ଅବୈଧ ସଂପର୍କରେ ରୁହନ୍ତି । ମୋତେ ଲାଗୁଛି ଆମ୍ଭେମାନେ ବୋଧହୁଏ ସ୍ୱାଭାବିକ ଭାବରେ ବାଇବେଲର ମୂଳତତ୍ତ୍ୱ/ସିଦ୍ଧାନ୍ତ କୁ ବୁଝିପାରିବାକୁ । ଆଜି ଆମେ ଏହି ବିବାହ ବିଷୟରେ ଚିନ୍ତା କରିବାକୁ ଯାଉଛେ ଏବଂ ପରମେଶ୍ୱର ବିବାହ ବିଷୟରେ କ'ଣ କହିନ୍ତି ତାହା ଦେଖିବା-ଏବଂ କିପରି ଆପଣ ଆପଣଙ୍କର ବୈବାହିକ ସଂପର୍କକୁ ଆହୁରି ଦୃଢ କରି ପାରିବେ ତାହା ମଧ ଦେଖିବା ।

ବିବାହ ହେଉଛି ଇଶ୍ୱରଙ୍କ କଳ୍ପନା । ସେ ଏହାକୁ ପରିକଳ୍ପନା କରିଛନ୍ତି । (ଆଦି ପୁସ୍ତକ୨ :୧୮) କୁହେ *"ଅନନ୍ତର ସଦାପ୍ରଭୁ ପରମେ୍ୱର କହିଲେ, ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକରାଣୀ ନିର୍ମାତା କରିବା ।"* ଏବଂ ମଧ (ଆଦି ପୁସ୍ତକ ୧ :୩୧) କୁହେ *"ପରମେ୍ୱର ଆପଣା ନିର୍ମିତ ପ୍ରତ୍ୟେକ ବସ୍ତୁ ପ୍ରତି ଦୃଷ୍ଟି କଲେ, ଆଉ ଦେଖ, ସମସ୍ତ ଅତ୍ୟୁତ୍ତମ । ତହିଁରେ ସନ୍ଧ୍ୟା ଓ ପ୍ରାତଃକାଳ ହୋଇ ଷଷ୍ଠ ଦିବସ ହେଲା ।"* ଆପଣଙ୍କୁ ମନେ ରଖିବାକୁ ହେବ ଯେ, ଏହା ପରମେଶ୍ୱରଙ୍କ ପୂର୍ଣ୍ଣ ସୃଷ୍ଟିଥିଲା । ପରମେଶ୍ୱର ନିଜେ ଆସି, ମନୁଷ୍ୟ ସହ ବାସ କଲେ । ପରମେଶ୍ୱରଙ୍କ ଆଦାମ୍ ଙ୍କ ସହ ଏକ ସୁନ୍ଦର ସଂପର୍କ ଥିଲା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସେ ଆସୁଥିଲେ ଓ ଆଦାମ୍ ଙ୍କ ସହ ସମୟ ବିତାଉଥିଲେ । ବେଳେ ବେଳେ ଆମେ ଭାବୁ ଯଦି ଆମେ ଇଶ୍ୱରଙ୍କ ସହ ଏକ ପୂର୍ଣ୍ଣ ସଂପର୍କରେ ରଖିଥାନ୍ତୁ ତେବେ ଆଉ କୌଣସି ବିଷୟର ଆବଶ୍ୟକତା ଆମର ନ ଥାନ୍ତା , କିନ୍ତୁ ତାହା ସତ୍ୟ ନୁହେଁ । ପରମେଶ୍ୱର (ଆଦି ପୁସ୍ତକ ୧ :୩୧) ରେ କହିଲେ ନିଜେ ସୃଷ୍ଟି କରିଥିବା ସୃଷ୍ଟି କୁ ଦେଖି, ଆଉ ଦେଖ, ସମସ୍ତ ଅତ୍ୟୁତ୍ତମ।" ପ୍ରଥମଥର ଯେତେବେଳେ ପରମେଶ୍ୱର "ଉତ୍ତମ ନୁହେଁ" ବୋଲି କହିଲେ, ତାହା ଆମକୁ ଦେଖିବାକୁ ମିଳେ (ଆଦି ପୁସ୍ତକ ୨ :୧୮)ରେ , *"ମନୁଷ୍ୟ ଏକାକୀ ରହିବା ଭଲ ନୁହେଁ ।"* ତେଣୁ ବିବାହ ହେଉଛି ପରମେଶ୍ୱରଙ୍କ ଇଚ୍ଛା ଓ କଳ୍ପନା, ମନୁଷ୍ୟର ଆବଶ୍ୟକତାକୁ ଦୂର କରିବା ପାଇଁ ଏବଂ ତାହାକୁ ଜୀବନର ବିଭିନ୍ନ ପରିସ୍ଥିତିରେ

ଏକାକୀ ରହିବାର ଅନୁଭୂତିରେ ତାହାକୁ ସମସ୍ୟା ସମ୍ମୁଖୀନ ପାଇଁ ସାହାର୍ଯ୍ୟ କରିବାକୁ । ପ୍ରଭୁ ବିବାହ ବିଷୟରେ କୁହନ୍ତି, ତାହା କେବଳ ଏମିତି ହିଁ ନ ମାନି, ତାହାକୁ ଯଦି ସେ କହିବା ଅନୁସାରେ କରାଯାଏ, ତେବେ ତାହା ଆନନ୍ଦ ଆଣିଦିଏ । ଦୁଃଖ ନାହିଁ ।

ଆଦି ପୁସ୍ତକ ୨:୨୪ ରେ ପ୍ରଥମ ଥର ପାଇଁ ବାଇବେଲ ବିବାହ ବିଷୟରେ ବହୁତ କିଛି ବିଷୟ କୁହେ । ଏହା କୁହେ *"ଏଥି ନିମନ୍ତେ ମନୁଷ୍ୟ ଆପଣା ପିତା ମାତାଙ୍କୁ ଚାଡି ଆପଣା ଭାର୍ଯ୍ୟାଠାରେ ଆସକ୍ତ ହେବ, ଆଉ ସେମାନେ ଏକାଙ୍ଗ ହେବେ ।"* ବିବାହ ହେଲା ଅନ୍ୟ ସମସ୍ତ ବିଷୟକୁ (ବା) ସଂପର୍କକୁ ଛାଡି ଆଉ ଗୋଟିଏ ବ୍ୟକ୍ତି ସହ କେନ୍ଦ୍ରିତ କରିବା ଏବଂ ଏହାକୁ ଏହିପରି ଭାବେ ଈଶ୍ୱର ପରିକଳ୍ପନା କରିଛନ୍ତି । ଏହା ଏପରି ଯେପରିକି ଏକ ତ୍ରିକୋଣାକାର ଯୁକ୍ତ-ସଂପର୍କ । ବୈବାହିକ ସଂପର୍କରେ ଯେତେବେଳେ ପରମେଶ୍ୱର ଆଦାମ ଓ ହବାଙ୍କୁ ଏକସଙ୍ଗ କଲେ, ତାହାକେବଳ ଆଦାମ ଈଶ୍ୱରଙ୍କ ସହ ସଂଯୁକ୍ତ ନଥିଲା (କି) କେବଳ ହବଏ କେବଳ ସଂଯୁକ୍ତ ଥିଲେ । ମାତ୍ର ବର୍ତ୍ତମାନ ଆଦାମ ଓ ହବା ଉବ୍ୟ ଏକ ସଙ୍ଗୀ ହୋଇଥିଲେ, ପ୍ରଭୁଙ୍କର ଉଦ୍ଦେଶ୍ୟ ପାଇଁ ଏକତ୍ର ଥିଲେ । ବାଇବେଲ କୁହେ (୧ମ ପିତର ୩:୭) *"ସେହି ପ୍ରକାର ହେ ସ୍ୱାମୀମାନେ, ତୁମ୍ଭମାନଙ୍କ ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ, ଏଥି ନିମନ୍ତେ ସ୍ତ୍ରୀମାନଙ୍କୁ ଅପେକ୍ଷାକୃତ ଦୁର୍ବଳା ପାତ୍ରୀ ଓ ଆପଣାମାନଙ୍କ ସହିତ ଜୀବନରୂପ ଅନୁଗ୍ରହମାନର ସହାଧିକାରିଣୀ ଜାଣି ସେମାନଙ୍କୁ ସମାଦର କର ପୁଣି ଜ୍ଞାନରେ ସେମାନଙ୍କର ସହିତ ବାସ କର ।"* (ଆଦିପୁସ୍ତକ ୫:୧-୨), ବାସ୍ତବର ଅତ୍ୟନ୍ତ ହି ମହାନ, ଅନୁଚ୍ଛେଦ ଅଟେ, ତାହା ଏପରି କୁହେ, *"ଆଦାମଙ୍କର ବଂଶାବଳୀର ବୃତ୍ତାନ୍ତ ଏହି । ଯେଉଁ ଦିନ ପରମେଶ୍ୱର ମନୁଷ୍ୟକୁ ସୃଷ୍ଟି କଲେ, ସେହିଦିନ ପରମେଶ୍ୱରଙ୍କ ସାଦୃଶ୍ୟରେ ସେ ତାଙ୍କୁ ନିର୍ମାଣ କଲେ । ପରୁଷ ଓ ସ୍ତ୍ରୀ କରି ସେ ସେମାନଙ୍କୁ ସୃଷ୍ଟି କଲେ ; ଆଉ ସେମାନେ ସୃଷ୍ଟି ହେବା ଦିନ ସେମାନଙ୍କୁ ଆଶୀର୍ବାଦ କରି ଆଦାମ (ମନୁଷ୍ୟ) ନାମ ହେଲେ ।"* କିନ୍ତୁ ପରମେଶ୍ୱର ଆଦାମ ଓହବା ଏକତ୍ର ନାମ ଧରି ଧରି, ଆଦମ ବୋଲି ଡ଼ାକିଲେ । ତେଣୁ ବିବାହ ସଂପର୍କରେ, ପରମେଶ୍ୱର ଏବଂ ମୁଁ ଏପରି ଆଉ ନୁହେଁ (ବା) ପରମେଶ୍ୱର ଏବଂ ସେ ସ୍ତ୍ରୀ ଏହିପରି ମଧ ନୁହେଁ – ଏହା ମୁଁ ଏବଂ ମୋ ସ୍ତ୍ରୀ ଏକତ୍ର ଅଟେ, ଯିଏକି ପ୍ରଭୁଙ୍କ ଅନୁଗ୍ରହରେ ତାହାଙ୍କ ଉଦ୍ଦେଶ୍ୟ ପୂରଣ କରି ତାହାଙ୍କୁ ସେବା କରିବା ପାଇଁ ସୃଷ୍ଟ ହେଲେ ଏବଂ ଏକତ୍ର-ଏକ ସଙ୍ଗର ହୋଇ ।

ଆଦି ପୁସ୍ତକ ୨: ୨୪ କୁହେ, ଯାହା ଆସେ କିଛି ସମୟ ପୂର୍ବରୁ ପଢିଲୁ ଏଥିନିମନ୍ତେ ମନୁଷ୍ୟ ଅପଣା ପିତା ଓ ମାତାଙ୍କୁ ଛାଡି ଆପଣା ଭାର୍ଯ୍ୟା ଠାରେ ଆସକ୍ତ ହେବ, ଆଉ ସେମାନେ ଏକାଙ୍ଗ ହେବେ । ଏହି ମକ "ଆସକ୍ତ" ଅର୍ଥ ହେଲା ଲାଖି ରହିବା (ବା) ସଂଲଗ୍ନ ହେବା, ଏକାଙ୍ଗ ହେବା, ଗୋଯିଏ ଉଦେଶ୍ୟ ରଖିବା । ଯଦି ଆପଣ ଆପଣଙ୍କ ବୈବାହିକ ସଂପର୍କରେ କିଛି ସମସ୍ୟା ଦେଇ ଯାଉଛନ୍ତ ତେବେ, ଆଜି ମୋତେ ଆପଣଙ୍କୁ କିଛି ପ୍ରଶ୍ନ ପ    ରିବାକୁ    ହୁଁଛି: ଆପଣ ଯେଉଁ ସବୁ ବିଷୟ, କାର୍ଯ୍ୟ ତାହାଙ୍କ ପାଇଁ କରୁଛନ୍ତି, ଯେଉଁପରି ଆପଣାର ପତି/ପତ୍ନୀଙ୍କୁ ବ୍ୟବହାର କରୁଛନ୍ତି, ଆପଣ ତାହାଙ୍କୁ ଯାହା କହୁଛନ୍ତି, ସେ ସମସ୍ତ ବିଷୟ ଆପଣ ଉଭୟଙ୍କୁ ଆହୁରୀ ନକଟବର୍ତ୍ତୀ (ବା) ଏକ କରାଉ ଅଛି କି ? ନା, ସେ ସମସ୍ତ ବିଷୟ ଆପଣ ଉଭୟଙ୍କ ମଧରେ ସଂପର୍କ ଭାଙ୍ଗୁଛି, ଆପଣ ଉଭୟଙ୍କ ମଧରେ ଦୂରତା ଆଣୁଛି ? ଶାସ୍ତ୍ରର ଆଜ୍ଞା ଅନୁସାରେ ବିବାହରେ ଲାଖି ରହିବା, ସଂଲଗ୍ନ ହୋଇ ରହିବା ଆବଶ୍ୟକ । ତେଣୁ, ଆପଣ ଯାହା ସବୁ କରୁଛନ୍ତି ତାହା

ଆପଣଙ୍କ ସଂପର୍କ ଗଢୁଛି (ବା) ଭାଙ୍ଗୁଛି ?ଆଉ ଆପଣଙ୍କୁ ଏହି ସବୁ ବିଷୟସବୁ ଉପରେ ଟିକେ ଧ୍ୟାନ ଦେଇ ଦେଖିବାକୁ ପଡ଼ିବ ।

ଲୋକମାନେ ଭାବନ୍ତି ପ୍ରେମ କରିବା କେବଳ ଏକ ଆବେଗପୂର୍ଣ୍ଣ ଭାବନା: "ମୁଁ ତୁମକୁ ପ୍ରେମ କରୁଥିଲି, କିନ୍ତୁ ମୁଁ ସେ ପ୍ରେମରୁ ବାହାରି ଅଛି -ଆଉ ତୁମକୁ ପ୍ରେମ କରୁନାହିଁ।" ଭାବିନିଅନ୍ତୁ ଆପଣ ଗୋଟିଏ ଭାଙ୍ଗିଯାଇଥିବା ପରିବାରୁ ଆସିଛନ୍ତି । ଆଉ ଆପଣ କେଉଁ ଗୋଟିଏ ମନ୍ତ୍ରୀ (ବା) ଜର୍ଜ୍ ଙ୍କ ପାଖକୁ ବିବାହ କରିବା ପାଇଁ ଯାଉଛନ୍ତି; ଆଉ ଆପଣ ଜୀବନ ସେହି ଅଜଣା ବ୍ୟକ୍ତି ସହ ଆରମ୍ଭ କରି ପ୍ରତିଶ୍ରୁତି ବଦ୍ଧ ହେବାକୁ  ଚାହୁଁଛନ୍ତି; ଆଉ ଆପଣ ପ୍ରକୃତରେ ଚାହୁଁଛନ୍ତି ଆପଣଙ୍କ ମୃତ୍ୟୁଯାଏ ଏକ ହୋଇ ରହିବେ । କିନ୍ତୁ ଆପଣଙ୍କ ଭଙ୍ଗା ପରବାର ଯୋଗୁଁ ଆପଣ କେବେ ସେ ପ୍ରକାର ପ୍ରେମ, ସ୍ନେହ, ଭଲ ପାଇବା ଆପଣଙ୍କ ପରିବାରରେ ପ୍ରକାଶିତ ହେବା ଦେଖିନାହାଁନ୍ତି । ଆପଣଙ୍କ ପତି(ବା)ପତ୍ନୀ ହୋଇପାରେ ଏପରି ଏକ ପ ରିବାରରୁ ଆସିଛନ୍ତ, ଯେଉଁ ପ୍ରେମ ଓ ସ୍ନେହ ବହୁତ ଭାବେ, ଉତ୍ତମ ଭାବେ ସମସ୍ତେ ପରିପ୍ରକାଶ କରନ୍ତି, କିନ୍ତୁ ଆପଣ ଜାଣି ନାହିଁନ୍ତି ଏହା କିପରି କରାଯିବ ? ଯଦିବା ଆପଣ ଏହି ବ୍ୟକ୍ତି ଜଣଙ୍କ ଯାହାଙ୍କ ସହ, ଆପଣ ପ୍ରତିଶ୍ରୁତି ବଦ୍ଧ ତାହାକୁ ଭଲ ପାଇବାକୁ  ଚାହାନ୍ତି, ଯେହେତୁ ଆପର ନିଜେ ଏତେ ଭାଙ୍ଗି ଯାଇଛନ୍ତି ଭିତରୁ ଏହିପରି ଭଲପାଇବା ପ୍ରକାଶ କିପରି କରାଯିବ, ତାହା କେବେ ଦେଖି ନାହାଁନ୍ତ, ହୋଇପାରେ ଏହି କାରଣ ଯୋଗୁଁ ଆପଣ ବିଫଳ ହେବେ । ଆଉ ଏହିପରି ହେବାର ସମ୍ଭାବନା ଅଛି ଯେ, କିଛି ବର୍ଷ ମଧ୍ୟରେ ଆପଣଙ୍କୁ ଜଣେ ବିବାହ ପରାମର୍ଶଦାତାଙ୍କ ପାଖକୁ ଯିବାକୁ ପଡ଼ିବ । "ଆମେ ଆଉ ମିଶି ରହିପାରିବୁ ନାହିଁ । ମୁଁ ଆଉ ତାଙ୍କୁ ଭଲ ପାଉ ନାହିଁ ।" ଇତ୍ୟାଦି । ଛାତ୍ରନ୍ତୁ, ତେବେ ଆଜି ମୋ ପାଖରେ ଆପଣଙ୍କ ପାଇଁ ଭଲ ସମାଚ୍ଚର ଅଛି: ଯଦି ଆପଣଙ୍କ ବୈବାହିକ ସଂପର୍କରେ କିଛି ସମସ୍ୟା ଅଛି, ତେବେ କିଛି ବିଷୟ ଅଛି, ଯାହା ତାହାକୁ ସଠିକ କରିବାରେ ସମର୍ଥ ହେବ ।

ଯେତେବେଳେ ଆପଣ ଖାଦ୍ୟ ପଦାର୍ଥ ଥଣ୍ଡା ରଖୁଥିବା ଯନ୍ତ୍ର (ରେଫ୍ରିଜେରେଟର୍) ନୂଆକରି କିଣନ୍ତି ଏବଂ କିଣୁ କିଣୁ ଯଦି ଆପଣ ସେଥିରୁ କିଛି ସମସ୍ୟା ପାଇବେ, ତେବେ ଆପଣ ଜାଣନ୍ତି ଯେ, ତାହା ସହି ଆସିଥିବା ପ୍ରକରଣ(ନିୟମ)ପୁସ୍ତକ ଦେଖିବା ଉଚିତ୍ । ଆଉ ସେହି ପ୍ରକରଣ/ନିୟମ ପୁସ୍ତକ ଆପଣଙ୍କୁ କହିପାରେ ଯେ କ'ଣ ଭୁଲ୍‌ଭାଲ ଅଛି (ବା)ସମସ୍ୟାଟି କ'ଣ ? (ନା) ଆପଣଙ୍କୁ ତାହାକୁ ତିଆରି କରିପାରିଥିବା ବ୍ୟକ୍ତି ପାଖକୁ ନେଇ ଯିବାକୁ ପଡ଼ିବ । ସେହିପରି ବୈବାହିକ ସଂପର୍କରେ ମଧ୍ୟ ଏକ ପ୍ରକରଣ/ନିୟମ ଅଛି, ତାହାକୁ ସଠିକ କରିବା ପାଇଁ । ତାହା ହେଉଛି ପ୍ରଭୁଙ୍କ ବାକ୍ୟ ଏବଂ ସେହି ବାଇବେଲ ଆମକୁ (ତୀତ୍‌ସ୍ ୨:୪) ରେ କୁହେ, ପ୍ରେମ ହେଉଛି ଏହିପରି ଏକ ବିଷୟ, ଯାହା ଶିଖାଯାଇପାରେ ଏବଂ ଶିଖି ହୁଏ । ଆପଣ ଯଦି କୌଣସି ଭାଙ୍ଗିଯାଇଥିବା ପରିବାରରୁ ଆସନ୍ତି ଏବଂ ପ୍ରକୃତରେ ଜାଣନ୍ତି ନାହିଁ" ଆପଣା ପତି/ପତ୍ନୀ କୁ କିପରି ପ୍ରେମ କରାଯିବ-ଆଉ ଆପଣଙ୍କ ବିବାହ ଭାଙ୍ଗିବାକୁ ଯାଉଛି-ତେବେ ଗୋଟିଏ ଭଲ ସମା ର ଆପଣଙ୍କ ପାଇଁ(୧ମ ଯୋହନ ୫:୩) କୁହେ, *"କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞାସବୁ ଭାର ସ୍ୱରୂପ ନୁହେଁ ।"* ଯୀଶୁ ଖ୍ରୀଷ୍ଟଙ୍କ ଆଜ୍ଞା ସବୁ ଦ୍ୱାରା, ଯିଏ କି ଆମକୁ କିପରି ପ୍ରେମ କରାଯାଏ, କିପରି ଦୟା ଓ ଉଦାରତା ପରିପ୍ରକାଶ କରାଯିବ ଓ ବିବାହ ସଂପର୍କରେ ଅନ୍ୟ ବ୍ୟକ୍ତିର କିପରି ସୁଖ ଅଣାଯାଇପାରିବ

ତାହା ପାଇପାରିବା । ପରମେଶ୍ୱର ଆପଣଙ୍କ ରିପାଖେ ଥିବା ପରିସ୍ଥିତିକୁ ବଦଳାଇ ପାରନ୍ତି । ଆପଣ ବିଶ୍ୱାସ କରନ୍ତୁ ।

ଏହା କେବଳ ବିବାହ ବିଷୟରେ ଉପକ୍ରମ ମାତ୍ର । ପ୍ରଭୁ ଆଜି ଆପଣଙ୍କୁ ଏହି ଶିକ୍ଷା ପାଇବା ବେଳେ ଆପଣଙ୍କ ଅଧ୍ୟୟନରେ ଆଶୀର୍ବାଦ କରନ୍ତୁ । ମୁଁ ବିଶ୍ୱାସ କରେ, ଯେ ଆପଣ ଏହି ବିବାହ ବିଷୟରେ ଯେତିକି ପଢୁଛନ୍ତି, ପ୍ରଭୁ ଆପଣଙ୍କୁ ଆହୁରି ଅଧିକରୁ ଅଧିକ ବିଜ୍ଞତା ଓ ଜ୍ଞାନ ଆପଣଙ୍କ ମଧ୍ୟରେ ବିଦିତ କରିବେ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଓ ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଶସ୍ତ୍ରାଂଶକୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ ଏଫିସୀୟ ୫:୩୧:୩୨ ଏଫିସୀୟ ୫:୩୧, ଆଦିପୁସ୍ତକ ୬:୨୪ରୁ ନିଆଯାଇଛି । ଏହି ଏଫିସୀୟ ୫:୩୨ ଦେଖି ଆପଣ କ'ଣ ଭାବୁଛନ୍ତି, ଯେ ପରମେଶ୍ୱର ଏହି ଅନୁଚ୍ଛେଦ ବିଷୟରେ କ'ଣ ଚାହୁଁଛନ୍ତି ?

**ଏଫିସୀୟ ୫:୩୧-୩୨ -** *ଏହି କାରଣରୁ ପୁରୁଷ ପିତାମାତାଙ୍କୁ ପରିତ୍ୟାଗ କରି ନିଜ ସ୍ତ୍ରୀ ଠାରେ ଆସକ୍ତ ହେବା ଆଉ ସେ ଦୁହେଁ ଏକାଙ୍ଗ ହେବେ । (୩୨) ଏକା ଗୋଟିଏ ଅତି ନିଶ୍ଚିତ ତତ୍ତ୍ୱ, କିନ୍ତୁ ଖ୍ରୀଷ୍ଟ ଓ ମଣ୍ଡଳୀ ସମ୍ବନ୍ଧରେ ଏହା କହୁଅଛି ।*

୨. ଆପଣ ପଢ଼ନ୍ତୁ ଯାକୁବ ୪:୪-୫ । ଏହି ଶାସ୍ତ୍ରାଂଶ ପଦ ମାନ କ'ଣ ଶିକ୍ଷା ଦେଉଅଛି ?

**ଯାକୁବ ୪:୪-୫ -** *ହେ ବ୍ୟଭି ରିଣୀ ମାନେ ଜଗତର ମିତ୍ରତା ଇଶ୍ୱରଙ୍କର ଶତ୍ରୁତା, ଏହା କଅଣ ଜାଣ ନାହିଁ? ଅତଏବ ଯେ କେହି ଜଗତର ମିତ୍ର ହେବାକୁ ଇଚ୍ଛା କରେ; ସେ ଆପଣାଙ୍କୁ ଇଶ୍ୱରଙ୍କ ଶତ୍ରୁ ବୋଲି ପ୍ରତିପନ୍ନ କରେ । (୫) ନା ତୁମ୍ଭେମାନେ କଅଣ ଧର୍ମଶାସ୍ତ୍ରର ଏହି ବାକ୍ୟକୁ ବ୍ୟର୍ଥ ବୋଲି ମନେ କରୁଅଛ, ଯେଉଁ ଆତ୍ମାଙ୍କୁ ସେ ଆମ୍ଭମାନଙ୍କ ମଧ୍ୟରେ ବାସ କରିବାକୁ ଦେଇଅଛନ୍ତି, ସେ ଆମ୍ଭମାନଙ୍କୁ ସଂପୂର୍ଣ ଅଧିକାର କରିବା ନିମନ୍ତେ ଏକାନ୍ତ କାମନା କରନ୍ତି ।*

୩. ଆପଣ ପଢ଼ନ୍ତୁ (୧ମ ପିତର ୩:୭) ଆପଣ କାହିଁକି ଏକା ହୋଇ (ବା)ମିଶି ଏବଂ ପ୍ରେମର ସହ, ଆପଣାର ପତୀ (ବା)ପତ୍ନୀ ସହ ଚାଲିବା ଆବଶ୍ୟକ ?

**୧ମ ପିତର ୩:୭ -** *ସେହି ପ୍ରକାରେ, ହେ ସ୍ୱାମୀ ମାନେ, ତୁମ୍ଭେମାନଙ୍କ ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ, ଏଥିନିମନ୍ତେ ସ୍ତ୍ରୀ ମାନଙ୍କୁ ଅପେକ୍ଷାକୃତ ଦୁର୍ବଳାପାତ୍ରୀ ଓ ଆପଣାମାନଙ୍କ ସହିତ ଜୀବନରୂପ ଅନୁଗ୍ରହ ଦାନର ସହଧିକାରିଣୀ ଜାଣି ସେମାନଙ୍କୁ ସମାଦର କର ପୁଣି ଜ୍ଞାନରେ ସେମାନଙ୍କର ସହିତ ବାସ କର ।*

୪. ଆପଣ ପଢ଼ନ୍ତୁ ଯୋହନ୧୫:୫, ଆପଣ ବୈବାହିକ ସଂପର୍କ ଯୀଶୁଙ୍କୁ ଆପଣଙ୍କ ଜୀବନର ପ୍ରଭୁ ନ କରିବା ବିନା ସପଳ ହୋଇ ପାରେ କି ?

**ଯୋହନ୧୫:୫ -** *ମୁଁ ଦ୍ରାକ୍ଷାଲତା, ତୁମ୍ଭେମାନେ ଶାଖା, ଯେ ମୋଠାରେ ରହେ ତ ମୁଁ ଯାହାଠାରେ ରହେ, ସେ ପ୍ରଚୁର ଫଳ ଫଳେ, କାରଣ ମୋ ବିନା ତୁମ୍ଭେମାନେ କିଛି କରି ପାର ନାହିଁ ।*

୫. ଆପଣ ପଢ଼ନ୍ତୁ ତିତସ୍୨:୪ । ପ୍ରେମ କେବଳ ଏକ ଆବେଗପୂର୍ଣ୍ଣ ଭାବନା ନୁହେଁ । ଶସ୍ତ୍ରାଂଶ ଅନୁସାରେ ପ୍ରେମ

**ପିତସ୍ ୨:୪ -** *ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନ ହୁଏ, ଏଥି ନିମନ୍ତେ ସେମାନେ ଯୁବତୀ ମାନଙ୍କୁ ପବିତ୍ରତା, ଆପଣା ସ୍ୱାମୀର ବଶୀଭୂତା ଓ ଆପଣା ସନ୍ତାନମାନଙ୍କୁ ପ୍ରେମ କରିବାକୁ ।*

୬. ଆପଣ ପଢ଼ନ୍ତୁ ୧ମ ଯୋହନ ୫:୩ । ଯେତେବେଳେ ଆମେ ପ୍ରଭୁଙ୍କ ଆଜ୍ଞାରେ ଚାଲୁ, ଆମେ ଓ୍ୱଲୁ ।

**୧ମ ଯୋହନ ୫:୩ -** *କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞା ସବୁ ଭାର ସ୍ୱରୂପ ନୁହେଁ ।*

୭. ଆପଣ ପଢ଼ନ୍ତୁ ମାଥିଉ ୭:୧୨ । ଯଦି ଆମ ବୈବାହିକ ଜୀବନରେ ସମସ୍ୟା ଅଛି, ତେବେ ତାହା ଏଇଥି ପାଇଁ କାରଣ ଦୁଇ ଜଣଙ୍କ ମଧ୍ୟରୁ କେହି ଜଣେ ପରେ ଓ୍ୱଲୁ ନାହିଁ ।

**ମାଥିଉ୭:୧୨ -** *ଅତଏବ ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହା ସବୁ କରନ୍ତୁ ବୋଲି ଇଚ୍ଛା କର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହି ସବୁ କର, କାରଣ ଏହା ହିଁ ବ୍ୟବସ୍ଥା ଓ ଭାବବାଦୀ ମାନଙ୍କ ଧର୍ମଶାସ୍ତ୍ରର ସାର ।*

୮. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୩:୪ । ପ୍ରେମ ହେଉଛି ;

୧. ଆବେଗପୂର୍ଣ୍ଣ ଭାବନା
୨. ଏକ ସୁନ୍ଦର ଅନୁଭବ
୩. ଦୟା

**୧ମ କରନ୍ଥୀୟ ୧୩:୪ -** *ପ୍ରେମ ଦୀର୍ଘ ସହିଷ୍ଣୁ, ପ୍ରେମ ହିତଜନକ, ଇର୍ଷା କରେ ନାହିଁ, ଆତ୍ମ ବଡ଼ିମା କରେ ନାହିଁ, ଅହଙ୍କାର କରେ ନାହିଁ ।*

# ଉତ୍ତର

୧. ଆପଣ ପଢ଼ନ୍ତୁ ଏଫିସୀୟ ୫:୩-୩୨ । ଏଫିସୀୟ ୫:୩-୩୨, ଆଦିପୁସ୍ତକ ୨;୨୪ ରୁ ନିଆଯାଇଛି । ଏଫିସୀୟ ୫:୩୨ କୁ ଦେଖି, ଆପଣ ପରମେଶ୍ୱର ଏହି ଅନୁଚ୍ଛେଦରେ କ'ଣ କରିବାକୁ ଚାହୁଁଛନ୍ତି ।

*ଖ୍ରୀଷ୍ଟ ଏବଂ ମଣ୍ଡଳୀ ମଧ୍ୟରେ ସଂପର୍କ (ବିବାହ ସହ ସଂଯୁକ୍ତ)*

୨. ଆପଣ ପଢ଼ନ୍ତୁ ଯାକୁବ ୪:୪-୫ । ଏହି ଶାସ୍ତ୍ରାଂଶ କ'ଣ ଶିକ୍ଷା ଦିଏ ।

*ପ୍ରଭୁ ଚାହାଁନ୍ତି ଆମ୍ଭେ ତାହାଙ୍କ ପ୍ରତି –ସତ୍ୟ ହେଉ ।*

୩. ଆପଣ ପଢ଼ନ୍ତୁ ୧ମ ପିତର ୩:୭ । ଆପଣା ପତି/ପତ୍ନୀ-ସହ ଆମ୍ଭେ କାହିଁକି ଏକତ୍ର ମିଶି ଏବଂ ପ୍ରେମରେ ଚାଲିବା ଆବଶ୍ୟକ ?

*ଯାହା ଦ୍ୱାରା ପ୍ରାର୍ଥନାରେ କୈଣସି ବାଧା ନ ଜନ୍ମେ ।*

୪. ଆପଣ ପଢ଼ନ୍ତୁ ଯୋହନ ୧୫:୫ । ଯୀଶୁ ଖ୍ରୀଷ୍ଟ ଆପଣଙ୍କ ଜୀବନର ପ୍ରଭୁ ନ ହେଲେ ଆପଣ ବୈବାହିକ ସଂପର୍କ ସଫଳ ହେବ କି ?

*ନାହିଁ*

୫. ଆପଣ ପଢ଼ନ୍ତୁ ତିତସ୍ ୨:୪ । ପ୍ରେମ କେବଳ ଏକ ଆବେଗପୂର୍ଣ୍ଣ ଭାବନା ନୁହେଁ । ଶାସ୍ତ୍ରାଂଶ ଅନୁଯାୟୀ ପ୍ରେମ ।

*ଶିକ୍ଷା ଦିଆଯାଇପାରେ ।*

୬. ଆପଣ ପଢ଼ନ୍ତୁ ୧ମ ଯୋହନ ୫:୩ । ଆମେ ଯେତେବେଳେ ପ୍ରଭୁଙ୍କ ଆଜ୍ଞାରେ ଚାଲୁ, ଆମେ ଚାଲୁ ।

*ପ୍ରେମରେ।*

୭. ଆପଣ ପଢ଼ନ୍ତୁ ମାଥିଉ ୭:୧୨ । ଯଦି ଆମ ବୈବାହିକ ସଂପର୍କରେ ସମସ୍ୟା ଅଛି, ତେବେ ଏହା ଏଇଥିପାଇଁ କାରଣ ଉଭୟଙ୍କ ମଧ୍ୟରେ ଜଣେ ଚାଲୁ ନାହିଁ ।

*ପ୍ରେମରେ ।*

୮. ଆପଣ ପଢ଼ନ୍ତୁ ୧ମ କରନ୍ଥୀୟ ୧୩:୪ । ପ୍ରେମ

*୩. ଦୟା ।*

## ପାଠ୍ୟକ୍ରମ ୧୧

# ବିବାହ - ଭାଗ ୨

### *ଲେଖକ - ଡନ୍ କ୍ରୋ*

ଅଜି ପୁଣିଥରେ ଆମ୍ଭେମାନେ ଏହି ବିବାହ ବିଷୟକୁ ଦେଖିବା ଓ ଆଲୋଚନା କରିବା, ଏବଂ ମୋ ପ୍ରଶ୍ନ ହେଲା, ବିବାହ କ'ଣ ? "ଆପଣ କେବେ ଭାବିଛନ୍ତି କି ? ବାଇବେଲ୍ ଅନୁସାରେ, ଏହା ପରମେଶ୍ୱରଙ୍କ ଇଚ୍ଛା ଓ ପରିକଳ୍ପନା ଥିଲା । ବିବାହ ହେଲା ଏକତ୍ର ମିଶିବା, ଏକତ୍ୱ ଭାବେ ଯୋଡି ହେବା । (ଆଦିପୁସ୍ତକ ୨:୪) କୁହେ, *"ଏଥିନିମନ୍ତେ ମନୁଷ୍ୟ ଆପଣା ପିତା ମାତାଙ୍କୁ ଛାଡି ଆପଣା ଭାର୍ଯ୍ୟାଠାରେ (ଆସକ୍ତ ହେବ, ଆଉ ସେମାନେ ଏକାଙ୍ଗ ହେବେ)"* (ନିଉ ଜିଣ୍ଡରନ୍ୟାସନାଲ ଭରସନ୍-ବାଇବେଲ) । ଆପଣ ଜାଣନ୍ତି କି ବିବାହ ଏକତ୍ୱ ହୋଇ ଯୋଡି ହେବାଠାରୁ ମଧ କାହିଁ ଅଧିକ ଅଟେ । ଏକ ହୋଇ ମିଶିବା ଠାରୁ ମଧ ଅଧିକ । ଉଦାହରଣ ସ୍ୱରୂପ -୧ କରନ୍ଥୀୟ ୬ (୧୫-୧୬) କୁହେ, "ଯଦି ମୁଁ ଖ୍ରୀଷ୍ଟିୟ ବିଶ୍ୱାସୀ ହୋଇ ବାହାରକୁ ଯାଇ ବେଶ୍ୟା ସହ ମିଶେ ତେବେ ମୁଁ ତାହା ସହ ଏକାଙ୍ଗ ହୁଏ । ତା'ପରେ ଆପଣ (ଆଦିପୁସ୍ତକ ୨:୨୪) ର ପଦକୁ ଦେଖନ୍ତୁ, ତାହା ବିବାହ ବିଷୟରେ କ'ଣ କୁହେ । ମୁଁ ବେଶ୍ୟା ସହ ମିଶିବାଦ୍ୱାରା ତାହା ଆପେ ଆପେ ମୋ ସ୍ତ୍ରୀଠାରୁ ମୋତେ ଛାଡପତ୍ର ମିଳିବ ନାହିଁ (ବା) ମିଶିବାର ମାନେ ନାହିଁ ଯେ ମୋର ତାହା ସହ ବିବାହ ହୋଇଗଲା କାରଣ ମୁଁ ତାହା ସହ ଏକାଙ୍ଗ ହୋଇ ସଂଭୋଗ କରି ଦେଲି । ତାହା ହୋଇ ପରେ ନା । ତେବେ, ବିବାହ କ'ଣ ? ଯଦି ବିବାହ ହେଉଛି ଏକାଙ୍ଗ ହୋଇମିଶିବା, ଯୋଡିହେବା, ଯଦି ଏକ ଶରୀର ହେବା, ତେବେ ସେହି ବିବାହ ଓ ବେଶ୍ୟା ପାଖକୁ ଯିବା ମଧରେ ତଫାତ କ'ଣ ? କାରଣ ଏହା ସ୍ୱାଭାବିକ ଯେ ଆପଣ ଯଦି ବେଶ୍ୟା ପାଖକୁ ଯାଉଛନ୍ତି, ତେବେ ତାହା ସହ ଏକ ଶରୀର ହେଉଛନ୍ତି ।

ବାଇବେଲ କୁହେ, ବିବାହ ହେଉଛି ମିଶିବା ଯୋଡିହେବା, ଏକାଙ୍ଗ ହେବା , କିନ୍ତୁ ଏହା ତାହାଠାରୁ ମଧ ଅଧିକ ଅଟେ ଏକ ଚୁକ୍ତିକରଣ ଦ୍ୱାରା ଏକତ୍ର ହେବା ଅଟେ । "ଚୁକ୍ତିକରଣ" ଶବ୍ଦ ହିବ୍ରୁ ଭାଷାରୁ ଆସିଛି ଏବଂ ଏହାର ଭାବନା ଏହି ଯେ, ଉଭୟଙ୍କୁ ଏକତ୍ର ବାନ୍ଧି ରଖିବା । ଏହା ଏକ ବ୍ୟକ୍ତିର ଏକ ପ୍ରତିସୃତି ତା'ର ମୃତ୍ୟୁଯାଏଁ, ଏକତ୍ର ରହିବା ପାଇଁ । ବର୍ତ୍ତମାନ ଯଦି ମୁଁ ଗୋଟିଏ ବେଶ୍ୟା ପାଖକୁ ଗଲି, ମୁଁ ସେହି ପରି କିଛି ପାପ କାର୍ଯ୍ୟ କଲି, ତେବେ ମୋର ନେଇଥିବା ପ୍ରତିଶ୍ରୁତିର ମୋ ସ୍ତ୍ରୀ ପାଇଁ ଆଉ କିଛି ମୂଲ୍ୟ ରହିଲା ନାହିଁ । ବିବାହର ପ୍ରଥମ ସାର ବିଷୟ ହେଲା:- ଅନ୍ୟ ସମସ୍ତଙ୍କୁ ତ୍ୟାଗ କରିବା କେବଳ ଆପଣା ସ୍ୱାମୀ/ସ୍ତ୍ରୀକୁ ପ୍ରଧନ୍ୟ ଦେବା । ବାଇବେଲ କୁହେ ତୁମ୍ଭେ ଆପଣା ପିତା ଓ ମାତାଙ୍କୁ ଛାଡ଼ି ଆପଣା ଭାର୍ଯ୍ୟଠାରେ ଅସକ୍ତ ହେବ । ଯିହିଜିକଲ କୁହେ, *"ତୁମ୍ଭେମାନେ ହେଲ"* । ଏହି ଗୋଟିଏ ବିଷୟ ସଂପର୍କ ପାଇଁ ଅନ୍ୟ ସମସ୍ତ ତ୍ୟାଗ କରି କେବଳ

ଗୋଟିଏ ସଂପର୍କରେ ପ୍ରତିଶ୍ରୁତି ବଦ୍ଧ ହେବା ହେଉଛି ଏହାର ମର୍ମ । ତେଣୁ ସ୍ୱାଭାବିକ ଭାବେ ଆପଣ ଯଦି ବିବାହିତ ଆଉ ବିବାହିତ ହେଲାପରେ ମଧ ଯଦି ଅନୈତିକତା ଭାବରେ ଆଉ ଅନ୍ୟ କାହା ପାଖକୁ ଯାଉଛନ୍ତି ତେବେ, ଆପଣ ବିବାହର ମୂଳ ସିଦ୍ଧାନ୍ତର ଲଂଘନ କରଛନ୍ତି । କାରଣ ଆପଣ ସେହି ଏକତ୍ରୀକରଣ ଓ ପ୍ରତିଶ୍ରୁତି ବଦ୍ଧତା କୁ ଲଂଘନ କଲେ । (ଯିହିଜିକଲ ୧୬: ୮) ଏହାକୁ ଚୁକ୍ତିକରଣର ବିବାହ ବୋଲି କୁହେ, (ବା)ପ୍ରତିଶ୍ରୁତି ବଦ୍ଧତାର ବିବାହ ବୋଲି କୁହେ । ଏଫିସୀୟ ୫ କୁହେ, ଜଣେ ସ୍ୱାମୀର କର୍ତ୍ତବ୍ୟ ହେଲା ତାର ଭାର୍ଯ୍ୟାକୁ ସେ ପ୍ରେମ କରିବ, ଯେପରିକି ଖ୍ରୀଷ୍ଟ ମଣ୍ଡଳୀକୁ ପ୍ରେମ କଲେ, ତେଣୁ ଏହା ପ୍ରେମର ଚୁକ୍ତିକରଣ ଅଟେ । ଏହା ପ୍ରମର ଚୁକ୍ତିକରଣ ଅଟେ କାରଣ ବିବାହରେ ପ୍ରେମ ହେଉଛି ସାର ଓ ମୁଖ୍ୟ । ସବୁ ବିଷୟକୁ ସର୍ବୋତ୍ତମ ଆବଶ୍ୟକ ବିଷୟ ବିବାହରେ ହେଲା ପ୍ରେମ ।

ଯେପରି ଆମ୍ଭେମାନେ ଆଲୋଚନା କଲୁ ବିବାହ ଏକତ୍ର ଯୋଡିହେବାର ଚୁକ୍ତିକରଣକୁ ବୁଝାଏ (୧ମ ପିତର ୩:୭ କୁହେ); ହେ ସ୍ୱାମମାନେ, ତୁମ୍ଭମାନଙ୍କ ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ, ଏଥି ନିମନ୍ତେ ସ୍ତ୍ରୀ ମାନଙ୍କୁ ଅପେକ୍ଷାକୃତ ଦୁର୍ବଳ ପ୍ରାତ୍ରୀ ଓ ଆପଣମାନଙ୍କ ସହିତ ଜୀବନରୂପ ଅନୁଗ୍ରହଦାନର – ସହାଧିକରିଣୀ ଜାଣି ସେମାନଙ୍କୁ ସମାଜର କର ପୁଣି ଜ୍ଞାନରେ ସେମାନଙ୍କ ସହ ବାସ କର । ସେହି ବିଷୟରେ ଆପଣ ଭାବନ୍ତୁ- ଯଦି ପରମେଶ୍ୱର କରିଥିବା ତାଙ୍କର ଇଚ୍ଛା ଓ ପରିକଳ୍ପନା ଏହି ବିବାହ ସଂପର୍କରେ ମିଶ ଐକବଦ୍ଧ ହୋଇ ନ ଲିଥାନ୍ତୁ ତେବେ ତାହା ଆମର ଆଧାତ୍ମିକ ଜୀବନରେ ବିଘ୍ନର କାରଣ ହୋଇଥା'ନ୍ତା (ହିତୋପଦେଶ ୨:୧୬-୧୭) କୁହେ, ଯେଉଁ ପର ସ୍ତ୍ରୀ ଚୁଟବାଦିନୀ, ଯେ ଆପଣା ଯୌବନକାଳ ମିତ୍ରକୁ ତ୍ୟାଗ କରି ଆପଣା ପରମେଶ୍ୱରଙ୍କ ନିୟମ ପାସୋରଇ, ଏହିପରି ସ୍ତ୍ରୀଠାରୁ ତୁମ୍ଭର ଉଦ୍ଧାର ହେବ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଅଟେ । ଏହା ଏକ ଚୁକ୍ତିକରଣ ଯାହା ଆମେ ଜଣେ ବ୍ୟକ୍ତି (ବା) ମନୁଷ୍ୟ ପାଇଁ କରୁ, କିନ୍ତୁ ଏହା ମଧ ଏକ ଚୁକ୍ତିକରଣ ଯାହା ଆମେ ପରମେଶ୍ୱରଙ୍କ ସମ୍ମୁଖରେ କରୁ, କିନ୍ତୁ ଏହା ମଧ ଏକ ଚୁକ୍ତିକରଣ ଯାହା ଆମେ ପରମେଶ୍ୱରଙ୍କ ସମ୍ମୁଖରେ କରୁ । ମୁଁ ଯେତେ ଲୋକ ମାନଙ୍କୁ ସେବା ଦେବାରେ ଭଲ ପାଇବି, ପରମେଶ୍ୱରଙ୍କ ସେ ବିଷୟ ପାଇଁ ସେତିକି ହିଁ ପ୍ରାଥମିକତା ରହିଛି । ଏବଂ ତାହା ହିଁ ବିବାହର କେନ୍ଦ୍ର ହେବା ଆବଶ୍ୟକ । ବାସ୍ତବରେ ବିବାହ ହେଉଛି ଅନ୍ୟ ଏକ ବ୍ୟକ୍ତି ମଧ ଦେଇ ଆମ ଜୀବନରେ କେନ୍ଦ୍ରିତ ହେବ, ଏବଂ ଯେପରି ମୁଁ କହିଲି, ବିବାହର ସର୍ବୋଶ୍ରେଷ୍ଠ ବିଷୟ ହେଲା ପ୍ରେମ । ତାହା ରହିବା ନିତାନ୍ତ ଆବଶ୍ୟକ ।

ମାଥିଉ ୭:୧୨ କୁହେ, ଅତଏବ, ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛାକର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର, କାରଣ ଏହା ହିଁ ବ୍ୟବସ୍ଥା ଓ ଭାବବାଦୀ ମାନଙ୍କ ଧର୍ମଶା ସ୍ତର ସାର । ଆଉ ଏହି ସିଦ୍ଧାନ୍ତ ହିଁ ବିବାହରେ ରହିବା ଆବଶ୍ୟକ । ଆପଣ କେବଳ ଭାବିବେ ଯେ, ଆପଣଙ୍କ ସମ୍ମୁଖରେ ଥିବା ବ୍ୟକ୍ତି ଜଣ ଆପଣଙ୍କୁ କ'ଣ କ'ଣ ଦେଇପାରିବେ । ବାଇବେଲ୍ (୧ମ କରନ୍ଥୀୟ ୧୩:୪) ରେ ଲେଖାଯାଏ, ପ୍ରେମଦୀର୍ଘ – ସହିଷ୍ଣୁ । ଏହାର ମାନେ ହେଲେ ଅନ୍ୟର ସୁଖ ଓ ଖୁସି ଖୋଜିବା, ଅନ୍ୟପାଇଁ ଉଦାରମନା ଓ ଦୟା ଦେଖାଇବା, ଏବଂ ଅନ୍ୟର ସବୁବେଳେ ଉତ୍ତମ ହିଁ ହିଁବା । ଏକ ପରି ଭାବେ ବିବାହ ରେଖାଙ୍କ (ବା) ପରିକଳ୍ପନା କରାଯାଇଅଛି, କାରଣ ଏହ ଏକ ଉଦାହରଣ ନମୁନା ଭାବେ କାର୍ଯ୍ୟକରେ, ଆଉ ଠିକ୍ ସେହି ଭାବେ ଆମର ମଧ ସଂପର୍କ ଈଶ୍ୱରଙ୍କ ସହ ଦେବା ଆବଶ୍ୟକ । ବାସ୍ତବିକ ଭାବରେ ଏକ ଦୃଷ୍ଟାନ୍ତ (ବା) ଆଦର୍ଶ ଚିତ୍ର ଦେଇ ସେ ଆମକୁ କହିବାକୁ

ଚାହିଁଲେ । ଏକ ଉତ୍ତମ ଓ ସର୍ବଶ୍ରେଷ୍ଠ ବିବାହ କିପରି ହେବା ଆବଶ୍ୟକ ତାହା ଆମକୁ ଦେଖେଇଲେ, କାରଣ ଏକ ପ୍ରକୃତ ନମୁନା ହୋଇ ତାହାଙ୍କ ସହିତ ମଧ ଆମେ ଯେପରି ଚିରନ୍ତନ ସଂପର୍କରେ ରହିପାରୁ । ବିବାହ ସେତେବେଳେ ପର୍ଯ୍ୟନ୍ତ, ଯେତେବେଳେ ଯାଏ ମୃତ୍ୟୁ ଆମକୁ ତାହାଠାରୁ ନ ଅଲଗା କରେ । ଏହା ଏକ ଅନୁସମୟର ବ୍ୟବସ୍ଥା ଅଟେ । ବାଇବେଲ୍ କୁହେ, ପୁନରୁତ୍ଥାନ ସମୟରେ ବିବାହ କରାଯାଏ ନାହିଁ (କି) ବିବାହ ଦିଆଯାଏ ନାହିଁ । ପୁଣି ବାଇବେଲ୍ କୁହେ ଏକ ଉତ୍ତମ ବିବାହ କିପରି ତିଷ୍ଠିପାରେ ଆମେ ସେ ବିଷୟରେ ଯେପରି ବୁଝିପାରୁ । ଆମେ ଯେପରି ବୁଝିପାରୁ ଯେ, ପ୍ରେମର ମୂଳ ସିଦ୍ଧାନ୍ତ କ'ଣ ?- ସ୍ୱାର୍ଥପର ନହୋଇ ଅନ୍ୟଙ୍କୁ ଦେବା ଓ ଯେଉଁ ବିଷୟ ବୁଝିପାରୁ ବୋଲି ହେଁ ତାହା ହେଲା, ମୁଁ ମୋ ସହ ଏକ ବୈବାହିକ ସଂପର୍କକୁ ତୁମ୍ଭମାନଙ୍କୁ ସମସ୍ତଙ୍କୁ ଡାକିଅଛି- ଆଉ ତାହା କ୍ଷଣିକ/ସ୍ୱଳ୍ପକାଳ ସମୟ ପାଇଁ କୁହେଁ, ଯାହା କିଛି ବର୍ଷଯାଏ ତିଷ୍ଠିବ ଆଉ ତା'ପରେ ଉଭେୟଯିବ କିନ୍ତ ଏକ ଚିରନ୍ତନ ସଂପର୍କକୁ ଯେଉଁଠି ମୋର ଭଲପାଇବା ତୁମ୍ଭେ ମାନଙ୍କ ପାଇଁ ଅନରତ ଭାବେ ଓ ସର୍ବଦା ପ୍ରକାଶିତ ହେଉଥିବ ।"

ତେବେ ଚାଲନ୍ତୁ, ମୁଁ ଏଠାରେ ବିବାହର କିଛି ସିଦ୍ଧାନ୍ତ ମାନ ଆପଣଙ୍କୁ ଦିଏ । ବିବାହ ଏକ ଏକକୀକରଣକୁ ବୁଝାଏ, କେବଳ ଏକ ଯୋଡି ହେବାକୁ ବୁଝାଏ ନାହିଁ । ବାଇବେଲ୍ (ଆଦିପୁସ୍ତକ ୪) ଏବଂ (୧ମ ପିତର ୩:୭)ଏକ ଅତି ବିବାହ ଏକ ଚୁକ୍ତି, ତାହାର ଅର୍ଥ ହେଲା ଯାହାକି ବାନ୍ଧି ରଖେ । ଆଉ ସେଥିରେ ପ୍ରତିଶୃତି ବଦ୍ଧତା ଥାଏ । ପାଦ ପ୍ରଥମେ ମଣ୍ଡଳୀର ପ୍ରବେଶ କଲା ନାହିଁ; ତାହା ପ୍ରଥମେ ବିବାହରେ ପ୍ରବେଶ କଲା; ତେଣୁ ଆମେ ଏ ସମସ୍ତ ବିଷୟରେ ଜାଣିବାର ଆବଶ୍ୟକତା ଅଛି, ବିବାହ ବିଷୟରେ କିଛି ଅନୁଦେଶ ଜାଣିବାର ଆବଶ୍ୟକତା ଅଛି ଏବଂ ଆମଜୀବନରେ ପ୍ରେମର ସିଦ୍ଧାନ୍ତରେ ସବୁ ବିଷୟ କାର୍ଯ୍ୟରେ ଲଗେଇବାର ଆବଶ୍ୟକତା ଅଛି, ବିବାହ ବିଷୟରେ କିଛି ଅନୁଦେଶ ଜାଣିବାର ଆବଶ୍ୟକତା ଅଛି । ଆମ୍ଭେ ମଧ ପ ରୁ "ପ୍ରେମ କ'ଣ ?" ପ୍ରେମର ସଜ୍ଞା ପ୍ରକୃତରେ କହିବାକୁ ଗଲେ ନିଃସ୍ୱାର୍ଥପରତା । (ଯିଶୋୟ ୫୩:୬) କୁହେ, ଆମେ ମେଣ୍ଢା ସ୍ୱରୂପ, ଆମେ ବିପଥରେ ଗଲୁ ଏବଂ ସମସ୍ତଙ୍କୁ ଆମ ଆଡକୁ କଲେ, କିନ୍ତୁ ବିବାହରେ, ଆମେ ଆମ ସମ୍ମୁଖରେ ଥିବା ବ୍ୟକ୍ତି ବିଷୟରେ ଭାବୁ ଏବଂ ସେମାନଙ୍କ ସୁଖ ଓ ସମୃଦ୍ଧି ବିଷୟରେ ଭାବୁ ।

ବାଇବେଲ୍ ଆମକୁ ଏଫିସୀୟ ପୁସ୍ତକରେ କୁହେ, ଆପଣା ଭାର୍ଯ୍ୟାକୁ ପ୍ରେମ କରିବା ଆପଣା ନିଜ ଶରୀରକୁ ଭଲ ପାଇବା ସଦୃଶ । ଆମ ସ୍ୱାମୀ ମାନଙ୍କୁ ପରମେଶ୍ୱର ଯେଉଁ ଭାର୍ଯ୍ୟାକୁ ଦେଇଛନ୍ତି ତାହାଙ୍କୁ ସର୍ବଦା ସ୍ନେହ ଓ ସମ୍ମାନ କରିବା ଆବଶ୍ୟକ, ତା'ର ଯେ ଆପଣ ବସି ରହିବେ ଏବଂ ଆପଣା ହାତକୁ ନିଜେ ଧରିବେ ଆଉ ନିଜକୁ ନିଜେ ଥାପୁଡ଼େଇ କହିବେ, "ଓଃ ! ମୁଁ ତୋତେ ଭଲପାଏ ।" ସେହିପରି ଆଦୌନୁହେଁ । ଆପଣା ନିଜ ଶରୀରକୁ ଭଲ ପାଇବାର ଅର୍ଥ ହେଲା, ନିଜକୁ ସୁରକ୍ଷିତ ଯାହାକିଛି କଲେ ବି ଆମେ ଆମ ସ୍ତ୍ରୀ ମାନଙ୍କ ମୂଲ୍ୟ ବୁଝି ପାରୁନାହୁଁ । କୌଣସି ତାଙ୍କରି ଦୁର୍ବଳତାକୁ ଆମେ ଅନ୍ୟ ଲୋକଙ୍କ ସମ୍ମୁଖକୁ ଆଣିବ କେବେବି ଉଚିତ୍ ନୁହେଁ, କେବେ ସେମାନଙ୍କର ମଜାକ୍ ଉଡେଇବା ଉଚିତ୍ ନୁହେଁ, (ବା)ଏପରି ବିଷୟ କିଛି କରିବା ଉଚିତ୍ ନୁହେଁ, ଯାହାଦ୍ୱାରା ସେ ଆଘାତ ପାଇବ ।" ଆମେ ନିଜକୁ ଯେପରି ଭଲପାଉ ଆମ ଭାର୍ଯ୍ୟାକୁ ମଧ ସେହିପରି ହିଁ ଭଲ ପାଇବା ଉଚିତ୍ ।

ଆପଣା ନିଜ ପାଇଁ ପ୍ରଭୁଙ୍କ ଧନ୍ୟବାଦ ଦିଅନ୍ତୁ, ଏବଂ ପ୍ରଥମରେ ତାଙ୍କୁ ଧନ୍ୟବାଦ ଦିଅନ୍ତୁ କାରଣ ସେ ଆପଣଙ୍କୁ ଭଲ ପାଆନ୍ତି । ତାହା ପରେ, ଆପଣଙ୍କ ସ୍ୱାମୀ/ସ୍ତ୍ରୀ ପାଇଁ ଧନ୍ୟବାଦ ଦିଅନ୍ତୁ, ଯେଉଁ ସଙ୍ଗୀ / ସାଥୀ ସେ ଆପଣଙ୍କୁ ଦେଇଅଛନ୍ତି । ଏହା ଆପଣଙ୍କ ବିବାହରେ ସମସ୍ୟା ହୋଇଥାଇ ପାରେ ଯେ ଆପଣ ଆପଣଙ୍କୁ ଦେଇଅଛନ୍ତି । ଏହା ଆପଣଙ୍କ ବିବାହରେ ସମସ୍ୟା ହୋଇଥାଇ ପାରେ ଯେ ଆପଣ ଆପଣଙ୍କ ସଙ୍ଗୀଙ୍କୁ କେବେ ପ୍ରଶଂସା ଦଇେ ନାହାନ୍ତି, ହୋଇଥାଇ ପାରେ ଜଣାର୍ତରେ (ବା) ଅଜଣାତରେ ଅନେକଥର ତାଙ୍କୁ ବାଧିଲା ଭଳି କଥା କହିଛନ୍ତି, ଏବଂ ବାଇବେଲ୍ କୁହେ ତାହା ନିଃସ୍ୱାର୍ଥପରତା ଓ ପାପ ଅଟେ । ଏଫିସୀୟ ୫ ରେ କୁହାଯାଏ, ଯୀଶୁ ଖ୍ରୀଷ୍ଟ ନିଜ ବାକ୍ୟରେ ଯାଣିହେ ମଣ୍ଡଳୀକୁ ପରିଷ୍କାର କଲେ । ସେ ନିଜ ବାକ୍ୟରେ ମଣ୍ଡଳୀକୁ କଥା କହିଲେ । ଯେତେବେଳେ ଆପଣ ଆପଣଙ୍କ ସଙ୍ଗୀକୁ ନିଜ ବାକ୍ୟ ଦ୍ୱାରା, ଶବ୍ଦ ଦ୍ୱାରା ପ୍ରଶଂସା କରିବେ, ତାହା ଅନେକ ପରିବର୍ତ୍ତନ ଆଣିବ । ଆପଣ ଯଦି କରନ୍ତି, ତୁମେ ସେତେ ଭଲ ନୁହେଁ, ତୁମେ ଅସୁନ୍ଦର, ତୁମ୍ଭେ ଅତି ମୋଟା," ତେବେ ଆପଣ ଆପଣଙ୍କୁ ବିବାହକୁ ଦମନ କରୁଛନ୍ତି ଏବଂ ତାହା ଆପଣଙ୍କ ଏକତ୍ୱବଦ୍ଧ ହେବାରେ ସାହାଯ୍ୟ ନ କରି ଅଲଗା ହେବାର କାରଣ ସାବ୍ୟସ୍ତ ହେବ । କିନ୍ତୁ ଆପଣ ଯଦି କହନ୍ତି ଉଦରତା ମନରେ "ପ୍ରିୟ, ତୁମେ ଯାହ କରୁଛୁ ତାହା ପ୍ରଶଂସନୀୟ, ମୁଁ ବହୁତ ଭାଗ୍ୟବାନ, ମୁଁ ତୁମକୁ ବହୁତ ଭଲପାଏ," ଏବଂ ତାହାକୁ କାର୍ଯ୍ୟରେ ଦେଖାନ୍ତି, ସେତେବେଳେ ଆପଣ ଦେଖିବେ ସେ ଆପଣଙ୍କ ବାକ୍ୟ ଓ ଶବ୍ଦରେ କେତେ ପରିବର୍ତ୍ତିତ ଅନୁଭବ କରିବେ ।

ଆପଣ ଦେଖିପାରୁ ନାହାନ୍ତି କି ଆଜିକାଲି ଯଦି ବିବାହର ସମସ୍ୟା ଦେଖାଦେଉଛି, ତେବେ ଆପଣ କହିଥିବା ବାକ୍ୟ (ବା) ଶବ୍ଦ ଯୋଗୁଁ ! ଆପଣ ସଙ୍ଗୀ/ସଖା କୁ ନିଜ ବାକ୍ୟ / କଥୋପକଥନ ଦ୍ୱାରା ଉପରକୁ ଆଣିବା ପରିବର୍ତ୍ତେ (ବା) ତାହାଙ୍କୁ ଭଲ ଅନୁଭବ କରିବା ପରିବର୍ତ୍ତେ ତାହାଙ୍କୁ ଦୁଃଖ ଦେଉଛନ୍ତି କି ? ମୁଁ ଆପଣଙ୍କୁ ଆଜି ଆପଣଙ୍କ ସଙ୍ଗୀ (ବା) ସଖାଙ୍କ ସହ ଉତ୍ତମ ଭାବେ କଥାବାର୍ତ୍ତା ହେବା ପାଇଁ ଉତ୍ସାହ ଦେବାକୁ ହେଁ । ପ୍ରେମ କେବଳ ଏକ ଆବେଗପୂର୍ଣ୍ଣ ଭାବନା ନୁହେଁ; ପ୍ରେମ ସବୁବେଳେ ତା'ର ସଙ୍ଗୀ /ସଖାର ସୁଖ ଓ ସମୃଦ୍ଧି ଚାହେଁ । ଆଜି ହିଁ ଆପଣ ଏକ ଉଦାରମନା ହେବା ଆରମ୍ଭ କରନ୍ତୁ ଆପଣଙ୍କ ସ୍ୱାମୀ/ସ୍ତ୍ରୀଙ୍କ ପାଇଁ । ଆଉ ସେହିପରି ହିଁ ପ୍ରେମକୁ ବୃଦ୍ଧି କରାଯାଏ- ଏହିପରି ଛୋଟ ଛୋଟ କାମ କରି ଓ ନିଜ ଭାବନାକୁ ବ୍ୟକ୍ତକରି, ଏବଂ ତା'ପରେ ଆପଣ ଦେଖିବେ କେତେ ପ୍ରେମ ଆପଣଙ୍କ ବୈବାହିକ ସଂପର୍କ ମଧରେ ବୃଦ୍ଧି ପାଉଛି । ଆପଣଙ୍କ ବୈବାହିକ ସଂପର୍କରେ ଆପଣଙ୍କ ସ୍ୱାମୀ /ସ୍ତ୍ରୀକୁ ମାନ୍ୟ କରିବା/ ସମ୍ମାନ କରିବା ମୂଲ୍ୟ ଦେବା ଏବଂ ପ୍ରେମର ଶବ୍ଦ କହି ଆପଣାର ଭାବ ପ୍ରକାଶ କରିବାକୁ ଆରମ୍ଭ କରନ୍ତ ଆପଣ ପରିବର୍ତ୍ତନ ଦେଖିବେ କ'ଣ ହେଉଛି । ଏହି ସମସ୍ତ ସିଦ୍ଧାନ୍ତ ଓ ଏହି ସମସ୍ତ ଗୁଣାବଳୀକୁ ଆପଣଙ୍କ ସଂପର୍କରେ ଲାଗୁକରିବା ପାଇଁ ପ୍ରଭୁ ଆପଣଙ୍କ ସାହାଯ୍ୟ କରନ୍ତୁ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହୃତ ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ହିତୋପଦେଶ ୧୮:୨୨) । ବିବାହ:-

୧. ଏକ ଉତ୍ତମ ବିଷୟ
୨. ଭୟଙ୍କର ବିଷୟ
୩. ଈଶ୍ୱରଙ୍କର ପାଇଁ ଅତ୍ୟନ୍ତ ସୁପ୍ରୀତିକର ବିଷୟ

**ହିତୋପଦେଶ ୧୮:୨୨ -** *ଯେଉଁ ଲୋକ ଭାର୍ଯ୍ୟା ପାଏ ସେ ଉତ୍ତମ ବସ୍ତୁ ପାଏ ଓ ସଦାପ୍ରଭୁଙ୍କ ଠାରୁ ଅନୁଗ୍ରହ ପାଏ ।*

୨. ଆପଣ ପଢ଼ନ୍ତୁ (ଏବ୍ରି ୧୩:୪) । ବିବାହରେ ସଯୋଗ କ'ଣ :-

୧. ପାପ
୨. ଖରାପ ଏବଂ ଅସ୍ୱତ୍
୩. ଅକୁଳଷିତ ।

**ଏବ୍ରି ୧୩:୪ –** *ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ ଓ ତାହାର ଶଯ୍ୟା, ଶୁଦ୍ଧ ଥାଉ, କାରଣ ଈଶ୍ୱର ପାରିବାରିକ ଓ ବ୍ୟଭିଚାରୀ ମାନଙ୍କ ବିଚାର କରିବେ ।*

୩. ଆପଣ ପଢ଼ନ୍ତୁ (ଉପଦେଶକ ୯:୯) । କୁହନ୍ତୁ ଏହା ସଠିକ୍ (କି) ଭୁଲ୍ । ଏକ ଧାର୍ମିକ (ଈଶ୍ୱରଙ୍କ ଆଶୀର୍ବାଦ)ରେ ହୋଇଥିବା ବିବାହ ଏକ ଉପହାର ଏବଂ ଆପଣଙ୍କ ଏହି ଜୀବନରେ ଈଶ୍ୱରଙ୍କର ଠାରୁ ପୁରସ୍କାର ।

**ଉପଦେଶକ ୯:୯ –** *ସୂର୍ଯ୍ୟ ତଳେ ସେ ତୁମ୍ଭକୁ ଅସାର ଆୟୁଷର ଯେତେ ଦିନ ଦେଉଅଛନ୍ତି, ତୁମ୍ଭର ସେହି ଅସାର ଆୟୁଷର ସମସ୍ତ ଦିନ ଆପଣା ପ୍ରିୟତମା ଭାର୍ଯ୍ୟା ସାଙ୍ଗେ ଆନନ୍ଦରେ ବାସ କର; କାରଣ ଜୀବନ ମଧ୍ୟରେ ଓ ସୂର୍ଯ୍ୟ ତଳେ ତୁମ୍ଭେ ଯେଉଁ ପରିଶ୍ରମ କରୁଅଛ, ସେହି ପରିଶ୍ରମ ମଧ୍ୟରେ ଏହାହିଁ ତୁମ୍ଭର ଅଂଶ ।*

୪. ଆପଣ ପଢ଼ନ୍ତୁ (୧ମ ଯୋହନ ୩:୧୮) "କବି ଫିଲିପ୍ସ ଗିଲିୟମ୍‌ଙ୍କ ଅନୁସାରେ ସେ କରିଥିବା ୨୮,୦୦୦ ଯୁବଚିତ କଚେରୀ ମୋକଦ୍ଦମା ମାନଙ୍କ ମଧ୍ୟରୁ , ସେ ଜାଣିଥିବା ମୁଖ୍ୟ କାରଣ ହେଲା କର୍ତ୍ତବ୍ୟ ପାଳନରେ ଅବହେଳା ଓ ବାପା ଓ ମାଙ୍କ ମଧ୍ୟରେ ଥିବା ପ୍ରେମ ଓ ସ୍ନେହର ଅଭାବ ।" (ଟୁଗେବେର ଫର୍‌ଏଭର ପୃଷ୍ଠା-୧୫୨) । ଆମେ କିପରି ସ୍ନେହ ଦେଖେଇବ (ବା) ପ୍ରକାଶତ କରିବା ଆବଶ୍ୟକ ?

**୧ମ ଯୋହନ ୩:୧୮ -** *"ହେ ବତ୍ସଗଣ ଆସ ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରୁ ।*

୫. ଆପଣ ପଢ଼ନ୍ତୁ (ଏଫିସୀୟ ୫:୨୮) l ସଠିକ୍ (କି) ଭୁଲ୍ l ମୁଁ ମୋ ନିଜକୁ ଅବହେଳା କଲା ପରି ଭାର୍ଯ୍ୟାକୁ ଅବହେଳା ପ୍ରଦର୍ଶନ କରିବା ଉଚିତ୍ ନୁହେଁ l

**ଏଫିସୀୟ ୫:୨୮ -** *ସେହିପରି ସ୍ୱାମୀ ମାନଙ୍କର ମଧ୍ୟ ଆପଣା ଆପଣା ସ୍ତ୍ରୀମାନଙ୍କୁ ନିଜ ନିଜ ଶରୀର ସଦୃଶ ପ୍ରେମ କରିବା ଉଚିତ୍ l ଯେ ନିଜ ସ୍ତ୍ରୀକୁ ପ୍ରେମକରେ ସେ ଆପଣାକୁ ପ୍ରେମ କରେ l*

୬. ଆପଣ ପଢ଼ନ୍ତୁ (୧ମ ଯୋହନ ୩:୧୬) l ସଠିକ୍(କି)ଭୁଲ୍ l ଏହି ଶବ୍ଦ 'ମୁଁ ତୁମକୁ ଭଲପାଏ' ଅତି ଉତ୍ତମ ଓ ସୁନ୍ଦର ଲାଗେ ଯେତେବେଳେ ତାହାକୁ କାର୍ଯ୍ୟରେ କରାଯାଏ l ଯେଉଁପରି ଯୀଶୁ ନିଜେ କହିଥିବା କଥାକୁ ଆମପାଇଁ ଜୀବନଦେଇ ରଖିଲେ l ସେହିପରି ଆମ୍ଭେମାନେ ମଧ ଆମ ସ୍ୱାମୀ / ସ୍ତ୍ରୀ ପାଇଁ ଆମଜୀବନ ଦେଇପାରିବା ଉଚିତ, ଏହିଭଳି ଅନେକ ବ୍ୟାବହାରିକ ପନ୍ଥା ମାଧମରେ ଆଉ ଯେତିକି ଜ୍ୱର ସମ୍ଭବ l

କିଛି ବ୍ୟାବହାରିକ ପନ୍ଥା ଆପଣ କୁହନ୍ତୁ ଯାହା ଆପଣ କରିବାକୁ ପସନ୍ଦ କରିବେ l

**୧ମ ଯୋହନ ୩:୧୬ -** *ସେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ଦାନ କରିବା ଦ୍ୱାରା ଆମ୍ଭେମାନେ ପ୍ରେମର ପରିଚୟ ପାଇଅଛୁ l ପୁଣି ଭାଇମାନଙ୍କ ନିମନ୍ତେ ଆମ୍ଭମାନଙ୍କର ମଧ ପ୍ରାଣଦାନ କରିବା ଉଚିତ୍ l*

୭. ଆପଣ ପଢ଼ନ୍ତୁ (ଏଫିସୀୟ ୫:୨୫-୨୬)ସଠିକ୍(କି)ଭୁଲ୍ l ମୁଁ ଯାହା ମୋ ସ୍ତ୍ରୀ ଙ୍କୁ ବିଷୟରେ କହିବି ସେହିପରି ହିଁ ତା ସହ ହେବ l

**ଏଫିସୀୟ ୫:୨୫-୨୬ -** *ହେ ସ୍ୱାମୀମାନେ ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ ତୁମ୍ଭେମାନେ ମଧ ୨ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ l (୨୬) ଯେପରି ବାକ୍ୟ ଦେଳ ପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି l*

୮. ଆପଣ ପଢ଼ନ୍ତୁ (ରୋମୀୟ ୮:୩୮-୩୯) ଏବଂ (୧ମ ଯୋହନ ୪:୧୯) l ସଠିକ୍ (କି)ଭୁଲ୍ l ଆମ୍ଭମାନଙ୍କ ପାଇଁ ଯଦି କେହି ଉତ୍ତମ କଥା କୁହନ୍ତି ଓ ତାହା ସହ କାର୍ଯ୍ୟରେ କରି ଦେଖାନ୍ତି , ତାହା ଆମକୁ ଭଲ ଲାଗେ l ପରମେଶ୍ୱର ଆମକୁ ସେହିଭଳି କଥା ତାହାଙ୍କ କଥା ମାଧମରେ କହିଲେ, ଯାହା ଶାସ୍ତ୍ରାଂଶରେ ଲିଖିତ l

**ରୋମୀୟ ୮:୩୮-୩୯ -** *କାରଣ ମୃତ୍ୟୁ ବା ଜୀବନ, ଦୂତ କି କର୍ତ୍ତାପଣ, ବର୍ତ୍ତମାନ କି ଭବିଷ୍ୟତ କି ପରାକ୍ରମ l (୩୯) ଉଚ୍ଚସ୍ଥ ବିଷୟ କି ନୀଚସ୍ଥ ବିଷୟ କି ଅନ୍ୟ କୌଣସି ସୃଷ୍ଟ ବସ୍ତୁ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପ୍ରକାଶିତ ଈଶ୍ୱରଙ୍କ ପ୍ରେମରୁ ଯେ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିପାରିବ ନାହିଁ, ଏହା ମୁଁ ନିଷ୍ଚୟ ଜାଣେ l*

**୧ମ ଯୋହନ ୪:୧୯ –** *ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ, ଆମ୍ଭେମାନେ ସେବା କଲୁ l*

୯. ଆପଣ ପଢ଼ନ୍ତୁ (୧ମ ଯୋହନ ୫:୩) ଏବଂ (୨ୟ ଯୋହନ ୧-୬) । ସଠିକ୍ (କି) ଭୁଲ୍ । କିପରି ପ୍ରେମ କରିବା ଓ ପ୍ରକାଶ କରିବା ତାହା ଈଶ୍ୱରଙ୍କ ଆଜ୍ଞାରୁ ଜଣାପଡେ । ଆଉ ଆମେ ପ୍ରେମର ଏହି ସିଦ୍ଧାନ୍ତ ଗୁଡିକୁ ପ୍ରଭୁଙ୍କ ବାକ୍ୟରୁ ଶିଖି ପାରିବା ।

**୧ମ ଯୋହନ ୫:୩ -** *କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ସବୁ ପାଳନ କରିବା, ଆଉ ତାହାଙ୍କ ଆଜ୍ଞା ସବୁ ଭାର ସ୍ୱରୂପ ନୁହେଁ ।*

**୨ୟ ଯୋହନ ୧:୬ -** *ଆଉ ଆମ୍ଭେମାନେ ଯେ ତାହାଙ୍କ ଆଜ୍ଞାନୁସାରେ ଆଚରଣ କରୁ, ଏହା ହିଁ ପ୍ରେମର ସାର । ତୁମ୍ଭେମାନେ ଆଦ୍ୟରୁ ଯାହା ଶୁଣିଅଛ ସେହ ଅନୁସାରେ ଆଚରଣ କର, ଏହା ସେହି ଆଜ୍ଞା ।*

୧୦. ଆପଣ ପଢ଼ନ୍ତୁ (ଯୋହନ ୧୪:୧୫) । ସଠିକ୍(କି) ଭୁଲ୍ । ପ୍ରେମ ଆପଣଙ୍କ ଆବେଗପୂର୍ଣ୍ଣ ଭାବନା ନୁହେଁ କିନ୍ତୁ ଆପଣଙ୍କ ଇଚ୍ଛା ଅଟେ । ଶାସ୍ତ୍ରାଂଶରେ ଆଜ୍ଞା ମନୁଷ୍ୟ ପାଇଁ, ତା'ର ଆବେଗପୂର୍ଣ୍ଣ ଭାବନା ପାଇଁ ନୁହେଁ । ଈଶ୍ୱର କେବେ ଆପଣଙ୍କୁ କୁହନ୍ତି ନାହିଁ କିପରି ଅନୁଭବ କରିବାକୁ, କିନ୍ତୁ କିପରି କାର୍ଯ୍ୟ କରିବାକୁ ସେ କୁହନ୍ତି ।

**ଯୋହନ ୧୪:୧୫ -** *ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞା ସବୁ ପାଳନ କରିବ ।*

୧୧. ଆପଣ ପଢ଼ନ୍ତୁ । (ଗାଲାତୀୟ ୫:୨୨-୨୩) ପ୍ରେମ ପ୍ରାକୃତିକ ନୁହେଁ । ଏହା ଶିଖାଯାଏ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ଜନ୍ମ ନିଏ । ପ୍ରେମ ଫଳ ଅଟେ ।

୧. ମନୁଷ୍ୟର ଭାବନାର
୨. ମନୁଷ୍ୟର ସ୍ୱଭାବର
୩. ଈଶ୍ୱରଙ୍କ ଆତ୍ମାର

**ଗଲାଣୀୟ ୫;୨୨-୨୩ -** *କିନ୍ତୁ ଆତ୍ମାଙ୍କ ଫଳ, ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା (୨୩) ଉତ୍ତମତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମ ସଂଯମ; ଏହି ବିରୁଦ୍ଧରେ କୌଣସି ବ୍ୟବସ୍ଥା ନାହିଁ ।*

୧୨. ଆପଣ ପଢ଼ନ୍ତୁ (ଏଫିସୀୟ ୫:୩୧-୩୨) । ଏକ ଉତ୍ତମ ବିବାହ କାହାର ନମୁନା ଅଟେ ?

**ଏଫିସୀୟ -୫:୩୧-୩୨ -** *ଏହି କାରଣରୁ ପୁରୁଷ ପିତା ମାତାଙ୍କୁ ପରିତ୍ୟାଗ କରି ନିଜ ସ୍ତ୍ରୀଠାରେ ଆସକ୍ତ ହେବ, ଆଉ ସେ ଦୁହେଁ ଏକାଙ୍ଗ ହେବେ । (୩୨) ଏହା ଗୋଟିଏ ଅତି ନିଗୂଢ ତତ୍ତ୍ୱ, କିନ୍ତୁ ମୁଁ ଖ୍ରୀଷ୍ଟ ଓ ମଣ୍ଡଳୀ ସମ୍ବନ୍ଧରେ ଏହା କହୁଅଛି ।*

# ଉତ୍ତର

୧. ଆପଣ ପଢ଼ନ୍ତୁ (ହିତୋପଦେଶ ୧୮:୨୨)। ବିବାହ କ'ଣ ?

*୧. ଏକ ଉତ୍ତମ ବିଷୟ ଏବଂ*

*୩. ଈଶ୍ୱରଙ୍କ ପାଇଁ ପ୍ରୀତିକର ବିଷୟ-*

୨. ଆପଣ ପଢ଼ନ୍ତୁ(ଏବ୍ରି ୧୩:୪) । ସମ୍ଭୋଗ ବିବାଦରେ କ'ଣ:-

*୩. ଅକଳୁଷିତ ।*

୩. ଆପଣ ପଢ଼ନ୍ତୁ (ଉପଦେଶକ ୯-୯)ସଠିକ୍(କି)ଭୁଲ୍ । ଧାର୍ମିକ (ଈଶ୍ୱରଙ୍କ ଆର୍ଶୀବାଦ)ରେ ହୋଇଥିବା ବିବାହ ଏକ ଉପହାର ଏବଂ ଆପଣଙ୍କ ଜୀବନରେ ଈଶ୍ୱରଙ୍କର ଏକ ପୁରସ୍କାର ।

*ସଠିକ୍ ।*

୪. ଆପଣ ପଢ଼ନ୍ତୁ (୧ମ ଯୋହନ ୩:୧୮) "ଜର୍ଜ ଫିଲିପ୍ସ ଗିଲିୟମ୍‌ଙ୍କ ଅନୁସାରେ ସେ କରିବା ୨୮,୦୦୦ଯୁବଚିତ୍ ବଚେରୀ ମୋକଦ୍ଦମା ମାନଙ୍କ ମଧ୍ୟରୁ, ସେ ଜାଣିଥିବା ମୂଖ୍ୟ କାରଣ ହେଲା, କର୍ତ୍ତବ୍ୟ ପାଳନରେ ଅବହେଳା ଓ ବାପା ଓ ମାଙ୍କ ମଧ୍ୟରେ ସ୍ନେହର ଅଭାବ ।" (ଟୁଗେଦର୍ ଫର୍‌ଏଭର-ପୃଷ୍ଠା ୧୫୨) । ଆମେ କିପରି ପ୍ରେମ ଦେଖେଇ (ବା)ପ୍ରକାଶ କରିବା ?

*ନିଜ କାର୍ଯ୍ୟ ଦ୍ୱାରା ଓ ପ୍ରକୃତ ଯତ୍ନ ନେଇ ।*

୫. ଆପଣ ପଢ଼ନ୍ତୁ (ଏଫିସୀୟ ୫:୨୮) ସଠିକ୍ (କି) ଭୁଲ୍ । ମୁଁ ମୋ ନିଜକୁ ଅବହେଳା କଲା ପରି ଆପଣା ଭାର୍ଯ୍ୟାକୁ ଅବହେଳା ପ୍ରଦର୍ଶନ କରେ ।

*ସଠିକ୍*

୬. ଆପଣ ପଢ଼ନ୍ତୁ (୧ମ ଯୋଜନ ୩:୧୬) । ସଠିକ୍ (କି)ଭୁଲ୍ ।ଏହି ଶବ୍ଦ ମୁଁ ତୁମକୁ ଭଲପାଏ । ଅତି ଉତ୍ତମ ଓ ସୁନ୍ଦର ଲାଗେ ଯେତେବେଳେ ତାହାକୁ କାର୍ଯ୍ୟରେ କରାଯାଏ । ଯେଉଁପରି ଯୀଶୁ ନିଜେ କହିଥିବା କଥାକୁ ଆପଣାଜୀବନ ଆମପାଇଁ ଦେଇ ଦେଖେଇଲେ । ସେହିପରି ଆମ୍ଭେମାନେ ମଧ ଆମ ସ୍ୱାମୀ/ସ୍ତ୍ରୀ ପାଇଁ ଆମ ଜୀବନ ଦେଇ ପାରିବାର ମନୋଭାବ ଥିବା ଉଚିତ୍ ବିଭିନ୍ନ ବ୍ୟାବହାରିକ ପନ୍ଥା ମାଧମରେ ।

*ସଠିକ୍*

୭. ଆପଣ ପଢ଼ନ୍ତୁ (ଏଫିସୀୟ ୫:୨୫-୨୬) । ସଠିକ (କି) ଭୁଲ୍ । ମୁଁ ଯାହା ମୋ ସ୍ତ୍ରୀ ବିଷୟରେ କହିବି ସେହିପରି ହିଁ ହେବ ।

*ସଠିକ୍ । (ଏଫିସୀୟରେ ୫: ୨୬) ଗ୍ରୀକ୍ ଶବ୍ଦ ବ୍ୟବହୃତ ହୋଇଛି ରେ ମା, ତା'ର ଆଖି ହେଲା " କହିଥିବା କଥା " ।*

୮. ଆପଣ ପଢ଼ନ୍ତୁ (ରୋମୀୟ ୮:୩୮-୩୯) ଏବଂ (୧ମ ଯୋହନ ୪:୧୯) । ସତ୍ୟ(କି) ମିଥ୍ୟା : ଆମ୍ଭେ ମାନଙ୍କ ପାଇ ଯଦି କେହି ଉତ୍ତମ କଥା କୁହେ ଓ ତା' ସହ କାର୍ଯ୍ୟରେ ଦେଖାଏ, ତାହ ଆମକୁ ଭଲ ଲାଗେ । ପରମେଶ୍ୱର ଆମକୁ ସେହିଭଳି କଥା ମାଧମରେ କହିଲେ, ଯାହା ଶାସ୍ତ୍ରାଂଶରେ ଲିଖିତ ।

*ସତ୍ୟ । ପ୍ରଭୁ ବାକ୍ୟ ଆମ୍ଭମାନଙ୍କ ପାଇ ଓ ସଂପୂର୍ଣ୍ଣ ପ୍ରେମରେ ପୂର୍ଣ୍ଣ ।*

୯. ଆପଣ ପଢ଼ନ୍ତୁ (୧ମ ଯୋହନ୫:୩) ଏବଂ(୨ୟଯୋହନ ୧-୬) । ସତ୍ୟ (କି) ମିଥ୍ୟା । କିପରି ପ୍ରେମ କରିବା ଓ ପ୍ରକାଶ କରିବା ତାହା ଈଶ୍ୱରଙ୍କ ଆଜ୍ଞାରୁ ଆମେ ଜାଣିପାରୁ । ଆଉ ଆମେ ପ୍ରେମର ଏହି ସିଦ୍ଧାନ୍ତ ଗୁଡ଼ିକୁ ପ୍ରଭୁଙ୍କ ବାକ୍ୟରୁ ଶିଖି ପରିବା ।

*ସତ୍ୟ ।*

୧୦. ଆପଣ ପଢ଼ନ୍ତୁ (ଯୋହନ ୧୪:୧୫)ସତ୍ୟ(କି)ମିଥ୍ୟା । ପ୍ରେମ ଆପଣଙ୍କ ଆବେଗପୂର୍ଣ୍ଣ ଭାବନା ନୁହେଁ କିନ୍ତ ଆପଣଙ୍କ ଇଚ୍ଛା ଅଟେ । ଶାସ୍ତ୍ରାଂଶରେ ଆଜ୍ଞା ମନୁଷ୍ୟ ପାଇଁ, ତା'ର ଆବେଗପୂର୍ଣ୍ଣ ଭାବନା ପାଇଁ ନୁହେଁ । ଈଶ୍ୱର କେବେ ଆପଣଙ୍କୁ କୁହନ୍ତି ନାହିଁ ଯେ କିପରି ଅନୁଭବ କରିବାକୁ । କିନ୍ତୁ କିପରି କାର୍ଯ୍ୟ କରିବାକୁ ସେ କୁହନ୍ତି ।

*ସତ୍ୟ ।*

୧୧. ଆପଣ ପଢ଼ନ୍ତୁ (ଗାଲାଣୀୟ୫:୨୨-୨୩) । ପ୍ରେମ ପ୍ରାକୃତି ନୁହେଁ । ଏହା ଶିକ୍ଷା କରାଯାଇ ପାରେ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ଜନ୍ମ ନିଏ । ପ୍ରେମ ଫଳ ଅଟେ କାହାର-

*ଗ. ଈଶ୍ୱରଙ୍କ ଆତ୍ମାର ।*

୧୨. ଆପଣ ପଢ଼ନ୍ତୁ (ଏଫିସୀୟ ୫:୩୧-୩୨) । ଏକ ଉତ୍ତମ ବିବାହ କାର୍ଯ୍ୟର ନମୁନା ଅଟେ ।

*ଖ୍ରୀଷ୍ଟ ଏବଂ ମଣ୍ଡଳୀର ।*

## ପାଠ୍ୟକ୍ରମ ୧୭

# ଈଶ୍ୱରଙ୍କ ପ୍ରେମ - ଭାଗ ୧

### *ଲେଖକ – ଡନ୍ କ୍ରୋ*

୧ମ କରନ୍ଥୀ ୧୩:୧୩ କୁହେ, *"ଅତଏବ ବିଶ୍ୱାସୀ, ଭରସା, ପ୍ରେମ ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ।"*ଏହାପରେ (୧ମ କରନ୍ଥୀୟ ୧୪:୧) କୁହେ, *"ପ୍ରେମର ଅନୁସରଣ କର, ପୁଣି ଆତ୍ମିକ ଦାନ ସବୁ ପାଇବା ନିମନ୍ତେ, ବିଶେଷତଃ ଯେପରି ଭାବବାଣୀ କହିପାର, ଏଥିପାଇଁ ଚେଷ୍ଟା କର ।"* ବାଇବେଲ୍ କୁହେ ପ୍ରେମକୁ ଅନୁସରଣ କରିବା ପାଇଁ , ତାହାକୁ ପାଇବା ପାଇଁ ଏବଂ ତାହାକୁ ହିଁ ମୂଳ ଲକ୍ଷ୍ୟ ରଖିବା ପାଇଁ । କିଛି ଅନୁବାଦ କୁହେ, ତାହାକୁ ନିଜର ପ୍ରଧାନ ସନ୍ଧାନ/ ଅନ୍ୱେଷଣ ଭାବେ ରଖିବା ପାଇଁ । ଏହା ହିଁ ଏକମାତ୍ର ବିଷୟ ଯାହାକି ଆମେ ଏହି ଜୀବନରୁ ଅନନ୍ତ କାଳ ଯାଏଁ ନେଇ ଯିବା । ଆମେ ଆମ କାର୍, ଘର, (ବା) ଟଙ୍କା, ପଇସା ନେଇ ଯିବାନି କିନ୍ତୁ ସେହି ପ୍ରେମ ନେଇକି ଯିବା ଯାହା ପବିତ୍ର ଆତ୍ମାଙ୍କ ଦ୍ୱାରା ଯୀଶୁ ଖ୍ରୀଷ୍ଟ ଆମ ମଧରେ ଦେଇଛନ୍ତି । ପ୍ରେମ ହେଉଛି ଏକ ମାତ୍ର ବିଷୟ ଯାହାର ଅପରିବର୍ତ୍ତନଶୀଳ ମୂଲ୍ୟ ଏବଂ ପ୍ରକୃତ ସତ୍ତା ରହିଛି ।

ପ୍ରେମର ଅର୍ଥ ପ୍ରକୃତରେ କ'ଣ ? ମୁଁ କୁହେ, "ମୁଁ ମୋ ସ୍ତ୍ରୀ କୁ ଭଲପାଏ, ମୁଁ ଆଇସ୍‌କ୍ରିମ୍ ଖାଇବାକୁ ଖୁବ୍ ଭଲପାଏ, ମୋତେ ସେଓ ପାଇ ଖାଇବା ବହୁତ ପସନ୍ଦ ।" ଇଂରାଜୀରେ କେବଳ ଗୋଟିଏ ମାତ୍ର ଶବ୍ଦ ଅଛି ତାହାକୁ ବର୍ଣ୍ଣନା କରିବା ପାଇଁ ଯେତେବେଳେ ମୁଁ କୁହେ ମୋ ସ୍ତ୍ରୀକୁ ଭଲପାଏ ଏବଂ ତା'ପରେ କୁହେ ମୁଁ ବିଲେଇକୁ ମଧ ଭଲପାଏ, ସେଥିରେ କ'ଣ ସ୍ତ୍ରୀ ଖୁସି ହେଇଯିବେ କି ? ଆଦୌ ନୁହେଁ । ଆପଣ ଜାଣି ପାରୁଛନ୍ତି କି ମୁଁ କ'ଣ କହିବାକୁ ଚାହୁଁଛି ? ଯେତେବେଳେ ଆମେ ଏହି ଶବ୍ଦ ଭଲ ପାଇବା ବ୍ୟବହାର, କରୁ, କିଛି ଲୋକ ଭାବନ୍ତି ଏହା ସମ୍ଭୋଗ, କିଛି ଭାବନ୍ତି ଏକ ଗଭୀର ଅନୁଭବ ଜଣଙ୍କ ପାଇଁ ଲୋକଙ୍କର ଏହି "ଭଲ ପାଇବା"ର ଶବ୍ଦ ପାଇଁ ସମସ୍ତ ପ୍ରକାରର ସଂଜ୍ଞା ଓ ଭିନ୍ନ ଭିନ୍ନ ସଂଜ୍ଞା ଓ ଅର୍ଥ ଦିଏ । କିନ୍ତୁ ଗ୍ରୀକ୍ ଭାଷାରେ ମୁଖ୍ୟତଃ ୪ଟି ମୁଖ୍ୟ ଶବ୍ଦ ଅଛି । ଗୋଟିଏ ହେଲା 'ଏରୋସ୍', ଯାହାକି ବାଇବେଲ୍‌ରେ ବ୍ୟବହାର ଦେଇନାହିଁ, ଏବଂ ଯାହାକି ଯୌନ ଆକର୍ଷଣ (ବା)ସମ୍ଭୋଗକୁ ବୁଝାଏ । ପରମେଶ୍ୱର ସେହି ପ୍ରକାର ଭଲ ପାଇବାକୁ ନିର୍ଦ୍ଧିଷ୍ଟ କଲେ ଯେତେବେଳେ ମନୁଷ୍ୟ ନିଜ ପିତା ଓ ମାତାକୁ ଛାଡିବ ଓ ଆପଣା ଭାର୍ଯ୍ୟାର ଆସକ୍ତି ହେବ ଏବଂ ସେମାନେ ଏକାଙ୍ଗ ହେବେ । ବାଇବେଲ୍‌ରେ ଥିବା ପରମଗୀତ ଏହି ଉପରୋକ୍ତ ବିଷୟ ଉପରେ କୁହେ । ଅନ୍ୟ ପ୍ରକାରର ପ୍ରେମ ହେଲେ, ଯାହାକି ପରମେଶ୍ୱର କହନ୍ତି ତାହା ସମସ୍ତ ମନୋନୀତ ଦ୍ୱାରା ବ୍ୟବହୃତ ହୋଇପାରେ, କିନ୍ତୁ 'ଏରୋସ୍' କେବଳ ବୈବାହିକ ସଂପର୍କ ପାଇଁ ।

ଆଉ ଗୋଟିଏ ପ୍ରକାରର ପ୍ରେମକୁ *'ଷ୍ଟୋରଜ୍'* କୁହାଯାଏ ଏବଂ ତାହା ପରିବାରରେ ବାସ୍ତବ ସଂପର୍କକୁ ବୁଝାଏ । ତା'ପରେ ଅନ୍ୟ ଏକ ହେଲା *'ଫିଲିଓ'* ଯୋଡାର ମୂଳ ଶବ୍ଦ ହେଲା 'ଫିଲିଆ' । ଆଉ ଏହି ଶବ୍ଦଟି ନୂତନ ନିୟମରେ ପ୍ରାୟ ବାସ୍ତୋରି (୭୨)ଥର ବ୍ୟବହାର ହୋଇଛ ଏବଂ ଏହା ସ୍ନେହର ଏକ ଗଭୀର ଭାବକୁ ବୁଝାଏ । ଅନେକ ଲୋକ ଯେଉଁମାନେ ପ୍ରେମ ବିଷୟରେ କଥା କୁହନ୍ତି, ତାହା ହିଁ ପ୍ରେମ, "ତେଣୁ ମୁଁ ପ୍ରେମରେ ପଡ଼ିଲି କିନ୍ତୁ ଏବେ ଆଉ ନାହିଁ ।" ଯଦି ଆପଣଙ୍କ ବିବାହ ସେହି ପ୍ରକାରର ଭଲ ପାଇବା ଉପରେ ତିଷ୍ଠିଛି, ତେବେ ଆପଣ ଦେଖିବାକୁ ପାଇବେ ଅନେକ ଖରାପ ସମୟ ଓ ଭଲ ସମୟ ଦେଖିବେ । ଆଉ ତାହା ଉପରେ ହିଁ ଆପଣଙ୍କ ଭଲପାଇବା ଚାଲୁ ରହିବ ।

ବାଇବେଲ୍ କୁହେ ଆମ୍ଭମାନଙ୍କୁ ଈଶ୍ୱର କରିଥିବା ପ୍ରକାରେ ପ୍ରେମ କରିବା ଆବଶ୍ୟକ, ଆଉ ସେହି ପ୍ରେମ ହେଉଛି *"ଆଗାପେ"* ପ୍ରେମ । ବର୍ତ୍ତମାନ ଏହି 'ଆଗାପେ' ପ୍ରେମ କ'ଣ ? ତାହାକୁ ଅନେକ ଦୃଷ୍ଟିକୋଣରୁ ଦେଖାଯାଇପାରେ । ୧ମ କରନ୍ଥୀୟ ୧୩ କୁହେ, ପ୍ରକୃତରେ ପ୍ରେମିର ସଂଜ୍ଞା କ'ଣ ? (୧ମ ଯୋହନ ୫:୩)କୁହେ, *"କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା ।"* ଯୀଶୁଙ୍କର ଆଜ୍ଞା ସମସ୍ତ ଆମକୁ ପ୍ରେମର ପ୍ରକାଶ କରି ଦେଖାଏ, କିନ୍ତୁ ତାହାକୁ ଯଦି ମୁଁ ଭାବି କହିବି ପ୍ରେମ କ'ଣ, ତେବେ ମୁଁ ଏଠାରେ ମାଥିଉ ୭:୧୨ ରେ ଲେଖାଯାଇଥିବା ପଦକୁ କହିବି, *"ଅତଏବ ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛାକର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର, କାରଣ ଏହାହିଁ ବ୍ୟବସ୍ଥା ଓ ଭାବବାଦୀ ମାନଙ୍କର ଧର୍ମଶାସ୍ତ୍ରର ସାର ।"* ଆପଣଙ୍କ ମଣ୍ଡଳୀର ଲୋକମାନେ ଆପଣଙ୍କୁ ଭଲ ପାଇବା ବ୍ୟକ୍ତି; (ବା) ଆପଣଙ୍କ ବିଷୟରେ କିଛି ଭାବୁ ନାହାନ୍ତି, ଏହା ଏବଂ ତାହା ଇତ୍ୟାଦି .....ଇତ୍ୟାଦି, ଏହି ସମସ୍ତ ବିଷୟ କିଛି ପ୍ରାଧାନ୍ୟ ରଖେ ନାହିଁ । ବାଇବେଲ୍ କୁହେ, ଲୋକମାନେ ଆପଣଙ୍କ ପ୍ରତି ଯାହା ସବୁ କରନ୍ତୁ ବୋଲି ଆପଣ ଭାବୁଛନ୍ତି, ପ୍ରଥମେ ଆପଣ ତାହା ସେମାନଙ୍କ ପାଇଁ କରନ୍ତୁ ଆଉ ତାହାହିଁ ପ୍ରେମ । ତାହା ଆମ ଶରୀର ବିପରୀତ ଇଚ୍ଛାରେ ଯାଏ, ଆମ ବାସ୍ତବ ଚିନ୍ତାରୁ ବାହାରେ, ଯାହାକି ଅନ୍ୟର ସୁଖ, ସମୃଦ୍ଧି ଚିନ୍ତା କରିବା । ଆଉ ଏଇଥି ପାଇଁ ପରମେଶ୍ୱରଙ୍କ ଆବଶ୍ୟକତା ପଡ଼େ । ଆପଣ ଭାବନ୍ତୁ ନାହିଁ ଯେ ପରମେଶ୍ୱରଙ୍କ ବିନା ଏହା ପରିପ୍ରକାଶ ହୋଇପାରେ । ବାଇବେଲ୍ କୁହେ ଆତ୍ମାର ଫଳ ହେଲା ପ୍ରେମ, ଏବଂ ଈଶ୍ୱର ହିଁ ପ୍ରେମ । ସେହି ପ୍ରେମର ଉତ୍ସ ଏବଂ ସେହି ଆମକୁ କିପରି ସେ ଦେଇଥିବା ଆଜ୍ଞାମାନ ଦ୍ୱାରା ଭଲ ପାଇହେବ ଅନ୍ୟକୁ ଦେଖେଇବେ । ସେହିଁ ଆମକୁ ସେ ଶକ୍ତି, ବଳ ଦେବେ । ଏକ ସୁନ୍ଦର ଉତ୍ତମ ଓ ସଠିକ୍ ଚୟନ କରିବା ପାଇଁ ଏବଂ ସ୍ଥିର କରି ତାହାକ ଉକ୍ତ ସିଦ୍ଧାନ୍ତ ମାନ ଦ୍ୱାରା କାର୍ଯ୍ୟରେ ଲଗେଇବା ପାଇଁ ।

ମୁଁ ଯେପରି ମୋର ସମସ୍ତ କାର୍ଯ୍ୟ ସରେଇବା ପରେ ଯାଇ ସବୁବେଳେ ପ୍ରାର୍ଥନ କରେ, ସେହିପରି ଦିନେ ମୁଁ ଭାବି ବାହାରୁଥିଲି । ମୁଁ ପାର୍କ(ବିଷୟ)ରେ ଥିଲି ଏବଂ ମୁଁ କହିଲି ପ୍ରଭୁଙ୍କୁ ,"ପ୍ରଭୁ, ମୁଁ ପ୍ରାକୃତରେ ଜଣକୁ ପ୍ରଭୁଙ୍କ ବାକ୍ୟ ଓ ସେବା କାର୍ଯ୍ୟ ବିଷୟରେ କହିବାକୁ ଚାହୁଁଛି," ତାହା ଟିକିଏ ଗରମ ଦିନ ଥିଲା, ଏବଂ ମୁଁ ଦେଖିଲି ଗୋଟିଏ ଛୋଟ ବାଳକ ଏବଂ ବାଳିକା ବସିଛନ୍ତି ଝୁଲାରେ । ଝୁଲା ଚାଲିଥିଲା ଏବଂ ମୁଁ ମଧ୍ୟ ସେଠାକୁ ଗଲି । ମୁଁ ସେହି ଛୋଟ ଝିଅଟିକୁ ଦେଖି କହିଲି, "ଆଜି ଗୋଟିଏ ଅତି ସୁନ୍ଦର ଦିନ, ନୁହେଁ କି?" ସେ କହିଲା "ମୁଁ ଇଂରାଜୀ କହି ପାରେନାହିଁ, ଏବଂ ମୁଁ ତାକୁ ପଚାରିଲ" "ତୁମେ କେଉଁଠାରୁ ଆସିଛ" ? ସେ କହିଲା ରୋମାନିଆରୁ । ଆଉ ମୁଁ ଜାଣିଥିଲି ସେହି ଅଞ୍ଚଳରେ ରୋମାନିଆନ୍

ମାନେ ରହନ୍ତି ଏବଂ ସେଠାରେ ଥିବା କିଛି ଲୋକ ମୋ ଆଡ଼କୁ ଢ଼ୁଁଥିଲେ, ସମ୍ଭବତଃ ସେମାନେ ଭାବୁଥିଲେ ମୁଁ ତାହାଙ୍କ ଛୁଆମାନଙ୍କ ସହ କାହିଁକି କଥା ହେଉଛି ବୋଲି । ମୁଁ ପୁଣି, ମୁଁ ସେମାନଙ୍କୁ କହିଲି, "ମୁଁ ତୁମ୍ଭମାନଙ୍କୁ ସାହାଯ୍ୟ କରିବାକୁ ଚାହୁଁଛି" । ସେଥିରେ ସେମାନେ କହିଲେ, "ଆପଣ ଆମକୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ?" କିନ୍ତୁ କାହିଁକି ? ଆପଣତ ଆମକୁ ଜାଣନ୍ତି ନାହିଁ!" ମୁଁ କହିଲି, "କାରଣ ପରମେଶ୍ୱର ଆପଣଙ୍କୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି ।" ଆଉ ମୁଁ ସେତେବେଳେ (୧ମ ଯୋହନ ୩:୧୮) ରେ ଲେଖାଥିବା ପ୍ରଭୁଙ୍କ ବାକ୍ୟକୁ ଧ୍ୟାନ କରୁଥିଲି, ଯାହା କୁହେ, *"ହେ ବତ୍ସଗଣ ଆସ ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନକରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମକରୁ "* ଆମ୍ଭେ ମାନେ ଆମେ କହୁଥିବା କଥାରେ କେବଳ ପ୍ରେମ ନ କରୁ, କିନ୍ତୁ କାର୍ଯ୍ୟ ଦ୍ୱାରା କରିବା ଉଚିତ୍ । ଯଦିଓ ମୁଁ କେବେ ମୋ ପାଖରେ କେତେ ଟଙ୍କା ଅଛି କେବେ ଚିନ୍ତା କରେ ନାହିଁ, ସେହି ଦିନ ମୋ ପାଖରେ ବହୁତ କମ୍ ଥିଲା । ଯେହେତୁ ସେଦିନ ମୁଁ ଉପଭାସ ପ୍ରାର୍ଥନାରେ ଥିଲି, ମୋ ପାଖରେ ସ୍ୱଳ୍ପ କିଛି ଖାଦ୍ୟ ଥିଲା, ତେଣୁ ମୁଁ କହିଲି, "ଏହା କିଛି ଖାଦ୍ୟ ତୁମ ପରିବାର ପାଇଁ ।" ସେମାନଙ୍କୁ ତାହା ଶୁଣି ବହୁତ ଭଲ ଲାଗିଲା ଏବଂ ସେମାନେ କହିଲେ, "ଆପଣ କିଏ ?" ମୁଁ ସେମାନଙ୍କୁ କହିଲି, "ପରମେଶ୍ୱର ଆଜି ଆମ୍ଭମାନଙ୍କ ଭେଟ ପାଇଁ ଏକ ଦିବ୍ୟ ସମୟ ସ୍ଥିର କରିଥିଲେ, ଏବଂ ଆମେ ପୁଣି ଥରେ ଭେଟିବା ।"

ମୁଁ ଘରକୁ ଫେରିଲି ଏବଂ ମୋ ସ୍ତ୍ରୀଙ୍କୁ ସେହି ରୋମାନିଆ ଲୋକଙ୍କ ସହ ଭେଟର କାହାଣୀ କହିଲ । ମୁଁ ଆମ ଫ୍ରିଜ୍‌ରୁ କିଛି ଖାଦ୍ୟ କାଢ଼ି, ରାନ୍ଧିଲି । ତା'ପରେ ଦିନ ମୁଁ ମଟରଖାନାରୁ ଗଦାଏ ବିଷୟ ଆଣିଲି ଏବଂ ମୋ ସ୍ତ୍ରୀ ସହ ପାର୍କ (ବିଗି)କୁ ଗଲି । ଆଉ ସେତେବେଳେ ସେହି ରୋମାନିଆ ଲୋକ ଓ ତାଙ୍କ ଛୁଆମାନେ ସେଠାରେ ଥିଲେ ଏବଂ ମୁଁ ସେମାନଙ୍କୁ କହିଲି, "ମୁଁ ତୁମ୍ଭମାନଙ୍କ ପାଇଁ ଉପହାର ଆଣିଛି । ସେଗୁଡ଼ିକ ବହୁତ ଭାରୀ, ତେଣୁ ମୁଁ ତାହା ମୋ ମଟର ଗାଡ଼ିରେ ଆଣିବି । ଏବଂ ଯଦି ତୁମ୍ଭେମାନେ ମୋତେ କୁହ ତୁମ୍ଭେ କେଉଁଠାରେ ରହିଛି, ସେହି ଉପହାର ଗୁଡ଼ିକ ସିଧା ସଳଖ ଯାଇ ମୁଁ ଆପଣଙ୍କ ଘରେ ରଖିଦେଇ ଆସିବି ।" ଆଉ ଯେତେବେଳେ ଆମେ ସେମାନଙ୍କ ଛୋଟ ଗୋଟିଏ ଶୋଇବାଘର ଥିବା ଘରକୁ ଗଲୁ; ମୁଁ ସମସ୍ତ ପଦାର୍ଥ ନେଇଁ ରଖିଦେଲି - ସବୁକିଛି ଘର ସହ ଠିକ୍‌ଥିଲା-ମୁଁ ସେହି ଆଣିଥିବା ମୋ ପେଢ଼ିରୁ ସମସ୍ତ ବିଷୟ ଗୋଟିଏ ଗୋଟିଏ କାଢ଼ି ତାହାଙ୍କୁ ଦେବାକୁ ଆରମ୍ଭ କଲି । ସେତେବେଳକୁ ସେମାନଙ୍କ ଆଖିରୁ ଲୁହ ଝରିବାକୁ ଲାଗିଲା ଏବଂ ଜଣେ ସ୍ତ୍ରୀ ଲୋକ ଦେଖିଲା, "ମୁଁ କାନ୍ଦି ପକେଇବି, ମୁଁ କାନ୍ଦି ପକେଇବି ।" ମୁଁ କହିଲି , "ସୋମବାର ରାତିରେ ଆମ ଘରେ ବାଇବେଲ ଅଧ୍ୟୟନ ଅଛି ଏବଂ ମୁଁ ଆପଣଙ୍କୁ ସେଠାକୁ ନିମନ୍ତ୍ରଣ କରିବାକୁ ଚାହେଁ ।" ସେମାନେ କହିଲେ "ଆମେ ଆସିବାକୁ ଚାହୁଁଛୁ" ତେଣୁ ମୁଁ କହିଲି, "ମୁଁ ଚାହୁଁନି ଯେ, ମୁଁ ଆପଣମାନଙ୍କୁ ଉପହାର ଦେଲି ବୋଲି ଆପଣମାନେ ଆସନ୍ତୁ ।" ସେମାନେ କହିଲେ, "ନାହିଁ, ଆମେ ଆସିବାକୁ ଚାହୁଁଛୁ ଏବଂ ଆପଣଙ୍କ ବନ୍ଧୁମାନଙ୍କୁ ମଧ୍ୟ ଭେଟିବାକୁ ଚାହୁଁଛି ।"

ଯେହେତୁ ସେମାନଙ୍କର କୌଣସ ଗାଡ଼ିର ସୁବିଧା ନଥିଲା, ମୁଁ ସେମାନଙ୍କ ମୋ ଗାଡ଼ିରେ ଆଣିବାକୁ ଗଲି, ଆମ ଘରକୁ ନେଇ ଆସିଲି, ଏବଂ ପରମେଶ୍ୱର ତାହାଙ୍କୁ ସ୍ପର୍ଶ କଲେ । ସେମାନେ ଏତେ ଭଲ ଭାବେ ଇଂରାଜୀ କହି ପାରୁନଥିଲେ, କିନ୍ତୁ ପରମେଶ୍ୱର ସେମାନଙ୍କୁ ସ୍ପର୍ଶ କଲେ, ଯେତେବେଳେ ଆମେ ସେମାନଙ୍କ ପାଇଁ ପ୍ରାର୍ଥନା କଲୁ । ଈଶ୍ୱରଙ୍କ ପ୍ରେମ ସେମାନଙ୍କ ଉପେର ପ୍ରକାଶ ହେଲା । ତା' ପୂର୍ବରୁ ଆମେ ଆଉ ଗୋଟିଏ ରେମାନିଆର୍ ଦମ୍ପତିଙ୍କୁ ଭେଟିଥିଲୁ, ଏବଂ ସେହି ପ୍ରଥମ ଦମ୍ପତିଙ୍କୁ ମୁଁ କହିଲି "ଆପଣମାନେ

ମୋତେ ଅନ୍ୟ ରୋମାନିଆ ଦମ୍ପତିଙ୍କୁ ଭେଟିବାରେ ସାହାଯ୍ୟ କରିବେ କି ?" ସେମାନେ ରାଜି ହେଲେ ଏବଂ ଗୋଟିଏ ଦିନ ସେମାନେ ମୋତେ ଫୋନ୍ କଲେ, "ଶ୍ରୀମାନ୍, ଡନ୍ ଆମେ ଆପଣଙ୍କ ବିଷୟରେ ଶୁଣିଲୁ । ଆମେ ଏକାଙ୍କ ରହୁଛୁ, ଏବଂ ଆପଣଙ୍କୁ ଭେଟିବାକୁ ଚାହୁଁଛୁ । ଶେଣୁ ମୁଁ ମୋର ଅନ୍ୟ ରୋମନିଆ ବନ୍ଧୁ ମାନଙ୍କୁ ନେଇ ତାହାଙ୍କୁ ଭୋଟିବାକୁ ଗଲି । ମୁଁ କିଛି ଉପହାର, ଖାଦ୍ୟ ଏବଂ ଆଉ ଅନ୍ୟ କିଛି ବିଷୟ ତାଙ୍କ ପାଇଁ ନେଇ ଗଲି । ମୁଁ ଯେତେବେଳେ ସେହିପରି କଲି, ଏବଂ ସେମାନଙ୍କୁ ଭେଟିବାକୁ ବାରମ୍ବାର ଗଲି, ସେତେବେଳେ ଯାଏ ସମସ୍ତ ବିଷୟ ଠିକ୍ ଥିଲା । ଯେତେବେଳେ ଯାଏ ସେହି ପ୍ରଥମ ରୋମାନିଆ ଦମ୍ପତ୍ତି କହିଲେ "ଆପଣମାନେ ବାଇବେଲ ଅଧ୍ୟୟନକୁ ଯିବା ଉଚିତ୍ । ସେମାନେ ସେଂାରେ ଯୀଶୁଙ୍କ ବିଷୟରେ ଆଲୋଚନା କରନ୍ତି, ଏବଂ ତାହା ସତରେ ଅତି ସୁନ୍ଦର ଏବଂ ଆନନ୍ଦ ଦାୟକ । ସେମାନେ କହିଲେ "କିଛି କ୍ଷଣ ରୁହନ୍ତୁ । ଆମେ ଏକ ସାମ୍ୟବାଦୀ ଦେଶରୁ ଆସିଛୁ ଏବଂ ଜାଣିନୁ ଯେ ସେଠାରେ ପ୍ରଭୁଙ୍କୁ ମାନନ୍ତି କି ନାହିଁ । ଆଉ ଆମେ ଏହି ଯୀଶୁ, ତାଙ୍କ ସଂପର୍କୀୟ ବଷୟ ଚାହୁଁ ନାହୁଁ ।

ସେଥିରେ ମୁଁ କହିଲି ହଉ ଠିକ୍ ଅଛି, "ମୋତେ ଆପଣଙ୍କ କେବଳ ବନ୍ଧୁ ହେବାକୁ ଦିଅନ୍ତୁ ।" ଏବଂ ସପ୍ତାହର ଶେଷ ଦିନମାନଙ୍କରେ ମୁଁ ସେମାନଙ୍କୁ ନେଇ ବାହାରକୁ ନେବା ଆରମ୍ଭ କଲି, ଏବଂ ସେମାନଙ୍କ ସେମାନଙ୍କ ଆବଶ୍ୟକୀୟ ଜିନିଷ ଯଥା-ଲୁଗା-ପଟା, କୋଟ ଏବଂ ଅନ୍ୟାନ୍ୟ ବିଷୟ କିଣି ନେଲି । ସେମାନେ ଟିକିଏ ପଛଘୁଞ୍ଚା ଓ ଅନିଚ୍ଛୁକ ଭାବେ ମନେ ହେଉଥିଲେ । ମୁଁ ପ ରିଲି, "ଆଚ୍ଛା ଆପଣଙ୍କୁ କୋଟ ଦରକାର ନାହିଁ କି ? ସେ କହିଲେ " ହଁ ..... କିନ୍ତୁ..." "ତେବେ ଚାଲନ୍ତୁ ଏହି କୋଟ୍‌ଟି ଆପଣଙ୍କ ପାଇଁ ନେଇ ନେବା" ଆଉ ମୁଁ ସେମାନଙ୍କୁ କାର୍ଯ୍ୟରେ ପ୍ରେମ କରିବା ଆରମ୍ଭ କଲି, କିନ୍ତୁ ସେମାନେ ଆମ ବାଇବେଲ ଅଧ୍ୟୟନକୁ ଆସିଲେ ନାହିଁ, ଯେତେବେଳ ଯାଏଁ ମୁଁ କହିଲି ନାହିଁ ଯେ, "ସମ୍ଭବତଃ କିଛି ଆମେରୀକୀୟ ମାନେ ଅଛନ୍ତି, ଯେଉଁମାନେ ଆପଣଙ୍କୁ କାର୍ଯ୍ୟ ଯୋଗାଇବାରେ ସାହାର୍ଯ୍ୟ କରିବେ ।" ଆଉ ତା'ପରେ ସେମାନେ ଆଉ କିଛି ଚିନ୍ତା ନ କରି ସିଧା ସଳଖ ଆସିଲେ । ସେହି ରାତିରେ ବାଇବେଲ ଅଧ୍ୟୟନ ସମୟରେ, ମୁଁ ପ୍ରଭୁଙ୍କୁ ପ୍ରାର୍ଥନା କରି କହିଲି, "ପ୍ରଭୁ ତୁମକୁ ମୋତେ ସତରେ ଅନ୍ୟଭାଷାରେ ପ୍ରର୍ଥନା କରିବା ପାଇଁ ଆର୍ଶିବାଦରେ କାରଣ ଆମେ ପରସ୍ପର ସହିତ ଭଲ ଭାବେ କଥାବାର୍ତ୍ତା ମଧ ହୋଇ ପାରୁନାହୁଁ ।" ଆଉ ସେହି ରାତିରେ ବାଇବେଲ ଅଧ୍ୟୟନରେ କିଛି ଯେଉଁ ଆମେରିକୀୟ ମାନେ ଆସିଥିଲେ, ସେମାନେ ତାହାଙ୍କର ସାକ୍ଷ୍ୟ ଦେଲେ । ମୁଁ ଯେତେବେଳେ କହିବା ଆରମ୍ଭ କଲି, ଦ୍ୱିତୀୟ ଯେଉଁ ରୋମାନିଆ ଦମ୍ପତ୍ତି ଥିଲେ, ସେମାନେଙ୍କ ମଧରେ କିଛି ଦେବାକୁ ଥିଲା, ଆଉ ମୁଁ ଜାଣିପାରିଲି ଯେ, କିଛି ଗୋଟିଏ ବିଷୟ ସେମାନଙ୍କ ମଧରେ ହେଉଅଛି । ବାଇବେଲ ଅଧ୍ୟୟନ ଶେଷ ହେଲାପରେ, ମୁଁ କହିଲି "ମୁଁ ଆପଣ ମାନଙ୍କ ପାଇଁ ପ୍ରର୍ଥନା କରିବାକୁ ଚାହେଁ," ଏବଂ ଯେତେବେଳେ ଆମେ ପ୍ରାର୍ଥନା କଲୁ, ପରମେଶ୍ୱର ଆଶ୍ଚର୍ଯ୍ୟଭାବେ ସେମାନଙ୍କୁ ସ୍ୱର୍ଶ କଲେ ଏବଂ ତାହାଙ୍କ ଚିରନ୍ତନ ପ୍ରେମରେ ସେହି କୋଠରୀ ଓ ବାତାବରଣକୁ ପବିତ୍ରଆତ୍ମାରେ ପୂର୍ଣ୍ଣ କଲେ । ତା ପରେ ସେହି ସ୍ତ୍ରୀ ଜଣକ କହିଲେ, ଆପଣ ଜାଣନ୍ତି କି, ଯେତେବେଳେ ସେହି ଆମେରିକୀୟ ମାନେ କଥା କହୁଥିଲେ, ମୁଁ କିଛି ତାହାଙ୍କ ଭାଷା ବୁଝିପାରୁ ନଥିଲି, କିନ୍ତୁ ଆପଣ ଯେତେବେଳେ ଉଠିଲେ ଏବଂ ଯୀଶୁଙ୍କୁ ବିଷୟରେ କହିବା ଆରମ୍ଭ କଲେ, ତାହାଙ୍କ ପ୍ରେମ ଆମ ପାଇଁ କିପରି ଏବଂ ସେ ଆମ ପାଇଁ କଣ କଲେ ଯାହା ଦ୍ୱାରା ଆମେ ତାହାଙ୍କ ସହ ଏକ ଉତ୍ତମ ଓ ନିବିଡ ସଂପର୍କରେ ଆସି ପାରିବା, ମୁଁ ସମସ୍ତ ବିଷୟ ଶବ୍ଦ ଓ ବାକ୍ୟ ବୁଝି ପାରିଲି ! ମୁଁ ସଂପୂର୍ଣ୍ଣ ଭାବେ ବୁଝିପାରିଲି ! ଆଉ ତାହା

ହିଁ ଈଶ୍ୱର ନିଶ୍ଚିତ ଭାବେ ଥିଲେ !" ତା'ର ଫଳ ସ୍ୱରୁପ, ଆମ ସମସ୍ତଙ୍କ ଜୀବନ ପରିବର୍ତ୍ତିତ ହେଲା, କେବଳ ଉପସ୍ଥିତ ଥିବା ରୋମାନିଆ ଲୋକଙ୍କର ନୁହଁ ।

ଆମ ଘର ସେରମବାର ଦିନ ରାତିରେ ଆନ୍ତର୍ଜାତୀୟ ରୋମାନିଆରୁ ବୁଲଗେରିଆ ଏବଂ କିଛି ରୁଷିଆରୁ ଏହିପରି ଲେକମାନଙ୍କ ଦ୍ୱାରା ପୂର୍ଣ୍ଣ ହେବାକୁ ଲାଗିଲା । ଏ ମଧ୍ୟ ଦେଇ ପରମେଶ୍ୱର ଲେକମାନଙ୍କର ଜୀବନ ପରିବର୍ତ୍ତନ କରିବାକୁ ଲାଗିଲେ, ଏବଂ ସେମାନେ ଜାଣିଥିଲେ ଯେ ଆମେ ସେମାନଙ୍କୁ ଭଲ ପାଉ ବୋଲି । ଏହିପରିକି କିଛି ଅଫ୍ରିକାରୁ ମଧ୍ୟ ଲେକମାନେ ଆସୁଥିଲେ । ଯଦିଓ ଆମେ ପରସ୍ପର ସହ କଥା ହେବା (ବା) ପରସ୍ପରର ଭାଷା ବୁଝିବା ବଡ଼ କଷ୍ଟକର ଥିଲା, ସେମାନେ ଗୋଟିଏ ବିଷୟ ଜାଣିଥିଲେ ଯେ: ଆମେ ପ୍ରାର୍ଥନା କଲେ ପ୍ରଭୁ କଥା କହୁଥିଲେ ଏବଂ ତାହା ପ୍ରକାଶ ପାଉଥିଲା । ସେମାନେ ଏହା ମଧ୍ୟ ଜାଣିଥିଲେ ଯେ ମୁଁ ସେମାନଙ୍କ ପାଇଁ କିଛି ବି କରିପାରେ ଏବଂ ମୁଁ ସେମାନଙ୍କୁ ବହୁତ ଭଲ ପାଏ । ପରମେଶ୍ୱର ସେମାନଙ୍କର ଓ ସେମାନଙ୍କ ଭଳି ଅନେକଙ୍କର ଜୀବନ ପରିବର୍ତ୍ତନ କଲେ । ଏହା ଏହିପରି ହେବାରେ ସମ୍ଭବ ହେଲା, କାରଣ ମୁଁ ଗୋଟିଏ ଦିନ ପାର୍କରେ ଅନ୍ୟ ଦେଶର ,ଅନ୍ୟ ଭାଷା ଓ ବର୍ଣ୍ଣର ଲୋକମାନଙ୍କୁ ଦେଖିଲି । ଏବଂ ପଦକ୍ଷେପ ନେଲି । ଆଉ ମୋର କିଛି ନିବିଡ଼ ସଂପର୍କ ବା ସେମାନଙ୍କ ପାଇଁ ଅନୁଭବ ନଥିଲା, କିନ୍ତୁ ମୁଁ ଜାଣିଥିଲି ପ୍ରେମ ହେଉଛି: ତୁମ ପାଇଁ ଅନ୍ୟମାନେ ଯାହା କରନ୍ତି ବୋଲି ତୁମେ ଚାହଁ, ତୁମ୍ଭେ ପ୍ରଥମେ ତାହାଙ୍କ ପାଇଁ ତାହା କର.. । ମୁଁ ଅନ୍ୟ କୌଣସି ବିଷୟ କିଛି ନ ଭାବି ସେମାନଙ୍କର ଖୁସି ଓ ସୁଖ ହିଁଥିଲି । ଆଉ ତା'ପରେ ଆପଣ ଜାଣନ୍ତି କ'ଣ ହେଲା ? ସେମାନଙ୍କୁ ତାହା ଏତେ ଭଲ ଲାଗିଲା, ତାହା ସେମାନଙ୍କ ମଧ୍ୟରେ 'ଫିଲା' ପ୍ରେମକୁ ଜନ୍ମେଇଲା, ସେହି ପ୍ରେମ ଯେଉଁଥିରେ ଅନୁଭବ କରିହୁଏ ଏବଂ ସେମାନେ ମୋତେ କହିଲେ "ଆମେ ତୁମକୁ ବହୁତ ଭଲ ପାଉଁ" ଏବଂ ସେମାନେ ମୋତେ ଆଲିଙ୍ଗନ ଓ ଚୁମ୍ବନ କଲେ । ମୁଁ କେବଳ ଏତିକି କଲି ମୋ ମଧ୍ୟରେ ସେହି ପ୍ରକାରର ପ୍ରେମ ମନୋଭାବକୁ ସୃଷ୍ଟି କଲି । ଯଦି ଆପଣ ଚାହାଁନ୍ତି, ସେ ପ୍ରକାରର ପ୍ରେମ ଓ ଭଲ ପାଇବା ଯାହା ଆପଣଙ୍କ ଜୀବନରେ ଅନୁଭବ ଆଣିବ, ତେବେ ଆପଣ "ଆଗାପେ ପ୍ରେମ" କୁ କରିବା ପାଇଁ ଅଭ୍ୟାସ କରନ୍ତୁ । ଅନ୍ୟର ଖୁସି, ସୁଖ ଓ ସମୃଦ୍ଧି ଚାହାନ୍ତୁ ଏବଂ ତାହା ଆପଣଙ୍କ ମଧ୍ୟରେ ସେହି ଅନୁଭବ ଓ ମନୋଭାବକୁ ଜନ୍ମେଇବ ଯାହା ହେଉଛି ପ୍ରେମ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶସ୍ତାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (୧ମ ଯୋହନ ୫:୩) ଈଶ୍ୱରଙ୍କ ପ୍ରେମ ତାହାଙ୍କ ଦ୍ୱାରା ସେ ଦେଖନ୍ତି ।

**୧ ମ ଯୋହନ ୫:୩ -** *କାରଣ ଈଶ୍ୱରଙ୍କ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞା ସବୁ ଭାର ସ୍ୱରୂପ ନୁହେଁ ।*

୨. ଆପଣ ପଢ଼ନ୍ତୁ (ରୋମୀୟ୧୩:୯-୧୦) ଏଥିରେ ଥିବା ଶାସ୍ତ୍ରାଂଶ ର ଆଜ୍ଞା ମୂଳକ କିପରି ପ୍ରେମକୁ ଦର୍ଶାଏ ବର୍ଣ୍ଣନା କରନ୍ତୁ ।

**ରୋମୀୟ୧୩:୯-୧୦ -** *କାରଣ ବ୍ୟଭି ର କର ନାହିଁ, ନରହତ୍ୟା କରନାହିଁ, ଚୋରି କରନାହିଁ, ଲୋଭ କର ନାହିଁ, ପୁଣି ଯଦି ଆଉ କୌଣସି ଆଜ୍ଞା ଥାଏ ତାହା ସାର ଭାବେ ଏହି ବାକ୍ୟର ଅନ୍ତର୍ଗତ ଅଟେ, ଯଥା ପ୍ରତିବାସୀକୀ ଆତ୍ମତୁଲ୍ୟ ପ୍ରେମ କର । (୧୦) ପ୍ରେମ ପ୍ରତିବାସୀର ଅନିଷ୍ଟ କରେ ନାହିଁ, ଅତଏବ ପ୍ରେମ ବ୍ୟବସ୍ଥା ସଫଳ କରେ ।*

୩. ଆପଣ ପଢ଼ନ୍ତୁ (ରେମୀୟ ୧୬:୧୯:୨୧)ଆମେ କିପରି ଆମ ଶତ୍ରୁକୁ ଭଲ ପାଇ ପାରିବା, ଯଦିଓ ସେହିପରି କରିବାକୁ ଆମେ ଚାହୁଁନୁ ।

**ରେମୀୟ ୧୭:୧୯-୨୧ -** *ହେ ପ୍ରିୟମାନେ ତୁମ୍ଭେମାନେ ନିଜେ ନିଜେ ପ୍ରତିଶୋଧ ନିଅ ନାହିଁ, କିନ୍ତୁ କ୍ରୋଧ ପାଇଁ ସ୍ଥାନ ଛାଡ଼ିଦିଅ, କାରଣ ଲେଖାଅଛି, ପ୍ରଭୁ କହନ୍ତି, ପ୍ରତିଶୋଧ ନେବା ଆମର ଅଧିକାର ଆମେ ପ୍ରତିଫଳ ଦେବା । (୨୦)ବରଂ ଯଦି ତୁମର ଶତ୍ରୁ କ୍ଷୁଧିତ, ତେବେ ତାକୁ ଭୋଜନ କରାଅ । ଯଦି ସେ ତୃଷିତ ତାକୁ ପାନ କରାଅ, କାରଣ ଏହିପରି କଲେ ତୁମ୍ଭେ ତା'ର ମସ୍ତକ ଉପରେ ଜ୍ୱଳନ୍ତା ଅଙ୍ଗାର ଗଦା କରିବ । (୨୧) କୁକ୍ରିୟାରେ ପରାଜିତ ନ ହୋଇ ସୁକ୍ରିୟରେ କୁକ୍ରିୟକୁ ପରାଜୟ କର ।*

୪. ଆପଣ ପଢ଼ନ୍ତୁ (ତୀତସ୍୨:୪) । ପ୍ରେମ ବିଷୟରେ ଏହି ଅନୁଚ୍ଛେଦ କ'ଣ କୁହେ ?

**ତୀତସ୍ ୨:୪ -** *ଈଶ୍ୱରଙ୍କ ବାକ୍ୟ ଯେପରି ନିନ୍ଦିତ ନ ହୁଏ, ସେଥି ନିମନ୍ତେ ସେମାନେ ଯୁବତୀ ମାନଙ୍କୁ ପବିତ୍ରତା, ସ୍ୱାମୀର ବଶୀଭୂତା ଓ ସନ୍ତାନ ବତ୍ସଳା ହେବାକୁ ଶିକ୍ଷା ଦିଅନ୍ତୁ ।*

୫. ଆପଣ ପଢ଼ନ୍ତୁ(୧ମ କରନ୍ଥୀୟ୧୩:୪-୮) ପ୍ରେମର ସିଦ୍ଧାନ୍ତ ଗୁଡିକ ବର୍ଣ୍ଣନା କରନ୍ତୁ )

**୧ମ କରନ୍ଥୀୟ୧୩:୪:୮ -** *ପ୍ରେମ ଦୀର୍ଘ ସହିଷ୍ଣୁ, ପ୍ରେମ ହିତଜନକ, ଇର୍ଷାକରେ ନାହିଁ, ଆତ୍ମ ବଡ଼ିମା କରେ ନାହିଁ, ଅହଂକାର କରେ ନାହିଁ, (୫) ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ । (୬) ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ*

*ଆନନ୍ଦ କରେ(୭) ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରଷା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରୁହେ । (୮) ପ୍ରେମ କଦାପି ଶେଷ ହୁଏ ନାହିଁ, କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ, ଯଦି ତାର ଭାଷାଥାଏ, ସେହି ସବୁ ନିବୃର୍ତ୍ତ ହେବ, ଯଦି ଜ୍ଞାନ ଥାଏ ତାହା ଲୋପ ହେବ ।*

୬. ଆପର ପଢ଼ନ୍ତୁ(୧ମ ଯୋହନ ୩:୧୮) । ଆମ୍ଭେ ପ୍ରେମ କିପରି କରିବାର ଅଭ୍ୟାସ କରିବା ?

**୧ମ ଯୋହନ ୩:୧୮ -** *ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରୁ ।*

## ଉତ୍ତର

୧. ଆପଣ ପଢ଼ନ୍ତୁ ୧ମ ଯୋହନ ୫:୩, ଈଶ୍ୱର ପ୍ରେମ ତାହାଙ୍କ ସେ ଦେଖନ୍ତି ।

*ଆଜ୍ଞା ଦ୍ୱାରା ।*

୨. ଆପଣ ପଢ଼ନ୍ତୁ (ରୋମୀୟ ୧୩:୯-୧୦) । ଏହି ଶାସ୍ତ୍ରାଂଶର ଆଜ୍ଞା ଗୁଡିକ କିପରି ପ୍ରେମକୁ ଦର୍ଶାଏ ବର୍ଣ୍ଣନା କରନ୍ତୁ ।

*ପ୍ରେମ ପ୍ରତିବାସୀର ଅନିଷ୍ଟ ହେଁ ନାହିଁ । ପ୍ରତିବାସୀକୀ ଆତ୍ମତୁଲ୍ୟ ପ୍ରେମ କରିବାକୁ କୁହେଁ, ଅତଏବ ପ୍ରେମ ହିଁ ବ୍ୟବସ୍ଥା ସଫଳ କରେ ।*

୩. ଆପଣ ପଢ଼ନ୍ତୁ (ରୋମୀୟ ୧୨:୧୯-୨୧) । କିପରି ଆସେ ଶତ୍ରୁକୁ ପ୍ରେମ କରିପାରିବା ଯଦିଓ ଆମେ ଚାହୁଁ ନାହୁଁ ।

*ଯଦି ଆମ ଶତ୍ରୁ କ୍ଷୁଧିତ ଅଛି ତେବେ ତାହାକୁ ଭୋଜନ କରିବାକୁ ଦେବ; ଯଦି ତୃଷିତ ଅଛି , ତାହାକୁ ପାନ କରିବାକୁ ଦେବା; ସେମାନଙ୍କର ସୁଖ, ଖୁସି ଓ ସମୃଦ୍ଧି ହିଁ ଚାହିଁବା ।*

୪. ଆପଣ ପଢ଼ନ୍ତୁ (ତୀତସ୍ ୨:୪) । ଏହି ଅନୁଚ୍ଛେଦ ପ୍ରେମ ବିଷୟରେ କ'ଣ ଦେଖାଯାଏ ।

*ପ୍ରେମକୁ ଶିକ୍ଷା ଦିଆଯାଇ ପାରେ । ଏହା ଏକ ଅନୁଭବ ନୁହେଁ ।*

୫. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୩:୪-୮) । ପ୍ରେମର ସିଦ୍ଧାନ୍ତ ବର୍ଣ୍ଣନା କରନ୍ତୁ ।

*ପ୍ରେମ ଦୀର୍ଘ ସହିଷ୍ଣୁ, ହିତଜନକ, ଈର୍ଷାକଲେ ନାହିଁ, ଆତ୍ମବଡ଼ିମା କରେନାହିଁ, ଅହଙ୍କାର କରେ ନାହିଁ । ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ । ଅପକାର ସ୍ମରଣରେ ରଖେ ନାହିଁ । ସତ୍ୟରେ ଆନନ୍ଦ କରି କିନ୍ତୁ ଅଧର୍ମରେ ନୁହେଁ । ପ୍ରେମ ସମସ୍ତ ସହ୍ୟ କରେ, ବିଶ୍ୱାସ କରେ ଓ ଭରସା କରେ । ପ୍ରେମ କଦାପି ଶେଷ ହୁଏ ନାହିଁ ।*

୬. ଆପଣ ପଢ଼ନ୍ତୁ (୧ମ ଯୋହନ ୩:୧୮) । ଆମେ କିପରି ପ୍ରେମ କରିବା ?

*ବାକ୍ୟରେ କି ଜିହ୍ୱାରେ ନ କରି, କାର୍ଯ୍ୟରେ ।*

## ପାଠ୍ୟକ୍ରମ ୧୩

# ଈଶ୍ୱରଙ୍କ ପ୍ରେମ - ଭାଗ ୨

### *ଲେଖକ – ଡନ୍ କ୍ରୋ*

ଯୀଶୁ ଖ୍ରୀଷ୍ଟ ପ୍ରେମର ସର୍ବୋତ୍ତମ ଓ ସର୍ବଶ୍ରେଷ୍ଠ ପ୍ରକାଶନ ଥିଲେ ଏହି ଜଗତରେ । କିନ୍ତୁ ଯେତେ ଦୂର ପର୍ଯ୍ୟନ୍ତ ଆମେ ବାଇବେଲରେ ଖୋଜିବା ସେ କେବେ ଏହି ଶବ୍ଦ ମୁଁ ତୁମ୍ଭଙ୍କୁ ପ୍ରେମ କରେ" ବୋଲି କେବେ କହି ନାହାନ୍ତି । ତାହା ସତରେ ଅଦ୍ଭୁତ ନୁହେଁ କି ? ସର୍ବୋଶ୍ରେଷ୍ଠ ପ୍ରେମର ସଂଜ୍ଞା /ପ୍ରକାଶନ ଯିଏ ଦେଲେ, ସେ ନିଜେ କେବେ କହି ନାହାନ୍ତି ଯେ "ମୁଁ ତୁମକୁ ଭଲପାଏ" ବୋଲି ଏବଂ ତା'ପରେ ମୁଁ ଘରୁ ବାହାରକୁ ଯାଇ ତା' ବିରୁଦ୍ଧରେ ବ୍ୟଭି ର କର ଲିପ୍ତ ଦେଲି । ସେ କ'ଣ ମୋ ବାକ୍ୟ କୁ ବିଶ୍ୱାସ କରିବେ କି, (ନା) ମୁଁ କାର୍ଯ୍ୟ କର କଲେ ଆଉ ବିଶ୍ୱାସ କରିବେ ? ସେ ମୋ କାର୍ଯ୍ୟ ଦେଖି ମୋ ଉପରେ ବିଶ୍ୱାସ କରିଥିଲେ କାରଣ ୯୫ ଶତକଡା ପ୍ରେମ ନକହି, ଦେଖି ଜାଣି ହୁଏ । ଏହା ଆପଣ କ'ଣ କହୁଛନ୍ତି ତାହା ଦେଖେ ନାହିଁ, ମାତ୍ର କ'ଣ କରୁଛନ୍ତି ତାହା ଦେଖେ ।

(୧)ଯୋହନ ୩:୧୮) କୁହେ, *"ଆପଣା ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କର"*। ପ୍ରେମ ଗୋଟିଏ କାର୍ଯ୍ୟରେ କରି ଦେଖେଇବା ଶବ୍ଦ । (ମାଥିଉ ୨୫:୩୫-୩୬) ବର୍ଣ୍ଣନା କରେ, ଯୀଶୁ କାର୍ଯ୍ୟରେ କରି ଦେଖେଇଲେ, ସେ କହିଲେ, *"ମୁଁ କ୍ଷୁଧିତ ଥିଲି, ତୁମ୍ଭେମାନେ ମୋତେ ଭୋଜନ କରିବାକୁ ଦେଲି; ତୃଷିତ ଥିଲି, ମୋତେ ପାନ କରିବାକୁ ଦେଲ, ପ୍ରବାସୀ ଥିଲି, ମୋତେ ଆଶ୍ରୟ ଦେଲ । ଉଲଙ୍ଗଥିଲି ମୋତେ ବସ୍ତ୍ର ପରିଧାନ କରାଇଲ ; ପୀଡ଼ୀତ ଥିଲି, ମୋତେ ସଂଖୋଳିର କାରାଗାରରେ ଧରି, ମୋ ନିକଟକୁ ଆସିଲା ।"* ପୁଣି (୪୦ପଦ)ରେ ସେ କହୁଛନ୍ତି, "ତୁମ୍ଭେମାନେ ମୋର ଏହି କ୍ଷୁଦ୍ରତମ ଭ୍ରାତୃବୃନ୍ଦଙ୍କ ମଧରୁ ଜଣକ ପ୍ରଶ୍ନ ଏହା କରିଥିବାରୁ ମୋ ପ୍ରତି ହିଁ ତାହା କରିଅଛି ।" ଆପଣ ଦେଖିଲେ, ପ୍ରେମ ହେଉଛି କାର୍ଯ୍ୟ; ଏହା ଆପଣ କରିବାକୁ ବୁଝାଏ । (ଏବ୍ରି ୬:୧୦) କୁହେ, *"ଈଶ୍ୱର ତୁମ୍ଭମାନଙ୍କୁ କର୍ମ ଓ କରିଥିବା ସେବା ଦ୍ୱାରା ତାହାଙ୍କ ନାମପ୍ରତି ତୁମ୍ଭେମାନେ ଯେଉଁ ପ୍ରେମ ପ୍ରକାଶ କରିଅଛ, ତାହା ଯେ ଭୁଲିଯିବେ, ଏପର ଅନ୍ୟାୟକାରୀ ସେ ନୁହଁନ୍ତି ।"* (ମାଥିଉ-୨୨)ରେ ଯେତେବେଳେ ଯୀଶୁଙ୍କୁ ପଚାରାଗଲା, ସର୍ବଶ୍ରେଷ୍ଠ ଆଜ୍ଞା କ'ଣ ବୋଲି ସେ କହିଲେ, ଏକମାତ୍ର ଈଶ୍ୱରଙ୍କୁ ପ୍ରେମ କରିବ ଓ ଆପଣା ପ୍ରତିବାସୀଙ୍କୁ ଅତ୍ମତୁଲ୍ୟ ପ୍ରେମ କରିବା । ଏହି ଉପରୋକ୍ତ ଆଜ୍ଞା ଦ୍ୱୟ ଦେଖିଲେ ଏକ । ଯଦି ଆମେ ବୁଝିପାରୁ । ଯୀଶୁ କହିଲେ, ଯଦି ତୁମେମାନେ ମୋର କ୍ଷୁଦ୍ରତ୍ତମ ଭାତୃବୃନ୍ଦଙ୍ଗ ପ୍ରତି ସ୍ନେହ କରିଅଛ, ତେବେ ବାସ୍ତବରେ ତାହା ତୁମେ ହିଁ ମୋତେ ହିଁ କରିଅଛ । ଆଉ ଏଠାରେ ବାଇବେଲ ଆମକୁ ଏକ ସୁନ୍ଦର ସୁଯୋଗ

ମିଳୁଛି ବୋଲି ଶିକ୍ଷା ଦେଉଅଛି, ଯୀଶୁଙ୍କୁ ପ୍ରେମ କରିବା ପାଇଁ ବ୍ୟାବହାରିକ ରୂପରେ ଅନ୍ୟକୁ ପ୍ରେମ ପ୍ରଦର୍ଶନ କରି ।

ଗତ ପାଠ୍ୟକ୍ରମରେ ମୁଁ ଆପଣମାନଙ୍କୁ କହିଥିଲି, ସେହି ରୋମାନିଆ ଲୋକଙ୍କ ବିଷୟରେ ଯାହାକୁ ମୁ ପାର୍କରେ ଭେଟିଥିଲି । ସେମାନଙ୍କ ଜୀବନ ପରିବର୍ତ୍ତିତ ହେଲା, କାରଣ ମୁଁ କ'ଣ ଅନୁଭବ କରୁଛି (କି)ନ କରୁଛି ସେ ବିଷୟ ନ ଭାବି ମୁଁ କେବଳ ସେମାନଙ୍କ ସୁଖ ଓ ସମୃଦ୍ଧି କଥା ଭାବିଲି । ସେମାନେ ରଙ୍ଗ, ବର୍ଣ୍ଣ, ଭାଷା ଓ ଜାତୀୟତାରେ ଅଲଗା ଥିଲେ, କିନ୍ତୁ ମୁଁ ଜାଣିଥିଲି ଯେ ଈଶ୍ୱରଙ୍କ ପ୍ରେମ ସେତେବେଳେ ପ୍ରକାଶିତା ହୁଏ ଯେତେବେଳେ ଆମେ ଅନ୍ୟ ଲୋକଙ୍କ ପାଖକୁ ପହଞ୍ଚିପାରୁ ଓ ଯୀଶୁ ଯେପରି ଅନ୍ୟର ସୁଖ ଓ ସମୃଦ୍ଧି ଚାହିଁଲେ ସେହିପରି । ଯୀଶୁ ନିଜେ ଅନୁଭବ କରି ନାହାନ୍ତି ଯେ, ସେ କ୍ରୁଶକୁ ଯିବେ ବୋଲି । ତେଣୁ ସେ କହିଲେ, "ପିତାଃ ଆଉ କିଛି ଉପାୟ ଅଛି କି, କିନ୍ତୁ ମୋ ଇଚ୍ଛାନୁସାରେ ନୁହେଁ ମାତ୍ର ତୁମ୍ଭର ଇଚ୍ଛା ହେଉ ।" ସେ କ'ଣ ଅନୁଭବ କଲେ ତାହା ନଭାବି ଆମର ସୁଖ, ଖୁସି ଓ ସମୃଦ୍ଧି କଥା ଭାବିଲେ ।

ଗୋଟିଏ ଦିନ ସେହି ରୋମାନିଆ ଲୋକମାନଙ୍କ ମଧ୍ୟରୁ ମୋତେ ଜଣେ ଫୋନକଲେ । ସେମାନେ ଦୁଃଖରେ ଥିଲେ ଓ କାନ୍ଦୁଥିଲେ । ସେମାନେ ଗତ ଆଠ ବର୍ଷ ପାଖାପାଖି ହେଲାଣି ଏହି ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ଅଛନ୍ତି । ସେମାନେ ବର୍ତ୍ତମାନ କାନ୍‌ସାସ୍‌ରେ ରୁହନ୍ତି ଏବଂ କାର୍ଯ୍ୟ କରୁଛନ୍ତି । ସେମାନେ କହିଲେ, " ଆମେ ପରିଶେଷରେ ରାଜନୀତିକ କାରଣ ଆମ କାଗଜରେ ପଇଲୁ । ସେମାନେ ଆମକୁ ଅପିଲ୍ କରିବାକୁ ତିରିଶ୍ ଦିନ ଦେଉଛନ୍ତି । ତା'ପରେ ସେମାନେ ଆମକୁ ନିର୍ବାସିତ କରିଦେବେ । ଆଉ ଦୁଇରୁ ପାଞ୍ଚ ଶତକଡା ମାତ୍ର ସମ୍ଭାବନା ଅଛି ଏହି ଦେଶରେ ସେହି ରାଜନୀତିକ ଶରଣ ପାଇବାର । ସେହି ରୋମାନିଆମାନେ ଗୋଟିଏ ଓକିଲ ପାଖକୁ ଗଲେ, ଏବଂ ସେହ ଓକିଲ ଜଣକ ପ୍ରକୃତରେ ସେମାନଙ୍କୁ କହିଲେ ସମ୍ଭାବନା ବହୁତ କମ୍ । କିନ୍ତୁ ମୁଁ ସେମାନଙ୍କୁ କହିଲି ଆମେ ଆପଣମାନଙ୍କ ପାଇଁ ପ୍ରାର୍ଥନା କରିବୁ ଓ ସାହାଯ୍ୟ କରିବାକୁ ଚେଷ୍ଟା କରିବୁ । କିନ୍ତୁ କିପରି ମୁଁ ଏସବୁ କରିବି ମୁଁ ଜାଣିନଥିଲି ।ମୁଁ ଭାବିଲି ଏହା ସେମାନଙ୍କ ପକ୍ଷରେ ଅନ୍ୟାୟ ହେବି, ସେମାନଙ୍କୁ ତାଙ୍କ ଦେଶକୁ ଫେରେଇ ଦେବାରେ - ଯେତେବେଳେ କି ସେମାନଙ୍କୁ ଛୁଆମାନେ ବର୍ତ୍ତମାନ ବଡ କଷ୍ଟରେ ରୋମାନିଆ ଭାଷା କହୁଛନ୍ତି , କାରଣ ସେମାନେ ଏଠାରେ ରହି ତାଙ୍କ ଭାଷା ଭୁଲି ଯାଇଛନ୍ତି ।

ମୋର ଜଣେ ବନ୍ଧୁ କଲୋରାଡୋର୍ କଂଗ୍ରେସ ପାର୍ଟିର ଜଣକୁ ଫୋନ୍ କଲେ ଓ ସେହି ବ୍ୟକ୍ତି କହିଲେ କାନ୍‌ସାସ୍‌ରେ ଯେଉଁ ସିନେଟର୍ (ଅଧିକାରୀ) ଅଛନ୍ତି ତାହାଙ୍କୁ ସଂଯୋଗ କରିବା ପାଇଁ, ଯେହେତୁ ଏହି ରୋମାନିଆ ଲୋକମାନେ କାନ୍‌ସାସ୍‌ରେ ରହୁଥିଲେ । ତେଣୁ କାନ୍‌ସାସ ସିନେଟର୍‌ଙ୍କୁ କଥା ହେବ । ଜରୁରୀ ଥିଲା । ମୋର ଜଣେ ବନ୍ଧୁ ତାହାଙ୍କ ନାମ କିମ୍, ସିଏ ସିନେଟର ବ୍ରାଉନ୍‌ବାକ୍‌ଙ୍କ ନିମନ୍ତେ କାର୍ଯ୍ୟ କରୁଥିଲେ । ମୁଁ କିମ୍‌ଙ୍କୁ ଯୋଗାଯୋଗ କଲି ଏବଂ ସେ ଏହି ମୋକଦ୍ଦମା ଉପରେ କାର୍ଯ୍ୟକରୁଥିବା ୱାସିଙ୍ଗଟନଡି.ସି୍ ରୁ ଜଣ ଲୋକଙ୍କୁ ପାଇଲେ । ଯେଉଁ ଗୋଷ୍ଠି ଭଡ଼ାରେ ରହୁଥିଲେ, କାନ୍‌ସାସ୍‌ରେ, ସେମାନେ ଏହି ରୋମାନିଆ ଲୋକଙ୍କ ପାଇଁ ଗୋଟିଏ ପିଟିସନ୍ ଲେଖିକି ଦେଲେ, ଯେ ସେମାନେ ଚାହୁଁଛନ୍ତି ଏହି ରୋମାନିଆ ଲୋକ ସେଠାରେ ରୁହନ୍ତୁ ବୋଲି । "ସେମାନେ ଅତି ଉତ୍ତମ ଲୋକ, ସେମାନେ ସରକାରଙ୍କୁ କର ଦେଉଛନ୍ତି ଏବଂ ଅତ୍ୟନ୍ତ ପରିଶ୍ରମୀ । ଆମେ ତାଙ୍କୁ ଏଠାରେ ଚାହୁଁ ।" ଏସବୁ ବିଷୟ ଯାହା ହୋଇଥିଲା, ତାହାର

ଖବରକାଗଜରେ ମଧ୍ୟ ବାହାରିଥିଲା । ଏହା ଏକ ଆଶ୍ଚର୍ଯ୍ୟ କର୍ମ ଥିଲା, ଏବଂ ଯେହେତୁ ଆମ ସରକାରରେ ପଦବୀରେ ଆମ ଲୋକ ଥିଲେ, ସେମାନେ ବୁଝିପାରିଲେ, ଯାହା ଅସୁବିଧା ଏହି ଲୋକଙ୍କର ହୋଇଥିଲା । ତା'ପରେ ସେମାନେ ଗୋଟିଏ ଚିଠି ପାଇଲେ, ଯେଉଁଥିରେ ଲେଖାଥିଲା ସେମାନେ ଏହି ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ରହିପାରିବେ ।

ସେହି କାନ୍‌ସାସ୍‌କୁ ମୁଁ ଗଲି ଗୋଟିଏ ଦିନ । ମୋ ବନ୍ଧୁମାନେ ଜାଣିନଥିଲେ ଯେ ମୁଁ ସେଠାକୁ ଯାଉଛି ବୋଲି ଏବଂ ଯେତେବେଳେ ମୁଁ ସେଠାରେ ପହଞ୍ଚିଲି, ସେତେବେଳେ ସେମାନେ ସିନେଟର୍ ବ୍ରାଉନ୍‌ବାକଙ୍କ ସହ କଥା ଦେଉଥିଲେ । ତାହାଙ୍କୁ ପୁଣିଥରେ ରାଜନୀତିକ ଶରଣ ସେହି ଦେଶରେ ଦେବାରେ ସାହାଯ୍ୟ କରିଥିବାରୁ ସେମାନେ ତାହାଙ୍କୁ ଧନ୍ୟବାଦ ଦେଉଥିଲେ । ସେ ବ୍ୟକ୍ତିଗତ ଭାବରେ ସେଠାରେ ଉପସ୍ଥିତ ହୋଇପାରିଲେ ନାହିଁ, କାରଣ ତାହା ରାଷ୍ଟ୍ରପତି କ୍ଲିଂଟନ୍‌ଙ୍କ ମହାଭିଯୋଗର ଶୁଣାଣି ଦିନ ଥିଲା, କିନ୍ତୁ ଅନେକ ଗଣ ମାଧ୍ୟମ ଯେପରିକି ଏ.ବି.ସି. ଓ ଏନ୍.ବି.ସି. ସମା ର ପକ୍ଷରୁ ଅନେକ କ୍ୟାମେରା ଓ ସମ୍ବାଦଦାତା ମାନେ ଥିଲେ । ଯେତେବେଳେ ସେମାନଙ୍କର ଏହି ସବୁ ବିଷୟ ଶେଷ ହେଲା, ଶେଷ ହଉ ହଉ ସେମାନେ ମୋପାଖକୁ ଦୌଡି, ଆସି ମୋତେ ଆଲିଙ୍ଗନ କଲେ, ଏବଂ ତାହା ଦେଖି କ୍ୟାମେରାମ୍ୟାନ୍ ମଧ୍ୟ ମୋ ପାଖକୁ ଲି ଆସିଲେ, ସେମାନେ ମୋତେ ପଚାରିଲେ, "ଆପଣ କିଏ ଏବଂ ଏହି ଲୋକମାନଙ୍କୁ କିପରି ଜାଣନ୍ତି ?" ଆଉ ମୁଁ ସେମାନଙ୍କୁ ସଂପୂର୍ଣ୍ଣ କାହାଣୀ କହି ଶୁଣେଇଲି, ଯେ କିପରି ମୁଁ ସେମାନଙ୍କୁ ଭେଟିଲି ଆଉ ପରମେଶ୍ୱରଙ୍କ ପାଇଁ ତାଙ୍କର ଖୁସି, ସୁଖ ଓ ସମୃଦ୍ଧ ଚାହିଁଲି ଏବଂ ଯାହାକି (ମାଥିଉ ୭:୧୨)ରେ ଯୀଶୁ କହିଥିଲେ ।

ଏହା ପରେ ଆମେ ଏକ ବିରାଟ କଠୋରୀ ଆଡକୁ ଗଲୁ, ଯେଉଁଠାରେ ଲାଲ୍, ଧଳା, ନୀଳ ରଙ୍ଗର ବେଲୁନ୍ ମାନ ସବୁଆଡେ ଥିଲା ଏବଂ ଦେଶାତ୍ମକବୋଧ ଗୀତମାନ ଗାନ କରାଯାଉଥିଲା । ଯେତେବେଳେ ମୋ ବନ୍ଧୁମାନେ ଭିତରକୁ ଆସିଲେ, ସମସ୍ତେ ଖୁସିରେ ପାଟି କରିବାକୁ ଆରମ୍ଭ କଲେ, ଏବଂ ସେମାନେ କାନ୍ଦୁ ମଧ୍ୟ ଥିଲେ । ସେହି ସହରର ଯିଏ ନଗରପାଳ (ମେୟର୍)ଥିଲେ ସେ କହିଲେ, "ଆଜି ଫେବୃଆରୀ ୧୨, ଆଉ ତାହା ଜୁକାନ୍ ପରିବାର ଦିବସ ରୂପେ, ଏହି ରୋମାନିଆ ଲୋକମାନଙ୍କ ପାଇଁ ପାଳନ କରାଯିବ ।" ସେମାନେ ଗୋଟିଏ ଆମେରୀକୀୟ ପତାକା ଧରିଲେ, ଯାହାକୁ କି ସିନେଟର ୱାସିଂଟନ ଡି.ସିର ରାଜନାଧାନୀରେ ଉତ୍ତୋଳନ କରିଥିଲେ, ସେମାନଙ୍କ ସମ୍ମାନ ପାଇଁ ଏବଂ ସେମାନଙ୍କୁ ଦେଲେ ମଧ୍ୟ । ସେ ମଧ୍ୟ ସେମାନଙ୍କୁ ସମସ୍ତ କାଗଜପତ୍ର ଦେଲେ, ଯାହା ବୈଧ ଭାବରେ ଦର୍ଶାଉଥିଲା ଯେ- ସେମାନଙ୍କର ଶେଷ ଜୀବନ ଯିଏ ଏହି ଦେଶରେ ରହିପାରିବେ । ସେମାନେ ସମସ୍ତେ ଏସବୁ ବିଷୟରେ ଏକ ସାକ୍ଷ୍ୟଦେଲେ ଓ ମୋତେ ପ୍ରାର୍ଥନା କରିବାକୁ କହିଲେ । ମୁଁ କହିଲି, ଆଉ ଜଣେ ବ୍ୟକ୍ତି ମଧ୍ୟ ଅଛନ୍ତି ଯାହାଙ୍କୁ ଆମେ ଆଜିର ଏହି ଦିନ ପାଇଁ ପ୍ରଚୁର ଭାବେ ଧନ୍ୟବାଦ ଏ ଯାଏଁ ଦେଇ ନାହୁଁ, ଏବଂ ସେ ହେଉଛନ୍ତି ସର୍ବ ଶକ୍ତିମା ପରମେଶ୍ୱର । ଆଠ ବର୍ଷ ପାଖା-ପାଖି ହେବ ମୁଁ କଲୋରାଡ଼ୋ ସ୍ପ୍ରିଙ୍ଗ, ସିଓ ଗୋଟିଏ ପାର୍କରେ ମୁଁ ଈଶ୍ୱରଙ୍କୁ ଡାକୁଥିଲି ଏବଂ ପ୍ରାର୍ଥନା କରୁଥିଲି ଯେ ମୁଁ ଏହିପରି କାବ୍ୟ ସଂସ୍ପର୍ଶରେ ଆସିବାକୁ ଚାହୁଁଛି ଆଜି, ଯାହାକୁ କି ମୁଁ ଈଶ୍ୱରଙ୍କ ପ୍ରେମ ଦେଖେଇ ପାରିବି । ଏବଂ ସେହିଦିନ ହିଁ ମୋତେ ଏହି ରେମାନିଆ ଲୋକମାନେ ମିଳିଲେ । "ଆଉ ତା'ପରେ ମୁଁ ସେହି ସମାନ କାହାଣୀ ସେମାନଙ୍କୁ ପୁଣିଥରେ କହି ଶୁଣେଇଲି ଏବଂ କହିଲି "ଈଶ୍ୱର ଆପଣମାନଙ୍କୁ ସାହାଯ୍ୟ କରିବାକୁ ଚାହାନ୍ତି- ସଂଯୁକ୍ତ ରାଷ୍ଟ୍ର ଆମେରିକାକୁ ଆପଣଙ୍କୁ ସ୍ୱାଗତଃ ।"

ଏହି ସମସ୍ତ ବିଷୟ ଯେଉଁ ହେଲା, ତାହା ବାସ୍ତବରେ ଏକ ଆଶ୍ଚର୍ଯ୍ୟ କର୍ମ ଥିଲା । ମୁଁ ସଠିକ୍ ଲୋକଙ୍କୁ ସଠିକ୍ ସ୍ଥାନରେ ସଠିକ୍ ସମୟରେ ଜାଣିଲି । ମୋ ବନ୍ଧୁ କମ୍ ମୋ ପାଇଁ ସିନେଟର୍ ବ୍ରାଉନ୍‌ବାକ୍‌ଙ୍କ ସହ ଭେଟ କରିବା ପାଇଁ ଆନ୍ଦ୍ରିଓ ଓ ମାନ୍ କାର୍ଯ୍ୟାଳୟରେ ବ୍ୟବସ୍ଥା କରିଥିଲେ । ତା'ର ଗୋଟିଏ ବର୍ଷ ପୂର୍ବରୁ । ସେ କହିଲେ(କିମ୍), "ଆପଣଙ୍କୁ ଥରେ ଡନ୍‌କ୍ରୋଙ୍କ ଭେଟିବା ଆବଶ୍ୟକ । ମୁଁ ଜାଣିନି କ'ଣ ପାଇଁ କିନ୍ତୁ ମୁଁ ଟିକିଏ ପଛଘୁଞ୍ଚା ହେଉଥିଲି । ମୁଁ ତ ସେମିତି କିଛି ବଡ କରିନି, ବହୁତ ଛୋଟ ବିଷୟଟିଏ କରିଛି, ସମସ୍ତ ବିଷୟ ଈଶ୍ୱର ଯୋଜନା କରୁଥିଲେ, ଗୋଟିଏ ପରିବାରକୁ ସାହାଯ୍ୟ କରିବା ପାଇଁ । ଆରମ୍ଭ ସେ ନିଜକୁ ତାହାଙ୍କ ପ୍ରେମକୁ ପ୍ରକାଶିତ କଲେ । କେବଳ ଏଇଥିପାଇଁ କାରଣ ଯୀଶୁ ଆଜ୍ଞା ଦେଇ କହିଲେ ଅନ୍ୟମାନେ ତୁମ୍ଭମାନଙ୍କ ପାଇଁ ଯେପରି କରନ୍ତୁ ବୋଲି ତୁମ୍ଭେ ଚାହୁଁଛ, ପ୍ରଥମରେ ସେମାନଙ୍କ ପାଇଁ ତାହା କର । ଏହା ଏକ ଆଶ୍ଚର୍ଯ୍ୟ କର୍ମ, ଯାହା ସେମାନେ କେବେ ଭୁଲିବେ ନାହିଁ ଏବଂ ସେମାନେ ଆଜି ଆପଣମାନଙ୍କୁ କହିବେ, "ଏହା ସବୁ ଈଶ୍ୱରଙ୍କ ଯୋଗୁଁ ସମ୍ଭବ ହେଲା ।" ଆଜ୍ଞା(ସେହି ରୋମାନିଆ ସ୍ତ୍ରୀ)ଲୋକଟି କହିଲା, "ମୋ ବିଶ୍ୱାସ ଦୋଳିତ ଓ ମୁଁ ବିଚଳିତ ହୋଇ ଯାଇଥିଲି କିନ୍ତୁ ପରମେଶ୍ୱର ବିଶ୍ୱସ୍ତ ଅଟନ୍ତି, ଏବଂ ସେହିଁ ଆମକୁ ଏଠାରେ ପୁଣିଥରେ ରହିବାର ସୁଯୋଗ ଦେଲେ ।"

ଏହିପରି ଅନେକ ଅଗଣିତ ଲୋକ ଅଛନ୍ତି, ଆଜି ଯେଉଁମାନେ ପ୍ରେମ ପାଇବା ପାଇଁ କାନ୍ଦୁଛନ୍ତି । ସେମାନେ ଏହି ପ୍ରେମ ଗୋଟିଏ ବିଷୟରୁ ହିଁ ପାଇବେ ଓ ସେତେବେଳେ ହିଁ ପାଇବେ ଯେତେବେଳେ ଆପଣମାନେ ଓ ମୁଁ ଗୋଟିଏ ବିଷୟ ସ୍ଥିର କରିବା । ଆଉ ତାହା ହେଲା ପ୍ରଭୁଙ୍କ ପବିତ୍ର ବାକ୍ୟରୁ ପ୍ରେମର ସିଦ୍ଧାନ୍ତ ଆମକୁ ବୁଝିବାକୁ ପଡ଼ିବ । ଆଉ ସେମାନଙ୍କ ପାଇଁ କାର୍ଯ୍ୟରେ ଲଗେଇବାକୁ ପଡ଼ିବ । ପ୍ରେମ ଦୀର୍ଘ ସହିଷ୍ଣୁ, ପ୍ରେମ ଅନ୍ୟର ହିତ ହେଁ - ଯେପରି ଯୀଶୁ କ୍ରୁଶରେ ଚଢ଼ି ଆମର ସୁଖ ଓ ସମୃଦ୍ଧି ହିଁଲେ । ପ୍ରଭୁ ଆଜି ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ, ଯେପରିକି ଆପଣମାନେ ଏହି ପ୍ରେମର ମୂଳ ସିଦ୍ଧାନ୍ତ ଉପରେ ଆହୁରି ଅଧିକରୁ ଅଧିକ ଆଲୋକପାତ କରନ୍ତି ଏବଂ ବୁଝି ପାରନ୍ତି ଯେ ପ୍ରଭୁଙ୍କ ପ୍ରକୃତ ପ୍ରେମରେ ଅନ୍ୟକୁ ପ୍ରେମ କରିବାର ଅର୍ଥ କ'ଣ ?

## ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହୃତ ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ମାଥିଉ ୭:୧୨) । ଆପଣଙ୍କ ଶବ୍ଦରେ କୁହନ୍ତୁ ପ୍ରଧାନ ନିୟମ କ'ଣ ?

**ମାଥିଉ ୭:୧୨ -** *ଅତଏବ, ଲୋକମାନେ ତୁମ୍ଭମାନଙ୍କ ପ୍ରତି ଯାହାସବୁ କରନ୍ତୁ ବୋଲି ଇଚ୍ଛାକର, ତୁମ୍ଭେମାନେ ମଧ୍ୟ ସେମାନଙ୍କ ପ୍ରତି ସେହିସବୁ କର; ଏହା ହିଁ ବ୍ୟବସ୍ଥା ଓ ଭାବବାଦୀ ମାନଙ୍କ ଧର୍ମଶାସ୍ତ୍ରର ସାର ।*

୨. ଆପଣ ପଢ଼ନ୍ତୁ (ମାଥିଉ ୭:୧୨) । ପ୍ରେମକୁ ଖୋଜିବା ପ୍ରକ୍ରିୟାର ଅନେକ ଲୋକ ସଠିକ୍ ବ୍ୟକ୍ତି ପାଇବାକୁ ଚେଷ୍ଟା କରନ୍ତି । କ'ଣ ଆପଣ ମଧ ସଠିକ୍ ବ୍ୟକ୍ତି ପାଇବାକୁ ଚେଷ୍ଟା କରିବା ଉଚିତ୍ କି ? ସଠିକ୍ ବ୍ୟକ୍ତି ହେବା ଉଚିତ୍ ।

୩ ଆପଣ ପଢ଼ନ୍ତୁ (୧ମ ଯୋହନ ୫:୩) । ପ୍ରେମ କ'ଣ ଅନୁଭବ ଅଟେ କି ? (ନା) ପ୍ରେମ ଯାହା ଆପଣ କରନ୍ତି (ବା) କରିବାକୁ ପଡ଼େ ?

**୧ମ ଯୋହନ୫:୩ -** *କାରଣ ଈଶ୍ୱରଙ୍କୁ ପ୍ରେମ କରିବାର ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା, ଆଉ ତାହାଙ୍କ ଆଜ୍ଞା ସବୁ ଭାରସ୍ୱରୂପ ନୁହେଁ ।*

୪. ଆପଣ ପଢ଼ନ୍ତୁ (୧ମ ଯୋହନ ୩:୧୮)" ଆପଣ ଯଦି ଆପଣଙ୍କ ସ୍ୱାମୀ (ବା) ସ୍ତ୍ରୀ ଙ୍କୁ କହିଲେ, "ମୁଁ ତୁମକୁ ଭଲପାଏ" । କିନ୍ତୁ ଆପଣ ବାହାରକୁ ଯାଇ, ବ୍ୟଭିଚାର କଲେ, ତେବେ ସେ (ସ୍ୱାମୀ/ସ୍ତ୍ରୀ) ଆପଣଙ୍କ ବାକ୍ୟ (ବା) କାର୍ଯ୍ୟରେ ବିଶ୍ୱାସ ରଖିବେ କି ?"

**୧ମ ଯୋହନ ୩:୧୮ -** *ହେ ବତ୍ସଗଣ ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରୁ ।*

୫. ଆପଣ ପଢ଼ନ୍ତୁ (ରୋମୀୟ ୫:୬-୮) । ଆପଣ ଭାବିଛନ୍ତି କି ଯୀଶୁ ପରିବାରକୁ ହୁଁଥିଲେ ?

**ରୋମୀୟ ୫:୬-୮ -** *ଆମ୍ଭେମାନେ ଯେତେବେଳେ ନିରୁପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକ ମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ । (୭) ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁଭୋଗ କରିବ ନାହିଁ- ଉତ୍ତମ ଲୋକ ନିମନ୍ତେ ଆଜ୍ଞା ବୋଲି ପ୍ରାଣ ଦେବାକୁ ସାହାସ କରିପାରେ । (୮) କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁବରଣ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।*

୬. ଆପଣ ପଢ଼ନ୍ତୁ (ଗାଲାତୀୟ ୫:୨୨) । ଆମେ ଆମ ଜୀବନରେ ଈଶ୍ୱରଙ୍କ ବିନା ପ୍ରେମକରି ପାରିବା କି ?

**ଗାଲାତୀୟ ୫:୨୨ -** *କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘ ସହିଷ୍ଣୁତା, ପରୋପକାରିତା ।*

୭. ଆପଣ ପଢ଼ନ୍ତୁ (୧ମ ଯୋହନ ୪:୮) । ଆମେ ପ୍ରକୃତରେ ଅନ୍ୟକୁ ପ୍ରେମ କରିବା ପାଇଁ ଈଶ୍ୱରଙ୍କ ସାହାଯ୍ୟ ଲୋଡ଼ୁ କାରଣ ସେହିଁ ଏକମାତ୍ର ।

**୧ମ ଯୋହାନ ୪: ୮ -** *ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ ।*

୮. ଆପଣ ପଢ଼ନ୍ତୁ (୧ମ କରନ୍ଥୀ ୧୩:୫) । ନିମ୍ନୋକ୍ତ ଶବ୍ଦ ମାନଙ୍କ ମଧ୍ୟରେ, ଆପଣ ବାଛନ୍ତୁ ପ୍ରେମ କ'ଣ ନୁହେଁ : ନିଷ୍ଠୁର, ସ୍ୱାର୍ଥୀ, କ୍ଷମା ନଦେଇ ପାରିବା ।

**୧ମ କରନ୍ଥୀୟ ୧୩:୫ -** *ପ୍ରେମ ଅନୁଚିତ୍ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ ।*

୯. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୩:୮) । ସେହି ବିଷୟଟି କ'ଣ ଯାହା ଆପଣ ଏହି ଜୀବନରୁ ପରବର୍ତ୍ତୀ ଜୀବନକୁ ନେଇଯିବ (ବା) ମୃତୁ ଯାଏ କବରକୁ ନେଇ ଯିବେ ?

**୧ମ କରନ୍ଥୀୟ ୧୩:୮ -** *ପ୍ରେମ କଦାପି ଶେଷ ହୁଏ ନାହିଁ, କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ, ଯଦି ପରଭାଷା ଥାଏ, ସେହିସବୁ ନିବୃତ୍ତ ହେବ, ଯଦି ଜ୍ଞାନ ଥାଏ ତାହା ଲୋପ ହେବ ।*

୧୦. ଆପଣ ପଢ଼ନ୍ତୁ (ହିତୋପଦେଶ୧୦:୧୨), ୧ମ କରନ୍ଥୀୟ୧୩:୫, ଯାହା କୁହେ, "ପ୍ରେମ କୌଣସି ବିଷୟ ଭୁଲ୍ ହେଲେ ମଧ ତାହାର କୌଣସି ଲେଖା ରଖେ ନାହିଁ ।" ମାତ୍ର ଅଧର୍ମକୁ ଢ଼ାକଇ ?

**ହିତୋପଦଶେ ୧୦:୧୨ -** *ହିଂସା କଳି ଜନ୍ମାଏ, ମାତ୍ର ପ୍ରେମ ସବୁ ଅଧର୍ମ ଢ଼ାକଇ ।*

# ଉତ୍ତର

୧. ଆପଣ ପଢ଼ନ୍ତୁ (ମାଥିଉ୭:୧୨) । ଆପଣ ଶବ୍ଦରେ ସବୁଠାର ପ୍ରଧାନ ନିୟମ କ'ଣ ?

*ଯାହ ଅନ୍ୟମାନେ ଆପଣଙ୍କ ପାଇଁ କରନ୍ତୁ ବୋଲି ଆପଣ ଚାହାନ୍ତି, ତାହା ଆପଣ ସେମାନଙ୍କ ପାଇଁ ପ୍ରଥମରେ କରନ୍ତୁ ।*

୨. ପ୍ରେମକୁ ପାଇବା (ବା)ଖୋଜିବା ପ୍ରକ୍ରିୟାରେ, ଅନେକ ଲୋକ ସଠିକ୍ ବ୍ୟକ୍ତି ପାଇବାକୁ ଚେଷ୍ଟା କରନ୍ତି । ତେବେ ଆସ ସଠିକ୍ ବ୍ୟକ୍ତି ପାଇବାକୁ ଚେଷ୍ଟା କରିବେ (ନା) ସଠିକ୍ ବ୍ୟକ୍ତି ହେବେ ?

*ସଠିକ୍ ବ୍ୟକ୍ତି ହେବି ।*

୩. ଆପଣ ପଢ଼ନ୍ତୁ (୧ମ ଯୋହନ୫:୩) । ପ୍ରେମ ଏକ ଅନୁଭବ ଅଟେ (ନା) ନା ପ୍ରେମ କାର୍ଯ୍ୟରେ କରିବା ବିଷୟ ଅଟେ ?

*ପ୍ରେମ ଏହିପରି ବିଷୟ ଯାହା ଆମେ ପ୍ରଭୁଙ୍କ ଦେଇଥିବା ଆଜ୍ଞାରେ ଚାଲି ଆମେ କରୁ ।*

୪. ଆପଣ ପଢ଼ନ୍ତୁ (୧ମ ଯୋହନ ୩:୧୮) । ଯଦି ଆପଣ ଆପଣଙ୍କ ସ୍ୱାମୀ/ସ୍ତ୍ରୀଙ୍କୁ କହନ୍ତି "ମୁଁ ତୁମକୁ ଭଲପାଏ" କିନ୍ତୁ ତା'ପରେ ବାହାରକୁ ଯାଇ ବ୍ୟଭିଚାର କରନ୍ତି, ତେବେ ସେହି ସ୍ୱାମୀ/ ସ୍ତ୍ରୀ ତାହାଙ୍କ କଥା କାର୍ଯ୍ୟରେ ବିଶ୍ୱାସ କରିବ କି ?

*ଆପଣଙ୍କ କାର୍ଯ୍ୟରେ, ଶବ୍ଦଠାରୁ ଅଧିକ କାର୍ଯ୍ୟ କଥା କୁହେ ।*

୫. ଆପଣ ପଢ଼ନ୍ତୁ (ରୋମୀୟ ୫:୬-୮) । ଆପଣ ଭାବୁଛନ୍ତି ଯୀଶୁ ମୃତ୍ୟୁ ପାଇଁ ଭାବିଲେ ?

*ନାହିଁ, ସେ ଆମ୍ଭମାନଙ୍କର ସୁଖ ଓସମୃଦ୍ଧି ଚାହିଁଲେ, (ନିଜେ ଅନୁଭବ କରିବାଠାରୁ ଅଧିକ)*

୬. ଆପଣ ପଢ଼ନ୍ତୁ (ଗାଲାତୀୟ୫:୨୨) । ଆମେ ଈଶ୍ୱରଙ୍କ ବିନା ପ୍ରେମ ଆମ ଜୀବନରେ କରିପାରିବା କି ?

*ନାହିଁ ।*

୭. ଆପଣ ପଢ଼ନ୍ତୁ (୧ମ ଯୋହନ୪:୮) । ଆମେ ପ୍ରକୃତରେ ଅନ୍ୟକୁ ପ୍ରେମ କରିବା ପାଇଁ ଈଶ୍ୱରଙ୍କ ସାହାଯ୍ୟ ଲୋଡ଼ୁ, କାରଣ ସେହି ଏକପାତ୍ର ଯିଏ ।

*ପ୍ରେମ ।*

୮. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୩:୫) । ନିମ୍ନୋକ୍ତ ଶବ୍ଦମାନ ମଧ୍ୟରୁ ଆପଣ ବାଛନ୍ତୁ ପ୍ରେମ କ'ଣ ନୁହେଁ :- ନିଷ୍ଠୁର, ସ୍ୱାର୍ଥ, କ୍ଷମା ନ ଦେଇ ପାରିବା ।

*ଏହି ସମସ୍ତ ଶବ୍ଦ ପ୍ରେମ ନୁହେଁ ବୋଲି ଜଣାଏ ।*

୯. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୩:୮) । ସେହି ଗୋଟିଏ ବିଷୟ କ'ଣ ଯାହା ଆମେ ଏହି ଜୀବନରୁ,ପରବର୍ତ୍ତୀ ଜୀବନ (ବା)ଆମ ସମାଧି ଯାଏ ନେଇ ଯିବା ?

*ପ୍ରେମ । ଯାହା ସବୁବେଳେ ପାଇଁ ରୁହେଁ ।*

୧୦. ଆପଣ ପଢ଼ନ୍ତୁ (ହିତୋପଦେଶ ୧୦:୧୨), (୧ମ କରନ୍ଥୀୟ ୧୩:୫), ଯାହା କୁହେ "ପ୍ରେମ କୌଣସି ବିଷୟର ହିସବା ରଖେ ନାହି, ଯଦିବି ଆପଣ ଭୁଲ୍ କରନ୍ତି ।" ପ୍ରେମ କେତେ ଅଧର୍ମକୁ ଢ଼ାଙ୍କ ଦିଏ ?

*ସମସ୍ତ ।*

## ପାଠ୍ୟକ୍ରମ ୧୪

# ଆର୍ଥିକ ପରିଚାଳନା - ଭାଗ ୧

### *ଲେଖକ - ଆନ୍ଡ୍ରିଉ ୱମାକ୍*

ଯୀଶୁ ଚାହାନ୍ତି ଆପଣା ଆର୍ଥିକ କ୍ଷେତ୍ରରେ ଉନ୍ନତି କରନ୍ତୁ । ଏହା ଏହିପରି ଏକ ବିଷୟ ଯାହା ପ୍ରତ୍ୟେକଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ବଞ୍ଚିବା ପାଇଁ ଟଙ୍କା ଦରକାର ସମସ୍ତ ଆବଶ୍ୟକୀୟ ବିଷୟ ପାଇଁ ଦରକାର ଏବଂ ଅନ୍ୟ ମାନଙ୍କ ପାଇଁ ମଧ ଏକ ଆଶୀର୍ବାଦର କାରଣ ହେବା ପାଇଁ ମଧ ତାହା ଦରକାର । ଈଶ୍ୱର ଆମ୍ଭଙ୍କୁ ଏହି କ୍ଷେତ୍ରରେ ଏକୁଟିଆ କରି ଛାଡ଼ି ନାହାନ୍ତି ଏବଂ କହିନାହାନ୍ତି ଯେ, "ମୁଁ ତୁମ୍ଭମାନଙ୍କ ଆଧାତ୍ମିକ ବିଷୟ ପାଇଁ ଚିନ୍ତା କରୁଛି, କିନ୍ତୁ ତୁମ୍ଭମାନଙ୍କ ଆର୍ଥିକ କ୍ଷେତ୍ର ପାଇଁ ମୁଁ ଭାବେ ନାହିଁ । ...... ତୁମେ ତୁମର ନିଜର ଦେଖ ।" ନାହିଁ, ପ୍ରତ୍ୟେକ ସ୍ତରରେ ଓ ପ୍ରତ୍ୟେକ କ୍ଷେତ୍ରରେ ସେ ଆପଣଙ୍କୁ ଭଲ ପାଆନ୍ତି- ପ୍ରାଣ, ଆତ୍ମା ଓ ଶରୀରରେ-ଏବଂ ସେ ଆପଣଙ୍କ ପାଇଁ ଏକ ବ୍ୟବସ୍ଥା କରିଛନ୍ତି । ଅନେକ ଲୋକ ବୁଝନ୍ତି ଯେ କିଛି ଦୂର ଯାଏଁ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆବଶ୍ୟକ । କିନ୍ତୁ ଧର୍ମ ବାସ୍ତବରେ ତା ବିପରୀତରେ ଠିଆ ହୋଇଛି ।

ପ୍ରଭୁଙ୍କ ବାକ୍ୟ ବିଭିନ୍ନ ସ୍ଥାନରେ ଲୋଭୀ ନ ହେବା ପାଇଁ ଶିକ୍ଷା ଦିଏ, କିନ୍ତୁ ଏହା ମଧ ପ୍ରାଞ୍ଜଳ ଭାବେ କୁହେ ଆର୍ଥିକ ଭାବରେ ସ୍ୱଚ୍ଛଳ ରହିବା ଏକ ଆଶୀର୍ବାଦ ଅଟେ । ୩ୟ ଯୋହନ ୨, ରେ ପ୍ରେରିତ ଯୋହନ କହିଲେ, *"ତୁମ୍ଭେ ଆତ୍ମାର ଯେପରି ମଙ୍ଗଳ ହେଉଅଛି, ସେହିପରି ସର୍ବ ବିଷୟରେ ତୁମ୍ଭର ମଙ୍ଗଳଦେଇ ଓ ତୁମ୍ଭେ ସ୍ୱାସ୍ଥ୍ୟ ଶୋଖ କରୁଥାଅ, ଏହା ମୋହର ପ୍ରାର୍ଥନା "*। କେତେ ଶକ୍ତିଯଶ ଏହି ବିବରଣଟ । ଯୋହନ କହିଲେ "ସର୍ବ ବିଷୟରେ" ଏହା ସୁସ୍ଥତା ବିଷୟରେ, ଅନୁଭବ, ସଂପର୍କ ଏବଂ ଆର୍ଥିକ ଏ ସମସ୍ତ ବିଷୟରେ କହୁଅଛି । ପ୍ରଭୁ ଚାହାଁନ୍ତି ଆପଣ ଉନ୍ନତି କରନ୍ତୁ ଏବଂ ସମସ୍ତ ବିଷୟରେ ସ୍ୱାସ୍ଥ୍ୟ ଭୋଗ କରୁଥାନ୍ତୁ । ସେ ଚାହାଁନ୍ତି ଆପଶଣ ପ୍ରାଣ, ଆତ୍ମା ଓ ଶରୀରରେ ମଧ ଉନ୍ନତି କରନ୍ତି, ଆଉ ତାହାହିଁ ଈଶ୍ୱରଙ୍କର ଆପଣଙ୍କ ପାଇଁ ଇଚ୍ଛା ।

ଅନେକ ଧାର୍ମିକ ଲୋକ କହନ୍ତି ଯେ, ଈଶ୍ୱର ଚାହାନ୍ତି ଆପଣ ଦରିଦ୍ର୍ୟତା ମଧରେ ରୁହନ୍ତୁ ବୋଲି, କାରଣ ସେହିପରି ଦାରିଦ୍ର୍ୟତାରେ ରହିବ । ପରମେଶ୍ୱରଙ୍କ ବିଷୟ, ଏବଂ ଯେତିକି ଆପଣ ଦରିଦ୍ର ସେତିକି ଆପଣ ଈଶ୍ୱର ପରାୟଣ । ଆଉ ସେହି ପ୍ରକାର ଚିନ୍ତାଧାରା ଓ ଶିକ୍ଷାରେ ମୁଁ ବଢ଼ିଛି । ଯେ ପ୍ରଚରକମାନଙ୍କ ପାଖରେ ବେଶୀ କିଛି ରହିବା ଆବଶ୍ୟକ ନାହିଁ, ଜଣେ ଖ୍ରୀଷ୍ଟିଆନ୍ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ କିଛି

ନ ଥିଲେ ମଧ ରହି ପାରିବ ଓ କରିପାରିବ । ଏହା ନିଶ୍ଚିତ ଭାବରେ ଶାସ୍ତ୍ରାଂଶ ଦ୍ଵାରା ପ୍ରତିପାଦିତ ହୋଇ ପାରେନା । ଆବ୍ରାହମ୍ ତାଙ୍କ ସମୟରେ ସବୁଠାରୁ ଧନୀ ବ୍ୟକ୍ତି ଥିଲେ, ତେଣୁ ରାଜା ତାଙ୍କୁ ଚାଲିଯିବା ପାଇଁ କହିଲେ, କାରଣ ତାଙ୍କର ସମ୍ପତ୍ତି ଦେଶର ସମ୍ପତ୍ତି ଉପରେ ପ୍ରଭାବ ପକାଉଥିଲା । ଆଉ ଠିକ୍ ସେହିପରି ଇଶାକ ଏବଂ ଯାକୁବଙ୍କ ସହ ହୋଇଥିଲା । ଯୋଶେଫ ଏପରି ଜଣେ ବ୍ୟକ୍ତି ଥିଲେ ଯିଏ ଉନ୍ନତି କଲେ ଏବଂ ପ୍ରାଚାର୍ଯ୍ୟ ଭାବେ ସମସ୍ତ କିଛି ପାଇଲେ । ଦାଉଦ ତାହାଙ୍କ ବ୍ୟକ୍ତିଗତ ଧନାଖାରୁରୁ ୨.୫କୋଟି ମୂଲ୍ୟର ସୁନା ଓ ରୂପା ମନ୍ଦିର ତିଆରି ପାଇଁ ଦେଲେ । ଦାଉଦଙ୍କ ପୁତ୍ର ସଲୋମନ୍ ସବୁଠାରୁ ଧନୀ ବ୍ୟକ୍ତି ଥିଲେ ପୃଥିବୀର । ଯେତେବେଳେ ଆପଣ ଶାସ୍ତ୍ରର ଅନୁସାରେ ପ୍ରକୃତରେ ଦେଖିବେ, ତେବେ ଆପଣ ଦେଖିବେ ଯିଏ କେହି ମଧ ଈଶ୍ଵରଙ୍କ ସେବା କଲା, ସିଏ ଆର୍ଥିକ ବିଷୟରେ ପ୍ରାଚୁର୍ଯ୍ୟତା ଓ ଆଶୀର୍ବାଦ ପାଇଲା ।

କିନ୍ତୁ ଏହିପରି ମଧ କିଛି ଉଦାହରଣ ଅଛି, ଯେଉଁଥିରେ, ଲୋକମାନେ ସଂଘର୍ଷ କଲେ ଏବଂ କିଛି ନଥାଇ ମଧ କାର୍ଯ୍ୟ କଲେ । ପାଉଲ ଫିଲିପ୍ପୀୟ୪:୧୩ରେ କହିଲେ, ମୋର ଶକ୍ତିଦା ଖ୍ରୀଷ୍ଟଙ୍କ ସାହାଯ୍ୟରେ ମୁଁ ସମସ୍ତ କିଛି କରିପାରେ ଏବଂ ଯେଉଁ ପରିସ୍ଥିତିରେ ଥିଲେ ମଧ ସେ ଶିଖିଲେ ଓ କଲେ । ସେ କହିଲେ କିପରି ତିରସ୍କୃତ ହେବା ଏବଂ ପ୍ରଚୁର ମାତ୍ରାରେ ପାଇବା ସେ ଜାଣିଲେ । ଏହିପରି ସମୟ ଥିଲା ଯେଉଁଠି ପ୍ରଭୁଙ୍କ ଦାସ ମାନେ ଦାରିଦ୍ର୍ୟତା ମଧ ନେଇ ଏବଂ ଅନେକ କଷ୍ଟ ଦେଇ ଯାଉଛନ୍ତି, କିନ୍ତୁ ଆପଣ ତାହା ଶାସ୍ତ୍ରରେ ପାଇବେ ନାହିଁ ଯେ, ଆପଣ ଯେତେ ଦରିଦ୍ର, ସେତିକି ଈଶ୍ଵର ପରାୟଣ । ଏହା ସତ୍ୟନୁହେଁ, ଏବଂ ଆପଣ ଏବଂ ଆପଣ ଏହା ଗଳି ଗଳିକୁ ଯାଉ, ପ୍ରମାଣ ପାଇ ପାରିବେ । ତେଣୁ ହିଁ, ଏଠାରେ ଏହା ସତ୍ୟ ଯେ ଲୋଭ ଭୂଲ୍ । (୧ମ ତିମଥି ୬:୧୦) କୁହେ, *"ଧନଲୋଭ ସମସ୍ତ ଅନିଷ୍ଟର ମୂଳ ।"* କିଛି ଲୋକ ତାହାକୁ ଭୁଲ୍ ନିଅନ୍ତି ଆଉ କହନ୍ତି *"ଧନ ହିଁ ସମସ୍ତ ଅନିଷ୍ଟର ମୂଳ ।"* ଅନେକ ଲୋକ ଅଛନ୍ତି ଯେଉଁମାନେ ଟଙ୍କାକୁ ଭଲ ପାଆନ୍ତି । କିନ୍ତୁ ସେମାନଙ୍କୁ ପାଖରେ ପଇସା ନଥାଏ । ; ଅନେକଙ୍କର ଗଦାଏ ସମ୍ପତ୍ତି ଅଛି କିନ୍ତୁ ସେମାନେ ତାକୁ ଭଲ ପାଆନ୍ତି ନାହିଁ । କିନ୍ତୁ କେବଳ ବ୍ୟବହାର କରନ୍ତି ।

(ଦ୍ଵିତୀୟ ବିବରଣୀ ୮:୧୮) ପ୍ରକୃତ ଆର୍ଥିକ ଉନ୍ନତି ବିଷୟରେ କୁହେ । ଏଠାରେ ପରମେଶ୍ଵର ଇଶ୍ରାଏଲୀୟ ମାନଙ୍କୁ କହୁଛନ୍ତି, ଯେଉଁମାନେ ଏହି ପ୍ରତିଜ୍ଞାତ ଦେଶରେ ପ୍ରବେଶ କରିବେ ଏବଂ ସେମାନେ ଏତେ ପରିମାଣରେ ଧନ ଓ ସମ୍ପତ୍ତି ପାଇବେ ଯେ, ସେମାନେ ସେତିକି କେବେ ପାଇନଥିବେ । ସେ ସେମାନଙ୍କୁ କହିଲେ *"ମାତ୍ର ତୁମ୍ଭେ ସଦାପ୍ରଭୁ ଆପଣା ପରମେଶ୍ଵରଙ୍କୁ ସ୍ମରଣ କରିବ, କାରଣ ସେ ତୁମ୍ଭ ପୂର୍ବପୁରୁଷ ମାନଙ୍କ ନିକଟରେ ଆପଣାର ଯେଉଁ ନିୟମ ବିଷୟରେ ଶପଥ କରିଥିଲେ, ତାହା ସେ ଆଜି ଦିନ ପରି ସ୍ଥିର କରିବା ପାଇଁ ତୁମ୍ଭଙ୍କୁ ଐଶ୍ଵର୍ଯ୍ୟ ପାଇବାର ସାମର୍ଥ୍ୟ ଦେଲେ ।"* ଶାସ୍ତ୍ରାଂଶର ଏହି ଅନୁଚ୍ଛେଦ ଅନୁସାରେ, ଉନ୍ନତି ଓ ସମୃଦ୍ଧିର ଲକ୍ଷ୍ୟ ନିଜ ଆବଶ୍ୟକତା ପାଇଁ ପ୍ରଚୁର ପରିମାଣରେ ପାଇବା ନୁହେଁ, କିନ୍ତୁ ପ୍ରଭୁଙ୍କର ରାଜ୍ୟ ସ୍ଥାପନା କରିପାରିବେ । ଅନ୍ୟ ଶବ୍ଦରେ କହିବାକୁ ଗଲେ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରିବେ ଯାହା ଦ୍ଵାରା ଆପଣ ଆଉ କାହା ପାଇଁ ଆଶୀର୍ବାଦର କାରଣ ହୋଇ ପାରିବେ । (ଆଦିପୁସ୍ତକ ୧୨:୨) ରେ ଈଶ୍ଵର ଆବ୍ରାହମ୍ଙ୍କୁ କହିଲେ, *"ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି ଆମ୍ଭେ ତୁମ୍ଭଙ୍କୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ୍ କରିବା, ତୁମ୍ଭେ ଆଶୀର୍ବାଦର ଆକର ହେବ ।"* ଆପଣ ମାନେ ଆଉ କାହା ପାଇଁ ଆଶୀର୍ବାଦ ହେବାପୂର୍ବରୁ ନିଜ ପାଇଁ ପ୍ରଥମେ ଆଶୀର୍ବାଦର ହେବା ଅତ୍ୟନ୍ତ ଆବଶ୍ୟକ ।

ଆପଣଙ୍କୁ କିଛି ବିଷୟ ଦରକାର ଏବଂ ଆପଣଙ୍କର କିଛି ନିର୍ଦ୍ଦିଷ୍ଟ ଆବଶ୍ୟକତା ମଧ୍ୟ ରହିଛି, ତାହା ଈଶ୍ୱର ପୂରଣ କରିବାକୁ ଚାହାଁନ୍ତି । ସେ ପୂଜାନ୍ତି ଆପଣ ଉନ୍ନତି ଓ ସମୃଦ୍ଧି କରନ୍ତୁ, ଏବଂଯାହା ଦ୍ୱାରାଙ୍କ ସେ ଆପଣଙ୍କ ମଧ୍ୟ ଦେଇ କାରଣ ହୋଇପାରିବେ । (୨ୟ କରନ୍ଥୀୟ ୯:୮) କୁହେ, *"ଆଉ ସମସ୍ତ ବିଷୟ ସର୍ବଦା ଯଥେଷ୍ଟ ରୂପେ ପାଇ, ତୁମ୍ଭେମାନେ ଯେପରି ସମସ୍ତ ଉତ୍ତମ କର୍ମ ନିମନ୍ତେ ଅଧିକରୁ ଅଧିକତର ଦାନ କରି ପାର, ଏଥି ନିମନ୍ତେ ଈଶ୍ୱର ତୁମ୍ଭମାନଙ୍କୁ ସର୍ବପ୍ରକାର ଅନୁଗ୍ରହ ପ୍ରଚୁର ଭାବରେ ଦେବାକୁ ସମର୍ଥ ଅଟନ୍ତି ।"* ଆଉ ଏହା ହିଁ କୁହେ, କାହିଁକି ଈଶ୍ୱର ଆପଣଙ୍କୁ ଉନ୍ନତି ଓ ସମୃଦ୍ଧି ନେବାକୁ ଚାହାଁନ୍ତି- ଯାହା ଦ୍ୱାରା କି ଆପଣ ପ୍ରଚୁରଭାବେ ଉତ୍ତମ କାର୍ଯ୍ୟ ଅନ୍ୟ ପାଇଁ କରିପାରିବେ । ଏହା ପ୍ରକୃତରେ ଦେଖିବାକୁ ଗଲେ ଉନ୍ନତି (ବା) ସମୃଦ୍ଧିର ଶାସ୍ତ୍ରାଂଶର ସଂଜ୍ଞା । ସମୃଦ୍ଧି କ'ଣ ? ଏହା କ'ଣ ଗୋଟିଏ ଭଲ ଘର ଥିବାକୁ ବୁଝାଏ (ନା) ଗାଡି, ନା ଉତ୍ତମ ବସ୍ତ୍ର ଏବଂ ଖାଦ୍ୟ କୁ ବୁଝାଏ ? ଏହି ଉପରୋକ୍ତ ଶାସ୍ତ୍ରାଂଶର ପଦ ଅନୁସାରେ, ଆପଣ ଆବଶ୍ୟକତାକୁ ଯଥେଷ୍ଟ ଭାବେ ମେଣ୍ଟେଇବା ଏବଂ ଉତ୍ତମ କାର୍ଯ୍ୟ କରିବାକୁ ବୁଝାଏ । ଯଦି ଆପଣ ଈଶ୍ୱର ଆପଣଙ୍କ ହୃଦୟକୁ ସ୍ପର୍ଶ କଲେ, ଆପଣ କାହାକୁ ଦେବାକୁ ଚାହାନ୍ତି କିନ୍ତୁ ଦେଇ ପାରୁ ନାହାନ୍ତି, କାହା ପାଇଁ ଆଶୀର୍ବାଦର କାରଣ ହେବାକୁ ଚାହୁଁଛନ୍ତି ମାତ୍ର ହୋଇପାରୁ ନାହାନ୍ତି, ତେବେ ଆପଣ ଆର୍ଥିକ ଦିଗରେ ସମୃଦ୍ଧ ନୁହନ୍ତି, ଯେପରିକି ଶାସ୍ତ୍ର କୁହେ । ଈଶ୍ୱର କହନ୍ତି, ସେ ଏତେ ପରିମାଣରେ ଆପଣଙ୍କୁ ଆଶୀର୍ବାଦ କରିବେ ଯେ ଆପଣଙ୍କ ସମସ୍ତ ଆବଶ୍ୟକତା ମେଣ୍ଟିବ, ଏବଂ ଆପଣ ଅନ୍ୟ ପାଇଁ ସମସ୍ତ ପ୍ରକାରର ଉତ୍ତମ କାର୍ଯ୍ୟ କରିବାରେ ସମର୍ଥ ହେବେ ।

ବାଇବେଲ୍ ଅନୁଯାୟୀ ପ୍ରକୃତି ସମୃଦ୍ଧି କ'ଣ ବୋଲି ଦେଖିବାକୁ ଗଲେ, ତାହା କେବଳ ନିଜର ଆବଶ୍ୟକତା ମେଣ୍ଟିବା କୁ ବୁଝାଏ ନାହିଁ ମାତ୍ର ନିଜ ବିଷୟରେ ଭାବେ ସେ ବାସ୍ତବରେ ସ୍ୱାର୍ଥପର । ଯଦି କେହି ଆପଣଙ୍କୁ କହେ, "ମୁଁ ପ୍ରଚୁର ଭାବେ ପାଇବା ପାଇଁ ଈଶ୍ୱରଙ୍କୁ ବିଶ୍ୱାସ କରେ," ଅନ୍ୟମାନେ ଭାବି ପାରନ୍ତି ଯେ ସେ ବ୍ୟକ୍ତିଟି ଲୋଭୀ ଓ ସ୍ୱାର୍ଥୀ, କିନ୍ତୁ ଏହା ତାହାର ଉଦ୍ଦେଶ୍ୟ ଉପରେ ନିର୍ଭର କରେ । ଯଦି ଆପଣ ଈଶ୍ୱରଙ୍କୁ ମାଗୁଛନ୍ତି, ଯାହାଦ୍ୱାରା କି ଆପଣ ଗୋଟିଏ ବଡ଼ କୋଠା ଘର, ବଡ଼ ଗାଡ଼ି କିଣିପାରିବେ, ତେବେ ତାହା ପ୍ରକୃତ ଶାସ୍ତ୍ରାଂଶ କହୁଥିବା ମନୋଭାବ ନୁହେଁ । କିନ୍ତୁ ଯଦି ଆପଣ ଈଶ୍ୱରଙ୍କ ଉପରେ ବିଶ୍ୱାସକରି ମାଗୁଛନ୍ତି। ଯେ, ସେ ଆପଣଙ୍କୁ ଅଧିକରୁ ଅଧିକ ଦିଅନ୍ତୁ କାରଣ ଆପଣ ଆଉ କାହାକୁ ସାହାଯ୍ୟ କରି ଆଶୀର୍ବାଦ କାରଣ ହୋଇପାରିବେ, ତେବେ ତାହା ହିଁ ପ୍ରକୃତ-ସତ୍ୟ ମନୋଭାବ । ଆଉ ପ୍ରଭୁ ଚାହାନ୍ତି ଆପଣ ସେ ପ୍ରକାରର ମନୋଭାବ ରଖନ୍ତୁ । ସେ ଆପଣଙ୍କ ସମୃଦ୍ଧି ଚାହାନ୍ତି, ଏହା ପରେ ତାହାଙ୍କର ଇଚ୍ଛା ଯେ ଆପଣ ଉନ୍ନତି ଓ ସମୃଦ୍ଧି ଶାଳୀ ହୁଅନ୍ତୁ ।

(ମାଥି-୬) କୁହେ, ଆମେ ଆବଶ୍ୟକ କରୁଥିବା ବିଷୟ କୁହେ ଏବଂ ପୁଣି କୁହେ ଯଦି ଆମେ ପ୍ରଥମେ ଈଶ୍ୱରଙ୍କ ରାଜ୍ୟ ଓ ତାହାଙ୍କ ଧାର୍ମିକତା ଅନ୍ୱେଷଣ ପ୍ରଥମରେ ରଖିବା ଆରମ୍ଭ କରିବେ, ସେ ସମସ୍ତ ଅନ୍ୟ ବିଷୟ ଆପଣଙ୍କୁ ଯୋଗେଇବେ । ସମସ୍ତ ଆବଶ୍ୟକତା ଆପଣଙ୍କର ପୂର୍ଣ୍ଣ ହେବ ଏବଂ ଆପଣ ଅନ୍ୟ ଲୋକମାନଙ୍କ ପାଇଁ ଆଶୀର୍ବାଦର କାରଣ ହେବେ । ଈଶ୍ୱର ଚାହାଁନ୍ତି ଆପଣ ଉନ୍ନତି କରନ୍ତୁ, କିନ୍ତୁ ତାହା ବାସ୍ତବରେ ଆପଣଙ୍କ ଉଦ୍ଦେଶ୍ୟ ଉପରେ ଏବଂ ଆପଣଙ୍କ କାର୍ଯ୍ୟ ଉପରେ ନିର୍ଭର କରେ ।

ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କେର ଏହି ଶିକ୍ଷା ଆପଣଙ୍କୁ ଏକ ଆହ୍ୱାନ ଦେଉ, ଏବଂ ଆଜି ଆପଣ ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ କରିବେ ଓ ତାହାଙ୍କୁ ଆପଣଙ୍କ ଜୀବନରେ ସର୍ବୋତ୍ତମ ବିଷୟ କରିବା ପାଇଁ କହିବେ ଓ ମାଗିବେ । ଯାହାଦ୍ୱାରା ଆପଣଙ୍କ ଜୀବନ ଉନ୍ନତି ପ୍ରଚୁର ଭାବେ ସମୃଦ୍ଧିଶାଳୀ ହେବ ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଓ ପ୍ରଶ୍ନ ମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (୨ୟ କରନ୍ଥୀୟ ୮:୭-୮) । ଯେତେବେଳେ ଆପଣ ଅନ୍ୟକୁ ଦିଅନ୍ତି ତାହାଙ୍କ ଆବଶ୍ୟକ ସମୟରେ । ଏହା ଗୋଟିଏ ଉପାୟ ଆପଣ ପ୍ରମାଣ କରିପାରିବେ ।

**୨ୟ କରନ୍ଥୀୟ ୮:୭-୮-** *ଆଉ ବିଶ୍ୱାସ, ବାକ୍ପଟୁତା, ଜ୍ଞାନ ଓ ସର୍ବପ୍ରକାର ଉଦ୍‌ଯୋଗ, ପୁଣି ତୁମ୍ଭମାନଙ୍କ ପ୍ରତି ଆମ୍ଭମାନଙ୍କ ପ୍ରେମର ପ୍ରଭାବ, ଏହିପରି ସମସ୍ତ ବିଷୟ ଯେପରି ତୁମ୍ଭମାନଙ୍କଠାରେ ପ୍ରଚୁର ଭାବେ ଦେଖାଯାଉଛି । ସେହିପରି ଅନୁଗ୍ରହ କାର୍ଯ୍ୟ ମଧ୍ୟ ତୁମ୍ଭମାନଙ୍କଠାରେ ପ୍ରଚୁର ଭାବେ ଦେଖାଯାଉ । (୮) ମୁଁ ଆଦେଶ ଦେଲା ପରି କହୁନାହିଁ । ମାତ୍ର ଅନ୍ୟ ମାନଙ୍କ ଉଦ୍‌ଯୋଗ ଉଲ୍ଲେଖ କରି ତୁମ୍ଭମାନଙ୍କ ପ୍ରେମର ସରଳତା ମଧ୍ୟ ସପ୍ରମାଣ କରିବା ନିମନ୍ତେ କହୁଅଛି ।*

୨. ଆପଣ ପଢ଼ନ୍ତୁ(୨ୟ କରନ୍ଥୀୟ ୮:୧୩-୧୪) । ଯେତେବେଳେ ଆମେ ସମସ୍ତେ ଦେବାପାଇଁ ଏକତ୍ର ହେଉ, ସେଠାରେ ଈଶ୍ୱର କ'ଣ ହୁଏ ବୋଲି କହନ୍ତି ।

**୨ୟ କରନ୍ଥୀୟ ୮:୧୩-୧୪ -** *ଯେଣୁ, ଅନ୍ୟମାନେ ଯେପରି ସୁଖ ପାଆନ୍ତି, ଆଉ ତୁମ୍ଭେମାନେ କ୍ଲେଶ ପାଅ, ଏଥିପାଇଁ ମୁଁ ଏକା କହୁ ନାହିଁ, (୧୪) ମାତ୍ର ସାମ୍ୟଭାବ ଦେଖାଯିବା ନିମନ୍ତେ ବର୍ତ୍ତମାନ ସମୟରେ ତୁମ୍ଭମାନଙ୍କ ପ୍ରାଚର୍ଯ୍ୟ ଦ୍ୱାରା ସେମାନଙ୍କ ଅଭାବ ପୂରଣ ହୋଇଅଛି, ଯେପରି ସେମାନଙ୍କ ପ୍ରାଚୁର୍ଯ୍ୟ ମଧ ତୁମ୍ଭମାନଙ୍କ ଅଭାବ ପୂରଣ କରିବ, ଆଉ ଏହି ପ୍ରକାରେ ସାମ୍ୟଭାବ ଦେଖାଯିବ ।*

୩. ଆପଣ ପଢ଼ନ୍ତୁ (୨ୟ କରନ୍ଥୀୟ ୮:୧୩-୧୪) । କିପରି ସମସ୍ତଙ୍କର ଆବଶ୍ୟକ ପୂରଣ ହେବ ?

୪. ଆପଣ ପଢ଼ନ୍ତୁ (ଏଫିସୀୟ ୪:୨୮), ଚୋ ର ଆଉ ଚୋ ରି ନକରୁ, କିନ୍ତୁ କାର୍ଯ୍ୟ କରି ଆପଣ ବଞ୍ଚିବା ପାଇଁ ପରିଶ୍ରମ କରୁ । (ଏଫିସୀୟ ୪:୨୮) ଆଉ କ'ଣ କରୁ ବୋଲି କୁହେ ?

**ଏଫିସୀୟ ୪:୨୮ -** *ଚୋ ର ଆଉ ଚୋରି ନ କରୁ, ବିରଞ୍ଚ ଅଭାବଗ୍ରସ୍ତ ଲୋକଙ୍କୁ ଦାନ କରିବା ନିମନ୍ତେ ଯେପରି ତାହା ପାଖରେ କିଛି ଥାଇପାରେ ଏଥି ନିମନ୍ତେ ନିଜ ହସ୍ତରେ ଉତ୍ତମ କାର୍ଯ୍ୟ କରି ପରିଶ୍ରମ କରୁ ।*

୫. ଆପଣ ପଢ଼ନ୍ତି (ଆଦିପୁସ୍ତକ୧୩:୨)ଏବଂ(୧୨:୨) । ପ୍ରଭୁ ଆବ୍ରାହାମ୍‌ଙ୍କ ଉପରେ ବିଶ୍ୱାସ କରୁଥିଲେ, କାରଣ ଆବ୍ରାହମ୍ କେବଳ ନିଜ ବିଷୟ ଭାବୁନଥିଲେ ମାତ୍ର ଅନ୍ୟମାନଙ୍କର ____________________ କାରଣ ଚାହୁଁଥିଲେ ।

**ଆଦିପୁସ୍ତକ ୧୩:୨ -** *ଆବ୍ରାମ୍ ପଶୁ ଓ ସୁନା ରୂପାରେ ଅତିଶୟ ଧନବାନ୍ ଥିଲେ ।*

**ଆଦିପୁସ୍ତକ ୧୨:୨ -** *ଆମ୍ଭେ ତୁମ୍ଭଠାରୁ ଏକ ମହାଗୋଷ୍ଠୀ ଉତ୍ପନ୍ନ କରିବା, ପୁଣି ଆମ୍ଭେ ତୁମ୍ଭଙ୍କୁ ଆଶୀର୍ବାଦ କରି ତୁମ୍ଭର ନାମ ମହତ୍ କରିବା; ତୁମ୍ଭେ ଆଶୀର୍ବାଦର ଆକର ହେବ।*

୬. ଆପଣ ପଢ଼ନ୍ତୁ (୧ମ ତିମୋଥି ୬:୧୭-୧୮) । କେଉଁ ତିନୋଟି ବିଷୟ ଧନୀ କରେ ?

**୧ମ ତିମୋଥି ୬:୧୭-୧୮ -** *ଯେଉଁମାନେ ଇହକାଳରେ ଧନୀ, ସେମାନେ ଯେପରି ଅହଙ୍କାରୀ ନହୁଅନ୍ତି ଏବଂ ଅସ୍ଥାୟୀ ଧନ ଉପରେ ନିର୍ଭର ନକରନ୍ତି, ବରଞ୍ଚ ଭୋଗ ନିମନ୍ତେ ସକଳ କରନ୍ତି, (୧୮) ପୁଣି ପରୋପକାର କରି ସମସ୍ତ ସତ୍କର୍ମରେ ଧନୀ ହୁଅନ୍ତି ଆଉ ମୁକ୍ତ ହସ୍ତରେ ଓ ଉଦାର ଭାବରେ ଦାନ କରନ୍ତି, ଏଥି ନିମନ୍ତେ ସେମାନଙ୍କୁ ଆଜ୍ଞା ଦିଅ।*

୭. ଈଶ୍ୱର ଆପଣଙ୍କୁ ଆର୍ଥିକ ବିଷୟରେ ବିଶ୍ୱାସ କରିପାରିବେ କି ?

## ଉତ୍ତର

୧. ଆପଣ ପଢ଼ନ୍ତୁ (୨ୟ କରନ୍ଥୀୟ ୮:୭-୮) । ଯେତେବେଳେ ଅନ୍ୟର ଆବଶ୍ୟକରେ ଆପଣ ଦିଅନ୍ତୁ, ସେତେବେଳେ କ'ଣ ପ୍ରମାଣିତ ହୁଏ ?

*ଆପଣଙ୍କ ପ୍ରେମ ସତ୍ୟ ।*

୨. ଆପଣ ପଢ଼ନ୍ତୁ (୨ୟକରନ୍ଥୀୟ୮:୧୩-୧୪), ଯେତେବେଳେ ଆମେ ସମସ୍ତେ ଏକତ୍ରିତ ନେଉ ଦେବା ପାଇଁ । ଈଶ୍ୱର ସେଠାରେ କ'ଣ ହୁଏ ବୋଲି କହନ୍ତି ?

*ସାମ୍ୟ ଭାବ ଦେଖାଯାଏ, ସମସ୍ତେ ଯେତିକି ସମ୍ଭବ, ସେତେ ଅନ୍ୟକୁ ଦେବା ଉଚିତ୍ ।*

୩. ଆପଣ ପଢ଼ନ୍ତୁ (୨ୟ କରନ୍ଥୀୟ ୮:୧୩-୧୪) । କିପରି ସମସ୍ତଙ୍କ ଆବଶ୍ୟକତା ପୂରଣ ହୁଏ ?

*ଆପଣ ଯେତିକି, ଓ ଯେତେବେଳେ ଅନ୍ୟକୁ ଦାନ କରି ।*

୪. ଆପଣ ପଢ଼ନ୍ତୁ (ଏଫିସୀୟ ୪:୨୮), ୧ ର ୧ ରୀ ନକରୁ,କିନ୍ତୁ କାର୍ଯ୍ୟ କରୁ ଓ ନିଜେ ବଞ୍ଚିବା ପାଇଁ ପରିଶ୍ରମ କରୁ ଆଉ ମଧ କ'ଣ କରିବାକୁ (ଏଫିସୀୟ ୪:୨୮) କୁହେ ?

*ଦରିଦ୍ର ଲୋକଙ୍କୁ ଦାନ କରିବାକୁ, ଯେଉଁମାନେ ଆବଶ୍ୟକ କରୁଛନ୍ତି ।*

୫. ଆପଣ ପଢ଼ନ୍ତି (ଆଦିପୁସ୍ତକ୧୩:୨)ଏବଂ(୧୨:୨) । ପ୍ରଭୁ ଆବ୍ରାହାମ୍‌ଙ୍କ ଉପରେ ବିଶ୍ୱାସ କରୁଥିଲେ, କାରଣ ଆବ୍ରାହମ୍ କେବଳ ନିଜ ବିଷୟ ଭାବୁନଥିଲେ ମାତ୍ର ଅନ୍ୟମାନଙ୍କର ____________________ କାରଣ ଚାହୁଁଥିଲେ ।

*ଆଶୀର୍ବାଦର କାରଣ ।*

୬. ଆପଣ ପଢ଼ନ୍ତୁ (୧ମ ତିମୋଥି ୬:୧୭-୧୮) । କେଉଁ ତିନୋଟି ବିଷୟ ଜଣେ ଧନୀ କରିବା ଉଚିତ୍ ?

*ପରୋପକାର କରନ୍ତି, ଉଦାର ଭାବରେ ଦାନ କରନ୍ତି, ଈଶ୍ୱର ଯାହା ସେମାନଙ୍କୁ ଦେଇଛନ୍ତି ଅନ୍ୟ ମାନଙ୍କ ସହ ବାଣ୍ଟନ୍ତି (ବା) ଦିଅନ୍ତି ।*

୭. ଆପଣ ଆର୍ଥିକ କ୍ଷେତ୍ରରେ, ପ୍ରଭୁ ଆପଣଙ୍କ ଉପରେ ବିଶ୍ୱାସ କରିପାରନ୍ତି କି ?

## ପାଠ୍ୟକ୍ରମ ୧୫

# ଆର୍ଥିକ ପରିଚାଳନା - ଭାଗ ୨

### *ଲେଖକ - ଡନ୍ କ୍ରୋ*

ଗତ ପାଠ୍ୟକ୍ରମରେ ମୁଁ ଆପଣମାନଙ୍କୁ ବର୍ଣ୍ଣନା କରି କହିଲି ଯେ, ଆପଣମାନେ ଉନ୍ନତି ଓ ସମୃଦ୍ଧି କରନ୍ତୁ, ତାହା ଈଶ୍ୱରଙ୍କର ଇଚ୍ଛା । ଆଉ ଏହା କିପରି କାର୍ଯ୍ୟକାରୀ ହେବ, ତା' ପାଇଁ କିଛ ଉପାୟ ଅଛି । (ଲୂକ୍୬:୩୮) କୁହେ, *"ଦାନ କର ତାହାହେଲେ ତୁମ୍ଭମାନଙ୍କୁ ଦାନ ଦିଆଯିବ, ଲୋକେ ମାଣକୁ ପୁରା କରି ତାହାକୁ ଚାପି ହଲାଇ ଉଚ୍ଛୁଳାଇ ତୁମ୍ଭମାନଙ୍କ ଅଣ୍ଟିରେ ଦେବେ; କାରଣ ଯେଉଁ ମାପରେ ମାପକର, ସେହି ମାପରେ ପୁଣି ତୁମ୍ଭମାନଙ୍କୁ ମପାଇ ଦିଆଯିବ ।"* ଏଠାରେ ଅନେକ ଗୁଡ଼ିଏ, ସିଦ୍ଧାନ୍ତ ରହିଛି, କିନ୍ତୁ ଆପଣ ଦାନ ନକରି ସମୃଦ୍ଧି ବିଷୟରେ କହିପାରିବେ ନାହିଁ ।

ଯେତେବେଳେ ଆପଣ ଆର୍ଥିକ ସମୃଦ୍ଧି ବିଷୟରେ କଥା କୁହନ୍ତି, ଅନେକ ଲୋକ କହନ୍ତି "ଠିକ୍ ଅଛି ଈଶ୍ୱର ଚାହାନ୍ତି ମୁଁ ଉନ୍ନତି କରେ, କିନ୍ତୁ ସେଥିପାଇ ମୋତେ ଆଉ କାହାକୁ ଦେବାର ଆବଶ୍ୟକତା ନାହିଁ ।" ଆପଣ ବାଇବେଲ୍‌ରେ ଦେଖିପାରିବେ ଯେଉଁଠି ଯୀଶୁ ଜଣେ ବିଧବା ବିଷୟରେ କହୁଛନ୍ତି, ଯିଏ ତା' ପାଖେ ଥିବା ଛୋଟ ମୁଦ୍ରାଟକୁ ମଧ ଦାନ ଦେଉଅଛି । ଆଉ ଯୀଶୁ ଦେଖୁଛନ୍ତି ଯେ, ଧନୀ ଲୋକ ମାନେ ବିପୁଳ ମାତ୍ରାରେ ଦାନ ପକାଉଅଛନ୍ତି, କିନ୍ତୁ ଏହା ଦେଖି ଯୀଶୁ ତାହାଙ୍କ ଶିଷ ମାନଙ୍କୁ ଡ଼ାକି କହୁଛନ୍ତି, ଏହି ସ୍ତ୍ରୀ ଲୋକଟି ଏହି ସମସ୍ତ ଲୋକଙ୍କଠାରୁ ଅଧିକ ଦେଇଅଛି । ସେ ଏହିପରି କହିଲେ କାରଣ ସେମାନଙ୍କ ପାଖରେ ପ୍ରଚୁର ଥିଲା ତେଣୁ ସେହି ଧନୀ ଲୋକମାନେ ବହୁଳ ମାତ୍ରାରେ ଦେଲେ, କିନ୍ତୁ ସେ ଦରିଦ୍ର୍ୟତା ମଧରେ ଥାଇ ମଧ, ନିଜର ସବୁକିଛି ଦାନ ପକେଇଲା, ପରମେଶ୍ୱର ଆପଣ କେଉଁ ଆକାରର, କେତେ ପରିମାଣର (ବା) କେତେ ବଡ଼ ଦେଉଛନ୍ତି ତାହା ଗଣନା କରିନ୍ତି ନାହାଁ (କିଅବା)ଟଙ୍କାର ଆକାର ଦେଖନ୍ତି ନାହିଁ କିନ୍ତୁ ଆପଣଙ୍କ ପାଖରେ ନଥାଇ ମଧ ଆପଣ କିଛି ନ ଭାବି ଅନ୍ୟକୁ ଦେଉଛନ୍ତି, ତାହା ସେ ଦେଖନ୍ତି । ଯେତେବେଳେ ଗୋଟିଏ ଲୋକ କୁହେ, "ମୋ ପାଖରେ ଦେବାକୁ କିଛି ନାହି" ତେବେ ତାହା ସତ୍ୟ ନୁହେଁ । ଯଦି କିଛି ନାହିଁ ତେବେ ଅତି କମ୍‌ରେ ଅପଣ ଆପଣଙ୍କ ପାଖରେ ଥବା କିଛି ଲୁଗା ଖଣ୍ଡେ ତ ଦେଇପାରିବେ । ସସସ୍ତ ପାଖରେ କିଛି (ନା) କିଛି ଥାଏ ଦେବାପାଇଁ ତେଣୁ ଆପଣ କେବେ କୁହନ୍ତୁ ନାହିଁ ଯେ ଆପଣଙ୍କ ପାଖରେ ଦେବାପାଇଁ କିଛି ନାହିଁ ବୋଲି । ଯେତେବେଳେ ଆପଣଙ୍କ ପାଖରେ ଅଳ୍ପ ଅଛି, ତେବେ ଆପଣ ଅନ୍ୟକୁ ଅଧିକ ଦିଅନ୍ତୁ । ଯଦି ଜଣେ ଲୋକର ୧୦ହଜାର ଟଙ୍କା ଅଛି ଆଉ, ସେ ସେଥିରୁ ୫ହଜାର ଟଙ୍କା ଦିଅଇ

ତେବେ, କୋଟି କୋଟି ଟଙ୍କା ଥିବା ଲୋକ, ଯେତେବେଳେ ଲକ୍ଷେ ଟଙ୍କା ଦିଏ, ତାହାଠାରୁ ତାହା ଅଧିକ । ପରମେଶ୍ୱର ସମସ୍ତଙ୍କୁ ପ୍ରଚୁର ଭାବେ ଦିଅନ୍ତି, ଯାହା ଦ୍ୱାରା ଆମ ଅନ୍ୟକୁ ଦେଇପାରୁ ।

ଈଶ୍ୱର ଆମକୁ କାହିଁକି କହିଲେ ଦାନ କରିବାକୁ ? ଏଥିରେ ଅନେକ ବିଷୟ ରହିଛି, କିନ୍ତୁ ସେଥି ମଧ୍ୟରୁ ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେ, ସେ ଚାହାନ୍ତି ଆପଣ ନିଜର ସମସ୍ତ ବିଷୟରେ ତାହାଙ୍କ ଉପରେ ବିଶ୍ୱାସ ରଖନ୍ତୁ ବୋଲି । ଯଦି ଈଶ୍ୱର ନାହାଁନ୍ତି, ଏବଂ ତାହାଙ୍କ ବାକ୍ୟ ଯଦି ସତ୍ୟ ନୁହେଁ ଯେତେବେଳେ ସେ କୁହନ୍ତି ଯେ, *"ଦାନ କର, ତାହାହେଲେ ତୁମ୍ଭମାନଙ୍କୁ ଦାନ ଦିଆଯିବ,"* ତେବେ ଆପଣଙ୍କ ପାଖରେ ଯାହା ଅଛି, ତାହାର କିଛି ଅଂଶ ନେଇ ଆଉ କାହାକୁ ଦେବା(ବା) ସାହାର୍ଯ୍ୟ କରିବା ସବୁଠାରୁ ବଡ଼ ମୂର୍ଖାମୀ । ଆପଣ ସମସ୍ତ ଅଭାବ ଓ ଆବଶ୍ୟକ ମେଣ୍ଟାଇବା ପାଇଁ ଚେଷ୍ଟା କରିବ, ପରିବର୍ତ୍ତେ ଆପଣ ତା'ଠାରୁ ଦୂର ହୁଅନ୍ତି, ଯଦି ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରିବାକୁ ପ୍ରତିଜ୍ଞା କରିନାହାଁନ୍ତି । ଯେଉଁ ରୀତୀରେ ଈଶ୍ୱର ଦେବାପାଇଁ କହନ୍ତି । ସେହି ରୀତୀରେ ଦେବା ପାଇଁ ବିଶ୍ୱାସର ମଧ ଆବଶ୍ୟକତା ଅଛି । ଆଉ ସେହି କାରଣରୁ ସେ ଆପଣଙ୍କୁ ଏହିପରି କରିବାକୁ କହିଲେ ।

(ଲୂକ-୧୬)ରେ ଏକ ନୀତିବାଣୀ ଅଛି, ଜଣେ ବେବର୍ତ୍ତା/ପରିଚାରକଙ୍କ ବିଷୟରେ ଯିଏ ତାହାଙ୍କ ମାଲିକକୁ ଠକିଲା, ଏବଂ ପରିଶେଷରେ ସେ କହିଲେ, ଯଦି ତମେ ଅଧର୍ମର ଧନରେ ବିଶ୍ୱାସ ଯୋଗ୍ୟ ନୁହଁ, ତେବେ ତୁମ୍ଭଙ୍କୁ ସତ୍ୟ ଧନ କିଏ ଦେବ ? ଯଦି ଆପଣ ଛୋଟ ଜିନିଷରେ ଈଶ୍ୱରଙ୍କୁ ବିଶ୍ୱାସ କରିନାହାଁନ୍ତି, ଏହି ଟଙ୍କା ପଇସା କଥାକୁ ନେଇ, ତେବେ ଆପଣ କିପରି ତା'ଠାରୁ ବଡ଼ ବିଷୟ ସବୁରେ କରିବେ, ଯେପରି କି, ଆଧାତ୍ମିକ ମୂଲ୍ୟବୋଧତା ? ଏହିପ୍ରକାର ପବିତ୍ରଶାସ୍ତ୍ର ଧନର ଭଣ୍ଡାରକୁ ସବୁଠାରୁ ନିମ୍ନ ସ୍ତରରେ ଆଣି ରଖି ଦିଏ । ଯଦି ଆପଣ ଆପଣଙ୍କ ଆର୍ଥିକ ବିଷୟେ ଈଶ୍ୱରଙ୍କୁ ବିଶ୍ୱାସ କରିପାରୁ ନାହାଁନ୍ତି ? ଆପଣ କିଭଳି ତାହାଙ୍କ ଅନନ୍ତ ନିୟତି ଉପରେ ବିଶ୍ୱାସ କରିବେ ? ଆପଣ ବାସ୍ତବରେ ସେ ଆପଣଙ୍କ ପାପ ସବୁ କ୍ଷମା କରିଛନ୍ତି ବୋଲି ଏବଂ ତାହାଙ୍କ ସହ ଆପଣ ସ୍ୱର୍ଗରେ ଅନନ୍ତକାଳ ଯାଏଁ ରହିବେ ବୋଲି କିପରି ବିଶ୍ୱାସ କରିବେ ? ତୁଳନା କଲେ ଦେଖାଯାଏ ଯେ ଆମେ ଆଗ ଟଙ୍କା ପଇସାଠାରୁ ଅଧିକ ବିଶ୍ୱାସ ଆଧାତ୍ମିକ ବିଷୟ ଉପରେ କରୁ । ଟଙ୍କାପଇସା ଛୋଟ ବିଷୟ , କିନ୍ତୁ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବାର ଏହା ମୂଖ୍ୟ ବିଷୟ ଅଟେ । (ହିତୋପଦେଶ୧୧:୨୪)କୁହେ, କେହି କେହି ବତରଣ କରି ଆହୁରି ବଢ଼ନ୍ତି, ପୁଣି କେହି କେହି ଉଚିତ୍ ବ୍ୟୟ ଅସ୍ୱୀକାର କଲେ ହେଁ ତହିଁରୁ କେବଳ ଅଭାବ ଜନ୍ମେ ।

ଆପଣ ଯଦି ତାହାଙ୍କ ରାଜ୍ୟ ଓ ଧର୍ମିକତାକୁ ପ୍ରଥମେ ଅନ୍ୱେଷଣ କରିବେ ତେବେ ସମସ୍ତ ବିଷୟ ଆପଣ ପ୍ରାପ୍ତ କରିବେ । ଆପଣ ଯଦି କୁହନ୍ତ, ଆପଣ ପରମେଶ୍ୱର ଆପଣଙ୍କ ଆର୍ଥିକ ବିଷୟରେ ସାହାଯ୍ୟ କରନ୍ତୁ, ଏବଂ ଆପଣ ତାହାଙ୍କ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି – କିନ୍ତୁ ପ୍ରଥମେ ତାହାଙ୍କ ରାଜ୍ୟ ପାଇଁ ଅନ୍ୱେଷଣ କରୁନାହାନ୍ତି ଏବଂ ବିଶ୍ୱାସର ଏକ ପଦକ୍ଷେପ ଆଗକୁ ଆପଣ ବଢ଼ାଇ ନାହାନ୍ତି, ଆପଣଙ୍କ ଆର୍ଥିକ ବିଷୟରେ ସଂପୂର୍ଣ୍ଣ ଭାବେ ତାହାଙ୍କ ଉପରେ ବିଶ୍ୱାସ କରୁନାହାନ୍ତି, ଏବଂ ଦାନ / ବିତରଣ କରୁ ନାହାନ୍ତି – ତେବେ ଆପଣ ତାହାଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ କରୁନାହାନ୍ତି ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ  କିଛି ପ୍ରଶ୍ନ  ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ଯୋହନ ୩:୧୬) । କ'ଣ ପରମେଶ୍ୱରଙ୍କୁ ଦେବାରେ ଉଦ୍ଦେଶ୍ୟ ପ୍ରଣୋଦିତ କଲା ?

**ଯୋହନ ୩:୧୬ -** *କାରଣ ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନିଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।*

୨. ଆପଣ ପଢ଼ନ୍ତୁ(୧ମ କରନ୍ଥୀୟ ୧୩:୩) । ଅନ୍ୟକୁ ଦାନ କରିବା ପଛରେ ଆମର କ'ଣ ମନୋଭାବ ରହିବା ଉଚିତ୍ ?

**୧ମ କରନ୍ଥୀୟ ୧୩:୩ -** *ପୁଣି ମୁଁ ଦରିଦ୍ର ମାନଙ୍କୁ ଭୋଜନ କରେଇବା ନିମନ୍ତେ, ମୋହର ସର୍ବସ୍ୱ ବିତରଣ କରେ, ପୁଣି ଯଦି ମୁଁ ମୋହର ଶରୀରକୁ ଦଗ୍ଧ ହେବା ନିମନ୍ତେ ସମର୍ପଣ କରେ, କିନ୍ତୁ ସେ ମୋହର ପ୍ରେମ ନଥାଏ, ତେବେ ମୋହର କିଛି ଲାଭ ନାହିଁ ।*

୩. ଆପଣ ପଢ଼ନ୍ତୁ (ଯାକୁବ ୨:୧୫-୧୬) । ଏହି ଶାସ୍ତ୍ରାଂଶ ପଦର ଅର୍ଥ ବୁଝାଇ କୁହ ।

**ଯାକୁବ ୨:୧୫-୧୬ -** *ଯଦି ଜଣେ ଭାଇ (ବା) ଭଉଣୀ ବସ୍ତ୍ର ଓ ଦୈନିକ ଖାଦ୍ୟହୀନ ହୁଏ । (୧୬) ଆଉ ତୁମ୍ଭମାନଙ୍କ ମଧ୍ୟରୁ କେହି ତାହାକୁ ଶରୀରର ପ୍ରୟୋଜନୀୟ ଦ୍ରବ୍ୟ କିଛି ହିଁ ନଦେଇ କୁହେ, ଈଷ୍ଟ ଓ ତୃପ୍ତ ହୋଇ କୁଶଳରେ ଯାଅ, ତେବେ ସେଥିରେ କି ଲାଭ ?*

୪. ଆପଣ ପଢ଼ନ୍ତୁ (ଲୂକ ୬:୩୮) । ଏହି ଶାସ୍ତ୍ରାଂଶର ପଦ କ'ଣ କୁହେ ?

**ଲୂକ ୬: ୩୮ -** *ଦାନ କର, ତାହା ହେଲେ ତୁମ୍ଭମାନଙ୍କୁ ଦାନ ଦିଆଯିବ; ଲୋକେ ମାଣକୁ ପୁରା ମାପ କର, ସେହି ମାପରେ ତୁମ୍ଭମାନଙ୍କୁ ମପାଇ ଦିଆଯିବ ।*

୫. ଆପଣ ପଢ଼ନ୍ତି (ଏଫିସୀୟ – ୧:୭) । ପରମେଶ୍ୱର ନିଜର ।

**ଏଫିସୀୟ ୧:୭ -** *ତାହାଙ୍କ ଅନୁଗ୍ରହ ରୂପବିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କଠାରେ ତାଙ୍କ ରକ୍ତ ଦ୍ୱାରା ମୁକ୍ତି, ଅର୍ଥାତ୍ ଅପରାଧ ସବୁରୁ କ୍ଷମାପ୍ରାପ୍ତ ହୋଇଅଛୁ ।*

୬. ଆପଣ ପଢ଼ନ୍ତୁ (ହିତୋପଦେଶ ୧୯:୧୭ । ଯେତେବେଳେ ଆପଣ ଦରିଦ୍ରକୁ ଦାନ କରନ୍ତି ଆପଣ କ'ଣ କରନ୍ତି ?

**ହିତୋପଦେଶ ୧୯:୧୭ -** *ଯେ ଦରିଦ୍ରକୁ ଦୟାକରେ, ସେ ସଦାପ୍ରଭୁଙ୍କୁ ଋଣ ଦିଏ, ପୁଣି ସେ ତାହାର ଉତ୍ତମ କର୍ମର ପରିଶୋଧ କରିବେ ।*

୭. ଆପଣ ପଢ଼ନ୍ତୁ (ଗୀତ ସଂହିତା ୪୧:୧-୩) । ୫ଟି ବିଷୟ କୁହନ୍ତୁ, ଯାହାକି ଆମେ ଦରିଦ୍ରକୁ ଦାନ କରେ ଈଶ୍ୱର ଆମ ପାଇଁ କରନ୍ତି ?

**ଗୀତ ସଂହିତା ୪୧:୧-୩ -** *ଯେଉଁ ଜନ ଦୀନହୀନ ନିମନ୍ତେ ଚେଷ୍ଟା କରିବେ, ସେ ଧନ୍ୟ । ସଦାପ୍ରଭୁ ଦୁର୍ଦ୍ଦଶା ଦିନରେ ତାହାକୁ ଉଦ୍ଧାର କରିବେ । (୨) ସଦା ପ୍ରଭୁ ତାହାକୁ ରକ୍ଷା କରି ନୀବାଢ଼ ରଖିବେ ଓ ଆଶୀର୍ବାଦ ପ୍ରାପ୍ତ ହେବେ । ସେ ଶତ୍ରୁ ମାନଙ୍କ ଠାରୁ ତାହାଙ୍କୁ ରକ୍ଷା କରିବେ । (୩) ବ୍ୟାଧି ଶଯ୍ୟାଗତ ହେଲେ, ତାହାଙ୍କୁ ଧରି ରଖିବେ ।*

# ଉତ୍ତର

୧. ଆପଣ ପଢ଼ନ୍ତୁ (ଯୋହନ ୩:୧୬) । ପରମେଶ୍ୱରଙ୍କୁ କ'ଉ ଦେବାରେ ଉଦ୍ଦେଶ୍ୟ ପ୍ରଣୋଦିତ କଲା ?

*ତାହାଙ୍କ ଅମୂଲ୍ୟ ପ୍ରେମ ।*

୨. ଆପଣ ପଢ଼ନ୍ତୁ (୨ୟକରନ୍ଥୀୟ୮:୧୩-୩), ଆମେ ଦାନ କରିବା ପଛରେ ଆମର ମନୋଭାବ କ'ଣ ହେବା ଉଚିତ୍ ?

*ପ୍ରେମ; ଯାହାକି ଆମେ କ'ଣ ଅନୁଭବ କରୁଛୁ (ବା) ନ କରୁଛୁ ; ତାହା ନ ଭାବି; ଅନ୍ୟର ଉନ୍ନତି ଓ ସମୃଦ୍ଧି ବିଷୟରେ ଭାବିବା ଉଚିତ୍ ।*

୩. ଆପଣ ପଢ଼ନ୍ତୁ (ଯାକୁବ ୨:୧୫-୧୬) । ଏହି ଶାସ୍ତ୍ରାଂଶ ପଦର ଅର୍ଥ କୁହନ୍ତୁ ?

*୯୫ ଶତକଡ଼ ପ୍ରେମ ନ କହି ହୋଇଥାଏ । ଆମେ କ'ଣ କହୁ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ଆମେ କାର୍ଯ୍ୟରେ ତାହା କରି ଦେଖାଇବା ଗୁରୁତ୍ୱପୂର୍ଣ୍ଣ ଅଟେ ।*

୪. ଆପଣ ପଢ଼ନ୍ତୁ (ଲୂକ ୬:୩୮) । ଏହି ପଦ କ'ଣ କୁହେ ?

*ଆପଣ ଯେତିକି ମାପିୟ ଯେଉଁ ପରିମାଣରେ ଅନ୍ୟକୁ ଦେବେ; ସେହି ପରିମାଣରେ ଆପଣଙ୍କୁ ଦିଆଯିବ ।*

୫. ଆପଣ ପଢ଼ନ୍ତୁ (ଏଫିସୀୟ ୧:୭) । ଈଶ୍ୱରତାହାଙ୍କ ପସମ୍ପନ୍ନତାରୁ ଆମକୁ ଦେଲେ (ନା) ତାହାଙ୍କ ସମ୍ପନ୍ନତା (ଧନ) ଅନୁସାରେ ଦେଲେ ।

*ତାହାଙ୍କ ଧନ ଅନୁସାରେ ଦେଲେ । ସେ ଆପଣାର ସମସ୍ତକିରି ଆମ ମୁକ୍ତ ପାଇଁ ଦେଲେ, ତାହାଙ୍କ ଏକ ମାତ୍ର ପୁତ୍ରିଙ୍କ ରୂପରେ ।*

୬. ଆପଣ ପଢ଼ନ୍ତୁ (ହିତୋପଦେଶ ୯:୧୭) । ଯେତେବେଳେ ଆପଣ ଦରିଦ୍ରଙ୍କୁ ଦାନ କରନ୍ତ, ଆପଣ କ'ଣ କରନ୍ତି ?

*ଆପଣ ଈଶ୍ୱରଙ୍କୁ ନିଅନ୍ତି ।*

୭. ଆପଣ ପଢ଼ନ୍ତୁ (ଗୀତ ସଂହିତା ୪୧:୧-୩) । ଯେଉଁମାନେ ଦାନ କରନ୍ତି ଈଶ୍ୱର ସେମାନଙ୍କ ପାଇଁ ୫ଟି ବିଷୟ କରନ୍ତି ? ତାହା କ'ଣ ?

*ଦୁର୍ଦ୍ଦଶା ଦିନରେ ଉଦ୍ଧାର କରନ୍ତି, ରକ୍ଷା କରନ୍ତି ; ତାହାଙ୍କୁ ସମୃଦ୍ଧ କରନ୍ତି, ଶତ୍ରୁଠାରୁ ରକ୍ଷା କରନ୍ତି ଏବଂ ବ୍ୟାଧି ଶର୍ଯ୍ୟାଗତ ସମୟରେ ସୁସ୍ଥ କରନ୍ତି ଓ ଧରି ରଖନ୍ତି ।*

## ପାଠ୍ୟକ୍ରମ ୧୬

# ପ୍ରାର୍ଥନାର ଉତ୍ତର ନ ମିଳିବା ତାରି ପ୍ରତୀତ ହେଲେ କ'ଣ କରିବା

### *ଲେଖକ - ଆଣ୍ଡ୍ରିଉ ଓମାକ୍*

ମୁଁ ଆପଣଙ୍କୁ କହିବାକୁ ଚାହେଁ, ଆପଣଙ୍କ ପ୍ରାର୍ଥନାର ଉତ୍ତର ନ ମିଳିଲା । ଭଳି ଯଦି ଆପଣଙ୍କୁ ପ୍ରତୀତ ହୁଏ,ତେବେ ଆପଣ କରିବେ, ଏବଂ ସତ୍ୟ ବିଷୟ ହେଲେ ପରମେଶ୍ୱର ସର୍ବଦା ପ୍ରାର୍ଥନା ଉତ୍ତର ଦିଅନ୍ତି, ଯଦି ତାହା ବିଶ୍ୱାସରେ ତାହାଙ୍କ ବାକ୍ୟ ହିସାବରେ କରାଯାଏ । (୧ମ ଯୋହାନ ୫:୧୪-୧୫) ରେ ଲାଖାଯାଏ, *"ସେ ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପ୍ରାର୍ଥନା କରୁ, ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି , ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହାସ ଅଛି । ଆଉ ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପ୍ରାର୍ଥନା କରିଅଛୁ, ସେହିସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ ।"* ତାହା ସତରେ ପ୍ରଶାଦ ଦୃଢ଼ ବିଶ୍ୱାସ । ଈଶ୍ୱର ସର୍ବଦା ପ୍ରାର୍ଥନାରେ ଉତ୍ତର ଦିଅନ୍ତି, କିନ୍ତୁ ତାହ ସବୁବେଳେ ଉତ୍ତର  ଦିଅ । ଦେଖେ ଭଲ ପ୍ରତୀୟମାନ ହୁଏ ନାହିଁ । (ମାଥିଉ ୭:୭-୮) କୁହେ *"ମାଗ ସେଥିରେ ତୁମ୍ଭମାନଙ୍କୁ ଦିଆଯିବ, ଇତ୍ୟାଦି ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । କାରଣ ଯେ କେହି ମାଗେ ସେ ପାଏ ; ଯେ ଖୋଜେ ସେ ସନ୍ଧାନ ପାଏ ; ଆଉ ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇଦିଆଯାଏ । "* ସେହି ସମସ୍ତ ପଦ କୁହେ ଯେ, ପ୍ରକୃତରେ ଈଶ୍ୱର ପ୍ରାର୍ଥନାର ଉତ୍ତର ଦିଅନ୍ତି । ତଥାପି ଆମ୍ଭେମାନେ ଅନେକ ସମୟରେ ଦେଖିଛୁ, ଯେ ଆମେ ଈଶ୍ୱରଙ୍କୁ କିଛି ଗୋଟିଏ ବିଷୟ ମାଗୁଛୁ, ଆଉ ଆମର ବିଶ୍ୱାସ ଯେ ସେହି ବିଷୟ ଠିକ୍ ବିଷୟ ଥିଲା, ଉତ୍ତମ ବିଷୟ ଥିଲା, ସ୍ୱାର୍ଥ ପରତା ସେଥିରେ ନଥିଲା (ବା) ପ୍ରଭୁଙ୍କ ବିରୋଧୀ ନଥିଲା, କିନ୍ତୁ ତଥାପି ଉତ୍ତର ଆମେ ପାଇପାରିବା ନାହୁଁ ସେହି ପ୍ରାର୍ଥନାର ।

ପ୍ରଭୁଙ୍କ ବାକ୍ୟ କୁହେ ମାଗ ଏବଂ ସେଥିରେ ତୁମ୍ଭମାନଙ୍କୁ ଦିଆଯିବ । କିନ୍ତୁ ଆମର ଅନୁଭୂତି କୁହେ ଆମ୍ଭେମାନେ ମାଗିଲୁ ଏବଂ ତାହା ଆମେ ପାଇଲୁ ନାହିଁ , ଈଶ୍ୱର ଦେଲେ ନାହିଁ । ଏ ମଧ୍ୟରୁ କେଉଁଟି ସତ୍ୟ ? ଏହାର ଉତ୍ତର ହୁଏତ ଆପଣଙ୍କୁ ଅନେକ ଲେକ ଭାବନ୍ତି, *ପ୍ରଭୁଙ୍କ ବାକ୍ୟ ନୁହେଁ, ସେ ଉତ୍ତର ଦିଅନ୍ତି ଏବଂ ମୁଁ ଦେଖିପାରିଲି ନାହିଁ ।* (ଯୋହନ ୪:୨୪)କୁହେ *"ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କ ଉପାସନା କରନ୍ତି , ଆତ୍ମାର ଓ ସତ୍ୟରେ ଉପାସନା କରିବା ସେମାନଙ୍କର ଉଚିତ୍ ।"* ଈଶ୍ୱର

ଆମ୍ଭମାନଙ୍କ ପ୍ରର୍ଥନାରେ ଉତ୍ତର ଦେବା ନିମନ୍ତେ ଆଧାତ୍ମିକ ସ୍ତରରେ କାର୍ଯ୍ୟ କରନ୍ତି କିନ୍ତୁ ତାହା ପ୍ରକାଶିତ ହେବା ପାଇଁ ଆମର ଦୃଢ ବିଶ୍ୱାସ ଥିବା ଆବଶ୍ୟକ । ମିଶ୍ୱାସ ହେଲା ଆଧାତ୍ମିକ କ୍ଷେତ୍ରରୁ ମିଳିବା ଏବଂ ଶାରିରୀକ କ୍ଷେତ୍ରରେ ପ୍ରବାହିତ ହେବା । ଯାହାକି (ଏବ୍ରି ୧୧:୧)କୁହେଯେ ବିଶ୍ୱାସ ପ୍ରତ୍ୟାଶିତ ବିଷୟରେ ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଷ୍ଚିତ ଜ୍ଞାନ" ଏହା କୁହେନହିଁ ତାହା ନାହିଁ, ତାର ପ୍ରମାଣ ହେଲା ବିଶ୍ୱାସ । ତାହା ଦୃଶ୍ୟମାନ, କିନ୍ତୁ ଅଦୃଶ୍ୟ ତାହା ଦେଖାଯାଏ ନାହିଁ । ଶାରିରୀକ କ୍ଷେତ୍ରରେ ଅଦୃଶ୍ୟ କିନ୍ତୁ ଦୃଶ୍ୟମାନ ,ଆଧାତ୍ମିକ କ୍ଷେତ୍ରରେ ବିଶ୍ୱାସ ଆଧାତ୍ମିକ ସ୍ତରରୁ ପ୍ରବାହିତ ହୁଏ ଏବଂ ଶାରୀରୀକ ବିଷୟକୁ ନିୟନ୍ତ୍ରଣ କରେ ।

ଏହା ଏକ ବେତାର ଯନ୍ତ୍ର (ରେଡ଼ିଓ) ଭଳି । ରେଡ଼ିଓ ଓ ଟେଲିଭିଜନ  ନିରନ୍ତର ପ୍ରସାରିତ ହୁଏ । ଆପଣ ଗୋଟିଏ କୋଠରି ମଧ୍ୟରେ ଅଛନ୍ତି ଯେଉଁଠାରୁ ଆପଣ ସଂକେତ (ସିଗ୍‌ନାଲ୍) କୁ ଦେଖି ପାରନ୍ତି ନାହିଁ (କି) ଶୁଣି ପାରନ୍ତି ନାହିଁ, କିନ୍ତୁ ତା'ର ମାନେ ନାହିଁ ଯେ ସେଠାରେ ତାହା ଉପସ୍ଥିତ ନାହିଁ ଆପଣଙ୍କୁ ତେଣୁ ରେଡ଼ିଓକୁ ଲଗେଇବାକୁ ପଡ଼େ ଏବଂ ଯେଉଂ ବିଷୟ ପସନ୍ଦ ତାହା ଲଗେଇଲେ ଆପଣ ଶୁଣିପାରିବେ । ଆଉ ସେତେବେଳେ ରେଡିଓ ସଂକେତକୁ ଟାଣେ (ସିଗ୍‌ନାଲ୍) କୁ ଝିକେ, ଯାହାକୁ ଆମେ ଦେଖି ପାରୁନାହୁଁ ଏବଂ ପ୍ରସାରିତ କରାଏ, ଯାହାକୁ କି ଆମେ ଆମ ମନୁଷ୍ୟ କାନରେ ଶୁଣିପାରୁ । ଠିକ୍ ସେହିଭଳି ଭାବେ ଈଶ୍ୱର ଆମ ପ୍ରାର୍ଥନାର ଉତ୍ତର ଦିଅନ୍ତି; ସେ ଆମକୁ ଆଧାତ୍ମିକ ସ୍ତରରେ ସମସ୍ତ ବିଷୟ ଦିଅନ୍ତି , ଏବଂ ବିଶ୍ୱାସରେ ତାହା ଆପଣଙ୍କୁ ପ୍ରାପ୍ତ କରି ଆପଣଙ୍କ ଶାରୀରୀକ କ୍ଷେତ୍ରକୁ ଆଣିବାକୁ ପଡ଼େ । ଏହି ଆଧାତ୍ମିକ ଓ ଶାରୀରୀକ ସ୍ତର ପରସ୍ପର ସହ ସମାନ୍ତର ଭାବେ ଚାଲନ୍ତି । ଈଶ୍ୱରଙ୍କ ଆପଣଙ୍କ ପ୍ରାର୍ଥନା ଉତ୍ତର ଦିଅନ୍ତି ଓ କାର୍ଯ୍ୟ କରନ୍ତି, କିନ୍ତୁ ହୁଏତ ଆପଣ ତାହା କେବେ ଆପଣ ଶାରୀରୀକ ସ୍ତରରେ ପ୍ରକାଶିତ ଏହା ବା ଦେଖନ ଥିବେ, କାରଣ ଆପଣ ଶାରୀରୀକ ଓ ଆଧାତ୍ମିକ ସ୍ତରରେ ଥିବା ଶୂନ୍ୟସ୍ଥାନକୁ କେବେ ଆପଣଙ୍କ ବିଶ୍ୱାସର ସେତୁ (ପୋଲ) ଦ୍ୱାରା ଦୂର କରିବାକୁ ଚେଷ୍ଟା କରି ନାହାନ୍ତି ।

ଉଦାହରଣ ସ୍ୱରୂପ, ଦାନିୟେଲ, ଯିଏକି ପ୍ରଭୁଙ୍କର ଦାସ ଥିଲେ, ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ଓ ମାଗୁଥିଲେ, ଯେପରି ଈଶ୍ୱରଙ୍କୁ ସତ୍ୟ ବାକ୍ୟ ତାହାହ୍ନ୍କ ଠାରେ ପ୍ରକାଶିତ ହୁଏ । ସମୟର ଅଭାବ ଯୋଗୁଁ, ମୁଁ ସଂକ୍ଷିପ୍ତରେ କାହାଣୀଟି କହିବି । ପରମେଶ୍ୱର ତାହାଙ୍କ ଦୂତଙ୍କୁ ଗାବ୍ରିଏଲ୍‌ଙ୍କୁ, ତାହାଙ୍କୁ ଦର୍ଶନ ଦେଇ ତାହାଙ୍କ ପ୍ରାର୍ଥନାରେ ଉତ୍ତର ଦେବାକୁ ପ୍ରେରଣ କଲେ । ଯାହାକି (ଦାନିୟେଲ୍ ୯:୨୨-୨୩) କୁହେ, *"ପୁଣି ସେ ମୋତେ ଶିକ୍ଷା ଦେଲେ ଓ ମୋ ସଙ୍ଗେ କଥାବାର୍ତ୍ତା । କରି  କହିଲେ , ହେ ଦାନିୟେଲ ମୁଁ ଏବେ ତୁମ୍ଭଙ୍କୁ ବୁଦ୍ଧିର କୌଶଳ ଦେବାକୁ ଆସିଲି । ତୁମ୍ଭର ବିନତିର ଆରମ୍ଭ ସମୟରେ ଆଜ୍ଞା ନିର୍ଗତ ହୋଉ, ଆଉ ତୁମ୍ଭଙ୍କୁ ଜଣାଇବା ପାଇଁ ମୁଁ ଆସିଅଛି କାରଣ ତୁମ୍ଭେ ଅତ୍ୟନ୍ତ ପ୍ରିୟମାତ୍ର, ଏଥିପାଇଁ ଏ ବିଷୟ ବିବେଚନା କର ଓ ଦର୍ଶନ ବୁଝ ।"* ଏଠାରେ ସେହି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା; ଆରମ୍ଭରେ ଗାବ୍ରିଏଲ ଦୂତ କହିଲେ ତାହାଙ୍କ ପ୍ରାର୍ଥନାରେ ଈଶ୍ୱରଙ୍କର ଆଜ୍ଞା ତାହାଙ୍କ ପାଇଁ ଆସିଲା ଏବଂ ଉତ୍ତର ଆଣିଲା ॥ ଆପଣ ଯଦି ପଢ଼ିବେ, ଉତ୍ତର ଆଣିବାକୁ କେତେ ସମୟ ଲାଗିଲା ତେବେ ତାହାର ଉତ୍ତର ଦେଲା, ପ୍ରଭୁଙ୍କ ଠାରୁ ଉତ୍ତର ଆସିବାକୁ କେବଳ ୩ ମିନିଟ୍ ଲାଗିଲା । ୩ ମିନିଟ୍ ହେଲା ସମୟ ପ୍ରଭୁଙ୍କ ଆଜ୍ଞା ଏବଂ ଶାରୀରୀକ କ୍ଷେତ୍ରରେ ହେବ ।

ଆମେ ଅନେକ ବିଷୟ କଳ୍ପନା ଓ ଅନୁମାନ କରୁଯେ, ଯଦି ବାସ୍ତବରେ ଯଦି ଈଶ୍ୱର,ଈଶ୍ୱର ଅଟନ୍ତି ଏବଂ ତାହାଙ୍କର ଇଚ୍ଛା ଅଛି ତେବେ; ଯେ କୌଣସି ବିଷୟ ଚୁଟ୍‌କି ବଜେଇବା କ୍ଷଣି ହୋଇଯିବ; କିନ୍ତୁ ତାହା ସତ୍ୟ ନୁହେଁ । ଏହା ଉପରୋକ୍ତ କ୍ଷେତ୍ରରେ ଆଜ୍ଞା ଦେଲେ, ଏବଂ ତାହା ପ୍ରାୟ ୩ ମିନିଟ୍ ନେଲା ଜବ୍ରି ଗାବ୍ରିଏଲ୍‌କୁ ସେହି ଦୂରତା ମାପିବା ପାଇଁ । ମୋ ପାଖରେ ଏ ସମସ୍ତ ବିଷୟରେ କାରମ ନାହିଁ, ଏବଂ ତାହା ଏତେ ଜରୁରୀ ମଧ ନାହିଁ । ଏଠାରେ ଯେଉଁ ବିଷୟ ମୁଁ ଗୁରୁତ୍ୱ ଦେବାକୁ ଚାହୁଁଛି ତାହା ହେଲା ଈଶ୍ୱର ଆଜ୍ଞାଦେଲେ, ଏବଂ ତାହା ପ୍ରକାସିତ ହେବାରେ ୩ ମିନିଟ୍ ସମୟ ନେଲା । ତେବେ ଯଦି ତାହା ଆମେ ଉତ୍ତର ପ୍ରାପ୍ତିର କରିବାର ଲମ୍ବା ସମୟ ଥିବେ, ଆମ୍ଭମାନଙ୍କ ମଧରୁ ଅନେକେ ବୋଧ ହୁଏ ଧରି ରହିଥାନ୍ତେ, କିନ୍ତୁ ଏହା ସର୍ବଦା ସତ୍ୟ ନୁହେଁ ।

ଦାନିୟେଲ ୧୦ ରେ ଆମ୍ଭେମାନେ ଦେଖୁଛି । ସେହି ସମନ ବ୍ୟକ୍ତି ପ୍ରାର୍ଥନା କରୁଛନ୍ତି, ଏବଂ ଏଥର ପ୍ରାର୍ଥନାର ଉତ୍ତର ପାଇବା ନିମନ୍ତେ ତିନି ସପ୍ତାହ ଲାଗିଛି । ଅନେକ ଲୋକ ଯେଉଁମାନେ ଏହାକୁ ପଢ଼ନ୍ତି ସେମାନେ ହୁଏତ କହିପାରନ୍ତି "କାହିଁକି ଗୋଟିଏ ପ୍ରାର୍ଥନାର ଉତ୍ତର ତିନି ମିନିଟ୍‌ରେ ଏବଂ ଆଉ ଗୋଟିଏ ପ୍ରାର୍ଥନାର ଉତ୍ତର ତିନି ସପ୍ତାହରେ ଦେଲେ ?" (ଦାନିୟେଲ ୧୦:୧୧-୧୬) କୁହେ, *"ପୁଣି ସେ ମୋତେ କହିଲେ, ହେ ଅତ୍ୟନ୍ତ ପ୍ରିୟପାତ୍ର ଦାନିୟେଲ, ଆମ୍ଭେ ତୁମ୍ଭକୁ ଯେଉଁ ଯେଉଁ ବାକ୍ୟକହୁ, ତାହା ବୁଝିଓ ସଳଖ ହୋଇ ଠିଆ ହୁଅ ; କାରଣ ଏବେ ଆମ୍ଭେ ତୁମ୍ଭ ନିକଟକୁ ପ୍ରେରିତ ହୋଇଅଛୁ । ସେ ମୋତେ ଏହି କଥା କହିବାରୁ ମୁ କମ୍ପି କମ୍ପି ଠିଆ ହେଲି । ଏଥିରେ ସେ ମୋତେ କହିଲେ, ହେ ଦାନିୟେଲ, ଭୟ କର ନାହିଁ; କାରଣ ତୁମ୍ଭେ ଯେଉଁ ପ୍ରତମ ଦିନରୁ ବୁଝିବା ପାଇଁ ଓ ତୁମ୍ଭ ପରମେଶ୍ୱରଙ୍କ ସାକ୍ଷାତରେ ଆପଣାକୁ ନମ୍ର କରିବା ପାଇଁ ଆପଣା ମନ ନିବେଶ କଲ, ସେହି ଦିନଠାରୁ ତୁମ୍ଭର ବାକ୍ୟ ଶୁଣାଗଲା, ଆଉ ତୁମ୍ଭର ବାକ୍ୟ ସକାଶୁ ଆମ୍ଭେ ଆସିଅଛୁ ।"* ଏଥିରୁ ଆମେ ଜାଣିପାରୁଛି, ଯେଉଁଦିନ ପ୍ରଥମ ଦିନରୁ ହିଁ ଦାନିୟେଲ ପ୍ରାର୍ଥନା କଲେ ସେହି ଦିନରୁ ହିଁ ଈଶ୍ୱର ଦୂତଙ୍କୁ ଆଜ୍ଞା ଦେଲେ । ଆଉ ତାହା ତିନି ସପ୍ତାହ ନେଲା ପ୍ରକାଶି ହେବାରେ, କିନ୍ତୁ ଈଶ୍ୱର ବିଶ୍ୱସ୍ତ ଅଟନ୍ତି । ଶାସ୍ତ୍ର କୁହେ, ସେ କାଲି, ଆଦି ଓ ଚିରକାଳ ସମାନ ଅଟନ୍ତି । (ଏବ୍ରି ୧୩:୮)

ଆପଣ ଯଦି ୯ଅଧାୟ ଓ ୧୦ ଅଧାୟକୁ ଏକାଥରକେ ରଖିବେ, ତେବେ ଦେଖି ପାରିବେ ଯେ ଈଶ୍ୱର ଉଭୟ ପ୍ରାର୍ଥନାର ଉତ୍ତର ଯଥାଶୀଘ୍ର ଦେଲେ । ଗୋଟିଏ ତିନି ମିନିଟ୍ ନେଲା ଏବଂ ଅନ୍ୟଟି ତିନି ସପ୍ତାହ, କିନ୍ତୁ ପରିବର୍ତ୍ତନଶୀଳ ନୁହନ୍ତି । ଏଠାରେ ଗୁରୁତ୍ୱ ପୂର୍ଣ୍ଣ ବିଷୟ ହେଲା : ଈଶ୍ୱର ଆମ ପ୍ରାର୍ଥନାର ଉତ୍ତର ଦିଅନ୍ତି । ସେ ମସସ୍ତ ବିଷୟ କରନ୍ତି, କିନ୍ତୁ ଏହିପରି ଅନେକ ବିଷୟ ଅଛି ଯାହା କି ପରିବର୍ତ୍ତନ ହୋଇଥାଏ, ସେ ପ୍ରାର୍ଥନାର ଉତ୍ତର ଦେବା ଏବଂ ତାହାକୁ ପ୍ରକାଶିତ ହେବାରେ ଦେଖିବାରେ । ଆପଣଙ୍କୁ ବିଶ୍ୱାସ କରିବାକୁ ଭେଦ; ଆମବିଶ୍ୱାସ ଆଧାତ୍ମିକ ସ୍ତରକୁ ପହଞ୍ଚ, ଶାରୀରୀକ କ୍ଷେତ୍ରରେ ତା'ର ଉତ୍ତର ଆସିବ । ତେଣୁ ବିଶ୍ୱାସ ଅତ୍ୟନ୍ତ ଆବଶକୀୟ ଉପାଦାନ ଅଟେ ।

ଆପଣ ଦେକିପାରିବେ ମଧ ଦାନିୟେଲ୍‌ର ୧୦ ପବିର ୧୩ ପଦରେ, *"ମାତ୍ର ପାରସ୍ୟ ରାଜ୍ୟର ଅଧିପତି ଏକୋଇସ ଦିନ ପର୍ଯ୍ୟନ୍ତ ଆମ୍ଭର ପ୍ରତିବାଧା କଲା, ମାତ୍ର ଦେଖ, ପ୍ରଧାନ ଅଧିପତିମାନଙ୍କର ମଧରୁ ମୀଖାୟେଲ ନାମରେ ଜଣେ ଆମ୍ଭର ସାହାଯ୍ୟ କରିବାକୁ ଆସିଲେ; ଆଉ ଆମ୍ଭେ ସେ ସ୍ଥାନରେ ପାରସ୍ୟର ରାଜଗଣର ସଙ୍ଗରେ ରହିଲୁ ।"* ଏହା ଜଣେ ଦେହଧାରୀ ମନୁଷ୍ୟ ବିଷୟରେ କୁହେ ନାହିଁ, ମାତ୍ର ଏକ ଦୃଷ୍ଟାତ୍ମା

– ବିଷୟକ ବାଧାକୁ ବୁଝାଏ । ଏହି ପ୍ରକ୍ରିୟାରେ ଶୟତାନ ହେଉଛି ଆଉ ଏକ ବ୍ୟକ୍ତି ଯିଏ ବାଧା ସୃଷ୍ଟି ବୁଝାଏ । ଅନେକ ସମୟରେ ଈଶ୍ୱର ଆମ ପ୍ରାର୍ଥନାର ଉତ୍ତର ଦିଅନ୍ତି, କିନ୍ତୁ ଶୟତାନ ତାହାକୁ ଅନ୍ୟ ଲୋକମାନଙ୍କୁ ମଧ ଦେଇ ବିଘ୍ନ ସୃଷ୍ଟି କରେ । ଯେପରିକି, ମାନି ନିଅନ୍ତୁ ଆପଣ ଆପଣଙ୍କ ଆର୍ଥିକ ମାମଲାର ବିଶ୍ୱାସ କରୁଛନ୍ତି ଈଶ୍ୱରଙ୍କୁ , ଈଶ୍ୱର ଆପଣଙ୍କୁ ବ୍ୟକ୍ତିଗତ ଭାବେ ଟଙ୍କା ଦେବେ ନାହିଁ । ସେ ଟଙ୍କା ପଇସା ତିଆରି କରିବେ ନାହିଁକି କାହାକୁ, ସ୍ୱର୍ଗରୁ ବିଷିତା କରିବେ ନାହିଁ, (ବା) ତାହାକୁ ଆପଣଙ୍କ ସାର୍ଟର ମୁଣା ଭିତରେ ରଖିବେ ନାହିଁ । (ଲୂକ ୬:୩୮) କୁହେ, *"ଦାନ କର, ତାହା ଦେଲେ ତୁମ୍ଭମାନଙ୍କୁ ଦାନ ଦିଆଯିବ, ଲୋକେ ମାତାକୁ ପୁରା କରି ତାହାକୁ ଚାପି ଦଲାଇ ଉଚ୍ଛୁଳାଇ ତୁମ୍ଭେମାନଙ୍କ ଅଣ୍ଟିରେ ଦେବେ; କାରଣ ଯେଉଁ ମାପ ରେ ମାପ କର, ସେହି ମାପରେ ତୁମ୍ଭମାନଙ୍କର ପୁଣି ମପେଇ ଦିଆଯିବ ।"* ଈଶ୍ୱର ଆପଣଙ୍କ ପ୍ରାର୍ଥନାର ଉତ୍ତର ଦେବେ ଏବଂ କାର୍ଯ୍ୟ କରିବେ, କିନ୍ତୁ ଏହା ଲୋକମାନଙ୍କ ମଧ ଦେଇ ଆସିବ । କିଛି ଲୋକ ପ୍ରକୃତିରୁ ହିଁ ଲୋଭୀ, ଏବଂ ଯଦି ସେମାନେ ଆପଣଙ୍କ ଉପରେ ରାଗନ୍ତି (ବା) ଆପଣ ଯଦି ସେମାନଙ୍କୁ ଅପମାନତି କରିବାକୁ କିଛି କହନ୍ତି, ତେବେ ସେହି ପରିସ୍ଥିତିରେ ଶୟତାନ ତାହାଙ୍କ ଦେଇ ଆସୁଥିବା ଆପଣଙ୍କ ପ୍ରାର୍ଥନାର ଉତ୍ତର ବାଧା ଜନ୍ମାଇପାଇ । ଯେତେବେଳେ ଆପଣ ପ୍ରାର୍ଥାନ କରନ୍ତି, ବିଶେଷ କରି ଟଙ୍କା-ପଇସା ପାଇଁ, ଆପଣ ଜାଣିବା ଦରକାର ଅନ୍ୟ ଲୋକମାନେ ମଧ ଆପଣଙ୍କ ସେହି ଆର୍ଥିକ ଆଶ୍ଚର୍ଯ୍ୟକର୍ମର ଏକ ଅଂଶୀ ହୋଇପାରନ୍ତି, ଏବଂ ସେଇଥିପାଇଁ ସେମାନଙ୍କ ନିମନ୍ତେ ଆପଣଙ୍କୁ ପ୍ରାର୍ଥନା କରିବାକୁ ହେବ ।

ଈଶ୍ୱର ବିଶ୍ୱସ୍ତ ଅଟନ୍ତି । ଯେଉଁ ପ୍ରାର୍ଥନା ବିଶ୍ୱାସର ଓ ତାହାଙ୍କ ବାକ୍ୟରେ ଆଧାରିତ ହୋଇ କରାଯାଇଛି, ତାହାର ଉତ୍ତର ଦେବାରେ ସେ କେବେ ଅସଫଳ ହୋଇ ନାହାନ୍ତି । ସେ ସର୍ବଦା ଦିଅନ୍ତି, କିନ୍ତୁ ହୁଏତ ହୋଇପାରେ ଆପଣ କେବେ ତାହା ପ୍ରକାଶ ହେବାର ଦେଖିପାରି ନାହାନ୍ତି, ଅନ୍ୟାନ୍ୟଙ୍କ ସମସ୍ତ ବିଷୟ ଉପରେ ନିର୍ଭର କରି । ମୁଁ ପ୍ରାର୍ଥନା କରେ କି ଏହି ଶିକ୍ଷା ଆପଣଙ୍କ ବିଶ୍ୱାସକୁ ଗଢ଼ିବାରେ ସାହାଯ୍ୟକରୁ ଏବଂ ଆପଣ ଜାଣିପାରନ୍ତୁ ଯେ, ଈଶ୍ୱର ସର୍ବଦା ଆମ୍ଭମାନଙ୍କ ପ୍ରାର୍ଥନାର ଉତ୍ତର ଦିଅନ୍ତି ।

## ଶିଷ୍ୟତ୍ୱ ସମ୍ବନ୍ଧୀୟ ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (ମାଥିଉ ୭:୭-୮)। ଆମ୍ଭେମାନେ ଯେତେବେଳେ ଈଶ୍ୱରଙ୍କୁ ମାଗୁ ଆମେ କ'ଣ ଆଶା କରୁ ?

**ମାଥିଉ ୭:୭-୮ -** *ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ, ଖୋଜ ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ । (୮) କାରଣ ଯେକେହି ମାଗେ, ସେ ପାଏ, ଯେ ଖୋଜେ, ସେ ସନ୍ଧାନ ପାଏ, ଆଉ ଯେ ଦ୍ୱାରରେ ମାରେ ତାହା ନିମନ୍ତେ ଫିଟାଇ ଦିଆଯାଏ ।*

୨. ଆପଣ ପଢ଼ନ୍ତୁ(ମାଥିଉ ୭:୭-୮) । ଯଦି ଆମେ ଈଶ୍ୱରଙ୍କ ଅନ୍ୱେଷଣ କରୁ, ଆମେ କ'ଣ ଆଶା କରୁ ?

୩. ଆପଣ ପଢ଼ନ୍ତୁ (ମାଥିଉ ୭:୭-୮) । ଯଦି ଆମେ ଦ୍ୱାରରେ ଆଘାତ କରୁ, ଆମେ କ'ଣ ଆଶା କରି ପାରିବା ?

୪. ଆପଣ ପଢ଼ନ୍ତୁ (ଯୋହାନ ୧୦:୩୫) । ଯାହା ଈଶ୍ୱରତ ପ୍ରତିଜ୍ଞା କରିଛନ୍ତି ଆପଣାବାକ୍ୟରେ, କ'ଣ ତାହାଠାରୁ କମ୍ ଦେବେକି ?

**ଯୋହାନ ୧୦:୩୫ -** *ଯେଉଁମାନଙ୍କ ନିକଟରେ ବାକ୍ୟ ଉପସ୍ଥିତ ହେଲା, ସେମାନଙ୍କୁ ଯଦି ସେ ଈଶ୍ୱର ଗଣ ବୋଲି କହିଲେ । ଆଉ ଧର୍ମଶାସ୍ତ୍ର ଖଣ୍ଡନ କରାଯାଇ ପାରେ ନାହିଁ ।)*

୫. ଆପଣ ପଢ଼ନ୍ତୁ (ଯାକୁବ ୪:୧-୩) । ଈଶ୍ୱରଙ୍କ ଠାରୁ ପାଇବାରେ ଏହି ଲୋକ ବାଧାପ୍ରାପ୍ତ କାହିଁକି ହେଲେ ?

**ଯାକୁବ ୪:୧-୩ -** *ତୁମ୍ଭମାନଙ୍କ ମଧ୍ୟରେ ଯୁଦ୍ଧ ଓ ବିବାଦ କେଉଁଠାରୁ ହୁଏ ? କ'ଣ ତୁମ୍ଭମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଯୁଦ୍ଧ କରୁଥିବା ସୁଖାଭିଳାଷରୁ ନୁହେଁ ? ତୁମ୍ଭେମାନେ କାମନା କିରଥାଅ, କିନ୍ତୁ ପାଇ ନଥାଅ ; ତୁମ୍ଭେମାନେ ବଧ ଓ ଈର୍ଷା କରିଥାଅ, କିନ୍ତୁ ପ୍ରାପ୍ତ ହେବାକୁ ଅକ୍ଷମ ହୋଇଥାଅ; ତୁମ୍ଭେମାନେ ବିବାଦ ଓ ଯୁଦ୍ଧ କରିଥାଅ, ତୁମ୍ଭେମାନେ ପାଇନଥାଅ, କାରଣ ତୁମ୍ଭେମାଗିନଥାଅ; (୩) ତୁମ୍ଭେମାନେ ମାଗିଥାଅ, କିନ୍ତୁ ପାଇ ନ ଥାଅ, କାରଣ ଆପଣା ଅପାଣା ସୁଖାଭିଳାଷରେ ବ୍ୟୟ କରିବା ନିମନ୍ତେ ମନ୍ଦ ଅଭିପ୍ରାୟରେ ମାଗିଥାଅ ।*

୬. ଆପଣ ପଢ଼ନ୍ତୁ (୧ମ ପିତର ୩:୭) । ଯଦି ଆପଣ ଆପଣଙ୍କ ସ୍ୱାମୀ / ସ୍ତ୍ରୀକୁ ଦୁଃବ୍ୟବହାର କରୁଛନ୍ତି, ତେବେ ଆପଣଙ୍କ ପ୍ରାର୍ଥନା ଜୀବନରେ କ'ଣ ହେବ ?

**୧ମ ପିତର ୩:୭ -** *ସେହି ପ୍ରକାରେ ହେ ସ୍ୱାମୀ ମାନେ, ତୁମ୍ଭେମାନଙ୍କ ପ୍ରାର୍ଥନାରେ ଯେପରି ବାଧା ନ ଜନ୍ମେ, ଏଥିନିମନ୍ତେ ସ୍ତ୍ରୀ ମାନଙ୍କୁ ଅପେକ୍ଷାକୃତ ଦୁର୍ବଳା ପାତ୍ରୀ ଓ ଆପଣାମାନଙ୍କ ସହିତ ଜୀବନରୂପ ଅନୁଗ୍ରହର ଦାନର ସହାଧିକାରିଣୀ ଜାଣି ସେମାନଙ୍କୁ ସମାଜର କର, ପୁଣି ଜ୍ଞାନରେ ସେମାନଙ୍କ ସହ ବାସ କର ।*

୭. ଆପଣ ପଢ଼ନ୍ତୁ (୧ମ ଯୋହାନ ୫:୧୪-୧୫) । ଆମ ପ୍ରାର୍ଥନାର ଉତ୍ତର ପାଇବାର ଚାବିକାଠି କ'ଣ ?

**୧ମ ଯୋହାନ ୫:୧୪-୧୫ -** *ପୁଣି ଆମ୍ଭେମାନେ ଯେବେ ତାହାଙ୍କ ଇଚ୍ଛାନୁସାରେ କୌଣସି ପାର୍ଥନା କରୁ ତେବେ ସେ ଆମ୍ଭମାନଙ୍କର ସେହି ପ୍ରାର୍ଥନା ଶୁଣନ୍ତି, ତାହାଙ୍କ ଛାମୁରେ ଆମ୍ଭମାନଙ୍କର ଏହି ସାହାସ ଅଛି । (୧୫) ଆଉ ଆମ୍ଭେମାନେ ତାହାଙ୍କ ନିକଟରେ ଯାହା କିଛି ପ୍ରାର୍ଥନା କରୁ, ତାହା ସେ ଶୁଣନ୍ତି ବୋଲି ଯଦି ଆମ୍ଭେମାନେ ଜାଣୁ, ତେବେ ତାହାଙ୍କ ଛାମୁରେ ଯାହା ପାର୍ଥନା କରିଅଛୁ , ସେହି ସବୁ ଯେ ପାଇଅଛୁ, ଏହା ମଧ୍ୟ ଜାଣୁ ।*

୮. ଆପଣ ପଢ଼ନ୍ତୁ (ମାର୍କ ୧୧:୨୪) । ଆପଣ ଯେତେବେଳେ ପ୍ରାର୍ଥନା କରନ୍ତି ଆପଣ କ'ଣ କରିବା ଆବଶ୍ୟକ ?

**ମାର୍କ ୧୧:୨୪ -** *ଅତଏବ, ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭେମାନେ ଯାହା ଯାହା ପ୍ରାର୍ଥନା କର ଓ ମାଗ, ସେ ସବୁ ପାଇଅଛି ବୋଲି ବିଶ୍ୱାସ କର, ସେଥିରେ ସେହି ସବୁ ପାଇବ ।*

# ଉତ୍ତର

୧. ଆପଣ ପଢ଼ନ୍ତୁ (ମାଥିଉ ୭:୭-୮) । ଆମେ ଈଶ୍ୱରଙ୍କୁ ଯଦି କୌଣସି ବିଷୟ ମାଗୁ, ତେବେ କ'ଣ ଆଶା କରିବା ?

*ତାହା ଆମକୁ ଦିଆଯିବ ବୋଲି ।*

୨. ଆପଣ ପଢ଼ନ୍ତୁ (ମାଥିଉ ୭:୭-୮) । ଆମେ ଈଶ୍ୱରଙ୍କ ଅନ୍ୱେଷମ କରୁ, ଆମେ କ'ଣ ଆଶା କରିବା ?

*ଆମେ ତାହାଙ୍କୁ ପାଇବା ।*

୩. ଆପଣ ପଢ଼ନ୍ତୁ (ମାଥିଉ ୭:୭-୮) । ଆମେ ଯଦି ଦ୍ୱାରରେ ଆଘାତ କରୁ, ତେବେ କ'ଣ ଆଶା କରିବା ?

*ତାହା ଆମ ପାଇଁ ଖୋଲା ଯିବ ।*

୪. ଆପଣ ପଢ଼ନ୍ତୁ (ଯୋହାନ ୧୦:୩୫) । କ'ଣ ଈଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି, ମାଗିଲେ ତା'ଠାରୁ କମ୍ ଦେବ ?

*ନାହିଁ ।*

୫. ଆପଣ ପଢ଼ନ୍ତୁ (ଯାକୁବ ୪:୧-୩) । ଏହି ଲୋକ ମାନେ କାହିଁକି ତାହାଙ୍କୁ ପ୍ରାପ୍ତ କରିବାରେ ବାଧା ପାଇଲେ ?

*କାରଣ ସେମାନଙ୍କର ଚିନ୍ତାଧାରା ଏବଂ ହୃଦୟ ଭୁଲ୍ ଥିଲା । ସେମାନେ କେବେଳ ତାହାଙ୍କ ନିଜ କଥା ଓ କେବଳ ନିଜକଥା ଭାବୁଥିଲେ । ସ୍ୱାର୍ଥପରତା ସେମାନଙ୍କ ମଧ୍ୟରେ ଥିଲା ।*

୬. ଆପଣ ପଢ଼ନ୍ତୁ (୧ମ ପିତର ୩:୭) । ଆପଣ ଯଦି ଆପଣଙ୍କ ସ୍ୱାମୀ / ସ୍ତ୍ରୀକୁ ଦୁଃବ୍ୟବହାର କରନ୍ତି, ଆପଣଙ୍କ ପ୍ରାର୍ଥନା ମଧ୍ୟ ଜୀବନରେ କ'ଣ ହେବ ?

*ଆପଣଙ୍କ ପାର୍ଥନାରେ ବିଘ୍ନ ଆସିବ*

୭. ଆପଣ ପଢ଼ନ୍ତୁ (୧ମ ଯୋହନ ୫ଛ୧୪-୧୫) । ଆପଣ ପ୍ରାର୍ଥନାର ଉତ୍ତର ପାଇବାର ବିକାଠି କ'ଣ ?

*ଈଶ୍ୱରଙ୍କ ଇଚ୍ଛାନୁସାରେ ହୋଉ ବୋଲି ମାଗିବା ।*

୮. ଆପଣ ପଢ଼ନ୍ତୁ (ମାର୍କ ୧୧:୨୪) । ଆପଣ ଯେତେବେଳେ ପ୍ରାର୍ଥନା କରନ୍ତି , ଆପଣ କ'ଣ କରିବା ଆବଶ୍ୟକ ।

*ବିଶ୍ୱାସ କରନ୍ତୁ, ତାହା ଆପଣ ପାଇବେ, ଏବଂ ପାଇବେ ।*

# CONTACT DETAILS

## INDIA

www.awmindia.net info@awmindia.net

## Locations:

### Hyderabad

42-343/1/188, Near Flora Hotel, Maruthi Nagar
A S Rao Nagar, Hyderabad 500 040, INDIA.
Ph: (040) 4028 0718

### Chennai

72-D, Nandhini Mahal, I Floor, Velachery Main Road
Velachery, Chennai 600 042, INDIA.
Ph: (044) 4202 1820

### Mumbai

Bethel, Plot No 305/E, Mith Chowky, Near Girdhar Park
Malad (W), Mumbai 400 064, INDIA.
Ph: +91 8976549515

### Delhi

Phone: +91 9560591787

### USA

Andrew Wommack Ministries Inc.
PO Box 3333, Colorado Springs CO 80934-3333
www.awmi.net

### UK

Andrew Wommack Ministries - Europe
PO Box 4392, Walsall, WS1 9AR, ENGLAND
www.awme.net

# ଶିଷ୍ୟତା ସୁସମାଚାର ପ୍ରଚାରର ପୂର୍ଣ୍ଣ ପାଠ୍ୟକ୍ରମ

**(DISCIPLESHIP EVANGELISM)**

## Level 3 - 16 Lessons

## ଦ୍ୱିତୀୟ ସ୍ତର - ୩

*ଲେଖକ - ଆଣ୍ଡ୍ରିଉ ୱମାକ୍*

***Andrew Wommack***

***and***

*ଡନ୍ କ୍ରୋ*

***Don Krow***

The Complete Discipleship Evangelism
48-Lesson Course © 2012
Level 3 (16 Lessons)

Copyright © 2012, Andrew Wommack
Permission is granted to duplicate or reproduce for discipleship purposes on the condition that it is distributed free of charge.

Andrew Wommack Ministries Inc.
P.O. Box 3333, Colorado Springs, CO 80934-3333
www.awmi.net

ISBN:
© 2020 Andrew Wommack Ministries India
info@awmindia.net    www.awmindia.net

Item Code: OD 417-3/3

Published and sold in India by Charis Initiatives Pvt. Ltd.

# ଶିଷ୍ୟତା ସୁମାଗ୍ଭର ପ୍ରଗ୍ଭରର ପୂର୍ଣ୍ଣ ପାଠ୍ୟକ୍ରମ

***ପ୍ରଥମ ୩***

ପାଠ୍ୟକ୍ରମ


| | | | |
|---|---|---|---|
| ୧. | ପବିତ୍ର ପ୍ରବାହ | ୫ | 5 |
| ୨. | ପ୍ରଭୁଙ୍କ ସେବାକାର୍ଯ୍ୟ ନିମନ୍ତେ ପ୍ରଭୁଙ୍କ ଠାରୁ ପାଇଥିବା ଦାନର ଉପଯୋଗ | ୧୨ | 12 |
| ୩. | ଆଶ୍ଚର୍ଯ୍ୟ କର୍ମରେ ଇଶ୍ୱରଙ୍କ ମହିମା | ୨୩ | 23 |
| ୪. | ଈଶ୍ୱରୀୟ ସଂପର୍କର ସାମର୍ଥତା | ୩୩ | 33 |
| ୫. | ତାଡ଼ନ/ ଯାତନା | ୩୯ | 39 |
| ୬. | ରାଜା ଓ ତାହାଙ୍କ  ରାଜ୍ୟ | ୪୭ | 47 |
| ୭. | ରକ୍ଷା କରୁଥିବା ବିଶ୍ୱାସର ଉଦ୍ଦେଶ୍ୟ | ୫୮ | 58 |
| ୮. | ପରମେଶ୍ୱରଙ୍କ ବ୍ୟବସ୍ଥାର ପ୍ରକୃତ ଉଦଯୋଗ/ବ୍ୟବହାର | ୬୫ | 65 |
| ୯. | ବ୍ୟବସ୍ଥାର ଅଧୀନରେ ନୁହେଁ, କିନ୍ତୁ ଅନୁଗ୍ରହର ଅଧୀନରେ | ୭୪ | 74 |
| ୧୦. | ପାପାଧିନ ଚେତନାରୁ ମୁକ୍ତ | ୮୩ | 83 |
| ୧୧. | ମୋତେ ପ୍ରେମ କରାଯାଇଅଛି, ମୁଁ ସୁନ୍ଦର | ୯୩ | 93 |
| ୧୨. | ଉଦ୍ଧାରର ଫଳ – ଭାଗ ୧ | ୧୦୧ | 101 |
| ୧୩. | ଉଦ୍ଧାରର ଫଳ - ଭାଗ ୨ | ୧୧୦ | 110 |
| ୧୪. | ଶିଷ୍ୟତା ନିମନ୍ତେ ଆହ୍ୱାନ | ୧୧୮ | 118 |
| ୧୫. | ଆପଣାର ସାକ୍ଷ୍ୟକୁ କିପରି ବ୍ୟବହାର କରିବେ | ୧୨୬ | 126 |
| ୧୬. | ପ୍ରତ୍ୟେକ ବ୍ୟକ୍ତି ଦାନକୁ  ଶିଷ୍ୟତାରେ ଉପଯୋଗ କରିବା | ୧୩୬ | 136 |

## ପାଠ୍ୟକ୍ରମ ୧

# ପବିତ୍ର ପ୍ରବାହ

### *ଲେଖକ - ଆନ୍ଦ୍ରିଉ ୱ୍ମାକ*

ଆପଣ ଈଶ୍ୱରଙ୍କୁ ଆପଣଙ୍କ ଦେଇ ପ୍ରବାହିତ ହେବାକୁ ଦିଅନ୍ତୁ, ଯାହା ଦ୍ୱାରା ଆପଣଙ୍କ ଦେଇ ଈଶ୍ୱର ଅନେକଙ୍କୁ ସ୍ଫୁର୍ତୀ କରିବେ ଓ ସେବାକାର୍ଯ୍ୟ ହେବ । ଆପଣଙ୍କ ମଧ୍ୟରେ ଈଶ୍ୱରଙ୍କର ଶକ୍ତି ଓ ଅଭିଷେକ ରହିଛି । କିନ୍ତୁ ତାହାକୁ ଆପଣ ଅନ୍ୟ ଲୋକଙ୍କ ସମୀପ କିପରି ଆଣି ପାରିବେ ? ଏହିପରି ଅନେକ ଶାସ୍ତ୍ରାଂଶ ଅଛି, ଯେଉଁଥିଲେ ଆମେ ଆରମ୍ଭ କରି ପାରିବା । (ଫିଲୀମୋନ ୧:୬) ପାଉଲ ପ୍ରାର୍ଥନା କରନ୍ତି, *"ଯେପରି ତୁମ୍ଭେ ବିଶ୍ୱାସର ସହଭାଗିତା ଆମ୍ଭମାନଙ୍କୁ ଦେଇ ସମସ୍ତ ଉତ୍ତମ ବିଷୟ ସମ୍ବନ୍ଧୀୟ ଜ୍ଞାନ ଦ୍ୱାରା ଖ୍ରୀଷ୍ଟଙ୍କ ପକ୍ଷରେ କାର୍ଯ୍ୟ ସାଧକ ହୁଏ । "* ସବୁଠାରୁ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରଭୁଙ୍କର ଶକ୍ତି ଆପଣଙ୍କ ଦେଇ ପ୍ରବାହିତ ହେବା ପାଇଁ ହେଲା । ଆପଣଙ୍କୁ ପ୍ରଥମେ ଆପଣଙ୍କ ମଧ୍ୟରେ ଥିବା ଉତ୍ତମ ବିଷୟକୁ ଗ୍ରହଣ ଓ ସ୍ୱୀକାର କରିବାକୁ ପଡ଼ିବ । ଆପଣଙ୍କ ପାଖରେ ଯାହା ନାହିଁ, ଆପଣ ତାହା କିପରି ଦେବେ (ବା) ଦେଇପାରିବେ ? କିନ୍ତୁ ଥରେ ଯେତେବେଳେ ଆପଣ ଜାମିବେ ଯେ, ଆପଣଙ୍କ ଭିତରେ କ'ଣ ଅଛି ବୋଲି, ସମସ୍ତ ବିଷୟ ଆପେ ଆପେ ହେବା ଆରମ୍ଭ ହେବ । ଆପଣ ଅନ୍ୟମାନହ୍କ ସହ ଆପଣଙ୍କ ଉତ୍ସୁକତା କହିବା ଆରମ୍ଭ କରିବେ, ଆପଣଙ୍କ ଜୀବନରେ ଈଶ୍ୱର କ'ଣ କରିଛନ୍ତି ତାହାର ସାକ୍ଷ ଦେବେ, ଏବଂ ଆପେ ଆପେ ଆପ ଣଙ୍କ ଅଜଣାତରେ ଅନେକ ଲୋକ ଆପଣଙ୍କ ଦ୍ୱାରା ସାହାର୍ଯ୍ୟ ପ୍ରାପ୍ତ ହେବେ ।

(୧ମ ଯୋହାନ ୪:୭୮) କୁହେ, *"ହେ ପ୍ରିୟମାନେ ଆସ, ଆମ୍ଭେମାନେ ତାର ସ୍ୱରକୁ ପ୍ରେମ କରୁ, କାରଣ ପ୍ରେମ ଈଶ୍ୱରଙ୍କ ଠାରୁ ଜାତ, ଆଉ ଯେକେହି ପ୍ରେମ କରେ, ସେ ଈଶ୍ୱରଙ୍କଠାରୁ ଜାତ ଓ ଈଶ୍ୱରଙ୍କୁ ଜାଣେ । ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ । "* ଆପଣ କେତେବେଳେ ଅନୁଭବ କରିଛନ୍ତି କି ଯେ ଆପଣଙ୍କ ପ୍ରେମ ଆଉ ଗୋଟିଏ ବ୍ୟକ୍ତି ପାଇଁ ଗଭୀର ଭାବରେ ଆସୁଛି, ତେବେ ତାହା ପ୍ରକୃତରେ ଈଶ୍ୱରଙ୍କ ପ୍ରେମ ଆପଣଙ୍କ ଦେଇ ତାହାଙ୍କ ପାଇଁ ପ୍ରବାହିତ ହେଉଛି । "ପ୍ରେମ" ର ରୋଟି (୪) ମୁଖ୍ୟ ଶବ୍ଦ ଅଛି ଗ୍ରୀକ୍ ଭାଷାରେ, ସର୍ବୋତ୍ତମ ହେଲା, ଆଗାପେ ପ୍ରେମ ଆଉ ତାହା ହେଉଛି ଈଶ୍ୱରଙ୍କ ଆଲୋକିକ ପ୍ରେମ । ଆପଣଙ୍କୁ ଜଣଙ୍କ ପାଇଁ ଥିବା ପ୍ରେମକୁ ଚିହ୍ନିବାକୁ ପଡ଼ିବ ଯେ, ତାହା ଆକର୍ଷଣ (ନା) କାମନା, ଯେତେବେଳେ ଆପମ ଦେଖିବେ ଯେ ଈଶ୍ୱରଙ୍କ ପ୍ରେମ ଆପଣଙ୍କ ଦେଇ ଅନ୍ୟପାଇଁ ପ୍ରବାହିତ ହେଉଛି, ତେବେ ତାହା ନିଜର ନୁହେଁ । ଆପଣ ଏହାକୁ (୧ମ କରନ୍ଥୀୟ ୧୩:୪-୮) ଦେଖି ଯାଞ୍ଚ କରିପାରିବେ, ଯେଉଁ ଶାସ୍ତ୍ରାଂଶ କି ଈଶ୍ୱରଙ୍କ ପ୍ରେମ କିପରି ତାହାର ଯୋଗ୍ୟତା କୁହେ । ଏହା ଇର୍ଷାକରେ

ନାହିଁ, ସ୍ୱାର୍ଥୀ ନୁହେଁ, ଆତ୍ମ ବଡ଼ିମା କରେ ନାହିଁ, ବିରକ୍ତ ହୁଏ ନାହିଁ, ଇତ୍ୟାଦି । ଆପଣଙ୍କୁ ବିଶ୍ଳେଷଣ କରିବାକୁ ହେବ ଯେ ଆପଣ କାହାକୁ ପ୍ରେମ କହୁଛନ୍ତି ଏବଂ ଆପଣଙ୍କ ସେହି ପ୍ରେମ ଈଶ୍ୱରଙ୍କ ସାଦୃଶ୍ୟ ପ୍ରେମ ହେବା ଉଚିତ୍ ସ୍ୱାର୍ଥୀ (କି) ଆତ୍ମ ବଡ଼ିବା ନୁହେଁ ଆପଣଙ୍କ ପାଇଁ ଜଣେ ଲୋକ କ'ଣ କରିପାରେ ବୋଲି ଦେଖି ଆପଣ ପ୍ରେମ କରିବା ଉଚିତ୍ ନୁହେଁ । ଆପଣ ଯେତେବେଳେ ଏହି ଚିନ୍ତାଧାରାରେ ଦିନକୁ ଦିନ ବଢିବେ ଏବଂ ଆକ୍ଷରିକ ଭାବେ ଈଶ୍ୱରଙ୍କ ପ୍ରେମକୁ ଅନୁଭବ କରିବେ । ଦେଖିବେ, ତେବେ ତାହା ଆଉ କିଛି ନୁହେଁ, ମାତ୍ର ଈଶ୍ୱରଙ୍କ ପ୍ରେମ ଓ ଈଶ୍ୱର କାର୍ଯ୍ୟ କରୁଛନ୍ତି । ଆପଣ ଯେତେବେଳେ ଦେଖୁଛନ୍ତି ଯେ ଆପଣଙ୍କ ମଧ୍ୟ ଦେଇ ଈଶ୍ୱରଙ୍କ ପ୍ରେମ ପ୍ରବାହିତ ହେଉଛି ତେବେ, ଆପଣଙ୍କୁ କେବଳ ଏତିକି କରିବାକୁ ହେବ ଯେ , ତାହାକୁ ବାକ୍ୟର ପ୍ରୋତ୍ସାହନ (ବା) କିଛି କାର୍ଯ୍ୟକରିବାକୁ ହେବ ।

ଏହିପରି ଅନେକ ସମୟରେ ମୁଁ ପ୍ରାର୍ଥନା କରୁଥିଲି ଯେ, କେହି ଜଣେ ବ୍ୟକ୍ତି ମୋ ମନକୁ ଆସେ ଓ ମୋର ତାହାପାଇଁ ଈଶ୍ୱରଙ୍କ ପ୍ରେମ ଓ କୃପା ଉତ୍ପନ୍ନ ହୁଏ ଏହା ହେବାରେ କୌଣସି କାରଣ ନଥିଲା, ଏହା ଆଲୌକିକ ଥିଲା । ଏବଂ ମୁଁ ଏହା ଶିଖିଛି ଯେ ସେ ବ୍ୟକ୍ତିକୁ ଫୋନ୍ (ବା)ଚିଠି ମାଧ୍ୟମରେ ଡ଼ାକିବି (ବା) ଲେଖିବି, (ବା) ଅନ୍ୟକୌଣସି ମାଧ୍ୟମରେ ତାହାକୁ ସଂପର୍କ କରିବି । ଆଉ ପ୍ରାୟ ଅନେକେ କହିଛନ୍ତି, "ଆରେ ଓ୍ୱାଃ ଈଶ୍ୱରଙ୍କ ଆପଣଙ୍କ ଦେଇ କହୁଛନ୍ତି, ସେ ଏହା ଦ୍ୱାରା ମୋତେ ସ୍ପର୍ଶ କଲେ । " ଆପଣ ଜାଣନ୍ତି କି ଏହା କିପରି ହେଲା ? ଏହା ହେଲା, କାରଣ ମୁଁ ସେହି ପ୍ରେମକୁ ଅନୁଭବ କଲି, ସେହି ଈଶ୍ୱରଙ୍କ ପ୍ରେମ ଯାହା ମୋ ଦେଇ ସେହି ବ୍ୟକ୍ତି ପ୍ରତି ପ୍ରବାହିତ ହେଉଥିଲା । ଯେତେବେଳେ ଏହା ମୁଁ ଅନୁଭବ କରେ , ସେତେବେଳେ ମୁଁ ଅନୁଭବ କରିପାରେ ଯେ ଏହା ମୁଁ ନୁହେଁ, ମାତ୍ର ପରମେଶ୍ୱର ଅଟନ୍ତି । ଈଶ୍ୱର ପ୍ରେମ ଅଟନ୍ତି, ଓ ଯେତେବେଳେ ମୁଁ ଅନ୍ୟମାନଙ୍କୁ ପ୍ରେମ କରେ ସେତେବେଳେ ଈଶ୍ୱର ମୋ ଦେଇ ଅନ୍ୟମାନଙ୍କୁ ପ୍ରେମ କରୁଛନ୍ତି । ପ୍ରବୁ ଯୀଶୁ ଏହି ପ୍ରକାରେ ସେବାକାର୍ଯ୍ୟ କଲେ । (ମାଥିଉ ୧୪:୧୪ କୁହେ); *"ଆଉ ସେ ନୌକାରୁ ବାହାରି ବହୁସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରିତ ଦୟାରେ ବିଚାଳିତ ହେଲେ ଓ ସେମାନଙ୍କର ରୋଗ ମାନଙ୍କୁ ଆରୋଗ୍ୟ କଲେ । "* ପରମେଶ୍ୱରଙ୍କ ସାମର୍ଥ୍ୟତା ସେତେବେଳେ ପ୍ରବାହିତ ହେଲା, ଯେତେବେଳେ ପ୍ରଭୁ ଯୀଶୁ ଓ ସେହି ଲୋକମାନଙ୍କ ପ୍ରତି ଥିବା ପ୍ରେମ ଓ ଦୟାକୁ ଅନୁଭବ କଲେ ; ଯାହାକୁ ନେଇ ସେ ସେବାକାର୍ଯ୍ୟ କରୁଥିଲେ । (ମାଥିଉ ୮:୨-୩) ରେ ଜଣେ କୃଷ୍ଠୀ ବ୍ୟକ୍ତି ଥିଲା ଯିଏ କି ଅଶୁଦ୍ଧ ଥିଲା, (ବା) ଯାହାକୁ କି ଯିହୁଦି ନିୟମାନୁସାରେ ସ୍ପର୍ଶ କରାଯାଉନଥିଲା ।, (କେହି ମଧ୍ୟ ତାହା ସହ ସଂପର୍କ ରଖୁନଥିଲେ, ନହେଲେ ସେମାନେ ମଧ୍ୟ ଅଶୁଦ୍ଧ ହୋଇଯିବେ) ସେ ଆପଣାର ସ୍ୱର ଉଚ୍ଚ କରି ଦୂରରୁ ପ୍ରଭୁ ଯୀଶୁଙ୍କୁ ଡ଼ାକିଲା, *"ହେ ପ୍ରଭୁ, ଯଦି ଆପଣ ହାନ୍ତି ତେବେ ମୋତେ ଶୁଚି କରିପାରନ୍ତି । ସେଥିରେ ସେ ହାତ ବଢ଼ାଇ ତାହାଙ୍କୁ ଛୁଇଁ କହିଲେ, ମୁଁ ଇଚ୍ଛା କରୁ ଅଛି, ଶୁଚି ହୁଅ । ସେହିକ୍ଷଣି ସେ ଆପଣା କୁଷ୍ଠରୋଗରୁ ଶୁଚି ହେଲା । "*ପ୍ରଭୁ ଯୀଶୁ ଦୟାରେ ସେହି କୃଷ୍ଠୀ ବ୍ୟକ୍ତି ଆଡ଼କୁ ଗଲେ ଏବଂ ତାହାକୁ ଛୁଇଁଲେ । ଆପଣଯଦି ଶାସ୍ତାଂଶ ପଢ଼ନ୍ତି, ତେବେ ଆପଣ ଈଶ୍ୱରଙ୍କ ଏହି ଦୟା ଓ କୃପା ପାଇବେ, ଅନେକ ସ୍ଥାନରେ । ଏହା କେବଳ ଏକ ଭାବନା ମାତ୍ର ନୁହେଁ, କିନ୍ତୁ ଏହା ଦୟା ଅଟେ, ଯାହା ଆମ ମଧ୍ୟ ଦେଇ ପ୍ରବାହିତ ହୁଏ ।

ଯେତେବେଳେ ଯୀଶୁଙ୍କୁ କୃଶରେ ଝୁଲାଇ ଦିଆଯାଇଥିଲା, ସେତେବେଳେ ସେ ନିଜ ଚାରିପାଖେ ଠିଆ ହୋଇଥିବା ଲୋକଙ୍କୁ ଦେଖିଲେ ଓ କହିଲେ, *"ହେ ପିତାଃ ଏମାନଙ୍କୁ କ୍ଷମା କର ଏମାନେ କ'ଣ କରୁଛନ୍ତି ତାହା ସେମାନେ ଜାଣନ୍ତି ନାହିଁ । "*(ଲୂକ ୨୩:୨୪) ଆଉ ଏହି ଲୋକମାନେ ସେମାନେ ଥିଲେ, ଯେଉଁ

ମାନେ କି ତାହାଙ୍କୁ କ୍ରୁଶରେ ଝୁଲାଉଥିଲେ ତା' ପରିବର୍ତ୍ତେ ପ୍ରଭୁ ଯୀଶୁଙ୍କର ସେମାନଙ୍କ ପ୍ରତି ଦୟା ଥିଲା ଏବଂ ସେ ପରମେଶ୍ୱରଙ୍କୁ ସେମାନଙ୍କୁ କ୍ଷମା ଦେବା ପାଇଁ ପ୍ରାର୍ଥନା କଲେ । ଆମେ ଜାଣୁଯେ, ଏହା କେବଳ ଏକ ସମ୍ବେଗ (ବା) ଅନୁଭବ (ବା) ଭାବନା ନ ଥିଲା ମାତ୍ର – ତାହା ଏକ ଇଚ୍ଛା ଥିଲା ।" ତଥାପି ସେ ଏହାକୁ ଅନୁଭବ କଲେ ଓ ସେମାନଙ୍କୁ ଦେଲେ । ଆପଣଙ୍କ ମଧ୍ୟରୁ ଯିଏ କେହି ମଧ୍ୟ ନୂତନ ସ୍ୱଭାବରେ ଜନ୍ମିତ, ତାହା ମଧ୍ୟରେ ଈଶ୍ୱର ଜୀବିତ ଅଟନ୍ତି । ଶାସ୍ତ୍ରାଂଶ ଅନୁସାରେ (୧ମ ଯୋହାନ ୪:୮), ଯେ ପ୍ରେମ କରେ ନାହିଁ ସେ ଈଶ୍ୱରଙ୍କୁ ଜାଣେ ନାହିଁ କାରଣ ଈଶ୍ୱର ତ ପ୍ରେମ । ଏବଂ ସେ ଆପଣଙ୍କ ଦେଇ ପ୍ରବାହିତ ହେବାକୁ ଚାହାଁନ୍ତି । ଆଉ ତାହା କରିବା ପାଇଁ ସେ ଆପଣଙ୍କୁ ମଧ୍ୟରେ ସେହି ଦୟାକୁ ପ୍ରବାହିତ କରିବେ । ଯେତେବେଳେ ଆପଣ ଏହାକୁ ଆପଣଙ୍କ ମଧ୍ୟରେ ଅନୁଭବ କରିବେ, ଅନ୍ୟ ଲୋକଙ୍କ ପାଇଁ, ଯେତେବେଳେ ଆପଣ ଏହା କରିବେ, ତେବେ ଆପଣଙ୍କୁ ତା'ର ପ୍ରତିକ୍ରିୟା ଦେବା ଆବଶ୍ୟକ ।

ଆପଣଙ୍କୁ ସବୁବେଳେ କିଛି ବିଶେଷ କରିବାର ଆବଶ୍ୟକତା ନାହିଁ । କିନ୍ତୁ ଏହିପରି ନୁହେଁ ଯେ, ଯେ, "ଏପରି ପ୍ରଭୁ କୁହନ୍ତି । " ଯେତେବେଳେ (ବା) ଯେଉଁ ସମୟରେ ଆପଣ ଅନ୍ୟ କାରଣ "ଈଶ୍ୱର ଆପଣଙ୍କୁ ଭଲ ପାଆନ୍ତି ଓ ମୁଁ ମଧ୍ୟ ସେହିପରି ଆପଣଙ୍କୁ ଭଲ ପାଏ ।" ମୁଁ ଜାଣେ ଏହା ମୁଁ ପାଇବା ପାଇଁ ହିଁ ଯାଉଥିଲି, ଏମିତି ଏକ ପରିସ୍ଥିତିରେ, ଆଉ ମୋତେ ଏକ ମଣ୍ଡଳୀରୁ ବାହାରିବାକୁ ପଡ଼ିଲା । ଲୋକମାନେ ମୋ ବିଷୟରେ ମିଛି ମଧ୍ୟ କହିଲେ ଏବଂ ଆଉଜଣେ ଲୋକ ମୋତେ ପ୍ରାଣରେ ମାରିଦେବାର ଧମକ୍ ମଧ୍ୟ ହେଲା । ମୁଁ ବହୁତ ହତୋତ୍ସାହ ଅନୁଭବ କଲି ଓ ଭାବିଲି "ପ୍ରଭୁ, କ'ଣ ମୂଲ୍ୟ ? କେହି ଜଣେ ମଧ୍ୟ ମୁଁ କ'ଣ କରିବାକୁ ଚେଷ୍ଟା କରୁଛି ଦେଖି ଦେଖିଲେ ନାହିଁ ।" ମୁଁ ଶୟତାନ ସହ ଏହି ଯୁଦ୍ଧ କରୁଥିଲି, ଏବଂ ମୋର ଜମେ ବନ୍ଧୁ ଦୂରରୁ ମୋତେ ଡ଼ାକିଲେ । ମୋ ସହ କିଛି କ୍ଷଣ କଥା ହେଲେ, ଏବଂ ମୁଁ ତାଙ୍କୁ କହିଲି, "ଆପଣ ମୋତେ କାହିଁକି ଡାକିଲେ ? " ସେ କହିଲେ, "ମୁଁ କେବଳ ଆପଣଙ୍କୁ ଏହା ପ୍ରେମକୁ ମୁଁ ଆପଣଙ୍କ ପାଇଁ ମୋ ମଧ୍ୟରେ ଅନୁଭବ କଲି । ମୁଁ ଆପଣଙ୍କ ପାଇଁ ଅତ୍ୟନ୍ତ ଆନନ୍ଦିତ ।" ଆଉ ଏ ସମସ୍ତ ବିଷୟ ସେ କହିଲେ । ସେ ମୋଜୀବନରେ ମୁଁ ଦେଇ ଯାଉଥିବା ପରିସ୍ଥିତି ବିଷୟରେ କିଛି ଜାଣିନଥିଲେ , କିନ୍ତୁ ପ୍ରଭୁ ତାହାଙ୍କୁ ବ୍ୟବହାର କଲେ । ମୁଁ ଜାଣିଥିଲି ଯେ ଏହା କେବଳ ଈଶ୍ୱର ଅଟନ୍ତି, ଯିଏ ମୋତେ ସେ ବ୍ୟକ୍ତିଙ୍କ ଦେଇ ପ୍ରେମ କରୁଛନ୍ତି, ଏବଂ ମୋତେ ସେ ସେବାକାର୍ଯ୍ୟରେ ରଖିଲେ ଏବଂ ମୋ ଜୀବନରେ ପରିବର୍ତ୍ତନ ଆଣିଲେ ।

ଏହା କରିବା ପାଇଁ କୌଣସି ବିରାଟ (ବା) ମହାନ ଶବ୍ଦର ଆବଶ୍ୟକତା ନାହିଁ । ଈଶ୍ୱର ପ୍ରେମ ଅଟନ୍ତି, ଏବଂ ଯେତେବେଳେ ମଧ୍ୟ ଆପଣ ଅନୁଭବ କରନ୍ତି ଯେ ପ୍ରେମ ଆପଣଙ୍କ ମଧ୍ୟରେ ଉଚ୍ଛୁଳୁଛି (ବା) ଉତ୍ପନ ହେଉଛି, ତେବେ ଜାଣନ୍ତୁ ଯେ ତାହା ଐଶରୀୟ ପ୍ରେମ ଅଟେ ପରମେଶ୍ୱରଙ୍କ ପବିତ୍ର ପ୍ରେମ ଅଟେ । ଯେତେବେଳେ ଆପଣ ଅନୁଭବ କରନ୍ତି ଯେ, ଆପଣଙ୍କୁ ଏହାର ଅନୁସରଣ କରିବା ଉଚିତ୍, ତେବେ ଆପଣ ଯାଆନ୍ତୁ କିଛି କରନ୍ତୁ, କିଛି କୁହନ୍ତୁ, ଏବଂ ଆଉ କାହାର ଓ କାହା ପାଇଁ ଆଶୀର୍ବାଦର କାରଣ ହୁଅନ୍ତୁ । ଈଶ୍ୱର ଆପଣଙ୍କ ମୁଖରେ ଶବ୍ଦ ଦେବେ । ସେ ଆପଣଙ୍କୁ ବ୍ୟବହାର କରିବେ, ଏବଂ ସେ ଲୋକଙ୍କୁ ମୁକ୍ତ କରିବେ, ଉଦ୍ଧାର କରିବେ, ଯେତେବେଳେ ଦୟାରେ ଲୋକଙ୍କ ସେବା କରିବେ, ଯେଉଁ ଲୋକମାନେ କି ଆପଣଙ୍କ ଚାରିପାଖରେ ଅଛନ୍ତି ।

# ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

ସୂଚନା : ଏହି ପାଠ୍ୟକ୍ରମରେ, ଅମ୍ଭେମାନେ ଦେଖିବା ପରମେଶ୍ୱର ଆମ୍ଭ ମଧ୍ୟରେ ଯାହା ଦେଇଛନ୍ତି ତାହା ଆମେ ଅନ୍ୟମାନଙ୍କ ପାଇଁ ଉପଯୋଗ କରିବା ।

୧. ଆପଣ ପଢ଼ନ୍ତୁ (ଫିଲିମୋନ୍-୬) । ପରମେଶ୍ୱରଙ୍କୁ ଆମ୍ଭ ମଧ୍ୟରେ ପ୍ରବାହିତ ହେବା ପାଇଁ ପ୍ରଥମ ପାହାଚ କ'ଣ ?

**ଫିଲିମୋନ୍ ୬ -** *ଯେପରି ତୁମ୍ଭ ବିଶ୍ୱାସର ସହଭାଗିତା ଆମ୍ଭମାନଙ୍କୁ ଦତ୍ତ ସମସ୍ତ ଉତ୍ତମ ବିଷୟ ସମ୍ବନ୍ଧୀୟ ଜ୍ଞାନ ଦ୍ୱାରା ଖ୍ରୀଷ୍ଟଙ୍କ ପକ୍ଷରେ କାର୍ଯ୍ୟ ସାଧକ ହୁଏ ।*

୨. ଆପଣ ପଢ଼ନ୍ତୁ (୧ମ ଯୋହନ ୪:୭-୮) । ଅନ୍ୟମାନଙ୍କୁ ଭଲ ପାଇବାର ବାସ୍ତବ ଉତ୍ସ କ'ଣ ?

**୧ମ ଯୋହନ ୪:୭-୮ -** *ହେ ପ୍ରିୟମାନେ ଆସ, ଆମ୍ଭେମାନେ ପରସ୍ପରକୁ ପ୍ରେମକରୁ, କାରଣ ପ୍ରେମ ଈଶ୍ୱରଙ୍କ ଠାରୁ ଜାତ, ଆଉ ଯେକେହି ପ୍ରେମ କରେ, ସେ ଈଶ୍ୱରଙ୍କଠାରୁ ଜାତ ଓ ଈଶ୍ୱରଙ୍କୁ ଜାଣେ । ଯେ ପ୍ରେମ କରେ ନାହିଁ । ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରାଣ ଈଶ୍ୱର ତ ପ୍ରେମ ।*

୩. ଆନ୍ଦ୍ରିଉ ଓମାକ୍ କୁହନ୍ତି, "ଯେଉଁ ସମୟରେ ଆପଣଙ୍କ ମଧ ଦେଇ ପ୍ରେମ ପ୍ରବାହିତ ହେଉଛି ବୋଲି ଆପଣ ଭାବୁଛନ୍ତି, ତେବେ ତାହା ଈଶ୍ୱର ଆପଣଙ୍କ ଦେଇ ପ୍ରବାହିତ ହେଉଛି ।" ବାଇବେଲ୍‌ର କେଉଂ ଅଂଶ (୧ମ ଯୋହନ ୪:୩) ତାହା ପ୍ରମାଣ କରେ ଏହି ସତ୍ୟକୁ ।

୪. ଆପ ପଢ଼ନ୍ତ (୧ମ କରନ୍ଥୀୟ ୧୩:୪-୮) । ପ୍ରଭୁଙ୍କ ପ୍ରେମର ଲକ୍ଷଣ କଅଣ ?

**୧ମ କରନ୍ଥୀୟ ୧୩:୪-୮ -** *ପ୍ରେମ ଦୀର୍ଘ ସହିଷ୍ଣୁ, ପ୍ରେମ ହିତଜନକ, ଇର୍ଷାକରେ ନାହିଁ, ଆତ୍ମ ବଡ଼ିମା କରେ ନାହିଁ, ଅହଙ୍କାର କରେ ନାହିଁ, ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତି ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ, (୬) ଅଧର୍ମରେ ଆନନ୍ଦ କରେ ନାହିଁ କିନ୍ତୁ ସତ୍ୟରେ ଆନନ୍ଦ କରେ, (୭) ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ । (୮) ପ୍ରେମ କଦାପି ଶେଷ ହୁଏ ନାହିଁ କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ ; ଯଦି ପରଭାଷା ଥାଏ, ସେହି ସବୁ ନିବୃତ୍ତ ହେବ; ଯଦି ଜ୍ଞାନ ଥାଏ, ତାହା ଲୋପ ହେବ ।*

୫. ଆପଣ ପଢ଼ନ୍ତୁ (ମାଥିଉ:୧୪:୧୪) । ଯୀଶୁ ଅନ୍ୟମାନଙ୍କୁ ସେବା କାର୍ଯ୍ୟରେ କିପେରି ଆଗକୁ ବଢ଼ିଲେ ?

**ମାଥିଉ ୧୪-୧୪ -** *ଆଉ, ସେ ନୌକାରୁ ବାହାରି ବହୁ ସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରତି ଦୟାରେ ବି ଳିତ ହେଲେ ତ ସେମାନଙ୍କର ରୋଗୀ ମାନଙ୍କୁ ଆରୋଗ୍ୟ କଲେ ।*

୬. ଆପଣ ପଢ଼ନ୍ତୁ (ମାଥିଉ ୨୫:୩୭-୪୦) ଯେତେବେଳେ ଆମେ ଦୟା ଓ କୃପାରେ ଅନ୍ୟମାନଙ୍କୁ ଦେଖୁ, ଆମେ ବାସ୍ତବରେ କାହାକୁ ଭଲ ପାଉଛୁ ଓ ସ୍ନେହ କରୁଛୁ ?

**ମାଥିଉ ୨୫:୩୭-୪୦ -** *ସେଥିରେ ଧାର୍ମିକମାନେ ତାହାଙ୍କୁ ଉତ୍ତର ଦେବେ, ହେ ପ୍ରଭୁ, କେବେ ଆମ୍ଭେମାନେ ଆପଣଙ୍କୁ କ୍ଷୁଧିତ ଦେଖି ଆହାର ଦେଲୁ ? ଅବା ତୃଷିତ ଦେଖି ପାନ କରିବାକୁ ଦେଲୁ ? (୩୮) ଆଉ, କେବେ ଆପଣଙ୍କୁ ପ୍ରବାସୀ ଦେଖି ଆଶ୍ରୟ ଦେଲୁ ? କିମ୍ବା ଉଲଗ୍ନ ଦେଖି ବସ୍ତ୍ର ପରିଧାନ କରାଇଲୁ ? (୩୯) ଆଉ କେବେ, ଆପଣଙ୍କୁ ପୀଡିତ ଅବା କାରାଗାରସ୍ଥ ଦେଖି ଆପଣଙ୍କ ନିକଟକୁ ଗଲୁ ? (୪୦) ପୁଣି, ରାଜା ସେମାନଙ୍କୁ ଉତ୍ତର ଦେବେ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ମୋହର ଏହି କ୍ଷୁଦ୍ରତମ ଭ୍ରାତୃବୃନ୍ଦଙ୍କ ମଧ୍ୟରେ ଜଣକ ପ୍ରତି ଏହା କରିଥିବାରୁ ମୋ ପ୍ରତି ହିଁ ତାହା କରିଅଛୁ ।*

*ଏବ୍ରି ୬:୧୦: - (ନୂତନ ନିୟମର)- କାରଣ ଈଶ୍ୱର ତୁମ୍ଭମାନଙ୍କର କର୍ମ, ଆଉ ସାଧୁଲୋକ ମାନଙ୍କର ସେବା କରିଥିବା ଦ୍ୱାରା ଏବେ ମଧ୍ୟ କରୁଥିବା ଦ୍ୱାରା ତାହାଙ୍କ ନାମ ପ୍ରତି ତୁମ୍ଭେମାନେ ଯେଉଁ ପ୍ରେମ ପ୍ରକାଶ କରିଅଛ, ତାହା ଯେ ଭୁଲିଯିବେ, ଏପରି ଅନ୍ୟାୟକାରୀ ସେ ନୁହନ୍ତି ।*

# ଉତ୍ତର

୧. ଆପଣ ପଢ଼ନ୍ତୁ (ଫିଲିମୋନ-୬) । ଆମ ଦେଇ ଈଶ୍ୱର ପ୍ରବାହିତ ହେବାର ପ୍ରଥମ ପାହାଚ କ'ଣ ?

***ଖ୍ରୀଷ୍ଟ ଯୀଶୁଙ୍କ ମଧ୍ୟ ଦେଇ ସେ ଆମ ମଧ୍ୟରେ ଦେଇଥିବା ସମସ୍ତ ଉତ୍ତମ ବିଷୟକୁ ଗ୍ରହଣ (ବା) ସ୍ୱୀକାର କରିବା ।***

୨. ଆପଣ ପଢ଼ନ୍ତୁ (୧ମ ଯୋହନ ୪:୭-୮) । ଅନ୍ୟମାନଙ୍କୁ ପ୍ରେମରେ ପହଞ୍ଚିପାରିବା (ବା) ସ୍ପର୍ଶ କରିବାର ଉତ୍ସ କ'ଣ ?

***ପରମେଶ୍ୱର, କାରଣ ସେହି ପ୍ରେମ (୧ମ ଯୋହନ ୪-୮)***

୩. ଆନ୍ଦ୍ରିଉ ଓମାକ୍ କହିଲେ, "ଯେତେବେଳେ ବି ଆପଣ ଆପଣଙ୍କ ଦେଇ ପ୍ରେମ ପ୍ରବାହିତ ହେବା ଦେଖିବେ, ତେବେ ତାହା ବାସ୍ତବରେ ଈଶ୍ୱର ପ୍ରବାହିତ ହୋଉଛନ୍ତି । " କେଉଁ ଅଂଶ (୧ମ ଯୋହାନ ୪:୭) ର ଏହା ପ୍ରମାଣ କରେ ?

***"ଈଶ୍ୱର ହିଁ ପ୍ରେମ" (ସେହି ଜରିଆ ଓ ଉତ୍ସ)***

୪. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୩:୪-୮) । ଈଶ୍ୱରଙ୍କ ପ୍ରେମର ଗୁଣାବଳୀ ସବୁ କ'ଣ କ'ଣ ?

***ପ୍ରେମ ଦୀର୍ଘ ସହିଷ୍ଣୁ, କ୍ରୋଧରେ ଧୀର । ଏହା ବର୍ତ୍ତମାନ କାଳରେ ଅଛି, ତାହାର ଅର୍ଥ ହେଲା ପ୍ରେମ ସର୍ବଦା ସମାନ ରୁହେ ଏହିପରି ଭାବେ ହିଁ ବ୍ୟବହାର କରେ । ପ୍ରେମ ଦୟାଳୁ ଅଟେ, ନିଜ ମଧ୍ୟରେ ଦୟାର କାର୍ଯ୍ୟ କେର । ତା'ମାନେ ଏହା ସର୍ବଦା ଏହିପରି ହିଁ ବ୍ୟବହାର କରେ । କାହାର ଶତ୍ରୁ ନୁହେଁ । ନିଜ ଭଲ ପାଇଁ ଅନ୍ୟର ଖୁସିରେ ଖୁସି ହୁଏ । ସେ ନିଜକୁ ଟେକି ରଖେ ନାହିଁ (ବା) ଆତ୍ମ ବଡ଼ିମା କରେ ନାହିଁ, ଗର୍ବ କରେ ନାହିଁ, ନିଜର କେବଳ ଭଲ ହେଁ ନାହିଁ, ଝଗଡା କଳି କରେ ନାହିଁ, ସ୍ୱାର୍ଥୀ ନୁହେଁ, ସେ ଦୁଃଖ କରେ ନାହିଁ, ଅନ୍ୟର ଖରାପ ନୁହେଁ ମାତ୍ର ଭଲ ଭାବେ, ସତ୍ୟରେ ସେ ଖୁସି ହୁଏ, ପ୍ରତ୍ୟେକ ବିଷୟରେ ବିଶ୍ୱାସ କରେ, କେବେ ହାରିଯାଏ ନାହିଁ, ପ୍ରେମ ସର୍ବଦା ବିଶ୍ୱାସ କରେ, ପ୍ରେମ ଅସଫଳ ହୁଏ ନାହିଁ । ସେ ସର୍ବଦା ସହାୟ ଓ ସାହାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ଥାଏ ।***

୫. ଆପଣ ପଢ଼ନ୍ତୁ (ମାଥିଉ ୧୪:୧୪) । ଯୀଶୁ କିପରି ଅନ୍ୟମାନଙ୍କୁ ସେବାରେ ଆଗକୁ ବଢ଼ିଲେ ?

***ଦୟାରେ ଭରପୂର ହୋଇ ଲୋକମାନଙ୍କୁ ଆଡ଼କୁ ବଢିଲେ । ଶବ୍ଦ କୋଷରେ 'ଦୟା' ଶବ୍ଦକୁ ସହାନୁଭୂତିର ଭାଜନା ଭାବେ ଦର୍ଶାଯାଇଛି ଅର୍ଥାତ୍ "ପ୍ରଚୁର ଭାବେ ଦୟା" !***

୬. ଆପଣ ପଢ଼ନ୍ତୁ (ମାଥିଉ ୨୫: ୩୭-୪୦)। ଯେତେବେଳେ ଆମେ ଦୟା ଓ ପ୍ରେମ ଭାବ ଅନ୍ୟକୁ ପହଞ୍ଚାଉ (ବା) ଦେଉ, ବାସ୍ତବରେ ଆମେ କାହାକୁ ପ୍ରେମ ଓ ସେବା କରୁ। ?

*ଯୀଶୁଙ୍କୁ।*

ଏବ୍ରି ୬:୧୦ - ଦେଖନ୍ତୁ।

## ପାଠ୍ୟକ୍ରମ ୭

# ପ୍ରଭୁଙ୍କ ସେବାକାର୍ଯ୍ୟ ନିମନ୍ତେ ପ୍ରଭୁଙ୍କ ଠାରୁ ପାଇଥିବା ଦାନର ଉପଯୋଗ

### *ଲେଖକ - ଆନ୍ଦ୍ରିଉ ୱମାକ୍*

ଆପଣ ଈଶ୍ୱରଙ୍କଠାରୁ ପାଉଥିବା ପ୍ରେମକୁ କିପରି ଅନ୍ୟମାନଙ୍କୁ ବାଣ୍ଟି ପାରିବେ- ଆପଣ କିପରି ଏକ ପ୍ରଭାବଶାଳୀ ସେବକ ଅନ୍ୟମାନଙ୍କ ପାଇଁ ହୋଇପରିବେ ? (୧ମ ପିତର ୪:୧୧) କୁହେ, *"କେହି ଯଦି ପ୍ରଚାର କରେ, ତେବେ ସେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପିର ପ୍ରଚାରକ କରୁ, କେହି ଯଦି ସେବାକରେ, ତେବେ ସେ ଈଶ୍ୱରଙ୍କଠାରୁ ଶକ୍ତି ପ୍ରାପ୍ତ ଲୋକ ପରି ସେବା କରୁ ।"* ଏହି *" ଈଶ୍ୱରଙ୍କ ବାକ୍ୟ"* ଏହା ଦେଖାଉଅଛି ଯେ, ପୂରାତନ ନିୟମରେ ଯେଉଁଭଳି ସେମାନେ ପବିତ୍ର ମାନଙ୍କର ପବିତ୍ର କୁ ସେହି ସିନ୍ଦୁକ ଉପରେ ରଖିଲେ ଓ ତାହା କୁହାଯାଉଥିଲା *'ଈଶ୍ୱରଙ୍କ ବାକ୍ୟ',* ତେଣୁ ଯେତେବେଳେ ତାହା କୁହେ *"ଯଦି ପ୍ରଚାର କର, ତେବେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି କର, "* ତେବେ ଈଶ୍ୱରଙ୍କ ମୁଖ ହୋଇ କଥା କହୁ । ଆପଣ ଏହିପରି କଥା କୁହନ୍ତୁ, ଯେପରି ଆପଣ ଈଶ୍ୱରଙ୍କ ଠାରୁ ଆସୁଥିବା ବାକ୍ୟ କହୁଛନ୍ତି । ଆଉ ତ'ପରେ ପରବର୍ତ୍ତୀ ପଦ ଏହିପରି କୁହେ, *"ଯଦି କେହି ସେବା କରେ ତେବେ ସେ ଈଶ୍ୱରଙ୍କଠାରୁ ଶକ୍ତି ପ୍ରାପ୍ତ ଲୋକ ପରି ସେବା କରୁ, ଯେପରି ଯୀଶୁ କେହି ସେବା କରେ ତେବେ ସେ ଈଶ୍ୱରଙ୍କଠାରୁ ଶକ୍ତି ପ୍ରାପ୍ତ ଲୋକ ପରି ସେବାକରୁ, ଯେପରି ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ; ଯୁଗେ ଯୁଗେ ଗୌରବ ଓ ପରାକ୍ରମ ତାହାଙ୍କର ।"* ଏହି ଉପରୋକ୍ତ ବିଷୟ ଏହା କୁହେ କି ଆମ୍ଭଙ୍କୁ ଅନ୍ୟମାନଙ୍କୁ ସେବା କରିବା ଆବଶ୍ୟକ, କିନ୍ତୁ ନିଜ କ୍ଷମତା (ସାମର୍ଥତା ଦେଇ ନୁହେଁ, କିନ୍ତୁ ଈଶ୍ୱର ଦେଇଥିବା ଦାନ / ସାମର୍ଥ୍ୟତାର ଉପଯୋଗ କରି ।

ଖ୍ରୀଷ୍ଟିୟାନ ଜୀବନର ଗୋଟିଏ ମହାନ ବିଷୟ ହେଲା, ତାହା କେବଳ ମୁଁ (ବା) । ଆପଣ ଆଉ କାହା ସହିତ ନିଜ ସାମର୍ଥ୍ୟତାରେ ହେଉନାହିଁ (ବା) ଜାଣୁନାହୁଁ, ମାତ୍ର ଈଶ୍ୱର ନିଜେ ଆସନ୍ତି ଏବଂ ସେତେବେଳେ ଆମ ମଧରେ ବାସ କରନ୍ତି । ସେ ଆମ୍ଭ ଦେଇ କଥା କୁହନ୍ତି ଏବଂ ଆମ ମଧରେ ପ୍ରବାହିତ ହୁଅନ୍ତି । ଆକ୍ଷରିକ ଭାବେ ଈଶ୍ୱରଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ପରିପୂର୍ଣ୍ଣ ହୋଇ ପାରିବା ଏବଂ ଆମ୍ଭ ମଧ ଦେଇ ଈଶ୍ୱରଙ୍କ ଆତ୍ମା ପ୍ରବାହିତ ହୋଇପାରିବ । ଯେତେବେଳେ ଆମେ ଅନ୍ୟଲୋକମାନଙ୍କ ସହ ବାଣ୍ଟିବା ଏହା ଆରମ୍ଭ କରୁ, ସେତେବେଳେ ଆମେ ମାନେ ରଖିବା ଆବଶ୍ୟକ ଯେ ଆମେ ଯାହ ବାଣ୍ଟୁଅଛୁ, ତାହା ହେଉଛି, ଈଶ୍ୱରଙ୍କ ବରଦାନ, ଓ ତାହା ସମସ୍ତଙ୍କ ପାଇଁ ଅଲଗା ଅଲଗା ଥାଏ ଏବଂ ଏହା ଏକ ବିଶେଷ ଦାନ ଅଟେ । ପ୍ରତ୍ୟେକ

ବ୍ୟକ୍ତିର ବରଦାନ ଖ୍ରୀଷ୍ଟଙ୍କ ଠାରୁ ଭିନ୍ନ ଭିନ୍ନ ଅଟେ ଓ ସମସ୍ତ ହିଁ ବିଶ୍ଲେଷ ଅଟେ । (୧ମ କରନ୍ଥୀୟ ୧୨) ରେ ଏହା କୁହେ, ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ ସମସ୍ତଙ୍କୁ ଅଲଗା ଅଲଗା ବରଦାନ ଦିଆ ହୋବଅଛି । (୪-୬ ବାକ୍ୟ) କୁହେ, *"ଅନୁଗ୍ରହର ଦାନ ବିଭିନ୍ନ ପ୍ରକାର, କିନ୍ତୁ ଆତ୍ମା ଏକ । ଏବଂ ସେବା ବିଭିନ୍ନ ପ୍ରକାରର, ଆଉ ପ୍ରଭୁ ଏକ, କାର୍ଯ୍ୟ ବିଭିନ୍ନ ପ୍ରକାରର, କିନ୍ତୁ ଈଶ୍ୱର ଏକ, ସେ ସମସ୍ତଙ୍କଠାରେ ସମସ୍ତ ସାଧନ କରନ୍ତି । "*ଏହାର ମାନେ ହେଲା । ଏହି ସମସ୍ତ ଉପରୋକ୍ତ ବିଷୟ ଈଶ୍ୱର ସମସ୍ତଙ୍କଠାରେ ସାଧନ କରିନ୍ତି, ଯେପରି (୭ପଦ) କୁହେ, *"କିନ୍ତୁ ପ୍ରତ୍ୟୋକଜଣଙ୍କୁ ଆତ୍ମାଙ୍କ ଗୁଣ ପ୍ରକାଶକ ଦାନ ସାଧାରଣ ହିତ ନିମନ୍ତେ ପ୍ରଦତ୍ତ ହୁଏ ।"*

ଏହି ଉପରୋକ୍ତ ପଦ ହୋ କୁହେ ଯେ ଈଶ୍ୱର ସମସ୍ତଙ୍କ ମଧରେ ଆଲୌକି ସାମର୍ଥ୍ୟତା ଦେଇଛନ୍ତି । ଆପଣ ହୁଏତ ତାହାକୁ ଅନୁଭବ ନ କରି ପାରନ୍ତି, ଆପଣ ହୁଏତ ସେ ବିଷୟରେ ଜାଣି ନଥାଇ ପାରନ୍ତି, କିନ୍ତୁ ତାହା ପ୍ରଭୁଙ୍କ ବାକ୍ୟର ପ୍ରତିଜ୍ଞା କୁହେ । ଆପଣ ଯଦି ଶିଷ୍ୟତ୍ୱର ଏହି ଶୃଙ୍ଖଳା ପର୍ଯ୍ୟନ୍ତ ପହଞ୍ଚିଲେଣି, ଯଦି ଆପଣ ଯୀଶୁଙ୍କ ଆପଣ ପ୍ରାଣକର୍ତ୍ତା ରୂପେ ସ୍ୱୀକାର କରି ସାରିଛନ୍ତି, ଯଦି ଆପଣ ପ୍ରଭୁଙ୍କ ଠାରୁ କିପରି ପ୍ରାପ୍ତ କରିବା ଏବଂ ତାହାଙ୍କୁ କିପରି ନିଜ ଜୀବନରେ କାର୍ଯ୍ୟକାରୀ କରିବା ତାହା ଶିଖି ଯାଇଛନ୍ତି, ତେବେ ମୁଁ ଆପଣଙ୍କୁ ପ୍ରତିଜ୍ଞା କରି କହିପାରିବି ଯେ, ପବିତ୍ର ଆତ୍ମାଙ୍କ ଶକ୍ତି ଆପଣଙ୍କ ମଧରେ କାର୍ଯ୍ୟ କରୁଅଛି । ଆପଣଙ୍କ ମଧରେ ପରମେଶ୍ୱର ଅନ୍ୟମାନଙ୍କ ପାଇଁ ଆଶ୍ଚର୍ଯ୍ୟକର୍ମ କରିବାର ବୀଜ ବୋପନ କରିଛନ୍ତି । ବର୍ତ୍ତମାନ ଏହା ଆପଣଙ୍କ ଉପରେ ଯେ ଆପଣ ତାହାକୁ ନିଜ ମଧରୁ କିପରି ବାହାର କରିବେ ଓ ଅନ୍ୟମାନଙ୍କ ଜୀବନରେ କାର୍ଯ୍ୟକାରୀ ଓ ପ୍ରବାହିତ କରିବେ । ଶାସ୍ତ୍ର କୁହେ ଆତ୍ମାରେ ଏହା ଆମ ସମସ୍ତଙ୍କୁ ପ୍ରଦତ୍ତ ହୋଇଅଛି । ଏହିପରି କେହି ନାହିଁ ଯାହାକୁ ତାହା ପ୍ରଦତ୍ତ ହୋଇ ନାହିଁ । (୧ମ କରନ୍ଥୀୟ ୧୨) ରେ ନଅ(୯) ଗୋଟି ଆତ୍ମିକ ଦାନ ବିଷୟରେ କୁହାଯାଇଛି, ଯେପରିକି ଆତ୍ମାଙ୍କ ଦ୍ୱାରା ବୁଦ୍ଧିର ବାକ୍ୟ, ଆତ୍ମାଙ୍କ ଶିକ୍ଷା ଅନୁଯାୟୀ ଜ୍ଞାନର ବାକ୍ୟ, ଆତ୍ମାଙ୍କ ଦ୍ୱାରା ଚିହ୍ନିବାର ଦାନ, ଆଶ୍ଚର୍ଯ୍ୟ କର୍ମଂ କରିବାର ଦାନ, ଆରୋଗ୍ୟ କରିବାର ଦାନ ଇତ୍ୟାଦି । ଏବଂ ଏହିପରି (ରୋମୀୟ -୧୨) ରେ ମଧ ଅନ୍ୟପ୍ରକାରର ଦାନ ବିଷୟରେ ଲିଖିତ ଅଛି । ତାହା ଆପଣ ନିଜେ ଅଧ୍ୟୟନ କରନ୍ତୁ ଏବଂ ଜାଣନ୍ତୁ ଯେ ଆପଣ ମାନଙ୍କୁ ପ୍ରତ୍ୟୋକଙ୍କୁ ପବିତ୍ର ଅତ୍ମା । ଏକ ବିଶେଷ ବରଦ ।ନ ଦେଇଚନ୍ତି – ସାମର୍ଥ୍ୟତା ଦେଇଛନ୍ତି - ଅନ୍ୟ ଲୋକମାନଙ୍କରୁ ସେବା କାର୍ଯ୍ୟ କରିବା ପାଇଁ । ଉଦାହରଣ ସ୍ୱରୂପ :- ମୁଁ ଯେପରି ସେବା କାର୍ଯ୍ୟ କରେ ସେହିପରି ସମସ୍ତେ କରିପାରିବେ ବୋଲି ମାନେ ନାହିଁ । କାରଣ ଆପଣ ଅନ୍ୟ ବରଦାନ ପ୍ରଭୁ ଦେଇଅଛନ୍ତି । ଆପଣଙ୍କର ହୁଏତ ଶିକ୍ଷା ଦେବାର ଦାନ ନଥାଇ ପାରେ, କିନ୍ତୁ ଖ୍ରୀଷ୍ଟଙ୍କ ମାଧମରେ ପ୍ରତ୍ୟୋକେ ନିଜର ବିଶ୍ୱାସ ଅନ୍ୟକୁ କହି ପାରିବୋ ଏହିପରି ଅନେକ ଲୋକମାନେ ଅଛନ୍ତି, ଯେଉଁମାନେ ପ୍ରଭୁଙ୍କ ଦ୍ୱାରା କେବଳ ଶିକ୍ଷା ଦେବା ନିମନ୍ତେ ହିଁ ଆହ୍ୱାନିତ ହୋଇଛନ୍ତି । ସେହିମାନେ ପ୍ର ର କରିବା ପାଇଁ ଏବଂ ଗୀର୍ଜାରେ ପ୍ରଭୁଙ୍କ ଦାସ ରୂପେ କାର୍ଯ୍ୟ କରିବା ପାଇଁ ଆହ୍ୱାନିତ ହୋଇଛନ୍ତି । (ରୋମୀୟ -୧୨) ରେ ଆଉ ଏକ ଦାନ ବିଷୟରେ କୁହାଯାଇଛି, ତାହା ହେଲା ଏହିପରି କିଛି ଲୋକ ଅଛନ୍ତି ଯେଉଁମାନେ କି ଅନ୍ୟର ଆତିଥ୍ୟ ସତ୍କାର କରିବାର ଦାନ ପାଇଛନ୍ତି । ଆପଣ ମାନଙ୍କ ମଧରେ ଅନେକଙ୍କର ଏହି ସାମର୍ଥ୍ୟତା ଥିବ, ଦାନ ଥିବ, କିନ୍ତୁ ଆପଣ ଜାଣିନଥିବେ ସେ ବିଷୟରେ । ଆପଣଙ୍କର ଏହା ଇଚ୍ଛା ଥିବ ଯେ, କିପରି ଆପଣ କେବଳ ଆଉ କାହା ପାଇଁ ଏକ ଆଶୀର୍ବାଦର କାରଣ ହୋଇପାରିବେ । ଆପଣଙ୍କ ମଧରେ ଏହି ପରି କିଛି ଲୋକ ଥିବେ ଯେଉଁ ମାନେ କି କେଉଁ ଗୋଟିଏ କୋଠରୀ ମଧକୁ ଲିଗଲେ ସେଠାରେ ଥିବା ରୋଗୀ ବ୍ୟକ୍ତିଟି ସହଜରେ ଉଠି ପଡ଼େ । ଆଉ ଆପଣ ତାହାକୁ ଆହାର, ସ୍ନେହ ଓ ସହାନୁଭୂତି ଦେଖାନ୍ତି, ଆପଣ ଜାଣନ୍ତି ଯେ ସେ କେଉଁ ସମସ୍ୟ ଓ ପରିସ୍ଥିତି ଦେଇ ଯାଉ ଅଛନ୍ତି । ଏହି ପରିଭାବେ ଆପଣ ଇଚ୍ଛା

ରଅନ୍ତି ଯେ ଆପଣ କିପରି ତାହାଙ୍କୁ ଶାନ୍ତ୍ୱନା ଦେବେ ଏବଂ ସେବା କରିବେ । ଆପଣ ଜାଣନ୍ତି କି, ତାହା ଏ ଈଶ୍ୱରଙ୍କ ଠାରୁ ଏକ ଆଲୋକିକ ଦାନ ଅଟେ ।

(ରୋମୀୟ -୧୨) କୁହେ କିଛି ଲୋକଙ୍କ ଦେବାର ଦାନ ମିଳିଛି, ଅର୍ଥ ଉପାର୍ଜନ କରିବାର ଯୋଗ୍ୟତା ଓ ସାମର୍ଥତା ଏବଂ ସେହି ଅର୍ଥରେ ସୁସମାଚାର ପ୍ରଚାର ନିମନ୍ତେ ଖର୍ଚ୍ଚ କରିବା (ବା) ସାହାର୍ଯ୍ୟ କରିବାର ଦାନ । ତାହା ସେମାନଙ୍କର ଦାନ, ତାହା ସେମାନଙ୍କ ଜୀବନ ପାଇଁ ଅହ୍ୱାନ, ଏବଂ ଆଉ ଆପଣ ମାନଙ୍କ ମଧ୍ୟରେ ମଧ୍ୟ କିଛି ଲୋକ ଥିବେ, ଯେଉଁମାନେ ମଧ୍ୟ ସେହି ବିଷୟ ପାଇଁ ଆହ୍ୱାନ ପ୍ରାପ୍ତ ହୋଇଥିବେ । ଆପଣଙ୍କ ମଧ୍ୟରେ କିଛି ଲୋକ ଅନ୍ୟକୁ ଉତ୍ସାହିତ କରିବାର ଦାନ ପାଇଥିଲେ । ଆଉ କେତେକଙ୍କର ପରିଚାଳନା କରିବାର ଦାନ ଥିବା । ଏହିପରି ସମସ୍ତ ବିଷୟମାନ ଯେତେବେଳେ ଲୋକମାନଙ୍କ ସଂପର୍କରେ ଆମେ ଯାଣୁ ସେତେବେଳେ । ଆପଣ ମାନଙ୍କ ମଧ୍ୟରେ କିଛି ଲୋକ ଥିବେ ଯେଉଁମାନେ ନିରୁତ୍ସାହିତ ହୋଇଇ ପଡ଼ିଥିବା ଲୋକଙ୍କୁ ଉତ୍ସାହିତ କରିବାର ଦାନ ଥିବା ଯାହା କି ମୁଁ କେବଳ ମୁଁ ପାଇଥିବା ଶିକ୍ଷାର ଦାନ ଦ୍ୱାରା କରି ପାରିବି ନାହିଁ । ଆପଣଙ୍କ ଏହି କ୍ଷେତ୍ରର ହୁଏତ ଏକ ଆଲୋକିକ ଦାନ ଥାଇପାରେ ଯାହା ଦ୍ୱାରା କି ଆପଣ ଜଣ ପାକକୁ ଯାଇ, ତା କାନ୍ଧରେ ହାତ ରଖି ପିଠି, ଥାବୁଡାଇ, ଆଶୀର୍ବାଦ ଦେଇ, ତାହାକୁ ତା'ର ସାମର୍ଥ୍ୟତାର ପରିଚୟ ଓ ହୃଦୟଙ୍ଗମ କରେଇ ପାରିବେ। ଏଠାରେ ମୁଁ ଏହା କହିବାକୁ ଚାହେଁ ଯେ, ଆପଣଙ୍କୁ ଏଥିରେ ସ୍ୱାଭାବିକ ହେବା ଜରୁରୀ ନାହିଁ । ଯେପରିକି, "ଏହା ହିଁ ମୋର ବ୍ୟକ୍ତିତ୍ୱ ଅଟେ" ଆପଣ ଆପଣଙ୍କ ବ୍ୟକ୍ତିତ୍ୱର ହୃଦୟଙ୍ଗମ ଏହିପରି କରିପାରିବେ । କିନ୍ତୁ, ଆପଣ ଜାଣନ୍ତ କି ଏଠାରେ ଈଶ୍ୱର ଆପଣଙ୍କୁ ଆପଣଙ୍କ ମଧ୍ୟରେ ଆଲୌକିକ ଯୋଗ୍ୟତା ଆଗରୁ ଦେଇ ସାରିଛନ୍ତି; ଯାହା ଦ୍ୱାରା କି ଆପଣ ଆପଣଙ୍କ ବରଦାନ ଓ ବିଚାର ଧାରାକୁ କିଛି ନିର୍ଦ୍ଧିଷ୍ଟ କାର୍ଯ୍ୟ କରିବା ଦିଗ ଆଡ଼କୁ ପ୍ରକୂପିତ କରାଏ ।

ଯେତେବେଳେ ଆପଣ ଅନ୍ୟମାନଙ୍କୁ ସେବାକାର୍ଯ୍ୟ କରନ୍ତି, ଶାସ୍ତ୍ର କୁହେ ଆପଣ ସେହି ସବୁ ବିଷୟ ଦେଇ ସେବାକାର୍ଯ୍ୟ କରନ୍ତୁ, ଯାହା ଈଶ୍ୱର ଆପଣଙ୍କୁ ଆପଣଙ୍କ ମଧ୍ୟରେ ଦେଇଅଛନ୍ତି । ଆମେ ସମସ୍ତେ ସେବକ ହେବାର ଆବଶ୍ୟକତା ଅଛି, ତେବେ ତାହା ପୂରା ସମୟ ସେବାକାର୍ଯ୍ୟ ହେଉ (ବା), ଆମେ ଯେଉଁଠାରେ କାର୍ଯ୍ୟକରୁ ଅଛୁ ସେହିଠାରେ ଯେଉଁ (ବା) ଆମେ ଯେଉଁଠାରେ ମଧ୍ୟ ଥାଉ ସେହିଠାରେ ଦେଉ। ଆପଣ ଯଦି ଆପଣଙ୍କ ପଡୋଶୀ ମାନଙ୍କ ସହ (ବା) କୌଣସି ଦୋକାନରେ ଦେଉ କରୁଛନ୍ତି, ତେବେ ତାହା ଈଶ୍ୱର ଦେଇଥିବା ସକ୍ଷମତାରେ କରନ୍ତୁ, ନିଜ ଯୋଗ୍ୟତା / ସକ୍ଷମତାନୁସାରେ ନୁହେଁ । ତେଣୁ ମୁଁ ଆପଣମାନଙ୍କୁ ଉତ୍ସାହିତ କରେ କି, ଆପଣ ପରମେଶ୍ୱରଙ୍କୁ ଅନ୍ୱେଷଣ କରନ୍ତୁ, ସେହି ଦାନ ସବୁକୁ ଚିହ୍ନନ୍ତୁ ଯାହା ସେ ଆପଣଙ୍କ ମଧ୍ୟରେ ଦେଇଛନ୍ତି । କିନ୍ତୁ ଯାହା ଆପଣଙ୍କୁ ଦେଇ ନାହାନ୍ତି ତାହାକୁ ଗଣନ୍ତୁ ନାହିଁ କି ଖୋଜନ୍ତୁ ନାହିଁ କି, ଖୋଜନ୍ତୁ ନାହିଁ (ବା) ତା' ପଛରେ ଗୋଡାନ୍ତୁ ନାହିଁ । କାରଣ ଆପଣ ସେସବୁ ନିମନ୍ତେ ଆହ୍ୱାନିତ ନୁହନ୍ତି । ଆପଣ ଚିହ୍ନନ୍ତୁ, ଓ ହୃଦୟଙ୍ଗମ କରନ୍ତୁ ଯେ, ପ୍ରତ୍ୟେକଙ୍କ ମଧ୍ୟରେ ପବିତ୍ରଆତ୍ମା ଏକ ଆଲୌକିକ ଦାନ ଦେଇଛନ୍ତି । ଆଉ ତା'ପରେ ସେ ଦାନ ଦ୍ୱାରା ଅନ୍ୟମାନଙ୍କୁ ସେବା କରିବାରେ ଉପଯୋଗ କରନ୍ତୁ । ଆପଣଙ୍କୁ ସେହି ଯୋଗ୍ୟତାରେ କରିବାକୁ ହେବା ଯେଉଂ ଯୋଗ୍ୟତା ଈଶ୍ୱର ଆପଣଙ୍କୁ ଦେଇଛନ୍ତି ।

ଆଉ ଏହା ପାଇଁ କିଛି ସମୟ ଓ ଅଭ୍ୟାସ ଲାଗିବ । ପ୍ରଥମ ହିଁ ଥରରେ ଆପଣ ସିଦ୍ଧ ହେବେ ନାହିଁ, ତେଣୁ ଅଭ୍ୟାସ କରିବାରେ ଭୟ କରନ୍ତୁ ନାହିଁ । ଯଦି ଆପଣ ଭୁଲ କରୁଛନ୍ତି, ଈଶ୍ୱର ଆପଣାର ସିଂହାସନରୁ ପଡିବେ ନାହିଁ,ଏବଂ ଅନ୍ୟ ଲୋକମାନେ ଆପଣଙ୍କ ଆନ୍ତରିକତାକୁ ଦେଖିବେ । ଆପଣ ଯଦିବା କୌଣସି ଜିନିଷ ସେତିକି ସିଦ୍ଧତା / ସଂପୁର୍ଣ୍ଣତାର କରିପାରିଲେ ନାହିଁ, ଆପଣଙ୍କ ସ୍ନେହ ଓ ପ୍ରେମ ସେମାନଙ୍କ ସେବା କରିବା । ତେଣୁ ଅନ୍ୟମାନଙ୍କୁ ସେବା କରିବା ଆରମ୍ଭ କରନ୍ତୁ । ଆପଣ ହୃଦୟଙ୍ଗମ କରନ୍ତୁ ଓ ନିଜକୁ ଚିହ୍ନନ୍ତୁ ଯେ, ଆପଣ ଈଶ୍ୱରଙ୍କ ଦ୍ୱାରା ଦାନ ପାଇଛନ୍ତି, ଏବଂ ତା'ପରେ ଈଶ୍ୱରଙ୍କ ଠାରୁ ପାଇଥିବା ସେହି ଆଲୌକିକ ଦାନ ଦ୍ୱାରା ଅନ୍ୟର ସେବା କରିବା ଆରମ୍ଭ କରିଦିଅନ୍ତି ।

## ଶିଷ୍ୟତ୍ୱ ସମ୍ବନ୍ଧୀୟ କିଛି ପ୍ରଶ୍ନ ଓ ପ୍ରଶ୍ନମାନ ସହ ବ୍ୟବହାର ନିମନ୍ତେ ଶାସ୍ତ୍ରାଂଶରୁ କିଛି ଅଂଶ

୧. ଆପଣ ପଢ଼ନ୍ତୁ (୧ମ ପିତର ୪:୧୧) । କାହାର ସାମର୍ଥତାରେ ଆମେ ସେବାକାର୍ଯ୍ୟ କରିବା କଥା ?

**୧ମପିତର ୪:୧୧ -** *କେହି ଯଦି ପ୍ରଚାର କରେ, ତେବେ ସେ ଈଶ୍ୱରଙ୍କ ବାକ୍ୟରେ ପ୍ରଚାରକ ପରି ପ୍ରଚାର କରୁ, କେହି ଯଦି ସେବାକରେ, ତେବେ ସେ ଈଶ୍ୱରଙ୍କଠାରୁ ଶକ୍ତି ପ୍ରାପ୍ତ ଲୋକ ତାରି ସେବାକରୁ, ଯେପରି ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ, ଯୁଗେ ଯୁଗେ ଗୌରବ ଓ ପରକ୍ରମ ତାହାଙ୍କର ଆମେନ ।*

୨. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୨:୪) । ବିଭିନ୍ନ ପ୍ରକାରର ଆତ୍ମିକଦାନ ରହିଛି, କିନ୍ତୁ ସେ ସମସ୍ତ ଉତ୍ସ କିଏ ?

**୧ମ କରନ୍ଥୀୟ ୧୨:୪ -** *ଅନୁଗ୍ରହ ଦାନ ବିଭିନ୍ନ ପ୍ରକାର, କିନ୍ତୁ ଆତ୍ମା ଏକ ।*

୩. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୨:୬) । ସଠିକ୍ ବିବରଣ ବାଛନ୍ତୁ ।

୧. ପରମେଶ୍ୱର କେବଳ ଗୋଟିଏ ଉପାୟରେ କାର୍ଯ୍ୟ କରନ୍ତି ।
୨. ବିଭିନ୍ନ ଉପାୟରେ ପରମେଶ୍ୱର ଲୋକଙ୍କ ଦେଇ କାର୍ଯ୍ୟ କରନ୍ତୁ ।
୩. ପରମେଶ୍ୱର କେବଳ ପ୍ରଚାରକ ମାନଙ୍କ ଦେଇ କାର୍ଯ୍ୟ କରନ୍ତି ।

**୧ମ କରନ୍ଥୀୟ ୧୨:୬-୧୦ -** *କାର୍ଯ୍ୟ ବିଭିନ୍ନ ପ୍ରକାର, କିନ୍ତୁ ଈଶ୍ୱର ଏକ, ସେ ସମସ୍ତଙ୍କ ଠାରେ ସାଧ୍ୟ କରନ୍ତି । (୭) କିନ୍ତୁ ପ୍ରତ୍ୟେକ ଜଣକୁ ଆତ୍ମାଙ୍କ ଗୁଣ ପ୍ରକାଶକ ଦାନ ସାଧାରଣ ହିତ ନିମନ୍ତେ ପ୍ରଦତ୍ତ ହୁଏ (୮) କାରଣ ଜଣକୁ ଆତ୍ମାଙ୍କ ଶିକ୍ଷାନୁଯାୟୀ ଜ୍ଞାନର ବାକ୍ୟ । (୯) ଅପର ଜଣକୁ ସେହି ଆତ୍ମାଙ୍କ ଦ୍ୱାରା ବିଶ୍ୱାସ, ଆଉ ଜଣକୁ ସେହି ଏକ ଆତ୍ମାଙ୍କ ଦ୍ୱାରା ଆରୋଗ୍ୟ କରିବାର ଶକ୍ତି, (୧୦) ଅନ୍ୟ ଜଣକୁ ନାନା ଶକ୍ତିର କାର୍ଯ୍ୟ ସାଧନ କରିବାର, ଆଉ ଜଣକୁ ଭାବବାଣୀ କହିବାର, ଅନ୍ୟଜଣକୁ ଭିନ୍ନ ଭିନ୍ନ ଆତ୍ମା ଚିହ୍ନିବାର, ଆଉ ଜଣକୁ ବିଭିନ୍ନ ପରଭାଷା କହିବାର, ଅନ୍ୟ ଜଣକୁ ଭାଷାର ଅର୍ଥ କରିବାର ଶକ୍ତି ଦାନ କରାଯାଏ ।*

୪. ଆପଣ ପଢ଼ନ୍ତ (୧ମ କରନ୍ଥୀୟ ୧୨:୭) । ଭୂଲ୍ (କି) ଠିକ୍ । ପବିତ୍ର ଆତ୍ମାଙ୍କ ଉପସ୍ଥିତି ଓ ଆତ୍ମିକ ଦାନ ଆମ୍ଭ ପ୍ରତ୍ୟେକଙ୍କୁ ଆମ୍ଭମାନଙ୍କ ଭଲ ପାଇଁ ଦତ୍ତ ହୋଇଅଛି ?

୫. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୨:୮-୧୦) । ପରମେଶ୍ୱରଙ୍କ ଦ୍ୱାରା ଲୋକଙ୍କୁ ଦତ୍ତ କିଛି ଆତ୍ମିକ ଦାନ ବିଷୟରେ କୁହନ୍ତୁ ?

୬. ଆପଣ ପଢ଼ନ୍ତୁ (ରୋମୀୟ ୧୨:୬-୮) । ଏହି ଶାସ୍ତ୍ରାଂଶରେ ପରମେଶ୍ୱର ଲୋକଙ୍କୁ ଦେଉଥିବା କିଛି ଆତ୍ମିକ ଦାନ ବିଷୟରେ କୁହନ୍ତୁ ?

**ରୋମୀୟ ୧୨:୬-୮ -** *ଆଉ, ଆମ୍ଭମାନଙ୍କୁ ପ୍ରଦତ୍ତ ଅନୁଗ୍ରହ ଅନସାରେ ଆମ୍ଭେମାନେ ବିଭିନ୍ନ ଦାନ ପାଇଅଛୁ . ଏଣୁ ସେହିଦାନ ଯଦି ଭାବବାଣୀ ହୁଏ, ଆସ ଆମ୍ଭେମାନେ ବିଶ୍ୱାକର ପରିମାଣ ଅନସାରେ ଭାବବାଣୀ କହୁ । (୭) କିମ୍ବା ତାହା ଯଦି ସେବକ କର୍ମ ହୁଏ, ତାହା ହେଲେ ଆସ, ଆମ୍ଭମାନଙ୍କ ସେବକ କର୍ମରେ ନିବିଷ୍ଟ ରହୁ । (୮) ଅବା ଯେ ଶିକ୍ଷା ଦିଏ, ସେ ଶିକ୍ଷା ଦାନରେ (ବା) ଯେ ଉପଦେଶ ଦିଏ, ସେ ଉପଦେଶ ଦାନରେ ନିବିଷ୍ଟ ରହୁ, ଯେ ଦାନ କରେ, ସେ ଉଦାର ଯେ ଦୟାକରେ, ସେ ହୃଷ୍ଟଚିତ୍ତରେ ତାହା କରୁ ।*

୭. ଆପଣ କେବେ ଏହି ଉପରୋକ୍ତ ଦାନ ମଧ୍ୟରୁ କୌଣସି ଦାନ ନିଜ ମଧ୍ୟରେ କାର୍ଯ୍ୟ କରିବାର ଲକ୍ଷ୍ୟ କରିଛନ୍ତି କି ? ଯଦି ହଁ, କେଉଁ ଦାନ ?

**୨ୟ ତିମଥି ୪:୧୧ -** *କେବଳ ଲୂକ ମୋ ସହିତ ଅଛନ୍ତି । ମାର୍କଙ୍କୁ ତମ୍ଭ ସଙ୍ଗରେ ଘେନି ଆସ, କାରଣ ମୋହର ସେବା ନିମନ୍ତେ ସେ ଉପକାରୀ ।*

**ପ୍ରେରିତ ୧୩:୧ -** *ସେତେବେଳେ ଆନ୍ତିୟଖିଆସ୍ଥିତ ମଣ୍ଡଳୀରେ ବର୍ଣ୍ଣବବା, ଶିମିୟୋନ୍, ଯାହାଙ୍କୁ ନିଗର ବୋଲି କହନ୍ତି, କୁରୀଣୀୟ ଲୂକିୟ , ସାମନ୍ତରାଜା ହେରୋଦଙ୍କ ସହପାଳିତ ମନହେମ୍ ଓ ଶାଉଲ, ଏହିପରି ଭାବବାଦୀ ଓ ଶୀକ୍ଷକ ମାନେ ଥିଲେ ।*

**ପ୍ରେରିତ ୧୩:୧୫ -** *ପୁଣି, ବ୍ୟବସ୍ଥା ଓ ଭାବବାଦୀ ଶାସ୍ତ୍ରପାଠ ପରେ ସମାଜଗୃହର ଅଧ୍ୟକ୍ଷମାନେ ସେମାନଙ୍କ ନିକଟକୁ ଏହା କହି ପଠାଇଲେ, ଭାଇମାନେ, ଲୋକମାନଙ୍କ ନିମନ୍ତେ ଯଦି ଆପଣମାନଙ୍କର କୌଣସି ଉପଦେଶର କଥା ଅଛି, ତେବେ କୁହନ୍ତୁ ।*

୮. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୨:୭) ଏହି ଦାନ ଦ୍ୱାରା କାହାର ଉପକାର ହୁଏ ?

**ହିତୋପଦେଶ ୨୨:୯ -** *ଯାହାର ଦୟାଳୁ ଦୃଷ୍ଟି, ସେ ଆଶିଷ ପାଇବ, ଯେହେତୁ ସେ ଆପଣା ଆହାରରୁ ଦୀନହୀନକୁ ବିତରମ କରଇ ।*

**ପ୍ରେରିତ ୨୦:୨୮ -** *ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ଆପଣା ନିଜ ରକ୍ତରେ କ୍ରିୟ କରି ଅଛନ୍ତି, ତାହାଙ୍କର ସେହି ମଣ୍ଡଳିକି ପ୍ରିତପାଳନ କରିବା ନିମନ୍ତେ ପବିତ୍ର ଆତ୍ମା ଯେ ସମସ୍ତ ପଲ ମଧ୍ୟରେ ତୁମ୍ଭମାନଙ୍କୁ ଅଧ୍ୟକ୍ଷ ସ୍ୱରୂପେ ନିଯୁକ୍ତ କରିଅଛନ୍ତି, ସେ ମାନଙ୍କ ବିଷୟରେ ସାବଧାନ ହୋଇଥାଅ ।*

**ମାଥିଉ ୫:୭ -** *ଦୟାଳୁ ଲୋକେ ଧନ୍ୟ, କାରଣ ସେମାନେ ପୃଥିବୀର ଅଧିକାରୀ ହେବେ ।*

**୧ମ କରନ୍ଥୀୟ ୧୨:୭ -** *କିନ୍ତୁ ପ୍ରତ୍ୟେକ ଜଣକୁ ଆତ୍ମାଙ୍କ ଗୁଣପ୍ରକାଶକ ଦାନ ସାଧାରଣ ହିତ ନିମନ୍ତେ ପ୍ରଦତ୍ତ ହୁଏ ।*

## ଉତ୍ତର

୧. ଆପଣ ପଢ଼ନ୍ତୁ (୧ମ ପିତର ୪:୧୧) । କାହାର ସାମର୍ଥ୍ୟତା (ବା) ଯୋଗ୍ୟତା ରେ ଆମେ ସେବା କାର୍ଯ୍ୟ କରିବା କଥା ?

*ଈଶ୍ୱରଙ୍କ ସାମର୍ଥତା ।*

୨. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୨:୪) । ବିଭିନ୍ନ ପ୍ରକାରର ଆତ୍ମିକ ଦାନ ମାନ ରହିଛି, କିନ୍ତୁ ସେ ସବୁର ଉତ୍ସ କିଏ ?

*ପରମେଶ୍ୱର / ପବିତ୍ର ଆତ୍ମା ।*

୩. ଆପଣ ପଢ଼ନ୍ତୁ (୧ ମ କରନ୍ଥୀୟ ୧୨:୬) । ସଠିକ ବିବରଣ ବାଛନ୍ତି ।

*(ଖ) ବିଭିନ୍ନ ଉପାୟରେ ପରମେଶ୍ୱର ଲୋକଙ୍କ ମଧ୍ୟ ଦେଇ କାର୍ଯ୍ୟ କରନ୍ତି ।*

୪. ଆପଣ ପଢ଼ନ୍ତୁ (୧ମ କରନ୍ଥୀୟ ୧୨:୭) । ପବିତ୍ର ଆତ୍ମାଙ୍କ ଉପସ୍ଥିତି ଏବଂ ଆତ୍ମିକ ଦାନ ଆମ୍ଭମାନଙ୍କ ପ୍ରତ୍ୟେକଙ୍କୁ, ଆମ୍ଭମାନଙ୍କ ଭଲ ପାଇଁ ହିଁ ଦତ୍ତ ହୋଇଅଛି ?

*ସଠିକ୍ ।*

୫. ଆପଣ ପଢ଼ନ୍ତୁ (୧ ମ କରନ୍ଥୀୟ ୧୨:୮-୧୦) । ଈଶ୍ୱରଙ୍କ ଦ୍ୱାରା ଲୋକମାନଙ୍କୁ ଦତ୍ତ କିଛି ଆତ୍ମିକ ଦାନ ମାନ ବିଷୟରେ କୁହନ୍ତୁ ।

*ଆତ୍ମାଙ୍କ ଦ୍ୱାରା ବୁଦ୍ଧିର ବାକ୍ୟ = ଈଶ୍ୱରଙ୍କ ଇଚ୍ଛାର ଆଲୌକିକ ପ୍ରକାଶ ତାହାଙ୍କ ମନ ଦେଖନ୍ତୁ*

(ପ୍ରେରିତ ୨୭:୨୧-୨୫)

*ଆତ୍ମାଙ୍କ ଶିକ୍ଷାନୁଯାୟୀ ଜ୍ଞାନର ବାକ୍ୟ = ଏକ ସତ୍ୟ / ଘଟଣାକୁ ଜାଣିବା ନିମନ୍ତେ ପରମେଶ୍ୱରଙ୍କ ଦ୍ୱାରା ଆଲୌକିକ ପ୍ରକାଶ । ଦେଖନ୍ତୁ ପ୍ରେରିତ*

(ପ୍ରେରିତ ୯:୧୧-୧୨)

*ବିଶ୍ୱାସର ଦାନ = ବିନା ସନ୍ଦେହରେ ବିଶ୍ୱାସ କରିବା, ଈଶ୍ୱରଙ୍କ ଆଲୌକିକ ସାମର୍ଥ୍ୟତା । ଦେଖନ୍ତୁ*

(୧ମ କରନ୍ଥୀୟ ୧୩:୨)

